
# ଦିଗନ୍ତ

## ଜୁନ୍ ୨୦୨୧



ପ୍ରଚ୍ଛଦ ଫଟୋ: ପ୍ରଦୀପ ପଣ୍ଡା, ଜଗନ୍ନାଥନଗର, ଭୁବନେଶ୍ୱର-୧୦
ଦୂରଭାଷ:୯୪୩୭୦୫୩୮୦୬

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଗତ ଦୁଇ ବର୍ଷ ହେଲା ଭାରତ ବର୍ଷ ଆଉ ସମ୍ପୂର୍ଣ୍ଣ ପୃଥିବୀରେ ପ୍ରାକୃତିକ ବିପର୍ଯ୍ୟୟର ଛାଇ ଦେଖିବାକୁ ମିଳୁଛି । କେଉଁଠାରେ ବନ୍ୟା, ବାତ୍ୟା, ଭୂମିକମ୍ପ ତ ଆଉ କେଉଁଠି ଅନେକ ପ୍ରକାରର ମହାମାରୀ । ଏହା ସହିତ କରୋନା ଭୂତାଣୁ ମଧ୍ୟ ତାହାର ପ୍ରକୋପ ବଢାଇବାରେ ଲାଗିଛି । ପୃଥିବୀର କୌଣସି ଦେଶ ଏହାର ପ୍ରକୋପରୁ ବାଦ ଯାଇନାହାନ୍ତି । ମନୁଷ୍ୟ ଜାତି ଏଥିରେ ବ୍ୟତିବ୍ୟସ୍ତ ହୋଇ ପଡିଲାଣି । କରୋନାରୁ ତ୍ରାହି ପାଇବା ପାଇଁ ଟୀକା କରଣ ନିତ୍ୟାନ୍ତ ଆବଶ୍ୟକ । କିନ୍ତୁ ଭାରତ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏହା ଏକ ସାଧାରଣ କାର୍ଯ୍ୟ ନୁହେଁ । ଆଜିସୁଦ୍ଧା ପ୍ରାୟ ୨୦ କୋଟି ଟୀକା ଦିଆଯିବା ପରେ ମଧ୍ୟ ଏହା ପୁରା ଜନ ସଂଖ୍ୟାର ମାତ୍ର ୩ ଭାଗ ବୋଲି ଅନୁମାନ କରାଯାଏ । ତେଣୁ ସଂପୂର୍ଣ୍ଣ ଜନସଂଖ୍ୟାର ଟୀକାକରଣ ପାଇଁ ଅନେକ ଦିନ ଲାଗିଯାଇପାରେ । କିନ୍ତୁ ଭାରତ ସରକାର ଏଥିପାଇଁ ଅନେକ ପ୍ୟାଟେଣ୍ଟ ପ୍ରାପ୍ତ ଦେଶମାନଙ୍କ ସଂପର୍କରେ ଅଛନ୍ତି ଏବଂ ଯାହାଦ୍ୱାରା ଆଶା କରାଯାଏ ଯେ ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଭାରତରେ ସଂପୂର୍ଣ୍ଣ ଟୀକାକରଣ ହୋଇଯାଇପାରେ ।

କିନ୍ତୁ ଦୁଃଖର ବିଷୟ ଯେ ଏବେ ମଧ୍ୟ ଅନେକ ଗ୍ରାମରେ ଲୋକେ ଟୀକା ନେବାପାଇଁ ଆଗଭର ହେଉନାହାନ୍ତି । ଗୋଟିଏ ଗ୍ରାମରେ ତ ଲୋକେ ନଈ ଭିତରେ ଯାଇ ଲୁଚି ବସିଥିଲେ ଟୀକାକରଣ ପାଇଁ ଆସିଥିବା କର୍ମଚାରୀଙ୍କ ଆଖିରୁ ବାଦ ଯିବାପାଇଁ । ଏଥିପାଇଁ ଗ୍ରାମାଞ୍ଚଳରେ ମଧ୍ୟ ଟୀକାକରଣ ପାଇଁ ସଚେତନତା ଆଣିବାକୁ ପଡିବ ଆଉ ଏହାହିଁ ଦେବ ଆମମାନଙ୍କୁ କରୋନା ଭୂତାଣୁଠାରୁ ବଞ୍ଚିବାପାଇଁ ଶକ୍ତି ।

ସଂପ୍ରତି ଓଡିଶା ଏବଂ ପଶ୍ଚିମବଙ୍ଗରେ **Tauktae** ବାତ୍ୟାର ପ୍ରଭାବରେ ଅନେକ ଧନଜୀବନ ର କ୍ଷତି ଘଟିଛି । କିନ୍ତୁ ଓଡିଶା ପ୍ରଶାସନର ଆଗୁଆ ପଦକ୍ଷେପ ଅନେକ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛି । ତାହା ସଙ୍ଗେ ସଙ୍ଗେ ବାହାର ରାଜ୍ୟକୁ ଯାଉଥିବା **Oxygen** ଟ୍ୟାଙ୍କର ଗୁଡିକ ବାତ୍ୟା ଭିତରେ ମଧ୍ୟ ସେମାନଙ୍କ କାର୍ଯ୍ୟ ଚାଲୁ ରଖିଥିଲେ । ଏହି ସବୁ କାର୍ଯ୍ୟ ପାଇଁ ଓଡିଶା ସରକାରଙ୍କୁ ଅନେକ ରାଜ୍ୟରୁ ବାହାବା ମଧ୍ୟ ମିଳିଛି । ଏହିପରି ସବୁ ରାଜ୍ୟ ଯଦି ରାଜନୀତିକୁ ତ୍ୟାଗକରି ଅନ୍ୟ ରାଜ୍ୟର ସାହାଯ୍ୟ କରନ୍ତେ, ତେବେ ଅନେକ ପ୍ରକାର ଅସୁବିଧାରୁ ଭାରତ ଓହରି ପାରନ୍ତା ଆଉ ଜନସାଧାରଣ ଉପକୃତ ହୁଅନ୍ତେ ମଧ୍ୟ ।

ଏତେ ସବୁ ବିପର୍ଯ୍ୟର ପାଇଁ ଦାୟୀ ହେଉଛୁ ଆମେମାନେ । ସହରୀକରଣ ଆଉ ଜଙ୍ଗଲ ଲୋପ ପାଇବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ହେଉଛି ଏବଂ ନାନା ପ୍ରକାର ବିପର୍ଯ୍ୟୟ ଦେଖାଯାଉଛି । ତେଣୁ ଯଦି ଆମେ ଆମ ଭବିଷ୍ୟତ ପାଇଁ ଭାବିବା, ତେବେ ଏବଠାରୁ ପ୍ରକୃତିକୁ ସାଥିରେ ନେଇ ଆଗକୁ ଆଗେଇବାକୁ ପଡିବ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| କଥାକାର ମନୋଜ ଦାସ : କିଛି ସ୍ମୃତି- କିଛି ଅନୁଭୂତି | ବଟକୃଷ୍ଣ ମହାପାତ୍ର | ୧୨ |
| ଆଉ ସବୁ ଅବାନ୍ତର | ଗୁରୁକଲ୍ୟାଣ ମହାପାତ୍ର | ୨୧ |
| ମନେ ନାହିଁ | ଡଃ ମାଙ୍ଗଳିକା ମହାପାତ୍ର | ୨୩ |
| ମା' | ସସ୍ମିତା ପଟ୍ଟନାୟକ | ୨୫ |
| ପରିବେଶ ସୁରକ୍ଷା ଓ ଆଗାମୀ ଭବିଷ୍ୟତ | ଦାଶରଥି ଶତପଥୀ | ୨୭ |
| ଆହେ ନାର୍ୟଣ | ଡ. ପ୍ରସନ୍ନ କୁମାର ବଳ | ୩୦ |
| ମହାତୀର୍ଥ | ସନାତନ ମହାକୁଡ | ୩୨ |
| ଆତଙ୍କ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୩୩ |
| ବଦଳ ଯାଉଥିବା ପୃଥିବୀ | ଡକ୍ଟର ବିଜ୍ଞାନୀ ଦାସ | ୩୪ |
| ଚରଦ୍ୱିଷି ବିପକ୍ଷ | ଡ. ଶକୁନ୍ତଳା ଗୁପ୍ତା | ୪୭ |
| ଅଭୁଲା ସ୍ମୃତିର ପଲକ | ଭାସ୍କର ଚନ୍ଦ୍ର ଖଣ୍ଡା | ୪୯ |
| ଯେଉଁ ଗାଁଟିରେ ଜନମ ମୋ'ର ସେଇଠି ମରଣ ହେଉ | ଶଶଧର ମହାପାତ୍ର | ୫୨ |
| ବାପ, ଭାଇ, ସ୍ୱାମୀ, ପୁତ୍ର ଏକ ନାରୀର ଦୃଷ୍ଟିରେ | ଶାନ୍ତିଲତା ମିଶ୍ର | ୫୫ |
| ପ୍ରବାସୀ ଓଡିଆ | ଅଳକା ମହାନ୍ତି | ୫୭ |
| କବିତା ତୁମେ ଅନପେକ୍ଷା | ଝିଲିମିଲି ସାହୁ | ୬୩ |
| ସ୍ୱପ୍ନ | ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ର୍ୟ | ୬୪ |
| ଅମିୟ-ବଚନ | ଅଲେଖ ମେହେର | ୬୫ |
| ଅସ୍ତଗାମୀ ସୂର୍ଯ୍ୟ | ସୁଲୋଚନା ପଟ୍ଟନାୟକ | ୬୭ |
| ଗୁପତ ଗାଥା | ପ୍ରତିମା ମେହେର | ୭୪ |

| | | |
|---|---|---|
| ବିରହିନୀ ମନ | ରଶ୍ମୀବାଳା ଶତପଥୀ | ୭୫ |
| ପାପ ପୟର | ଅଶୋକ କୁମାର ପ୍ରଧାନ | ୭୭ |
| ଟିକିଲି ଗଛ | ଆରତୀ ସାହୁ (ଆଶା) | ୭୮ |
| ମୋର ପରିଚୟ | ଅର୍ଜୁନ ମେହେର (ଆଶ୍ରିତ) | ୮୧ |
| ସୁଧିପାଳ ସୁକ୍ତିଚୟ | ଡ. ଅର୍ଜୁନ ଚରଣ ବାରିକ୍ | ୮୩ |
| ଆଞ୍ଜୁଳାଏ କୋରେ଼ନା | ଅମୂଲ୍ୟ କୁମାର ପଣ୍ଡା | ୮୫ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୮୮ |
| ସର୍ବସଂହା ନାରୀ | ମନୀଷା ପଣ୍ଡା | ୯୭ |
| ଦୂର ଆକାଶର ଜହ୍ନ | ଅର୍ପିତା ଦାସ | ୯୯ |
| ଚହ୍ନି ହେଉନାହିଁ ଗାଆଁକୁ | ଶିଶିର କୁମାର ପଣ୍ଡା | ୧୦୦ |
| ଶିଶୁ ଉପନ୍ୟାସ-ବଣରେ ଲାଗିଛି ନିଆଁ - ପରିବେଶର ଏକ ଆନ୍ଦୋଳିତ ସ୍ୱାକ୍ଷର | କୁଞ୍ଜ ବିହାରୀ ସାହୁ | ୧୦୧ |
| ସୁବିଧାବାଦୀ | ଛବିରାଣୀ ପତି | ୧୦୯ |
| ସ୍ମୃତି | ପ୍ରଭାତ ନଳିନୀ ସାହୁ | ୧୧୦ |
| ନୀରବ ଯନ୍ତ୍ରଣା | ପ୍ରଦୀପ୍ତ କୁମାର ସାହୁ | ୧୧୧ |
| ବୋଉ | ପ୍ରକାଶ କୁମାର ଗନ୍ଧ | ୧୧୩ |
| ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ | ବାସନ୍ତୀ ଲତା ଜେନା | ୧୧୫ |
| ମୁଁ ନାରୀଟିଏ କହୁଛି | ଗୁପ୍ତେଶ୍ୱର ନନ୍ଦ | ୧୧୮ |
| ଭୋକର ଚନ୍ଦ୍ର | ଜୟଶ୍ରୀ ପଟ୍ଟନାୟକ | ୧୨୦ |
| ସାମରଥ | ଗୁପ୍ତେଶ୍ୱର ଗନ୍ଧ | ୧୨୨ |
| "ସତ୍ୟର ସଂଧାନ"- ବିଚିତ୍ର ଅନୁଭବର ରାସ୍ତାରେ ପାଠକ | ସ୍ୱର୍ଗତ ସାରଦା ପ୍ରସାଦ ମିଶ୍ର | ୧୨୪ |
| ଶୁଭ ଜନ୍ମଦିନ | ଦେବାର୍ଚ୍ଚନ ମେହେର | ୧୨୮ |

| | | |
|---|---|---|
| ଜାତିପ୍ରାଣ | ବିଜୟ କୁମାର ଛାଟୋଇ | ୧୨୯ |
| ବନ୍ଧୁ ପରି ଡଙ୍ଗା | ଦୀପକ କୁମାର ନାୟକ | ୧୩୩ |
| ସତମିଛର ପରିଭାଷା | ଅଭିମନ୍ୟୁ ବେହେରା | ୧୩୪ |
| ଅତି ରୁ ଇତି | ଅଚ୍ୟୁତାନନ୍ଦ ଭୁଏ | ୧୩୭ |
| ତୁମେ--- | ଅଧ୍ୟାପକ ଅଜୟ କୁମାର ସାହୁ | ୧୩୮ |
| କାଳଆ ପାଖରେ ଅଳଟିଏ | ଆଲୋକ କୁମାର ପଣ୍ଡା | ୧୩୯ |
| ଯୁବସଂଗ୍ରାମୀ ଭଗତ ସିଂହ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୪୦ |
| ବନ୍ଧୁ | ଉଦୟ କୁମାର ପଣ୍ଡା | ୧୪୫ |
| ତୁ, ଖାଲି ତୁ | ବୈଦ୍ୟନାଥ ପଣ୍ଡା | ୧୪୬ |
| ନାରୀ | ମଧୁଲିତା ନାୟକ | ୧୪୮ |
| ନାଟକ - ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୯ |
| ମୃତ୍ୟୁଞ୍ଜୟ ମନୋଜ ଦାସ ଙ୍କୁ ଭକ୍ତି ଆଞ୍ଜୁଳ | ସରୋଜ ଲକ୍ଷ୍ମୀ ମହାନ୍ତି | ୧୫୬ |
| ସ୍ୱପ୍ନ ର ଆଞ୍ଜୁଳ | ଅମ୍ବିକା ସ୍ୱାଇଁ | ୧୫୮ |
| ଶୂନ୍ୟତା | ପୁଷ୍ପାଞ୍ଜଳ ପଣ୍ଡା | ୧୫୯ |
| ମିଛ ସମ୍ପର୍କ | ବିନୋଦିନୀ ଦାଶ | ୧୬୦ |
| ବାପା | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୬୩ |
| କୃଷି କରି ମୁଁ ଆନନ୍ଦ ପାଏ | ନନ୍ଦିନୀ ରାଉତ | ୧୬୫ |
| ମନର ଅକୁହା କଥା | ଶୁଭଲକ୍ଷ୍ମୀ ସାହୁ | ୧୬୭ |
| ନ୍ୟାୟ ଓ ନଷ୍ଟଵୃତ୍ତି | ବିଜୟ କୁମାର ଜେନା | ୧୬୮ |
| ଆମ ଗାଁ ନଈ | ଡ. ଜ୍ଞାନେଶ୍ୱର ମିଶ୍ର | ୧୭୨ |
| ସ୍ୱପ୍ନ | ବିନୟ ମିଶ୍ର | ୧୭୪ |
| ଅଭିଶପ୍ତ | ଝରଣା ବାରିକ | ୧୭୫ |
| ଗ୍ରାମ୍ୟ ମଣିଷ | ଚତରଞ୍ଜନ ବେହେରା | ୧୭୭ |

| | | |
|---|---|---|
| ଦୁଃଖ ପିଞ୍ଜରାରେ ବନ୍ଧା ଏ ଜୀବନ | ସନ୍ଧ୍ୟାରାଣୀ ଦାଶ | ୧୭୮ |
| ଈଶ୍ୱରଙ୍କୁ ଚିଠି | ସଞ୍ଜୟ କୁମାର ନାଏକ(ସଞ୍ଜୁ) | ୧୭୯ |
| ଦେବଦୂତ କୃଷ୍ଣ | ଡକ୍ଟର ମଧୁସ୍ମିତା ମିଶ୍ର | ୧୮୧ |
| ହେ ମୋର ପ୍ରିୟ ସରକାର | ଶକୁନ୍ତଳା ପରିଡ଼ା | ୧୮୬ |
| ମୋ ଗଞ୍ଜାମ | ତ୍ରିପତି ପ୍ରଧାନ | ୧୮୮ |
| କାହିଁ ଗଲ ଈଶ୍ୱର | ନବ କୁମାର ଦାସ | ୧୯୦ |
| ସର୍ତ୍ତ | ବିଜୟ କୁମାର ସାହୁ | ୧୯୧ |
| କୃଷ୍ଣ ପକ୍ଷର ଚନ୍ଦ୍ର | କୀର୍ତ୍ତି ଦେବୀ | ୧୯୪ |
| ମନ କାଗଜ | ରାମ ଚନ୍ଦ୍ର ପ୍ରଧାନ | ୧୯୫ |
| ହେ ପ୍ରବାସୀ ଫେରିଆସ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୬ |
| କେଲ୍‌ବ ଜଳେ, ଇତିହାସ ଯହିଁ ପ୍ରଣତୀ ଢାଳେ | ପ୍ରିୟବ୍ରତ ପାତ୍ର | ୧୯୭ |
| କଲମରେ ଦିଅ ବଳ | ନରେନ୍ଦ୍ର ପ୍ରସାଦ ବେହେରା | ୨୦୫ |
| ଆଶିଷ ଦିଅ ହେ | ରାଜକିଶୋର ସାଇଁ | ୨୦୭ |
| ସ୍ୱଗତୋକ୍ତି | ମୀନାକ୍ଷି ପାଢ଼ୀ | ୨୦୯ |
| ବାଇଆ ପ୍ରେମିକ କବି | ଆଶୁତୋଷ ମେହେର | ୨୧୧ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କିଶୋର ମହାନ୍ତି | ୨୧୨ |
| ଦିବ୍ୟଶ୍ରୀ ମନୋଜ | ଦୀନବନ୍ଧୁ ବେଜ | ୨୧୮ |
| ମଳୟ ଆବାହନ | ଶୋଭାଗିନ ବିଶି | ୨୨୦ |
| ପଛକୁ ଫେରିଲେ... | ନିରଞ୍ଜନ ସାହୁ | ୨୨୩ |
| ମୋର ଛୋଟ ଗାଁ | ଅନନ୍ତ କୁମାର ସାହୁ | ୨୨୪ |
| ଶେଷ ଆଶା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୨୨୬ |
| ସଫଳ ଜୀବନର ମନ୍ତ୍ର | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୮ |

| | | |
|---|---|---|
| ମାସ୍କ ଭିତରେ ମୁହଁ | ଅଜିତ ପାଢ଼ି | ୨୩୧ |
| ଜୀବନ ସଂଗୀତ | ପ୍ରଦୀପ କୁମାର ଜିଲିକାର୍ | ୨୩୩ |
| ମୋ' ଗାଆଁ | ଶେଷଦେବ ପଣ୍ଡା | ୨୩୫ |
| ମୋ ପ୍ରିୟ ଗାଁ | ଜନ୍ମଜୟ ନାୟକ | ୨୩୮ |
| ଛୋଟ ମୋର ନାଆଟି (ଧାର୍‌ବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୨୪୧ |
| ସମୟ | ଅମରନାଥ ବାରିକ | ୨୫୧ |
| ଫଗୁଣରାଣୀ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୫୩ |
| ଅଦୃଶ୍ୟ କରୋନା କୋପ | ସରୋଜ କୁମାର ଜେନା | ୨୫୫ |
| ଅଭିମାନ | ସୁଲୋଚନା ବେହେରା | ୨୫୬ |
| ଅଚହ୍ନା ବନ୍ଧନ (ଧାର୍‌ବାହିକ) | ଜୟଲକ୍ଷ୍ମୀ ସେଠୀ | ୨୫୭ |
| ସେଇ ପିଲ୍‌ଦିନ | ସରୋଜ କୁମାର ସାହୁ | ୨୬୩ |
| କେହି ନୁହେଁ ଏଠି ନଜର | ଶଶୀକାନ୍ତ ମେହେର | ୨୬୪ |
| ନାରୀ | ନଳେଶ କୁମାର ଭୋଇ | ୧୬୬ |
| ନିଃସ୍ୱାର୍ଥ ସେବାର ଫଳ | ଖଗେଶ୍ୱର ବାଗ | ୨୬୮ |
| ମୋ ପିଲ୍‌ଦିନ | ସନାତନ ଦାସ | ୨୭୩ |
| ବୋଉଲେ ଦଶମ ପରୀକ୍ଷା ଦେବି | ଅର୍ଜୁନ ଦାସ | ୨୭୪ |
| ଲୁହ ଭିଜା ଲଫାପା | ଦୀନେଶ ଅଗ୍ରୱାଲ୍ | ୨୭୫ |
| କୃଷକ ପରିବାର କଥା | କେଶରୀ ପ୍ରସାଦ ମହାନ୍ତି | ୨୭୬ |
| ସେବାର ପ୍ରତୀକ ନାରୀ | ଲଲ୍‌ଟେନ୍ଦୁ ବାରିକ | ୨୭୯ |
| ସହିଦ ରେଣ୍ଡୋ ମାଝୀ | କମଳିନୀ ଚଣ୍ଡି | ୨୮୦ |
| ଅଦୃଶ୍ୟ ଦାନବର ଯନ୍ତ୍ରଣା | ମନଜିତ ମୋହନ ଗୁନ୍ଦ | ୨୮୧ |
| ଘର ବାହୁଡା | ସସ୍ମିତା ପଟ୍ଟନାୟକ | ୨୮୩ |
| "ଦ୍ୱୈତୟାରୁ କଳ : ଗୋଟେ ଯୁଗର ପରିବର୍ତ୍ତନ" | ଗଣେଶ ଦାସ | ୨୮୫ |

| | | |
|---|---|---|
| ତୁମ ବିନା | ଜୟ କୁମାର ମିଶ୍ର | ୨୮୬ |
| ଲକ୍ଷ୍ମୀ ପ୍ରତିମା | ଦୀପା ମହାନ୍ତି | ୨୮୮ |
| ସ୍ମୃତି | ମନୋରମା ମହାନ୍ତି | ୨୯୦ |
| କଥା ସାହିତ୍ୟର ଭିଷ୍ମ ପିତାମହ – ମନୋଜ ଦାସ | ପ୍ରତାପ ଚନ୍ଦ୍ର ସାହୁ | ୨୯୧ |
| ନାରୀ | ସଂଯୁକ୍ତା ଦୀପ | ୨୯୪ |
| ସ୍ମୃତି | ସଂଯୁକ୍ତା ମେହେର | ୨୯୫ |
| ଅଧର୍ମ | ସଂଯୁକ୍ତା ସାହୁ | ୨୯୬ |
| ମାଁ, ତୋ ସେବାର ଦାନ | ଇଶ୍ୱର ଚନ୍ଦ୍ର ବେହେରା | ୨୯୮ |
| ସାଥି ଦେଇଗଲ୍ ଆଖିରେ ଲୁହ | ଦୁଷ୍ମନ୍ତ ବେହେରା | ୩୦୦ |
| 'ତୁମେ' ଓ 'ମୁଁ' | ମନୋରଞ୍ଜନ ସୁରୁଜାଲ | ୩୦୪ |
| କାଳଆ ସାଆନ୍ତେ ହୋ ! | ଦିନେଶ ମେହେର | ୩୦୫ |
| ଶ୍ରମିକର ଶ୍ରମ | ଭଗୀରଥି ସାଗର | ୩୦୭ |
| ଗଳ୍ପ ରେ ଅଳ୍ପ | ଦେବେନ୍ଦ୍ରନାଥ ବଳ | ୩୦୯ |
| ଫେରିବ ଜଗତ ସୁଖ | ଦୀନବନ୍ଧୁ ପୋଇ | ୩୧୧ |
| ଅଜବ ମଣିଷ | ସଙ୍ଗୀତା ମହାନ୍ତି | ୩୧୨ |
| ଏଇତ ଜୀବନ | ଚୈତନ୍ୟ ବାଗ | ୩୧୩ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୩୧୫ |
| ବନ୍ଦୀ ପ୍ରେମିକା | ମେନନ୍ ସାହୁ | ୩୧୮ |
| ସୃଷ୍ଟି ରଚନା | ସୁନୀଲ କୁମାର ଅଗସ୍ତି | ୩୧୯ |
| ପରଦେଶୀ ବନ୍ଧୁ | ଆନନ୍ଦ ସାହୁ | ୩୨୧ |
| ମହାଭାରତ କଥା.. | ନରେନ୍ଦ୍ର ପ୍ରସାଦ ବେହେରା | ୩୨୨ |
| ସିନ୍ଦୂର ବନାମ ଭେକ | କରଣ ମନଷା ମହାନ୍ତି | ୩୨୬ |
| ପ୍ରେମ ଓ ପ୍ରତାରଣା | ଦୁର୍ଯ୍ୟୋଧନ ଚଣ୍ଡି | ୩୨୯ |

| | | |
|---|---|---|
| ଆସୁଛି ବୈଶାଖ | ଗୋପାଳ ଭକ୍ତି ଯାଦବ | ୩୩୦ |
| କେବେ ଯିବ ଏ କୋରେ଼ାନା | ସତ୍ୟରଞ୍ଜନ ଘିଓ୍ୱାଲ୍ | ୩୩୧ |
| ତଥାପି ମଣିଷକୁ ଭଲପାଅ | ବିଜ୍ଞାନ ରଞ୍ଜନ ସାହୁ | ୩୩୨ |
| ସ୍ମୃତି.... | ଶିଶିର କୁମାର ସାମଲ | ୩୩୫ |
| ମୁଁ ନଇ ଟିଏ | ଲିପି ମେହେର | ୩୩୬ |
| ଶାଶ୍ୱତ ପ୍ରେମ | ମାନସ କୁମାର ରାୟ | ୩୩୮ |
| ଭିନ୍ନ ଏକ ପ୍ରେମ କଥା | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ | ୩୪୦ |
| ଲୋଡା ନାହିଁ ଶ୍ରମହୀନ ଶତାବ୍ଦୀ ଜୀବନ | ମନୋଜ କୁମ୍ଭାର | ୩୪୬ |
| ବଧୂ | ପ୍ରକାଶ ମେହେର | ୩୪୭ |
| ପ୍ରିୟା | ସଞ୍ଜୟ କୁମାର ତ୍ରିପାଠୀ | ୩୪୯ |
| ଅଣୁଗଳ୍ପ-ଗୋଲ୍‌ପି ତୁଳୀ | ରୁଦ୍ର ନାରାୟଣ ଦାଶ | ୩୫୧ |
| ଏଇ କ'ଣ ସହର? | ମାଧବ ଠେଲ୍ | ୩୫୧ |
| କରୋନା ମହାମାରୀ ସମୟରେ ଭଗବାନଙ୍କ ସ୍ଥିତି | ହେତୁବାଦୀ ବାଲ୍ମୀକ | ୩୫୪ |


## ଆଞ୍ଚଳିକ


| | | |
|---|---|---|
| କେଁଦୁ ପତର୍ ତୁଲ୍ କବାର୍ | ବାଙ୍କାବିହାରି ମହାକୁର | ୩୬୧ |
| ତିରିଶ୍ ଦିନର୍ ମାଁ | ସନ୍ତୋଷ କୁମାର ଅଦାବର | ୩୬୫ |
| ମାରିଦେବେ ଆମର ବିଜ୍ଞାନୀ | ଶ୍ୟାମସୁନ୍ଦର କୁମ୍ଭାର | ୩୬୭ |
| ମୁଇଁ ନ ଯାଏଁ ଆରୁ ବାହାର୍ କେ | ଉମେଶ କୁମାର ବିଶ୍ୱାଲ୍ | ୩୬୯ |
| କଏ ବୁଝ୍‌ବା..... | ସାଗରିକା ସାହୁ | ୩୭୧ |

# ଶିଶୁ ବିଭାଗ


| | | |
|---|---|---|
| ଜାମୁ କୋଳି ରୋପଣ | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୩ |
| ମାଧିଆ ରଜା | ଦୀପ୍ତିମୟୀ ସାହୁ | ୩୭୭ |
| ମୋ ପିଲାଦିନ | ଅମୂଲ୍ୟ କୁମାର ପଣ୍ଡା | ୩୮୨ |
| ମାନବିକତା | ଧରିତ୍ରୀ ଦାସ | ୩୮୩ |
| ପରିବା ବାଲି | ସରୋଜ କୁମାର ସାହୁ | ୩୮୬ |
| ଲୋକ ବିଶ୍ୱାସ ଓ ପ୍ରକୃତି | ନୀଳମାଧବ ସାହୁ | ୩୮୮ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୯୨ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୩ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୪ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୯୬ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# କଥାକାର ମନୋଜ ଦାସ : କଛି ସ୍ମୃତି - କଛି ଅନୁଭୂତି



ବଟକୃଷ୍ଣ ମହାପାତ୍ର

ବହୁ ପୁରସ୍କାରରେ ପୁରସ୍କୃତ, ବହୁ ସମ୍ମାନରେ ସମ୍ମାନିତ କଥାକାର ମନୋଜ ଦାସ – ସାହିତ୍ୟ ଜଗତର ଏକ ଅମ୍ଳାନ ପ୍ରତିଭା; ଜଣେ ମନସ୍ୱୀ, ଚନ୍ତାନାୟକ ଏବଂ ଶ୍ରୀ ଅରବିନ୍ଦଙ୍କ ଦର୍ଶନର ପ୍ରଗାଢ ଅନୁରାଗୀ – ଗତ ଏପ୍ରିଲ ମାସ ୨୭ ତାରିଖ (ମଙ୍ଗଳବାର), ୨୦୨୧ ମସିହାର ସନ୍ଧ୍ୟାରେ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମସ୍ଥ ନର୍ସିଂହୋମ୍ ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେହି ମହାନ୍ ଦାର୍ଶିକଙ୍କ ସହିତ ମୋର କଛି ସ୍ମୃତି ଓ ଅନୁଭୂତି ଓତପ୍ରୋତ ଭାବରେ ଜଡିତ । ଆଜି ଏହି ଭ୍ରମଣାତ୍ମକ ପ୍ରବନ୍ଧଟିରେ ଶ୍ରୀଯୁକ୍ତ ଦାସଙ୍କ ସହିତ ମୋର ପ୍ରଥମ ସାକ୍ଷାତର କଛି ସ୍ମୃତି ଓ ଅନୁଭୂତିକୁ ମୁଁ ସଂକ୍ଷେପରେ ବର୍ଣ୍ଣନା କରିବାକୁ ଯାଉଛି ।

ସେ ଆଜକୁ ୧୦ ବର୍ଷ ତଳର କଥା; ୨୦୧୧ ମସିହାର କଥା । ମୁଁ ଚେନ୍ନାଇରୁ ପ୍ରକାଶିତ କରୁଥିବା ମୋର ତ୍ରୟମାସିକ ସାହିତ୍ୟ ପତ୍ରିକା – "ଭିନ୍ନ ମଣିଷ – ଭିନ୍ନ ପୃଥିବୀ" ର ଆର.ଏନ.ଆଇ. ରେଜିଷ୍ଟ୍ରେସନ ନମ୍ବର ପାଇ ସାରିଥାଏ । ପତ୍ରିକାର ୨୦୧୧, ଜାନୁଆରୀ ମାସ ସଂଖ୍ୟାଟି ଛପା ସରିଥାଏ, ହଠାତ୍ କାହିଁକି କେଜାଣି କାହିଁକି ଦିନେ ରାତିରେ ଇଚ୍ଛା ହେଲା ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମ ଯାଇ ଶ୍ରୀ ଅରବିନ୍ଦଙ୍କ ସମାଧି ଦର୍ଶନ କରିବାକୁ ଓ ତତ୍ ସଙ୍ଗେ ସଙ୍ଗେ ମନୋଜ ଦାସଙ୍କୁ ଭେଟି ପତ୍ରିକା ଖଣ୍ଡେ ଦେଇ ତାଙ୍କ ସହିତ ଦି-ପଦ କଥା ହୋଇ ଆସିବାକୁ । ପରଦିନ ଭୋରପାଞ୍ଚଟାରୁ ମଟର ସାଇକେଲ୍ ଧରି ଚେନ୍ନାଇ, ଆଦାମବକମ୍ ମୋର ବାସଭବନକୁ ବାହାରି ପଡିଲି । ଚେନ୍ନାଇରୁ ପଣ୍ଡିଚେରୀ ଦେଢଶହ କଲୋମିଟର ଦୂର । ମୋ ବାସଭବନରୁ ଚେନ୍ନାଇର ଜଗନ୍ନାଥ ମନ୍ଦିରର ଦୂରତା

(ରେଡିକୁପମ୍ ଗ୍ରାମ, ଇଇ.ସି.ଆର୍. ବା ଇଷ୍ଟ କୋଷ୍ଟ ରୋଡ୍ ରେ) ପ୍ରାୟ ୩୦ କ.ମି.। ସେଠାରୁ ଆଉ ଏକ ଶହ କୋଡିଏ କଲୋମିଟର ଦୂର ପଣ୍ଡିଚେରୀ ସହର। ସକାଳ ଆଠଟାରୁ ସାଢେ ଆଠଟା ଭିତରେ ପଣ୍ଡିଚେରୀରେ ପହଞ୍ଚିଗଲି। ସାଙ୍ଗରେ ଥିଲେ ମୋର ଜଣେ ବାନ୍ଧବୀ ଯେ କ ଚେନ୍ନାଇରୁ ମୋ ସହିତ ଶ୍ରୀଯୁକ୍ତ ଦାସଙ୍କୁ ଭେଟିବାକୁ ଇଚ୍ଛାପ୍ରକାଶ କରି ଯାଇଥିଲେ। ସେଦିନ ଆଶ୍ରମ ଡାଇନଂରେ ସକାଳର ଜଳଖିଆ ଖାଇବା ସମ୍ଭବ ହେଲାନାହିଁ। ନବଜ୍ୟୋତି କାର୍ଯ୍ୟାଳୟର ଗେଷ୍ଟ ହାଉସରେ ଦୁଇ ଦିନ ଦିନ ପାଇଁ ରହିବାର ବନ୍ଦୋବସ୍ତ କରି ମନୋଜ ଦାସଙ୍କୁ ଫୋନ୍ ଲଗାଇଲି। ସୌଭାଗ୍ୟକୁ ସେ ପଣ୍ଡିଚେରୀରେ ଉପସ୍ଥିତ ଥିଲେ। ସେ ଫୋନ୍ ଉଠାଇଲେ। ଚେନ୍ନାଇରୁ ଆସିବାର ଅଭିପ୍ରାୟ ଜଣାଇଲି। ଆଗରୁ ମନୋଜ ଦାସଙ୍କର ସାହିତ୍ୟ ପଢିଥିଲି। ତାଙ୍କ ସମ୍ବନ୍ଧରେ ଚିତ୍ତଭାଇଙ୍କ ଠାରୁ ଶୁଣିଥିଲି। (ସବୁଦିନ ମର୍ଣ୍ଣିଂୱାକ୍ ରେ ଚିତ୍ତଭାଇଙ୍କ ସହିତ ବାପୁଜୀନଗରରୁ ଏୟାରପୋର୍ଟ ଯାଏ ମୁଁ ଯାଇଥାଏ। ସେ ସମୟରେ ଚିତ୍ତଭାଇ ନଜେ ପରିଚୟରେ ଆସିଥିବା ପୃଥିବୀର ବହୁ ବିଦ୍ୱାନମାନଙ୍କ ସମ୍ବନ୍ଧରେ କୁହନ୍ତି। ସେମାନଙ୍କ ମଧ୍ୟରେ ମନୋଜ ଦାସଥିଲେ ଅନ୍ୟତମ)। ହେଲେ କେବେ ମଧ୍ୟ ତାଙ୍କ ସହିତ ଦେଖା ହୋଇ ନଥିଲା ବା କଥା ମଧ୍ୟ ହୋଇ ନଥିଲି। ଚିତ୍ତଭାଇଙ୍କ କଥା ମଧ୍ୟ କହିଲେ। (ପ୍ରଖ୍ୟାତ୍ ମନୋବିଜ୍ଞାନୀ, ସମାଜବିଜ୍ଞାନୀ, ଦାର୍ଶନିକ ଓ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ)। ଓଡିଆ ସାହିତ୍ୟର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ହେଉଛନ୍ତି ଚିତ୍ତଭାଇ। ଓଡିଶାରେ ସେ ସାହିତ୍ୟ ପ୍ରେମୀ ଓ ଶ୍ରୀ ଅରବିନ୍ଦଙ୍କ ଦର୍ଶନର ଅନୁଗାମୀମାନଙ୍କ ପଖରେ ଚିତ୍ତଭାଇ ଭାବରେ ପରିଚତ। ଶ୍ରୀ ଅରବିନ୍ଦ ଓ ମାଆଙ୍କର ଅନେକ ରଚନାବଳୀକୁ ଓଡିଆ ଭାଷାରେ ଅନୁବାଦ କରୁଛନ୍ତି ସେ। ବହୁ ଭାଷାବିତ୍ ଓ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ। ମନୋଜ ଦାସଙ୍କ ଠାରୁ ବୟସରେ ୧୧ ବର୍ଷ ବଡ ହେବେ।)

ଚିତ୍ତଭାଇଙ୍କ ପାଖରେ ଦୀର୍ଘ ୩ ବର୍ଷ ଧରି ତାଙ୍କର ବାପୁଜୀ ନଗରସ୍ଥ ବାସଭବନରେ ଭୁବନେଶ୍ୱରରେ ମୁଁ ଚେନ୍ନାଇ ଆସିବା ପୂର୍ବରୁ ରହୁଥିଲି। ଜୀବନ ଓ ଜଗତ ପ୍ରତି ରହିଛି ମୋର ଅହେତୁକ ଆଗ୍ରହ। ପ୍ରତ୍ୟେକ ସଚେତନ ମଣିଷ ଜୀବନର ଆମ୍ ଉଦବେଦନକାରୀ ଯେଉଁ ମୌଳିକ ପ୍ରଶ୍ନଗୁଡିଏ ନଜକୁ ପଗ୍ଚରିଥାଆନ୍ତି, ସେହିପରି ଗୁଡାଏ ପ୍ରଶ୍ନର ଉତ୍ତର ପାଇବା ପଇଁ ମୁଁ ଅନୁସନ୍ଧିତ୍ସୁ। ଏହିପରି ଭାବରେ ମୋ ସମ୍ବନ୍ଧରେ ଯଥା ସମ୍ଭବ ସଂକ୍ଷିପ୍ତ ପରିଚୟ ଦେଇ ମୁଁ କେଉଁ ସମୟରେ ତାଙ୍କୁ ଭେଟିପାରିବି, ସେଥିପାଇଁ ସମୟ ମାଗିଲି। ଅପରାହ୍ନ ପ୍ରାୟ ସାଢେ ତିନଟା ବେଳକୁ ଆପଣ ଆସନ୍ତୁ ବୋଲି ଉତ୍ତର ପାଇଲି। ଖୁବ୍ ଖୁସି ଲାଗୁଥିଲା ଯେ ଆଜି ଓଡିଶାର ଜଣେ ବରପୁତ୍ର ତଥା ଆଧ୍ୟାତ୍ମିକ ପଥରେ ଚାଲୁଥିବା ଏହି

ମନସ୍ୱୀଜଣଙ୍କୁ ଦେଖାକରିବି । ହଁ, ସମ୍ବୋଧନରେ ସେ "ଆପଣ" ଶବ୍ଦଟିହିଁ ବ୍ୟବହାର କରୁଥିଲେ ।

ଯଥା ସମୟରେ ମୁଁ ଓ ମୋର ବାନ୍ଧବୀ ତାଙ୍କର ଗୋଲକୋଣ୍ଡା ହାଉସ୍ ନିକଟସ୍ଥ ବାସଭବନରେ ପହଞ୍ଚି ଯାଇଥିଲୁ । ମନୋଜ ଦାସଙ୍କ ଉପରେ ଅନେକ ଗବେଷଣା କରିଥିବା ପଣ୍ଡିଚେରୀ ବିଶ୍ୱବିଦାଳୟର ଇଂରାଜୀ ଅଧ୍ୟାପକ ପି. ରାଜା, ଶ୍ରୀଯୁକ୍ତ, ଦାସ, ତାଙ୍କର ସହଧର୍ମିଣୀ ଶ୍ରୀମତୀ ପ୍ରତିଜ୍ଞା ଦେବୀ ଓ ଅନ୍ୟଜଣେ ଭଦ୍ରବ୍ୟକ୍ତି ଆମେ ସେଥାରେ ପହଞ୍ଚିଲା ବେଳକୁ ଉପସ୍ଥିତ ଥିଲେ । ଚା, ବିସ୍କୁଟର ପର୍ବ ସଙ୍ଗରେ ସେଦିନର "ସାହିତ୍ୟ ତଥା ଜୀବନ ଓ ଜଗତ ସମ୍ବନ୍ଧୀୟ ଆଲୋଚନା ଏବେ ମଧ୍ୟ ମୋର ସ୍ମୃତିପଟ୍ଟରେ ଉଜ୍ଜୀବିତ ହୋଇ ରହିଛି ।" "ଭିନ୍ନ ମଣିଷ – ଭିନ୍ନ ପୃଥିବୀ" ପତ୍ରିକାଟିଏ ତାଙ୍କ ହସ୍ତକୁ ବଢାଇ ଦେଇଥିଲି । ଖୁବ୍ ଶ୍ରଦ୍ଧାର ସହିତ ସେ ତାହାକୁ ଗ୍ରହଣ କରିଥିଲେ । ଖୁବ୍ ଆଗ୍ରହର ସହିତ ଆତ୍ମଉଦବେଳନକାରୀ ଜୀବନ ଜୀଜ୍ଞାସା ମୂଳକ ମୋର ସବୁ ପ୍ରଶ୍ନର ଉତ୍ତର ସେଦିନ ସେ ଉଦାହରଣ ସହିତ ଦେବାରେ କୌଣସି କାର୍ପଣ୍ୟ କରି ନଥିଲେ । ଯେଉଁ ପ୍ରଶ୍ନସବୁ ସେଦିନ ମୁଁ ତାଙ୍କୁ ପଚାରିଥିଲି ତନ୍ମଧ୍ରୁ କେତୋଟି ହେଲା:

ପ୍ରଶ୍ନ- ଆମ ସମାଜରେ ପୁରି ରହିଛି ଅନେକ ସବୁ ଭେଦଭାବ । ଯେଉଁ ବୟସରେ ପିଲାଟିଏ ବିଦ୍ୟାଳୟରେ ଶିକ୍ଷା ଲାଭ କରିବା କଥା ଆମେ ଦେଖୁଛୁ, ତାର ଉକ୍ଟ ଦାରିଦ୍ର୍ୟ ଯୋଗୁଁ ସେ ବୟସରେ ସେ କେଉଁଠି ଚା ଦୋକାନରେ ଗ୍ଲାସ୍ ସଫା କରୁଛି ବା କେଉଁଥି ହୋଟେଲ୍ ରେ ବାସନ ସଫା କରୁଛି । ସକାଳୁ ସକାଳୁ ରାସ୍ତାରୁ ଜରୀ ଗୋଟାଉଛି ବା ଗ୍ରାମାଞ୍ଚଳ ହୋଇଥିଲେ ଗାଈ, ଛେଳି, ମେଣ୍ଢା ଚରାଇବାକୁ ଯାଉଛି । ଅଥଚ ଥିଲାବାଲା ମଣିଷର ପୁଅ ଝିଅଙ୍କର ଯେ କୌଣସି ପାଠ ବା ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ପଶିବାର କୌଣସି ଅସୁବିଧା ନାହିଁ । ଏହାର ସମାଧାନ କପରି ହୋଇପାରିବ?

ପ୍ରଶ୍ନ: ଏକ ଭେଦଭାବ ରହିତ, ହଁ ମନୁଷ୍ୟକୃତ ଅମଣିଷତ୍ୱପୂର୍ଣ୍ଣ ଭେଦଭାବହୀନ ସମାଜ ଗଠନର ମୂଳମନ୍ତ୍ର କଣ?

ପ୍ରଶ୍ନ: ମଣିଷ ଦୁଃଖ ପାଏ କାହିଁକି? ସୁଖର ଅର୍ଥ କଣ? ମଣିଷ ଜୀବନରେ ଦୁଃଖର ଆବଶ୍ୟକତ ଅପରିହାର୍ଯ୍ୟ – ଏହା କଣ ସତ୍ୟ ।

ମୋର ଏହିପରି କେତେଗୁଡିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ –"ଆପଣଙ୍କର ଏ ସମସ୍ତ ପ୍ରଶ୍ନର ଉତ୍ତର ହେଉଛି ମାତ୍ର ଗୋଟିଏ । ମଣିଷ ଆଧ୍ୟାତ୍ମିକ ହେବ । ତାର ଚେତନାର ସ୍ତରରେ ସେ ବିସ୍ତୃତ ହେବ । ତାହାହେଲେ ଯାଇ ଯହା ଉଚତ ଅର୍ଥାତ୍ ଯେଉଁ ସବୁ କର୍ମ ଓ ଆଚରଣଏକ ସମାଜକୁ ଆଧ୍ୟାତ୍ମିକ ସମାଜଟିଏ ଗଠନ କରିବାକୁ ସହଯୋଗ କରିବ । ସେହିସବୁ କର୍ମ ଓ ଆଚରଣ ମଣିଷ କରିବ । ତେଣୁ ଭେଦଭାବହୀନ ସମାଜଟିଏ ଗଢିଉଠିବ । ସେ ସମାଜରେ ଆଉ ଆପଣ ବର୍ଣ୍ଣନା କରିଥିବା ଦୃଶ୍ୟ ଗୁଡିକ ରହିବେ ନାହିଁ । ସଂପ୍ରତି ସମାଜର ବହୁତ ସଂଖ୍ୟକ ମଣିଷ ଆଧ୍ୟାତ୍ମିକ ଦୃଷ୍ଟିରୁ ସଂପୂର୍ଣ ଅଚେତନ ଅବା ଅର୍ଦ୍ଧଚେତନ ଅବସ୍ଥାରେ ଅଛନ୍ତି । ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତି ଆଧ୍ୟାତ୍ମିକ ଭାବରେ ସଚେତନ ଓ ଏକ ଭେଦଭାବହୀନ ସମାଜ ଗଠନରେ ପ୍ରୟାସୀ । ଏକ ଅଦୃଶ୍ୟ ଜଗତର ଅନେକ ସବୁ ଅପଶକ୍ତି ଖୁବ୍ ସୂକ୍ଷ୍ମଭାବରେ ଏହି ଅଚେତନ ଓ ଅର୍ଦ୍ଧଚେତନ ବ୍ୟକ୍ତିମାନଙ୍କ ଦ୍ଵାରା ପୃଥିବୀରେ ନାନା ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରନ୍ତି । ଅପଶକ୍ତି ଆଧ୍ୟାତ୍ମିକ ଭାବରେ ସଚେତନ ବ୍ୟକ୍ତିମାନଙ୍କୁ ମଧ୍ୟ ନାନା କ୍ଷତିକାରକ କାର୍ଯ୍ୟ କରିବାକୁ ପ୍ରେରଣା ଦିଅନ୍ତି, ଉସକେଇ ଥାଆନ୍ତି; ହେଲେ ସଚେତନ ବ୍ୟକ୍ତିମାନେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥାଆନ୍ତି କାରଣ ସେମାନେ ଚୈତ୍ୟସତ୍ତା ବା ଦିବ୍ୟଶକ୍ତିର ନିର୍ଦ୍ଦେଶରେ ଜୀବନ ବଞ୍ଚୁଥାଆନ୍ତି । ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ ଇତ୍ୟାଦି ବିଗ୍ଭର କରି ଜୀବନ ବିତାଉଥାଆନ୍ତି । କିନ୍ତୁ ଅଚେତନ ଓ ଅର୍ଦ୍ଧଚେତନ ସ୍ତରର ବ୍ୟକ୍ତିମାନେ ଅପଶକ୍ତି ଗୁଡିକର ନିର୍ଦ୍ଦେଶରେ ଗ୍ଭଲିଥାଆନ୍ତି । ତେଣୁ ସମାଜ ଭିତରେ ସୃଷ୍ଟି ହୋଇଥାଏ ଭେଦଭାବ ।

ଶ୍ରୀଯୁକ୍ତ ଦାସ ସେଦିନ ଅତି ସୁନ୍ଦର ଭାବରେ ଆମକୁ ବୁଝାଇଥିଲେ ସୁଖ ଓ ଦୁଃଖ ଭୋଗର କାରଣ ସମ୍ବନ୍ଧରେ । ମଣିଷର ଦୁର୍ବାର ଆଶା, ଉଚ୍ଚାକାଂକ୍ଷା, ଉଚ୍ଚାଭିଳାଷ, ଅହଂକାର-ଏମିତି ସବୁ ଅନେକ ଭଗବତ୍ ବିରୋଧୀ ଗୁଣଗୁଡିଏ ହେଉଛନ୍ତି ଦୁଃଖ ଭୋଗର କାରଣ । ଆମେ ଆମ ସମାଜ ଭିତରେ ଦେଖିପାରିବା ଯେ ପାର୍ଥିବ ସଂପଦର ପ୍ରାଚୁର୍ଯ୍ୟ ମଧ୍ୟରେ ରହି ମଧ୍ୟ ବ୍ୟକ୍ତି ଅସୁଖୀ ଓ ଦୁଃଖ ହୋଗ କରୁଛି । ପାର୍ଥିବ ସମ୍ପଦ ହୀନ ଜଣେ ଫକୀର ବା ସନ୍ୟାସୀ ମହାସୁଖରେ ଜୀବନ ବଞ୍ଚୁଛି । ତେଣୁ ସୁଖ ଓ ଦୁଃଖ ଭୋଗର ଅସଲ କାରଣ ହେଉଛି ମଣିଷର ଚେତନା । ତାର ଚେତନାର ସ୍ତର ନେଇ ମଣିଷ ସୁଖ ବା ଦୁଃଖ ଭୋଗ କରିଥାଏ । ହଁ, ଦୁଃଖ ଅବଶ୍ୟ ଅପରିହାର୍ଯ୍ୟ – ଯଦି ମଣିଷ ସଚେତନ ହେବ; ଜୀବନରେ ଆସୁଥିବା ପ୍ରତିକୂଳ ପରିବେଶ ଓ ପରିସ୍ଥିତିରୁ ଉପୁଜୁଥିବା ଦୁଃଖ ଗୁଡିକରୁ ଶିକ୍ଷା ଲାଭ କରି ଚେତନାର

ସ୍ତରରେ ଆଗକୁ ଯିବାକୁ ପ୍ରସ୍ତୁତ ଥିବ, ତାହେଲେ ସେହି ଦୁଃଖ ହିଁ ତାକୁ ସୁଖ ଲାଭ (ଅର୍ଥାତ୍ ଆଧାତ୍ମିକ ସୁଖଲାଭ ଭୌତିକ ସୁଖଲାଭ ନୁହେଁ) ଆଡକୁ ଟାଣିନେବ । ତେଣୁ ଜଣେ ମଣିଷ ତା ଜୀବନର ଦୁଃଖ ଓ କଷ୍ଟକୁ କେମିତି ଦୃଷ୍ଟିକୋଣ ନେଇ ଦେଖୁଛି, ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ । ଯଦି ସେ ଭାବିବ ଜୀବନର ଦୁଃଖ, କଷ୍ଟ ଓ ଧକ୍କା ଗୁଡାକ ହେଉଛି ମୋର ଅର୍ଦ୍ଧଚେତନ ବା ଅଚେତନ ମନକୁ ସଜାଗ କରିଦେଇ ଭଗବତ୍ ଅଭିମୁଖୀ କରିବାକୁ, ତାହାହେଲେ ସେ କ୍ଷେତ୍ରରେ ଦୁଃଖ ଭୋଗର ମୂଲ୍ୟ ରହିଛି । ଯଦି ଦୁଃଖକୁ ନେଇ ମଣିଷ କୁହେ, ମୁଁ ହତଭାଗ୍ୟ, ଭଗବାନ୍ ମୋ କପାଳରେ ଏତେ ଦୁଃଖ ଲେଖିଛନ୍ତି କାହିଁକି, ତାହେଲେ ସେ ଦୁଃଖ ମୂଲ୍ୟହୀନ ।

ସେ ପୁଣି କହୁଥିଲେ – "ମଣିଷ ଜୀବନର ଖୁସି ମଧ୍ୟ ବଡ ଆପେକ୍ଷିକ ।" ସୁନ୍ଦର ଉଦାହରଣଟିଏ ଦେଇ ଶ୍ରୀଯୁକ୍ତ ଦାସ କହିଲେ, "ଦେଖନ୍ତୁ, ସାହିତ୍ୟ ସୃଷ୍ଟି ଲାଗି ହେଉ ବା ମୋର ପ୍ରତିଭାକୁ ନେଇ ହେଉ, ମୋତେ ଯଦି ଗୋଟାଏ ବଡ ପୁରସ୍କାର ଦିଆଯାଉଛି, ତାହେଲେ ତାକୁ ନେଇ ମୁଁ ଯେତିକି ଖୁସି, ଛୋଟ ପିଲାଟିଏକୁ ଯଦି ଚକୋଲେଟ ଦୁଇଟା ବା ଚକଚକଆ ବିସ୍କୁଟ୍ ପ୍ୟାକେଟଟାଏ ଆପଣ ଧରାଇଦେବେ, ତାହେଲେ ତାର ଯେଉଁ ଖୁସି, ତାହା ମୋର ଖୁସି ତୁଳନାରେ ବହୁଗୁଣରେ ଅଧିକ । ସେ ଖୁସିର ପଟାନ୍ତର ନାହିଁ । ତେଣୁ ପାର୍ଥିବ ସଂପଦ ହେଉ ଅବା ଅପାର୍ଥିବ ଜଗତର ଅନୁଭବ ହେଉ – ସବୁଠି, ସବୁ ସ୍ଥାନରେ ସୁଖ ଓ ଦୁଃଖର ଅସଲ ମଞ୍ଜି ରହିଛି ମାନବ ଚେତନାରେ । ସେଇ ଚେତନାର ସ୍ତରରେ ମଣିଷ ନିଜକୁ ଶୁଦ୍ଧକଲେ, ଜୀବନରେ ଅସଲ ସୁଖର ଉପଲବ୍ଧି ହୋଇପାରିବ ।

ସେଦିନ ଶିକ୍ଷାକୁ ନେଇ ଶ୍ରୀଯୁକ୍ତ ଦାସ ସୁନ୍ଦର ଉଦାହରଣଟିଏ ଦେଇ ଆଧୁନିକ ଶିକ୍ଷାର ଅସାରତା ସମ୍ବନ୍ଧରେ ସୂଚାଇ ଦେଇଥିଲେ । ସେ କହୁଥିଲେ –"ଆପଣ ଦେଖିବେ, ଗ୍ରାମାଞ୍ଚଳରେ, ପ୍ରାୟ ପ୍ରତ୍ୟେକ ଗ୍ରାମରେ ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ଆଧୁନିକ ଶିକ୍ଷାପ୍ରାପ୍ତ ନୁହଁନ୍ତି, ହୁଏତ ଜୀବନରେ ସେମାନେ କେବେ ମଧ୍ୟ ବିଦ୍ୟାଳୟର ମାଟି ମାଡିନାହାନ୍ତି । ଅଥଚ ଆଧାତ୍ମିକ ଦୃଷ୍ଟିରୁ ସେମାନଙ୍କର ଚେତନା ଖୁବ୍ ଉଚ୍ଚସ୍ତରର । ସେମାନେ ଗୀତା, ଭାଗବତ, ରାମାୟଣ, ପୁରାଣ, ମହାଭାରତ ଇତ୍ୟାଦି ଗ୍ରନ୍ଥ ସବୁକୁ ଶ୍ରବଣ କରନ୍ତି । ଏସବୁ ପ୍ରତି ଖୁବ୍ ଆଗ୍ରହ ମଧ୍ୟ ରଖିଥାନ୍ତି । ତଥାକଥିତ ଆଧୁନିକ ଶିକ୍ଷା ପାଇଥିଲେ ହୁଏତ ସେମାନଙ୍କର ଚେତନା ଏପରି ଭଗବତ୍ ଅଭିମୁଖୀ ହୋଇପାରି ନଥାଆନ୍ତା । ଏହାର ଅର୍ଥ ମଧ୍ୟ ଏହା ନୁହେଁ ଯେ ଆମେ ଆମ ସମାଜରେ ଆଧୁନିକ ଶିକ୍ଷାକୁ ଗୁରୁତ୍ୱ ଦେବାନାହିଁ ।

କନ୍ତୁ ଯେଉଁ ଆଧୁନକ ଶିକ୍ଷା ଆମକୁ କର୍ମସଂସ୍ଥାନଟିଏ ଯୋଗାଡ କରିବାରେ ସହଯୋଗ କରିବା ସଙ୍ଗେ ସଙ୍ଗେ, ଆମର ଚେତନାକୁ ଭଗବତ୍ ଅଭିମୁଖୀ କର୍‌ାଇବାରେ ମଧ ସହୋଯୋଗ କରୁଥିବ, ଆମେ ସେଭଳ ଶିକ୍ଷାକୁ ଗୁରୁତ୍ୱ ଦେବା ଦରକାର ଓ ସମାଜରେ ପ୍ରବର୍ତ୍ତନ କର୍‌ାଇବା ଗ୍ଚହେଁ। ତାହେଲେ ଯାଇ ମଣିଷ ଯେଉଁ ବିଭ୍‌ାଗରେ ଯେଉଁ ଶିକ୍ଷା ଲ୍‌ାଭ କରୁ ନା କାହିଁକ, ତାହାକୁ ସେ ଏକ ବୃହତ୍ତର ସମାଜର ଉତଥାନାର୍ଥେ ବ୍ୟବହାର କରିବ; ବର୍ତ୍ତମାନର ଶିକ୍ଷିତ ଗୋଷ୍ଠୀ ପରି କେବଳ ନଜର ସଂକୀର୍ଣ୍ଣ ସ୍ୱାର୍ଥର ପରିପୂରଣ ପାଇଁ ସେ ତାର ଶିକ୍ଷାକୁ ବ୍ୟବହାର କରିବ ନାହିଁ।

ଶ୍ରୀଯୁକ୍ତ ଦାସ ଥିଲେ ଇଂର୍‌ାଜୀ ସାହିତ୍ୟର ଅଧାପକ। ଶ୍ରୀ ଅରବିନ୍ଦ ଓ ମୀର୍‌ା ଆଲଫାସା (ମାଆ) ଙ୍କର ରଚନାବଳୀ ତଥା ଇଂର୍‌ାଜୀ ଓ ସଂସ୍କୃତ ସାହିତ୍ୟର ମର୍ମପ୍ରବେଶ କରିଥିବା ଜଣେ ମନସ୍ୱୀ। ତେଣୁ ତାଙ୍କର ମଣିଷର ଜୀବନ ଓ ଜଗତର ପରିବର୍ତ୍ତନ ନେଇ ଯେଉଁ ଦୃଷ୍ଟିକୋଣ, ତାହା ହେଉଛି ଏକ ଆଧାତ୍ମିକ ଦୃଷ୍ଟିକୋଣ ଯାହା ତାଙ୍କର ପରିଣତ ବୟସର ଉପଲବ୍ଧିର ଫଳ। କୈଶୋର ଓ ଛାତ୍ର ଜୀବନରେ ଶ୍ରୀଯୁକ୍ତ ଦାସ ଥିଲେ ଜଣେ ନାସ୍ତିକବାଦୀ। ମାର୍କସବାଦ ଓ ସାମ୍ୟବାଦ ଦର୍ଶନ ଦ୍ୱାର୍‌ା ସମାଜରୁ ନାନା ଭେଦଭ୍‌ାବ, ଦାରିଦ୍ର୍ୟ ଓ ଅଶିକ୍ଷା ଇତ୍ୟାଦିର ମୂଳୋତ୍ପାଟନ ହୋଇପାରିବ – ଏହା ଥିଲ୍‌ା ତାଙ୍କର କୈଶୋର ଓ ଯୌବନର ବିଶ୍ୱାସ। ଧିରେ ଧିରେ ତାଙ୍କର ଚେତନାର ଦିଗବଳୟ ବିସ୍ତାରିତ ହେବାରେ ଲ୍‌ାଗିଥିଲ୍‌ା। ବୟସ, ଜ୍ଞାନ ଓ ଉପଲବ୍ଧିର ପରିପକ୍ୱତା ତାଙ୍କ ଭିତରେ ଏହି ବିଶ୍ୱାସ ଆଣିଦେଇଥିଲ୍‌ା ଯେ ଆଧାତ୍ମିକତାର ଶକ୍ତି ବା ଏକ ଶୁଭଶକ୍ତି ଦ୍ୱାର୍‌ା ପରିଗ୍ଚଳତ ମନୁଷ୍ୟ ଚେତନା ହିଁ ଏ ସମାଜର ଏକ ଯଥାର୍ଥ ପରିବର୍ତ୍ତନ ଆଣିବା ପାଇଁ ସକ୍ଷମ। ତେଣୁ ନାସ୍ତିକତାବାଦରୁ ତାଙ୍କର ଚେତନାର ଯାତ୍ରା ଆରମ୍ଭ ହୋଇ ପହଞ୍ଚିଥିଲ୍‌ା ଚରମ ସ୍ତିକତାବାଦରେ ଓ ଏକ ଭଗବତ୍ ଶକ୍ତି ଉପରେ ପ୍ରଚଣ୍ଡ ବିଶ୍ୱାସରେ।

ଚତ୍ତଭ୍‌ାଇ (ସ୍ୱର୍ଗତ ଚତ୍ତରଞ୍ଜନ ଦାସ) ଙ୍କ ସମ୍ବନ୍ଧରେ ମଧ ଆଲ୍‌ୋଚନା ହୋଇଥିଲ୍‌ା। ପ୍ରତିଜ୍ଞା ଦେବୀ କପରି ସାହିତ୍ୟରେ ଚତ୍ତଭ୍‌ାଇଙ୍କର ତୀବ୍ର ଓ ସିଧାସଳଖ ସମାଲ୍‌ୋଚନାକୁ ନେଇ ପ୍ରଶ୍ନ ଉଠାନ୍ତି ଓ ବିର୍‌ୋଧାତ୍ମକ ବିବୃତି ଦିଅନ୍ତି, "ମୁଁ ସବୁବେଳେ ତାଙ୍କୁ (ପ୍ରତିଜ୍ଞା ଦେବୀଙ୍କ ଆଡକୁ ନର୍ଦ୍ଦେଶ କରି) କୁହେ – ଚତ୍ତଭ୍‌ାଇ ଆମମାନଙ୍କଠାରୁ ବୟସରେ ଓ ଅଭିଜ୍ଞାତାରେ ବଡ। ସେ ଆମମାନଙ୍କର ଜଣେ ବଡଭ୍‌ାଇ। ତେଣୁ ତୁମେ ତାଙ୍କୁ ବୁଝିବା ଦରକାର। ତାଙ୍କୁ ବୁଝିପାରିଲେ, ତୁମେ ତାଙ୍କର ସିଧାସଳଖ ର୍‌ୋକଠୋକ୍ ସମାଲ୍‌ୋଚନାକୁ ମଧ ବୁଝିପାରିବ।

ଏଠାରେ ମୋର ସ୍ମରଣ କରାଇଦେବା ଉଚତ୍ ହେବ ଯେ ପ୍ରତିଜ୍ଞା ଦେବୀ ଥିଲେ ଆଶ୍ରମରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା, ତେଣୁ ମନୋବିଜ୍ଞାନରେ ଜଣେ ଛାତ୍ରୀ ନିଶ୍ଚିତ । ଚିତ୍ତଭାଇ ମଧ୍ୟ ଥିଲେ ଡେନମାର୍କର କୋପେନହେଗେନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଛାତ୍ର ଓ ଇଉରୋପର ଜର୍ମାନୀ, ଅଷ୍ଟ୍ରିଆ, ନରୱେ, ଫିନଲ୍ୟାଣ୍ଡ ଇତ୍ୟାଦି ଦେଶରେ ମନୋବିଜ୍ଞାନକୁ ନେଇ ଅନେକ ଅଧ୍ୟୟନ ଓ ଗବେଷଣା କରିଥିବା ଜଣେ ମହାନ୍ ମନସ୍ତତ୍ତ୍ୱବିତ୍ ।

ଶ୍ରୀଯୁକ୍ତ ମନୋଜ ଦାସଙ୍କ ବାସଭବନରୁ ବିଦାୟ ନେବା ବେଳକୁ ସେଦିନ ସନ୍ଧ୍ୟା ହୋଇଯାଇଥିଲା । ସେଠାରୁ ମୁଁ ଓ ମୋର ବାନ୍ଧବୀ ସିଧାସଳଖ ଚାଲିଯାଇଥିଲୁ ଆଶ୍ରମ ନିକଟସ୍ଥ ସମୁଦ୍ରକୂଳକୁ । ଭାରତ ମହାସାଗରର ସ୍ନିଗ୍ଧ ଶୀତଳ ସମୀରଣ ମନ ଓ ପ୍ରାଣରେ ଆସି ହେଉଥିଲା ଅପୂର୍ବ ଶିହରଣ; ଅଙ୍କୁରନ୍ତ ଆନନ୍ଦ । ରାତ୍ରିଭୋଜନ ଆଶ୍ରମ ଭୋଜନାଳୟରେ ସାରିଥିଲୁ ଓ ଗେଷ୍ଟ ହାଉସକୁ ପ୍ରତ୍ୟାବର୍ତ୍ତନ କରିଥିଲୁ । ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେବା ପୂର୍ବରୁ ଖୁବ୍ ମନେପଡୁଥିଲା ଓଡିଶାର ତିନି ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଜଡିତ ମୋର ଅନେକ ସବୁ ସ୍ମୃତି ଓ ଅନୁଭୂତି । ପ୍ରଥମ ହେଲେ ମୋର କୈଶୋର ଜୀବନରେ ମୁଁ ପରିଚୟରେ ଆସିଥିବା ଓ ପରେ ପ୍ରଗାଢ ସଂପର୍କରେ ଆସିଥିବା ବହୁ ଭାଷାବିତ୍, ସ୍ୱାଧୀନତା ସଂଗ୍ରାମୀ, ମନୋବିଜ୍ଞାନୀ, ସମାଜବିଜ୍ଞାନୀ, ଦାର୍ଶନିକ, ଉତ୍କଳରତ୍ନ ଚିନ୍ତାନାୟକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ (ଚିତ୍ତ ଭାଇ) ଯିଏ କି ମୋ ଜୀବନର ପଥପ୍ରଦର୍ଶକ ଓ ଗୁରୁ ତଥା ଜଣେ ଅନ୍ତରଙ୍ଗ ବନ୍ଧୁ । ଦ୍ୱିତୀୟ ବ୍ୟକ୍ତି ହେଉଛନ୍ତି କବି ମିଶ୍ର (ସ୍ୱର୍ଗତ କବି ପ୍ରସାଦ ମିଶ୍ର – ଚେନ୍ନାଇର ଆପୋଲୋ ହସପିଟାଲର ଡାଇରେକ୍ଟର ଥିଲେ ଓ ଜଣେ ସୁବକ୍ତା ଓ ସାହିତ୍ୟିକ ମଧ୍ୟ), ତୃତୀୟରେ ହେଉଛନ୍ତି ଶ୍ରୀଯୁକ୍ତ ମନୋଜ ଦାସ ।

ସତରେ ଚେତନାର ସ୍ତର ଓ ବିସ୍ତାର ଅନୁସାରେ ଏ ଭେଦଭାବପୂର୍ଣ୍ଣ ସମାଜରୁ ଦୁଃଖ, ଦାରିଦ୍ର୍ୟ ଓ ଅଶିକ୍ଷାର ଦୂରୀକରଣ ନେଇ ବିଭିନ୍ନ ସ୍ତରର ବିଶ୍ୱାସ ଓ ସେହି ବିଶ୍ୱାସ ଅନୁଯାୟୀ ଉତ୍ତର । ମନୋବିଜ୍ଞାନ, ସମାଜବିଜ୍ଞାନ, ଦର୍ଶନ, ଇତିହାସ, ଇଂରାଜୀ ସାହିତ୍ୟ – ଏହିପରି ବହୁ ବିଭାଗର ଅନ୍ତଃପ୍ରବେଶ କରିଥିବା ତଥା ଗାନ୍ଧୀ, ରବୀନ୍ଦ୍ରନାଥ, ଶ୍ରୀ ଅରବିନ୍ଦ ଓ ଦେଶବିଦେଶର ବହୁ ମହାମନବ ମାନଙ୍କର ରଚନାବଳୀର ମର୍ମପ୍ରବେଶ ତଥା ଅନୁବାଦ କରିଥିବା, ସମାଜର ଅତି ତଳସ୍ତରର ମଣିଷମାନଙ୍କ ସହିତ ବସୁଥିବା, ହସୁଥିବା ଓ ଜୀବନ ବଞ୍ଚୁଥିବା ଚିତ୍ତଭାଇଙ୍କର ସମାଜପରିବର୍ତ୍ତନ ନେଇ ଦୃଷ୍ଟିକୋଣଟି ହେଉଛି ଶ୍ରୀଯୁକ୍ତ

ମନୋଜ ଦାସ ଓ ଶ୍ରୀଯୁକ୍ତ କବିପ୍ରସାଦ ମିଶ୍ରଙ୍କ ଦୃଷ୍ଟିକୋଣ ଅପେକ୍ଷା ଖୁବ୍ ବାସ୍ତବ । ଚଉଭାଇ ହେଉଛନ୍ତି ଖୁବ୍ ପ୍ରାକ୍ଟିକାଲ । ତେଣୁ ତାଙ୍କ ସାହିତ୍ୟର ଭାଷା, ଭାବ ଓ ବକ୍ତବ୍ୟ ଖୁବ୍ ତୀକ୍ଷଣ, ଶାଣିତ ଓ ସିଧା । ସାହିତ୍ୟରେ ବ୍ୟଙ୍ଗ ତାଙ୍କର ଖୁବ୍ ମର୍ମଭେଦୀ – କପଟୀମାନଙ୍କର ହୃଦୟକୁ ସିଧାସଳଖ ଧାରୁଆ ଅସ୍ତ୍ରରେ ଅସ୍ତ୍ରାଘାତ କଲାପରି ଶ୍ରୀଯୁକ୍ତ ମନୋଜ ଦାସଙ୍କ ସାହିତ୍ୟର ବ୍ୟଙ୍ଗ ଓ ଉପହାସକୁ ବୁଝିବାକୁ କିନ୍ତୁ ଦରକାର ଟିକେ ଧୈର୍ଯ୍ୟ ଓ ନୀରବତା । କଥାକାର ଭାବରେ ସେ ତାଙ୍କର ବ୍ୟଙ୍ଗ ଓ ଉପହାସକୁ କୌଣସି ଚରିତ୍ର ମାଧମରେ ଟିକଏ ବୁଲେଇ, ବଙ୍କେଇ ଉପସ୍ଥାପିତ କରିଥାଆନ୍ତି; କିନ୍ତୁ ସିଧାସଳଖ ନୁହେଁ । ଶ୍ରୀଯୁକ୍ତ କବିପ୍ରସାଦ ମିଶ୍ରଙ୍କ (ଶ୍ରୀଯୁକ୍ତ ମନୋଜ ଦାସଙ୍କର ଜଣେ ପରମ ବନ୍ଧୁ) ବିଶ୍ୱାସ କିନ୍ତୁ ଖୁବ୍ ଧାର୍ମିକ ସ୍ତରର; ଖୁବ୍ ଉପରଠାଉଣିଆ, ଅଗଭୀର ଓ ଅଳ୍ପ ଉପଲବ୍ଧି ସଯୁତ । ମନ୍ଦିର ଆସି ପୂଜାର୍ଚ୍ଚନା କଲେ ମଣିଷକୁ ଟିକେ ଶାନ୍ତି ମିଳବ; ମଣିଷର ପରିବର୍ତ୍ତନ ହେବ - ଏହି ସ୍ତରର ବିଶ୍ୱାସ ହେଉଛି ତାଙ୍କର ବିଶ୍ୱାସ (ମୋର ପତ୍ରିକା ଭିନ୍ନ ମଣିଷ-ଭିନ୍ନ ପୃଥିବୀ" ରେ ତାଙ୍କର ସାକ୍ଷାତକାର ନେବାବେଳେ ମୁଁ ତାଙ୍କୁ ପଗ୍ଚରିଥିବା ସମାଜ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରଶ୍ନଗୁଡିକର ଉତ୍ତରରୁ ମୁଁ ଏହିପରି ଏକ ନିଷ୍କର୍ଷରେ ଉପନୀତ) । ଏହିସବୁ ମାନସିକ ବିଶ୍ଳେଷଣ ମୋର ମାନସରାଜ୍ୟକୁ ଅଧିକାର କରି ରହିଥିବାବେଳେ ମୁଁ ସେଦିନ କେତେବେଳେ ଯେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଇଥିଲି ତାହା ମୁଁ ଜାଣିପାରି ନଥିଲି ।

ଦିନେ, ଦୁଇଦିନ ପଣ୍ଡିଚେରୀରେ ବିତାଇ ମୁଁ ଓ ମୋର ବାନ୍ଧବୀ ଫେରିବା ବାଟରେ ଅରୋଭିଲ୍ ରେ ଦୁଇ ଘରିଘଣ୍ଟା ବିତାଇଥିଲୁ । ଅରୋଭିଲ୍ ରେ ଜଣେ ବନ୍ଧୁଙ୍କ ସହିତ ଅରୋଭିଲ୍ ଡାଇନିଂରେ ମଧ୍ୟାହ୍ନ ଭୋଜନ ଶେଷକରି ଚେନ୍ନାଇରେ ସନ୍ଧ୍ୟାବେଳକୁ ପହଞ୍ଚିଯାଇଥିଲୁ । ବହୁବାର ଆମେମାନେ "ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସ-ଚେନ୍ନାଇ", "ପ୍ରବାସୀ ଓଡିଆ କଲଚରାଲ ସୋସାଇଟି-ଚେନ୍ନାଇ", "ଡକ୍ଟର କବିପ୍ରସାଦ ମିଶ୍ର ଏଣ୍ଡୋମେଣ୍ଟ ଫାଉଣ୍ଡେସନ୍-ଚେନ୍ନାଇ" – ତରଫରୁ ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ଜଣେ ଅତିଥି ଓ ବକ୍ତା ଭାବରେ ନିମନ୍ତ୍ରିତ କରିଛୁ ଓ ତାଙ୍କର ଓଜସ୍ୱିନୀ ଭାଷଣ ଶୁଣିଛୁ । ସ୍ମରଣିକା ବା ସୋଭେନିୟର ର ସଂପାଦନା କାର୍ଯ୍ୟ ମୁଁ କଲାବେଳେ କେବେକେବେ ଫୋନ୍ ମାଧମରେ ଲେଖାଟିଏ ଛାପିବା ପାଇଁ ଅନୁମତି ନେଇ ବା କେବେକେବେ ପଣ୍ଡିଚେରୀ ଯାଇ ତାଙ୍କ ବାସଭବନରେ ତାଙ୍କୁ ଦେଖାକରି ତାଙ୍କଠାରୁ ଲେଖା ଗ୍ରହଣ କରି ବା ଅନୁମତି ନେଇ ମୁଁ

ତାଙ୍କର ଲେଖାକୁ ଛାପିବାରେ ଖୁବ୍ ଆନନ୍ଦିତ ହୋଇଛି । ଆଜି ଶ୍ରୀଯୁକ୍ତ ମନୋଜ ଦାସ ସଶରୀରରେ ଆମ ଗହଣରେ ନାହାନ୍ତି ସତ, ହେଲେ ସେ ମୋର ଚିନ୍ତା ଓ ଚେତନାରେ ଜୀବିତ ହୋଇ ରହିଛନ୍ତି ଓ ସଦାସର୍ବଦା ରହିଥିବେ ।

**(**୧୯୬୩ ମସିହାରୁ ଶ୍ରୀଯୁକ୍ତ ମନୋଜ ଦାସ ପଣ୍ଡିଚେରୀ ଆଶ୍ରମର ବାସିନ୍ଦା । ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ ମସିହାରେ ପଦ୍ମଭୂଷଣ ଉପାଧିରେ ଭୂଷିତ । ଭାରତ ସରକାରଙ୍କ ପ୍ରଦତ୍ତ ପଦ୍ମଶ୍ରୀ ହେଉଛି ଭାରତବର୍ଷର ଚତୁର୍ଥ ସ୍ତରର ଓ ପଦ୍ମ ଭୂଷଣ ତୃତୀୟ ସ୍ତରର ନାଗରିକ ସମ୍ମାନ ।**)**

୧୦/୨୪, ରାମକୃଷ୍ଣ ଷ୍ଟ୍ରୀଟ
ଆଦାମବକମ୍, ଚେନ୍ନାଇ-୬୦୦୦୮୮

# ଆଉ ସବୁ ଅବାନ୍ତର



ଗୁରୁକଲ୍ୟାଣ ମହାପାତ୍ର

ନବିଡ ପ୍ରଣୟରୁ ଶୁଭ ପରିଣୟ ଯାଏଁ
ତା ପରେ**?** ତା ପରେ**?**
ଅନ୍ୱେଷଣ ଓ ବିଶ୍ୱାସର
ବିଶ୍ଳେଷଣ ମୋତେ ଠେଲି
ନେଇଯାଏ ତୁମ ସମୀପରୁ
ଦୂରକୁ**,** ଆହୁରି ଦୂରକୁ ।

ସାଧାରଣୀ ପ୍ରେମ କଣ
ଆଚ୍ଛନ୍ନ କରିଛି ମୋ
ଜୀବନକୁ ସତ ।
ସେଥିପାଇଁ ହୁଏ ତ
ତମର ସ୍ୱାର୍ଥ ଲାଳସା ହିଁ
ଗାଢରୁ ଗାଢତର
ହୋଇ ଯାଉଛି ।

ତେଣୁ ସମ୍ଭବତଃ ରାଧାଙ୍କ ପରି
ସମର୍ଥା ପ୍ରେମ ଓ ଭକ୍ତିର
ରଜ୍ଜୁରେ ତମେ ହୁଏତ
ମୋତେ ସହଜରେ
ବାନ୍ଧି ପାରିଲ ନାହିଁ ।
ତମେ ଜାଣିଛ ନା ନାହିଁ
ଏବେ ତୁମ ଓ ମୋ ଭିତରେ
ସ୍ୱାର୍ଥର ପ୍ରାକାରଟା ଯେ

ବଢି ବଢି ଚାଲିଛି
ଦିନକୁ ଦିନ ।

ତେବେ ମୁଁ ଚାହୁଁଛି ମୋ ଭିତରେ
ତମରି ବିଶ୍ୱାସ,
ଆଉ ତମେ ବି ଚାହୁଁଛ
ତମ ଭିତରେ ମୋ ନିଃଶ୍ୱାସ ।
ମାତ୍ର ସ୍ୱାର୍ଥ ଆଉ ସନ୍ଦେହର
ଅନ୍ଧାର ଭିତରେ ଗୋଟିଏ ପଟେ
ତମେ ତ
ଆଉ ଗୋଟିଏ ପଟେ
ମୁଁ ଦଣ୍ଡାୟମାନ ।

କେବଳ ଈଶ୍ୱର ଚାହିଁଲେ
ଏ ସ୍ୱାର୍ଥ ଓ ସନ୍ଦେହର
ଅନ୍ଧାରଟା ଡୁବିଯିବ
ସତ୍ୟ ଆଲୋକର ଅବଲୋକନରେ,
ଆମେ ଦୁହେଁ ଟାଣି ହୋଇ
ଚାଲିଯିବା ପରସ୍ପରଙ୍କ ନିକଟକୁ
ଅଚିରେ କେବଳ

ଚାଲ ତେଣୁ ଆମେ ଦୁହେଁ
ପ୍ରାର୍ଥନା କରିବା ଈଶ୍ୱରଙ୍କୁ,
ନାହିଁ ଆମ ଗତ୍ୟନ୍ତର ଯେଣୁ,
ଆଉ ସବୁ ମନେହୁଏ,
ଅତି ଅବାନ୍ତର ସତ-
ଅବାନ୍ତର ।

ଭୁବନେଶ୍ୱର

# ମନେ ନାହିଁ



ଡଃ ମାଙ୍ଗଳିକା ମହାପାତ୍ର

ମୋର ଆଉ ମନେ ନାହିଁ
କଥାର କେଉଁ ସରଳତା ରେ
ମୁଗ୍ଧ କରିଥିଲି ତୁମକୁ
ଆଉ ତୁମର କୋଉ କଥା ଶୁଣି
ଆନମନା କରିଥିଲି ନିଜକୁ ..!!
ଆହତ ମନର କବିତାକୁ କେବେ
ବଇଁଶୀ ରେ ଭରିଥିଲି ..!!
ନିସ୍ତବ୍ଧ ରାତିର ଗଭୀରତା କୁ
ସୀତାର ରେ ସୂର ଦେଇଥିଲି
ମନ୍ଦିରର ଆଳତୀ ରେ ତୁମ ଲାଗି
ସୁସ୍ଥ ଜୀବନର କାମନା କରିଥିଲି
କି.. ଅକୁହା କାହାଣୀକୁ ନେଇ
ତୁମକୁ ନାୟକ କରିଥିଲି
ମନେ ନାହିଁ, କିଛି ବି ମନେ ନାହିଁ
ଏବେ କିନ୍ତୁ ମନେ ପକେଇବାକୁ
ସ୍ପୃହା ନାହିଁ ..
ନିଜର କବିତାକୁ ପଢିବାକୁ
ଆଗ୍ରହ ନାହିଁ..
ରାତିରେ ଛାତ ଉପରେ
ତାରା ଗଣିବାକୁ ଇଛା ନାହିଁ
ମୋ ଭିତରେ ସାଗରର ତୁହାକୁ ତୁହା ଗର୍ଜନ

ପିଇବାକୁ ଜଳ ଟୋପେ ନାହିଁ
ଆଖିରେ ମୋ ଋତୁ ମାନଙ୍କର ଭିଡ଼
ଗ୍ରୀଷ୍ମ, ବର୍ଷା, ଶୀତର ଜାଡ ..
ଅନ୍ୟ ଋତୁ ସବୁ ସାଜିଛନ୍ତି ଜଡ
ମୋ ଘୁରିପଟେ ..
ଭ୍ରମରମାନଙ୍କର ଭିଡ଼
ପୁଣି ଅମୃତ ମଣୋହୀ
ଆଖିରେ ମୋ କୋଟିଏ ସ୍ୱପ୍ନ
ରାତି ସାରା ନିଦ ନାହିଁ
ଯେତେ ଚେଷ୍ଟା କଲେ ବି
ପଛ କଥା ମନେ ପଡୁନାହିଁ ..

କଟ୍ ବିଶ୍ୱବିଦ୍ୟାଳୟ

# ମା'



ସସ୍ମିତା ପଟ୍ଟନାୟକ

ଖୋଜୁଚ ମୁଁ ଏଇଠି ସେଇଠି,
ତା କୋଳେ ଅଛି ସେଇ ସୁଖ,
ସଂସାରଟା ସାର୍ ଦେଲି ମୁଁ ସାଉଁଟି,
ହେଲେ ତା ମନ ଭଳ ମିଳନ୍ତ ମନ କଉଠି ।।

ଧନ ସୁଖ ଥିଲେ ହେବେ କ'ଣ,
ସେନେହର ଆସର ଯାଇଛି ହଜି,
କୋଳାହଳ ଚଉଦିଗେ ଭର୍,
ତା ମାତୃତ୍ୟ ବନ୍ଧା ପଡିଛି ଆଜି।।

ମା'ର ସ୍ନେହର ଉଧାରି,
ରହିବ ଜୀବନ ଭରି,
ପୁଅ ଝିଅ ଖାଲି ଖବର ପଚ୍ରି,
ଭାବନ୍ତି ଦେଲେ କରଜ ଉତାରି।।

ଚନ୍ଦନର ଶୀତଳତା ତା ସ୍ପର୍ଶରେ,
ମହୁ ଭଳ ମଧୁରତା ତା ବାଣୀରେ,
ଅନନ୍ତ କାଳର ସୁଖ ତା ବାହୁବନ୍ଧନରେ,
ସବୁ କଷ୍ଟ ହଜି ଯାଏ ତା କରୁଣ ଗୃହାଣୀରେ ।।

ମଣିଷ ଏବେ ଦିଗହରା ବାହ୍ୟ ଘୂର୍ଣ୍ଣ ଚକ୍ରରେ,
ତଥାପି କଷ୍ଟରେ ମା ଡାକ ହିଁ ଶୁଭିଲି ଆସେ ତୁଣ୍ଡରେ,
ସୁଖରେ ନ ଥାଉ ପଛେ ଦୁଃଖରେ ସବୁ ବେଳେ ଥାଏ ପାଖରେ,
ଭଗବାନ ପର୍ ବିଜେ କରିଛନ୍ତି ମର୍ତ୍ତ୍ୟରେ ମା ରୂପରେ ।।

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପରିବେଶ ସୁରକ୍ଷା ଓ ଆଗାମୀ ଭବିଷ୍ୟତ

ଦାଶରଥି ଶତପଥୀ

ପରିବେଶ ଶବ୍ଦର ଅର୍ଥ ଏତେ ବ୍ୟାପକ ଯେ ତାକୁ ସାମଗ୍ରିକଭାବରେ ତର୍ଜମା କରିବା ବର୍ତ୍ତମାନ ପରିସ୍ଥିତିରେ ଏକ କଷ୍ଟକର ବ୍ୟାପାର ହୋଇପଡିଛି । ମନୁଷ୍ୟର ଦୈନନ୍ଦିନ ଜୀବନ ପ୍ରବାହ, ଆଚାର ବ୍ୟବହାର, ସମାଜ ଉପରେ ପ୍ରଭାବ ପକାଉଥିବା ବାହ୍ୟିକ ଶକ୍ତି ତଥା ପାରିପାର୍ଶ୍ୱିକ ଅବସ୍ଥା ଓ ଆନୁସଙ୍ଗୀକ ପ୍ରଭାବ ସମୂହକୁ ପରିବେଶ କୁହାଯାଏ । ପୃଥିବୀର ଜଳ, ସ୍ଥଳ ଓ ବାୟୁମଣ୍ଡଳ ପରିବେଶର ଅନ୍ତର୍ଗତ ହୋଇଥିବାରୁ ପ୍ରକୃତି ଓ ପୃଥିବୀ ଉପରେ ସବୁଠାରୁ ଅଧିକ ଅଧିକାର, ମନୁଷ୍ୟ ଓ ଜୀବଜଗତର ହିଁ ରହିଛି । ନିଜର ସ୍ୱାର୍ଥ ସାଧନ ପାଇଁ ପ୍ରକୃତି ଓ ପୃଥିବୀକୁ ଏହି ଜନସମାଜ ଏପରି ଭାବରେ ଆଘାତ କରିଚାଲିଛି ଯେ, ଯାହାଫଳରେ ଆମେ ସାଧାରଣ ଜୀବନରେ ବହୁ ଘାତ, ପ୍ରତିଘାତ ଭିତରେ ରହିବାକୁ ପଡୁଛି ।

ଆମ୍ଭମାନଙ୍କ ଉପକାର ପାଇଁ ପ୍ରକୃତି ସାଇତା ରଖିଥିବା ସଂପଦର ଦୂରୁପଯୋଗ କରି ସମାଜକୁ ବିକାଶଶୀଳ ଆଶା ନେଇ ଆମେ ପ୍ରତି ମୁହୂର୍ତ୍ତରେ ଆମ ଚାରିପାଖରେ ଥିବା (ବାୟୁମଣ୍ଡଳ) ପରିବେଶକୁ ଦୂଷିତ କରିବା ଲାଗିଅଛୁ । ମାନବ ସମାଜର ହିତ ପାଇଁ ପ୍ରକୃତିର ସାଇତା ଦ୍ରବ୍ୟକୁ ପ୍ରତି ଦିନ ନଷ୍ଟ ଓ ଲୁଣ୍ଠନ କରିବା ଦ୍ୱାରା ତାର କୁପରିମାଣ ସମଗ୍ର ମାନବଜାତି ତଥା ଜୀବଜଗତ ଭୋଗିବାରେ ଲାଗିଛି ଏବଂ ଆଗାମୀ ଭବିଷ୍ୟତରେ ଯେ ଏହା ଏକ ସାଂଘାତିକ ପରିସ୍ଥିତି ସୃଷ୍ଟି କରିବା କଥାକୁ ଏଡାଇ ଦିଆଯାଇନପାରେ ।

ପ୍ରକୃତିର ଖେଳରେ ବର୍ତ୍ତମାନ ପରିସ୍ଥିତିରେ ମାନବ ସମାଜକୁ ଋତୁ ଅନୁସାରେ ଫଳ ମିଳିପାରୁନାହିଁ । ଗତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଛଅ ଋତୁକୁ ଅନୁଭବ କରାଯାଇ ପାରୁନାହିଁ । କେବଳ ପ୍ରଚଣ୍ଡ ଖରା, ଅଦିନିଆ ଓ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବର୍ଷା, ପବନ, ହଠାତ୍ ତାପମାତ୍ରା ହ୍ରାସ ଅଧିକାଂଶ ସମୟ କରକାପାତ ସାଙ୍ଗକୁ ହାଡ ଭଙ୍ଗା ଶୀତକୁ ବାଦ ଦେଲେ ହେମନ୍ତ ଓ ବସନ୍ତ ଋତୁକୁ ଅନୁଭବ କରିବା ପରିବର୍ତ୍ତେ ଦିର୍ଘ ଦିନ ଧରି କେବଳ

ଗ୍ରୀଷ୍ମପ୍ରବାହ ଅନୁଭୂତ ହେବା ଦ୍ଵାରା ମାନବ ଜୀବନ ଦୁର୍ବିଷ ହୋଇପଡିଲାଣି ଯାହାର ପରିବର୍ତ୍ତିତ ପ୍ରଭାବ ଯୋଗୁଁ ଜଳସଂକଟ, ଦୁର୍ଭିକ୍ଷ, ଅନାହାର, ଅର୍ଦ୍ଧାହାର ଓ ରୋଗ ବୃଦ୍ଧିର କାରଣ ହୋଇପଡିଛି| ବର୍ତ୍ତମାନ ବିଜ୍ଞାନ ଯୁଗରେ ବିଶେଷତଃ ଜଳ, ବାୟୁ, ଶବ୍ଦ ପ୍ରଦୂଷଣ ଯୋଗୁଁ ପରିବେଶକୁ ରକ୍ଷା କରିବାକୁ ପଡିବ | ଯଦିଓ ଏହା ଶିଳ୍ପ ସମୃଦ୍ଧି ଉପରେ ପ୍ରଭାବ ପକାଇଥାଏ କନ୍ତୁ ଦେଶର ପ୍ରଗତି ପାଇଁ ଶିଳ୍ପର ଆବଶ୍ୟକତା ଥିବାବେଳେ ସେଥିରୁ ବାହାରୁଥିବା ବିଷାକ୍ତ ପଦାର୍ଥ ସବୁ ଜଳରେ ମିଶିବା ଦ୍ଵାରା ଜଳ ଦୂଷିତ ହୁଏ ଏବଂ ଏହାର ଧୂଆଁରୁ ଅଙ୍ଗାରକ୍ଳାମ ଗ୍ୟାସ ବାୟୁରେ ପ୍ରବେଶ କରିବା ଫଳରେ ବାୟୁ ବିଷାକ୍ତ ହୁଏ ଯାହାଫଳରେ ଆଖପାଖ ଲୋକ ବିଭିନ୍ନ ରୋଗରେ ସଂକ୍ରମିତ ହୋଇଥାନ୍ତି ଯାହାର ପ୍ରତିକାର କରିବାର ଆବଶ୍ୟକତା ରହିଛି | ପ୍ରବଳ ମାତ୍ରାରେ ପେଟ୍ରୋଲ, ଡିଜେଲଚ୍ଳଳତ ଯାନବାହାନର ଚଳାଚଳ ସହ ଶିଳ୍ପ କାରଖାନା ପ୍ରତିଷ୍ଠା ଏବଂ ବୃକ୍ଷ ସଂପଦକୁ ନଷ୍ଟ କରିବା ସବୁଜ ବିପ୍ଳବ ନାଁରେ କୀଟନାଶକ ଔଷଧର ବହୁଳ ବ୍ୟବହାର, ରାସାୟନକ ପଦାର୍ଥ ବ୍ୟବହାର ଏବଂ ଯାନ୍ତ୍ରିକ ଧୂଳଧୂଆଁ ର ପ୍ରଭାବରେ ସାଧାରଣ ମଣିଷ ଅସ୍ତବ୍ୟସ୍ତ ହୋଇପଡିଲେଣି |

କଳକାରଖାନାର ଉତ୍କଟ ଧ୍ଵନ ବହୁଳ ପରିମାଣରେ ଗାଡି ମଟର ବ୍ୟବହାର ଓ ଏହାର ଧ୍ଵନ, ଉଚ୍ଚ କୋଳାହଳ ଯୋଗୁଁ ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣ ହେଉଛି | ଆମ ଦେଶର ବିଭିନ୍ନ ସହର ଭିତରେ ରାଜଧାନୀ ଦିଲ୍ଲୀ, ଉତ୍ତରପ୍ରଦେଶର ଗାଜିଆବାଦ, ଆହ୍ଲାବାଦ ଓ ବରେଲି, ହରିଆନାର ଫରିଦାବାଦ, ଝାଡଖଣ୍ଡର ରାଞ୍ଚି, ରାଜସ୍ଥାନର ଅଲୱାର, ବିହାରର ପାଟନା, ଉତ୍ତରପ୍ରଦେଶର କାନପୁର, ସହରର ଅବସ୍ଥା ବେଳକୁ ବେଳ ଗୁରୁତ୍ଵର ହେବାକୁ ଲାଗିଲାଣି |

ଦେଶରେ ଜନ ବିସ୍ଫୋରଣ ସହିତ ଜଙ୍ଗଲ (ବୃକ୍ଷ) ସଂପଦର କ୍ଷୟ ଯୋଗୁଁ ଭୂଗର୍ଭସ୍ଥ ଜଳର ପରିମାଣ ଧିରେ ଧିରେ କମି କମି ଆସୁଛି | ବାୟୁମଣ୍ଡଳରୁ ଅମ୍ଳଜାନ କ୍ରମଶଃ କମି କମି ଆସୁଥିବାବେଳେ ଅଙ୍ଗାରକ୍ଳାମ ଗ୍ୟାସ ବୃଦ୍ଧି ପାଇବାରେ ଲାଗିଛି ଯାହାକ ସମଗ୍ର ବିଶ୍ଵପାଇଁ ଉଦବେଗର ବିଷୟ ହୋଇଛି | ଏହି ସମସ୍ୟା ଅଧିକା ହେଲେ ଏଥିରେ ଲୋକେ ସ୍ଵାସ୍ଥ୍ୟଗତ ସମସ୍ୟା ଭୋଗ କରିବାର ସମ୍ଭାବନା ଅଧିକ | ଯାହାଫଳରେ ଦେଶର

ସାମାଜିକ, ଅର୍ଥନୈତିକ ସ୍ଥିତି ବିପନ୍ନ ହେବାର ଯଥେଷ୍ଟ ସମ୍ଭାବନା ଥିବା କଥା ବିଭିନ୍ନ ଗଣମାଧ୍ୟମ ଓ ପତ୍ରପତ୍ରିକାରେ ପ୍ରକାଶ କରାଯାଇ ସଚେତନ କରାଯାଉଛି |

ପରିବେଶ ପ୍ରଦୂଷଣ ହେଲେ ଆମ ସଂସ୍କୃତି, ଐତିହ୍ୟ ଧିରେ ଧିରେ ଧ୍ୱଂସ ମୁଖରେ ପଡିବ| ମାନବସମାଜକୁ ଆସନ୍ନ ମୃତ୍ୟୁ କବଳରୁ ରକ୍ଷା କରିବାକୁ ହେଲେ ପରିବେଶର ସୁରକ୍ଷା ସର୍ବାଦୌ କରଣୀୟ | ପରିବେଶ ପ୍ରଦୂଷଣର କୁପରିମାଣ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ସହିତ ଏହାର ସୁରକ୍ଷା ପାଇଁ ଗଣମାଧ୍ୟମ, ଦୂରଦର୍ଶନ ଓ ପାଠ୍ୟପୁସ୍ତକରେ ସ୍ଥାନୀତ କରିବା ସହିତ ତଳସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ସରକାରୀ ସ୍ତରରୁ ବେସରକାରୀ ସଂସ୍ଥା ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନଆଗଲାଣି ତାହା ଅବଶ୍ୟ ସ୍ୱାଗତଯୋଗ୍ୟ ପଦକ୍ଷେପ |

ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ପ୍ରାକୃତିକ ପରିବେଶକୁ ବିଶୁଦ୍ଧ କରିବା ପାଇଁ ସମସ୍ତଙ୍କର ମିଳିତ ଉଦ୍ୟମ ଅବ୍ୟାହତ ରହିଲେ ମାନବ ସଭ୍ୟତାକୁ ରକ୍ଷା କରାଯାଇପାରିବ| ବୁଝିବାକୁ ପଡିବ ଯେ ବନ୍ୟସଂପଦ, ଜଳସଂପଦ, ପ୍ରାକୃତିକ ସଂପଦ ମନୁଷ୍ୟର ଉନ୍ନତି ଓ ସମୃଦ୍ଧିର ମୂଳ ଆଧାର | ଅରଣ୍ୟ ସଂପଦ, ଗଛ, ପାଣି, ପବନ ସମାଜକୁ ଖାଦ୍ୟ ଓ ବଂଚବାର ରାହା ଦିଏ | ବାତ୍ୟା, ବନ୍ୟା, ମରୁଡି, ମହାମାରୀରୁ ରକ୍ଷା ପାଇବାକୁ ହେଲେ ଉଦ୍ଭିଦ ଜଗତର ପ୍ରମୁଖ ଭୂମିକା ରହିଛି | ଏହାକୁ ରକ୍ଷା କରିବା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ପଡିବ | କାରଣ ବ୍ୟକ୍ତିର ସୁଖ, ଦୁଃଖ, ହସ, ଖୁସି, ସଫଳତା, ବିଫଳତା ଜୀବନ ଯାପନ ହିଁ କେବଳ ପରିବେଶ ଉପରେ ନିର୍ଭର କରେ | ଏହାର ସୁରକ୍ଷା ହୋଇପାରିଲେ ମନୁଷ୍ୟ ଧ୍ୱଂସ ପଥରୁ ମୁକ୍ତି ପାଇ ଏକ ନୂତନ ସୁସ୍ଥ ସମାଜ ଗଠନ କରିପାରିବେ ଏଥିରେ ତିଳେମାତ୍ର ସଂଦେହ ନାହିଁ | ପ୍ରକୃତି ଓ ପରିବେଶ ଅଙ୍ଗାଗୀଭାବେ ଜଡିତ | ଏହାର ମହତ୍ୱ ମାନବ ସମାଜ ବୁଝିପାରିଲେ ଧ୍ୱଂସାଭିମୁଖୀ ହେଉଥିବା ପରିବେଶ ଓ ପରିବ୍ୟାଷ୍ଟନୀରୁ ଆମେ ନିଶ୍ଚିତଭାବେ ସୁଫଳ ପାଇପାରିବା|

ଦାଶରଥି ଶତପଥୀ, ଭା.ପ୍ର.ସେ.
ସଚିବ, ଓଡିଶା ବିଧାନସଭା

# ଆହେ ନାରାୟଣ



ଡ. ପ୍ରସନ୍ନ କୁମାର ବଳ

ଏ ଜୀବନ ତୁମ ଦାନ ଆହେ ପ୍ରଭୁ ନାରାୟଣ
କବା ଏତେ ଅଭିମାନ ଏ ମାନବ ମଧ୍ୟେ ଜାଣ ।୧ ।
ଏ ସୃଷ୍ଟିର ସ୍ରଷ୍ଟା ତୁମେ, ତୁମେ ହିଁ ପାଳନ କର୍ତ୍ତା,
ମାର ତୁମେ ରଖ ତୁମେ, ତୁମେ ଦଇବ ବିଧାତା ।୨ ।
କାହାକୁ ତ କେତେ ବାର ଜୀବନ ଦାନ କର ତୁମେ,
ମରୁ ମରୁ ବଞ୍ଚେ ପୁଣି ପୁନଃ ଜନ୍ମ ପାଏ ଜାଣ ।୩ ।
ଏ କରୋନା ତାଣ୍ଡବରେ ଧରା ଡାକେ ତ୍ରାହି ତ୍ରାହି,
ଆହେ ପ୍ରଭୁ ନାରାୟଣ ଦେଖା ଦିଅ ନରହରୀ ।୪ ।
ବୃଦ୍ଧ ବଞ୍ଚେ ଯୁବା ଯାଏ ଏ ଧରା ଧାମକୁ ଛାଡି,
ଇଏ ଅବା କବା ଖେଳ ବୁଝେନା ମୁଁ ନରହରୀ ।୫ ।
ତୁମ ଇଙ୍ଗିତର କ୍ଷଣି ସ୍ତବ୍ଧ ହୁଏ ମହାମାରୀ,
କାହିଁ ଗଲା ସେ ଇଙ୍ଗିତ ପାଷାଣ କ ନରହରୀ ।୬ ।
କେତେ ଦିନ ଦେଖିବ ଏ କ୍ଷୟକ୍ଷତି ସହ୍ୟ କରି,
ତୁମ ସୃଷ୍ଟି ନଷ୍ଟ ହୁଏ  ପାପ ଲାଗେ ନରହରୀ ।୭ ।
କେତେ ଦୟାମୟ ତୁମେ ତାର ତୁଳନା ତ ନାହିଁ,
କ ଗୁଣ ଗାଇବି ତୁମ ମୋର କଛି ଭାଷା ନାହିଁ ।୮ ।
ସାରା ଜଗତର ସାହା ତୁମେ ପ୍ରଭୁ ନାରାୟଣ,
ମନବ ଜାତିର ରାହା କ ଶୁଝିବି ତୁମ ରଣ ।୯ ।

ବିପତ୍ତିରୁ ରକ୍ଷା କର ଏ ଧରାଧାମକୁ ତୁମେ,
ସେଥିପାଇଁ ଏହି ସୃଷ୍ଟି ରହିଅଛି ଆଜିଯାଏଁ ।୧୦।
ହେଲେ ଏବେ କଣ ହେଲା ! କାହିଁ ଗଲା ତୁମ ପ୍ରେମ,
ତୁମ ସନ୍ତାନକୁ ପୁଣି ଟାଣିନଏ କାଳ ଯମ ।୧୧।
ଏତେ କଷ୍ଟ ଦେଇ ତୁମେ ରହିପାର କି ଶାନ୍ତିରେ,
କି ପରୀକ୍ଷା କରୁଅଛ ସର୍ବେ ଅଛନ୍ତି ଦୁଃଖରେ ।୧୨।
ବିଷାଦର କାୟା ପୁଣି ଘୂରିଆଜେ ବିସ୍ତାରିତ,
କୋକୁଆ ଭୟରେ ଲୋକେ କେତେ ହେଉଛି ନହତ ।୧୩।
ବୃଦ୍ଧ ପିତା ମାତା ପୁଣି ହରାଉଛି ଜୀବନଧନକୁ ତାର,
କେତେ ସ୍ତ୍ରୀ ହରାଉଛି ଶଙ୍ଖା, ସିନ୍ଦୁର ଓ ତା ସୁଖ ସଂସାର ।୧୪।
ଅକାଳରେ ଚାଲିଯାଏ କେତେ ଯେ ଜୀବନ
ଛୋଟ ଛୋଟ ପିଲା ହୁଏ ପିତୃ ମାତୃ ହୀନ ।୧୫।
ଯୁଗେ ଯୁଗେ ବାନା ଉଡେ ନ୍ୟାୟର ପ୍ରତିଷ୍ଠା ପାଇଁ,
ସୁଦର୍ଶନ ଚକ୍ର କାହିଁ କରୋନା ନିପାତ ପାଇଁ ।୧୬।
ନାରାୟଣ, ନାରାୟଣ ଡାକଇ ବିକଳ ହୋଇ,
ଶାନ୍ତି ଆଣିଦିଅ ପ୍ରଭୁ ଏ ଧରା ଧାମେ ଗୋସାଇଁ ।୧୭।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ମହାତୀର୍ଥ

ମୂଳ ରଚନା ବଙ୍ଗଳା: ଅମିତ ଦେ
ଓଡ଼ିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ମନ୍ଦିର ପାଖେ ନଦୀ
ନଦୀର ପାଖେ ଶ୍ମଶାନ
ମହାତୀର୍ଥ
ଭସ୍ମ ସ୍ତୂପ।
ପଞ୍ଚଭୂତର ପବିତ୍ର ଛାଇ।

ଚତା ଜଳୁଛି
ଅଗ୍ନି ଗିଳୁଛି ଦେହଭାର
ପାଦ ଦୁଇଟି ବାହାରେ।
ଅଧାପୋଡା
ନିଃଷ୍ପୃହ ଦୃଷ୍ଟିରେ ଗ୍ରହିଁଛନ୍ତି ଶ୍ମଶାନ ଯାତ୍ରୀମାନେ
ଏବେ ଆଉ କେତେ ମାୟା ବାକି ଅଛି।

ବେରୁଆଁବାରୀ, ନୟାଗଡ, ଓଡିଶା

# ଆତଙ୍କ



ଡକ୍ଟର ମନୋରଞ୍ଜନ ବିଷୋୟୀ

କରୋନାର ପ୍ରକୋପ ଠାରୁ
ବଢ଼ିଗଲାଣି ମନର ଭୟ
ସ୍ୱଜାତିର ଦୁର୍ଦ୍ଦଶା ଦେଖି
ଆଖିରୁ ବହୁଛି ଲୁହ
ହେଲେ ଛୁଇଁ ହେଉନି କି
ଦେଖି ହେଉନି ଆତ୍ମୀୟଙ୍କ ମୁହଁ
ସୁଦୂର ପରାହତ ସମସ୍ତଙ୍କ
ଆକାଂକ୍ଷା ଆଉ ମୋହ ।
ଖୁବ୍ ଓଜନିଆ ଲାଗେ
ନିଜକୁ ନିଜ ଦେହ
ଜୀବନ ପାଲଟି ଗଲାଣି
ବ୍ୟର୍ଥ ଦୁର୍ବିସହ
ମାନବ ଭୁଲିଗଲାଣି
ବିଗତ ଅତୀତ ଓ
ଆଗାମୀ ଭବିଷ୍ୟତର ମୋହ ।
ଏବେ ସମୟ କଟୁଛି
ବ୍ୟଥାର ବନ୍ଦନା ଗାଇ
କରୋନାର ଆତଙ୍କ ସହ
କିନ୍ତୁ ଅପେକ୍ଷାରେ ସବୁ
କେବେ ଆମ ଜୀବନ ଉପରୁ
କରୋନାର ହଟିବ ମୋହ ॥

ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର

# ବଦଳ ଯାଉଥିବା ପୃଥିବୀ



ଡକ୍ଟର ବିଜ୍ଞାନୀ ଦାସ

ଫେବୃୟାରୀ ମାସ ୧୮ ତାରିଖ । ମାଘ ସପ୍ତମୀ । "ଆଜି ଅଭିମନ୍ୟୁ ଜୟନ୍ତୀ", ମନେମନେ ବିଗତ ଦିନକୁ ମନେ ପକାଉପକାଉ ଛନ୍ଦା ଅଫିସ୍ ରୁମ୍ ରେ କଂପ୍ୟୁଟର୍ ଅନ୍ କରିବାକୁ ଯାଉଛି ତ ହଠାତ୍ ନନ୍ଦା ଦେଈର ଫୋନ୍ ଆସିଲା । ସେପଟୁ ବାଜା, ଯୋଡି ମହୁରିର ଶବ୍ଦ ଶୁଭୁଥିଲା । ଛନ୍ଦା ପଚ୍ଚରିଲା, "ତୁ କୋଉଠି ଅଛୁ କ ? ଲାଗୁଛି ଯେମିତି ବାହାଘର ଚାଲିଛି । ନା ଟିଭି ଅନ୍ କରିଛୁ ?"

ହସିହସି ନନ୍ଦା କହିଲା, "ଆରେ ନାହିଁ, ମୁଁ ମୋ ନଣନ୍ଦଙ୍କ ପୁଅର ବାହାଘର ପାଇଁ ଏବେ ଭୁବନେଶ୍ୱର ଆସିଛି । ହେଲେ କହତ ମୁଁ ତତେ କାହିଁକି ଫୋନ୍ କଲି ?"

"ଟିକେ ମତେ ଚଢେଇବୁ ବୋଲି ଯେ ତୁ ସେଠି ଏତେ ମଜ୍ଜା କରୁଛୁ । ଆଉ ମୁଁ ଏଠି ଏକୁଟିଆ ।"

ନନ୍ଦା କହିଲା, "ନାରେ, ସେକଥା ନୁହେଁ । ଜାଣିଛୁ, ତୋର ଜଣେ କଲେଜର ସାଙ୍ଗ ମାଳା ସହିତ ଦେଖା ହୋଇଗଲା । ସିଏ ସେ ବୋହୂର ମାଉସୀ । ଆମେ ବହୁତ ସାଙ୍ଗ ହୋଇଗଲୁ। ସେଇଠୁ ତୋ କଥା ମନେ ପଡିଗଲା । ସିଏ ମୋଠୁ ତୋ ଫୋନ୍ ନମ୍ବର ନେଲା। ଡାକବ କେତେବେଳେ ।

ଛନ୍ଦା ଆଶ୍ଚର୍ଯ୍ୟ ହୋଇଗଲା । "ସେଠି କଣ ସବୁ ଖୋଲିଗଲାଣି ? ବାହାଘରରେ ସବୁ ଏତେ ଲୋକ ଆସୁଛନ୍ତି ? ତୁ ଦୂରତା ରଖି ରହୁଛୁ ତ?"

ନନ୍ଦା ହସିଲା । "ଆମ ଦେଶରୁ କରୋନା ବିଦା ହେଇଗଲାଣି । ଏବେ ତ ସବୁ ଖୋଲିଗଲାଣି। ତୁ ଆସୁନୁ ।"

"ଏବେ ତ ଏଠି ଆମେ ଟିକା ନେଇନୁ । କେମିତି ଯିବାକୁ ସାହସ କରିବି ? ପୁଣି ପ୍ରତିଦିନ ସଂକ୍ରମଣ ବଢୁଛି । ଦେଖାଯାଉ ଯଦି ଟିକା ନେଇସାରେ ତ ଯିବାକୁ ଭାବିବି ।"

ନନ୍ଦା କହିଲା, "ଭାବିବୁ କଣ ? ମେ ମାସରେ କୁହୁର ବାହାଘର କରିବୁ ବୋଲି ଯୋଜନା ଚାଲିଛି । ତୁ ସେତେବେଳକୁ ନିଶ୍ଚୟ ଆସିବୁ ।"

ଛନ୍ଦା ସ୍ୱପ୍ନ ଦେଖିବାରେ ଲାଗିଲା । "ଦେଖାଯାଉ, ଯଦି ଟିକା ଦୁଇଟି ଡୋଜ୍ ମେ ମାସ ପୂର୍ବରୁ ନେଇଯାଏ ତ, କୁହୁ ବାହାଘରକୁ ନିଶ୍ଚୟ ଯିବି ।"

ଟିକା ଦୁଇଟି ଡୋଜ୍ ନିଆ ସରିଲା । ସେଇ ଦିନଟା ଥିଲା ୨୦୨୧ ମସିହାର ଏପ୍ରିଲ୍ ୧୩ ତାରିଖ । ଏବେ ସେଇ ଦିନଟି ଚନ୍ଦା ଜୀବନରେ ଅବିସ୍ମରଣୀୟ ହୋଇ ରହିବ । "ଟିକା ନେଇସାରିବା ପରେ ଏଇଟା କରିବି, ସେଇଟା କରିବି, ଡାକ୍ତରକୁ ଦେଖେଇବାକୁ ଯିବି, ଦନ୍ତ ଡାକ୍ତରଙ୍କ ପାଖକୁ ଦାନ୍ତ ସଫା କରିବା ପାଇଁ ଯିବି, ହୁଏତ ଟିକା ନେଇସାରିଥିବା ସାଙ୍ଗସାଥୀଙ୍କ ସହିତ ମିଶି ଘରେ ଗୋଟିଏ ପାର୍ଟି କରିବି", ଏମିତି ଅନେକ ସ୍ୱପ୍ନ ଥିଲା ଛନ୍ଦାର । ଭାରତ ଯାଇ ବୁଲିଆସିବାଟା ସବୁଠାରୁ ବଡ ସ୍ୱପ୍ନ ଥିଲା । ଭାରତରେ ବି ଅବସ୍ଥା ସୁଧୁରି ଆସୁଥିଲା । ରାତିରେ ଛନ୍ଦା, ନନ୍ଦା ଦେଇକୁ ଡାକ ଜଣେଇଦେଲା, "ଏବେ ଦୁଇଟା ଡୋଜ୍ ଟିକା ନେଇଗଲି । କହ ତେବେ କେବେ କୁହୁର ସବୁ ବାହାଘରର ପ୍ରୋଗ୍ରାମ୍ ହେଉଛି। ଟିକେଟ୍ ସେଇ ଅନୁସାରେ କରିବି ।"

ସେତେବେଳେ ଦିଲ୍ଲୀରେ ସକାଳ ହୋଇଥିଲା । ନନ୍ଦାର ଭଲକରି ନିଦ ଛାଡିନଥିଲା । ତେବେ ସିଏ ବହୁତ ଖୁସି ହେଲା । କହିଲା, ମେ ମାସ ୨୭, ୨୮ ତାରିଖ ଦିନ ବାହାଘର ଲଗ୍ନ ଅଛି । ତୋ ଭାଇନା ଜୟପୁରରେ ବାହାଘର କରିବେ ବୋଲି ଭାବୁଛନ୍ତି । ହୋଟେଲ୍ ସହିତ କଥାବାର୍ତ୍ତା ସରିଛି । ତେବେ ଗୋଟିଏ ସପ୍ତାହରେ ସବୁ କିଛି ସ୍ଥିର ହୋଇଯିବ । ତୁ ନିଶ୍ଚୟ ଆସିବୁ । ତାରିଖ ଧାର୍ଯ୍ୟ ହୋଇଗଲା ମାନେ ମୁଁ ତତେ ଜଣେଇବି ।"

ଛନ୍ଦା ମନେମନେ କୁରୁଳ ଉଠିଲା । ଏବେ ଅନେକ ଦିନ ପରେ ସିଏ ଭାରତ ଯିବ । ଗତବର୍ଷ ଏ କରୋନା ଭୂତାଣୁ ପାଇଁ ସବୁ ଗୋଳମାଳ ହୋଇଗଲା । ତେବେ ଏବେ ତ ଭାରତରେ ସବୁ ଖୋଲିଗଲାଣି । କରୋନା ଆଉ ଏତେ ନାହିଁ । ପୁଣି କଛି ଗଡବଡ ହେବା ପୂର୍ବରୁ ଭାରତ ଯାଇ ବୁଲି ଆସିଲେ ହେବ ।

ଏପ୍ରିଲ୍ ୨୦ ତାରିଖ ବେଳକୁ ନନ୍ଦା ଦେଇ ଫୋନ୍ କରି କହିଲା, "ଦିଲ୍ଲୀରେ ଏବେ ଅବସ୍ଥା ବହୁତ ଖରାପ । କରୋନାର ଦ୍ୱିତୀୟ ଲହର ଆସୁଛି ବୋଲି ସମସ୍ତେ କହୁଛନ୍ତି । ଆମ ପଡୋଶୀରେ ବି ଅନେକ ପରିବାରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି । ଆମେ କଣ କରିବୁ ଜାଣିପାରୁନୁ । ଟିକେ ଆଉ ସପ୍ତାହ ଖଣ୍ଡେ ଅପେକ୍ଷା କରୁଛୁ ।"

ସେ ସପ୍ତାହ ଭିତରେ ଅନେକ କଛି ପରିବର୍ତ୍ତନ ହୋଇଗଲା । ଭାରତରେ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକ ଶୋଚନୀୟ ହେବାକୁ ଲାଗିଲା । ଭାରତ ଯିବାର ଯେଉଁ ସବୁ ସ୍ୱପ୍ନ ରହିଥିଲା ଛନ୍ଦାର, ହଠାତ୍ ସେଦିନର ଖବର ପାଇବା ପରେ ସବୁ ଭାଙ୍ଗି ଗଲା ।

ସେ ଖବର ଆମେରିକାର ଫକ୍ସ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେଉଥିଲା ।

କଣ ହେ ?

ଅକ୍ସିଜେନ୍ ନପାଇ ଦିଲ୍ଲୀ ଡାକ୍ତରଖାନାରେ ରୋଗୀଙ୍କର ମୃତ୍ୟୁ ?

ଭାରତରେ ପ୍ରତିଦିନ ଦୁଇ ଲକ୍ଷ ଲୋକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ?

ଉତ୍ତରପ୍ରଦେଶରେ ଏତେ ସଂଖ୍ୟକ ଲୋକ ମରୁଛନ୍ତି ଯେ, ଶବ ସଂସ୍କାର କରିବାକୁ ମଶାଣି ନାହିଁ ? ଉଠା ମଶାଣି କରାଯାଇ ସେଇଠି ହିଁ ସଂସ୍କାର କରାଯାଉଛି ।

ବିଶ୍ୱାସ ହେଉନଥିଲା । ଏଇତ ଠିକ୍ ମାସକ ତଳେ ଭାରତରେ ସମସ୍ତେ କେତେ ମଉଜ, ମସ୍ତି କରୁଥିଲେ । ଲାଗୁନଥିଲା ଯେ ସେଠି କରୋନା ରହିଛି ବୋଲି । ଲୋକ ହୋରି ଖେଳୁଥିଲେ, ବାହାଘର ହେଉଥିଲା । ଜନ୍ମଦିନ ପାଳନ ହେଉଥିଲା । ଫେବୃୟାରୀରେ ଶିବରାତ୍ରି କେତେ ସୁନ୍ଦର ଭାବେ ପାଳନ ହେଉଥିଲା ଓ ତାର ସିଧା ପ୍ରସାରଣ କରାଯାଉଥିଲା ।

ହଠାତ୍ କେମିତି ସବୁ ବଦଳଗଲା ?

କାନାଡାକୁ ଭାରତ ଟିକା ପଠେଇଥିଲା । କାନାଡାରେ ରହୁଥିବା ସାଙ୍ଗସାଥୀମାନେ ସବୁ ଖବର ପଠାଉଥିଲେ କେମିତି କାନାଡା ସରକାର ଭାରତ ପାଇଁ ସ୍ୱତନ୍ତ୍ର ଏକ ପ୍ୟାରେଡ୍ କରିଥିଲା । ଭାରତ ଅନ୍ୟ ଦେଶକୁ ବି ଟିକା ପଠେଇଥିଲା । ଏବେ ଭାରତରେ ଟିକା ନାହିଁ । ଯେମିତି କି "ଆପଣା ବସ୍ତ୍ର ପରକୁ ଦେଇ, ଶିବ ପଳେଇଲେ ଲଙ୍ଗଳା ହୋଇ" ଭଳି କଥା ।

ଏପ୍ରିଲ୍ ୨୦ ତାରିଖରୁ ଖାଲି ଖରାପ ଖବର । ଯେତେବେଳେ ଦେଖ, ସେତେବେଳେ ଭାରତର ଅବସ୍ଥାକୁ ନେଇ ସବୁ ଟିଭି ଚ୍ୟାନେଲ୍‌ରେ, ଇଣ୍ଟରନେଟ୍‌ର ସମ୍ବାଦପତ୍ରରେ ଆଲୋଚନା ।

ହଠାତ୍ କେମିତି ୧୮୦ ଡିଗ୍ରୀ ପରିବର୍ତ୍ତନ ହୋଇଗଲା ?

କୁଆଡେ ଗଲେ ସେ ସାଧୁ, ସନ୍ଥ ମାନେ ?

କୁଆଡେ ଗଲେ ସେ ଆୟୁର୍ବେଦ ବିଶାରଦ ମାନେ ?

କୁଆଡେ ଗଲେ ସେ ସିଦ୍ଧପୁରୁଷ, ସିଦ୍ଧିପ୍ରାପ୍ତ ମାତା ମାନେ, ଯେଉଁମାନଙ୍କର ମନ୍ତ୍ର ଧ୍ୱନିରେ ଅସମ୍ଭବକୁ ସମ୍ଭବ କରାଇବାର କ୍ଷମତା ଥାଏ । କୁଆଡେ ରହିଲେ ଭାରତ ଭୂମିର ସମସ୍ତ ଠାକୁର, ଠାକୁରାଣୀ ମାନେ ?

ବଡ ଅସହାୟ ମନେ କରୁଥିଲା ଛନ୍ଦା । ଦୁଇ ବର୍ଷ ହେଲା ସିଏ ଭାରତ ଯାଇନି । ଏବେ ଟିକା ନେବା ପରେ ଟିକେ ବୁଲିଆସିବାକୁ ଯୋଜନା କରୁଥିଲା ଯେ, ସିଏ ବି ଆଉ ନିକଟ ଭବିଷ୍ୟତରେ ସମ୍ଭବ ହେବାଭଳି ଲାଗୁନି ।

ଛନ୍ଦାର ସ୍ୱାମୀ କେତନ କିନ୍ତୁ ତାଙ୍କ କାମରେ ବ୍ୟସ୍ତ ରହୁଥିଲେ । ସିଏ କଣ ଭାବୁଛନ୍ତି, ସତରେ କିଛି ଅନୁଭବ କରୁଛନ୍ତି କି ନାହିଁ, ଜାଣିବାର ଉପାୟ ନଥିଲା । ଏବେ ତାଙ୍କ ମୁଣ୍ଡରେ କେବଳ ମନ୍ଦିର ଗଢିବାର ଝୁଙ୍କ ଥିଲା ଓ ତାଙ୍କର ଘରେ ଯେ ଜଣେ ପତ୍ନୀ ଅଛି, ତା' ସହିତ ସମୟ ବିତେଇବାର ଅଛି, ତା ମନକୁ ନେଇ କିଛି କରିବାର ଅଛି, ସେସବୁ ସିଏ

ଭୁଲିଯାଉଥିଲେ । ମନେ କେବେ ରଖିଥିଲେ ଯେ, ଏବେ ଭୁଲିଗଲେ ? ଛନ୍ଦାକୁ ସିଏ ସବୁବେଳେ ଏମିତି ଦେଖିଆଲ କରିଦିଅନ୍ତି । ଯେବେ ନିଜ ପରିବାର ସହିତ ଥାଆନ୍ତି, ନିଜ ସାଙ୍ଗସାଥୀରେ ଥାଆନ୍ତି, କି ନିଜ ସଉକରେ ମଜ୍ଜିଯାଆନ୍ତି, ସେତେବେଳେ ସିଏ ଛନ୍ଦାକୁ ଅଣଦେଖା କରନ୍ତି । ସିଏ ଏବେ ମନ୍ଦିର ପାଇଁ ଆସିଥିବା ପୂଜାରୀଙ୍କୁ ଥଇଥାନ କରାଇବାରେ ଲାଗି ପଡିଥିଲେ । ତାଙ୍କ ପାଇଁ ଦୋକାନକୁ କେତେଥର ଗଲେ । ତାଙ୍କୁ ଟିକା ଦେବାକୁ ଟିକାକେନ୍ଦ୍ରକୁ ନେଇକରି ଗଲେ । ତାଙ୍କର ବ୍ୟାଙ୍କ୍ ଏକାଉଣ୍ଟ୍ ଖୋଲା ହେବ, ସେଥିପାଇଁ ବି ସିଏ ତାଙ୍କୁ ବ୍ୟାଙ୍କକୁ ନେଇକରି ଗଲେ ।

ରକ୍ଷା ଯେ ଦୁଇଟି ଡୋଜ୍ ଟିକା ନେଇଥିଲେ । ତାବୋଲି କଣ ଏତେଟା ଏପଟସେପଟ ହେବାଟା ଭଲ ? ଆଗେ ପ୍ରତି ୧୪ ଦିନରେ ଥରେ ଦୋକାନ ଯାଉଥିଲେ ଗ୍ରୋସରୀ ପାଇଁ । ଏବେ ସପ୍ତାହରେ ବି ଦୁଇ, ତିନ ଥର ଯିବାକୁ ପଡିଲା । ହେଲେ ଛନ୍ଦା କିଛି କହୁନଥିଲା । ଇଏ ତ ଠିକ୍ ସମୟ ନୁହେଁ । ଲୋକଙ୍କର ମାନସିକ ସ୍ଥିତି ବି ସନ୍ତୁଳିତ ହୋଇ ରହୁନି । ଏ ସମୟରେ ଭଲ କଥା ବି ଭେଲ ହୋଇଯିବାକୁ କ୍ଷଣଟିଏ ଲାଗିବନି । ଭଲ ସଂପର୍କ ଖରାପ ହୋଇଯିବାକୁ ବି ଖାଲି ଗୋଟିଏ ଶବ୍ଦ ମଧ୍ୟ ଯଥେଷ୍ଟ ହୋଇଯିବ ।

ଛାଡ, ଏବେ ସେସବୁ ଭାବିବା ଉଚିତ ହିଁ ନୁହେଁ । କାହା ଉପରେ ରାଗ, ଅଭିମାନ କରିବା ବି ଉଚିତ ନୁହେଁ । ବାସ୍, ଭାବ ଯେ ଜୀବନଟା ଏବେ ଅଛି, ଆଜି ଅଛି, କାଲି କଣ ହେବ, ଜଣା ନାହିଁ । ତେଣୁ ଏଇ ଯେଉଁ ସମୟ ପାଖରେ ଅଛି, ମୂହୁର୍ତ୍ତ ସୁଯୋଗ ଦେଇଛି, ସେ ସୁଯୋଗ ନେଇଯାଅ, କୃତକୃତ୍ୟ ହୋଇଯାଅ ଓ ଖୁସି ଜଗାଉଥିବା କାମରେ ନିଜକୁ ନିୟୋଜିତ କର ।

ତଥାପି କେତନି ସପ୍ତାହରେ ଏତେଥର ବାହାରକୁ ଯିବାବେଳେ ମନରେ ସ୍ୱତଃ ଆଶଙ୍କା ଆସିଯାଉଥିଲା । ତାପରେ ସିଏ ବି ସମୟେ ସମୟେ ଅତି ଭୋଳା ହୋଇଯାଆନ୍ତି । ଆଗପଛ କିଛି ନ ଭାବି କିଏ ଯଦି କେତେବେଳେ ଟିକେ ଉସୁକେଇଦିଏ, ସେ କଥାରେ ମଜ୍ଜିଯାଆନ୍ତି ।

ଏବେ ସାଙ୍ଗସାଥୀ ଯାହାକୁ ଫୋନ୍ କଲେ, ତା' ପରିବାରରେ କେହି ନା କେହି କରୋନା ଦ୍ୱାରା ଆକ୍ରାନ୍ତ । ଏମିତି ଅସହାୟତାର ସମୟ ଆସିଯିବ, ସେସବୁ କଳ୍ପନାର ବାହାରେ ।

ବିଶେଷ କରି ଟିକା ଆବିଷ୍କାର ହେବା ପରେ । ଏବେ ଯେଉଁଠି ଦେଖ, ଖାଲି ଅକ୍ସିଜେନ୍ ଆଲୋଚନା । ଅକ୍ସିଜେନ୍ ସିଲିଣ୍ଡର୍ ଦରକାର, ଅକ୍ସିଜେନ୍ କନସେନ୍‌ଟ୍ରେଟର୍ ଦରକାର, ହସ୍‌ପିଟାଲ୍ ରେ ଅଧିକ ଶଯ୍ୟା ଦରକାର । ଆଇ.ସି.ୟୁରେ ଅଧିକ ଶଯ୍ୟା ଦରକାର । ହଠାତ୍ ଏତେ ସବୁ ଦରକାର ହୋଇଗଲେ, କେଉଁଠୁ ଆସିବ ? ଏକଥା କଣ ଲୋକମାନଙ୍କର, ସରକାରଙ୍କର ଆଗରୁ ଭାବିବାର ନଥିଲା ?

ଯଦିଓ "ଗ୍ରେର ପଳେଇଲେ ବୁଦ୍ଧି ବାହାରେ" କଥା ଭଳ, କଏ ଜାଣିଥିଲା କରୋନା ପରିସ୍ଥିତି ଭଲ ହେଉଥିବା ସମୟରେ ହଠାତ୍ ଏମିତି ଗତିପଥ ଓଲଟିଯିବ ? ଦୁର୍ଘଟଣା କଏ କଣ ଜାଣିଜାଣି ଘଟାଏ ? ସିଏ ସେମିତି ଘଟିଯାଏ ।

ଯାହା ଘଟିବାର ଥିବ, ତାହା ଯେମିତି ହେଲେ ବି ଘଟିବ । ବିନାଶ କାଳେ ବିପରୀତ ବୁଦ୍ଧି। ଦେଶର ଶତକଡା ଅଠାନବେ ଭାଗ ଟିକା ନେଇ ନଥିବା ସମୟରେ ଏତେଟା ଦେଖେଇହେବାର କଣ ଦରକାର ଥିଲା ? କଣ ନା କୁମ୍ଭମେଳା ମୁକ୍ତି ଦେବ । ସତୁରି ଲକ୍ଷ ଲୋକ କୁମ୍ଭମେଳାରେ । ସେ ସତୁରି ଲକ୍ଷ ଲୋକଙ୍କୁ ତ କରୋନା ହବ ହିଁ ହବ । ଆଉ ସେମାନେ ଅନ୍ୟମାନଙ୍କୁ ଦେବେ । ଇଏତ ସିଧା ସରଳ ଗଣିତ, କିଛି ବି ଜଟିଳତା ନାହିଁ । ଏତିକ କଣ କେହି ବୁଝି ପାରିଲେନ । ତେବେ ଭାରତର ଏ ଶୋଚନୀୟ ପରିସ୍ଥିତି ଅନ୍ୟ ଦେଶମାନଙ୍କ ପାଇଁ ଗୋଟିଏ ଉଦାହରଣ ହୋଇ ରହିବ। ବିନା ପ୍ରସ୍ତୁତିରେ ଏତେଟା ଫୁଲେଇ ହେବା, ଦେଖେଇ ହେବାରେ ଅବସ୍ଥା ଯେମିତି ହୁଏ, ସେଥିରୁ କଣ ଆଉ ନିସ୍ତାର ମିଳିବ । ତାପରେ ଭଗବାନ ବି କାହାର ଅହଂକାର ସହିପାରନ୍ତି ନାହିଁ । ଭାରତୀୟ ମାନଙ୍କର ଅହଂକାର, "ଆମେ ସବୁ ଆୟୁର୍ବେଦ ଔଷଧ ଓ ଚେରମୂଳ ଖାଇ ଯଥେଷ୍ଟ ରୋଗ ପ୍ରତିରୋଧକ ଶକ୍ତି ଅର୍ଜନ କରିଛୁ । ଆମର କିଛି ବି ହବନାହିଁ । କରୋନା ଫରୋନା । ସିଧା ଦି ହାତ ଦୂରରେ ରହିବ ।" ହେଲେ ଏବେ ଦେଖ କଣ ହେଲା ?

ଛନ୍ଦା ସେ ଫୁଲେଇ ହେବା ପାଇଁ ବୁଦ୍ଧି ଶିଖିଛି । ସେଥିପାଇଁ ସିଏ ଅତି ଖୁସିର ମୂହୂର୍ତ୍ତରେ ଫୁଲେଇ ହୁଏନ କି ଅହଂକାର କରେନ । କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରେ । "ହେ ଭଗବାନ, ଏ ଖୁସିର ମୂହୂର୍ତ୍ତ ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ । ଏ ସଫଳତା ପ୍ରାପ୍ତି କେବଳ ଆପଣଙ୍କ ଆଶୀର୍ବାଦର ଫଳ । ଯଦିଓ ମୁଁ ସବୁ ପରିଶ୍ରମ କରିଛି, ତେବେ ସେ ପରିଶ୍ରମର ଫଳ ଆପଣଙ୍କ ଆଶୀର୍ବାଦ ବିନା କେବେବି ପ୍ରାପ୍ତ ହୋଇନଥାନ୍ତା ।"

ଜୀବନରେ ଏମିତି ଧକ୍କା ଖାଇଛି ଯେ ସିଏ, ସେସବୁ ଭୁଲିବା ଏତେଟା ସହଜ ନୁହେଁ । ବିଶେଷ କରି ଗୁଳଶି ବର୍ଷ ତଳେ, ନନ୍ଦା ଦେଈର ବାହାଘର ବେଳେ । ସେତେବେଳକୁ ମେ ମାସ । ସେ ସମୟରେ ଗରମ ହେଉଥିଲା ସତ, ହେଲେ ଆଜିକା ମେ' ମାସ ଭଳ ଗରମ ନୁହେଁ । ସେ ବର୍ଷ ତା' ବଡ ଭଉଣୀ ନନ୍ଦା ଦେଈର ବାହାଘର ଥିଲା । ଘରେ ପ୍ରଥମ ବାହାଘର । କେତେ ପ୍ରସ୍ତୁତି । ଛନ୍ଦାର ଗୋଡ ତଳେ ଲାଗୁନଥାଏ । ନନ୍ଦା ଦେଈ ତ ଲାଜ କରୁଥାଏ । ହେଲେ ଛନ୍ଦାର କଚେବାର । ଗାଁରେ କଏ ସାଇପଡିଶାରେ ଖାଇବାକୁ ଡାକଲେ, ନନ୍ଦା ଦେଈ ଲାଜ କରି କଛି ଖାଏନ । ସବୁ ସୁସ୍ୱାଦୁ ଜିନଷ ପଡେ ଛନ୍ଦା ଭାଗ୍ୟରେ । ଛନ୍ଦାର ପରିବାର ସେ ଗାଆଁରେ ସ୍ୱଚ୍ଛଳ ପରିବାର । ତା' ର କଛି ସାଙ୍ଗସାଥୀଙ୍କର ପରିବାରରେ ଅଭାବ, ଅନାଟନ ଲାଗି ରହିଥାଏ । କାହା ବାପା କଲିକତାରେ ଥାଏ ତ, କାହା ବାପା ଗୁଜୁରାଟରେ । ସେମାନେ କେବେକେବେ ଟଙ୍କା ପଠାନ୍ତି। ସେ ଟଙ୍କା ଠିକ୍ ସମୟରେ ପହଞ୍ଚେ ନାହିଁ । ଛନ୍ଦା ସେମାନଙ୍କୁ କହିଥାଏ, "ମୋ ଦେଈର ବାହାଘରରେ ସମସ୍ତେ ଆସି ତିନଦିନ ଯାକ ଆମ ଘରେ ରହିବ । ବଢିଆ ବଢିଆ ଖାଇବା ଖାଇବ, ଖିରି, ପୁରି, ବୁନ୍ଦି, ରସଗୋଲା, ମାଛ, ପୋଟଳ ଭଜା ଯାହାକୁ ଯେତେ ।

ଛନ୍ଦାର ବାପା ବି ସେମିତି ବହୁତ ପ୍ରସ୍ତୁତି କରିଥାନ୍ତି । ଗିରିଧାରୀ ମଙ୍ଗରାଜର ଝିଅ ବାହା ହେଉଛି । କଣ କମ୍ କଥା । ଗାଁ ବାଲା ଯିଏ ଯେତେ ଖାଇବ, ଖାଉ । ଧୋବା, ବାରିକ, ବ୍ରାହ୍ମଣ ଯିଏ ଯେତେ ନେବ, ନେଉ । ବନ୍ଧୁବାନ୍ଧବ ସମସ୍ତଙ୍କର ନୂଆ ଧୋତି, ଶାଢୀ ହେଉ। ବାପା ବି ନଜ ସାଙ୍ଗସାଥୀ ସମସ୍ତଙ୍କୁ କହୁଥାଆନ୍ତି, "ଜାଣିଲ ଶ୍ୟାମ, ଦାମ, ଜୁଆଇଁ ଆମର ଇଞ୍ଜିନୟର୍ । ଏ ଗାଁର ପ୍ରଥମ ଇଞ୍ଜିନୟର୍ ଜୁଆଇଁ । ସଜାସଜି, ବାଣ ଫୁଟା, ରୋଶଣିରେ ଜମା ବି କମ୍ କରିବନ । କଟକରୁ ଫୁଲ ମଗାଅ, ପେଟ୍ରୋମାକ୍ସ ଲାଇଟ୍ ସବୁ ମଗାଅ, ସବୁଠୁ ଭଲ ବ୍ୟାଠ୍ପାର୍ଟିକୁ ବରାଦ ଦିଅ । ଖର୍ଚ୍ଚକୁ ଜମା ଡରନ ।"

ଶନବାର ଦିନ ବର ଆସିବ । ଶୁକ୍ରବାର ଦିନ ସେ ବାଲିଆ ଗାଁ ଖାଲି ଦୁଲୁକୁଚ । ସକାଳୁ ମାଇକ୍ ବାଜୁଛି । ସେଥିରେ କେତେ ରକମର ବାହାଘର ଗୀତ ସବୁ ବାଜୁଥାଏ । ବେଳେବେଳେ ମାଇକ୍ ଗୀତ ବନ୍ଦ ହୋଇଯାଇ ଯୋଡି ମହୁରୀର ଝଙ୍କାର ଶୁଭୁଥାଏ । ଘରସାରା ବନ୍ଧୁବାନ୍ଧବ ଭର୍ତ୍ତି । ଦାଣ୍ଡର ସାମିଆନା ଟଣା ଯାଇ ଦେବଦାରୁ ପତ୍ର ଓ କାଗଜ ଫୁଲରେ ସବୁ ସଜା ଯାଇଥାଏ । ଘରେ ଚଟା ପଡି "ନନ୍ଦିନୀ ଓ ନରେନ୍ଦ୍ରଙ୍କର ଶୁଭ

ପରିଣୟ" ଲେଖା ହୋଇଥାଏ । ଛନ୍ଦା ତା' ସାଙ୍ଗସାଥୀମାନଙ୍କ ସହିତ ଖାଲି ବୁଲିବୁଲି ବିଭିନ୍ନ ଖାଦ୍ୟସବୁ ଖାଉଥାଏ ।

ମଝିରେ ମୁଖ୍ୟ ରାନ୍ଧୁଣିଆ ହରି କକା ଆସି ବାପାଙ୍କ ପାଖରେ କହିଥିଲେ, "ଛନ୍ଦା ମା' ସାଙ୍ଗ ମାନେ ଅଧା ମାଛ ଭଜା ଖାଇଦେଲେଣି । ବରଯାତ୍ରୀଙ୍କୁ କମ୍ ପଡିପାରେ ।"

ବାପା କହିଲେ, "ସେସବୁ କଥା ଜମା ଚନ୍ତା କରନ କକା । ମାଛ ବହୁତ ଆସିଛି । ଜମା କମ୍ ପଡିବନ । ଆମ ସାହି ନମନ୍ତ ପରେ ହରିପୁରରୁ ଆହୁରି ମାଛ ଆସି ପହଞ୍ଚିବ ।"

ସନ୍ଧ୍ୟାବେଳେ ଘର ଅଗଣା ପେଟ୍ରୋମାକ୍ସ୍ ଲାଇଟରେ ଆଲୋକିତ ହୋଇଉଠିଲା । ରଙ୍ଗବେରଙ୍ଗ ଶାଢୀ ପିନ୍ଧି ସାଇର ମାଇପି ମାନେ ଆସି ନନ୍ଦାକୁ ଦେଖି ଯାଉଥାଆନ୍ତି । ମିଣିପେ ଆସି ହଜାର କଥା କହୁଥାଆନ୍ତି । ଖିଆପିଆ ଲାଗିଥାଏ । ମୁନା ଦାଦା ଏତିକିବେଳେ କଟକରୁ ଆସି ପହଞ୍ଚିଲେ । ତାଙ୍କର କଣ କାମ ଥିଲା ବୋଲି ଆଗରୁ ଆସିପାରିନଥିଲେ । ସିଏ ବାପାଙ୍କୁ କହିଲେ, "ଭାଇ, ରେଡିଓରେ ଶୁଣିଲି, କଣ ଝଡ, ବାତ୍ୟା ହେବାର ଅଛି ବୋଲି । ଆପଣ ସେଥିପାଇଁ କିଛି ପ୍ରସ୍ତୁତି କରିଛନ୍ତି କି ନାହିଁ । ବାହାଘର ମଣ୍ଡପ ତ ବାହାରେ ହୋଇଛି । ହେଲେ ଯଦି ଦରକାର ପଡେ, ଘର ଭିତରେ ବେଦୀ କରିବାର ବନ୍ଦୋବସ୍ତ କରିଥାଆନ୍ତୁ ।"

ବାପା କିନ୍ତୁ ଏସବୁ ହାଲୁକା ଭାବେ ନେଲେ । "ସେ ଝଡ ଉପକୂଳ ଅଞ୍ଚଳକୁ ହେଇପାରେ । ହେଲେ ମୋ ଜନ୍ମକାଳ ଭିତରେ ମୁଁ ମଇ ମାସରେ ଆମ ଆଡେ ଝଡ, ବାତ୍ୟା ହେବାର ଦେଖିନ । ତୁ ଚନ୍ତା କରନା । ଆମ ଭାଗବତ ମହାପ୍ରଭୁ ଅଛନ୍ତି । ସିଏ ସବୁ ଠିକରେ କରେଇବେ ।

ମୁନାଦାଦାଙ୍କ ସାନପୁଅ ବରଧରା ପାଇଁ ଯିବାକୁ ପ୍ରସ୍ତୁତ ହେଉଥାଏ । ଛନ୍ଦାର ଗାଁରେ ବର ରାତିରେ ଭୋରରୁ ହିଁ ଆସି ପହଞ୍ଚେ । ସକାଳ ନ ହେଉଣୁ ବାହାଘର ବିଧି ଆରମ୍ଭ ହୋଇଯାଏ । ସେଥିପାଇଁ ମୁନା ଦାଦା ଚନ୍ତିତ ହେଲେ । ବରଧରା ପାଇଁ ସମସ୍ତେ ସାଇକେଲ୍ ରେ ଯିବାର ଥିଲା । ରାତିରେ ଅନ୍ଧାର ରାସ୍ତାରେ ଏତେବାଟ ଯିବେ । ଯଦି ବାଟରେ ଝଡ ତୋଫାନ ଆସିଯାଏ ତ ? ସିଏ କିନ୍ତୁ ବାପାଙ୍କ କଥା ଉପରେ କଥା କହି ପାରିଲେନ ।

ବରଧର୍ରେ ବାରିକ ଓ ପୁରୋହିତ ମଧ ଯାଉଥିଲେ । ମୁନାଦାଦା ସେମାନଙ୍କୁ ଛତା ଦେଇ ପଠେଇଲେ ଓ ଯଦି ଝଡ ତୋଫାନ ଆସେ, ତେବେ ସେମାନେ କୋଉଠି ହେଲେ ରେଡିଓରେ ଖବର ଶୁଣି ଅନୁରୂପ ବ୍ୟବସ୍ଥା କରିବେ ବୋଲି ସେମାନଙ୍କୁ କହି ବିଦାୟ ଦେଇଥିଲେ ।

ରାତିସାରା ସେମିତି କୋଳାହଳ ଚାଲିଥାଏ । କିଛି ଲୋକ ଢୁଳାଉଥାଆନ୍ତି । କିଛି ଲୋକ ବି ଶୋଇ ପଡିଥାଆନ୍ତି । ଆରମ୍ଭ ହେଲା ସୁ ସୁ ଗର୍ଜନ । ତାପରେ ତ ଏମିତି ଜୋରରେ ତୋଫାନ ହେଲା ଯେ, ତାହା ଅବର୍ଣ୍ଣନୀୟ । ଅଗଣାର ସବୁ ସାଜସଜ୍ଜା କ୍ଷଣକରେ ଛିନ୍ଛତର ହୋଇ ପବନରେ ଉଡିବୁଲିଲା । ଯେଉଁମାନେ ଛାତ ଉପରେ ଶୋଇଥିଲେ, ସମସ୍ତେ ତଳକୁ ଆସିଲେ । ଏତେ ଲୋକଙ୍କୁ ଘର ଭିତରେ ଶୋଇବାକୁ ଜାଗା କୋଉଠି ? ସମସ୍ତେ ସେମିତି ଜାକୁଜୁକ ହୋଇ ବସିବା ଅବସ୍ଥାରେ ଶୋଇଲେ । ସେଭଳି ଅସମୟରେ ଅଧିକ ଖାଇଦେଇଥିବାରୁ କ କଣ, ଛନ୍ଦା ଓ ତା' ସାଙ୍ଗ ସମସ୍ତଙ୍କର କାହିଁକି ଝାଡା, ବାନ୍ତି ଆରମ୍ଭ ହୋଇଗଲା । ସେ ସମୟରେ ତ ଆଉ ଘରେ ପାଇଖାନା ନଥିଲା । ଏବେ ଏତେ ରାତିରେ, ଏ ଝଡ ତୋଫାନରେ ବାଡିକୁ କଏ ଯିବ ଝାଡା କରିବା ପାଇଁ ? ସେତେବେଳେ ଛନ୍ଦା ଏମିତି ଅସହାୟ ହୋଇଗଲା ଯେ, ସେସବୁ ମହାଭାରତର ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟର ଅସହାୟତା ଠାରୁ ଅଧିକ ବୋଲି ତାର ମନେହେଲା । ସିଏ ଖାଲି ରାତିସାରା ଭାଗବତ ଗୋସେଇଁଙ୍କୁ, ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା, "ପ୍ରଭୁ ହେ, ମୋ ଝାଡାବାନ୍ତି ବନ୍ଦ କରିଦିଅ । ଏ ଝଡ ତୋଫାନରେ, ମୋ ଉପରେ ଟିକେ ଦୟାକର ନାରାୟଣ । ମୁଁ ପାଞ୍ଚଟା କଦଳୀ ଭୋଗ କରିବି ।"

ସେତେବେଳେ ବାପା ବି ଚିନ୍ତିତ ଦେଖାଗଲେ । "ଆରେ, ବର ଆସିବ କେମିତି ? ଏତେବେଳକୁ ବରଧର ତ ପହଞ୍ଚି ଯାଇଥିବ, ହେଲେ ଏ ତୋଫାନରେ ସେଠୁ ବରଯାତ୍ରୀ ଓ ବର ବାହାରିବେ କେମିତି ? ଶୋଭାଣି ହେବ କେମିତି ?" ସିଏ ବି ଅସହାୟ ହୋଇ ଭାଗବତ ଗୋସେଇଁଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ ।

ରାତିସାରା ଆଉ କେତେକଙ୍କର ବି ଝାଡା, ବାନ୍ତି ହେଲା । ମୁନାଦାଦା ରେଡିଓ ଶୁଣୁଥାଆନ୍ତି । ସିଏ ଖବରଦେଲେ, "ସକାଳ ପୂର୍ବରୁ ଏ ତୋଫାନ କମିବ ନାହିଁ । ତାପରେ ବି ବର୍ଷା ଲାଗିରହିବ । ବର ଓ ବରଯାତ୍ରୀ ଆସିଲେ, ସେମାନଙ୍କ ପାଇଁ ଦାଣ୍ଡ ଘରେ ବ୍ୟବସ୍ଥା

କରିବାକୁ ପଡିବ । ମୁଁ ପୁରୋହିତଙ୍କୁ କହିଥିଲି ଯେ, ସିଏ ରେଡିଓ ଶୁଣୁଥିବେ ଓ ସେଇ ଅନୁଯାୟୀ ବ୍ୟବସ୍ଥା କରିବେ । ଦେଖାଯାଉ, କେତେବେଳେ ସେମାନେ ଆସି ପହଞ୍ଚୁଛନ୍ତି ।"

ସକାଳକୁ ଝଡ ତୋଫାନ ଛାଡିଗଲା । ହେଲେ ବର୍ଷା ଲାଗି ରହିଲା । ନରେନ୍ଦ୍ର ଭାଇ ବର ହୋଇ ଆସି ବଡ ଦୟନୀୟ ଭାବେ ପହଞ୍ଚିଲେ । ନା ବାଣ ଫୁଟା, ନା ରୋଶଣି । ନା ବାହାଘର ନାଚ, ନା ବରଯାତ୍ରୀଙ୍କର ଗହଳ । ଅତି ଦୟନୀୟ ଭାବେ, ନଗ୍ନଡମ୍ବର ଭାବେ ନନ୍ଦା ଦେଇର ବାହାଘର ହୋଇଗଲା । ସେଦିନ ଛନ୍ଦା ଓ ତା ସାଙ୍ଗମାନେ ଝାଡା, ବାନ୍ତିକୁ ଡରି ଖାଲି ଲେମ୍ବୁ ପାଣି ପିଇ ରହିଲେ ।

ବାପା ସେଇଦିନଠାରୁ ଏମିତି ବଦଳଗଲେ ଯେ, ଭାବିହେବନ । ଛନ୍ଦାର ବାହାଘରର ସମସ୍ତ ଦାୟିତ୍ୱ ସିଏ ମୁନାଦାଦାଙ୍କୁ ଦେଇଦେଇଥିଲେ । କହିଥିଲେ, "ମୁଁ ଗୋଟିଏ ଅଭାଗା ବୋଧହୁଏ। ମୁଁ ଯେଉଁ କାମ ନେଲେ, ଭଗବାନ ମୋ ଉପରେ ଦାଉ ସାଧନ୍ତି । ତୋର ବିଗୁର, ବୁଦ୍ଧି ଅଧିକ । ତୁ ସେ ଦାୟିତ୍ୱ ନେ ।"

ଛନ୍ଦାର ବାହାଘର ମାଘ ମାସରେ ହୋଇଥିଲା । ସେତେବେଳେ ଯଦିଓ ଶୀତ ଥିଲା, ତଥାପି ବର୍ଷା ହେବାର ସମ୍ଭାବନା ହିଁ ନାହିଁ । ନନ୍ଦା ଦେଇର ବାହାଘର ସମସ୍ତଙ୍କ ପାଇଁ ଗୋଟିଏ ଶିକ୍ଷା । ସେଇଦିନରୁ ଘରେ ସମସ୍ତେ ଅହଂକାର ଛାଡିଦେଲେ । ସତରେ, ମଣିଷ ହାତରେ କଣ ଅଛି । ଯେତେ ଯାହା କର, ଈଶ୍ୱର ନ ଗ୍ରହିଁବା ଯାଏ, କଛି ବି ସମ୍ଭବ ନୁହେଁ ।

ଏତେ ବର୍ଷ ପରେ ବି ଛନ୍ଦା ସେ ସମୟର ଅସହାୟତା କଥା ମନେ ପକେଇ ଶିହରି ଉଠିଲା। ହେଲେ ଦେଖ ତ, ଏବେ ସେ ନନ୍ଦା ଦେଇର ଭାଗ୍ୟ ବି ତା' ଝିଅ କୁହୁକୁ ଡେଇଁଲା। ନୁହେଁ ତ କଣ ? ନନ୍ଦା ଦେଇର ଗୋଟିଏ ପୁଅ, ଗୋଟିଏ ଝିଅ । ଝିଅଟି ବଡ । କେତେ ସ୍ୱପ୍ନ ଦେଖିଥିଲା ତା' ବାହାଘର କରିବାକୁ । ଝିଅଟି ବି ବଡ ବୁଦ୍ଧିମତୀ । ସିଏ ବି ତା' ବାପାଙ୍କ ଭଳ ଇଞ୍ଜିନିୟର୍ ହୋଇଛି । ନନ୍ଦା ଦେଇର ବାହାଘରରେ ଯେମିତି ଦୁର୍ଦ୍ଦଶା ହୋଇଥିଲା, ସେମିତି ବି କାହା ବାହାଘରରେ ନହେଉ । ସେଇଥିପାଇଁ ତ ଭାଇନା ହୋଟେଲ୍ ଭିତରେ ବାହାଘର କରିବାକୁ ଗ୍ରହୁଁଥିଲେ । ତାହେଲେ ବାହାରର ପାଗ ଯାହା ହେଲେ ବି ଭିତରର କାର୍ଯ୍ୟକ୍ରମକୁ ପ୍ରଭାବିତ କରିପାରିବନ ଓ ସିଏ ଯେମିତି ହଟହଟା ଭାବେ ବର

ହୋଇ ଯାଇଥିଲେ, ସେମିତି ହବନ । ତେବେ ଦେଖ, ଏ ସମୟରେ ଏ କରୋନା କୁଆଡେ ଥିଲା, ମାଡିଆସିଲା ।

ଯେବେ ବି ନରେନ୍ଦ୍ର ଭାଇ କାହା ବାହାଘରରେ ଯାଇଥାନ୍ତି, ନିଜ ବାହାଘର କଥା ମନେ ପକାନ୍ତି ଓ ଦୁଃଖ ପ୍ରକାଶ କରନ୍ତି । ଛନ୍ଦା ତାଙ୍କୁ ଉଭୟ ଥଟ୍ଟା ଓ ସତ ମିଶେଇ କହେ, "ହଁ, ଭାଇ, କୁହୁ ଓ କାବୁଲର ବାହାଘର ଆପଣ ବଡ ହୋଟେଲ୍ ଭିତରେ କରିବେ । ତେଣିକି, ବର୍ଷା ହେଉ, ଧୂମାଳ ହେଉ, ବାହାରେ ଯାହା ହେଉଛି ହେଉ, ଆମେ କିନ୍ତୁ ସମସ୍ତେ ହୋଟେଲ୍ ଭିତରେ ସୁରକ୍ଷିତ ରହିଥିବା ଓ ମହା ଯାକଜମକରେ ବାହାଘରରେ ମଜ୍ଜା କରିବା।"

ଏ ଭିତରେ ଆଉରି ତିନି ସପ୍ତାହ ବିତିଗଲାଣି । ଭାରତର ଅବସ୍ଥା ସୁଧୁରିବ କଣ, ଏବେ ଦିନକୁ ଦିନ ଅଧିକ ଶୋଚନୀୟ ହେଉଛି । ଏବେ ପୁଣିଥରେ ଦିଲ୍ଲୀ ସହର ଓ ଅନ୍ୟାନ୍ୟ ସହର ସବୁ ଲକ୍‌ଡାଉନ୍ କରାଯାଇଛି । ନନ୍ଦା ଦେଇ ମାନସିକ ସ୍ତରରେ ବଡ ଦୁଃଖିତ ଅଛି ଓ ଡରିଯାଇଛି । ଭାରତରେ ପ୍ରତିଦିନର ସଂକ୍ରମଣ ଚାରି ଲକ୍ଷରୁ ଅଧିକ ହେଲାଣି । ଯେମିତି ସାରା ଦେଶକୁ କରୋନା ଜିଭ ଲହଲହ କରି ଗ୍ରାସ କରିବାରେ ଲାଗିଛି ।

ମେ ୧୪ ତାରିଖ । ଟିଭିରେ ପ୍ରସାରିତ ହେଉଥିଲା, "ବାଇଡେନ୍ ଘୋଷଣା କରିଛନ୍ତି, ଯେଉଁମାନେ ସଂପୂର୍ଣ୍ଣ ଭାବେ ଟିକା ନେଇସାରିଛନ୍ତି, ଫାଇଜର୍ ଓ ମଡର୍ଣ୍ଣାର ଦୁଇଟି ଡୋଜ୍ ଜନ୍‌ସନ୍-ଜନ୍‌ସନ୍‌ର ଗୋଟିଏ ଡୋଜ୍ ନେଇସାରିବାର ଦୁଇ ସପ୍ତାହ ଅତିକ୍ରମ କରିସାରିଛନ୍ତି, ଏବେ ସେମାନେ ବିନା ମୁଖାରେ ସବୁକିଛି କରିପାରିବେ । ରେଷ୍ଟୁରାଣ୍ଟ ଯାଇପାରିବେ, ଦୋକାନ ବଜାର ଯାଇପାରିବେ, ଅଫିସ୍ ଯାଇପାରିବେ, ଚର୍ଚ୍ଚ ଓ ମନ୍ଦିର ଯାଇପାରିବେ ।

ସେପଟେ ଭାରତରେ ଗଙ୍ଗାନଦୀରେ ବହୁ ମୃତ ଦେହ ଭାସୁଥିବାର ଦେଖିବାକୁ ମିଳଥିଲା ଓ ସେସବୁ ବିଭିନ୍ନ ମିଡିଆରେ ପ୍ରସାରିତ ହେଉଥିଲା । ନନ୍ଦା ଦେଇ ଟେକ୍‌ସ୍‌ଟ୍ ମେସେଜ୍ ପଠେଇଥିଲା, ଦିଲ୍ଲୀର ଅବସ୍ଥା ଭୟାବହ ରୂପ ଧାରଣ କରିଛି। ଏବେ ସେମାନେ ସମସ୍ତେ ଘର ଭିତରେ ଆବଦ୍ଧ । ସମସ୍ତେ ତ୍ରସ୍ତ, ଶଙ୍କିତ । ଭବିଷ୍ୟତ କଣ ହେବ, କିଛି କହିହେଉନି ।

ଭାରତର ପରିସ୍ଥିତି ଚିନ୍ତା କରି ମନଟା ଏମିତି ବିବ୍ରତ ହେଉଥିଲା ଯେ, ତାକୁ ପରିବର୍ତ୍ତନ କରିବା ପାଇଁ କିଛି ଗୋଟିଏ ଉପାୟ ଛନ୍ଦା ଖୋଜୁଥିଲା ।

ଆମେରିକାରେ ଏବେ ଟିକେ କଟକଣା କୋହଳ ହୋଇ ଆସୁଥିଲା । ମେରୀଲାଣ୍ଡ ରାଜ୍ୟର ଗଭର୍ଣ୍ଣର୍ ଲାରି ହୋଗାନ୍ ମେ ମାସ ପନ୍ଦର ତାରିଖରୁ ସବୁ କଟକଣା କୋହଳ ହୋଇଯିବାର ଘୋଷଣା କଲେ । ମେରୀଲାଣ୍ଡରେ ଶତକଡା ୪୧.୪ ଭାଗ ବ୍ୟକ୍ତି ଟିକା ନେଇସାରିଲେଣି । ତେଣୁ କରୋନା ବ୍ୟାପିବାର ସମ୍ଭାବନା କମ୍ ।

ଆସନ୍ତା କାଲି ମେ ପନ୍ଦର ତାରିଖ, ଅକ୍ଷୟ ତୃତୀୟା ଓ ବୃଷ ସଂକ୍ରାନ୍ତି । କେତେ ବଡ ପବିତ୍ର ଦିନ । ଛନ୍ଦାର କାହିଁକି କେଜାଣି ଡର, ଭୟ ସବୁ କମିଗଲା । ସିଏ ଯାଇ କେତନଙ୍କୁ ଡାକଲା । ସେତେବେଳକୁ ଅପରାହ୍ନ ୪ଟା ବାଜିଥାଏ । ଛନ୍ଦା ଅନୁରୋଧ କଲା, "ଚାଲ, ହୋମ୍ ଡିପୋ ଯିବା । ମୁଁ କିଛି ପରିବା ଗଛ ଓ ଫୁଲ ଗଛ କିଣିବାକୁ ଚାହୁଁଛି । କାଲି ଅକ୍ଷୟ ତୃତୀୟାରେ ଲଗେଇବି ।"

ଗୋଟିଏ ବର୍ଷ ଓ ଦୁଇ ମାସ, ମୋଟାମୋଟି ଚଉଦ ମାସ ପରେ, ଛନ୍ଦା ପ୍ରଥମ ଥର ପାଇଁ ଗୋଟିଏ ଦୋକାନକୁ ଗଲା ଓ ସେଇଟା ଥିଲା "ହୋମ୍ ଡିପୋ" ।

ରଦରଫୋର୍ଡ ଓ୍ୱେ, ଡେଟନ୍,ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଚରଦ୍ୱିଷି ବିପକ୍ଷ



ଡ. ଶକୁନ୍ତଳା ଗୁପ୍ତା

ମୁଁ
ଆଗ୍ନେୟଗିରିରୁ ବହିଯାଇଥିବା
ମୃତ ଲ୍ଭ୍ ପରି
ସମୁଦ୍ରର ବକ୍ଷ ଚରି ଦେଖୁଛି
ମାଟିର ହୃଦ
ଅକାତ ପାଣିରେ ଭ୍ସୁଛି
ଆକାଶକୁ ଘର କରି

ତୁମେ
ଆବୋରି ଧରିବାର ସୂକ୍ଷ୍ମ କଳା
ଗଢ଼ିଚ ମାୟାବୀ ସହର
ବହ୍ନିଦ୍ୱୀପରେ
ମୋ ଶିଥିଳ ଦେହରେ
ଅହରହ ଚଳ-ଚଞ୍ଚଳ

ମୁଁ
ସିକ୍ତ ବେଳାଭୂମି ହେଇ ଲେ୍ଟିଛି
ମୋ ଦିନ ଗୁଡ଼ିକ
ଶାମୁକାର ଜୀବନ ନେଇ
ଭ୍ସିଚନ୍ତି ଏଣେ ତେଣେ ମହାର୍ଣ୍ଣବେ

ଅଙ୍ଗାର ଖଣ୍ଡେ ଲେଖା
ଗର୍ଭେ ନେଇ

ତୁମେ
ମୋ ଆତ୍ମାକୁ ସାଇତିଚ ଯତ୍ନରେ
ବିନ୍ଧାଣି ପରଶରେ
ମୁକ୍ତାଟିଏ ଅଳଙ୍କୃତ କରି
ଯଦିଓ ସମର୍ପିବାକୁ
ଅନ୍ୟପକ୍ଷର ଗଳାରେ

ମୁଁ
କେଇଟା ଥଣ୍ଟମାନଙ୍କ ସାହିତ୍ୟରେ
ପୋଷଣ ଆଉ ପୋଷକର
ଗଳ୍ପ ପଢୁଛି
ଦୋହଲୁଛି ବାୟା ବସାଟିଏ ପରି
ସମୟର ତାଳ ଗଛରେ

ତୁମେ
ଝଡ଼ ହେଇ ଝଞ୍ଜାଡିଛ
ମୋର ସର୍ବାଙ୍ଗ
ପୁଣି ଧୀର ସମୀରେ ଗାଇଛ
ପ୍ରେମ ରାଗିଣୀ
ବସନ୍ତର ଦାହରେ
ଆହୁରି କରିଛ ଜୀବନ୍ତ
ପ୍ରତିଥର

ମୁଁ
ଦୃଶ୍ୟ ଆଉ ଦ୍ରଷ୍ଟା ସାଜିଛି
ଭୂତ ଆଉ ଭବିଷ୍ୟତ ହୋଇଛି
ଏକ ସମୟରେ;
ନିଜକୁ ଖୋଜିଛି
ଶରୀର ଆଉ ବାୟବୀୟ ପ୍ରତିବିମ୍ବରେ
ଏକାକୀ

ତୁମେ
ମୋର ଅନ୍ତଃସ୍ୱର ହେଇ
ଲେଖିଛ କବିତାର ପଂକ୍ତି
ଦେଖାଇଛ ଯୁଗ୍ମ ନକ୍ଷତ୍ରଙ୍କ ପ୍ରଣୟ କାହାଣୀ
ଅବିଶ୍ୱସନୀୟ ସ୍ୱପ୍ନ ପରଳରେ
କାଳାତୀତ ଅଣାୟତ୍ତ

ରାଉରକେଲା

# ଅଭୁଲା ସ୍ମୃତିର ପଲକ



ଭାସ୍କର ଚନ୍ଦ୍ର ଖଣ୍ଡା

ନଥିଲି ତ କରି ସେଦିନ ପ୍ରଚେଷ୍ଟା
ପଢିବାକୁ ତମ ସେଇ ଗୃହାଣିର ଗଭୀରତା
ସତରେ କଣ ନଥିଲା ସେଥିରେ ଆତ୍ମୀୟତା ?
ବୋହି ଯାଇଛି କେତେ ସମୟ
ଜାବୁଡି ଧରିବା ପରି ବାଲି ମୁଠାକୁ
ଆଂଗୁଳ ସନ୍ଧି ଦେଇ
ଯାଇଛି ବାହାରି କେତେବେଳେ ସବୁ ।୧।

ଜୀବନର ଅଙ୍କାବଙ୍କା ପଥ ଦେଇ
ଆସିଛି ଆଗେଇ ଆଜି ଅନେକ ଦୂରକୁ
ଆଉ କଣ ଫେରି ହୁଏ ପଛକୁ ?
ହେଲେ ମନ ଗ୍ୱଇଜର କ ବିଚନ୍ଦ ସୃଷ୍ଟି
ନିର୍ଜନତା କୁ ଦେଖି ଫେରି ଯାଉଛି ସିଏ
ଖୋଜୁଛି ସେଇ ପାଉଁଶ ଭିତରେ
ଦୁକୁଦୁକୁ ହୋଇ ଜଳୁଥିବା ଅଂଗାରକୁ ।୨।

ବସା ବାନ୍ଧେ କେତେ ପ୍ରଶ୍ନବାଚୀ
ତମର କଣ କେତେବେଳେ ମନେ ପଡେନ ?

ସବୁ କଣ ଭୁଲିଗଲ ?

ହୋଇପାରେ ଏକ ତରଫା

ମୋ ଭଲ ପାଇବାଟା

ଦେଇଥିଲି ଅଜାଡି ମନର ଭାବନା ସବୁକୁ

ତମରି ପାଖରେ

କେମିତି ବା ଲୁଚାଇ ଥାଆନ୍ତି

ସବୁ ଦିନ ପାଇଁ ନକହି ତାକୁ ।୩।

ପରସ୍ଥିତିର ପରିଣତି ଟା

କରିଥିଲା ବାଧ୍ୟ ମୋତେ

ଦେଖୁଥିଲି ଘୋର ଅନ୍ଧକାର ଭିତରେ

କେବଳ ନସ୍ତବଦ୍ଧତା

ଶୁଣିଥିଲି ପୁରୁଷ ପଣିଆର ଅହେତୁକ ଗର୍ଜନ

କଣ ଆଉ କପରି କହିବି

ସବୁକଥା କଣ କହି ହୁଏ ?

ତମେ କଣ ପାରିଲନ ବୁଝି

ମୋର ସେଇ ଅଭିମାନ କୁ

ବିଧିର ବିଧାନ ଆଗରେ ହୋଇଥିଲି ନିରୂପାୟ

ଘୂରିଆଡ଼େ ଶୂନଶାନ

ନଥିଲା କିଛି ଅର୍ଥ ଆଉ ଅପଚେଷ୍ଟାର ।୪।

ଅବୁଝା ମନଟା

ସ୍ମୃତିର ପାଖୁଡାରେ ଆଜିବି

ତମକୁ ଦେଖେ

ତମକୁ ଖୋଜେ
ଚେଷ୍ଟା କରେ ପଢିବାକୁ
ସ୍ମୃତିର ବଳୟ ଭିତରେ
ତମ ଆଖିର ଗ୍ରହାଣିରେ ସେଦିନର ଗଭୀରତା
ସେଇ କ୍ଷଣିକ ସମୟର ଗୋଲ୍ପି ମୂହୁର୍ତ୍ତ
ଯାଇଥିଲା ରହି ସାଇତି ହୋଇ
କେଉଁ ଏକ ଅଜଣା ଜାଗାରେ
ଆଜିବି ଖୋଜେ ମନ
ସେଇ ଅଭୁଲା ସ୍ମୃତିର ପଲକ ।୫।

ଗ୍ରେଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ଯେଉଁ ଗାଁଟିରେ ଜନମ ମୋ'ର ସେଇଠି ମରଣ ହେଉ



ଶଶଧର ମହାପାତ୍ର

ଯେଉଁ ଗାଁଟିରେ ଜନମ ମୋ'ର
ସେଇଠି ମରଣ ହେଉ
ହେ ମହାବାହୁ ! ଏତିକ କରୁଣା ହେଉ
"ନାରୀଗାଁ" ରେ ଜୀବ ଯାଉ
ତା'ର ଶମଶାନ ମୋ'ର "ସ୍ୱର୍ଗଦ୍ୱାର"
ତୋଳନେଉ ମୋତେ କରି ଆପଣାର
ଏ' ମର ଶରୀର ସେହି ସ୍ୱର୍ଗଦ୍ୱାରେ
ତା' ମାଟିରେ ମିଶିଯାଉ
ମୋ' କଥାଟିକୁ ମାନନେବ ଭୁବି
କରୁଅଛି ନିବେଦନ
ଯଦି ସତ ହେଲ୍ ମୋର ଅଭିଳାଷ
ଝୁରିହେବି ସାତ ଜନ୍ମ
ହେ ! ଭକତର ଭଗବାନ
ବେଖାତିର କରି ନଶୁଣି ଗୁହାରି
ମୋ' ମୁହେଁ ନଲେପ ଚୂନ
ଏ' ତନୁ, ମନରୁ କାହିଁ କେତେ ଦିନୁ
ବସନ୍ତ ଗଲ୍ଣି ଛାଡି
ମାଘ ମାସ ଏବେ କବାଟ ବାଡାଏ
ଶୀତ ଆସିଲ୍ଣି ମାଡି
ଯାତନା ଗଲ୍ଣି ବଢି

ମୋ' ଦଦରା ନାଆ ଭାସେ ଏ' କୂଳରେ
କଏ କାନ୍ଦୁଅଛି ବସି ସେ' କୂଳରେ
ମରଣ ଛାଡୁଛି ରଡି
ଜନମ, ମରଣ କପାଳରେ ଲେଖା
କହିଛନ୍ତି ଜ୍ଞାନୀ ଜନେ
ମୋ' କପାଳରେ କ'ଣ ଲେଖାଅଛି
ଭାବୁଅଛି ମନେମନେ
କାଳେ ଭୁଲିଯିବ, ପକାଉଛି ତୁମ କାନେ
ତୁମେ ସୃଷ୍ଟିକର୍ତ୍ତା ସହସ୍ର ବାରତା
ଶୁଣୁଥିବ ପ୍ରତିଦିନେ
ହୃଦୟ, ମନକୁ ଭଡା ଲଗେଇଛି
ତୁମ ପାଶେ ଜଗତପତି
ପ୍ରତିମାସ କଛି ଭଡା ମିଳଗଲେ
ଗାଇବି ତୁମର ଗୀତି
ଜୀବ ଥିବା ଯାଏ ତୁମ ପାଦପଦ୍ମେ
ଥାଉ ସଦା ମୋର ମତି
ସକାଳୁ ଆରମ୍ଭ ସଞ୍ଜେ ହେଉ ଶେଷ
ଦେଖୁଥାଏଁ ତୁମ ମୂର୍ତ୍ତୀ
ଯେଉଁ ବାପା-ମା' ଙ୍କ କୋଳରେ ଜନମ
ଦେଇଥିଲ ଭାବଗ୍ରାହୀ
ଅତି ଭାଗ୍ୟବାନ ମନେକରେ ମୁହିଁ
ତାଙ୍କ କୋଳେ ଜନ୍ମ ହେଇ
କର ଏହି ମହାଦାନ
ସବୁ ଜନମରେ ତାଙ୍କରି କୋଳରେ
ଜନ୍ମ ହେବାକୁ ମୋ' ମନ
ଆଜି ଏଠି ଅଛି କାଲିକ ନଥିବି
ଏ' ତ ଜଗତର ନୀତି

ସ୍ୱର୍ଗ କ ନରକ ଯେଉଁଠିକ ନଥ
ନାହିଁ ମୋ'ର କଛି ଆପତ୍ତି
ଏତିକ ମୋ'ର ମୀନତି
ଅନ୍ତରରୁ ମୋର ତୁମପାଇଁ ସଦା
ଗୁଞ୍ଜରିତ ହେଉ ଭକତି
ପେଟ ପୋଷିବାକୁ ଛାଡି ଜନ୍ମମାଟି
ଆସିଥିଲି ପରଦେଶ
ବାପା-ବୋଉ, ଭାଇ, ଭଉଣୀ ସଭିଏଁ
ଛାଡିଥିଲେ ଦୀର୍ଘଶ୍ୱାସ
ହେଲାଣି ଅଠତିରିଶି ବରଷ
କେବେଠୁଁ ଗଲେଣି ବାପା-ବୋଉ ଛାଡି
ଓଠରୁ ଲିଭିଛି ହସ
ହୃଦୟର କଥା କାହାକୁ କହେନ
ହୃଦୟରେ ଲୁଚଥାଏ
କହିବିକ ନାହିଁ ଭାବି କହିଦେଲି
(କାରଣ) ମୁଁ ତୁମକୁ ଭଲପାଏ
ତାକୁ ଗଣ୍ଠିକରି ରଖିଥାଏ
ଶୁଣ କ ନଶୁଣ ତାହା ତୁମ ଇଚ୍ଛା
କହିଦେଲେ ଚନ୍ତାଯାଏ ।

(ଆମ ଗାଁ' ନାଁ "ନାରୀଗାଁ')

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବାପ, ଭାଇ, ସ୍ୱାମୀ, ପୁତ୍ର
# ଏକ ନାରୀର ଦୃଷ୍ଟିରେ



ଶାନ୍ତିଲତା ମିଶ୍ର

ତୁମ ମାନଙ୍କ ଯୋଗୁ ସତରେ ଏ ଜୀବନ
ହୋଇ ଅଛି ଯେ କେତେ ସହଜ,
କପରି ଭାଷାରେ ଜଣାଇବି କୃତଜ୍ଞତା
ଶବ୍ଦ କୋଷିକାରୁ ଶବ୍ଦ ନପାଏ ଆଜ ।।

ଏ ବିରାଟ ବିଶ୍ୱେ ଜୀବନ ଧାରଣ
ଭାବି ନପାରଇ, ବୁଦ୍ଧି ହୁଏ ବଣା,
ମନକୁ ଆନ୍ଦୋଳତ କରେ, ପ୍ରତି ମୁହୂର୍ତ୍ତରେ
ଝୁଣ୍ଟି କ୍ଷତାକ୍ତ, ରକ୍ତାକ୍ତ ହେବାର ଶଙ୍କା ।।

ସର୍ବଦା ମୋର ପାରିପାର୍ଶେ
ଶକ୍ତ ପ୍ରାଚର ପରି ହୋଇ ଅଛ ଠିଆ,
ଝଡ ବରଷାରୁ ରକ୍ଷା କରିବାକୁ
ଛତ୍ର ତଳେ ରଖି ମତେ ହୋଇ ଅଛ ସାହା ।।

ବୁଝି ପାରେ ନାହିଁ, ଭାବି ପାରେ ନାହିଁ
ତୁମ ବିନା ଏଇ ମୋର ଜୀବନ,
ବିଷମ ସଂସାର ପଥେ, ଅସ୍ତ ବ୍ୟସ୍ତ ହୋଇ
ହେଉଥାନ୍ତା କେତେ ଝଡ ଝଞ୍ଜାର ସମ୍ମୁଖୀନ ।।

ଏକା ଏକା ବଞ୍ଚିଛନ୍ତି ଅନେକ ନାରୀ ଏ ବିଶ୍ୱେ
ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହୋଇ ଭାଗ୍ୟର ବିବଶେ,
କନ୍ତୁ ନତି କାମନା କରନ୍ତି ତୁମ ମାନଙ୍କ ସାନଧ୍ୟ
ବାପ, ଭାଇ, ସ୍ୱାମୀ ବା ପୁତ୍ର ମାନଙ୍କର ମାଧ୍ୟମ ।।

ସକାଳୁ ତରେ ତରେ ଅଫିସ୍ ଯାଅ
ଫେରନ୍ତି ବାଟରେ, ଶାଢ଼ୀ ଗହଣା ଆଣ,
ଭାବିପାରେ ନାହିଁ ସେଥିରୁ କଅଣ ପାଅ
ନଜ ସୁଖେ ଖର୍ଚ୍ଚ ନକରି କଷ୍ଟାର୍ଜିତ ଧନ ।।

ଏ ଖାଦ୍ୟ ସେ ଖାଦ୍ୟ ଦେଇ ପେଟ ପୁର୍‌ଇବାକୁ
ମାଗିବା ପୂର୍ବରୁ ଦିଅ କେବେ କୁଣ୍ଠାବୋଧ ନକରି,
ଦୋଷ ତ୍ରୁଟିକୁ ମୋର ସବୁ ଅଣଦେଖା କରି
ସଦା ସହାସ୍ୟ ବଦନେ କ୍ଷମିଛ ଦୟା ଆଚରି ।।

ସେ ପାଇଁ କ ପୂଜ୍ୟ ହୋଇ ରହିଛ
ସୃଷ୍ଟିର ପ୍ରାରମ୍ଭୁ ଏଯାଏ ଏକ ନାରୀ ଦୃଷ୍ଟିରେ,
ଯୁଗ ଯୁଗ ପାଇଁ ନଶ୍ଚୟ ରହିଛି ରହିବ
ଏ ତ୍ୟାଗ ସ୍ନେହ ଶ୍ରଦ୍ଧା ସ୍ୱର୍ଣ୍ଣାକ୍ଷରରେ ।।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ପ୍ରବାସୀ ଓଡିଆ



ଅଳକା ମହାନ୍ତି

ସକାଳୁ ସକାଳୁ ରିନା ର ଫୋନ୍ ଆସିଗଲା, ସୁସ୍ମିତା ଆଉ ତାର ସ୍ୱାମୀ ବାହାରେ କଫି ଟେବୁଲ ର ଦୁଇ କଡେ ବସି ସକାଳ ଗୃ  ର ଆନନ୍ଦ ନେଉଥାନ୍ତି। ଦୂରରୁ ପାର୍କ ସାଇଡ ରେ ଥିବା ଗଛ ଆଢୁଆଳରେ କୋଇଲି ତାର ପଞ୍ଚମ ତାନ ରେ କୁହୁ କୁହୂ କରି ଗାଇ ଗୃଲିଥାଏ।

ସୁସ୍ମିତା କହିଲେ ଦେଖ **!!,** ନିଶ୍ଚୟ କଣ ପାର୍ଟି  କ ପୂଜା ଥିବ । ନହେଲେ ଏମିତି ସକାଳୁ ସକାଳୁ ରିନା ଫୋନ୍ କରିବନ ।

**--** ଦେଖ**,** କଣ ପାଇଁ କରୁଛନ୍ତି। ଆଉ କିଛି ଦରକାର ଥାଇପାରେ। ଫୋନ୍ ରିସିଭ୍ କର**!**

**--** ଫୋନ୍ ହାତକୁ ନେଇ ସୁସ୍ମିତା କହିଲା**,** ହେଲୋ **!** ରିନା ଗୁଡ ମର୍ଣ୍ଣିଂ**!** ସକାଳୁ କେମିତି ମନେ ପକାଇଲୁ **??**

**--** ଆରେ ନାରେ। ଅଭିଜିତ ର ମା ବାପା ଆସିଛନ୍ତି। ମୋ ପୁଅ ପାଇଁ କଣ ସତ୍ୟନାରାୟଣ ପୂଜା କରିବେ। ଆଜି ସନ୍ଧ୍ୟାକୁ ତୁମେ ପୁରା ପରିବାର ଆସିବ। ଆଉ ଡିନର ବି ଏଇଠି କରିବ।

**--** ଅଚ୍ଛା **!** ମଉସା ମାଉସୀ ଆସିଛନ୍ତି **??** ତାହେଲେ ତ ନିଶ୍ଚିତ ଆସିବୁ। ଆଉ ସବୁ କାମ ବାତିଲ। ଠିକ୍ ଅଛି ସନ୍ଧ୍ୟା ରେ ଦେଖା ହେବ।

ରିନା ଆଉ ସୁସ୍ମିତା ପିଲା ଦିନ ସାଙ୍ଗ। ସ୍କୁଲ ରେ ବର୍ଣ୍ଣବୋଧ ଏକାଠି ପଢ଼ିବା ଆରମ୍ଭ କରିଥିଲେ। ଏକାଠି ଗୋଟିଏ ବିଦ୍ୟାଳୟ ରୁ ପାସ କଲେ। କଲେଜ ଜୀବନ ରେ କଏ କେବେ ଅଲଗା ହେଲେ ସୁଦ୍ଧା ବିବାହ ପରେ ଦୁଇଜଣ ସୁଦୂର ପାଟନା ସହରରେ ଅବସ୍ଥାପିତ। ସ୍ୱାମୀ ଙ୍କ ଚାକରି ଯୋଗୁଁ ଦୁଇ ଜଣଙ୍କ ମିଳନ ପୁଣି ଅନ୍ୟ ଏକ ରାଜ୍ୟ ରେ ହୋଇ ଯାଇଥିଲା। ଦୁହେଁ ଅନ୍ୟ ସବୁ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଅନେକ ପାର୍ଟି କରି ସମୟ କୁ ଅତିବାହିତ କରନ୍ତି। କେବେ କେବେ ଫାମିଲି ସହିତ ବାହାରକୁ ବୁଲି ଯାଇ ଜୀବନ କୁ ଉପଭୋଗ କରନ୍ତି। ମାସିକିଆ କିଟି ପାର୍ଟି ରେ ଅନେକ ଥିମ୍ ରଖି, ଯେମିତି ଏକ ରଙ୍ଗ ର ସାଢ଼ି ବା ସୁଟ, କେବେ ପଶ୍ଚିମ ତ କେବେ ଭାରତୀୟ ବେଶ ଭୂଷା କରି ଖୁବ୍ ମଜା କରନ୍ତି। ପାଟନା ରେ ରହି ରିନା ହିନ୍ଦୀ ବି ଖୁବ୍ ଶିଖି ଯାଇଥିଲା। ତାକୁ କେବେ କେବେ ଲୋକ, ହିନ୍ଦୀ କହି ଆସୁନ ବୋଲି କହୁଥିଲେ, ଆଜି ସେ ହିନ୍ଦୀ ଛଡ଼ା ଓଡ଼ିଆ ଆଉ କହୁନ। ବସ୍ ରେ ଚଢ଼ି ଗୋଟେ ଜାଗାରୁ ଅନ୍ୟ ଜାଗା କୁ ଯାଇ ପାରୁନଥିଲା, ଏବେ ହାଇୱେ ରେ ନିଜେ କାର ଚଳାଉଛି। ନିଜ ର ଇଚ୍ଛା ଶକ୍ତି ତାକୁ ବହୁତ୍ କିଛି ଉପଲବ୍ଧି କରାଇଛି। ତା ସହିତ ସେ ଏବେ ଭୁଲି ଯାଇଛି ଯେ ସେ କେଉଁ ଏକ ଅଜଣା ଗାଁ ର ଲାଜକୁଳୀ ଲତା ଟିଏ ପରି ଥିଲା। ନିଜକୁ ପଶ୍ଚିମ ଢାଞ୍ଚା ରେ ସେ ପୁରା ଢଳାଇ ସାରିଥିଲା। ତାକୁ ପଖାଳ କଥା କହିଲେ ଲାଜ ଲାଗୁଥିଲା, ମୁଢ଼ି ଚୁଡ଼ା କଣ ଜାଣି ନାହିଁ ବୋଲି କହୁଥିଲା। କେବଳ ବ୍ରେଡ, ପିଜା , ବର୍ଗର, ମାଗି, ଚାଇନିଜ୍ ଫୁଡ୍, କଣ୍ଟିନେଣ୍ଟାଲ ଫୁଡ୍ ର ଚର୍ଚ୍ଚା ତା ପାଖରେ। ଲେଡିଜ୍ ପାର୍ଟି ର ସବୁ ମେମ୍ବର ଜାଣିଥିଲେ, ସେ ପିମ୍ପୁଡ଼ି ପରି ଚୁଖା ଉପରେ ବସି ସ୍ୱର୍ଗ ଆଉ ଦୁଇ ଆଙ୍ଗୁଳ ଅଛି ବୋଲି ଭାବୁଛି। ହେଲେ କେହି ମୁହଁ ରେ କହୁ ନଥାନ୍ତି। ତାର ଫୋନ୍ ଆସିଲେ ଦାନ୍ତ ତଳେ ଆଂଗୁଳ ରଖି ହସନ୍ତି। ହେଲେ ରିନା ତା ମସ୍ତିରେ ଥାଏ। ତାର ଝିଅଟିଏ ପ୍ରଥମେ ହେଲା ବୋଲି ତାଙ୍କ ଘର ଲୋକ ବହୁତ ମ୍ରିୟମାଣ ହୋଇ ପଡ଼ିଥିଲେ। ରିନା କହିବା ଅନୁସାରେ ଝିଅ କୁଳ ରକ୍ଷା କରେ ନାହିଁ। ଗୋଟିଏ ପୁତ୍ର ପ୍ରାପ୍ତି ପାଇଁ ଅନେକ ଉପବାସ ସେ ସ୍ୱାମୀ - ସ୍ତ୍ରୀ କରୁଥିଲେ, ସାଧୁ ଲୋକଙ୍କ ପାଦ ଧୋଇ ପାଣି ପିଉଥିଲେ। ଘରେ କଦଳୀ ଗଛ ରଖି ଗୁରୁବାର ପୂଜା କରୁଥିଲେ। ଏ ସବୁ କରିବାର ପାଞ୍ଚ ବର୍ଷ ପରେ ଶ୍ରୀ କୃଷ୍ଣଙ୍କ କୃପାରୁ ତାଙ୍କର ପୁତ୍ର ପ୍ରାପ୍ତି ହେଲା। ସେଥିପାଇଁ ସବୁ ଶନିବାର ରେ ତେଲ ଢାଳିବା, ସୋମବାର ରେ କ୍ଷୀର ଢାଳିବା, ଶହେ ଆଠ ଥର ହନୁମାନ ଚାଳିଶା ପଢ଼ିବା, ସ୍ୱାମୀ ସ୍ତ୍ରୀ ଦୁଇ ଜଣଙ୍କ କାମ। ସ୍ୱାମୀ ଅଫିସ୍ ରୁ ଆସିଲେ ପୁଅକୁ ଧରି ବସିବେ ଯେ ଶୋଇବା ପର୍ଯ୍ୟନ୍ତ। ପୁଅକୁ ତଳେ ରଖାଇ ଦିଅନ୍ତି ନାହିଁ ସ୍ୱାମୀ ସ୍ତ୍ରୀ। ଶୋହଳ

ପୂଜା ର ଆଜି ସପ୍ତମ ବର୍ଷ । ପ୍ରତିବର୍ଷ ତାର ଶାଶୁ ଶଶୁର ଆସନ୍ତି ସୁଦୂର ଓଡ଼ିଶା ର ଏକ ଗ୍ରାମ୍ୟ ଅଞ୍ଚଳରୁ ଟିକେ ନାତି ନାତୁଣୀ ଙ୍କୁ ଦେଖିବାକୁ। ସେମାନେ ଗାଁ ରେ ଗୃଷବାସ କରନ୍ତି। ପୁଅ ଯାହା ପଇସା ପଠାଇ ଦିଏ ସେଥିରେ ଚଳ ଯାଆନ୍ତି। ଏଠାରେ ରହିବାକୁ ଇଚ୍ଛା ଥିଲେ ବି ରହି ପାରନ୍ତି ନାହିଁ। ଭୃଷା ଅଲଗା। ଲୋକ ଅଲଗା। କେମିତି ଚଳବେ **!!** ସେଥିପାଇଁ ୧୦/୧୫ ଦିନ ରହି ପଳାନ୍ତି।

ସନ୍ଧ୍ୟା ହେଲା। ସମସ୍ତେ ଆସିଲେ ପୂଜା ରେ ସାମିଲ୍ ହେବା ପାଇଁ। ସୁସ୍ମିତା, ତା ସ୍ୱାମୀ ଆଉ ପୁଅ ସହିତ ଆସିଥିଲା। ଅନେକ ଓଡ଼ିଆ, ଅଣ-ଓଡ଼ିଆ ଙ୍କ ଗହଣ ରେ ସତ୍ୟନାରାୟଣ ପୂଜା ଗ୍ଲଲିଲା। ରିନା ଆଉ ଅଭିଜିତ ବେକରେ ଦୁଇଟି ଫୁଲ ହାର ପକାଇ ବ୍ରାହ୍ମଣ ର ମନ୍ତ୍ର ସହିତ ଏମିତି ମଜି ରହିଥାନ୍ତି, ଲ୍ଗୁଥାଏ ତାଙ୍କ ଠାରୁ ବଡ଼ ଭକ୍ତ ଆଉ କେହି ନାହାନ୍ତି। ପୁଅ ଛୋଟ ମାଳଟିଏ ବେକରେ ପକାଇ ବସିଥାଏ ମାଆ ବାପା ଙ୍କ ଡରରେ। ହେଲେ ତାର ମନ ଥାଏ ସାଙ୍ଗ ମାନଙ୍କ ପାଖରେ।

ମଝି ରେ ମଝିରେ କହୁ ଥାଏ, -- ପାପା ମେଁ ଯା ଉଁ**??**

-- ନା ବେଟା ଅଭି ନହିଁ।ଥୋଡା ରୁକୋ।

ଏମିତି ପୁର୍ ପୂଜା ଟା ସରିଗଲା। ସୁସ୍ମିତା ର ପିଲ୍ ସମସ୍ତ ଗୁରୁଜନ ମାନଙ୍କୁ ମୁଣ୍ଡିଆ ମାରି ସାରି ଅଭିଜିତ ର ମାଆ ବାପା ପାଖକୁ ଗଲେ।

-- ମାଉସୀ ମଉସା ପ୍ରଣାମ **!**

--ଦୀର୍ଘାୟୁ ହୁଅ **!**

-- ଆପଣ କେମିତି ଅଛନ୍ତି ମାଉସୀ, ସୁସ୍ମିତା କହିଲା

-- ଭଲ ଅଛୁ ଝିଅ।

-- କେବେ ଓଡ଼ିଶା ରୁ ଆସିଲେ? କେତେ ଦିନ ରହିବେ ?? ଆମ ଘର ଆଡେ ଆସିବେ।

-- ନା ମା, ବେଶୀ ଦିନ କଣ ଆମେ ରହି ପାରିବୁ। ଘରେ କାମ ଅଛି। ଏ ପିଲ୍ ମାନଙ୍କୁ ଆମେ ଦେଖିବାକୁ ପଳାଇ ଆସୁ। ପୁଅକୁ ତ ଛୁଟି ମିଳୁନ। ତାର ପିଲ୍ମାନେ ଗାଁ ରେ ମାଟି ଘରେ ଚଳବେନ। ସେଥିପାଇଁ ଆମେ ଆସି ଯାଉଛୁ। ପୁଅ କହିଛି, ଏ ବର୍ଷ ଦି ବଖର୍ ଘର କଲେ, ସେ ପିଲ୍ ଛୁଆ ଙ୍କୁ ନେଇ ଆସିବ। ତା ପିଲ୍ ମାନେ ଭଲରେ ଚଳ ଗଲେଣି। ଗାଁ ମାଟି କାଦୁଅରେ କଣ ସେମାନେ ଚଳ ପାରିବେ, କହିଲୁ ଝିଅ।

-- ନା ଦାଦି ମା, ଆମ ଘର ବି ମାଟି ଥିଲ୍। ଦାଦୁ ଏବେ ଗୋଟେ ରୁମ୍ ପକ୍କା କରିଛନ୍ତି। ହେଲେ ଆମକୁ ଭଲ ଲ୍ଗେ ଗାଁ। ସେଠାରେ ପୋଖରୀ ଅଛି। ବତକ ଅଛନ୍ତି। ନଦୀ ଅଛି। ବହୁତ୍ ଭଲ ପାଇବା ବାଲ୍ ଲୋକ ବି ଅଛନ୍ତି।ସୁସ୍ମିତା ର ପୁଅ ମୁନା କହୁଥିଲ୍।

ତା କଥା ଶୁଣି ମାଉସୀ କହିଲେ, ସୁସ୍ମିତା! ତୋ ପୁଅ ଓଡ଼ିଆ କହି ପାରୁଛି ?? କେମିତି ଶିଖିଲ୍?? କଏ ଶିଖେଇଛି?? କୋଉଠୁ ସିଖିଲ୍? କୋଉ ମାଷ୍ଟର ଶିଖାଇଛି କହିଲୁ ! ଆମ ପିଲ୍ ତ କହି ପାରୁ ନାହାଁନ୍ତି କ ବୁଝି ପାରୁନାହାନ୍ତି। ଆମେ ନାତି ନାତୁଣୀ ସୁଖ କଣ ଜାଣି ପରିଲୁନ। ସେ ଆମ କଥା ବୁଝି ପାରୁ ନାହାନ୍ତି କ ଆମେ ତାଙ୍କ କଥା। ସବୁ ବେଳେ ଭାଇ ବୋହୂ ଦେଢ଼ସୁର ପରି ଆମଠାରୁ ଅଲଗା ରହୁଛନ୍ତି। ଦିପଦ କଥା ଆମେ ହୋଇନୁ ତାଙ୍କ ସହିତ। ରିନା କୁ କହିବି ମୋ ନାତି ନାତୁଣୀ ଙ୍କୁ ଶିଖାଇବ। ସେମାନେ କହି ଜାଣି ନାହାନ୍ତି। ବାହାରେ ଜନ୍ମ ହେଲେ । ରିନା ଆଉ ଅଭି କହୁଛନ୍ତି, "ସେ ଜନ୍ମରୁ କହିଲେନ। ଆମେ କଣ କରିବୁ"। ସେ ତ ଓଡ଼ିଆ କହିଲେ ବୁଝି ପାରୁ ନାହାଁନ୍ତି। ତୁ ଟିକେ କହୁନୁ ରିନାକୁ, ସେ ମୋ ନାତି ନାତୁଣୀ ଙ୍କୁ ସେ ମାଷ୍ଟର ପାଖକୁ ପଠାଉ।

ସୁସ୍ମିତା କଣ ଆଉ କହିବ। ସେ ଅଭିଜିତ ଆଉ ରିନା ଙ୍କ ର ଆଡମ୍ବର କଥା ଜାଣିଛନ୍ତି। ଲୋକଙ୍କୁ ନଜର ଆଧୁନକତା ପଣିଆ ଦେଖାଇ ସେ ଖୁସି ହୁଅନ୍ତି। ସେ କଣ ଜାଣିବେ ମା ବାପା ଙ୍କ ମୂଲ୍ୟ ?? ଯୋଉ ରିନା ଆଉ ତା ବାପା, ଅଭିଜିତ ଏନ ଆଇ ଟି ପାଇବା ପରଠାରୁ ତାକୁ ବାହା ହେବା ପାଇଁ ଚକ୍ରାନ୍ତ ଚଳାଇ ଥିଲେ, ସେ କଥା କେବଳ ସୁସ୍ମିତା ର

ପରିବାର ଜାଣନ୍ତି। କୁହା ବୋଲ୍ କରି ବାହାଘର କରାଇ ନେଲେ। ତାପରେ ନିଜ ରୂପରେ ଆବିର୍ଭାବ ହୋଇଗଲେ।

ନିଜେ ଦୁଇ ଅକ୍ଷର ଇଂଲିଶ ଲେଖି ପାରୁ ନଥିଲା। ହିନ୍ଦି ତ ଦୂର କଥା। ଆଜି ସେ ଅଂଗ୍ରେଜ୍ ହୋଇ ଯାଇଛି ମାତ୍ର ଏ ପାଟନା ଯାଏ ଆସିକି। ଲଣ୍ଡନ ଯାଇଥିଲେ ସେ ଆଉ କଣ ନ ହୋଇ ଥାନ୍ତା।ପିଲା ମାନଙ୍କୁ ମା ଯାହା କହେ ସେ ଶିଖନ୍ତି। ତେଣୁ ତାକୁ ମାତୃଭାଷା କୁହାଯାଏ। ନିଜର ହୀନ ଭାବନା କୁ ସେ ପିଲାଙ୍କ ଉପରେ ଲଦି ଦେଇ ନିଜକୁ ଆଧୁନିକା ବୋଲି ଭାବୁଛି। ନିଜ ପିଲା ଛଡ଼ା କେହି ତାର ନିଜର ନାହାନ୍ତି। ସ୍ୱାମୀ ଏଟିଏମ୍ ମେସିନ। ସେଥିପାଇଁ ଆଜି ଚାକରି କରି ବିବାହ କରିବା ପରେ ଅଭିଜିତ କେବଳ ନିଜର ହୋଇ ଗଲା,--ତାର ବୃଦ୍ଧା ମା ଆଉ ବାପା ସବୁ ଅସ୍ପୃଶ୍ୟ ହୋଇଗଲେ। ଅଭିଜିତ ର ଘର ବି ରିନା ଆଉ ତା ପିଲାଙ୍କ ପାଇଁ ଏକ ଖତ ଗଦା।ଘରେ କଦଳୀ ଗଛ ପୂଜା କରୁଛି। ଲଙ୍କା ଜଳାଇ ପିଲାଙ୍କ ନଜର ଉତାରୁଛି। ହାତରେ କଳା ସୂତା ବାନ୍ଧି ବୁଲୁଛି। ଆଉ ଅନ୍ୟ କୁ ମିଥ୍ୟା ଆଡମ୍ବର ଦେଖାଇ ନିଜକୁ ବହୁତ୍ ବଡ଼ ଆଧୁନିକା ମହିଳା ବୋଲି ସାବ୍ୟସ୍ତ କରୁଛି।କଣ ଆଉ ଏପରି ସ୍ୱଳ୍ପଲୋକମାନଙ୍କ ଠାରୁ ଅଧିକ ଆଶା କରା ଯିବ।

ସେପଟ ଘରୁ ଶୁଣା ଯାଉଥିଲା,

---ମାମା, ୟେ ଦାଦା ଦାଦି କବ ଯାୟେଙ୍ଗେ। କିତନେ ଗନ୍ଦେ ହୈ।

-- ବେଟା ୟେ ଲୋଗ ଜମିନ୍ ମେଁ କାମ କର ରହେ ହୈ। ଇସିଲିଏ, କୁଛ ଦିନୋ କି ବାତ୍ ହୈ। ଚୁପ୍ ହୋ ଯାଓ।

ଅଭିଜିତ ଯେମିତି ମୂର୍ଖ ଅଶିକ୍ଷିତ ପରି ଖାଲି ତାମସା ଦେଖୁଥିଲା। ଯେମିତି ତାର ନିଜ ସ୍ତ୍ରୀ ପିଲା ଛଡ଼ା ଏ ଦୁନିଆରେ କେହି ନାହାନ୍ତି।

--- କହୁଥିଲା, ଆରେ ଡିନର କରି ଶୋଇବା ନା। ଚାଲ! ସମସ୍ତଙ୍କୁ ଏକାଠି କରିଦିଅ। ମା ବାପା ଆଉ କେତେ ଦିନ ବଞ୍ଚିବେ, ଟିକେ ଚଳାଇ ନେଲେ ଗଲା ।

ଯେମିତି ଲାଗୁଥିଲା ଅଭିଜିତ ବି ମା ବାପାଙ୍କର ମୃତ୍ୟୁ ର ଅପେକ୍ଷାରେ ଅଛି। କିଛି ଦିନ ପରେ ସେ ବି ମୁକ୍ତ ହୋଇଯିବ ସେଇ ମୂର୍ଖ ଅଶିକ୍ଷିତ ବାପା ମା ଙ୍କ ଠାରୁ। ସୁସ୍ମିତା ତାର ସ୍ୱାମୀ ଙ୍କ ଆଡ଼କୁ ଚାହିଁ ଟିକେ ମୃଦୁ ହସିଦେଇ କହିଲା, ଖାଇଦିଅ! ସେ ଭାବୁଥିଲା କିପରି ଲୋକ ଏମାନେ ସତରେ। ନିଜ ମା ଆଉ ମାତୃଭାଷା ର ଅପମାନ କରୁଛନ୍ତି ! ବୃଥା ଅଭିମାନ ରୁ କଣ ମିଳେ କେଜାଣି। ନିଜକୁ ଓଡ଼ିଆ ବୋଲି ପରିଚୟ ନ ଦେଇ ନିଜକୁ ମଡ଼ୃହର ଭଳି ରଖିଥିବା ମନୁଷ୍ୟ ଙ୍କ ପ୍ରତି ତାର ଦୟା ଆସୁଥିଲା। ଆଉ ଅନ୍ୟ ମାନେ ତ ଏମିତି ରିନା ର ଢୋଙ୍ଗି ସ୍ୱଭାବ କୁ ସର୍ବଦା ଅଟହାସ୍ୟ କରି ମଜା ନଅନ୍ତି, ସୁସ୍ମିତା ବି ରିନା ର ନିର୍ବୋଧତା କୁ ଦେଖି ନ ହସି ରହି ପାରିଲାନି। ସତରେ ଲୋକେ କିପରି ବୃଥା ଗର୍ବ କରନ୍ତି ଆଉ ଜାଣି ପାରନ୍ତିନି ଯେ ତାଙ୍କ ନିର୍ବୋଧତା ଯୋଗୁଁ ପିଲାଙ୍କର ବୌଦ୍ଧିକ ବିକାଶ ରେ କିପରି ବାଧାପ୍ରାପ୍ତ ହେଉଛି।

ମାତୃ ଭୂମି ମାତୃ ଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣ ରେ ଗଣିବା
ଅଜ୍ଞାନୀ ରହିବେ କାହିଁ ||

ନଭି ମୁମ୍ବାଇ, ମହାରାଷ୍ଟ୍ର

# କବିତା ତୁମେ ଅନପେକ୍ଷା



ଝିଲିମିଲି ସାହୁ

କବିତା ତୁମେ ନୁହେଁ ସ୍ୱୟଂସୃଷ୍ଟ
ସତ୍ୟର ସ୍ୱତଃ ପ୍ରକାଶ ମାତ୍ର
କବିର ଶ୍ରବଣ ତୁମେ ଦର୍ଶନ
ତୁମେ ଭାବାନୁଭୂତିର ସମୃଦ୍ଧ ଚନ୍ଦନ ||
କବିତା ତୁମେ ଗଭୀର ଜ୍ଞାନର ସଂପଦ
ଭକ୍ତି ଭାବର ଅପୂର୍ବ ସଂଗମ
କବି ପ୍ରାଣରେ ସଜ୍ଜିତ ଶବ୍ଦର ମାଳା
ତ୍ରିବିଧ ସଂପଦର ପୂର୍ଣ୍ଣାଙ୍ଗ କାୟା ||
କବିତା ତୁମେ ବାସ୍ତବ ଜ୍ଞାନର କଲ୍ଲୋଳ
ନିତ୍ୟ ସାଧନାର ପ୍ରତିଫଳନ
କବି ଭାବନାରେ ଥାଅ ନିରନ୍ତର
ତୁମେ ସୃଜନର ଏକ ସମାହାର ||
କବିତା ତୁମେ ତ୍ରିକାଳଦର୍ଶୀ ସଭ୍ୟତାର
ତୁମେ ଅନୁକୂଳ ବ୍ୟାଖ୍ୟା ପ୍ରକୃତିର
କବି ମାନସେ ତୁମର ଚରାଚର
ତୁମେ ଅନପେକ୍ଷା....ହସ୍ତେ ସମୟର ||

ଶିକ୍ଷୟିତ୍ରୀ, ନୟାଗଡ଼

# ସ୍ୱପ୍ନ



ପ୍ରାଧାପିକା ଜ୍ୟୋସ୍ନା ରାୟ

ଜହ୍ନ ଆଖିରେ ସ୍ୱପ୍ନ ଲେପିଛି ଜୋଛନା ପଣତେ ଭିଜି
ନୀଳ ନୀଳିମାରେ ସ୍ୱପ୍ନ ମାଖିଛି ମେଘମହ୍ଲାରେ ହଜି
ସାଗର କୂଳରେ ସ୍ୱପ୍ନେ ମଜିଛି ତୁମକୁ ମୁଁ ଅନୁଭବି
ସମୟ ବୁକୁରେ ସ୍ୱପ୍ନ ହଜିଛି ତରସି ଯାଇଛି ଆଖି ।।

ସୂର୍ଯ୍ୟାଲୋକରେ ସ୍ୱପ୍ନ ସରଣୀ ସରମେ ଯାଇଛି ଭିଜି
ନଶି ଅନ୍ଧାରେ ନଦ୍ରିତ ଆଖି ସ୍ୱପ୍ନେ ଲେଖିଛି ଚଠି
ବହିଛି ଜୀବନେ ଶତ ଝଡ଼ଝଞ୍ଜା କାଳବୈଶାଖୀ ସାଜି
ତଥାପି ଜୀବନୁ ସ୍ୱପ୍ନ ତୁଟିନ ଦୁର୍ବାର ମନ ସାକ୍ଷୀ ।।

ସଜଳ ନୟନେ କଜଳ ଭରିଛି ସ୍ୱପ୍ନକୁ ଅନୁସରି
ଦୂର ଦିଗନ୍ତରେ ଛପି ଯାଇଛି ସେ ଗୈରିକ ବେଶ ଧରି
ବିଜନେ ଗୋପନେ ଝାରିଛି ଅଶ୍ରୁ ହୃଦେ କମ୍ପନ ଭରି
ତଥାପି ନୟନୁ ସ୍ୱପ୍ନ ତୁଟିନ ଅଶିଣର ଆଶାବରୀ

ସ୍ୱପ୍ନ ଜୀବନେ ଉଚ୍ଛ୍ୱାସ ଭରି ଦେଖାଏ ଜୀବନ ପଥ
ଅନ୍ଧାର ଦିଶା ଆଲୋକତ କରି ଚଳାଏ ସଂସାର ରଥ ।।

ବାଲେଶ୍ୱର, ଓଡ଼ିଶା

# ଅମିୟ–ବଚନ



ଅଲେଖ ମେହେର

ଭିଦୁର-ବଚନ ନୁହଇ ଉଚତ ସଦା କର ତାରେ ବର୍ଜନ
ଅମିୟ ପେଶଳ ସୁମଧୁର ସ୍ୱରେ ପ୍ରାଣୀଙ୍କୁ କର ସମ୍ବୋଧନ।
ବାୟସ, ଆଦର ଲଭେ କ ଜଗତେ ?
ବସନ୍ତଦୂତର ମୋହିନୀ ମନ୍ତ୍ର ଭୂ-ବାସୀଙ୍କ ହୃଦୟ ଜିତେ।
ଅଶନୀ ସ୍ୱନରେ କଲ୍‌ଭ ବାଇଆ ଆତଙ୍କିତ କରେ ପର୍‌ଣ,
ସୌଦାମିନୀ ବାଣ ନକ୍ଷେପି କଳଛୁ ପାଇବୁ ଆଦର ସମ୍ମାନ ।
ବିଅର୍ଥ, ଯିବଟି ଦୁର୍ଲଭ ଜନମ,
ଅପଯଶ ବାନା ଜଗତେ ଉଡିବ ଲଭିବୁ ସହସ୍ର ଦୁର୍ନାମ।
ଶକୁନ ମାମୁଁର କପଟ ପଶାରେ ସମର୍ପି ଦେଇଛୁ ଅନ୍ତର,
ଚରେଇତା ଲାଗେ ଅମିୟ ବଚନ ପ୍ରକାଶିଲେ ମୁଖେ ବିଦୁର।
ରଚଲୁ, ଲାକ୍ଷାଗୃହ ଦୁଃଖ ଦାରୁଣ,
ସତ୍ୟର ପାଣ୍ଡବ ଦହିବା ସକାଶେ ହୀନ ବୁଦ୍ଧି କରି ଧାରଣ।
ପ୍ରାରବ୍ଧକୁ ଘେନ ଆସିଅଛୁ ଏଠି ପାଇ ଦୁର୍ଲଭ କଳେବର,

ବୃଜିନ କରମ ଆଚରି ମଣିଛୁ  ଆପଣେ ବିବୁଧନକର।

କରମ, ଫଳ ଅଛି ସବୁ ସାଇତି,

ସ୍ମୃତି ଫଳକରେ ଚଳଚତ୍ର ସମ ବିଭୁ ଦେଖାଇବେ ଝଟତି।

ଭବ ଅର୍ଣ୍ଣବରେ ପୁଣ୍ୟକର୍ମ ଯେତେ ସରଗେ କରିଲେ ତରଣୀ,

ପରଲୋକ ତୋର ସଧରିବ ହେଲେ ଉତ୍ସବେ ଯେସନେ  ଶ୍ରେଷଣି,

ଚମକେ, ଇକ୍ଷଣକୁ  କରି ଆମୋଦ,

ଜୀବନ ଚକ୍ରରୁ ନସ୍ତରି ଅବସ୍ୟ ଦୂରହେବ  ଭବ  ବିଷାଦ।

ବି:ଦ୍ର- ଭିଦୁର-ବଚନ  - କୃର ବା କର୍କଶ  ବଚନ,ଅପ୍ରିୟ  ବଚନ।ଅମିୟ-ଅମୃତ । ପେଶଳ-କୋମଳ।ବାୟସ-କାକ। ବସନ୍ତଦୁତ-କୋଇଲି  ।ଅଶନୀ-ଘଡଘଡି  ।ସୌଦାମିନୀ-ବିଜୁଳ  । ପ୍ରାରବ୍ଧ- ପୂର୍ବ ଜନ୍ମର ଅର୍ଜିତ କର୍ମ ଫଳ ।ବୃଜିନ-ପାପ । ବିବୁଧନକର- ସ୍ୱର୍ଗର ଦେବତା ।ଭବ ଅର୍ଣ୍ଣବ- ସଂସାର ରୂପକ ସ ଗରିବ । ସରଗେ-ଖୁସିରେ ।ଇକ୍ଷଣ-ଆଖି।

ସୋହେଲ୍, ବରଗଡ

# ଅସ୍ତଗାମୀ ସୂର୍ଯ୍ୟ



ସୁଲୋଚନା ପଟ୍ଟନାୟକ

ସୂର୍ଯ୍ୟ ଅସ୍ତ ଯାଉଛନ୍ତି । ପଶ୍ଚିମ ଦିଗଟି ଅପୂର୍ବ ଦିଶୁଛି । ଏମିତି ରଙ୍ଗଭରା ଆକାଶ କେବେ ଦେଖି ନଥିଲା ରୁଚକା । ଝରକା ଦେଇ ଛୋଟିଆ ଖଣ୍ଡେ ଆକାଶକୁ ଦେଖି ମନ ପୂରିଲା ନାହିଁ। ଘରୁ ବାହାରି ଆସିଲା । ଦାଣ୍ଡ ଦୂଆରେ ଠିଆ ହୋଇ ମନ ପୂରାଇ ଦେଖି ନେଲା । ମନ ଲୋଭା ହୃଦୟ ଜିଣା ଦୃଶ୍ୟ । ବଡ ପାଟିରେ ଡାକଲା ସୁବ୍ରତଙ୍କୁ । ଦୁଇ ଚାରିଥର ଡାକବା ପରେ ଚୁପ ହୋଇଗଲା । ମନଟା ବିଶିପିତା ଲାଗିଲା । ନିଜ ଉପରେ ରାଗ ଲାଗିଲା। ଯେତେ ଜାଣିଲେ ବି ସିଏ କାହିଁକି ସେଇକଥା କରେ ଭାବି ନିଜ ଉପରେ ରାଗି ଅସ୍ଥିର ହେଲା । ସୁବ୍ରତ ଜାଣି ନ ଶୁଣିବାର ବାହାନା କରି ଚୁପ ରହିଛନ୍ତି ନିଶ୍ଚୟ । ରୁଚକା ମନ ଦୁଃଖକୁ ମନରେ ମାରି ଭିତରକୁ ଫେରିଲା । ସୂର୍ଯ୍ୟାସ୍ତର ଅପୂର୍ବ ଲାଲିମା ତଥାପି ମନ ଭିତରକୁ ପୂର୍ଣ୍ଣ କରି ରଖିଥାଏ । ଚିତ୍ରଶିଳ୍ପୀ ହୋଇଥିଲେ ଏ ଦୃଶ୍ୟର ଛବିଟିଏ ନିଶ୍ଚୟ ସିଏ ଆଙ୍କିଥାନ୍ତା । ହଠାତ ମନେ ହେଲା କିଛି ନହେଲେ ବି ଏ ଦୃଶ୍ୟର ଫଟୋଟିଏ ଉଠାଇ ସିଏ ନିଶ୍ଚୟ ରଖିବ । ଆଜିକାଲି ଫଟୋ ଉଠାଇବା ସହଜ ହୋଇଯାଇଛି ସେଲ ଫୋନ୍ ଯୋଗୁ । କ୍ୟାମେରା ନହେଲେ ଚଳବ । ତେଣୁ ଫୋନରେ ଫଟୋଟିଏ ଉଠାଇଲା । ପ୍ରକୃତିର ସୌନ୍ଦର୍ଯ୍ୟର ବେଳେବେଳେ ବିଶ୍ଳେଷଣ କରି ହୁଏନା । ଖାଲି ଅନୁଭବ କରିହୁଏ । ଯେମିତି ମାଆର ସ୍ନେହ ଓ ମମତାକୁ ବର୍ଣ୍ଣନା କରିବା ଖୁବ ଅସମ୍ଭବ ମନେ ହୁଏ । ରୁଚକା ଲିଭିଂରୁମରେ ଏକୁଟିଆ ବସିଲା । ଅନେକ ଚିନ୍ତା ତା' ମନକୁ ଆସୁଥାଏ । କେତେବେଳେ ଏତେ ବର୍ଷ କଟିଗଲାଣି ଭାବି ତାକୁ ଆଶ୍ଚର୍ଯ୍ୟ ଲାଗିଲା । ଏଭିତରେ ତାକୁ ଷାଠିଏ ଟପିଲାଣି । ବାହାଘର ବି ୪୦ବର୍ଷ । ପିଲାମାନେ ସମସ୍ତେ ବଡ ହୋଇ ଯିଏ ଯାହାର ସଂସାର କରୁଛନ୍ତି। ରୁଚକାର ସଂସାର କହିଲେ ବର୍ତ୍ତମାନ କେବଳ ସେମାନେ ଦୁଇଜଣ - ସୁବ୍ରତ ଓ ରୁଚକା । ସୁବ୍ରତ ଚୁପଚାପ ମଣିଷ । ଅନେକ ପରିବର୍ତ୍ତନ ଘଟିଯାଇଛି ସୁବ୍ରତଙ୍କର ।

ରୁଚକା ଯେ ଦିନେ ତାଙ୍କୁ ଭଲ ପାଇ ବାହା ହୋଇଥିଲା ତା ଏବେ ସତ ବୋଲି ମନେ ହେଉନ । ଦିନ ଥିଲା ସୁବ୍ରତଙ୍କ ସହ ସମୟ କଟାଇବା କହିଲେ ଖାଇବା, ପିଇବା, ବୁଲିବାହିଁ ଏକମାତ୍ର ଆକର୍ଷଣ ଥିଲା । ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ । କେତେବେଳେ କେମିତି ଅଳ୍ପ ସମୟ ପାଇଁ ଦେଖା ହୋଇଗଲେ ବାକତକ ସମୟ ଖୁସିରେ କଟିଯାଉଥିଲା । ଦେଖାହେଲା ବେଳେ ଗୃଟ ବା ଗୁପଚୁପ ଖାଇଲାବେଳେ ଖଟା ବି ମିଠା ଲାଗୁଥିଲା । ସେ ମିଠା, ମନରେ ଦେହରେ ଗୁଡ ପରି ବୋଳ ରହୁଥିଲା କଛିଦିନ । ସିଏ ହୁଏତ ଥିଲା ଯୌବନର ଅନ୍ୟ ରୂପ । ଯୌବନ କଥା କହୁଥିଲା ସେତେବେଳେ । ସିଏ ଥିଲା ନୂଆ ନୂଆ କଲେଜ ଦିନର କଥା ।

ରୁଚକା ଠାରୁ ସୁବ୍ରତ ବୟସରେ ବର୍ଷେ ବଡ ହେଲେ ମଧ୍ୟ ଦୁହେଁ ଏକା ସଙ୍ଗରେ, ଏକା କଲେଜରେ ପଢୁଥିଲେ । ପ୍ରଥମ ଦୁଇ ବର୍ଷ ଲୁଗ୍ନ ଛପାରେ, ଆଖି ଗୃହାଁ ଚୁହିଁରେ ଭଲ ପାଇବାର ଅଙ୍କୁରୋଦ୍ଗମ ହୋଇଥିଲା । କେତେବେଳେ ବହି ଦିଆ ନଆରେ ଲୁଚେଇ ଛପେଇ ଦୁଇ ଧାଡି ଚଠିର ଆଦାନ ପ୍ରଦାନରେ ଦୁହେଁ ଖୁବ ଖୁସି ହେଉଥିଲେ । ମନପୂରି ଅଧିର ହୋଇଯାଉଥଲା ଦୁହିଁଙ୍କର । ଦିନକର କଥା, ସେ ଦିନ ସରସ୍ୱତୀ ପୂଜା ଥାଏ, ରୁଚକା ନୂଆ ଲୁଗାଟିଏ ପିନ୍ଧି କଲେଜ ଯାଇଥାଏ ସେଦିନ । କଲେଜରେ ବିଶେଷ ଝିଅ ନଥାନ୍ତି । ସକାଳ ଦଶଟା ସମୟ । ସରସ୍ୱତୀ ପୁଜା ପେଣ୍ଡାଲ ସଜାଡିବାର ଶେଷ ପର୍ଯାୟ । ଖାଲି ଦେବୀଙ୍କୁ ପୁଲମାଳ ପିନ୍ଧାଇବା ବାକଥାଏ । ସୁବ୍ରତ ସେଠି ଗଦା ହୋଇଥିବା ଫୁଲରୁ ଗୋଟିଏ ନାଲି ଗୋଲାପ ଲୁଗୃଇ ଆଣି ପକେଟରେ ରଖିଥିଲେ । ସାଥୀ ସୁଷମା ଦେଖି ଟିକଏ ଥଟାକରି ହସିଲା । ସିଏ ତାହା ଦେଖି ଦେଇଛି ଜାଣି ସୁବ୍ରତ ଲାଜେଇ ଯାଇଥିଲେ । ପକେଟରେ ଗୋଲାପର କଣ୍ଟା ଫୋଡିବାର କଷ୍ଟ ବି ବାଧୁ ନଥିଲା । ଟିପି ଟିପି ହସ ଓଠକୁ ଆସିଯାଉଥିଲା ମଝିରେ ମଝିରେ । ଆଖି ଓଦାଳଆ ହୋଇ ରୁଚକାକୁ ଖୋଜୁଥିଲା । ସେଦିନ କନ୍ତୁ ରୁଚକା ସହ ଆଉ ଦେଖା ହୋଇ ପାରି ନଥିଲା । ଫୁଲଟିକୁ ଆଣି ଗଣିତ ବହି ଭିତରେ ରଖିଦେଇଥଲେ ସୁବ୍ରତ । ଫୁଲର ରଙ୍ଗ ମଉଳ ଯାଇଥିଲା କନ୍ତୁ ଭଲ ପାଇବାର ରଙ୍ଗ ଫୁଲରୁ ମନକୁ ରଙ୍ଗୀନ କରିଥିଲା । ବିନା କାରଣରେ ଗଣିତ କରିବାର ନଥିଲେ ମଧ୍ୟ ବହିକୁ ବାରମ୍ବାର ଖୋଲୁଥିଲେ ସୁବ୍ରତ । ସୁଖି ଝାଉଁଳ ପଡିଥିବା ଫୁଲ ଭିତରେ ରୁଚକାର

ମୁହଁ ଦିଶିଯାଉଥିଲା । ମନେ ମନେ ଭଲ ପାଇବାର ନଆରା ଦୁଃଖ ବା ସୁଖର ସ୍ମୃତି ଭରି ମନ ମତାଣିଆ ହୋଇଥାଏ । ସେଥିରେ ମଲ୍ଲିକାର ବାସ୍ନା ଥାଏ, ଗୋଲାପର ମହକ ଥାଏ, ଆଉ ସେବତୀର ସୌନ୍ଦର୍ଯ୍ୟ ଥାଏ ।

ଅନେକ ବର୍ଷ ପରେ ଆଜି ଯେ ସରସ୍ୱତୀ ପୂଜା ଆସିଛି ଜାଣି ରୁଚକା ମନେ ମନେ ହସୁଥାଏ । ପିଲାମାନେ ତା ବଗିଚାକୁ ଲଣ୍ଡାକରି ଚାଲି ଯାଇଥାନ୍ତି କେଉଁ ସକାଳୁ । ଗେଟ ବନ୍ଦ ହେଲେ ବି ଗେଟ ଚଢି ସେମାନେ ଭିତରେ ପଶି ସବୁ ଫୁଲ ତୋଳି ନେଇ ଯାଇଥାନ୍ତି । ରୁଚକାର ଘର ପୂଜା ପାଇଁ ବି ଗୋଟିଏ ଫୁଲ ନଥାଏ । ସେଥିରେ ରୁଚକା ଦୁଃଖ କରି ନାହିଁ। ପିଲାଙ୍କର ପିଲାଳିଆମି ଏ ଜାବତ ଯାଗ୍ରତ ଅଛି ଦେଖି ସିଏ ହସିଛି ମନେ ମନେ । ନିଜ ପିଲା ଦିନ ମନେ ପକାଇ ଆଶ୍ଚର୍ଯ୍ୟ ହୋଇଛି । ପଚାଶ ବର୍ଷ ଭିତରେ କିଛି ପରିବର୍ତ୍ତନ ହୋଇନି । ଦୁଇ ବର୍ଷ ତଳେ ଝିଅ ପାଖକୁ ଫିଲାଡେଲଫିଆ ଯାଇଥିଲା ରୁଚକା । ସୁବ୍ରତ ସଙ୍ଗରେ ଯାଇ ଖୁବ ଅଶାନ୍ତିରେ ଥିଲେ । ଫେବୃଆରୀ ୨୦ ତାରିଖ, ସରସ୍ୱତୀ ପୂଜା ପଡିଥାଏ । ସେଠାର ଓଡିଆମାନେ ସରସ୍ୱତୀ ପୂଜା ପାଳନ କରୁଥାଆନ୍ତି ହିନ୍ଦୁ ମନ୍ଦିରରେ । ଠିକ ଭାରତ ପରି ପିଲାମାନେ ନୂଆ ଜାମାପଟା ପିନ୍ଧି ୧୧ଟା ବେଳକୁ ମନ୍ଦିରକୁ ଆସିବାକୁ ଆରମ୍ଭ କରିଥାନ୍ତି । ସବୁ ସଜଡା ସଜଡି ସାରି ପୂଜା ହେଉ ହେଉ ଘଣ୍ଟାଏ ଡେରି ହୋଇଗଲା । ସମସ୍ତେ କିନ୍ତୁ ଧୈର୍ଯ୍ୟର ସହ ବସି ରହି ପୂଜାକଲେ । ପିଲାମାନେ ସରସ୍ୱତୀ ବନ୍ଦନା ଗାଇଲେ, "ୟା କୁନ୍ଦେନ୍ଦୁ ତୁଷାର ହାର ଧବଳା..."ପଣ୍ଡିତ ଓ ବାପ-ମାଆଙ୍କ ମୁଖ ନିସୃତ ବନ୍ଦନା ବିଦେଶରେ ରହୁଥିବା ପିଲାଙ୍କ ସ୍ୱରରେ ଖଣ୍ଡ ବିଖଣ୍ଡିତ ଶୁଣା ଗଲେ ମଧ୍ୟ ରୁଚକାକୁ ଖୁସି ଲାଗୁଥାଏ । ପିଲାମନେ ସଂସ୍କୃତ ଉଚ୍ଚାରଣ କରିପାରୁଛନ୍ତି, ସରସ୍ୱତୀ ପୂଜା କରୁଛନ୍ତି, ମନ୍ଦିର ଯାଉଛନ୍ତି ଦେଖି ସିଏ ଆଶ୍ଚର୍ଯ୍ୟ ଓ ଖୁସି ଉଭୟ ଅନୁଭବ କରୁଥାଏ । ଇଏ ଏକ ଅନନ୍ୟ ଅନୁଭୁତି ।

ଏ ଭିତରେ ଦୁଇ ବର୍ଷ ହେଲା ସିଏ ଯାଇନି ଝିଅ ପାଖକୁ । ଝିଅ ବି ଡାକିନି ଆସିବାକୁ । ଆଜିକାଲି ଫେସଟାଇମରେ ଦେଖିବାର ସୁବିଧା ଅଛି । କଥା କହିବା ସଙ୍ଗେ ସଙ୍ଗେ ଦେ ବି ହେଉଛି । ଝିଅ ଜୁଆଁଇ, ନାତି ନାତୁଣୀଙ୍କ ସଙ୍ଗେ ଏକା ସମୟରେ କଥା ହୋଇ

ପାରୁଛି। ନାତୀ/ନାତୁଣୀଙ୍କର କଥା ହେବାରେ ବହୁତ ଆଗ୍ରହ ନ ଥିଲେ ମଧ ବାଧ ବାଧକତାରେ ବୋଧେ ସେମାନେ କଥା ହୁଅନ୍ତି ବେଳେ ବେଳେ । ସେମାନେ ତ ପିଲା, କେତେ ବା ଜାଣିଛନ୍ତି ତା ବିଷୟରେ ? କଅଣ ପଗ୍ଚରିବେ, କେତେ ସମୟ କଥା ହେବେ ? ସିଏ ବୁଝି ପାରେ । ନଜେ ବି ସେଇ ପ୍ରଶ୍ନ ପ୍ରତିଥର ପଗ୍ଚରେ । କଅଣ ପଢୁଛନ୍ତି, କଅଣ କରୁଛନ୍ତି, କଅଣ ଖାଇଛନ୍ତି ଇତ୍ୟାଦି ... । ସେଇ ପ୍ରଶ୍ନ ଦୋହର୍‌ଇଲେ ପିଲା ବୋଧେ ବିରକ୍ତ ହୋଇ ଯାଆନ୍ତି, କନ୍ତୁ ପ୍ରକାଶ କରନ୍ତି ନାହିଁ । ପ୍ରଥମ ପ୍ରଶ୍ନ ପରେ କଏ କୁଆଡେ କେମିତି କଥା ଶେଷ କରି ଗ୍ଚଲିଯିବେ ସେଥିକୁ ବାଟ ପାଆନ୍ତି ନାହିଁ । ଆସ୍ତେ ରୁଚକା ଜାଣି ପାରିଲା, ହୁଏତ କଥା ପଗ୍ଚରିଲେ ଯେତିକ, ନ ପଗ୍ଚରିଲେ ସେତିକ ! ପିଲାଙ୍କର ଅଦେଖା ଅସ୍ୱସ୍ତି ଭ୍ଵ ଦେଖି ସିଏ ମଧ ପଗ୍ଚରିବା କମ କରିଦେଲା । ଏବେ ସମସ୍ତଙ୍କର ସେଲଫୋନ ହେବା ଦିନରୁ ଆଉ ସେ ସବୁର ଅସୁବିଧା ନାହିଁ । ଟେକ୍‌ଷ୍ଟ କରିବାଟା ସୁବିଧା ସମସ୍ତଙ୍କୁ । ଧାଡିଏ ଦୁଇ ଧାଡିରେ ସବୁ ପ୍ରଶ୍ନର ଉତ୍ତର ସୁବିଧାରେ ମିଳଯାଉଛି । ସିଏ ଖୁସି, ପିଲାବି ନ୍ୱାହି । ନଜ ଝିଅ ମଧ ଗପିବାରେ ଆଗ୍ରହ ଦେଖାଉନ । ସମସ୍ତଙ୍କର ରୁଚ କମରେ କାମ ଚଳାଇବା । ମୋ' ଭଳ ତ କାହାର ସମୟ ପଡିନ ! ସେଥିରେ ପୁଣି ଦୁଇ ବର୍ଷ ଭିତରେ "କର୍‌ନା ଜୀବାଣୁ" ଆସି ଆତଙ୍କ ସୃଷ୍ଟି କରିଛି । ଲ୍ଳେକ ମାନଙ୍କର ଯିବା ଆସିବା କମିଯାଇଛି । ଝିଅ ଅସିମା ମାଆକୁ ଡାକ କୁଆଡେ ଯିବାକୁ ବାରଣ କରିଛି, ଯଗି ରଖି ଚଳବାକୁ କହିଛି । ସେଇ ଭୟରେ ସିଏ ଚୁପ ହୋଇ ରହିଗଲା । ନଜକୁ ବୁଝାଇନେଲା । ପରେ ସମସ୍ତେ ଭ୍ୟସିନ ନେଇ ସାରିଲା ପରେ ହୁଏତ ସିଏ ଯିବାକୁ ଚେଷ୍ଟା କରିବ । ସୁବ୍ରତଙ୍କୁ କନ୍ତୁ କଛି ଫରକ ପଡିଲା ନାହିଁ । ନୂଆ ରିଟାଏର କରିଛନ୍ତି । ରିଟାଏରମେଣ୍ଟକୁ କଛି ଦିନ ଉପଭ୍ଳେଗ କରିବକୁ ଇଚ୍ଛା । ବରଂ ଭ୍ରତରେ ରହି କଛି ତୀର୍ଥ ଦର୍ଶନ କରିହେବ, ଭ୍ଇ ଭଉଣୀଙ୍କ ସହ ଦେଖା କରି ହେବ, ସାଙ୍ଗ ମାନଙ୍କୁ ଏକାଠି କରି ବିଭିନ୍ନ ସ୍ଥାନକୁ ବୁଲି ଯାଇ ହେବ । କଛି ନହେଲେ ପୁରୀଯାଇ କଛି ଦିନ ରହି ଠାକୁରଙ୍କୁ ଦେଖିବା ସଙ୍ଗେ ସଙ୍ଗେ ସମୁଦ୍ରକୂଳରେ ସମୟ କାଟାଇ ଉପଭ୍ଳେଗ କରିହେବ । ହଠାତ ରୁଚକାକୁ ଘର ଭିତରେ ଦେଖି ସୁବ୍ରତ ସେ ବିଷୟରେ ଆଲ୍ଳେଚନା କରିବାକୁ ଠିକ କଲେ । ସୁବ୍ରତଙ୍କୁ ଦେଖି ରୁଚକା ଖୁସି ହୋଇ ତାଙ୍କ ହାତ ଭିଡି ତାଙ୍କୁ ସୂର୍ଯ୍ୟାସ୍ତ ଦେଖାଇବାକୁ ନେଇଗଲା । ସେତେବେଳକୁ ସୂର୍ଯ୍ୟ ପୂର୍‌ପୁରି ଅସ୍ତ ଯାଇଛନ୍ତି । ପଶ୍ଚିମ ଦିଗଟି ନାଲି ରଙ୍ଗରେ ଚହଟି

ଯାଇଛି । କେଉଁଠି ମଝିରେ ମଝିରେ ସୂର୍ଯ୍ୟ ଉଙ୍କି ମାରି ଶେଷଥର ପାଇଁ ଦେଖି ନେଉଛନ୍ତି ପ୍ରଥିବୀକୁ । ରୁଚକା ହାତଟାଣି ସୁବ୍ରତଙ୍କୁ ବସିବାକୁ ବାଧ କଲା । ଭିତରୁ ଗୁହା ଦୁଇକପ ଆଣି ନଜେ ବସିଗଲା । ସୁବ୍ରତ ନାହିଁ କରି ପାରିଲେ ନାହିଁ । ସେମିତି ବିଶେଷ କଛି କଥା କହିବାର ନାହିଁ ତାଙ୍କର । ଦୁହେଁ କଛି ସମୟ ଚୁପ ହୋଇ ବସିରହିଲେ । ରୁଚକା ଆରମ୍ଭ କଲା । କଥା କହିବାକୁ ତା' ପାଟି ଖଲ ଖଲ ହେଉଥାଏ । ପିଲାଙ୍କ ଫୁଲତୋଳା କଥା ମନକୁ ଛଟପଟ କରୁଥାଏ । ସ୍ୱରରେ ସାମାନ୍ୟ ଆକ୍ରୋଶ ଭାବ ଆସୁଥାଏ । ନଜ ପିଲା ଦିନର ସମୟ ଓ ଏବେର ସମୟର ସିଏ ତୁଳନା କଲା । ଏବେ ତ କାହା ବାରିରେ ଅନୁମତି ବିନା ପଶି  ଫୁଲ ତୋଳବାକୁ ଚୋରୀ ବୋଲି ଧରା ଯାଇପାରେ । ଆମ ସମୟରେ ସେ ସବୁକୁ କେହି ଏତେ ଗୁରୁତ୍ୱ ଦେଉ ନଥିଲେ । ଫୁଲ ଚୋରୀକୁ ପିଲାଳଆମୀରେ ନେଉଥିଲେ । ଗଣେଷ, ସରସ୍ୱତୀ ପୂଜା ଓ ଖୁଦୁରୁକୁଣୀ ଥିଲା ପିଲାଙ୍କ ପାଇଁ ବଡ ପର୍ବ । ଭାଇ ମାନେ ଏହାର ବିଶେଷ ଦାୟିତ୍ୱ ନେଇଥାଆନ୍ତି । ପୋଖରୀରୁ ନାଲି କଇଁଫୁଲ ଆଣି ଖୁବ ଖୁସି ଓ ଖୁବ ଗର୍ବ ଅନୁଭବ କରନ୍ତି । ପାଚେରୀ ପାଖ ହଳଦିଆ କନଅର ଓ ଟଗର ଗଛ ନଣ୍ଡା ହୋଇ ପରଦିନ ପାଇଁ ଅପେକ୍ଷା କରିଥାଆନ୍ତି । କନ୍ତୁ ପାଖ ମାଜିଷ୍ଟ୍ରେଟଙ୍କ ଘର ତରାଟ ଗଛ ଫୁଲ ଭର୍ତି ଥାଏ । କେହି ଭିତରକୁ ଡେଇଁ ଫୁଲ ନେବାକୁ ସାହସ କରନ୍ତି ନାହିଁ। ସାନ ଭାଇ ବାବୁଲିର କନ୍ତୁ ସାହସ କଛି କମ୍ ନୁହେଁ । ତାଙ୍କ ଘର କବାଟ ବାଡେଇ କଛି ତରାଟ ଫୁଲ ଆଣି ସିଏ ବାହାଦୂରୀ ନଏ । ସାନ ଭଉଣୀ ସୁମା ମଧ ଫୁଲ ଚୋରୀର ଅନେକ ଗପ ଶୁଣାଏ । ଭାଇ ଭଉଣୀଙ୍କ ମଧରେ ପ୍ରତିଯୋଗିତା ଚାଲେ । ହସ ଖୁସିରେ ସମୟ ବିତିଯାଏ । ଭାଇ କନ୍ତୁ କଇଁ ଫୁଲ ଆଣିବାର ବାହାବା ନଏ ଓ ଜିତିଯାଏ।

ସେଦିନ ଶେଷ ପାଳ ଖୁଦୁରୁକୁଣୀ କଥା ମନେ ପଡିଲା ରୁଚକାର, ଯଦିଓ କେଉଁ ବର୍ଷ ତା ମନେ ପଡୁନାହିଁ ଏ ଯାଏ । ଏଇ ଫୁଲ ଚୋରୀ କଥାରୁ ବୋଉ ଅନେକ ବିରକ୍ତ ହୋଇଥିଲା ଚୋରୀ କରିବା ପାପ ଓ ଛୋଟ ଚୋରୀରୁ ବଡ ଚୋରୀ କରିବାକୁ ସମୟ ଲାଗେନ ବୋଲି ତାର ମତ । ବାବୁଲି ଉପରେ ତାର ବିରକ୍ତି ସମସ୍ତଙ୍କ ମନକୁ ଉଦାସ କରିଥିଲା । ଭାଇର ଶୁଭ ମନାସୀ କୁଦୁରୁକୁଣୀ ପାଳବାର ସୁଖ ବି କାହିଁ କେଉଁଠି ଲିଭି ଯାଇଥିଲା । ରୁଚକା ଖୁଦୁରୁକୁଣୀ ନକଲେ ମଧ ଭାଇ ପାଇଁ ପୂଜା କରିବାକୁ ଏବେ ଯାଏ ସିଏ ବନ୍ଦ କରି ନାହିଁ ।

ବୟସର ଚାପ ତାକୁ କମାଇ ପାରି ନାହିଁ । ରୁଚକା ଝିଅକୁ ଡାକି ପୂଜା କରିବା କଥା ମନେ ପକାଇ ଦେଲା । ସୁମିତା ଏବେକାର ଝିଅ । ଏ ପୂଜା ପୂଜିରେ ତାର ମନ ନ ଥାଏ । ସିଏ ହସିଲା । କହିଲା, "ବୋଉ, ଆଜିକାଲି ଯୁଗ ବଦଳଲାଣି । ଏବେ ଏ ଖୁଦୁରୁକୁଣୀରେ କାହାର ମନ ନାହିଁ । ହଁ, ପିଲାଏ ପାଠ ପଢୁଛନ୍ତି ବୋଲି ସରସ୍ୱତୀ ଓ ଗଣେଷ ପୂଜା କରୁଛନ୍ତି । କନ୍ତୁ ଖୁଦୁରୁକୁଣୀ ବା ବାଲୁକା ପୂଜା କରୁ ନାହାନ୍ତି । ରଜ, କୁମାରପୂର୍ଣ୍ଣିମା କରିବା ବି କମିଗଲାଣି ଓ ତାହାର ଆଦର ନାହିଁ" । ରଜର ଚଟି ପିନ୍ଧା, ଦୋଳି ଖେଳା, ସଜ ପୋଡ ପିଠା ସବୁ ମନେ ପଡେ ରୁଚକାର । ବାରଣ୍ଡାରେ ଅବା ବଡ ପିଜୁଳି ଗଛ ଡାଳରେ ବାପା ଦୋଳି ବାନ୍ଧି ଦିଅନ୍ତି ଝିଅଙ୍କ ଖେଳିବା ପାଇଁ । ରଜ ସରିଗଲେ ବାରଣ୍ଡାର ଦୋଳି କଢା ହୋଇଯାଏ କନ୍ତୁ ଗଛର ଦୋଳି ସେମିତି ଓହଳି ଥାଏ । କୁମାରପୂର୍ଣ୍ଣିମାର ଚାନ୍ଦ ଚକଟା, ଚାନ୍ଦ ପୁଜା ଓ ସକାଳ ଲିଆ ଆଞ୍ଜୁଳି, ସନ୍ଧ୍ୟାର କସି ଜହ୍ନି, କାକୁଡି ଓ ଚାନ୍ଦ ପୂଜାର ମଜା କଛି ଅଲଗା ଲାଗେ । ଯେତେ କଷି ସେତେ ଭଲ ଓ କଷି ହେଲେ ତରୁଣ ବର ମିଳିବ ବୋଲି ଲୋକକଥା ଶୁଣାଯାଏ । ଏକଥା ଭାବି ହସ ଲାଗିଲା ତାକୁ । ବାହାଘର ହେବାର ପ୍ରଥମ ବର୍ଷ ସିଏ କୁମାରପୂର୍ଣ୍ଣିମା କରିଥିଲା । ବାସ ସେତିକି । ନଜ ଝିଅ ବି କେବେ କୁମାରପୂର୍ଣ୍ଣିମା କରିନାହିଁ। ସୁବ୍ରତ ପର୍ବ ପର୍ବାଣୀରେ ମନ ଦିଅନ୍ତି ନାହିଁ । ପର୍ବ ମାନଙ୍କରେ ସିଏ ଓଭନରେ ପୋଡପିଠା କରେ । ସେଥିରେ କିସମିସ, କାଜୁ ପକାଏ । ବିରି ଚାଉଳ ଗୁଣ୍ଡର ପିଠା ହୋଇଯାଏ । ଶିଳ ବଟା ଯୁଗ ଗଲାଣି । ଘଣ୍ଟାକରେ ସବୁ ପ୍ରସ୍ତୁତ । ଥଣ୍ଡା ହୋଇଗଲେ ପିସ୍ ପିସ୍ କରି କାଟି ସିଏ ଡବାରେ ରଖିଦିଏ, ସକାଳ ଚାହା ସହ ଗୋଟେ ଦୁଇଟା ପିସ ଖାଇବାକୁ ଭଲ ଲାଗେ । ଏ ସବୁ କଥା ଭାବି ରୁଚକାର ୫୦ବର୍ଷ ତଳର ଦିନ ଗୁଡିକ ପରିଷ୍କାର ମନେ ପଡିଗଲା । ଆଖିରେ ଅଳ୍ପ ହସର ଚମକ ଲାଗି ରହିଥାଏ । ଓଠରୁ ସ୍ମିତ ହସ ଲିଭେ ନାହିଁ । ସେଇ ଚପଳମତି ରୁଚକା "ରୁଚ" ହୋଇଯାଏ । ଏବେ ପର୍ବ ପର୍ବାଣୀ କଥା ଭାବୁ ଭାବୁ ରୁଚକାର ପିଲାଦିନର ପାଖ ପଡୋଷିଙ୍କ ପୁଅ ମନୋଜ କଥା ମନେ ପଡିଲା। ପାଖ ଘର ଜେଲରଙ୍କ ପୁଅ ଥିଲା ମନୋଜ । ତାଠାରୁ ବୟସରେ ଦୁଇ ବର୍ଷ ବଡ। ହାଇସ୍କୁଲର ଶେଷ ଦୁଇ ବର୍ଷ ଦୁହେଁ ପରସ୍ପରର ନିକଟତର ହୋଇଥିଲେ, ଭଲ ପାଉଥିଲେ ପରସ୍ପରକୁ । ବୋଉର ରାଗ ଆଖି ଓ ବାପାଙ୍କର ତାଡନାରେ ତାହା ଉଧେଇ ପାରି ନଥିଲା। ମନୋଜ ବିଜେବିରେ ଚାରି ବର୍ଷ ପଢି ପରେ ବାଣୀବିହାରରେ ଦୁଇ ବର୍ଷ କଟାଇ ଓଏସ

ପାଇ କଳାହାଣ୍ଡିରେ ପୋଷ୍ଟିଙ୍ଗ ହୋଇ ଚାଲି ଯାଇଥିଲା । ରୁଚକାର ଆଉ ଯୋଗା ଯୋଗ ହୋଇ ପାରି ନଥିଲା ତା ସହ । ସେଇ ଟିକକ ସମ୍ପର୍କ ତାକୁ ଅନ୍ୟ ମାନଙ୍କ ଠାରୁ ଦୂରରେ ରଖିଥିଲା । ବାପା ବୋଉ ତାକୁ ଅନ୍ୟକଥାରେ ଜବତ କରି ରଖିଥିଲେ । ବୋଉ ତାକୁ ଏ ସବୁର ପରିଣତି ଭଲରେ ବୁଝାଇ କହିଥିଲା । ମିଛ ମାୟା ମରିଚକା ପଛରୁ ହଟି ଆସିଥିଲା ରୁଚକା । ସୁବ୍ରତର ହାତ ଧରି ନୀରବରେ ଆଗେଇ ଯିବା ଯେ ଏକମାତ୍ର ରାସ୍ତା ତାହା ସିଏ ବୁଝି ଯାଇଥିଲା । ରୁଚକା ଭିତରୁ "ରୁଚ" ହଜିଗଲା । ନଜର ରୁଚ ଯେ ଝିଅ ମାନଙ୍କର ସବୁବେଳେ ରହି ପାରେନା ତାହା ପରିଷ୍କାର ହୋଇଗଲା ତା ପଖରେ । କୌଣସି ରାସ୍ତାରେ ଯିବା ପୂର୍ବରୁ ତାକୁ ପରଖି ନେବାକୁ ହୋଇଥାଏ, ଭଲ ମନ୍ଦ ବିଚାର କରି ପାଦଟି ଆଗେଇବା ଉଚତ ହୁଏ । ଦୁମ କରି କାହା କଥା ନ ଶୁଣି କାମ କରିବା ପୂର୍ବରୁ ଆଉ ଥରେ ଭାବିବା ଦରକାର ହୁଏ । ବୋଉର ଆକଟ ଏଯାଏଁ ଯେ ତା ଭିତରେ ଜାଗି ରହିଛି ତାହା ଭାବି ସିଏ ଆଶ୍ଚର୍ଯ୍ୟ ହେଲା । କେତେବେଳେ ବୟସ ଆସି ଶାଠିଏ ଛୁଇଁଲାଣି, କନ୍ତୁ ଭିତରେ ଜିଇ ରହିଛି ସେଇ ଶୋଳ ବୟସି ଝିଅ ରୁଚ । କେମିତି, କାହିଁକି, କପରି ସେ ପ୍ରଶ୍ନ ଖୋଜିଲେ ଉତ୍ତର ମିଳେନା । ଆଖି ଲମ୍ବିଯାଏ ଦୂରକୁ । ଦୃଷ୍ଟି ମିଶି ଯାଏ ଦିଗବଳୟରେ । ଅସ୍ତଗାମୀ ସୂର୍ଯ୍ୟର ଲାଲିମା ଅତି ଅପଣାର ଲାଗେ । ମନ ହଜିଯାଏ ସ୍ମୃତିରେ ।

ଏଲକ୍‌ରିଜ, ମେରିଲାଣ୍ଡ

# ଗୁପତ ଗାଥା



ପ୍ରତିମା ମେହେର

ନାହିଁ କଛି ଗ୍ୱର୍ ବଖାଣିବାକୁ ଗୁପତ ଗାଥା
ରକ୍ତାକ୍ତ ସମ୍ପର୍କ  ଛଟପଟ ପ୍ରତି ମୁହୂର୍ତ୍ତରେ
କାହିଁକି ମଉଳେ ମନ!
ଝଡ଼ିଯାଏ ସ୍ନେହର ପାଖୁଡ଼ା
ଧରି ରଖିବାକୁ ନିର୍ଲଜ ଏ'ମନ ବାରମ୍ବାର ଚେଷ୍ଟିତ
ସୁଧୁରିବକି ଅବିବେକୀ ମଣିଷ !
ମିଛ ସବୁ ପ୍ରହେଳିକା; ସାତପର ଆତ୍ମୀୟ
ଅଛପା, ଅକୁହା ପ୍ରାଣ କାନ୍ଦେ ଚୁପି ଚୁପି
ସତ୍ୟର ଢେର ପଛରେ ଧାବମାନ ହୃଦୟ
ତତଲ୍ ଲୁହରେ ଲେଖା କେତେ ଅକୁହା କାହାଣୀ
ବୁକୁଫଟା ଚିତ୍କାର କରେ- ଆତ୍ମହତ୍ୟା ନିବୁଜ କୋଠରୀରେ
ହେ ଆତ୍ମନ୍! ଆମେ କିବା ନୋହୁଁ ମାଟିର ସନ୍ତାନ
ନୁହେଁ କି ବା ରକ୍ତ ଆମରି ଲାଲ୍!
ତେବେ କିଆଁ ଏତେ ପାତର ଅନ୍ତର,
ଶୁଷ୍କ ମରୁବାଲି ରେ ଫୁଟିବ କି ଫୁଲ?
ଝରିବ କି କେବେ ଅମୃତ'ର ଝର,
ଦାନବ ଦେହରେ..
ମନେ ଜାଗେ ଆଶା ଶେଷ ଜୀବନରେ...

ପାଟଣାଗଡ଼
ଜି-ବଲାଙ୍ଗୀର

# ବିରହିନୀ ମନ



ରଶ୍ମୀବାଳା ଶତପଥୀ

ଛାତିରେ କୋହ ଆଖିରେ ଲୁହ
ନଜର ହୋଇଛି ଆଜି,
ଓଠର ହସ ହଜି ମୋ ଯାଇଛି
ତୁମକୁ ମୁଁ ଖୋଜି ଖୋଜି।
ଅପେକ୍ଷାର ଯନ୍ତ୍ରଣା କେତେ କଷ୍ଟ ଦିଏ
ସେ କଥା ବୁଝିଛି ଆଜି,
ହୃଦୟରେ ମୋର ଯାତନା ଅସଂଖ୍ୟ
ସହେ ବିରହିନୀ ସାଜି।
ପ୍ରେମ ପିଆଲ୍‌ରେ ପ୍ରିତିରସ ଭରି
ପିଆଇ ଦେଲ୍ ଯେ ମୋତେ,
ବିଷ ଜ୍ୱାଳା ପରି ଦଂଶନ କରିଲ
ଭୁଲି ମୁଁ ପାରୁନ ସତେ।
ମଦୀର୍ ର ନଶା ପରି
ତୁମ ପ୍ରେମ ଥିଲ୍,
ନଶା ଛାଡ଼ି ଗଲ୍ ପରେ
ପ୍ରେମ ତୁମ ହଜିଗଲ୍।
ନୀରବରେ ମନ ଆଜି
ପ୍ରଶ୍ନ କରି ଗ୍ଲେ ମୋତେ ,
ଭୁଲ୍ କଣ ରହିଗଲ୍ ମୋର
ହରେଇ ଦେଲି ମୁଁ ତତେ।

ପାହାନ୍ତିଆ ସୂର୍ଯ୍ୟ କରଣ ରେ
ମନେ ପଡ ବେଶୀ ତୁମେ,
ସଂଜ ନଇଁଗଲେ ଜହ୍ନ ଆଲୁଅରେ
ଗଗନେ ଦିଶଇ ତମେ।
ମନର ଅସୁମାରୀ ସ୍ୱପ୍ନ ଆଶା
କ୍ଷଣକରେ ଭଙ୍ଗି ଯାଇଛି,
ତୁମର ପ୍ରେମ ପ୍ରତାରଣା କୁ
ଭୁଲିବି କେମିତି ଭାବୁଛି।।

ଯାଜପୁର ଟାଉନ୍, ଯାଜପୁର

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – 9594993733 / 882821333

# ପାପ ପୟର



ଅଶୋକ କୁମାର ପ୍ରଧାନ

ପବିତ୍ର ମନ ତା ପାପର ଗଣ୍ଠୁଲି ଧରିଗଲା ଯୋଉଦିନ
ପହଡେ ପହଡେ ସୁଖକୁ ଲୋଡି ସେ ପରମ ଭୁଲିଲା କ୍ଷଣ
ପାଦ ନତି ଗଲା ଅନୀତି ପଥରେ ନୀତିକୁ କରି ସେ ଧ୍ୱଂସ
ପାହୁଣ୍ଡେ ପାହୁଣ୍ଡେ କାହିଁକ କେଜାଣି ସୁଖକୁ କରେ ସେ ଆସ।

ପଥଗ୍ୱରୀ ପରି ପାରିଲାନ ଜାଣି କୋଉଟା ଠିକଣା ତାର
ପରିଶ୍ରମ ତାର ବୃଥାହେଲା ସବୁ ଲକ୍ଷ୍ୟ ହୋଇଗଲା ଦୂର
ପକ୍ଷୀ ଭୁଲିଗଲେ ନୀଡର ଠିକଣା ବୁଲଇ ଯେସନେ ନଭେ
ପ୍ରାଣ ପକ୍ଷୀ ତା'ର ବାହୁନ କାନ୍ଦଇ ଅନ୍ତର ଅନଳ ଭ୍‌ବେ।

ପୟୋଧି ଜଳରେ ପାପ ଧୋଇ ତାର ପୂତ କରିବ ମନ
ପରମ ପଦର ସ୍ପର୍ଶ ପାଇଁ ସେ ହଜାଇବ ଅନ୍ତଃ ଚହ୍ମ
ପିଣ୍ଡ ପର୍‌ଣ ପଣ୍ଡ କରି ସେ ବିଭୁଙ୍କୁ ଆଣିବ ବରୀ
ପର୍‌ଣ ଦେବତା ପୟରେ ମନକୁ ରଖିବ ଜାଗ୍ରତ ଭରି

ପାପ ପୟର ତା ପାଇବକ ପଥ ପରମ ଛୁଇଁବା ପାଇଁ
ପରମ ପାଇଲେ ସବୁପାପ ତାର ଗ୍ଳଲିଯିବ ଛାଏଁ ଛାଏଁ।

ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ଗ୍ରେହିଗାଁ, ଗଞ୍ଜାମ

# ଟିକଲି ଗଛ



ଆରତୀ ସାହୁ (ଆଶା)

ରାଉରକେଲା ଇସ୍ପାତ ମହାନଗରୀର ମାୟାରୁ ନିଜକୁ ଏଯାବତ ମୁକୁଳେଇ ପାରି ନାହିଁ ମୁଁ । ମୋର ଧାରଣା, କେହି ବି ମୁକୁଳ ପାରିବନି । ମୋର ସାଧନାର ନଗରୀ, ରଙ୍ଗୀନ ସ୍ୱପ୍ନର ନଗରୀ । ବାଲ୍ୟରୁ ନେଇ କୈଶୋର ଓ ଯୌବନର ମହୁଲିଆ ବାଟରେ କେତେ କେତେ ଚିହ୍ନ କେତେ କେତେ ପରିଚୟ ମୁଁ ଛାଡ଼ିଆସିଛି । ମନ ହୁଏ, ଆଜି ଯାଇ ସେସବୁକୁ ଖୋଳତାଡ଼ କରି ବାହାର କରିବି । ଆଘ୍ରାଣ କରିବି ଅତୀତର ବାସ୍ନାକୁ । କାନ୍ଦିବି ବୁକୁ ଫଟାଇ ।

ତିନି ବର୍ଷର ମୁଁ । ପାଞ୍ଚ ବର୍ଷର ନାନୀ । ଭାଇ ମୋତେ ଦେଇଥିଲେ ପାଞ୍ଚଟା ଟିକଲି, ଏକ ପଇସୀ । ମୁଁ ଭାଇଙ୍କ ଦଶଟା ଯାକ ହାତ ଆଙ୍ଗୁଳି ଠୋ ଠା ଫୁଟେଇ ଦେଇଥିଲି ତ । ସେତିକି ତ ସେତେବେଳେ କୁବେରର ଭଣ୍ଡାର । ପାଞ୍ଚଟା ନାଲି ନେଳି ଲେବେନ୍ ଚୁସ୍ ମିଳେ ଯେ ସେତିକରେ । ସ୍ନେହୀ ପାନ ଦୋକାନୀ ଗୋଟିଏ ଦୁଇଟା ଉନକା ବି ଦେଇ ଦିଏ ଅଧିକା । ମୋର ଗାଲ ଓ ପିଠିକୁ ନ ଛୁଇଁ ମଧ । ବେକରି ବାଲା ସର୍ଦ୍ଦାର ଟିକଲି ସବୁକୁ ମୋ ମୁଠାରେ ପୁଣିଥରେ ଅଜାଡ଼ି ଦେଇ ଗୋଟାଏ ବଡ଼ ବନ୍ ଦେଇଦିଏ ।

- ବେବୀ , ପୈସା ନହିଁ ଗୃହିଏ ।

ନାନୀ କହିଲା ଗୋଟିଏ ଟିକଲି ପୋତି ଦେବା । ସାତ ଦିନରେ ଦଶଟା ଟିକଲି ବାହାରିବ । ନାନୀକୁ ଢେର୍ ଜାଦୁ ଆସେ । ବାଁ ହାତରେ ଥିବା ପଇସାକୁ ଆଖି ପିଛୁଳାକେ ଡାହାଣ ହାତକୁ ନେଇଆସେ । ଦୁଇଟା ପୁଟୁସ୍ ମଞ୍ଜି ଫାଳ ପାଟିରେ ପୂରେଇ ଗୋଟାଏ ଗୋଟା

ମଞ୍ଜି ବାହାର କରି ଦିଏ । ବୁଢ଼ା ଆଙ୍ଗୁଠିକୁ କାଟି ଅଲଗା କରିଦିଏ । ଆମ୍ବ ଗଛରେ ଚଢ଼ି ପିଜୁଳି ଗଛରୁ ଓହ୍ଲାଏ । ସତରେ, ଢେର୍ ଜାଦୁ ଆସେ ତାକୁ ।

କାଠି ଖଣ୍ଡେରେ ଗାତ ଖୋଳି ଆତୁଆ ଗଛ ମୂଳେ ପୋତିଦେଲି ଟିକଲି ଗୋଟାକୁ ତା କଥା ମାନି । ପାଣି ଢାଳେ ବି ଦେଇଦେଲି । ସେଦିନ ରବିବାର ଥାଏ । ସାତଦିନ ଯାକ ଦଶଟା ଟିକଲି ସ୍ୱପ୍ନରେ ବିଭୋର ମୁଁ ।

ତା ଆର ରବିବାର ଅଗ୍ରନକ ଷଢେଇକଳା ଯାତ୍ରା । ଦୁଇ ଘଣ୍ଟିଆ ରେଳ ଯାତ୍ରା, ଗୁଉରକେଲା ଷଢେଇକଳା, ଏମିତି ଅଗ୍ରନକ ଡିଆଁ ଡେଇଁ ଗ୍ଲିଥାଏ । ଅଳ୍ପ ପଇସା ଭଡ଼ା ତ ।

ଏଇ ଅଗ୍ରନକ ରେଳଟିର ମୁଁ ମଧ୍ୟ ଯାତ୍ରୀ । ଟେମ୍ପୋ ଆସିଲା ଅନ୍ଧାରିଆରୁ ।

- ଉଠ୍ ଗୋ କୁନ, ଉଠ୍ । ଷଢେଇକଳା ଯିବା ପର୍ ।

- ଆଉ ମୋ ଟିକଲି ?

ଦାନ୍ତ ଘଷିବା ଦରକାର ନାହିଁ । ମୁହଁ ଧୋଇବା ବି ଦରକାର ନାହିଁ । ସେ ସମୟରେ ଆମେ ପିଲାମାନେ ଅସନା ହେଉ ନଥିଲୁ କି କେହି ଆମ ଅସନାକୁ ଧରୁ ବି ନଥିଲେ । ନାକରୁ ଆରାମରେ କାନମୁଣ୍ଡରେ ସିଙ୍ଘାଣୀ ପୋଛି ଦେଇ ପାରୁଥିଲେ ଅନାୟାସରେ, କେହି ବି । ଛୁଆ ତ ସମସ୍ତଙ୍କର ନା ।

ଗୋଲାପୀ ପ୍ଲାଷ୍ଟିକ ଚପଲ ହଳେ ମାଡ଼ି ଧାଇଁଲି ଆତୁଆ ମୂଳକୁ । କାଠିଟା ପଡ଼ିଥିଲା । କନ୍ତୁ ଗ୍ରେଷେଇଘର ଆବର୍ଜନା ଓ ପାଣି ପଡ଼ି ଚହ୍ଲ ହଜି ଯାଇଥିଲା । ଏଠି ସେଠି ଖୋଳିଲି । ବିକଳ ହେଲି । ଦଶଟା ଟିକଲି ବାହାରିବା ଯାଗା ମିଳିଲା ନାହିଁ । ଗୋଟିଏ ଟିକଲିର ଦୁଃଖ ମାଡ଼ିବସିଲା ।

ମାଆ ଡାକିଲା, - ଚଲ୍ ଚଲ୍, ଟେମ୍ପୋ ପର୍ ପୁଁ ପୁଁ କଲାଣି ।

ମାଆ ଧରିଥିଲା ଗୋଟାଏ ହାତରେ ଲୁଗାଭର୍ତ୍ତି ପରିବା ବ୍ୟାଗ । ଆର ହାତରେ ମୋର ଖୁଆ ଧରି ଟାଣି ଟାଣି ନେଉଥିଲା । ମୁଁ ଟାଣି ହେଉଥିଲି ମୋର ପୋତା ଖଜଣା ଦିଗକୁ । ଆଖି ଦୁଇଟା ଖୋଜି ବୁଲୁଥିଲେ ଚହ୍ନ ।

ଟେମ୍ପୋ ଗ୍ଲିଲା ଆଗକୁ, ରେଳ ଗ୍ଲିଲା ଷ୍ଟେସନ ପରେ ଷ୍ଟେସନ ପଛକୁ ଛାଡ଼ି । ବଣ ଜଙ୍ଗଲ ସବୁ ପଛକୁ ଧାଇଁଲେ । ଷଢେଇକଳାର ଗ୍ଜବନ୍ଧ, ମାଉସୀ ମାଆ ମନ୍ଦିର ଦେଖାଗଲା ସରକାରୀ ବସ୍ ଭିତରୁ । ବସ୍ ଝରକାର ରେଲିଂକୁ ଚୁଚୁମି ସଫା କରିଦେଉଥିଲି ମୁଁ । ମନ ଭିତରର ଆଖି କନ୍ତୁ ଖୋଜୁଥିଲେ ମୋର ଦଶଟା ଟିକଲି । ପାଞ୍ଚଟା ଟିକଲି ଖର୍ଚ୍ଚକରି ଆଉ ପାଞ୍ଚଟା ପୋତିଥାନ୍ତି । ବହୁତ ଦିନ ପରେ ବହୁତ ପଇସା ହେଇଥାନ୍ତା । ଟଙ୍କା ହେଇଥାନ୍ତା । ଅଣ୍ଡା ବାଲୀର ଅଣ୍ଡା ଭଙ୍ଗିଲା ପରି ମୋର ସ୍ୱପ୍ନ ବି ଭଙ୍ଗି ରୁଜି ଯାଉଥିଲା ।

ଗ୍ଉରକେଲାରେ ଭଇ ଘର ବଦଳେଇ ଦେଲେ । ମୋର ଖଜଣା ରହିଗଲା ସେହି ଡି - **11,** ସେକ୍ଟର ଅଠରରେ ।

ବର୍ତ୍ତମାନ ମଧ୍ୟ ଗ୍ଉରକେଲା ଗଲେ ମୁଁ ସିଆଡେ ଯାଏ । ବହୁତ ପରିବର୍ତ୍ତନ ଭିତରେ ବି ଗ୍ଷେଇଘର ଝରକା ତଳଟା ସେଇମିତି ଦେଖାଯାଏ ମୋ ଆଖିକୁ । ଭିତରକୁ ତ ଆଉ ଯାଇ ହୁଏ ନାହିଁ । ଅପରିଚତ ଲୋକଙ୍କ ପରିଚତ ବାଡ଼ିରେ ଆତୁଆ ଗଛ ବଦଳରେ ଅପରିଚତ ପାମ୍ ଗଛ । ପରିଚତ ପିଜୁଳ ଆମ୍ବ ଗଛ ବଦଳରେ କେତେପ୍ରକାର ଅପରିଚତ ଅର୍କିଡ ଲତା ।

କେଜାଣି, ସେହି ଗୋଟିଏ ଟିକଲିରୁ ଜନ୍ମିତ ପୋତି ହେଇ ରହିଥିବା ଦଶଟା ଟିକଲିରୁ ବୋଧେ ରସ ନେଇ ସେମାନେ ଏମିତି ପୁରଷ୍ଟ ହେଇ ଝୁଲି ଝୁଙ୍କି ଯାଉଛନ୍ତି ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ମୋର ପରିଚୟ



ଅର୍ଜୁନ ମେହେର (ଆଶ୍ରିତ)

ଜାଣିନ ମୁଁ କଏ
କାହିଁକ ଆସିଛି ଅଯଥାରେ
ନା ମୋ ଘର ନ ଦ୍ୱାର
ଅଛି କଛି ଠିକଣା ନା ପରିଚୟ ?

ମୁଁ ତ ବାରବୁଲା ମଣିଷ ଟିଏ,
ବାର ଦାଣ୍ଡ ପିଣ୍ଡାରେ  କଟେ ମୋ
ସଞ୍ଜ ଓ ସକାଳ

ଠିଆ ହୋଇ ରହିଥିଲେ କ'ଣ ପେଟ ପୁରିଯିବ
ଶୋଷ ମେଣ୍ଟାଇବାର ତ ଅଛି ପୁଣି
ଟାଣ ଖରାରେ ଗ୍ଲିବାକୁ ହେବ
ଆହାର କେନ୍ଦ୍ରକୁ
ପାଂଚ ଟଙ୍କିଆ ଖାଦ୍ୟର ନେବାକୁ ହେବ ସ୍ୱାଦ
ଡାଲମା ଆଉ ଅରୁଆ ଭାତର
ସରକାରୀ ଯୋଜନାର .........

ଲମ୍ବା ଲାଇନରେ ଛିଡ଼ା ଭଦ୍ର ଲୋକଙ୍କର
ସରବ୍ୟର ଶିକାର
ବେଶ ଟାହି ଟାପରା ଅପନ୍ତରିଆ, ଅଲାଜୁକ,
ପାଗଳ
ଯା ଯା ପଛରେ ଆସିବୁ ଯା

ନା ନା ଏମାନେ କଥା ଶୁଣିବା ଲୋକ ନୁହନ୍ତି **!**
ପଛରୁ ଡାକ ଛାଡୁଛି କଏ
ଏ ପାଗଳ ଯା କହିଲେଣି  ତୁ ଯାଉନୁ**......**

ମତେ ପାଗଳ  ସଜେଇଛନ୍ତି
ଏଇ ଭଦ୍ର ସମାଜର ବଡ଼ ବଡ଼ିଆ ଲୋକ
ବାବୁ ସାହେବ**,** ହାକମ
ମୁଁ ଆଜି ଅଯୋଗ୍ୟ**,** ଅକାମୀ**,** ଅନାଦର ମଣିଷ ଟିଏ
ବାସହର୍‌ ଦିଗହର୍‌ ନା ମୋର ଠିକଣା ନା
ପରିଚୟ**........?**

ବୁର୍ଲା

# ସୁଧିପାଳ ସୁକ୍ତିଚୟ



ଡ. ଅର୍ଜୁନ ଚରଣ ବାରିକ୍

କାମନାଟି ଦେଖ ସଂସାରେ ପ୍ରତ୍ୟକ୍ଷ ସକଳ ଦୁଃଖ କାରଣ ।
ମନକୁ ତୋହର କରି ଅଗୁସାର ଭଜ ଶ୍ରୀକୃଷ୍ଣ ଚରଣ ।୧।
କ୍ରୋଧକୁ ତୋହର କରି ଅକ୍ତିଆର କ୍ରୋଧଟି ପରମ ରିପୁ ।
ଧରିଲେ ଶ୍ରୀକ୍ଷେତ୍ର ବିହାରୀ ନାମକୁ ତରିଯିବୁ ଭବତାପୁ ।୨।
ଲୋଭଟି ସଂସାର ଶତ୍ରୁମଧ୍ୟେ ସାର ବର୍ଜନ କର ସୁଜନ ।
ଭୟ ଭକ୍ତି ଥିଲେ ହୃଦୟ ଭିତରେ ଭେଟିବୁ ମଧୁସୂଦନ ।୩।
ମୋର ମୋର ବୋଲୁ ଏ ମାୟା ସଂସାର କେହି ନୁହଁଇ କାହର ।
ହରି ଭଜ ନର ଭବୁ ହେବ ପାର ଆନ ନାହିଁ ପ୍ରତିକାର ।୪।
ଛାର ଏ ସଂସାର ହାଟ ନୁହେଁ ସାର ଆଜି ଅଛି ନାହିଁ କାଲି ।
ଡର ଶମନର ନରଖ ମନର ସ୍ମର ରାମ ନାମ ଖାଲି ।୫।
ଅନାଥର ନାଥ ଜଗତର ନାଥ ଶ୍ରୀକ୍ଷେତ୍ର ବିହାରୀ ହରି ।
ବିବେକୀ ହୋଇଣ ଜପ ଆରେ ମନ ନିତ୍ୟ ଗୋଲୋକ ବିହାରୀ ।୬।
ବେଣୁଧର କୃପାସିନ୍ଧୁ ନାରାୟଣ ଚରଣ କର ବନ୍ଦନ ।
କରିବେ କାରଣ ପ୍ରଭୁ ଜନାର୍ଦ୍ଦନ ଦଣ୍ଡ ନଦେବ ଶମନ ।୭।
ହରିନାମ ଘୋଷ ହରିନାମେ ରସ ହରିନାମ କର ଧ୍ୟାନ ।
ରିପୁଗଣ ତୋର ହୋଇଯିବେ ଦୂର ଚନ୍ତିଲେ କଞ୍ଜ ଚରଣ ।୮।
ନାମରତ୍ନ ସାର ହରଣ ତୁ କର ହେବୁ ଯେବେ ବଡଲୋକ ।
ମର୍ ମର୍ କହି ଦସ୍ୟୁ ରତ୍ନାକର ହୋଇଗଲ୍ ବାଲମିକ ।୯।
ଗୌରଙ୍କର ସାର ଦେବ ଚକ୍ରଧର ବନ୍ଦ ତା ପଦ୍ମ ପୟର ।
ରିପୁ ହେବ ନଷ୍ଟ ନ ଲଭିବୁ କଷ୍ଟ ତାରିବେ ଭବ ସାଗର ।୧୦।

କର ରାମ ହରି ଶ୍ରୀକୃଷ୍ଣ ଭଜନରେ ମାନସ ନଶି ଦିନ ।
ରିକ୍ତ କରି ମନ ଜପ ନାମବ୍ରହ୍ମ ଭେଟହେବ ଭଗବାନ ।୧୧।
ହୁଅ ସଚେତନ ନୁହ ଅଚେତନ ଦୃଢେ ଭଜ ହରେ ରାମ ।
ଅମନ ବିହାରୀ ଶୁଣିବେ ଗୁହାରୀ ପୂର୍ଣ୍ଣହେବ ମନସ୍କାମ ।୧୨।
ବଡ ଦେଉଳରେ ମନ ହରଷରେ ବସିଛି କଳା କହ୍ନାଇଁ ।
ଡଗର ପଠାଇ ଡୋରି ତା ଲଗାଇ ଶ୍ରୀକ୍ଷେତ୍ର ଟାଣେ ଗୋସାଇଁ ।୧୩।
ଲୋଭ ମୋହ କାମ କ୍ରୋଧ ପରିହରି ଜପ ନୀଳାଦ୍ରୀ ବିହାରୀ ।
କରିବେ କାରଣ ପ୍ରଭୁ ନାରାୟଣ ଗତିମୁକ୍ତି ଦାତା ହରି ।୧୪।
ହରେ ରାମକୃଷ୍ଣ ଜପରେ ମାନସହରେ ରମ କୃଷ୍ଣ ରଟ ।
ହରି ନାମ ସାର କୃଷ୍ଣ ନାମ ଧର ରାମ ନାମ ଅଟେ ଶ୍ରେଷ୍ଠ ।୧୫।
ବଦତି ଅର୍ଜୁନ ପାମର ଅଜ୍ଞାନ ହରିରାମ ନାମ ସାର ।
କୃଷ୍ଣନାମ ବିନା ଆନରେ ନରସ ରାମ ନାମ ଜପେ ହର ।୧୬।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଆଞ୍ଜୁଳାଏ କୋରୋନା



ଅମୂଲ୍ୟ କୁମାର ପଣ୍ଡା

କୋରୋନା :-
ଏମିତିକା ମହାମାରୀ ଆସିଗଲା
ମିଳୁ ନାହିଁ ତାର ପଥ୍ୟ
ଭୟ ଆତଙ୍କରେ ସମୟ କଟୁଛି
ରଙ୍କ ହେଉ ଅବା ରଥୀ
ତଥାପି ଲଢ଼ିବୁ ଆମେ
କୋରୋନା ଉପରେ ବିଜୟ କରିକି
ହସିବୁ ଏ ଧରା ଧାମେ।

ଲକ୍ ଡାଉନ୍ :-
କୋଭିଡ଼ି ନିୟମ ନ ମାନିଲେ ଭାଇ
ଲକ୍ ଡାଉନ୍ ଆସିଯିବ
କୋଉଠି କୁ ମୋଟେ ଯାଇ ପାରିବନି
ଚୁପ୍ ଚାପ୍ ଘରେ ଥିବ
ନିୟମକୁ ଥିଲେ ମାନି
ନିଜ କର୍ମ ପଥେ ଆଗେଇ ଚାଲିବ
ହେବ ନାହିଁ ମୋଟେ ହାନି।

ମାସ୍କ :-
କୋରେ୍ନା ଏହି ବିପଦ ସମୟେ
ମାସ୍କ ହେଉଅଛି ଅସ୍ତ୍ର
ମାସ୍କ ର ବିନା ଆଉ ଦୁନଆରେ
କଛି ନାହିଁ ଆଉ ଶସ୍ତ୍ର
ଯେଉଁଆଡ଼େ ଭ୍ଇ ଯିବ
ସଦା ସର୍ବଦା ଯେ ନଜ ଢ଼ାଲ ପାଇଁ
ମାସ୍କ କୁ ପିନ୍ଧିଥିବ।

ହାତ ଧୂଆ:-
ଘରୁ ବାହାରକୁ ଯୁଆଡେ ବି ଯାଅ
ଆସିଗଲେ ସେଠୁ ଫେରି
ସିଧା ହାତ ଗୋଡ ଭଲ କ ଧୋଇବ
କରିବନ ମୋଟେ ଡେରି
ଖାଇଲା ପୂର୍ବରୁ ଭ୍ତ
ସାବୁନ୍ ଲଗାଇ ଚଳନ୍ତି ପାଣିରେ
ଧୋଇଦେବ ନଜ ହାତ।

ସାନଟାଇଜର:-
ପାଖରେ ଗୋଟିଏ ସାନଟାଇଜର
ରଖିଥିବ ସଦା କଣି
ବାରମ୍ବାର ସାନଟାଇଜି କରିଲେ
କୋରେ୍ନାକୁ ଯିବା ଜିଣି
ଏକଥା ରଖିକ ମନେ
ସ୍ୱଚ୍ଛତାର ବାର୍ତ୍ତା ମହାମାରୀ ପାଇଁ
ଜଣାଇବା ଜନେ ଜନେ।

ଦୂରତା:-
ବଜାରରେ ହେଉ ଅବା କାର୍ଯ୍ୟାଳୟେ
ଦୂରତା ର ଦୁଇ ଗଜ
ପରସ୍ପର ମଧ୍ୟେ ରଖିବା ପାଇଁକି
କଥାଟିକୁ ସଦା ଭଜ
ଏତକ ପାରିଲେ କରି
ଏ ଧରା ପୃଷ୍ଠରୁ କୋରୋନା ଭୂତାଣୁ
ଧୀରେ ଧୀରେ ଯିବ ମରି ।

ଅରଙ୍ଗାବାଦ, ବରୀ, ଯାଜପୁର

# ଅସାଧାରଣ ସୁନ୍ଦରବନ- ୯



ଅଶୋକ ବିଶ୍ୱାଳ

ପାଓଲିଙ୍କର ଏବେ ଏକମାତ୍ର ଆକର୍ଷଣ ବାଘ ।

ସୁନ୍ଦରବନରେ ଏତେ ବୁଲିବା ଆଉ ଗାଁ ଲୋକମାନଙ୍କ ସହ କଥାବାର୍ତ୍ତା ପରେ ବାଘ ପ୍ରତି ତାଙ୍କର ଆକର୍ଷଣ ବହୁତ ବଢିଯାଇଛି । ସେ ମ୍ୟାନ ଆନମଲ କନଫ୍ଲିକ୍ଟର ମୁଖ୍ୟ ଚରିତ୍ର ବାଘ ଉପରେ ନଜର ଅନୁସନ୍ଧାନରେ ବ୍ୟସ୍ତ ଅଛନ୍ତି । ତାଙ୍କର ପ୍ରାୟ କଥାବାର୍ତ୍ତରେ ବାଘ ଉପାଖ୍ୟାନମାନ ଆସୁଛି । ଏ ଭିତରେ ସୁନ୍ଦରବନର ବାଘ ବିଷୟରେ ବହୁତ ରିସର୍ଚ୍ଚ ପେପର ପଢି ନେଇଛନ୍ତି । ବହୁତ ବୁଲି ସାରିଲେଣି । କୁହାଯାଇପାରେ ସୁନ୍ଦରବନର ସବୁ ଅଞ୍ଚଳ ବୁଲିସାରିଛନ୍ତି । ସାଙ୍ଗରେ ସପନବାବୁ ପ୍ରାୟ ସମୟରେ ରହିଛନ୍ତି । ଏଥର ମଧ ସାଥିରେ ରହିବେ । ସପନବାବୁ ତ ଆଗରୁ ସୁନ୍ଦରବନରେ ଅନେକ ସମୟ କଟାଇଛନ୍ତି । ସେମାନେ ଦୁଇଜଣ ଆଉଥରେ ବାଘ ଆଉ ସୁନ୍ଦରବନର ଅନ୍ୟ ଜୀବଜନ୍ତୁଙ୍କର ସନ୍ଧାନରେ ବାହାରିଗଲେ । ଏଥର ଆଉ କିଛି ନୂଆ ତଥ୍ୟ ସଂଗ୍ରହ କରିବେ । ରିସର୍ଚ୍ଚ କଥାଟା ତ ଏମିତି । ଦିନକରେ ସରେନା । ବାରମ୍ବାର ସେଇ ଯାଗାମାନ ବୁଲିବାକୁ ପଡେ । ସବୁବେଳେ କିଛି ଅଲଗା ତଥ୍ୟ ଖୋଜିହୋଇଯାଏ, ନୂଆକଥା ମିଳଥାଏ । ଏଥର କାମ ଆରମ୍ଭ କରୁକରୁ ସକାଳ ଟିକେ ଆଗେଇ ଗଲାଣି । ସୁନ୍ଦରବନରେ ଏମିତିତ ଖୁବ୍ ସକାଳୁ ଲୋକ କର୍ମତତ୍ପର ହୋଇଯାଆନ୍ତି । ଡଙ୍ଗାଗୁଡିକ ସକାଳୁ ସକାଳୁ ନଜର ଜାଲକୁ ପାଣିରେ ଓହ୍ଲାଇ ଦିଅନ୍ତି । ଜଣେ ଲୋକ ଗୋଟିଏ ହାତ ତିଆରି ଜାଲ ଟାଣୁଥିଲା । ଚ୍ଚାରିପଟେ ବାଡି ଦିଆଯାଇଛି । ଲାଗିବ ଯେମତି ଗୋଟେ ଖଟିଆ ଆଉ ସେଥିରେ ମଶାରି ଜାଲ ବାନ୍ଧି ଦିଆଯାଇଛି । ଏମତିଆ ଜାଲକୁ ଟାଣି ଟାଣି ନେଲେ ତା' ଭିତରେ ଛୋଟ ଛୋଟ ମାଛ ଆଉ ଚିଙ୍ଗୁଡି ପଶିଯାଆନ୍ତି । କୂଳରେ ଛୋଟ ମାଛ ଚିଙ୍ଗୁଡି ମିଳିବାର ସମ୍ଭାବନା ଅଧିକ । ଆଉ ଜଣେ ବୟସ୍କା ମହିଳା ପାଣିରେ ପଶି ସେମତି ଜାଲଟିଏ ଟାଣୁଥିଲେ । ତାଙ୍କଠୁ ପାଞ୍ଚ ଖୋଜ

ଦୂରରେ ଜଙ୍ଗଲ । ସେଇଠୁ ବାଘ କେତେବେଳେ ବାହାରି ଆସିବ ଠିକଣା ନାହିଁ । ବାଘ ବାହାରି ଆସିଲେ ତାଙ୍କର ବଞ୍ଚିବାର ସମ୍ଭାବନା ନାହିଁ । କିନ୍ତୁ ସିଏ କିଛି ନଭାବି ଜାଲ ଟାଣି ଚାଲିଥିଲେ । ଆଉ କୁମ୍ଭୀର । ପାଣିରେ କୁମ୍ଭୀର ଥାଇପାରେ ବୋଲି ହେତୁ ଥିଲା ଭଳି ଲାଗୁ ନଥିଲା ।

ଚିଙ୍ଗୁଡିଧରା ବର୍ଷସାରା ଚାଲେ । ଏହା ସୁନ୍ଦରବନର ଲୋକଙ୍କର ଏକ ପ୍ରଧାନ ଜୀବିକା । ଭଲ ଆମଦାନୀ ହୁଏ । ଏ ଚିଙ୍ଗୁଡି ଧରାଳୀମାନେ ପ୍ରାୟ ସ୍ତ୍ରୀ ଲୋକ । କିଛିଘଣ୍ଟା ଜାଲ ଟାଣିଲେ ଯେତିକି ଆମଦାନୀ ହୁଏ ତାହା କାହା ଜମିରେ କାମ କରି ଉପାର୍ଜ୍ଜନ କରୁଥିବା ଅର୍ଥଠାରୁ ଅଧିକ । ଚିଙ୍ଗୁଡିଜାଲ ଡଙ୍ଗା ବା ମଣିଷଦ୍ୱାରା ଟଣାଯାଏ । ଚିଙ୍ଗୁଡିମାନେ ପାଣିତଳେ କାଦୁଅ ଉପରେ ବସି ଥାଆନ୍ତି । କୂଳଆଡକୁ ବେଶି ଚିଙ୍ଗୁଡି ମିଳେ । ଏଣୁ ଏ ସ୍ତ୍ରୀଲୋକମାନେ କୂଳରେ ଚିଙ୍ଗୁଡିଧରା ଜାଲ ଟାଣନ୍ତି । ଅବଶ୍ୟ ଏ ମହିଳାମାନେ ଘରୁ ବେଶି ଦୂରଯାଇ ଜାଲ ଟାଣନ୍ତିନ ।

ଏମିତି ଟଣାଜାଲ ଦ୍ୱାରା ମାଛଧରା ସେମାନେ ବହୁଥର ଦେଖିଥିଲେ । ଏଇଟା ଆଉଥରେ । ପାଖରେ ସପନବାବୁ ଅଛନ୍ତି । ତେଣୁ କଥା ଆରମ୍ଭ କରିବା ପାଇଁ ଏକ ବିଷୟବସ୍ତୁ ମିଳିଗଲା ।

"ଏ ଲୋକମାନେ କ'ଣ ଜୀବନକୁ ପାଣି ଛଡେଇ ଦେଇଛନ୍ତି? ବାଘ, କୁମ୍ଭୀର କଥା ମୋଟେ ଭାବୁ ନାହାନ୍ତି? ଦେଖୁନ ସେ ମୋଟେ କୂଳକୁ ଅନାଉବି ନାହିଁ ।"-ପାଓଲି କହିଲେ । ଏମିତି କୂଳରେ ଜାଲ ଟାଣିବା ବଡ଼ ବିପଦପୂର୍ଣ୍ଣ । ନଦୀରେ କୁମ୍ଭୀର ଆଉ କୂଳରେ ବାଘ । ପାଣିରେ ଶାର୍କ ମଧ୍ୟ ଅଛନ୍ତି । ବେଳେବେଳେ ବିଷାକ୍ତ ସାପ ମିଳିଯାଆନ୍ତି । ତେଣୁ ଏ ମହିଳାମାନଙ୍କୁ ମରଣର ଡର ଲାଗି ରହିଥାଏ ।

ସେ ମହିଳାଟିକୁ ଅନେଇଥିଲେ । ଶାଢୀପିନ୍ଧା ମହିଳା ମୁଣ୍ଡ ଉପରେ ଗାମୁଛାଟିଏ ପକାଇ ବେକକୁ ଢାଙ୍କିଦେଇଛି । ଟିକେ ଟିକେ ଶୀତ ସକାଳୁ ତ ଲାଗୁଥିବ । ଗାଲଗୁଡିକ ଭିତରକୁ ପଶିଯାଇଛି, ହନୁହାଡ ଦେଖାଯାଉଛି । ପୌଷ୍ଟିକ ଆହାରର ଅଭାବ ନିଶ୍ଚିତ ଭାବରେ ଜଣାପଡୁଛି । ମହିଳାଟି କୁଆଡେ ନଅନାଇ ଜାଲ ଟାଣି ଚାଲିଥିଲା ।

ଏମିତି ଏକ କାହାଣୀ ସପନବାବୁ ଜାଣିଥିଲେ । ଗ୍ରିଜଣ ମହିଳା ମିଶିକରି ଜାଲ ଟାଣୁଥିଲେ । ସେଦିନ ସେମାନେ ୪ ଘଣ୍ଟା ଜାଲ ଟାଣି ସାରିଥିଲେ । କନ୍ତୁ ପାଣିରେ ମରଣ ଛପି ରହିଥିଲା । ଏକ ବଡ଼ କୁମ୍ଭୀର ଏକ ସ୍ତ୍ରୀଲୋକର ଗୋଡ ଧରିନେଲା । ସେ ସ୍ତ୍ରୀଲୋକଟି ଅତି ଜୋରରେ ଚତ୍କାର କଲା । ସ୍ତ୍ରୀ ଲୋକଟାର ବୟସ ବେଶି ନୁହଁ । ପ୍ରାୟ ତରୁଣୀ । ସେ ଜୋରରେ ଜାଲରେ କୁମ୍ଭୀରକୁ ପଟି ଗ୍ଭଲିଲା । କୁମ୍ଭୀର କ ଛାଡିବା ଜନ୍ତୁ । ତା'ର ସାଙ୍ଗମାନେ କୁମ୍ଭୀରକୁ ଯାହା କଛି ପାଖରେ ଥିଲା ସେଥିରେ ପିଟିଲେ । କୁମ୍ଭୀର କାମୁଡାରେ ସ୍ତ୍ରୀ ଲୋକର ଜଙ୍ଘର ହାଡ ଭାଙ୍ଗିବାର ଶବ୍ଦ ଶୁଣାଗଲା ଆଉ କୁମ୍ଭୀର ତା'କୁ ଗୋଳଆ ପାଣି ଭିତରକୁ ଟାଣିନେଲା । ସେମାନେ ଚେଷ୍ଟାକରି ତା'କୁ ବଞ୍ଚେଇ ପାରିଲେନ ।

ସେମାନଙ୍କ କାନ୍ଦଣା ଆଉ ଆର୍ତ୍ତ ଚତ୍କାର ଗାଁରେ ପହଞ୍ଚିଲା । ଗାଁ ପାଖରେ ଲାଗି ସେମାନେ ଜାଲ ଟାଣୁଥିଲେ । ତେଣୁ ଲୋକେ ଦୌଡାଦୌଡି ହୋଇ ଆସିଲାବେଳକୁ ସେ ମହିଳାକୁ କୁମ୍ଭୀର ପାଣି ଭିତରକୁ ଟାଣିନେଲାଣି । ପାଣିରେ ରକ୍ତଧାର ଭାସୁଥିଲା । ତା'ର ଚିରା ଶାଢୀ ଭାସି ଯାଉଥିଲା । ଶବ ଉଦ୍ଧାର ହୋଇ ପାରିଲାନ ।

"ପେଟପାଟଣାର କଥା । ପେଟରେ ଭୋକଥିଲେ ଆଗରେ ବିପଦ ଦେଖାଯାଏନ ।"– ସପନବାବୁ କହିଲେ ।

ଅଧିକାଂଶ କୁମ୍ଭୀର ଆକ୍ରମଣ ଜଙ୍ଗଲ ପରିସୀମା ବାହାରେ, ପ୍ରାୟ ଗ୍ରାମ ପାଖରେ ଘଟିଛି । ନଦୀ ନାଳରେ ବାଗଦା ଚଙ୍ଗୁଡି ଧରିବାପାଇଁ ଜାଲ ଟାଣୁଥିବା ମହିଳାମାନଙ୍କୁ କୁମ୍ଭୀରମାନେ ଆକ୍ରମଣ କରିଥାନ୍ତି । କୁମ୍ଭୀରର ଦାନ୍ତ ଶିକାରକୁ ଧରିବାପାଇଁ ତିଆରି ହୋଇଛି । ବାଘ ଭଳ କୁମ୍ଭୀର ମାଂସକୁ ସହଜରେ କାଟିପାରେ ନାହିଁ । କୁମ୍ଭୀର ବହୁତ ଜୋରରେ କାମୁଡି ଶିକାରକୁ ଧରିନଏ । ମାଂସ ଛିଡାଇବା ପାଇଁ ତା'କୁ ଜୋରରେ ଥୋବଣୀକୁ ଛିଞ୍ଚାଡିବାକୁ ପଡେ କମ୍ବା ଗୋଲ ହୋଇ ଗଡିଯିବାକୁ ପଡେ । କନ୍ତୁ ମାଂସ ଖାଇବାକୁ ହେଲେ କୁମ୍ଭୀରକୁ ଥୋବଣୀକୁ ପାଣି ଉପରକୁ ଉଠାଇବାକୁ ପଡେ ନହେଲେ ତା'ର ଫୁସଫୁସ ଭିତରକୁ ପାଣି ପଶିଯିବ । ତେଣୁ ବଡ଼ ଯନ୍ତ୍ରଣାର ସହ ଶିକାରର ମୃତ୍ୟୁ ହୋଇଥାଏ । କୁମ୍ଭୀର ଆକ୍ରମଣମାନ ପ୍ରାୟ ମେ ମାସରୁ ଅକ୍ଟୋବର ମାସରେ ଭିତରେ ହୋଇଥାଏ । ଜୀବନ୍ତ

ଶିକାରରୁ କୁମ୍ଭୀର ବଡେ ଖଣ୍ଡେ ମାଂସ ଛିଡାଇ ଢୋକଦେବ । କ ଯନ୍ତ୍ରଣା ହେଉଥିବ? ପାଓଲି ପ୍ରାୟ ଶିହରିଗଲେ । ସେ ମହିଳାମାନେ କ କ ବିପଦ ଭିତରେ ଅଛନ୍ତି!

କୁମ୍ଭୀର ଆକ୍ରମଣ ଛଡା ଅଣ୍ଟାଏ ପାଣି ପର୍ଯ୍ୟନ୍ତ ପାଣିରେ ଶାର୍କ ଆକ୍ରମଣ ମଧ୍ଧ ହୋଇଥାଏ । ଏହି ଆକ୍ରମଣଗୁଡିକ ପ୍ରାୟ ଚଙ୍ଗୁଡି ଧରୁଥିବା ଲୋକଙ୍କ ଉପରେ ହୋଇଥାଏ । କନ୍ତୁ ଏମିତି ଆକ୍ରମଣ ଅତି ବିରଳ । ଶାର୍କମାନଙ୍କୁ ଭଲକରି ଦେଖାଯାଏନ । କନ୍ତୁ ସେମାନଙ୍କ କପାଳରେ ସେନସର ଅଛି । ଏହାଦ୍ୱାରା ଶାର୍କ ଶିକାର ଆଉ ଅନ୍ୟ ପଦାର୍ଥର ଉପସ୍ଥିତି ଠଉର୍‌ଇପାରେ । ଶାର୍କଦାନ୍ତ ବ୍ଲେଡ ଭଳ ଧାରୁଆ । ଜୀବନକାଳରେ ଏକ ଶାର୍କର ପ୍ରାୟ ୫୦ ହଜାର ପର୍ଯ୍ୟନ୍ତ ଦାନ୍ତ ଝଡି ପୁଣି ଉଠିଥାଏ । ସୁନ୍ଦରବନରେ ଶାର୍କମାନେ ସକାଳ ବା ସଂନ୍ଧ୍ୟା ସମୟରେ ଆକ୍ରମଣ କରିଥାନ୍ତି ।

“ଏତେ ବିପଦ ପାଣିରେ”- ପାଓଲି ଏତିକ କହି ରହିଗଲେ । ମନେମନେ ସେହି ଭୟଙ୍କର ଶାର୍କ ଆଉ କୁମ୍ଭୀରମାନଙ୍କ କଥା ଭ୍‌ବୁଥିଲେ । କେତେ ବିପଦ ଭିତରେ ଏ ମହିଳାମାନେ ନଜର ଜୀବନକୁ ଆଗେଇ ନେଉଛନ୍ତି । ଆଗର ସ୍ତ୍ରୀ ଲୋକଟିର ମୁହଁର ହାଡସବୁ ବାହାରି ପଡିଛି । ପେଟରେ ଭଲଭ୍‌ବରେ ବୋଧହୁଏ ଦାନା ପଡୁନ । ଘରେ ଅନେକ ଛୁଆ ପିଲ୍ ଥିବେ । ବଡ଼ ସଂସାର ହୋଇଥିବ । ସ୍ୱାମୀ ଅଛି କ ଅପଙ୍ଗ ହୋଇଯାଇଛି? ଛୁଆମାନେ ଅନାଇ ବସିଥିବେ । ମା ଚଙ୍ଗୁଡି ଧରି ଘରକୁ ଗଲେ କଛି ପଇସା ମିଳବ । ବାକ ଜିନଷ ଘରେ କଣାହେବ ।

“ପେଟରେ ଭ୍‌ୋକ ଥିଲେ ଆଗରେ ଆହାର ବିନା ଆଉ କଛି ଦେଖାଯେ ଯାଏନା । କଥାଟା ସଂମ୍ପୂର୍ଣ ସତ ।”-ସପନବାବୁ ତା’କୁ ଅନାଇ କହୁଥିଲେ ।

ଭ୍‌ୋକ ଉପରେ କହିବା ପାଇଁ କ ଆକର୍ଷଣୀୟ କଥା ଅଛି ? ଏକ ଭ୍‌ୋକଲ୍ ମହିଳା ଯାହାକୁ କଛି ଦେଖା ଯାଉନାହିଁ । ଆଗରେ ଅନେକ ଡଙ୍ଗା, ଡଙ୍ଗାରେ ଲୋକମାନେ ବସିଛନ୍ତି । ଗୋଟିଏ ଡଙ୍ଗାରୁ ଜାଲ ତଳକୁ ଓହ୍ଲାଇ ଦିଆଯାଉଥିଲ୍ । ସାଧାରଣ ସରୁଆ ଡଙ୍ଗା, ଡଙ୍ଗାର ଦିପଟେ ଉଠିଯାଇଛି । ବାହାରପଟ ଆଲକାତର୍ ମାରିଦିଆ ଯାଇଛି, ଜଲଦି କାଠ ସଢିବନ, ଟିକଏ ଲମ୍ବା ଯିବ । ପାଣି କାଦୁଆ ସବୁଜିଆ । ଉପର ଆଡକୁ କଛିଦୂରରେ

ଜଙ୍ଗଲ ଆରମ୍ଭ ହେଇଯାଇଛି । ମଝିରେ କାଦୁଆ ମାଟି, ତା'ପରେ ପାଣି । ଡଙ୍ଗାଟି କୂଳରୁ ପ୍ରାୟ ୩୦ଫୁଟ ଦୂରରେ ନଜର ଜାଲକୁ ଓହ୍ଲାଉଥିଲା । ସବୁଆଡେ ଜଙ୍ଗଲର ଆରମ୍ଭରେ କିଏ ନା କିଏ ଲୋକ ।

ଜଙ୍ଗଲ ଏ ପଟେ ଆଉ ନିକାଞ୍ଚନ କେଉଁଠି? ଏସବୁ ଜନମାନବର ଅରଣ୍ୟରେ ଦର୍ଶନ ହେବାକଥା ନୁହେଁ । କିନ୍ତୁ କଥାଟା ଏ ପାଖରେ ସତ ନୁହେଁ । ଆଉ କେଉଁଠି ଜଙ୍ଗଲ ଅଗମ୍ୟ ହୋଇପାରେ । କିନ୍ତୁ ଏଠି ପାଣିରେ ଏତେ ଲୋକ । ବାଘକୁ ନିର୍ଜ୍ଜନ ଯାଗା ମିଳୁ ନଥିବ । ବାଘ ବ୍ୟସ୍ତ ହୋଇଯାଉଥିବ ।

"ଏମାନେ ବାଘ ଖାଇବାରେ ଯେ ବାଧା କରୁଛନ୍ତି । ଜଣେ ଖାଇବା ଥାଳରେ ବସିଛି ଆଉ ଜଣେ ସେହି ସମୟରେ ବିରକ୍ତ କରୁଛି । ବାଘ ଭଳି ରାଗୀ ପ୍ରାଣୀ କଣ ସ୍ଥିର ବସିବ?"- ପାଓଲି ମନକୁ ମନ ପ୍ରଶ୍ନ କଲେ । ଜଙ୍ଗଲ ପାଖରେ ଏତେ ଲୋକ ଦେଖି ତାଙ୍କୁ ବ୍ୟସ୍ତ ଲାଗୁଥିଲା । ମନଟା ଅସ୍ଥିର ହେଉଥିଲା । କାହାସହ କେତେବେଳେ କଣ ଘଟିଯିବ? ସେ ଏକ ଦୀର୍ଘନିଃଶ୍ୱାସ ନେଲେ ।

"ତେଣୁ ବାଘକୁ ମଣିଷଖିଆ କହିବା କେତେ ଦୂର ଠିକ୍ ହେବ?"- ପାଓଲି ସପନବାବୁଙ୍କୁ ପଚାରିଲେ ।

ପାଓଲିଙ୍କ କଥାଟା ବହୁତ ଗଭୀର ଥିଲା । ଏମତିଆ ପ୍ରଶ୍ନର ଉତ୍ତର ଦେବା ଏତେ ସହଜ ନୁହେଁ । ଲୋକ ତ ସବୁଆଡେ । କେବଳ ବାଘ ଲୋକଙ୍କୁ ଧରୁଛି ବୋଲି କାହିଁକି କୁହାଯିବ? ବାଘ ମୁହଁକୁ ଲୋକେ ଜାଣିଆସୁ ନାହାନ୍ତି କି? ସେମାନେ ଜାଣି ଜାଣି ବାଘର ଶିକାରରେ ବାଧା କରୁନାହାନ୍ତି କି?

"ଲୋକଙ୍କ କଥା ଶୁଣିଲେ ନିଶ୍ଚିତ ଭାବରେ ସାଙ୍ଗେ ସାଙ୍ଗେ ଲାଗିବ ସୁନ୍ଦରବନର ସବୁ ବାଘଗୁଡା ମଣିଷଖିଆ ।"- ସପନବାବୁ ଟିକିଏ ରହିଗଲେ । ତାଙ୍କ ଆଖିଦୂର ଜଙ୍ଗଲକୁ ଗ୍ଲିଗଲା । ପାଣିରେ ଅନେକ ଲୋକ ମାଛ ମାରୁଛନ୍ତି । କିନ୍ତୁ ଏ ସ୍ଥାନଟା ତ ବାଘର । ସେ ବୁଲି ପାଓଲିଙ୍କୁ ଅନେଇଲେ । ପାଓଲିଙ୍କ ଆଖି ପାଣି ଉପରେ ଜାଲ ଓହ୍ଲାଉଥିବା ସେଇ

କେଉଟମାନଙ୍କ ଉପରେ ଥିଲା । ଜାଲ ଟାଣୁଥିବା ମହିଳା ଅନେକ ଅନେକ ପଛରେ ରହିଗଲାଣି ।

"ଏକଦମ ସଠିକ୍ ଭାବରେ ଉତ୍ତର ଦେଇ ହେବନି । ମୋତେ ଲାଗୁଛି ଏ ବାଘଗୁଡା କିଛି ଅଂଶରେ ତ ମଣିଷଖିଆ । କିନ୍ତୁ ସେମାନେ ମଣିଷ ମାରୁଛନ୍ତି କେଉଁଠି? କେତେଟା ଲୋକ ଜଙ୍ଗଲ ବାହାରେ ମାରିଛନ୍ତି? ଲୋକମାନେ ଯେତେବେଳେ ଜଙ୍ଗଲକୁ ଆସୁଛନ୍ତି ତ । ପ୍ରାୟ ତ ଲୋକ କେଉଟ ।"- ଏତିକି କହି ସପନବାବୁ ନଜର ଛେପ ଢୋକିଲେ । ସେ ଅବଶ୍ୟ ବହୁତ ଭାବିକି କହିଛନ୍ତି କିନ୍ତୁ ମନରେ ତ କିଛି ସନ୍ଦେହ ଥିଲା ।

"ତଥାପି ବି ଲୋକ ବିଶ୍ୱାସ ତ ଏତେ ଭୁଲ୍ ନହୋଇପାରେ ।"- ପାଓଲି କହିଲେ । ସପନବାବୁ ମୁଣ୍ଡ ହଲାଇଲେ ।

"ଏ ବାଘଗୁଡାକୁ ସମ୍ପୂର୍ଣ୍ଣଭାବେ ମଣିଷଖିଆ କହିବା ଠିକ୍ ନୁହେଁ ।"-ପାଓଲି କହିଲେ । ସେ ସପନବାବୁଙ୍କ କଥାରେ ସହମତ ଥିଲେ । କିନ୍ତୁ ସବୁ ସନ୍ଦେହର ଉତ୍ତର କେବଳ ମଣିଷ ପାଖରେ ପହଞ୍ଚୁଛି ବୋଲି ବାଘ ମଣିଷଖିଆ ହୋଇଯାଇଛି କହିବା ପୁରା ଠିକ ହେବନି ।

"ଲୋକମାନେ ତ ବାଘଙ୍କ ଅଞ୍ଚଳକୁ ଆସୁଛନ୍ତି । ତୁମେ ଦେଖୁନ ଏସବୁ ଯାଗାକୁ ଆସିବାକୁ ଲୋକଙ୍କୁ ମନା କରାଯାଇଛି କିନ୍ତୁ ସେମାନେ ଲୁଚଛପି ଆସିଯାଉଛନ୍ତି କାରଣ ଏପଟେ ଭଲ ମାଛ ମିଳିବ । ଯେତେବେଳେ ମାଛ ନେବାପାଇଁ ଆସୁଛନ୍ତି ସେତେବେଳେ ବାଘ ସହିତ ସାକ୍ଷାତ ହେବ । ଆଉ ଏଇ ସାକ୍ଷାତର ଅର୍ଥ ହେଉଛି ଆକ୍ରମଣ । ବାଘ ନିଜ ଅଞ୍ଚଳରେ କେଉଁ ଲୋକଙ୍କୁ ପ୍ରବେଶ କରିବାପାଇଁ ଦେବନାହିଁ । ତା' ଛଡା ଏଇ ଲୋକମାନେ ବାଘର ଖାଦ୍ୟରେ ଭାଗ ବସାଉଛନ୍ତି ।"-ପାଓଲି କହିଲେ ।

"ପ୍ରତି ବାଘର ନିଜ ଅଧିକାର ଅଞ୍ଚଳ ଅଛି । ସେଠି ସେ ଅନାଧିକାର ପ୍ରବେଶ ବରଦାସ୍ତ କରେନା ।"– ସପନବାବୁ ପାଓଲିଙ୍କ କଥାକୁ ମାନୁଥିଲେ । ଦୁହେଁ ଦୁହିଁଙ୍କର ପରିପୂରକ ଥିଲେ । କଥାରେ କାମରେ ଦୁହେଁ ଦୁହିଁକୁ ଉତ୍ସାହିତ କରୁଥିଲେ ।

ଦୁଇଜଣଯାକ ବିଷୟବସ୍ତୁ ଭଲ ଭାବରେ ବୁଝିଛନ୍ତି । କଥାଟା ମଧ୍ୟ ସତ । ଏ ଲୋକଗୁଡିକ ମାଛ କଙ୍କଡା ଧରି ନେଇଯାଉଛନ୍ତି । ହୁଏତ ଗ୍ରେଭ୍ ଛୁପାରେ ହରିଣ ଶିକାର କରୁଥିବେ । ବାଘର ଖାଇବା ତ କମି ଯାଉଥିବ । ଭୋକିଲା ବାଘ ନଶ୍ଚିତ ଭାବେ ଆକ୍ରମଣ କରିବ । ଖାଇବା ତ ନାହିଁ, ଅନେକ କମିଯାଉଛି ।

"ଏ ସବୁ ଯାଗାରେ ବାଘ ମଣିଷକୁ ସହଜରେ ଶିକାର କରିବ । ମଣିଷର ପ୍ରାକୃତିକ ପ୍ରତିରକ୍ଷା ଶକ୍ତି ବାଘର ଶକ୍ତି ଆଗରେ ଅତି ନଗଣ୍ୟ ।"- ସପନବାବୁ କହିଲେ । ସେ ଜଙ୍ଗଲ ଆଡକୁ ଅନାଇଥିଲେ । କେତେ ଘଞ୍ଚ ଲାଗୁଛି ଏ ଜଙ୍ଗଲ ।

ଏକ ଛୋଟ ନାଳରୁ ଗୋଟାଏପତଳା ଡଙ୍ଗା ବାହରି ଆସିଲା । ସେଥିରେ ଦୁଇଜଣ ମହିଳା ଆଗରେ ଆଉ ପଛରେ ବସି ଜୋରରେ ଆହୁଲା ମାରୁଥିଲେ । ମଝିରେ ଏକ ପୁରୁଷ ବସିଥିଲେ । ସେମାନଙ୍କ ପାଖରେ କଛି ଜାଲ ଥିଲା । ଏଇ ଦଳଟା ଏକ ବିପଦଭରା ପତଳା ନଦୀରେ ଜଙ୍ଗଲ ଭିତରକୁ ଯାଇଥିଲା । ସେ ନଦୀରେ ଏମାନେ କେମିତି ଯାଇଥିବେ ବୋଲି ଭାବି ପାଓଲି ଆଶ୍ଚର୍ଯ୍ୟ ହୋଇଗଲେ । ନଦୀର ଦୁଇପଟେ ଗଛ । ଗୋଟିଏ ଗଛରୁ ଆଉ ଗୋଟିଏ ଗଛକୁ ଆରାମରେ ଜଣେ ଯାଇପାରିବ । ମାଙ୍କଡ ତ ଅତି ସହଜରେ ଯାଇପାରିବ ଭଳ ଲାଗୁଥିଲା । ଯେମିତି ମଝିରେ ଏକ ପାଣି ରାସ୍ତା ଆଉ ଉପରେ ଗଛଗୁଡା ସେ ରାସ୍ତାକୁ ଢାଙ୍କି ଦେଇଛି । ଏତେ ପାଖରେ କୂଳ, ମାତ୍ର କେଇଫୁଟ ଦୂରରେ । ଆଉ ଏମତିଆ ପାଣି ନାଳକୁ ଜଣେ ଅତିକ୍ରମ କରୁଛି । ବାଘ ପକ୍ଷରେ ଏ ସହଜିଆ ନାଳକୁ ଅତିକ୍ରମ କରିବା ତ କଛି କଷ୍ଟନୁହେଁ । ଏମତି ଚ୍ୟାନେଲରେ ଭଲ କଙ୍କଡା, ଚଙ୍ଗୁଡି ମିଳବେ । କନ୍ତୁ ବିପଦ । ଏ ଲୋକମାନଙ୍କୁ ଦେଖି ପାଓଲି ଏକଦମ୍ ଆଶ୍ଚର୍ଯ୍ୟ ହେଇଯାଉଥିଲେ । ସେ ସେମାନଙ୍କୁ ଅଟକବାକୁ କହିଲେ । କନ୍ତୁ ସେମାନେ ଅଟକଲେନ ।

"ପାଖରେ ବାଘ ଅଛି ।"-ଏତିକ କହି ସେମାନେ ଜୋରରେ ଆହୁଲା ମାରିଲେ ଆଉ କଛି ମିନଟ୍ ପରେ ଆଖି ଆଗରୁ ଉଭେଇଗଲେ ।

ପାଓଲି ସେହି ଲୋକମାନଙ୍କ ନୌକା ଆଉ ବାଘ କଥା ଭାବୁଥିଲେ । ଏମାନେ ଏତେ ଭିତରେ ଆସି ବାଘର ଚଲାବୁଲା ସ୍ଥାନ ଭିତରେ ଅଛନ୍ତି । ଏ ଲୋକମାନେ ନୌକାକୁ

ପାଣିରେ ରଖିଦେଇ ମାଛ ଧରୁଛନ୍ତି । ବାଘ ଏମିତି ନୌକାକୁ ଦେଖି ସହଜରେ ପାଣିକୁ ଓହ୍ଲାଇବ ନାହିଁ । ଫଳରେ ତା'ର ଯାତାୟତ ପଥ ବହୁତ ଦୂର ପର୍ଯ୍ୟନ୍ତ ବନ୍ଦ ହୋଇଯିବ । ବାଘ ଏକ ଦ୍ୱୀପରୁ ଆଉ ଏକ ଦ୍ୱୀପ ପର୍ଯ୍ୟନ୍ତ ସହଜରେ ନଦୀପାର ହୋଇପାରିବ ନାହିଁ । ଏମିତିଆ ପାଣିରେ ନୌକା ରହିବା ଦ୍ୱାରା ବାଘର ଶିକାର ପଦ୍ଧତି ବଦଳଯାଏ । ବାଘର ଶିକାରମାନେ ଯଥା ହରିଣ ବା ବାରହାମାନେ ମଧ୍ୟ କ୍ରମାଗତ ଦ୍ୱୀପ ପରିବର୍ତ୍ତନ କରି ପାରନ୍ତି ନାହିଁ ।

ବାଘର ମୁଖ୍ୟ ଶିକାର ହେଉଛି ହରିଣ । ସୁନ୍ଦରବନରେ ହରିଣ ଗହନ ଜଙ୍ଗଲରେ ରହିବାକୁ ପସନ୍ଦ କରେ ନାହିଁ । ହରିଣ ପ୍ରାୟ ଜଙ୍ଗଲ ଦାଢରେ ରହେ ଆଉ ଘାସ ପଡିଆରେ ଚରେ । ସୁନ୍ଦରବନରେ ସେମିତି ବଡ଼ ଘାସ ପଡିଆ ନାହିଁ । ସମୁଦ୍ରକୂଳ ଆଡକୁ ଘାସ ଟିକଏ ଅଧିକ । ଏ ହରିଣମାନେ ୫-୮ ଜଣିଆ ଦଳରେ ଚରନ୍ତି । ଅନ୍ୟ ସ୍ଥାନରେ ଖୋଲା ଯାଗାରେ ଦଳ ବେଶ ବଡ, ପ୍ରାୟ ୧୦-୩୦ ପର୍ଯ୍ୟନ୍ତ ହରିଣ ଏକ ଦଳରେ ରୁହନ୍ତି। ଏ ହରିଣମାନେ ଜୁଆର ଭଟ୍ଟା ହିସାବରେ ନଜର ଚର୍ ସମୟ ପରିବର୍ତ୍ତନ କରନ୍ତି । ଭଟ୍ଟା ସମୟରେ ସେମାନେ କୂଳକୁ ଆସି ଲୁଣାଗଛରୁ ଡାଳପତ୍ର ଆଉ ଘାସ ଜମିରୁ ଘାସ ଖାଆନ୍ତି। ସେହି ସମୟରେ ବାରହାମାନେ ମଧ୍ୟ ଚର୍ କରନ୍ତି । ଏହି ଭଟ୍ଟା ସମୟ ମଧ୍ୟ ବାଘର ଶ୍ରେଷ୍ଠ ଶିକାର ସମୟ । ଏହି ସମୟରେ କେଉଁ ନୌକା ପାଖରେ ରହିଲେ ହରିଣ ଆଉ ବାରହାମାନେ ସହଜରେ ଚର୍ କରିପାରନ୍ତି ନାହିଁ । ତେଣୁ ବାଘର ଶିକାରରେ ମଧ୍ୟ ବାଧା ପଡେ । ଫଳରେ ବାଘ ମଣିଷପ୍ରତି ବହୁତ ଆକ୍ରମଣମୁଖୀ ହୋଇଯାଏ।

ପାଓଲି ନୌକାର ପଛରେ ବସିଥିବା ସେ ମହିଳାଟି କଥା ଭାବୁଥିଲେ । ଦେହରେ ପଳେ ମାଂସ ନାହିଁ । କଳା ଦେହ । ହାତରେ ଧଳା ଚୁଡି କେଇପଟ ଆଉ ଛାପା ଶାଢୀ, ପିନ୍ଧିଛି ନାଲି ବ୍ଲାଉଜ । ସେ ପୁରୁଷ ଲୋକଟିର ଆଖିରେ ମରଣର ଡର ଦେଖିଥିଲେ । ସ୍ୱଲୋକଟି ଯେତେ ବଳ ଥାଏ ସେତେବଳରେ ଆହୁଲା ମାରୁଥିଲା । ପାଓଲି ନିଜ ମନଭିତରେ ସେହି ଡଙ୍ଗାର ଲୋକମାନଙ୍କର ଛବି ଆଙ୍କି ନେଇଥିଲେ । ଡରରେ ଲୋକେ କେତେ ଜଲଦି ପଳାୟନ କରନ୍ତି । ବାଘ ଅର୍ଥ ହେଉଛି ମୃତ୍ୟୁ । ଆଉ ମୃତ୍ୟୁ ତ ଏତେ ପାଖରେ ।

ସେମାନେ ଅବଶ୍ୟ ଖୋଜି ବାଘ ପାଇଲେନ । ବାଘ ଦେଖିବାକୁ ସେମାନଙ୍କର ଆଖି ସବୁ ଅନ୍ଧି କନ୍ଦିରେ ଘୁରି ବୁଲୁଥିଲା ।

ଆଗରେ ହରିଣ ଆଉ ବାରହାମାନେ ଦେଖାଗଲେ । ଏ ଜଙ୍ଗଲରେ ଶ୍ୱାସମୂଳ ଭରି ରହିଥିଲା। ଏମତିଆ ଗୋଜିଆ ନୁମାଟୋଫର ବା ପେନସିଲ୍ ମୁନଆ ଶ୍ୱାସମୂଳର ଭିତରେ ଗୁଲିବାଟା ଏକଦମ୍ ସହଜ ନୁହେଁ । ଏହା ଭିତରେ ଜୋରରେ ଦୌଡି ଶିକାର କରିବାଟା ଅତୀବ କଷ୍ଟଦାୟକ । ଲମ୍ବା ଦୌଡି ହେବନ । ହରିଣର ଦଳ ଆଗଭଳ ଗଛତଳେ ଠିଆ ହେଇଥିଲେ । ମଝିରେ ମଝିରେ ଏଣେତେଣେ ଉଠିଥିବା ଘାସ ଖାଉଥିଲେ ଆଉ ଗୋଟିଏ ଦିଇଟା ହରିଣ ଗୋଡ ଉଠେଇ ଦେଇ ତଳକୁ ଓହଳ ଆସିଥିବା ଶାଖାରୁ ପତ୍ର ଖାଉଥିଲେ । ବାରହାଟିଏ ଥୋବଣିରେ ମାଟି ଖୋଳ ଗଛମୂଳ ଇତ୍ୟାଦି ତାଡି ଖାଉଥିଲା ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# ସର୍ବସଂହା ନାରୀ



ମନୀଷା ପଣ୍ଡା

ଅଭିନ୍ନ ମୁଁ ପ୍ରଜ୍ୱଳିତ
ଦୀପ ଶିଖା ସହ
ପରମ ସୁଖ ମୋ
ନିଜେ ଜଳି ଚାରିପାଖ
ଆଲୋକିତ କରିବାରେ
ଅପୂର୍ବ ଆତ୍ମଶାନ୍ତି,

ପୁଣି କେବେ ଓଠରେ
ଚେନାଏ ମିଛହସ
ରେଖା ଦିଏ ଆଙ୍କି
ନିଜ ହାତେ ଜାଳୁ ଥାଏ
ପ୍ରଦୋଷ  ଆଳତୀ
ଟିକି ସଂସାର ର
ସୁଖ ମଙ୍ଗଳ ମନାସୀ,

ମୁଁ ତ ସେହି,,,,
ଯେ ଦାନ୍ତ ନିକୁଟି
ହସି ଦେଇ ପାରେ
ଦୁଃଖ ଗରଳ ପିଇ,
ଭିଜା ତକିଆରେ
ରାତି କାଟି ଦିଏ
ନିଜ ଲୁହ ଢାଳି ଦେଇ।

ଗଳାର ଭରି ମଙ୍ଗଳ ସୂତ୍ର
ବାହୁ ର କଙ୍କଣ ଭିତରେ
ଥାଏ ଲମ୍ବା ଆୟୁଷ ସ୍ୱାମୀ ର,
ବ୍ୟସ୍ତ ମୁଁ ଗାଢ଼ ଲାଲ୍
କରିବା ରେସିନ୍ଥିର ସିନ୍ଦୂର ।

ସମର୍ପି ସାରିବା ପରେ
ଏ ଜୀବନ ଘଡି ର
ଟିକ୍ ଟିକ୍ ପ୍ରତିଟି ଶବ୍ଦ
ବାହାବେଦୀ ହାତ ଗଣ୍ଠି ବେଳ ରୁ,

କହି ଦେଇ ପାରେ,,,,
ଅବଳା ନୁହେଁ କ ଦୁର୍ବଳା
ନୁହେଁ ମୁଁ ଦୁହିତା,
କେବଳ ସାଜିଛି
ସର୍ବସଂହା କୂଳବଧୁ
ପିତା ଙ୍କ ସମର୍ପିତା ।।।।।

ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରନ୍ତିପୁର, ଢେଙ୍କାନାଳ

# ଦୂର ଆକାଶର ଜହ୍ନ



ଅର୍ପିତା ଦାସ

ଏକା ଏକା ଜହ୍ନକୁ ଭଲପାଇବାକୁ
ସବୁବେଳେ ଇଚ୍ଛା ହୁଏ
କଳା ଆକାଶଟା ଛାତିରେ ରୂପତା
ଅଧିକ ସୁନ୍ଦର ଦିଶେ।
ଦୁଃଖର ସବୁ ପରସକୁ ପାର କରି
ତା ପ୍ରତିଥିବା ପ୍ରେମକୁ ଆହୁରି ସତେଜ କରାଏ
ତା ଶିତଳ ଆଲିଙ୍ଗନର ସ୍ପର୍ଶ
ଚେତେଇ ଦିଏ  ମୁଁ ଯେ କେବଳ ତାର ॥
ପ୍ରତିଶ୍ରୁତି ଯେବେ ମିଛ ହେଇଥିଲା
ସ୍ୱପ୍ନ ସବୁ ଲୁଚଗଲା ବାଲିଗରଡା ଭିତରେ
ହଜିଯାଇଥିଲା ପ୍ରେମ ସବୁ
କାଳର କରାଳ ସ୍ରୋତରେ
ଅବୁଝା ପ୍ରେମିକା ମନଟା
ତାକୁ ଦେଖି କଷୁଥିଲା ଜୀବନର ଅଙ୍କ॥
ଭସା ଭସା ବାଦଲ ସହ ତା ଲୁଚକାଳି ଖେଳ
ପୋଛିନଏ କୋହର ସବୁ ଆବରଣକୁ
ଭୁଲେଇଦିଏ ପୁଣି ଚକ୍ ମିକ୍ ତାରାମାଳା ଦେଖେଇ
ସତରେ ନଡିଆ ପତର ଉଆଡେ ଜହ୍ନ
ପ୍ରତାରିତ ପ୍ରେମର ଉପଶମ॥

ଅଧ୍ୟାପିକା, ଓଡିଆ ବିଭାଗ,
ଝାଡେଶ୍ୱର ଡିଗ୍ରୀ କଲେଜ, ଯାଜପୁର

# ଚହ୍ନି ହେଉନାହିଁ ଗାଆଁକୁ



ଶିଶିର କୁମାର ପଣ୍ଡା

କୋଡ଼ିଏ ବରଷ ତଳର ଗାଆଁ ମୋ
ଏବକୁ ଗଲ୍‌ଣି ବଦଳ
ପିଢ଼ାକୁ ମାଡୁନ ଲ୍‌ଉ କ କଖାରୁ
ବାଡ଼ିରେ ହଉନ କଦଳୀ ।
ଟଙ୍କିକା ଗୁଉଳ ମିଳୁଛି ବୋଲିକ
ସଭିଏଁ ଫୁଲେଇ ପେଟକୁ
ହୀନ ମଣୁଛନ୍ତି କାଳଆ , କସର୍‌
ଲଙ୍ଗଳ , ଫାଉଡ଼ା ବେଣ୍ଟକୁ
ବାଟଘାଟ ନାହିଁ ପଚର ପଚର
ଏମୁଣ୍ଡୁ ସେମୁଣ୍ଡ ଢଳେଇ
ଖାଲବିଲ ଆମ ପଡ଼ିଆ ପଡିଛି
ଦେଖିବା ସପନ କଳେଇ ।
ଘରେଘରେ ଏବେ ସ୍କୁଟିର ଗୁହିଦା
ସାଇକେଲ ଖତ ଖାଉଛି
ମାରୁତି ଗାଡ଼ିରେ ସପନା ସାହୁଟା
ଛାତିକ ଫୁଲେଇ ଯାଉଛି ।
ଚହ୍ନି ହେଉନାହିଁ ଗାଆଁକୁ
ସହର ସହର ସବୁଠି ଲ୍‌ଗୁଛି
ଗାଆଁ ଖାଲି ମିଛ ନାଆଁକୁ ।

କୁଆଁସ, ମେରଦା କାଟିଆ, ଯାଜପୁର

# ଶିଶୁ ଉପନ୍ୟାସ 'ବଣରେ ଲାଗିଛି ନିଆଁ'- ପରିବେଶର ଏକ ଆନ୍ଦୋଳିତ ସ୍ୱାକ୍ଷର



କୁଞ୍ଜ ବିହାରୀ ସାହୁ

କାହାଣୀଟି ଯେ କୌଣସି ପୃଷ୍ଠଭୂମିରେ ଅବତାରଣା କରାଯାଉପଛକେ, ଯେତେବେଳେ ସୁଗମ, ସାବଲୀଳ ଢଙ୍ଗରେ ଗତିଶୀଳ ହୋଇ କାହାଣୀକୁ ନୂଆ ମୋଡ଼ ଦେଇଚାଲେ, ତେବେ ଉପନ୍ୟାସର ଜନ୍ମ ହୁଏ । ଚାରିପାଖରେ ଦୃଶ୍ୟାବଳୀକୁ ସାମ୍ନାରେ ଥୋଇ କାହାଣୀଟି ପରିମାର୍ଜିତ କରି ରସାଣିତ କରିବାରେ ଉପନ୍ୟାସର ପ୍ରମୁଖ ଭୂମିକା ରହିଛି । କିଛି ସତ୍ୟତା, କିଛି ବାସ୍ତବତା ଆଉ କିଛି କାଳ୍ପନିକର ମାପକାଠିରେ ଶବ୍ଦମାନେ ଆତଯାତ ହୁଅନ୍ତି ଆପଣାଁଛାଏଁ । ସୂଚେଇ ଦିଅନ୍ତି କାହାଣୀକୁ ଆମ୍ଭକୁ, ଚହ୍ନେଇ ଦିଅନ୍ତି ଚରିତ୍ରମାନଙ୍କୁ। ଲମ୍ବେଇ ଦିଅନ୍ତି କଥାନକାକୁ । ଆରମ୍ଭ ହିଁ ଜଣେଇଦିଏ କାହାଣୀର ମୋଡ଼/ ଗତିପଥକୁ | ମୌଳିକତା ଓ ସୃଜନୀର ଆଧାର ହିଁ ଉପନ୍ୟାସର ମାନଦଣ୍ଡ ।

ସମ୍ଭ୍ରାନ୍ତ ଶ୍ରେଣୀୟ ଉପନ୍ୟାସର ବଖାଣ ଯେମିତି ଶାଣିତ ଓ ଶବ୍ଦବିଭୋର, ଶିଶୁ ଉପନ୍ୟାସରେ ଶବ୍ଦପୁଞ୍ଜ ଖୁବ୍ ସରଳ, ତରଳ, ଭାବମୟ ଉପରେ ଆଧାରିତ । ଗ୍ରାମ୍ୟ ପରିବେଶ ହେଉକ ସହରୀ ସଭ୍ୟତା, ପ୍ରତି ଉପନ୍ୟାସର ଶବ୍ଦ ସଂଯୋଜନା ସାବଲୀଳ ଢଙ୍ଗରେ ବିଚ୍ଛୁରିତ । ଔପନାସିକ ଯତୋପରନାସ୍ତି ଚେଷ୍ଟାକରେ ସାମ୍ପ୍ରତିକ ସମୟକୁ ଆଖି ଆଗରେ ରଖିବାକୁ । କୋମଳମତି ଶିଶୁମାନଙ୍କର ଅହେତୁକ ପଠନ ପ୍ରକ୍ରିଆକୁ ଉଜ୍ଜୀବିତ କରିବାର ପ୍ରଚେଷ୍ଟା ହିଁ ଉପନ୍ୟାସର ଅନ୍ୟ ଏକ ବଳିଷ୍ଠ ଦିଗ । ସେଥିପାଇଁ ତ ଶିଶୁଉପନ୍ୟାସର ଛନ୍ଦ ଛବିଳ, ରୁଚିକର ତଥା ପଠନ ଉପଯୋଗୀ ହୋଇଥାଏ ସମଗ୍ର ମାନବ ସମାଜ ପାଇଁ । ମୌଳିକତା ଏହିପରି ଉପନ୍ୟାସରେ ପ୍ରକୃଷ୍ଟ ପୃଷ୍ଠଭୂମି ।

କାହାଣୀଟି ଯେତିକ ଗତିଶୀଳ ହେବ, ପ୍ରବହମାନ ନଦୀପରି ଚଳମାନ ହେବ, ଉପନ୍ୟାସ ସେହି ଧାର୍‌ରେ ଅଗ୍ରଗତି ଲ୍‌ଭ କରିବ । ଏହି ପରିପ୍ରେକ୍ଷୀରେ ଶିଶୁ ଉପନ୍ୟାସକୁ ପଠନୀୟ କରିବାର ଦୁର୍ବାର ପଦକ୍ଷେପ ଅନେକ ଶିଶୁସାହିତ୍ୟିକ ହାତକୁ ନେଇଛନ୍ତି । ଏବଂ ସାହିତ୍ୟ ମହଲରେ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ତିଆରି କରିପାରିଛନ୍ତି ।

ଆଲ୍ଚେନାର ପରିସରକୁ ପ୍ରବେଶ କରନ୍ତି ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷାକୁ ପେଶା ଓ ସାହିତ୍ୟ ସାଧନାକୁ ନଶା ବୋଲି ବିବେଚନା କରୁଥିବା ଶ୍ରଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ । ଶିଶୁ ଉପନ୍ୟାସର ମଙ୍ଗ ଧରିବାକୁ ସତତ ଚେଷ୍ଟିତ । ଶବ୍ଦ ସଂଯୋଜନାରେ ସେ ମାହିର । କାହାଣୀକୁ ଗତିଶୀଳ କରି ପାଠକାମୁଖୀ କରିବାରେ ନରବଧି ସାଧକ ଜଣେ ।

ଜନନୀ ଜଠରୁ ପ୍ରଥମ ସନ୍ତାନ ଭୂମିଷ୍ଠ ହେଲ୍‌ପରେ ପାରିବାରିକ ପରିବେଶ ଯେମିତି ଉଲ୍ଲସିତ ହୁଏ, ସେମିତି ଲେଖକଙ୍କ ସାହିତ୍ୟ ସର୍ଜନାର ପ୍ରଥମ ସନ୍ତକଟିଏ ରୂପାୟିତ ହେଲେ, ଭ୍‌ବବିହ୍ୱଳ ହୋଇପଡ଼େ ସଂପୃକ୍ତ ଲେଖକ/ ଲେଖିକା । ଆମ୍ଭ ସମୀକ୍ଷା କରିବା ପୂର୍ବରୁ ପାଠକ ହାତରେ ଉନ୍ମୋଚତ ହେଲେ ଏବଂ ପରେପରେ ସମ୍ବାଦପତ୍ରରେ ସମାଲ୍ଚେନାଟିଏ ପ୍ରକାଶ ପାଇଲେ, ପୁସ୍ତିକାର ଅନ୍ତରାତ୍ମା ମହକଯାଏ । କହିବା ବାହୁଲ୍ୟ ଯେ ଔପନାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ପ୍ରଥମ ଶିଶୁ ଉପନ୍ୟାସ 'ବଣରେ ଲ୍‌ଗିଛି ନଆଁ' ସାମାଜିକ/ ପରିବେଶ ସମ୍ବନ୍ଧୀୟ ଉପନ୍ୟାସ, ଉନ୍ମୋଚତ ହୋଇଥିଲ୍ ଖୋର୍ଦ୍ଧା ସାହିତ୍ୟ ସଂସଦର ବସନ୍ତ ମିଳନ ଉତ୍ସବରେ, ୧୯୯୩ ମସିହାରେ ଏକ ସାରସ୍ୱତ ମଂଚରେ। ସାହିତ୍ୟିକ ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ, ଲକ୍ଷ୍ମୀନାରାୟଣ ରାୟଗୁରୁ ଓ ବିଶିଷ୍ଟ ଶିଶୁସାହିତ୍ୟିକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଭଞ୍ଜ । ସମସ୍ତଙ୍କ ତୁଣ୍ଡରେ ଥିଲ୍ ପୁସ୍ତିକାର ପାଠକୀୟ ଆଦର । ପ୍ରଶସ୍ତି ପରେ ପ୍ରଶସ୍ତି ତାଳମାଡ଼ରୁ ହିଁ ବାରି ହେଉଥିଲ୍ ବେଶ୍ । ଉପନ୍ୟାସଟି ପରେ ପରେ ଆକାଶବାଣୀ କଟକର 'ଚକାଚକା ଭଉଁରୀ' କାର୍ଯ୍ୟକ୍ରମରେ ଦାସକାଠିଆରେ ରୂପାନ୍ତରିତ ହୋଇ 'ଆମ ବଣରାଇଜ' ଶୀର୍ଷକରେ ପ୍ରସାରିତ ହୋଇ ଶ୍ରୋତାମଣ୍ଡଳୀ ଦ୍ୱାରା ଭୂୟସୀ ପ୍ରଶଂସିତ ହୋଇଥିଲ୍ । ଏହି ଲ୍‌କନାଟକ ଦାସକାଠିଆ ପୁନଶ୍ଚ ୨୦୦୦ ମସିହାରେ ପ୍ରକାଶିତ ହେଇଥିଲ୍ । ସମସ୍ତ ଶିଶୁ ସାହିତ୍ୟିକମାନଙ୍କ ପାଇଁ ଏକ ଅଭୁଲ୍, ଅପାସୋରା ତଥା ଗ୍ରହଣୀୟ ହୋଇପାରିଛି ।

ଔପନାସିକଙ୍କର ପ୍ରଥମ ଶିଶୁ ଉପନ୍ୟାସ 'ବଣରେ ଲ୍‌ଗିଛି ନଆଁ' ମୋ ପ୍ରବନ୍ଧର ଆଲ୍ଚେ୍ୟ ବିଷୟବସ୍ତୁ । ଏହାର ଆଙ୍ଗିକ ସମୀକ୍ଷାରୁ ଜଣାପଡ଼େ ୧୯୯୩ ମସିହାରେ ବସନ୍ତ

ପବ୍ଲିକେଶନ, ଡଗରପଡ଼ା, କଟକରୁ ପ୍ରକାଶିତ । ପ୍ରାୟ ୨୭ଟି ଚିତ୍ର ବହୁଳ ଉପନ୍ୟାସଟିର ମୂଲ୍ୟ ମାତ୍ର ପାଂଚ ଟଙ୍କା । ପ୍ରଚ୍ଛଦପୃଷ୍ଠାରେ ପାହାଡ଼ ପର୍ବତ, ଜଙ୍ଗଲ ଭିତରେ ଦୁଇଟି ଚପଳମତି ପିଲାର ସୁଦୃଶ୍ୟ ଚିତ୍ର ମନକୁ ଆକର୍ଷିତ କରେ, ଯାହାକି ଶିଶୁ ଉପନ୍ୟାସର ବୈଶିଷ୍ଟ୍ୟ । ଦୁଇଟି ପିଲାଙ୍କ ଦୁଇ ପାଖିଆ ଚରିତ୍ରକୁ ନେଇ କାହାଣୀ ସୁଖପାଠ୍ୟ ହୋଇପାରିଛି ।

ଉପନ୍ୟାସ ଲେଖିବାର ପ୍ରାକ୍‌କଥନରୁ ସ୍ପଷ୍ଟ ବାରିହୋଇପଡ଼େ ଯେ ଔପନାସିକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ ନୟାଗଡ଼ ଜିଲ୍ଲାର ଏକ ଆଦିବାସୀ ପରିବେଷ୍ଟିତ ପଲ୍ଲୀ ଗାଁ 'ବଡ଼ହାମରା' ଗାଁକୁ ଗସ୍ତ କରିଛନ୍ତି । ଆତ୍ମୀୟ ବନ୍ଧୁ ଶ୍ରଯୁକ୍ତ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଘରେ ସାତଦିନ ବନ୍ଧୁତ୍ୱପୂର୍ଣ୍ଣତାରେ ବିତେଇଛନ୍ତି । ପାଖାପାଖି ସାତୋଟି ଗାଁ ଭ୍ରମଣ କରି ଆଦିବାସୀମାନଙ୍କର ଜୀବନଚର୍ଯ୍ୟା ଉପରେ ଉପାଦେୟ ତଥ୍ୟ ସଂଗ୍ରହ କରିଛନ୍ତି । ବାସ୍ତବ ଚିତ୍ରକଳ୍ପକୁ ଉପନ୍ୟାସ ଛାଂଚରେ ପକାଇ ଶିଶୁମାନଙ୍କର ମୌଳିକ ଚିନ୍ତାଧାରାକୁ ପରିପ୍ରକାଶ କରିଛନ୍ତି ।

ପୃଷ୍ଠା ଓଲଟାଇଲେ ଆରମ୍ଭରୁ ସରଳ, ତରଳ ବୋଧଗମ୍ୟ ଶବ୍ଦମାନଙ୍କୁ ଭେଟିବାକୁ ପଡ଼େ । "ଯେମିତିକି ନୟାଗଡ଼ରୁ ଅଳପ ଦୂର । ଧରଣୀଧର ଚନକଳ ପାଖାପାଖି ହେବ ଗାଁଟିଏ । ନାଁ ତାର ବଡ଼ହାମରା । 'ବଡ଼ହାମରା' ପାଖାପାଖି ଆଉ ଗାଁ ନାହିଁ । ଘୂରିପଟେ ବଣଜଙ୍ଗଲ। ବଣଭିତରେ ସାତୋଟି ଜଙ୍ଗଲ । 'ଚକୁଳଖିଆ', 'ହାତୀଗୁମ୍ଫା', 'ନଡ଼ିଆଭଙ୍ଗା', 'ପିଲାଗ୍ରେର', 'ଭୁତକୋଠି, 'ରାଜଗିରି ' ଓ 'ସୁବର୍ଣ୍ଣଗିରି ' । ପାହାଡ଼ମାନଙ୍କ ଭିତରେ 'ରାଜଗିରି ' ସବୁଠାରୁ ଉଚ୍ଚ ପାହାଡ଼ ।"

ଏଥିରୁ ବାରିହୋଇ ପଡୁଥିଲା ଔପନାସିକ ଶ୍ରଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର ଦୂରଦୃଷ୍ଟି ଓ ଜ୍ଞାନ ଆହରଣରେ ସମୁଜ୍ଜ୍ୱଳ ଚିତ୍ର । ବାସ୍ତବତାର ସାମ୍ନା କରିବାର ନିବିଡ଼ ଆତ୍ମୀୟତା । କାହାଣୀକୁ ଲମ୍ବେଇ ଅନେକ କିଛି ଭେଟିଦେବାର ବିଭୂଷିତ ପରିକଳ୍ପନା । ଏହା ସାମାଜିକ ଶିଶୁସୁଲଭ ଉପନ୍ୟାସ ଏବଂ ଗତିଶୀଳ ଭାବନାର ପରିପ୍ରକାଶ । ଲେଖିବାର ଆଦବକାଇଦା ଲେଖକଙ୍କୁ ବେଶ୍ ଜଣାଶୁଣା ।

ତାପରେ ଆରମ୍ଭ ହୁଏ, ଚରିତ୍ରମାନଙ୍କର କଥା ସମୂହ । ପ୍ରଚ୍ଛଦପୃଷ୍ଠାରେ ଚିତ୍ରିତ ଦୁଇଟି ପିଲାର ଅଜବ ଖିଆଲି କାହାଣୀରେ ସୁଧୀର ଓ ସନାତନ । ଦୁହିଁଙ୍କର ପାଠପଢ଼ାରେ

ମତାନ୍ତର ଏବଂ କାର୍ଯ୍ୟସୂଚୀରେ ଓଲଟାପାଲଟା ସ୍ୱଭାବ । ଏଇ ଯେମିତି କାଠରେ କାଠ ଘଷି ହେବାର ଫଳାଫଳକୁ କାର୍ଯ୍ୟରେ ନିୟୋଜିତ କରି ଉପକାର/ ଅପକାରର ସଂଜ୍ଞାକୁ ପରଖି ନଥିନ୍ତି ସୁଧୀର ଓ ସନାତନ । ସୁଧୀରର ସୁ ମଧୁର ବାକ୍ୟାଳାପ/ ଗ୍ଭଲିଚଳନ ସନାତନର ମୁଣ୍ଡକୁ ବିଛା କାମୁଡ଼ିଲା ପରି ଲାଗେ । କୁପରିଣାମ ଭୟଙ୍କର ହେଲେ ବି ନିଜର କାର୍ଯ୍ୟରେ ସିଦ୍ଧିଲାଭ କରିବାପାଇଁ ସତତ ପ୍ରଚେଷ୍ଟା ଜାରିରଖେ ସନାତନ । ବଣରେ ନିଆଁ ଲାଗିଲେ କେବଳ ଯେ ବଣ ପୋଡ଼ିଯିବ, ତା ନୁହେଁ ପରୋକ୍ଷରେ ନିରୀହ ପଶୁପକ୍ଷୀ ନିଆଁ ଦାଉରେ ମୃତ୍ୟୁ ମୁଖରେ ପଡ଼ିବେ ଏବଂ ଆହତ ହୋଇ ଗାଁ ଭିତରେ ନିଜର କାୟା ବିସ୍ତାର କରିବେ, ଏକଥା ଜଣାପଡ଼େନି ସନାତନକୁ । ବନବିଭାଗ ଅଧିକାରୀଙ୍କର କଥୋପକଥନ ସନାତନକୁ କାବୁ କରେନି । ବନଦେବୀଙ୍କ ପାଖରେ ହୋଇଥିବା ଶପଥ ଭିନ୍ନ ମୋଡ଼ ନିଏ ସୁଧୀର ଓ ସନାତନଙ୍କ ପାଖରେ । ଏଣୁ ମାଇଲେ ଗୋ ହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା ପରି ଦୋଛକରେ ସୁଧୀର ଓ ସନାତନ ।

ସନାତନର ଏକା ଜିଦି ବଣରେ ନିଆଁ ଲାଗିବ ହିଁ ଲାଗିବ । ସାଥୀମାନଙ୍କର ପଣରେ ସାହସ ବାନ୍ଧେ ସନାତନ ।

ଗାଁ ର ବୟସ୍କ ବୁଢ଼ାମାନଙ୍କର ପରାମର୍ଶକୁ ସନାତନ ମୁଣ୍ଡରେ ସଜେଇ ରଖିପାରେନି । ବୟସ୍କମାନଙ୍କ ମହନୀୟତାକୁ ଦ୍ୱାହି ଦେବା ହିଁ ବିପଦର କାରଣ । ସେଥିପାଇଁ ତ ଗାଁର ବୁଢ଼ାଲୋକମାନେ ସଦାସର୍ବଦା ଗାଁ ର ମଙ୍ଗଳକାମନା କରିଥାନ୍ତି । ଯୋଉଥିପାଇଁ ଔପନ୍ୟାସିକ ସୁନ୍ଦର ଭାବରେ ବୟସ୍କ ବୁଢ଼ାମାନଙ୍କୁ ସମ୍ମାନ ଦେଇଛନ୍ତି ତାଙ୍କର ଏ ପ୍ରଥମ ଉପନ୍ୟାସରେ । ସତରେ ପ୍ରଶଂସାର୍ହ ।

ଚଳମାନ କାହାଣୀର ମୋଡ଼ରେ ଗାଁ ମୁଖିଆ ହରିଭାଇନା । ବଖାଣି ଦିଅନ୍ତି ଏକ ଭୟାତୁର କଥାଟିଏ । ବଣୁଆ ବାଘର ଛେଳି ଉପରେ ଅତର୍କୀତ ଆକ୍ରମଣ ମନରେ ଯେତିକି ଛନକା ଆଣିଛି, ସେତିକି ଆଶଙ୍କା ଆଣିଛି ଗାଁ ମଣିଷଙ୍କ ଛାତିରେ । 'ଆସ, ଆମେ ସମସ୍ତେ ବଣରେ ନିଆଁ ଲଗେଇଦେବା । ନୋଚେତ୍ ଅଯଥ ମରଣମୁହଁକୁ ଗ୍ଭଲିଯିବା ସିନା ଲାଭ କିଛି ନାହିଁ ।' ଗାଁ ମୁଖିଆର ଏମିତି ଏକ ଅଭୟବାଣୀ ସନାତନ ପାଇଁ ଖୋରାକ ଆଣିଦେଇଛି ବଣରେ ନିଆଁ ଲଗାଇ ପୋଡ଼ିଦେବାପାଇଁ । ଆପେ ବଂଚଲେ ବାପର ନାଁ ନ୍ୟାୟରେ ସନାତନ ରକ୍ତମୁଖା ହୋଇଯାଇଛି ।

ଗଣିତର ଅପ୍ରକୃତ ଭଗ୍ନାଂଶ ପରି ଗାଁ ମୁଖିଆର ଅବାନ୍ତର ଯୁକ୍ତି ସୁଧୀର ମନକୁ ଭ୍ରାନ୍ତ କରିଚ; ନେହୁରା ହୋଇଛି ସମସ୍ତଙ୍କୁ ବିନମ୍ର ମୁଦ୍ରାରେ । 'ଏଣିକ ଗ୍ରାମର ନିଆଁ ଲଗାଇବା ଯୋଜନା' ।

ସତରେ କଥାନୁସାରେ କାମ ଆରମ୍ଭ ହୋଇଛି ଏବଂ ସହାୟତାର ହାତ ଲମ୍ବିଯାଇଛି । ଗାଁର ପିଲା, ବୁଢ଼ାଏ ଓ କୁଟିଳବୁଦ୍ଧିର ନାୟକ ହରି ଭାଇନା ସତେ ଅବା ଖୁସ୍ ।

ଔପନ୍ୟାସିକ ଆହୁରି ପ୍ରଗଳଭ ହୋଇ ଗତିଶୀଳ କରିଛନ୍ତି କାହାଣୀକୁ । ପିଲାଙ୍କ ମନରେ ଉତ୍ସୁକତା ଭରିଦେଇଛନ୍ତି । ଜିଜ୍ଞାସାରେ ବାଟ କଢ଼େଇ ଦେଇଛନ୍ତି ।

ରାଜଗିରି ପାହାଡ଼ରେ ନିଆଁ ଲାଗିଯାଇଛି । ନିଆଁର ଲହ ଲହ ଜିହ୍ୱାରେ ନିକଟସ୍ଥ ପାହାଡ଼ ପର୍ବତ, ବୃକ୍ଷଲତାର ସରସତା, ମଉଳିଯାଇଛି ନିମିଷକରେ । ଖୁସିର ମାହୋଲରେ ସମସ୍ତେ ବିଭୋର ହେଲାବେଳକୁ ସୁଧୀରର ବୋଉ କିନ୍ତୁ ଦୁଃଖରେ ଭାଙ୍ଗିପଡ଼ନ୍ତି । 'ମୋ ପୁଅକୁ ଦେଖିଛ ? ତମେ ତ ଆସିଲ, ମୋ ପୁଅ ଗଲା କୁଆଡ଼େ ?' ପୁତ୍ରବତ୍ସଳା ବୋଉର ଲୁହଭିଜା ସ୍ୱରକୁ ତୋଳି ଧରିଛନ୍ତି ଲେଖକ ଏକ ଆବେଗିକତାରେ । ଖୁବ୍ ବାଧୁଛି ଲେଖକଙ୍କୁ ପୁତ୍ରକୁ କିଛି କ୍ଷଣ ନ ଦେଖି ଝୁରିହେବାରେ । କାରଣ ସମସ୍ତେ ଈର୍ଷାନ୍ୱିତ ହୋଇ ସୁଧୀର ବିଷୟରେ ସଠିକ୍ ଖବର ଦେଇପାରୁନାହାନ୍ତି । ସୁଧୀର ବୋଉର ଆଖିରେ ଲୁହ ଜମାଟ ବାନ୍ଧିଛି । ଶିଶୁର ମାନସିକତାକୁ ଲେଖକ ବୁଝିପାରିଛନ୍ତି । ସତରେ ତାଙ୍କର ଭାବନା ସ୍ୱାଗତଯୋଗ୍ୟ ।

ଆଖି ଆଗରେ ନିଆଁ ଧାସରେ ଜଳିଯାଉଛି ସମଗ୍ର ବଣମୁଲକ ।

ଖୁବ୍ ସରଳ ସ୍ୱଭାବର ପିଲାଟିଏ ସୁଧୀର । ଦୁଃଖରେ କାତର ହେବା ସତେ ଯେମିତି ତା ଜାତକରେ ଲେଖା । ସୁଧୀରର ମନେ ପଡ଼ିଗଲା ଦମକଳ କଥା । ପିଲାଦିନେ ପଢ଼ିଛି । ଦମକଳ ହିଁ ନିଆଁ ଲିଭେଇବାରେ ସହାୟକ ହୋଇଥାଏ । ଦମକଳ ବାହିନୀକୁ ଖବର ଦେବାପାଇଁ ଚେଷ୍ଟା କରିଛି ସୁଧୀର । ସେତେବେଳେ ଟେଲିଫୋନରେ ଯୋଗାଯୋଗ କରିବାରେ ଏତେଟା ସୁବିଧା ନଥିଲା । ପ୍ରାୟତଃ ଡାକ ଘର/ ଟେଲିଫୋନ ଏକ୍ସଚେଞ୍ଜ ଭଳି ସରକାରୀ ଅନୁଷ୍ଠାନରେ ହିଁ ଏ ପ୍ରକାର ସୁବିଧା ଉପଲବ୍ଧି ହେଉଥିଲା । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସୁଧୀର କିନ୍ତୁ ମନକୁ ଟାଣ କରିଛି । ବୁଦ୍ଧି ଖଟେଇ ନୟାଗଡ଼ ଡାକଘରକୁ ଯାଇ ଦମକଳ ବାହିନୀକୁ ଖବର ଦେବାରେ ସକ୍ଷମ ହୋଇପାରିଛି । ଦମକଳ ବାହିନୀ ଅବିଳମ୍ବେ ଯାଇ ନିଆଁ ଲିଭାଇ କାର୍ଯ୍ୟରେ ନିୟୋଜିତ ହୋଇଛି । କିଛି ପରିମାଣରେ

ନଅଁ ଲିଭିଯାଇଛି । ପିଲାଟି ହୋଇ ବି ସୁଧୀର ଏଭଳ ପ୍ରଶଂସନୀୟ କାର୍ଯ୍ୟ କରିପାରିଛି, ଲେଖକ ତାଙ୍କ ଲେଖନୀରେ ସ୍ଥାନ ଦେଇପାରିଛନ୍ତି ।

ୟାରି ଭିତରେ ନୂଆ ମୋଡ଼ ନେଇଛି ଉପନ୍ୟାସରେ । ଏକ ଦୁଃଖଦ ଘଟଣାକୁ ଲେଖନୀରେ ଆଙ୍କିଛନ୍ତି ଲେଖକ । ଖୁବ୍ ସୁନ୍ଦର ରସାଣିତ ଢଙ୍ଗରେ ରୂପାୟିତ କରିଛନ୍ତି ଘଟଣାକୁ । କଥାରେ ଅଛି- ଯେ ପାଂଚେ ପରର ମନ୍ଦ/ ତା ମନ୍ଦ ପାଂଚନ୍ତି ଗୋବିନ୍ଦ । ଏମିତି ଏକ ସମ୍ବେଦନଶୀଳ ଆପ୍ତ କଥାରେ ଦୁଃଖର ପାହାଡ଼ ଲଦି ହୋଇପଡ଼ିଛି ହରିଭାଇନାଙ୍କ ମୁଣ୍ଡଉପରେ । କୁଟିଳ ବୁଦ୍ଧିରେ ନଜେ ଧରାପଡ଼ିଛନ୍ତି । କାରଣ ଘାଇଲା ବାଘଟିଏ ଟାଣିନେଇଛି ହରି ଭାଇନାଙ୍କ ଗେଲବରଷରର ପୁଅ ଗୋପାଳକୁ । କାନ୍ଦବୋବାଳରେ ଫାଟିପଡୁଛି ହରିଭାଇନାଙ୍କ ଘରଦୁଆର । ବାଘର ବା ଭୁଲ୍ ରହିଲା କୋଉଠି ? ତା ଘରକୁ ପୋଡ଼ିଜାଳ ନାରଖାର କରିଥିବା ମଣିଷକଟି ଏ ଦଶା ଭୋଗିବନ ତ କଏ ଭୋଗିବ । ପରିବେଶ କ୍ଷୁର୍ଣ୍ଣ ହେଲେ ଆଉ ଜୀବନଟା ସଙ୍ଗୀନ ହେଲେ, ଅପ୍ରତ୍ୟାଶିତ ଦୁଃର୍ଘଟଣାର ସମ୍ମୁଖୀନ ହେବାକୁ ପଡେ ଲେଖକ ସୂଚେଇଦେଇଛି, ବୋଧହୁଏ ଲେଖକ ଚତୁରପଣିଆରେ ଏଭଳ ଏକ ଅସଜଡ଼ା ଘଟଣାକୁ ଭିଆଇଥିବେ !

ବଣପୋଡ଼ି ପରେ ପଶୁପକ୍ଷୀମାନଙ୍କର ଅବାଧ ବିଚରଣ ଓ ଉତ୍କଟ ଆଚରଣ ଗ୍ରାମବାସୀଙ୍କୁ ବିପଦରେ ପକାଇବା ଦେଖି ପରୋପକାରୀ ସୁଧୀର ସମ୍ଭାଳ ରହିପାରିନ । ବୋଉର ଆକଟକୁ ଉପେକ୍ଷା କରି ଗାଁ ଲୋକଙ୍କୁ ନେହୁରା ହୋଇଛି । ସେତେବେଳକୁ ସମସ୍ତେ ଅନୁତାପ ଓ ପରିତାପର ନଆଁରେ ଜଳୁଛନ୍ତି ଯେମିତି । ଗାଁର ଜୀବନରକ୍ଷାକୁ ପଣକରି ପାଳ କରି ଜଗିରହିଛନ୍ତି ଏବଂ ଗାଁରୁ ଘଉଡ଼ାଇଦିଅନ୍ତି ଅବାଧ ହିଂସ୍ରପଶୁମାନଙ୍କୁ ଗାଁରୁ ।

ପଶୁମାନଙ୍କ ରାଗ ଥମିନ ସେଇଦିନଠୁ, ଯୋଉଦିନଠୁ ସେମାନଙ୍କ ବସାଘର ପୋଡ଼ି ଭସ୍ମୀଭୁତ ହୋଇଯାଇଛି । ଲେଖକ ବି ପଶୁମାନଙ୍କୁ ଉଚତ ନ୍ୟାୟ ଦେଇଛନ୍ତି । ବଣପୋଡ଼ି ନୁହଁ ତ ପଶୁପକ୍ଷୀ ପୋଡ଼ି । ଜୀବନକୁ ନଷ୍ଟ କରିଦେବାର ଏକ କୁଚକ୍ରାନ୍ତ ହରିଭାଇନା, ସନାତନ, ଗାଁ ଲୋକ ଭିଆଇଛନ୍ତି । ସେମାନେ ସହଜରେ ମୁକୁଳବେ କେମିତି । କଥାରେ ଅଛି -ଆପଣା କଲା କର୍ମମାନ/ ଆଗୁ ହୋଇବ ସାବଧାନ ।

ଗ୍ରାମବାସୀମାନେ ପଶୁମାନଙ୍କୁ ଗାଁ ରୁ ତଡ଼ି ତଡ଼ି ନେଇଛନ୍ତି ବଣଭିତରକୁ । ସୁଧୀର ବି ସେ ଦଳରେ ସାମିଲ ହେଇଛି । ବୀରଦର୍ପରେ ଫେରିଆସିଛନ୍ତି ଆପଣା ଗାଁକୁ । ପଛରେ

ରହଯାଇଛି ସୁଧୀର । କୋଉଠିଥିଲା କେଜାଣି, ଆହତ ବାଘଟିଏ ଝାମ୍ପିନେଇଛି ସୁଧୀରକୁ । ପଛକୁ ଫେରିଗ୍ଲହିଁଲାବେଳକୁ ସୁଧୀର ବାଘମୁହଁରେ । ଯାହାହେଉ ପ୍ରାଣପଣେ ସୁଧୀରକୁ ଉଦ୍ଧାର କରିଛନ୍ତି ଗାଁ ଲୋକେ ।

'ବଡ଼ହାମର୍' ଗାଁ ର ମଉଡ଼ମଣି ସୁଧୀରର ପାରିଲାପଣିଆକୁ ପ୍ରଶଂସା କରିଗ୍ଲଲିଛନ୍ତି ସମସ୍ତେ। କେମିତି ବା ସାହା ହେଇନଥାନ୍ତେ ସେମାନେ ଏମିତି ବିପଦକାଳରେ । ସୁଧୀର ସେମାନଙ୍କ ପାଇଁ ଯାହା କରିଛି, ଭଲ କରିଛି । ସେମାନେ ସିନା ନିଜ ଆତ୍ମବଡ଼ିମାରେ ବଣରେ ନିଆଁ ଲଗେଇଛନ୍ତି । ତେଣୁ ସେମାନଙ୍କୁ ହିଁ ଏପରି ହିନସ୍ଥା ହେବାକୁ ପଡୁଛି । ଅତିଶୟ ଆଘାତ ପାଇଥିବା ସୁଧୀର ବାକ୍ ଶକ୍ତି ହରାଇ ଖନ ଖନ କହିଦେଇଛି – 'ଯୋଉଦିନ ନୂତନ ବଣଟିଏ ସୃଷ୍ଟି ହେବ, ସେହିଦିନ ମୋର ସବୁ ଆଶା ପୂର୍ଣ୍ଣ ହୋଇଯିବ।'

ଆଉ ତାପରେ ସବୁ ଶେଷ । ଦଧୀଚ ପରି ପ୍ରାଣ ହରେଇଛି ସୁଧୀର । ଜୀବନଟା ଯାଇଛି ସିନାହେଲେ ସିଏ ଚେତେଇଦେଇଛି ବଣପୋଡ଼ି ପରି କୁକର୍ମ କରିବାକୁ କେହି ଆଉ ଆଗେଇବ ନାହିଁ । ଲେଖକର ଲେଖନୀ ବି ସ୍ତବ୍ଧ ହୋଇଯାଇଛି । ଅଟକିଯାଇଛି କିଛି କ୍ଷଣ। ମୁହ୍ୟମାନ ହୋଇପଡ଼ିଛନ୍ତି ଲେଖକ । ସୁକୋମଳ ସୁଧୀରର ଚରିତ୍ରକୁ ମାରିଦେଇଛନ୍ତି ଅନିଛାରେ । କେବଳ ପରୋକ୍ଷରେ ଏକ ବିଶାଳ ସ୍ୱାର୍ଥ ହାସଲପାଇଁ । ମା – ମାଟି-ପରିବେଶକୁ ଭଲପାଉଥିବା ପିଲାଟିଏ ଶେଷରେ ପରିବେଶକୁ ରକ୍ଷା କରିବାପାଇଁ ଜୀବନ ହାରିଛି, ଏହା ସମସ୍ତଙ୍କ ପାଇଁ ଉଦାହରଣ ।

'ସୁଧୀର ବନ ପ୍ରକଳ୍ପ' ଉଦଘାଟନୀ ଉତ୍ସବରେ ସମସ୍ତେ ଭୂୟସୀ ପ୍ରଶସ୍ତିଗାନ କରିଛନ୍ତି ସୁଧୀର । ସତରେ ତା'ର ପାରିଲାପଣିଆ / ମହନୀୟତା କେତେ ଉଚ୍ଚରେ ।

ଅତୃପ୍ତ ଆତ୍ମା ଶାନ୍ତି ପାଏନି ବୋଧହୁଏ ନୋହିଲେ 'ବଡ଼ହାମର୍' ଗାଁ ର ଆଖପାଖର ଲୋକମାନେ କହୁଛନ୍ତି- 'ସୁଧୀରର ପରଲୋକ ହେବା ଦିନଠୁ ଭୂତକୋଠି ପାହାଡ଼ ଉପରେ କେହି ଜଣେ କାନ୍ଦୁଥିବାର ଶୁଣାଯାଉଥିଲା ଏ ନୁଆବଣଟି ଗଢ଼ିଉଠିବା ପରଠାରୁ ଆଉ ଶୁଣାଯାଉନାହିଁ ।'

ଔପନାସିକ ଏକ ଯୁକ୍ତାତ୍ମକ ଭଙ୍ଗିରେ ଉପନ୍ୟାସଟିକୁ ଶେଷ କରିଛନ୍ତି । ଏକ ସନ୍ତୁଳିତ ପରିବେଶକୁ ଏକାତ୍ମଭାବେ ଭଲ ପାଇଛନ୍ତି । ପିଲାଙ୍କମନରୁ ଈର୍ଷା, ହିଂସା, ଅସୂୟାଭାବକୁ ପୋଛିବାକୁ ଆହ୍ୱାନ ଦେଇଛନ୍ତି । କୁକର୍ମ କରିବାକୁ ମନା କରିଛନ୍ତି ।

ଆଲୋଚ୍ୟ ଉପନ୍ୟାସ 'ବଣରେ ଲାଗିଛି ନିଆଁ' ପାଠ କଲାପରେ ମନେପଡୁଛି ଶିମିଳିପାଳ ହେଉ କି, କୋରାପୁଟ ଅବା ନୂଆପଡ଼ା ଜିଲ୍ଲାର ବଣଜଙ୍ଗଲରେ ନିଆଁ ଲାଗି କେତେ ଧନ ସମ୍ପତି ପୋଡ଼ି ହେଇଯିବା ଘଟଣା । ବିଶେଷଜ୍ଞମାନେ ଆସି ଏଭଳି ନାରକୀୟ କାର୍ଯ୍ୟରେ ନିନ୍ଦା କରିଛନ୍ତି । ସତରେ ବଣରେ ନିଆଁ ଲଗେଇ ମଣିଷ ନିଜର ଗରିମାପଣକୁ ସାକାର କରି ବାଃ..ବାଃ ନେବା ଉଚତ୍ କି ? ପଶୁପକ୍ଷୀଙ୍କର ଖୋଲା ବିଚରଣରେ ଅଙ୍କୁଶ ଲଗେଇ, ସେମାନଙ୍କର ବାସଗୃହକୁ ଭସ୍ମୀଭୂତ କରିବାରେ ସାର୍ଥକତା ରହୁଛି କୋଉଠି ? ଏଇଟା ମାନବିକତା ନା ନିଜର ପାରିଲାପଣିଆ ?

ଏବଂ ଶେଷରେ ବକ୍ତବ୍ୟଟେ ରଖିଲାବେଳକୁ ଲେଖିବାକୁ ପଡ଼େ ଯେ ଉପନ୍ୟାସଟି ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ହେଲେ ହେଁ ଏହା ସମସ୍ତ ବର୍ଗର ପାଠକ/ ପାଠିକାମାନଙ୍କର ପଠନ ଉପଯୋଗୀ ହୋଇପାରିଛି । ଏହା ଶିଶୁ ଉପନ୍ୟାସ ଲେଖୁଥିବା ସାହିତ୍ୟିକମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ସାହିତ୍ୟର ବିଭାଗୀକରଣରେ ଉପନ୍ୟାସର ବଳିଷ୍ଠ ଭୂମିକା ରହିଥିଲା ବେଳେ ଶିଶୁ ଉପନ୍ୟାସ ଏକ ସ୍ୱତନ୍ତ୍ର ଆସନ ନେଇପାରିଛି । ଏଭଳି ସୁଯୋଗକୁ ହାତମୁଠାରେ ନେଇ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ ଶିଶୁ ଉପନ୍ୟାସର ଅଭାବବୋଧକୁ ପୂରଣ କରିପାରିଛନ୍ତି, ଏହା ସ୍ୱୀକାର୍ଯ୍ୟ । ଏହା ଯେ ଶ୍ରୀଯୁକ୍ତ ମଙ୍ଗରାଜଙ୍କର ଏକ ଅନନ୍ୟ କୃତି ଓ ଶିଶୁ ଉପନ୍ୟାସର ଇତିହାସରେ ଏକ ଆନ୍ଦୋଳିତ ସ୍ୱାକ୍ଷର, ପ୍ରତି ଶିଶୁ ଔପନାସିକମାନେ ଗ୍ରହଣ କରିବେ ବୋଲି ମୁଁ ଆଶା ରଖୁଛି ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ ଭୁବନେଶ୍ୱର ୭୫୧୦୧୨

# ସୁବିଧାବାଦୀ



ଛବିରାଣୀ ପତି

ସ୍ୱାର୍ଥ ଆଉ ଅର୍ଥ ...
ସବୁ ଅନର୍ଥର ମୂଳ !!
ତୋଷାମଦିଆଙ୍କ ଚକ୍କଣ କଥାରେ
ଲଞ୍ଜା କୁଞ୍ଚ କେବେ ହୁଏନ ସୁନ୍ଦର !
ତଥାପି, ଗିଳନ୍ତି ବୃଥା ପ୍ରଶଂସାର ଗ୍ରାସ,,
ଆଗ ପଛ ଟିକେ ଭାବିବାକୁ
ନଥାଏ ପାଖରେ ବେଳ ।

ସେହି ମାଗେଣା ଖିଅର ....
ଦିନେ ତା ମାରଇ ଖୁର !!
ଶାକୁଲେଇ ପାଲେ କାଟଇ ତଣ୍ଟି !
ମାନ୍ଦା ହେଲେ ନିଜ ଲାଭ ବ୍ୟବସାୟ,,
ଅକ୍ଲେଶେ, ସମ୍ପର୍କ ଦିଅନ୍ତି ବାଣ୍ଟି
ଏଣ୍ଡୁଅଟେ ପରି ....
ବଦଳାଇ ନିଜ ଗତି ।

ସରଳେ ଭରି ଗରଳ....
ବିଶ୍ୱାସରେ ଦେଇ ବିଷ !!
କରନ୍ତି କେତେଯେ ନାନା ହୀନସ୍ତା !
ମନୁଷ୍ୟତା ବିକି ପ୍ରତାରଣା ଦେଇ,,
ଅଚହ୍ନାଙ୍କ ପରି ଦୃଷ୍ଟିଭଙ୍ଗୀ ନେଇ
ଯାଆନ୍ତି ବାଟ କଢ଼େଇ
କରି ନିଜ ବ୍ୟବସ୍ଥା ।

ମଧ୍ୟ ଶାସନ, ଜଗତସିଂହପୁର

# ସ୍ମୃତି



ପ୍ରଭାତ ନଳିନୀ ସାହୁ

ସ୍ମୃତି ନୁହେଁ ଭୁଲିବାର
ଉଙ୍କିମାରେ ବାର ବାର
ମନର ଗମ୍ଭୀର୍ ତଳେ ଥାଏ ସାଇତା,
କେବେ ବୈଶାଖର ଝାଞ୍ଜି
ଆସେ ବା' ବତାସ ଖଞ୍ଜି
ଦୋହଲାଇଦିଏ ଯେତେ ଶାନ୍ତି, ସରସତା।
ଶ୍ରାବଣର ଧାର୍ ହୋଇ
କେବେ ଗଣ୍ଡ ଦେଶେ ବହି
ଧୋଇଦିଏ କ୍ଷଣିକରେ ଦୁଃଖ ଜୀବନର,
କେବେ ସେ ପୂନେଇଁ ଗୃନ୍ଦ
ଉଇଁ ହସେ ମୃଦୁମନ୍ଦ
ଛନ୍ଦେ ଛନ୍ଦେ ଖେଳଯାଏ ଫଗୁଣ ଅବିର।
ଏମିତି କେ ଅଛି କାହିଁ
ସ୍ମୃତିରେ ଯେ ଭିଜିନାହିଁ
ସଦା କାଳେ ହସ ଲୁହେ ସ୍ମୃତି ହିଁ ଜଡିତ
ଜୀବନର କ୍ଷଣକ୍ଷଣ
କରେ ସେ ଅବତରଣ
ବିଜନ ବେଳାରେ ଆସି ଝୁରାଏ ଅତୀତ।

ଛେଣ୍ଡ କଲୋନୀ,ରାଉରକେଲା

# ନୀରବ ଯନ୍ତ୍ରଣା



ପ୍ରଦୀପ୍ତ କୁମାର ସାହୁ

ଇଛାଥିଲା ଅନେକ ଦିନରୁ
ମିଳନ୍ତାକି ଫୁରୁସତ ଟିକେ,
ଏ ଜଞ୍ଜାଳରୁ ବ୍ୟସ୍ତତାରୁ ।
ମିଳିଲା ଏହି ସର୍ତ୍ତରେ କି
ଏକାନ୍ତରେ ରହିବାକୁ ହେବ
ଗୃହବନ୍ଦୀ ହୋଇ । .................(୧)

ସବୁଆଡେ ଖାଁ ଖାଁ ଲାଗେ
ଶୂନ ଶାନ ଲାଗେ ରାଜପଥ
ଆଉ ଚୁପଚାପ ସାରା ସହର
ସମୟ ସତେକି ପଡିଛି ଘୁମେଇ
ନାହିଁ ଗହଳ, ନା ଅଛି କୋଳାହଳ
ଗାଁ ମୁହାଁ ହୋଇଛି କି ସହର? .....(୨)

ସମୟ ଯାଇଛି ବଦଳି ଏମିତି
ଦୂରତା ହୋଇଛି ଉପଚାର,
ଆଉ 'ଏକାନ୍ତ ରହିବା' ପଥ୍ୟ ।
ଜୀ' ବା ପାଇଁକି ଜୀବନ ଖୋଜୁଛି
ଚାରି କାନ୍ଥର ସୀମା ଓ
ଆବଦ୍ଧ ନିବାସ । ...................(୩)

ଏକ ଶୂନ୍ୟସ୍ଥାନ
ହୃଦୟ ଭିତରେ କରିଗଲା ଘର
ମନ୍ଦିର ଖାଲି, ମସ୍ଜିଦ୍ ଖାଲି
ଖାଲି ସବୁ ପୂଜାଘର ।
ଜୀବନଟା ଆଜି ମୂଲ୍ୟବାନ ଲାଗେ
ଆଉସବୁ ଲାଗେ ଛାର । **............(4)**

**********

ପ୍ରାଚୀ ବିହାର, ରସୁଲଗଡ
ଭୁବନେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବୋଉ



ପ୍ରକାଶ କୁମାର ଗୃନ୍ଦ

ମହୁଠାରୁ ମିଠା ଯାହାର ଗାଳ
ମାଡ ଅଟେ ଯାର ଦାଣ୍ଡର ଧୂଳ
ଅନ୍ତରେ ସେନେହ ଢେଉ
ଯା"ପାଇଁ ଦେଖିଛି ଏଇ ଦୁନଆକୁ
ସିଏ ପରା ମୋର ବୋଉ ।।

ମାଗିବା ଆଗରୁ ଯାଚକ ଦିଏ
କହିବା ଆଗରୁ ବୁଝି ସେ ଯାଏ
କଏ ହେବ ତା ପରି
ସ୍ୱର୍ଗପାରିଜାତ ପାତାଳର ଗଙ୍ଗା
କେହି ତା ହେବେନ ସରି ।।

ଅଳ କରେ ଯେବେ ତା ପାଶେ ମୁହିଁ
ଜହ୍ନକୁ ଦେଖାଏ କୋଳେଇ ନେଇ
କରିଦେଇ ଟିକେ ଗେଲ
ସବୁଠୁ ସୁନ୍ଦର ସବୁଠୁ ମଧୁର
ମମତା ଅମୂଲ ମୂଲ ।।

ଆସିବାରେ ଟିକେ ହୋଇଲେ ଡେରି
ଚନ୍ତାରେ ତା ମନ ହୁଅଇ ଘାରି
ଘଡିଘଡି ଗୃହୁଁ ଥାଏ
ଦଣ୍ଡେ ନ ଦେଖିଲେ ପାଗେଳଙ୍କ ପରି
ଏଣେତେଣେ ଧାଉଁଥାଏ ।।

ଲୋଡ଼ା ନାହିଁ ମୋର ତୀର୍ଥ ଭ୍ରମଣ
ଲୋଡ଼ା ନାହିଁ ମୋର ଚତା ଚନ୍ଦନ
ଲୋଡ଼ା ତା ପଣତ ଛାଇ
ଯୋଉ ଛାଇ ତଳେ ସଦା ରହିଥିଲେ
ଦୁଃଖ ତ ଛୁଇଁବ ନାହିଁ ।।

ଜୟପୁର ଶାସନ, ପିପିଲି, ପୁରୀ

# ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ



ବାସନ୍ତୀ ଲତା ଜେନା

ନାରୀ ଓ ପୁରୁଷ ସମାଜ ରୂପକ ଶଗଡ଼ରେ ଦୁଇଟି ଚକ । ଗୋଟିଏକୁ ଛାଡି ଅନ୍ୟଟିର ସ୍ଥିତି ଶୂନ୍ୟ ହୋଇ ଯାଏ । ଅର୍ଥାତ ଶଗଡ଼ ସୁରୁଖୁରୁରେ ଗ୍ଭଲି ପାରେ ନାହିଁ । ନାରୀ ଓ ପୁରୁଷ ଦୁଇ ଜଣ ମିଶିଲେ ପୂର୍ଣ୍ଣାଙ୍ଗ ସ୍ତମ୍ଭ ସୃଷ୍ଟି ହୁଏ । ମଜଭୁତ ଆଲୋକର ଜ୍ୟୋତି ସ୍ତମ୍ଭ ହୁଏ । ବେଦ କହେ ପ୍ରଜାପତି ବ୍ରହ୍ମା ନାରୀ ଓ ପୁରୁଷକୁ ଏକ ସଙ୍ଗରେ ସୃଷ୍ଟି କରି ଥିଲେ, ତାଙ୍କ ସଂସାର ରୂପକ ରଥକୁ ଆଗକୁ ନେଇ ଯିବା ପାଇଁ । ପୁରୁଷ ଓ ନାରୀ କେହି କାହାଠାରୁ କମ ନୁହନ୍ତି । ସମକକ୍ଷ ସେମାନେ । ନୀତି ନିୟମ ଶୃଙ୍ଖଳାର ବନ୍ଧା ଜୀବନ । ସ୍ନେହ, ଶ୍ରଦ୍ଧା, ପ୍ରେମ, ବାତ୍ସଲ୍ୟ ମମତା ଏସବୁକୁ ଏକତ୍ରୀ କରଣ କରିବା ପାଇଁ ସୃଷ୍ଟି ହୁଏ ନାରୀ ପୁରୁଷର ବିବାହ ବନ୍ଧନ । ବ୍ରାହ୍ମଣଙ୍କର ମନ୍ତ୍ର ଧ୍ୱନି ହେଉ ବା ମନ୍ଦିର, ମସଜିଦ ହେଉ ବା ଅଦାଲତ ହେଉ ବିବାହ ବନ୍ଧନରେ ବାନ୍ଧି ହୋଇ ଦାମ୍ପତ୍ୟ ଜୀବନ ଆରମ୍ଭ କରନ୍ତି । ପୁରୁଷ ଓ ନାରୀକୁ ମିଳେ ସାମାଜିକ ସ୍ୱୀକୃତି । ଲଗାମଛଡା ଜୀବନ ହୁଏ ଶୃଙ୍ଖଳିତ । ବିବାହ କଲେ ଟଣା ଯାଏ ସଂଯମର ସୀମା ରଖା । ଦାମ୍ପତ୍ୟ ଜୀବନ ଏକ ସ୍ୱର୍ଗୀୟ ସୁଧା । ସେ ସୁଖ ପାଇବାକୁ ହେଲେ ପରସ୍ପର, ପରସ୍ପର ପ୍ରତି ସମର୍ପଣ ଭାବ ଦରକାର । ତେବେ ଯାଇ ହେବ ପ୍ରେମ ପ୍ରଣୟର ସୁନା ସଂସାର ।

ପୁରୁଷ ଯେପରି ସବୁ କାମ ପାଇଁ ଦକ୍ଷ । ସେ ଘର ପରିବାର କଥା ବୁଝେ । ପରିଶ୍ରମ କରି ଟଙ୍କା ରୋଜଗାର କରେ । ସେହି ଟଙ୍କାରେ ଆବଶ୍ୟକୀୟ ଜିନିଷ କିଣି ଘରକୁ ଆଣେ । ପିତା ମାତା ପିଲା ଛୁଆଙ୍କ ମୁଖରେ ଟିକେ ହସ ଦେଖିଦେଲେ ଖୁସିରେ ତା ଛାତି କୁଣ୍ଢେ

ମୋଟ ହୋଇ ଯାଏ । ପତ୍ନୀର ହସ, ପଦେ ମିଠା କଥା ତାର କ୍ଲାନ୍ତି ଦୂର କରିଦିଏ । ଠିକ ସେହିପରି ନାରୀ ସ୍ୱାମୀଙ୍କ ପ୍ରତି ଅନୁରକ୍ତ ହେବା ଦରକାର । ପୁରୁଷ ଓ ନାରୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମୁଦ୍ରାର ଗୋଟିଏ ପଟ ଯଦି ସମତଳ ଥାଏ, ତେବେ ସେ ମୁଦ୍ରାଟି ଅଚଳ ହୋଇ ଯାଏ । ତାର ମୂଲ୍ୟ ରହେ ନାହିଁ । ଠିକ ସେହିପରି ନାରୀ ଓ ପୁରୁଷ ଅଙ୍ଗା ଅଙ୍ଗୀ ଭାବେ ଜଡିତ । ନାରୀ ଓ ପୁରୁଷ ଏକତ୍ର ମିଶିଲେ ଗୋଟିଏ ନୂଆ ଜୀବନ ସୃଷ୍ଟି ହୁଏ । ବଂଶ ରକ୍ଷା ହୁଏ । ସନ୍ତାନର ସୁଖ ମିଳେ ।

ନାରୀ, ପୁରୁଷଙ୍କ ଠାରୁ ଓ ପୁରୁଷ,ନରୀଙ୍କ ଠାରୁ କୌଣସି ଗୁଣରେ କମ ନୁହେଁ । ଦୁହେଁ ସମାଜ ସେବା କରନ୍ତି, ଅଫିସ ଯାନ୍ତି, କଳା, ସାହିତ୍ୟ, ଦର୍ଶନ, ବିଜ୍ଞାନ, ଆବିଷ୍କାର, ଉଦ୍ଭାବନ, ବିଦ୍ୟାଳୟ, ନ୍ୟାୟାଳୟ, ପରିଚାଳନା କ୍ଷେତ୍ରରେ ଶିକ୍ଷିତା ନାରୀ ଗଣ ତୁଙ୍ଗ ପଦବୀରେ ଅଧିରୁଢା ହୋଇ ନିଜର ଦକ୍ଷତା ଓ ପାରଦର୍ଶିତା ଦେଖାଇ ପାରୁଛନ୍ତି । ପୁରୁଷ ମାନଙ୍କ ପରି ନାରୀ ମାନଙ୍କର ମୌଳିକତା ଗୁଣର ଅଭାବ ନାହିଁ । ତାର କର୍ତ୍ତବ୍ୟ ନିଷ୍ଠା, ସମସ୍ୟା ସମାଧାନ ରାଜନୀତି କୁଟନୀତି ଶୈଳୀ, ବିଚାରରେ ବିଜ୍ଞତା, କର୍ମ କ୍ଷେତ୍ରରେ ପୁରୁଷଙ୍କ ଭଳି କର୍ମ ତତ୍ପରତା ଦେଖାଯାଏ । ପ୍ରତ୍ୟେକ ଦୃଷ୍ଟିରୁ ପୁରୁଷ ଓ ନାରୀକୁ ବିଶ୍ଳେଷଣ କଲେ ଦେଖାଯାଏ, ଜଣେ ନାରୀ ଦକ୍ଷତାର ଗନ୍ତାଘର । ସେ ଗୃହଲକ୍ଷ୍ମୀ, ଅନ୍ନପୂର୍ଣ୍ଣା । ସେ ଘର ଚଳାଏ । ରାନ୍ଧି ବାଢି ପରିବାର ଲୋକଙ୍କୁ ଖାଇବାକୁ ଦିଏ । ପିଲାର ଯତ୍ନ ନିଏ । ଶାଶୁ ଶଶୁରଙ୍କର ସେବା କରେ । ପୁଣି ଅଫିସରେ କାମ କରେ । ଦୁଇ ହାତରେ ତାର ବହୁ କାମ ହୁଏ ।

ନାରୀ ହେଉଛି ସୃଷ୍ଟିର ପ୍ରକୃତି । ସେ ପୁରୁଷକୁ କର୍ମ ଚଞ୍ଚଳ କରାଏ । ଆବଶ୍ୟକ ପଡିଲେ ଉଚତ ପରାମର୍ଶ ଦେଇ ସ୍ୱାମୀକୁ ସତ ପଥକୁ ଆଣେ । ଠିକ ସେହିପରି ପୁରୁଷ ମଧ ପତ୍ନୀକୁ ସାହାଯ୍ୟ କରିଥାଏ । ଆବଶ୍ୟକ ବେଳେ ଆଶ୍ୱାସନା ଦେଇ ପତ୍ନୀର ମନବଳ ଦୃଢ କରେ । ସାହସ, ଶକ୍ତି ଓ ଧୈର୍ଯ୍ୟ ଦେଇ ଥାଏ । ତେଣୁ ପୁରୁଷ ଓ ନାରୀ ଉଭୟ ପରସ୍ପର ପ୍ରତି ଉଭୟ ସମର୍ପଣ ଭାବ ରହିବା ଉଚତ । ପୁରୁଷ ବା ସ୍ୱାମୀ ନିଜ ପତ୍ନୀର ମନ କଥା

ବୁଝି ଛୋଟ ଛୋଟ ଆବଶ୍ୟକତା ପୂରଣ କରିବା ଉଚତ । ନାରୀ ନଜ ସ୍ୱାମୀଙ୍କୁ ଭକ୍ତି, ସ୍ନେହ, ଶ୍ରଦ୍ଧା, ପ୍ରେମରେ ବାନ୍ଧି ରଖିବା ଉଚତ । ତାଙ୍କର ମନ କଥା ବୁଝିବା ଉଚତ । ଏହା ଦ୍ୱାର୍ ପ୍ରେମ ବଢେ ଓ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ । ନାରୀ ଓ ପୁରୁଷ ଦୁଇଟି ଶରୀର ହେଲେ ମଧ ମନ ଓ ଆତ୍ମା ଏକ ହେଲେ ସଂସାରରେ ସବୁ ସମସ୍ୟା ଦୂର ହୋଇ ଯିବ । ମନ ହେବ ଉତଫୁଲୀତ ଓ କର୍ମ ଚଞ୍ଚଳ । ତେଣୁ ପ୍ରବନ୍ଧିକଙ୍କ ଭ୍ଷାରେ : -

ନାରୀ ଓ ପୁରୁଷ ପୂରକ ଅଟନ୍ତି
ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ
ଦୁଃଖ ସୁଖ ଭର୍ ଜୀବନ ମଧରେ
ସମର୍ପଣେ ଦୁହେଁ ହୁ'ନ୍ତି ହର୍ଷ ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ମୁଁ ନାରୀଟିଏ କହୁଛି

ଗୁପ୍ତେଶ୍ୱର ନନ୍ଦ

ମୁଁ ନାରୀଟିଏ କହୁଛି,
କେତେବେଳେ କନ୍ୟା, ଜାୟା, ଭଗିନୀ ତ ଆଉ
କେତେବେଳେ ଜନନୀ
ଗୋଟେ ଜୀବନରେ ଏହିପରି ମୋର
ଅନେକ ଚରିତ୍ରର କାହାଣୀ ।

ପ୍ରତ୍ୟେକ ଚରିତ୍ରକୁ ନିଖୁଣ ରୂପେ ସଂପାଦନ
କରିବାରେ ବଳାଇଥାଏ ମନ
କିନ୍ତୁ ପଦେ ପଦେ ଏ ପୁରୁଷ ପ୍ରାଧାନ୍ୟ ସମାଜରେ
କେହି ନ ଚିହ୍ନେ ମୋ ଗୁଣ ।

ମୁଁ ବି ମଣିଷଟିଏ, ଅନେକ ଆଶା ଆକାଂକ୍ଷା ନେଇ
ଯାଏଁ ଶାଶୁ ଘରକୁ
ଜୀବନର ଅଠର, କୋଡିଏ ବର୍ଷ ଅତିକ୍ରାନ୍ତ କରି
ଯାଏଁ ନୂଆଁ ଏକ ପରିବେଶକୁ ।

ସମସ୍ତଙ୍କୁ ନିଜର କରିବାକୁ ଚେଷ୍ଟା କରି
ଲାଗିପଡେ ମୋର କାର୍ଯ୍ୟରେ
କିନ୍ତୁ ନିଜେ ନାରୀ ହୋଇ ଶାଶୁ ନଣନ୍ଦ
ଶୁଣାନ୍ତି କଟୁ ମର୍ଜୀରେ ।

ମୋର ସରଳ, ନିଷ୍କପଟ, ଭୋଳା ହୃଦୟର ସୁଯୋଗ
ଝାମ୍ପି ନିଅନ୍ତି ସେମାନେ
ମୋ ସ୍ୱାମୀଙ୍କୁ ବି ଗୁପ ପକାଇ ଟାଣନ୍ତି ନିଜ ପକ୍ଷକୁ
ବିଷ ଭରି ତାଙ୍କ ମନେ ।

ସମସ୍ତେ ମିଳମିଶି ଯୌତୁକ ନିର୍ଯ୍ୟାତନା ଦେଇ ନ ପଛାନ୍ତି
ଜୀବନ ଜାଳିବାକୁ ମୋର
ଅବା ତାଙ୍କ ଶାସ୍ତି ଆଉ ମିଥ୍ୟା ଅପବାଦ ନ ପାରି ସହି
ନିଜେ ହାରିଯାଏ ଜୀବନ ସଂଗ୍ରାମର ।

ଶଙ୍କର, ବିନିକା, ସୁବର୍ଣ୍ଣପୁର

# ଭୋକର ଚନ୍ଦ



ଜୟଶ୍ରୀ ପଟ୍ଟନାୟକ

ହୁଏତ ଆଉ କିଛିଦିନ ସୁଖରେ ଦିନ କାଟିହେବ
ମାସ ପହିଲ୍‌କୁ ମାଲିକର ତାଗିଦ ଭଡା ବାକି ଘର ଖାଲିକର
କେବେ ଚାଉଳରୁ ଗୋଡି ବାଛୁଥିଲ୍ ସଜନଆ
ଆଜି ବାଛୁଚ ଗୋଡିରୁ ଚାଉଳ
ବାହାର କରୋନାର ଚନ୍ଦ, ଘର ଭିତରେ ଅନାହାରର
ନଆଁଲଗା ପେଟଟା ଲୋଟେ ପାଣିରେ ବି ଶାନ୍ତ ପଡୁନ

ଗୋଟେ ପେଟ ଓପାସ ସାଙ୍ଗକୁ ଏବେ ଚାରି ଚାରିଟା ପେଟ
କଏ ଦେବ କେତେ ଓଳ?
ଭିକାରୀ ପାଖରେ ପଇସା ଅଛି ହେଲେ
ବାବୁଘର ମାନଙ୍କରୁ ଆଜିକାଲି
ଶୁଭୁନାହିଁ ଅର୍କେଷ୍ଟ୍ରାର ସ୍ୱର
ଆସୁନାହିଁ ପିଜା ବର୍ଗର ରୋଲ
କୁକୁଡା କ ଖାସିମାଂସର ବାସନା
ଦୋକାନ ବନ୍ଦ ବେପାରକୁ ରାହୁ ଗ୍ରାସିଛି
ଏବେ ନାଳଗନ୍ଧ କୁ ବି ସୁହାଇଲାଣି ନଶ୍ୱାସ

ଚାକର ବାକର କୁଦି ବଡୁଥିବା ଘର ଲାଗୁଥାଏ ଖାଁ ଖାଁ
ରୋଜଗାରିଆ ପୁଅ ଜୋଇଁ ଆସିଛନ୍ତି
ବେକାର ହୋଇ ବଡ ସହରରୁ
ବିରିଆନ ଖିଆ ଦାନ୍ତ ଚାଖିଲାଣି
ପଖାଳ ସାଙ୍ଗକୁ ବଡିଚୁରା

ସବୁଠି ଭୋକର ଚିହ୍ନ, ଉତ୍କଟ ବ୍ୟାଧିର ଚିହ୍ନ
କରୋନାର ବିଭୀଷିକା
ବେଡି ଉପରେ ପଡିଛ କରୋଡା

ମନେ ପଡିଲାଣି ଭିଟାମାଟି
ମାଟିଲେସା ଘାଳ ଛପର ଘର
କାଠଚୁଲ୍ଲୀ, ଢିଙ୍କି ଆଉ ପେଶଣା
ଧାନ କିଆରୀ, ପରିବା ବଗିଚା
ସିଂହବଳ ଥିବା ଶରୀର କାମ ନ ପାଇ ସାଜିଛି ଅଜଗର
ବଦଳଛି ପାଣିପାଗ ବଦଳଛି ସମୟ

ଭାବି ଭାବି ପେଟେଇ ପଡିଛି ସନ୍ଧିଆ
ଯୁଆଡେ ଚାହିଁଲେ ଦିଶୁଛି ଅନ୍ଧାର
ଭୋକ, ଦୁଃଖ, ଲୁହ ରୋଗ ଶୋକ ମୃତ୍ୟୁ
କାମଧନ୍ଦା ନ ପାଇ ଲୁହର କାହାଣୀ
ଲେଖୁଥିବା ଚିହ୍ନ । ମୁହଁରେ ତୁଣ୍ଡିବାନ୍ଧି
ସାମାଜିକ ଦୂରତାରେ ରହିବା ଚିହ୍ନ
ନୂଆ ସକାଳକୁ ଦେଖିବା ପାଇଁ
ପ୍ରତିକ୍ଷାର ଚିହ୍ନ । କରୋନା ସଂକ୍ରମଣରୁ
ନିଜକୁ ବଞ୍ଚାଇବାର ଚିହ୍ନ ।

ଗଙ୍ଗନଗର, ଭୁବନେଶ୍ୱର

# ସାମରଥ



ଗୁପ୍ତେଶ୍ୱର ଗନ୍ଧ

ଶକତି ବିହୁନେ ସାମରଥ କାହୁଁ
ଆସିବ ହେ ନାରାୟଣ ।
ଇନ୍ଦ୍ରିୟ ସକଳ ହୁଅନ୍ତି ଅଚଳ
ଯନ୍ତ୍ର ର ସ୍ଥିତି ଯେସନ ।।1
ନୟନ ଥିଲେ କ ହେବ ମହାପ୍ରଭୁ
ନଥିଲେ ଆଖିରେ ଜ୍ୟୋତି ।
ଶ୍ରବଣ ଯୁଗଳ ଥାଇ ଲାଭ କସ
ନଥିଲେ ଶୁଣିବା ଶକ୍ତି ।।2
ଚାଲିବା ପାଇଁ କ ସାମରଥ ଯଦି
ନାହିଁ ଥାଉ ପାଦ ବେନ ।
ନାସିକା କ ଗନ୍ଧ ବାରି ପାରିବ ହେ
ଘ୍ରାଣ ଶକତି ନ ଘେନ ।।3
ଯାନ୍ତ୍ରିକ ବିହୁନେ ଯନ୍ତ୍ର କ ଚଳବ
କୁହ ଆହେ ଦୟାମୟ ।
ପିଣ୍ଡ ରୂପୀ ଯନ୍ତ୍ର ତିଆରିଛ ତୁମେ
ପୁଣି ଦେଇଛ ଅଭୟ ।।4
ତୁମ ବିନା ସୃଷ୍ଟି ସ୍ଥିତି ଅସମ୍ଭବ
ଏ କଥା ନ ବୁଝି ନର ।
ଆପଣାକୁ ଭାବି ବସେ ଶ୍ରେଷ୍ଠ ବୋଲି
ଚିତ୍ତେ ନ କରି ବିଚାର ।।5

ଈଶ୍ୱର ଙ୍କ ଇଚ୍ଛା ବ୍ୟତୀତ କେବେ କ
ବିକାଶ ଲଭେ ସୁମନ ।
କୁସୁମ ଜନମ ହୁଏ ଅକାରଣ
ହେଲେ ସୁରଭି ବିହୀନ ॥6
ପୁତ୍ର ହୋଇ ଯେବେ ପିତାର ମହତ୍ତ୍ୱ
ନ ବୁଝି ପାରେ ସନ୍ତାନ ।
ଶିଷ୍ୟ ହୋଇ ଅବମାନନା କଲେ ଟି
ଗୁରୁଙ୍କ ଅନୁଶାସନ ॥7
ଚଲା ପଥ କେବେ ସୁଗମ ନୁହଇ
ଗୁରୁ ଆଶୀର୍ବାଦ ବିନା ।
ଏ କଥା ଗୋଟିକ ସ୍ମରଣ ରଖିବା
ତେବେ ଧନ୍ୟ ହେବା ସିନା ॥8
ବୃଥା ଅହଂକାର କରେ ନାରଖାର
ଜୀବନର ଗତିପଥ ।
ସୁଫଳ ଲଭିବା ଆକାଶ କଇଁଆ
ସପନ ନୁହଇ ସତ୍ୟ ॥9
ତୁମେ ସିନା ପ୍ରଭୁ ଦୟାବହି ହୃଦେ
ବାହ ମୋ ଜୀବନ ରଥ ।
ଏ ପିଣ୍ଡ ଯାନକୁ ଚଳାଇବା ପାଇଁ
ତୁମେ ଏକା ସାମରଥ ॥10

ଗ୍ରା/ପୋ :-ସମାସିଂହା.
ଜିଲ୍ଲା -ଝାରସୁଗୁଡା

# "ସତ୍ୟର ସଂଧାନ"- ବିଚିତ୍ର ଅନୁଭବର ରାସ୍ତାରେ ପାଠକ

ସ୍ୱର୍ଗତ ସାରଦା ପ୍ରସାଦ ମିଶ୍ର

ବିଗତ ଦୁଇ ତିନିମାସର ସମୟ ମୋ ପାଇଁ ଭଲ ସମୟ ଥିଲା ବୋଲି ସ୍ୱୀକାର କରିବାକୁ ହେବ । ଯଦ୍ୟପି ଏହି ସମୟ ଭିତରେ ପାରିବାରିକ ଅସୁସ୍ଥତା ଏବଂ ଆର୍ଥିକ ଦୂର୍ଗତି ମୋତେ କବଳିତ କରି ରଖିଥିଲା, ତଥାପି ଏହା ଥିଲା ବେଶ୍ ଭଲ ସମୟ । ଏଇଥିପାଇଁ ଯେ ମୁଁ କେତୋଟି ଭଲ ବହି ଏବଂ "ହିନ୍ଦୁ" ସମ୍ବାଦପତ୍ରକୁ ଷ୍ଟିଭ୍ ଜବଓ ଏବଂ ଜଗଜିତ୍ ସିଂଙ୍କ ଉପରେ କେତୋଟି ଭଲ ପ୍ରବଂଧ ପଢିଲି । ଯେଉଁ ସମୟରେ ଭଲ ବହି ପଢାଯାଏ, ତା ଠୁ ଶ୍ରେଷ୍ଠତମ ସମୟ ଆଉ କିଛି ନାହିଁ ବୋଲି ବିଶ୍ୱାସଟିଏ ମୋ ଭିତରେ ରହି ଆସିଛି । କ୍ରମାନ୍ୱୟେ ମୁଁ ପଢିଲି ଚିତ ରଂଜନ ଦାସଙ୍କ ସ୍ୱିନୋଜା, ସଲମାନ୍ ଖୁସିଦଙ୍କ ଇଂରାଜୀରେ ଲିଖିତ ନାଟକ "ମନସ୍ ଅଫ୍ ବାବର", ବରଦା ପ୍ରସନ୍ନ ଦାସଙ୍କ "ସତ୍ୟର ସଂଧାନ" ଏବଂ ମନସୁର୍ ଅଲ୍ଲୀ ଖାଁନ୍ ପଟୌଦି, ଷ୍ଟିଭ୍ ଜବସ୍ ଏବଂ ଜଗଜିତ୍ ସିଂଙ୍କ ଉପରେ ଯାବତୀୟ ପ୍ରବଂଧ । ସତରେ, ମୋର ସମୟ ଭଲରେ କଟିଗଲା, ତେଣିକି ଘରେ କାହା ଦେହ ଖରାପ ହୋଇଥାଉ କି ମୁଁ ଆର୍ଥିକ ଦୂରାବସ୍ଥାରେ ପଡିଥାଏ । ଥରେ ଜଣେ ଜ୍ୟୋତିଷ ହାତ ଦେଖାଦେଖି କରି ଜଣେ ଯୁବକଙ୍କୁ କହିଲେ, "ଆପଣଙ୍କର ଗୁଳଶ ବର୍ଷ ପର୍ଯ୍ୟନ୍ତ ଘୋର ଦାରିଦ୍ର୍ୟ ରହିଛି" । ଯୁବକ ଜଣକ ମନ ଦୁଃଖ କରି କହିଲେ, "ତେଣିକି?" ଜ୍ୟୋତିଷ ଉତ୍ତର ଦେଲେ, "ତେଣିକି ଆଉ ଚିନ୍ତା କରିବାର କିଛି କାରଣ ନାହିଁ, କାରଣ ଦାରିଦ୍ର୍ୟ ଆପଣଙ୍କର ଅଭ୍ୟାସରେ ପଡିଯାଇଥିବ ।" ସେହି ନ୍ୟାୟରେ ପାରିବାରିକ ଅସୁସ୍ଥତା ଓ ଆର୍ଥିକ ଖରାପ ଅବସ୍ଥା ମୋର ଅଭ୍ୟାସରେ ପଡିଗଲାଣି । ତେବେ ଭଲ ବହି ମୋତେ ଅଜସ୍ର ସୁଖ ପ୍ରଦାନ କରିଛି ।

"ସତ୍ୟର ସଂଧାନ" ପୁସ୍ତକ ପାଠ କରିବାପରେ ମୁଁ ଲେଖକ ବରଦା ପ୍ରସନ୍ନଙ୍କ ଲେଖନୀୟ ଜୀବନ ସଂପର୍କରେ ବୁଝାବୁଝି କଲି । ଯଦ୍ୟପି ବରଦାବାବୁଙ୍କୁ ମୁଁ ଆଗରୁ ଜାଣିଥିଲି, ତଥାପି ତାଙ୍କ ଲେଖକୀୟ ଜୀବନ ସଂପର୍କରେ ମୋର ଧାରଣା ନଥିଲା । ଜାଣିଲି, ବିଭିନ୍ନ ଖବରକାଗଜରେ ସେ ସମୟ ସମୟରେ ପ୍ରବଂଧ ଲେଖନ୍ତି । ଅନେକ ଲେଖା ଡାଏରୀରେ ଲେଖି ରଖିଛନ୍ତି । ହେଳା ଏବଂ ସମୟ ଅଭାବରୁ ସେଗୁଡିକର ଯତ୍ନ ନଆଯାଇ ନାହିଁ ।

"ସତ୍ୟର ସନ୍ଧାନ" ଏକ ବିଚିତ୍ର ପୁସ୍ତକ ଏବଂ ମୋତେ ମଧ୍ୟ ବିଚିତ୍ର ଅନୁଭବ ପ୍ରଦାନ କରିଛି । ଏହି ପୁସ୍ତକ କେଉଁ ପର୍ଯ୍ୟାୟଭୁକ୍ତ ହେବ, ତାହା ଚଟ୍ କରି କହିହେବ ନାହିଁ । ଏହା କବିତା ନୁହେଁ କି ଗଳ୍ପ ନୁହେଁ, ଉପନ୍ୟାସ କି ନାଟକ ନୁହେଁ, ପ୍ରବଂଧ ନୁହେଁ କି ଶଳିତ ନିବଂଧ ନୁହେଁ, ଆତ୍ମ ଜୀବନୀ ନୁହେଁ କି ଭ୍ରମଣ କାହାଣୀ ନୁହେଁ। ତେବେ ଏଇଟା କି ରକମର ବହି?

ମନେ କରନ୍ତୁ, ଗୋଟିଏ ସିନେମାରେ ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ସଂଜୀବ କୁମାର, ଅମଜାଦ ଖାନ୍, ହେମା ମାଳିନୀ, ଜୟା ଭାଦୁଡି, ଆସରାନୀ, ଜଗଦୀପ ଇତ୍ୟାଦି ଥିବେ । ତେଣିକି ସିନେମା ହେଲା ଶୋଲେ । ମନେକରନ୍ତୁ, ଏମିତି ଏକ ବିଶ୍ୱ ଏକାଦଶ କ୍ରିକେଟ୍ ଟିମ୍ ହୁଅନ୍ତା, ଯେଉଁଥିରେ କାଲ୍ ହବସ୍, ଭିକ୍ଟର ଟ୍ରଂପର, ଷ୍ଟାନ୍, ମାଇକେବ, ଡନ୍ ବ୍ରାଡମ୍ୟାନ, କ୍ଲିଆନ୍ ଗିଲଖ୍ରୀଷ୍ଟ, ମାଇକେଲ ହୋଲଡିଂ, ଡେନସ୍ ଲିଲି, ଓ୍ୱାସିମ୍ ଆକ୍ରାମ, ସେନ୍ ଓ୍ୱାର୍ଣ୍ଣଙ୍କ ପରି ଖେଳାଳୀ ଥାନେ କେମିତି ହୁଅନ୍ତା ।

"ସତ୍ୟର ସନ୍ଧାନ"ସେମିତି ଏକ ଅଜବ ବହି । ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ପ୍ରଫେସର ଶତ୍ରୁଘ୍ନ ନାଥ, କବି ସଚ୍ଚି ରାଉତରାୟ, ଡ. ଶ୍ରୀରାମ ଚନ୍ଦ୍ର ଦାସ, ପ୍ରଫେସର ଗୌରୀ କୁମାର ବ୍ରହ୍ମା, ଜଷ୍ଟିସ୍ ନବ କୁମାର ଦାସ, ଡ. ରାଧାନାଥ ରଥ, ନାଟ୍ୟକାର ମନୋରଂଜନ ଦାସ, ପଣ୍ଡିତ ସୋମନାଥ ଦାଶ ଶର୍ମା, ଚିତ୍ତ ରଞ୍ଜନ ଦାସ, କିଶୋରୀ ଚରଣ ଦାସ, ଡ. ମନ୍ମଥ ନାଥ ଦାସ, ଜଷ୍ଟିସ୍ ରଂଗନାଥ ମିଶ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ପଠାଣି ପଟ୍ଟନାୟକ, ଡ. ଲିଙ୍ଗୁକେଶ୍ୱର ଶତପଥୀ, ହରିହର ବାହିନୀପତି, ଅଧ୍ୟାପକ

ରଂଗାଧର ଷଡଙ୍ଗୀ, ହୃଦାନନ୍ଦ ରୟ, ଶ୍ୟାମ ସୁନ୍ଦର ପାଢ଼ୀ, ଗିରିଜା ଭୂଷଣ ପଟ୍ଟନାୟକ, ଇଂ ପ୍ରିୟବ୍ରତ ଦାସ, ଶାନ୍ତନୁ କୁମାର ଆଗ୍ଗୁର୍ଯ୍ୟ, ଡ. ରେଖା ମହାନ୍ତି, ଶରତ ଚନ୍ଦ୍ର ମିଶ୍ର (ଆଇ.ପି.ଏସ୍.), ସୁରେଶ ଚନ୍ଦ୍ର ଦେ (ଆଇ.ପି.ଏସ୍), ଡାକ୍ତର କବି ପ୍ରସାଦ ମିଶ୍ର, ଡ. ବନ ବିହାରୀ ପଣ୍ଡା (ଆଇ.ପି.ଏସ୍), ଡ. ରତ୍ନାକର ସାହୁ, ଅନାଦି ସାହୁ (ଆଇ.ପି.ଏସ୍.), ଡାକ୍ତର ନିରଂଜନ ତ୍ରିପାଠୀ, ଜ୍ୟୋତିର୍ବିଦ୍ ନିମାଇଁ ବାନାର୍ଜୀ, କବି ପ୍ରସନ୍ନ କୁମାର ପାଟ୍ଟଶାଣୀ, ଠାକୁର ଶ୍ରୀ କେଶବାନନ୍ଦ, ବିଶପ୍ ଧୀରେନ୍ଦ୍ର କୁମାର ମହାନ୍ତି, ଫାଦର ଲୁଇ ଏବଂ ମଉନୁଦ୍ଦିନ୍ ଅହମ୍ମଦ (ଆଇ.ଏ.ଏସ୍.), ହେ ଭଗବାନ। ମୁଁ କେତେ ନାଁ ଲେଖିଲିଣି, ସର୍ବମୋଟ ସଇଁତିରିଶ ଜଣ ! ଆମ ସମାଜର ବିଭିନ୍ନ ବର୍ଗର ଏତେ ପ୍ରତିଷ୍ଠିତ ବ୍ୟକ୍ତିମାନେ ଗୋଟିଏ ଜାଗାରେ କଣ କରୁଛନ୍ତି ସତରେ? ଏମାନେ ନିଜେ ପ୍ରବଂଧ କି ଗପ କି କବିତା କି ନାଟକ ଲେଖି ନାହାନ୍ତି। ଏମାନେ କେବଳ କେତେକ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ଏବଂ ଉତ୍ତର ଦେଇଛନ୍ତି। ଏଥିରେ ଅବଶ୍ୟ ବିଚିତ୍ରତା ନାହିଁ। କିନ୍ତୁ ପାଠକମାନଙ୍କ ପାଇଁ ବିଚିତ୍ର ଅନୁଭବ ଏୟା ଯେ ପ୍ରତ୍ୟେକ ନିଜ ଶୈଳୀରେ ନିଜ ମତ ପ୍ରଦାନ କରିଛନ୍ତି। କେଉଁଠି ସଂପୂର୍ଣ୍ଣ ସକାରାତ୍ମକ ତ କେଉଁଠି ସଂପୂର୍ଣ୍ଣ ନକାରାତ୍ମକ ଉତ୍ତର, ତ କେଉଁଠି ମଧ୍ୟ ପଥର ଉତ୍ତର। ଗୋଟେ ପ୍ରଶ୍ନ ଅଛି "ଆପଣ କଣ ଈଶ୍ୱରଙ୍କ ସ୍ଥିତିରେ ବିଶ୍ୱାସ କରନ୍ତି"? ଏହାର ଉତ୍ତରରେ ଜଣେ ମନୀଷ ହିଁ କହିଛନ୍ତି ତ ଜଣେନାହିଁ କରିଛନ୍ତି। ଏହିପରି ଅନେକ ଚମତ୍କାର ପ୍ରଶ୍ନ ଓ ଉତ୍ତର ରହିଛି। ଏବେ କେତେକ ପ୍ରଶ୍ନ ଦେଖିବା ଆସନ୍ତୁ।

ପ୍ରଶ୍ନସବୁ ହେଲା: ଏ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତିର ଇଂଗୀତରେ ପରିଚାଳିତ ହେଉଛି ବୋଲି ଆପଣ ଉପଲବ୍ଧି କରନ୍ତି କି? କାହିଁକି? ଭଗବାନଙ୍କ ଅବତାର ଓ ଅସ୍ତିତ୍ୱ ସଂପର୍କର ଆପଣଙ୍କର ମତ କଣ? କର୍ମ ଅନୁଯାୟୀ ମଣିଷ ଫଳପ୍ରାପ୍ତ ହୁଏ – ଏ ସଂପର୍କରେ ଆପଣଙ୍କ ମତ କଣ? ମଣିଷ ପୁନର୍ଜନ୍ମ ଲଭ କରେ, ଏହା କେତେ ଦୂର ସତ୍ୟ? (ଏହାର ଉତ୍ତରରେ ଗୌରୀ କୁମାର ବ୍ରହ୍ମା ଏହା ସତ୍ୟ ବୋଲି କହିଥିବା ବେଳେ ପ୍ରଫେସର ରାଧାନାଥ ଏହା ଅନ୍ଧ ବିଶ୍ୱାସ ବୋଲି କହିଛନ୍ତି।) ପୁତ୍ର ନଥିଲେ କନ୍ୟା ସନ୍ତାନ ମୁଖାଗ୍ନି ଦେଇପାରେ କି? ଜ୍ୟୋତିଷ ଗଣନାର ସତ୍ୟାସତ୍ୟ ବିଷୟରେ କିଛି କହିବ କି? ମଣିଷ

ଜୀବନରେ ଗ୍ରହ ନକ୍ଷତ୍ରଙ୍କ ପ୍ରଭାବ ଅଛି କି? ରତ୍ନ ପଥର ଧାରଣ କେତେ ହିତପ୍ରଦ? ରୁଦ୍ରାକ୍ଷ ଧାରଣ ମଣିଷ ଉପରେ ପ୍ରଭାବ ପକାଏ କି? ସବୁ ଧର୍ମର ସାରକଥା ସମାନ, ଆପଣଙ୍କ ମତ କଣ?

ଏହିପରି ଚମତ୍କାର କୋଡିଏଟି ପ୍ରଶ୍ନ । ଚମତ୍କାର ସବୁ ଉତ୍ତର । କେହି କେହି ପୂରା ନାସ୍ତିକ ଧର୍ମୀ ଉତ୍ତର ଦେଇଥିବା ବେଳେ କେହି କେହି ସଂପୂର୍ଣ୍ଣ ଆସ୍ତିକ ଧର୍ମୀ ଉତ୍ତର ଦେଇଛନ୍ତି । ପୁଣି ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ପରି ମହାନ ବ୍ୟକ୍ତି ଅଭିଜ୍ଞତା – ଅନୁଭୂତି କଥା କହିଛନ୍ତି । ଉତ୍ତର ଗୁଡିକ ପାଠକଙ୍କୁ ଖାଲି ମୁଗ୍ଧ କରିବ ନାହିଁ, ବରଂ ଅନେକ କିଛି ଚନ୍ତା-ଚେତନା ପାଇଁ ଖୋରାକ ପାଇଁ ପ୍ରେରଣା ଯୋଗାଇବ । ଅନୁଶୀଳନ, ଦାର୍ଶନିକ ପ୍ରଶ୍ନ, ଆହୁରି ଅଧିକ ଗହୀରକୁ ପ୍ରବେଶ କରାଇବା ପାଇଁ ପ୍ରେରଣା ଯୋଗାଇବ । ଜଣେ ନିରୁତା ପାଠକ ଭାବରେ ଆମେ ଲେଖକ ବରଦା ବାବୁଙ୍କୁ ଅଜସ୍ର ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଉଛି । ତାଙ୍କ ଲେଖନୀ ଆହୁରି ବଳ୍ କ୍ତ ହେଉ ।

ପୂର୍ବତନ ଲୋକସଂପର୍କ ଅଧିକାରୀ,
ରାଜଭବନ, ଓଡିଶା, ଭୁବନେଶ୍ୱର

# ଶୁଭ ଜନ୍ମଦିନ



ଦେବାର୍ଚ୍ଚନ ମେହେର

ଶୁଭ ଜନ୍ମ ଦିନରେ ଅନେକ ଶୁଭେଚ୍ଛା ଓ ଶୁଭକାମନା,
ସଦା ତୁମେ ଖୁସିରେ ରୁହ ପ୍ରଭୁଙ୍କ ପାଖେ ଏହା ପ୍ରାର୍ଥନା।। -୧

ତୁମ ଚଲ୍ ପଥେ ପଦ୍ମ ଫୁଟି ମନରେ ଉଲ୍ଲାସ, ଆନନ୍ଦ ଭରିହେଉ,
ବିହିଙ୍କ ଠାରେ କରେ ମୁଁ ପ୍ରାର୍ଥନା ତୁମ ଆସା, ଆକାଂକ୍ଷା,  ପୂରଣ ହେଉ।। -୨

ଆସୁ ଯେତେ ଝଡ଼, ଝଞ୍ଜା ନ କରିବ ଭୟ ଜୀବନେ,
ସମସ୍ତଙ୍କଠୁ ଜିତିବ କହି ସୁ ବଚନେ। -୩

ବାପା, ମାଆଙ୍କୁ ସମ୍ମାନ, ଭାଇ, ଭଉଣୀଙ୍କୁ ସ୍ନେହ ଶ୍ରଦ୍ଧା ସଦା ଦେବ,
ତାଙ୍କରି ଆଶିଷେ ବୈକୁଣ୍ଠରେ ସ୍ଥାନ ପାଇବ।। -୪

ସଠିକ୍ ଚନ୍ତାଧାର୍, ସତ୍ ମନଭାବ ରଖି ଚାଲିବ ପଥେ,
ଗରିବ ଦୁଃଖୀ ଦେଖି କଛି ଦାନ ଟେକ ଦେବ ତା ହାତେ। -୫

ତୁମ ଜନ୍ମ ଦିନରେ ଏତିକ ଉପଦେଶ ଦେଇ କରେ ମୁଁ କଲ୍ୟାଣ,
ହିଂସା, ଅହଙ୍କାର ତ୍ୟାଗ କରି ମାନୁଥିବ ସଦା ବଡ଼, ସାନ।। -୬

ତୁମ ଜନ୍ମ ଦିନରେ ଭାବୁକ ହୋଇ ମୁଁ  ଧରେ କଲମ,
ତୁମ ଜନ୍ମ ଦିନରେ ଭାବୁକ ହୋଇ ମୁଁ ଧରେ କଲମ।। -୭

ଗ୍ରାମ - ବାପୁଜନଗର
ଜିଲ୍ଲା – ବୌଦ୍ଧ

# ଜାତିପ୍ରାଣ



ବିଜୟ କୁମାର ଛାଟୋଇ

**(୮୪ତମ ଶ୍ରଦ୍ଧାଞ୍ଜଳି ଦିବସରେ ଏ ଓଡିଆ ଜାତିର ପ୍ରାଣ ତଥା ଚିର ନମସ୍ୟ, ଏକ-ନିଷ୍ଠସାଧକ ପ୍ରଚାରକ ଅନନ୍ତ ମିଶ୍ରଙ୍କ ସ୍ମୃତିକୁ ମନେପକାଇ ............!!!!!)**

ଜାତୀୟନିର୍ଝର ଜାତି ପ୍ରାଣଧାର
ଜାତିର ମୁକୁଟମଣି,
ଜାତିଲାଗି ପ୍ରାଣ କଲ ମହାଦାନ
ଲହୁ କରିଦେଲ ପାଣି ।

ଅଛି କିଏ କହ ଗାଇବ ସେ କୋହ
ତୁମ ନିଷ୍ଠା ତପଗାଥା,
ଜାତି କି ଜାଣେନା ତୁମରି ବେଦନା
ଜାଣି କି ଅଜଣା ମଥା ?

ବୁଝିବ କିଏ ବା ସକଳେ ଅବୁଝା
ସ୍ୱାର୍ଥେ ଯା'ର ମତିଗତି,
ସେ କାହୁଁ ତୁମରି ସ୍ମୃତିକୁ ଆଦରି
ଜାତିପ୍ରାଣେ ହେବ ରତି ?

ତୁମେ ସିନା ଭୀଷ୍ମ "'ପ୍ରତିଜ୍ଞା' ରଖିଲ
ଜୀବନେ ଆଦରି ତାହା,

ଜାତି ସରୋବରେ ପଙ୍କଜ ରୂପରେ
ବାଣ୍ଟିଲ ସୁଖର ରାହା।

ଏକନିଷ୍ଠ ମନେ ବକୁଳର ବନେ
ତିଆରି ମଣିଷ ଖାନା,
ବାବୁ ଗୋପବନ୍ଧୁ ଥିଲେ ତୁମବନ୍ଧୁ
ଧନ୍ୟ ତାଙ୍କ ଉଚ୍ଚମନା ।

ତାଙ୍କରି କଥାକୁ ପ୍ରଶଂସି ମନକୁ
ସଚ୍ଚାକର୍ମୀଟିଏ ହୋଇ,
ତୁମ ଅବିସ୍ମୟ ମହିମାବିସ୍ମୟ
ଜନେ ହେଉଥିଲେ ଗାଇ ।

କାନ୍ଦି' ଭାଷାଲାଗି ସଦା ଉଠ ଜାଗି
ଭାଷା ତୁମ ହୃଦଦିଅଁ,
ଭାଷା ଲାଗି ଯିଏ କାନ୍ଦୁ ଯେତେଥିଅ
ଦମ୍ଭେ ଧରିଥିଲ ନିଅଁ ।

'ସମ୍ମିଳନୀ' ପରା ହୃଦୟ ପସରା
ମନର ମାନସ ସୁତ,
ହଜିଛି କେବେଠୁ ଜାତି ହୃଦୟଠୁ
କିଏ ଦେବ ଆଣି କୁହ ?

ଉପାନ୍ତ ଅଞ୍ଚଳେ ମନର ଚଞ୍ଚଳେ
ଆଖିଲୁହେ ସରସର,
ଦୁଃଖୀ ରଙ୍କିଙ୍କର ଭୋକଲା ମନରେ
କୋଟିଏ ସାହାସ ଭର ।

ଓଡ଼ିଶାର ପ୍ରତି ଗାଆଁଗଣ୍ଡା ପଲ୍ଲୀ
ଖାଲିପାଦେ ଥାଅ ବୁଲି,
ଅଖିଆ ପେଟର ନେଇଣ ଖବର
ଘରକଥା ଗଲ ଭୁଲି ।

ପାର୍ବତୀ ତୁମର ଅତି ଆପଣାର
ଥିଲେ ଜୀବନର ସାଥୀ,
ମରଣଖବର ଶୁଣିଲ ତାଙ୍କର
ତଥାପି ନ ଥିଲାଭ୍ରାନ୍ତି ।

ଦିନକର ଶିଶୁ ଶଶିଭୂଷଣକୁ
ଶ୍ୱଶୁରାଳୟରେ ଛାଡ଼ି,
ପୁଣି ଜାତିପାଇଁ ଗଲ ଧାଇଁଧାଇଁ
ମନେଭୁଲି ଝଡ଼ିବାଡ଼ି ।

ତୁମସେ ସେବାର ନାହିଁ ପଟାନ୍ତର
ଏ ଜାତି ଗାଉଛି ସୁରେ,
ଗଲେଣି ସେ ଜନ ଆମ ମହାଜନ
ମାଟିମା' ବାହୁନ ଝୁରେ ।

କଥା ଦେଇ କଥା ନାହିଁ ରଖିବା'ଟା
କା'ପୁରୁଷ ପଣ ସିନା,
କଥା କେ' ରଖିନ କଏ ବା ଜାଣିନ
ମଉନ ଏ ଜନ କନା ?

ଜାଗେଶ୍ୱରୀ କୋଳେ ଭାରଗବୀ କୂଳେ
ଶପଥରକାହିଁ ଫଳ ?
ଶେଷକୁ ଆପଣା ବାଛିଣ ଠିକଣା
ଯେଣେ ଇଛା ତେଣେ ଗଲ ।

ମନର କଥାଟି କହିଦେଲି ଭାଇ
ଇତିହାସେ ଯାହାଲେଖା,
ଏତେବଡ଼ଲୋକ ଥିଲେ 'ପ୍ରଗ୍ଲରକ'
ତଥାପି ସେ'ଅଣଦେଖା !!

ଆବାହକ, ପ୍ରଗ୍ଲରକଅନନ୍ତ ମିଶ୍ର ସ୍ମୃତି ସାହିତ୍ୟ ସଂସଦ,
ସତ୍ୟବାଦୀ, ଓଡିଶା

# ବନ୍ଧୁ ପରି ଡଙ୍ଗା

ଦୀପକ କୁମାର ନାୟକ

ଡଙ୍ଗା ପରି ଆଜି
ଏ ଦୁନିଆ ରେ ବନ୍ଧୁ ସମ୍ପର୍କ ।
କେତେ ବେଳେ ଦିଗ ଯାଏ ବଦଳ
କିଛି ଜାଣି ହୁଏ ନାହିଁ ।
ସମୟ ସାଥିରେ ଯାଏ ଭାଷୀ
ପବନ ର ସାଥେ ସାଥେ ।
ଯା ଯା ରେ ବନ୍ଧୁ ତୁ ଯା
ହସି ହସି ଦେଉଛି ମେଲାଣି ।
ଦୂର ଦେଶେ ଯାଇ ଯିବୁ ମତେ ଭୁଲି
ବାଟେ ପାଇବୁ କେତେ ନୂଆ ମିତ।
ଭୁଲି ଯିବୁନ ମତେ
କରି ଦେବୁନ ପର ।
ସମୟ ସାଥି ରେ ସବୁ ବଦଳ ଗଲା
ମିତ ମୋର ବି ଯାଇଚ ବଦଳି।
ଯା ଯା ତୁ ଭାସି ଯା
ଲୁହ ର ନଦୀ ରେ ଦେଉଛି ମେଲାଣି ହସି ହସି ।
ଲୁହ ଲୋହୁ ରେ ଆଗେ ର ବନ୍ୟା
କୋହ ସହି ହୁଏ ନା
ସମୟ ସାଥି ରେ ସମ୍ପକ ଯାଏ ହଜି ।
ଯା ଯା ରେ ଭାଷୀ ଯା
ହୃଦୟ କୋହ କୁ ଦେଉଛି ମେଲାଣି ।
ଦୂରେ ଦେଶେ ଯାଇ
ରହିବୁ ତୁ ଯାଇ ଖୁସି ।

ଧର୍ମଶାଳା, ଯାଜପୁର

# ସତମିଛର ପରିଭାଷା



ଅଭିମନ୍ୟୁ ବେହେରା

ସତଠାରୁ ମିଛର ଦୂରତା କେତେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବୀରବଲ୍ ଅତି ଚତୁରତାର ସହିତ ଉତ୍ତର ଦେଇଥିଲେ ମାତ୍ର ଚାରି ଆଙ୍ଗୁଳ ଓସାର । ଆକବର କଥାଟିକୁ ସହଜରେ ବୁଝିପାରି ନଥିବାରୁ ବୀରବଲ ଅତି ସରଳ ଭାଷାରେ ବୁଝାଇ ଦେଇଥିଲେ ଯେ ଚାରି ଆଙ୍ଗୁଳ ଓସାର ଅର୍ଥାତ୍ ଆଖିଠାରୁ କାନର ଦୂରତା ଯେତେ । ତାଙ୍କ କହିବାର ଅର୍ଥ ସାଧାରଣଭାବେ ଆଖିରେ ଦେଖୁଥିବା କଥା ସତ ଆଉ କାନରେ ଶୁଣୁଥିବା ମିଛ ହୋଇଥାଏ । ଦୁନିଆରେ ସତଠାରୁ ମିଛର ଦୂରତା ବିଷୟରେ ବୁଝିବା ଅଥବା ସତମିଛର ପରିଭାଷା ବୁଝିବାକୁ ପ୍ରୟାସ କରିବାର ଗୁରୁତ୍ୱ କେତେ ଦୂର ଯଥାର୍ଥ ସମସ୍ତଙ୍କୁ ଉଣା ଅଧିକେ ଜଣା । କିନ୍ତୁ ସତଠାରୁ ମିଛର ପ୍ରଶସ୍ତ ଏ ଦୁନିଆରେ ଖୁବ ବେଶୀ କହିଲେ ଅତ୍ୟୁକ୍ତି ହେବନାହିଁ । ଏଇ ଯେମିତି ମିଛ ନକହିଲେ ବ୍ୟବସାୟ ବାଣିଜ୍ୟ ଚାଲିପାରିବ ନାହିଁ । ଦୋକାନୀ ଜିନିଷ କେତେରେ କିଣୁଛି କେତେରେ ବିକୁଛି ଯଦି ଗରାଖକୁ ସବୁ ସତ କହିଦେବ ତେବେ ଦୋକାନୀ କଣ ଲାଭବାନ ହୋଇପାରିବ । ଲାଭ ନହେଲେ କଣ ବ୍ୟବସାୟ ଚାଲିପାରିବ । ଲାଭବିନା କୌଣସି ବ୍ୟବସାୟ ଚାଲିପାରିବ ନାହିଁ ବୋଲି ଆମେ ବାଣିଜ୍ୟ ପାଠ୍ୟକ୍ରମରେ ପଢିଛନ୍ତି । ଦୁନିଆରେ ମିଛ କିଏ ନ କୁହେ, ପ୍ରାୟ ସମସ୍ତେ । ନେତାମାନେ ଜନତାଙ୍କ ଠାରୁ ଭୋଟ ପାଇବା ଆଶାରେ ମିଛ କୁହନ୍ତି, ମିଛ ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି । ଅଫିସ୍‌ରେ କର୍ମଚାରୀ ଡେରିରେ ପହଞ୍ଚିଲେ କଣ ପାଇଁ ଡେରିହେଲା ପଚାରିଲେ ସେ ଅଫିସ ବସ୍‌ଙ୍କୁ ମିଛ କହେ । ଯେ କୌଣସି ମିଛ ବାହାନା କରେ । ସ୍କୁଲର ପାଠପଢା କରି ନଥିଲେ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମିଛ କହିଥାନ୍ତି । କ୍ଷୀରରେ ଯେତେ ପାଣି ମିଶାଇ ବିକିଲେ ବି କ୍ଷୀରବାଲା କ୍ଷୀରରେ ଆଦୌ ପାଣି ମିଶିନାହିଁ ବୋଲି କହେ । ସମାଜରେ ଜଣେ ସାଧାରଣ ଲୋକଠାରୁ ଆରମ୍ଭ କରି ବଡବଡ ମହାପୁରୁଷମାନେ ମିଛ କହିବାର ଦୃଷ୍ଟାନ୍ତ ଅଛି ।ଜାତିର ପିତା ମାହତ୍ମା ଗାନ୍ଧୀ ଜୀବନରେ କେତେକ କ୍ଷେତ୍ରରେ ମିଛ କହିଛନ୍ତି ବୋଲି ସେ ତାଙ୍କ ଆତ୍ମଜୀବନୀରେ ସ୍ୱୀକାର କରିଛନ୍ତି । ଇତିହାସର ଗାଲମାଧବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି ବୋଲି ମିଛ କହିବାର ପ୍ରମାଣ ଅଛି । ମହାଭାରତରେ ଧର୍ମରାଜ ଯୁଧିଷ୍ଠିର

ଅଶ୍ୱସ୍ଥମାଙ୍କ ମୃତ୍ୟୁରେ ମିଛ କହିବାରେ ପ୍ରମାଣ ରହିଛି । ଏମିତି କେତେ ଛୋଟବଡ ମିଛର କାହାଣୀ ସହିତ ଆମେ ପରିଚତ ।

ବାହାରେ ଭୁଲ କରିଥିଲେବି ପିଲ୍ମାନେ ଘରେ ବାପା ମାଙ୍କୁ ମିଛ କହିଥାନ୍ତି କାରଣ ଭୁଲକୁ ଘୋଡାଇ ରଖିବାକୁ ସେମାନେ ଚେଷ୍ଟା କରିଥାନ୍ତି । ସତର ଗଳାଚପି ହତ୍ୟା କରିବାକୁ ଚେଷ୍ଟା କରିଥାନ୍ତି । ଖାଲି ପିଲ୍ ନୁହେଁ ପିଲ୍ଠାରୁ ବୁଢା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ବୟସର ଲୋକ କୌଣସି ନା କୌଣସି ପରିସ୍ଥିତିରେ ମିଛର ଆଶ୍ରୟ ନେଇଥାନ୍ତି । ସତର ମୁକାବିଲା କରିବା ପାଇଁ ଭୟ କରିଥାନ୍ତି କାରଣ ନୈତିକ ସାହସର ଅଭାବ ସେମାନଙ୍କ ପାଖରେ ଦେଖା ଦେଇଥାଏ । ସଂସାରରେ ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠି ମିଛକୁ ବ୍ୟବହାର କରା ଯାଇନାହିଁ । ପୁରାଣରେ ଭଗବାନ କୃଷ୍ଣ ମାତା ଯଶୋଦାଙ୍କୁ କେତେ ମିଛ କହିଛନ୍ତି ଆଉ ଦଣ୍ଡ ମଧ ପାଇଛନ୍ତି । ମିଛ କହିଲେ ଦଣ୍ଡ ମିଳେ ଏଥିରୁ ସ୍ୱୟଂ ଭଗବାନ ମଧ ବ୍ରହି ପାଇ ନାହାନ୍ତି । ଏବେ ମିଛ କହିଲେ ଭବିଷ୍ୟତରେ ସେଥିପାଇଁ ଯେ ଦଣ୍ଡ ମିଳବ ଏକଥା ସତ୍ୟ ଯେମିତି ମିଛୁଆ ଗ୍ୱଧୁଆ ଗପରୁ ମିଛ ବାଘ କହି ଲୋକମାନଙ୍କୁ ହଇରାଣ କରି ମଜା ନେଉଥିଲା ଏବଂ ସତରେ ଦିନେ ସତ ବାଘର ସାମ୍ନା ତାକୁ କରିବାକୁ ପଡିଥିଲା । ଏଇ ଛୋଟିଆ କାହାଣୀର ଆବଶ୍ୟକତା କାଲି ବି ଥିଲା ଆଜି ବି ଅଛି ଏବଂ ଭବିଷ୍ୟତରେ ସମାଜ ପାଇଁ ଦୀଗଦର୍ଶନ ହୋଇରହିବ ଏଥିରେ ସନ୍ଦେହ ନାହିଁ । ଆଜିର ମିଛ ଭବିଷ୍ୟତରେ ଆମ ପାଇଁ ନଷ୍ଟିତ ଦଣ୍ଡ ଆଣିବ । ଇଏତ ମିଛର ପ୍ରଶସ୍ତ, ସତର ପ୍ରଶସ୍ତ କଛି କମ୍ ନୁହେଁ । ମିଛ ଦୁନଆରେ ଗୋଟିଏ ସତ ସେ ମୋ ଜଗନ୍ନାଥ ପରି ଆଉ କୌଣସି ଉଦାହରଣର ଦରକାର ନାହିଁ । ସତ୍ୟବାଦୀ ରାଜା ହରିଶ୍ଚନ୍ଦ୍ର ଜୀବନରେ ସର୍ବହରା ହୋଇଥିଲେବି କେବେ ସତ୍ୟକୁ ପରିତ୍ୟାଗ କରି ନାହାନ୍ତି । ସେଇ ସତ୍ୟକୁ ପାଥେୟ କରି ଜୀବନରେ ସବୁକଛି ଫେରି ପାଇଛନ୍ତି । ମହାନ୍ ଶିଶୁସାହିତ୍ୟିକ ରାମକୃଷ୍ଣ ନନ୍ଦ ତାଙ୍କର ଅତି ଲୋକପ୍ରିୟ ସର୍ବଜନ ବିଦିତ ପାର୍ଥନାରେ ଶିଖେଇ ଦେଇ ଯାଇଛନ୍ତି – ସତ କହିବାକୁ କଆଁ ଡରିବି ସତ କହି ପଛେ ମଲେ ମରିବି ....... । ଭାରତୀୟ ସଂସ୍କୃତି ର ଆଦର୍ଶ ଆମ ଜାତୀୟତାର ଆଦର୍ଶ ସତ୍ୟମେବଜୟତେଃ .... କଣ ଆମେ ଭୁଲିପାରିବା । ଚୋର ଚୋରିକରି ମିଛକହେ ଅପରାଧୀ ଅପରାଧ କରି ମିଛକହେ, ଗୀତା ଛୁଇଁ ସତ କହିବାକୁ ଶପଥ କରୁଥିବା ଲୋକ ପୁଣି ମିଛକହେ । ମିଛ କହୁଥିବା ମଣିଷର ମନ ନଜ ସତ ବିବେକ ପାଖରେ ହାରିଯାଏ । ମନ ବିବେକର ଲଢେଇ ଭିତରେ ବିବେକ ହାରିଯାଏ ମାତ୍ର ମିଛ ମନ ଜିତିଯାଏ । ପୁଣି

କେତେବେଳେ ବିବେକ ଜିତିଯାଏ ସତ୍ୟର ଜୟ ହୁଏ । ପୁଣି କେତେବେଳେ ଅନ୍ୟର ଉପକାର ପାଇଁ ମିଛ ପଦୁଟିଏ ମିଛ ନୁହେଁ କି ପାପ ନୁହେଁ ବୋଲି ବିବେଚନା କରାଯାଇଥାଏ । ଆଉ କେତେବେଳେ ଜଣେ ମିଛ କହୁଛିକି ସତ କହୁଛି ଲାଏଡିଟେକ୍ଟର ସାହାଯ୍ୟରେ ତାକୁ ପରୀକ୍ଷା କରାଯାଇଥାଏ । ମିଛ ବଳୟରେ ମଣିଷ ମିଛ ବଳୟକୁ ଭାଙ୍ଗି ମଣିଷ ସତ ବଳୟକୁ ପ୍ରବେଶ କରିପାରିବ ନାହିଁ । ମିଛ ଆକାଶର ବୁକୁଚିରି ସତସୂର୍ଯ୍ୟ କଣ ଉଇଁବ ନାହିଁ । ମିଛ ପଥର ଯାତ୍ରୀ ମଣିଷ କଣ ସତ ପଥର ଯାତ୍ରୀ ହୋଇପାରିବ ନାହିଁ ।

ଗୀତା ଛୁଇଁ ସତ କହିବାକୁ ଶପଥ କରିବା ପୂର୍ବରୁ ନିଜ ମନ ହୃଦୟକୁ ଛୁଇଁବା ଉଚିତ । ମନରୁ ହୃଦୟରୁ ମିଛକୁ କାଢି ବାହାରକୁ ଫିଙ୍ଗିଲା ପରେ, ମିଛର ମୂଳଉତ୍ପାଟନ କରିବା ପରେ ସିନା ସତକୁ ଛୁଇଁବା ସମ୍ଭବ ହେବ! ମନ ସଫା ଗଙ୍ଗାଜଳ ହେବ ବିବେକ ଶ୍ରୀମନ୍ଦିର ହେବ ବିବେକର ବାଣୀ ଇଶ୍ୱରଙ୍କ ବାଣୀ ବୁଝିବାକୁ ହେବ ।

ଅଧକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର

# ଅତି ରୁ ଇତି



ଅଚ୍ୟୁତାନନ୍ଦ ଭୁଏ

ଅତି ରୁ ଇତି ପରେ ମିଳଇ ଦୁର୍ଗତି
ପାଞ୍ଚ ମନକୁ ଘେନ ପଚଶ ପ୍ରକୃତି
ଲୋଭ ରାକ୍ଷସ ଗ୍ରାସେ ଥିଲେ ତ ଦୁର୍ଗତି
ଚାରିଦିଗେ ଭ୍ରମଇ ବଢାଇ ତା' ଗତି।
ମୁଁକାର କୁ ଘେନ ଚାଲିଏ ତା' ମତି
ଅବଶ୍ୟ ମିଳଇ ତାକୁ ଯେତକ କୁଖ୍ୟାତି
ଅତି ଉତ୍ତାପେ କ୍ଷୀର ପଡଇ ଯେ କ୍ଷିତି
ଅତି ଟି କରିଣ ଗତି ଅରଜଇ କ୍ଷତି।
ଅତିରେ  ନାହିଁ ଟି ଶାନ୍ତି ବୁଡାଏ ସୁଗତି
ବରଜି ଅତିକୁ ସଦା ମିଳଇ ସୁଖ୍ୟାତି
ଶୁଣହେ ମଣିଷ ଭାଇ ବଢିବ ଶକତି
ଧଇର୍ଯ୍ୟ ଅଟଇ ଦୀପ୍ତି ଅତି କର ଇତି।
ସପନ ପରାଏ ଅତି ମିଳଇ ଝଟତି
ମରିଚିକା ସମ ଦଶା ଭୋଗିବୁ ନଇତି
ମନ କୁ ଗଙ୍ଗା ପରି ରଖିବୁ ସାଇତି
ହୃଦୟ ରେ ତୋଳ ଦେଇ ଅସୁମାରି ପ୍ରୀତି।
ପରକୁ ଆପଣା ଭାବି ରଖି ନଜ କତି
ଜଗନ୍ନାଥ ପାଦ ତଳେ ବାଢୁଥା ପ୍ରଣତି।

ଗୋଲମାଲ, ରେଙ୍ଗାଲି, ସମ୍ବଲପୁର

# ତୁମେ---



ଅଧ୍ୟାପକ ଅଜୟ କୁମାର ସାହୁ

ତୁମେ ଥିଲ ପରୀଟିଏ
ତୁମ ଦେହରେ ବିଶାଳ ସମୁଦ୍ର
ହୀରା ନୀଳା ମୋତି ଆଉ ସାମୁକାର ଜଳ
ତମ ଦେହରେ ଅସରନ୍ତି କାନ୍ତି
ବକ୍ଷଜ ତବ ଅସଂଜତ ଢେଉର ପାରାବାର
ମୁକୁଳା ତମର ବେଣୀ
ତୁମର ଗତିରେ ଢେଉସମ ରୂପ
ତମ  ସେ ବାଲୁକା ଉପତ୍ୟାକାକୁ
ସ୍ପର୍ଶକଲେ
ଫୁଲହୋଇ ବରଷି ଯାଅ
ବସନ୍ତର ଋତୁଟିଏ ପରି
ଭୟଲାଗେ, ତଥାପି ---
ମୁଁ ସାହସ କରି ଚାହେଁ ଜହ୍ନକୁ
କାରଣ ତମକୁ ଦେଖିଲେ
ଜହ୍ନ ମୋତେ ଦିଶେ, ଠିକ୍
ପ୍ରେମିକା ବା ଆଫ୍ରୋଡାଇସ୍ ପରି
ତା'ପରେ ଦେଖେ
ପାହାଡ ତଳ ସନ୍ଧ୍ୟାର ଜହ୍ନ
ଭିତରେ ବିରାଜମାନ ଗୋଲ ମୁହଁ
ନେଇଯାଏ ଏ ଦିଗରୁ ସେ ଦିଗକୁ
ସୀମାନ୍ତ ବିସ୍ତାରୀ, ଅତିକ୍ରମ କରି ।

ବିଭାଗୀୟ ମୁଖ୍ୟ(ଓଡିଆ ବିଭାଗ),
ଝାଡେଶ୍ୱର ଡିଗ୍ରୀ କଲେଜ, ଟୋଲକାନୀ,ଯାଜପୁର

# କାଳଆ ପାଖରେ ଅଳଟିଏ



ଆଲୋକ କୁମାର ପଣ୍ଡା

ହେ ନୀଳାଦ୍ରୀଶ !
ତୁମ ଅସୁସ୍ଥତା ପାଇଁ ଅଛି ଉପଗ୍ଚର,
ଅଛି ଦଶମୂଳ ମହୌଷଧି,
ଆମ ଅସୁସ୍ଥତା ପାଇଁ
ବିବର୍ଣ୍ଣ ଏ କାଳର ପରିଧି,
କଳା ମଚମଚ ରୂପ ତୁମ
ଲଭେ କେତେ ସୃଷ୍ଟିରେ ଆଦର,
ନାନା ଗୁଣ ଥାଇ ପ୍ରଭୁ
ଏ ସମାଜେ ହେଉଁ ହତାଦର,
ବସି ରତ୍ନ ସିଂହାସନେ
ଛପନ କୋଟି ଭଣ୍ଡାର ଭୋଗୁଅଛ
ଅମୃତ ମଣୋହି,
କରୋନା ପ୍ରପୀଡିତ ଅରକ୍ଷିତ ଭକତଙ୍କ ଆର୍ତ୍ତନାଦେ
ପହଡ କ ପ୍ରଭୁ ଭାଙ୍ଗେ ନାହିଁ ?

ଶିକ୍ଷକ,କପସିପାଲି ଆଶ୍ରମ ବିଦ୍ୟାଳୟ,
ବଲାଙ୍ଗିର

# ଯୁବସଂଗ୍ରାମୀ ଭଗତ ସିଂହ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ଭଗତ ସିଂହ ଯାହଙ୍କର ନାମ ଶୁଣିଲେ ସମସ୍ତ ମନରେ ଏକ ବିପ୍ଳାତ୍ମକ ଭାବନା ସୃଷ୍ଟି ହେବା ସହ ଦେଶାତ୍ମକ ବୋଧର ଚେତନ ଜାଗ୍ରତ ହୋଇଥାଏ । ଯିଏକ ହେଉଛନ୍ତି ସ୍ୱାଧୀନ ଭାରତର ମୂଳ ସୂତ୍ର । ଆମ ଦେଶର ବୀର ସନ୍ତାନମାନଙ୍କ ଗୌରବ ଗାଥା ଶୁଣିଲେ ଯେ କେହି ବିସ୍ମିତ ନ ହୋଇ ରହିପାରିବ ନାହିଁ। ସେମାନଙ୍କ ବୀରତ୍ୱରେ ଆଜି ଆମ ଦେଶ ଗର୍ବିତ। ସେମାନଙ୍କ ଜୀବନୀ ଅଧ୍ୟୟନ କଲେ ଜଣାପଡେ ଯେ ସେମାନେ ଏ ଦେଶ ପାଇଁ କେତେ ଯେ କଷ୍ଟ ନ ସହିଛନ୍ତି, କେତେ ଯେ ନିର୍ଯାତନା ଓ ଅପମାନ ନ ସହିଛନ୍ତି! ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଯୋଦ୍ଧା ଭଗତ ସିଂହଙ୍କୁ ସ୍ମରଣ କରିବା ମାତ୍ରେ ସାମ୍ନାରେ ନାଚ ଉଠେ ତାଙ୍କ ବୀରତ୍ୱର ଚେହେରା। ଜାଗି ଉଠେ ମନ ଆଉ ପ୍ରାଣ। ଶରୀରରେ ଖେଳଯାଏ ଅପୂର୍ବ ଶିହରଣ। ଜାଗ୍ରତ ହୁଏ ଦେଶ ପ୍ରେମର ଜୁଆର।

ତାଙ୍କର ଘର ପଞ୍ଜାବର ଲାୟଲପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗା ଗ୍ରାମରେ ହୋଇଥିବା ବେଳେ ସେ ୧୯୦୭ ମସିହା ସେପ୍ଟେମ୍ବର ୨୮ ତାରିଖରେ ପଞ୍ଜାବର ଏକ ଶିଖ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା କିସନ୍ ସିଂହ ଜଣେ କୃଷୀ ଓ ଦେଶଭକ୍ତ ଥିଲେ ଏବଂ ମାତା ବିଦ୍ୟାବତୀ ଜଣେ ଧର୍ମପରାୟଣା ମହିଳା ଥିଲେ। ଭଗତ ସିଂହଙ୍କୁ ଛାଡି, ତାଙ୍କର ଆଉ ୨ ଭାଇ ଏବଂ ଜଣେ ଭଉଣୀ ଥିଲେ।ଭଗତ ସିଂହଙ୍କୁ ଛୋଟ ବେଳେ ସମସ୍ତେ ଭାଗ୍ୟବାନ୍ ବୋଲି ଡାକୁଥିଲେ।

୧୯୧୯ ମସିହାରେ ଜାତୀର ପିତା ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଜାଲିଆନବାଗ ଠାରେ ଇଂରେଜ ଶାସନର ପ୍ରତିବାଦରେ ୨୦ ହଜାରରୁ ଉର୍ଦ୍ଧ କର୍ମୀ ରୁଣ୍ଡ ହୋଇଥିଲେ । ଯାହାକୁ ଦେଖି ଇଂରେଜ ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡିଥିଲେ । ଏହି ପ୍ରତିବାଦ ସଭାକୁ ଭଣ୍ଡୁର କରିବା ପାଇଁ ଇଂରେଜ ସରକାର ଶତପ୍ରଚେଷ୍ଟା କଲେ ମଧ୍ୟ କରିପାରି ନଥିଲେ ।

ସେଥି ପାଇଁ ମାଇକେଲ ଡାୟାର ନାମକ ପୋଲିସ ଅଫିସର ସୈନ୍ୟଗଣ ସହ ସେଠାକୁ ଆସି ସଭା ଉପରକୁ ଆଖିବୁଜା ଗୁଳଗୁଳନା କରିଥିଲେ । ଏଥିରେ ଶତାଧିକ ଲୋକ ସହିଦ ହୋଇଥିଲେ । ସେହି ୧୨ ବର୍ଷର ବାଳକ ଭଗତ ସିଂହ ଏହା ଦେଖି ସମ୍ପୂର୍ଣ୍ଣ ମର୍ମାହତ ହୋଇପଡିଥିଲେ । ସେଠାରେ ସେ ଭାରତୀୟଙ୍କ ରକ୍ତରେ ଓଦା ହୋଇଥିବା ମାଟିକୁ ଗୋଟିଏ ବୋତଲରେ ରଖି ସବୁଦିନେ ପୂଜା କରୁଥିଲେ। ଜାଲିୱାନବାଗ ହତ୍ୟାକାଣ୍ଡ ତାଙ୍କ ମନକୁ ଦୋହଲାଇଦେଇ କ୍ଷତବିକ୍ଷତ କରିଥିଲା ସେହି ଦିନ ଠାରୁ ସେ ଦେଶ ପାଇଁ ଲଢିବେ ବୋଲି ପ୍ରତିଜ୍ଞା ନେଇଥିଲେ ।ଭଗତ ସିଂହ ଇଂରେଜ ମାନଙ୍କ ବିରୁଦ୍ଧରେ କହୁଥିଲେ, "ସେମାନେ (ବ୍ରିଟିଶ ଶାସନ) ମୋତେ ମାରିଦେଇ ପାରିବେ, କିନ୍ତୁ ମୋ ବିଚାରଧାରାକୁ ନୁହେଁ। ସେମାନେ ମୋ ଶରୀରକୁ ନଷ୍ଟ କରିପାରିବେ, କିନ୍ତୁ ମୋ ଆତ୍ମାକୁ ନଷ୍ଟ କରିବାକୁ ସକ୍ଷମ ହେବେନାହିଁ ।"

ଇଂରେଜ ସରକାରଙ୍କ ବିରୋଧରେ ସେ ଯୁଦ୍ଧ କରିବେ ବୋଲି ଶତପ୍ରତିଜ୍ଞା କରିବା ସହ ଇଂରେଜ ସରକାରଙ୍କ ବିରୋଧରେ ସ୍ଲୋଗନ ଦେବା ଆରମ୍ଭ କରିଦେଇଥିଲେ । କଲେଜ୍‌ରେ ପଢୁଥିବା ସମୟରେ ସେ ଜଣେ ଭଲ ଅଭିନେତା ଥିଲେ। ସେ 'ରାଣା ପ୍ରତାପ' ଏବଂ 'ଭାରତ-ଦୁର୍ଦ୍ଦଶା' ପରି ନାଟକରେ ଅଭିନୟ କରିଥିଲେ। ସେଠାରେ ତାଙ୍କର ବନ୍ଧୁତା ହେଲା ସୁଖଦେବ ଙ୍କ ସହ। ଯେତେବେଳେ ଭଗତ ସିଂହଙ୍କ ମାଆ ବାପା ଚାହୁଁଥିଲେ ସେ ବାହା ହୋଇଯାଆନ୍ତୁ ସେ ସେତେବେଳେ ସେ ଘରଛାଡ଼ି କାନପୁର ପଳାଇଲେ। ସେ ତାଙ୍କ ବାପା ମାଆଙ୍କୁ କହିଥିଲେ, "ଯଦି ବ୍ରିଟିଶ୍ ଶାସନ କରୁଥିବା ଭାରତରେ ମୁଁ ବାହା ହେବି, ତେବେ ମୋ ପତ୍ନୀ ବିଧବା ହେବ। ତେଣୁ ମୁଁ କୌଣସି ସାଂସାରିକ ଇଚ୍ଛା ରଖିବାକୁ ଚାହୁଁନ।' ଏହାପରେ ସେ 'ହିନ୍ଦୁସ୍ଥାନ ସୋଶାଲିଷ୍ଟ ରିପବ୍ଲିକାନ୍ ଆସୋସିଏସନ୍' ରେ ଭାଗ ନେଲେ। ୧୯୨୮ ମସିହାରେ ଅନ୍ୟତମ ସ୍ୱାଧୀନ ଭାରତର ଅନ୍ୟତମ କ୍ରାନ୍ତିଧାରୀ ଚନ୍ଦ୍ରଶେଖର ଆଜାଦଙ୍କ ସହ ଭଗତସିଂହଙ୍କର ଦେଖା ହୋଇଥିଲା।ଏହା ପରଠାରୁ ପରଧୀନ ଭାରତରେ କ୍ରାନ୍ତିଧାରାର ଗତିବଧି ବଢିଯାଇଥିଲା ।

୧୯୨୮ ମସିହାରେ ବ୍ରିଟିଶ ସରକାର ଭାରତରେ ହେଉଥିବା ରାଜନୈତିକ ବାତାବରଣର ଯାଞ୍ଚ ପରଖ କରିବା ନମିତ୍ତ ସାଇମନ କମିଶନ ନାମକ ଏକ ଦଳକୁ ଭାରତ ପଠାଇଥିଲେ। ୩୦ ଅକ୍ଟୋବର ୧୯୨୮ରେ ଯେବେ ଏହି କମିଶନ ଲାହୋର ପରିଭ୍ରମଣରେ ଆସିଥିଲେ

ଲାଲା ଲଜପତ ରାୟ ଏହା ବିରୁଦ୍ଧରେ ଏକ ଆନ୍ଦୋଳନ କରିଥିଲେ । ଉପସ୍ଥିତ ପୋଲିସ ସୁପରିଟେଣ୍ଡେଣ୍ଟ ଜେମ୍ସ ଏ. ସ୍କଟ ଲାଠି ଚାଳନାର ଆଦେଶ ଦେଇଥିଲେ, ଏବଂ ନିଜେ ଲାଲାଜୀଙ୍କୁ ଲାଠିରେ ମାରି ଗୁରୁତର ଆହତ କରିଦେଇଥିଲେ । ୧୭ ନଭେମ୍ବର ୧୯୨୮ରେ ଲାଲାଜୀ ହୃଦଘାତ ଯୋଗୁଁ ପରଲୋକ ଗମନ କରିଥିଲେ । ଡାକ୍ତରମାନେ କହିଲେ ଆଘାତ ଯୋଗୁଁ ତାଙ୍କର ଶରୀରର ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଥିଲା । ପରେ ଯେବେ ବ୍ରିଟିଶ ପାର୍ଲିଆମେଣ୍ଟରେ ଏହି ପ୍ରସଙ୍ଗଟିର ଆଲୋଚନା ପଡ଼ିଲା, ଏଥିରେ ବ୍ରିଟିଶ ସରକାରର କଛି ହାତ ନାହିଁ କହି ଏହି ପ୍ରସଙ୍ଗଟି ଏଡ଼ାଇ ଦିଆଗଲା ।

ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ ଲାଲାଜୀଙ୍କର ବଳଦାନର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା ନେଲା । ଭଗତ ସିଂହ ଶିବରାମ ରାଜଗୁରୁ, ଶୁଖଦେବ ଠାପର ଏବଂ ଚନ୍ଦ୍ରଶେଖର ଆଜାଦଙ୍କ ସହ ମିଶି ଜେମ୍ସ ଏ. ସ୍କଟଙ୍କୁ ମାରିବାର ବନ୍ଦୋବସ୍ତ କଲେ । କନ୍ତୁ ଭୁଲବଶତଃ ସ୍କଟଙ୍କ ସ୍ଥାନରେ ଜନ ପି. ସନ୍ଦର୍ଶ ନାମକ ଏକ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଅଫ ପୋଲିସଙ୍କୁ ମାରିଦେଲେ । ଏହି ହତ୍ୟା ପରେ ସମାଜର ବିଭିନ୍ନ ବର୍ଗରୁ ନନ୍ଦା ହେଲା। ମହାତ୍ମା ଗାନ୍ଧୀ ଏହାର ତୀବ୍ର ନନ୍ଦା କରିଥିଲେ । ସନ୍ଦର୍ଶଙ୍କୁ ହତ୍ୟା କରିବା ପରେ ଦଳଟି ଡି.ଏ.ଭି. କଲେଜର ଗେଟ ଦେଇ ବାହାରକୁ ଖସିଗଲେ । ପୋଲିସ ସେମାନଙ୍କୁ ଧରିବା ନମିତ୍ତ ଏକ ବିରାଟ ଖୋଜିବା ଦଳ ଗଠନ କରିଥିଲା । ଶୁଖଦେବ, ଭଗବତୀ ଚରଣ ଭୋହ୍ରାଙ୍କର (ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ ସଦସ୍ୟ ) ପତ୍ନୀ ଦୁର୍ଗାବତୀ ଦେବୀଙ୍କର ସାହାର୍ଯ୍ୟ ଲୋଡ଼ିଲେ । ସେମାନେ ପରଦିନ ଭୋରୁ ଭୋରୁ ଲାହୋରରୁ ବଥିଣ୍ଡା ଦେଇ ହାଓଡ଼ା ଯାଉଥିବା ଟ୍ରେନରେ ପଳେଇବାକୁ ନଷ୍ପତି ନେଲେ ।

ଭଗତ ସିଂହ ଏବଂ ରାଜଗୁରୁ ଉଭୟେ ଗୁଳିଭର୍ତ୍ତି ରିଭଲଭର ଧରି ପରଦିନ ସକାଳୁ ବାହାରିପଡିଲେ । ସିଂହ ତାଙ୍କର ଶିଖ ବାଳ ଏବଂ ଦାଢ଼ି କାଟି, ଏକ କଣ୍ଟୁଆ ହ୍ୟାଟ ସହ ପାଶ୍ଚାତ୍ୟ ବେଶଭୂଷାରେ ଥିଲେ, ସାଥିରେ ଦୁର୍ଗାବତୀ ଦେବୀ ତାଙ୍କର ଶୋଇଥିବା ଶିଶୁକୁ ଧରିଥିଲେ । ଉଭୟେ ନବ ବିବାହିତା ଦମ୍ପତି ଭଳି ଥିଲେ, ରାଜଗୁରୁ ତାଙ୍କର ଚାକର ଭଳି ବେଶରେ ସେମାନଙ୍କର ଜିନଷପତ୍ର ବୋହିଥିଲେ । ସେମାନେ କାନପୁର ଯିବାକୁ ଥିବା ରେଳଗାଡ଼ିରେ ଚଢ଼ିଥିଲେ । କାନପୁରରେ ଓହ୍ଲାଇ ସେମାନେ ଲକ୍ଷ୍ନୌ ଯିବା ନମିତ୍ତ ରେଳରେ ଯାଇଥିଲେ । କାରଣ ସି ଆଇ ଡି ହାଓଡ଼ାରେ ଲାହୋରରୁ ସିଧା ସେଠାକୁ ଯାଉଥିବା

ରେଳଗାଡିରେ ଥିବା ଯାତ୍ରୀମାନଙ୍କର ଯାଞ୍ଚ ପରଖ କରୁଥାନ୍ତି । ଲକ୍ଷ୍ନୌରେ ରାଜଗୁରୁ ଅଲଗା ବାରଣାସୀ ଚାଲିଗଲେ, ଅନ୍ୟପକ୍ଷରେ ଏହି ନବ ଦମ୍ପତି ବେଶଭୁଷାକ ଏବଂ ତାଙ୍କର ସନ୍ତାନ ହାଓଡ଼ା ଗଲେ ।

୧୯୨୯ ମସିହାରେ ଭଗତ ସିଂହ ଏବଂ ତାଙ୍କର ପ୍ରମୁଖ ସହଯୋଗୀ ସୁଖଦେବ ଓ ରାଜଗୁରୁଙ୍କ ସହ ମିଶି ଇଂରେଜ ମାନଙ୍କ ସମ୍ବିଧାନ ଭିତରେ ପ୍ରବେଶ କରି ସେଠାରେ ବୋମା ପାକାଇବା ସହ ସେମାନଙ୍କୁ ତୁରନ୍ତ ଭାରତ ଛାଡି ଚାଲିଯିବାର ଚେତାବନୀ ଦେବା ସହ 'ତୁମେ ଅନ୍ଧା ଓର ଗୁଙ୍ଗା', 'ତୁମ କୋ କୁଛ ସୁନାଇ ନେହି ଦେତା',' ଏସକା ଅନଯାମ ଭଗତୋଗେ' କହି ଚେତାବନୀ ମଧ୍ୟ ଦେଇଥିଲେ । ସେ କାହାକୁ କ୍ଷତାକ୍ତ କରିବାକୁ ଚାହୁଁ ନଥିଲେ। ସେଥିପାଇଁ ସେ ଫିଙ୍ଗିଥିବା ବମ୍ ନମ୍ନ ମାନର ବିସ୍ଫୋଟକରେ ତିଆରି ହୋଇଥିଲା। ଭଗତ ସିଂହଙ୍କ ଏକ ଶକ୍ତିଶାଳୀ ନାରା ଥିଲା 'ଇନ୍‌କଲାବ୍ ଜିନ୍ଦାବାଦ୍'। ଯାହା ଭାରତର ସଶସ୍ତ୍ର ସଂଘର୍ଷର ନାରା ହୋଇଗଲା।

ଏହି ଘଟଣା ଇଂରେଜମାନେ ସହଜରେ ହଜମ କରିପାରିନଥିଲେ । ଏହା ପରେ ଇଂରେଜମାନେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ, ଏହି ଖବର ପାଇଁ ଭଗତ ସିଂହ, ସୁଖଦେବ, ରାଜଗୁରୁ ପୋଲିସ ପାଖରେ ଆତ୍ମସର୍ମପଣ କରି ଜେଲ ଗଲେ । ପରବର୍ତ୍ତୀ ସମୟରେ ସେ ଜେଲରେ ବନ୍ଦୀ ଥିବା ସମୟରେ ଜେଲରେ ଥିବା ସମସ୍ତ ବନ୍ଦ କଏଦୀଙ୍କ ଅବସ୍ଥା ଦେଖି ବହୁତ ଦୁଃଖିତ ହୋଇଥିଲେ ଏବଂ ଜେଲ ଭିତର ଅବସ୍ଥାକୁ ସୁଧାରିବା ପାଇଁ ଭଗତ ସିଂହ ୧୧୬ଦିନ ଧରି ଜେଲ୍‌ରେ ଅନଶନ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସମୟରେ ସେ ତାଙ୍କ ଦୈନନ୍ଦିନ ସମସ୍ତ କାର୍ଯ୍ୟ ନିୟମିତ ଭାବେ କରୁଥିଲେ। ଯେମିତିକି ଗୀତ ଗାଇବା, ବହି ପଢ଼ିବା, ସବୁଦିନ କୋର୍ଟ ଯିବା ଇତ୍ୟାଦି। ଭାରତମାତାର ସଂଗ୍ରାମ କରୁଥିବା ଏହ ତିନ ଆନ୍ଦୋଳନରତ କ୍ରାନ୍ତିଧାରୀଙ୍କ ଆନ୍ଦୋଳନ ଇଂରେଜ ସରକାର ସହ୍ୟ କରି ନପାରି ଏମାନଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀର ଦଣ୍ଡାଦେଶ ଶୁଣାଇଥିଲେ । ଏହି କଥାଟି ପବନ ବେଗରେ ଚାରି ଆଡେ ପ୍ରଚାର ହେବାକୁ ଲାଗିଥିଲା । ତାଙ୍କର ଏହି ଦଣ୍ଡାଦେଶ ଶୁଣି ଦେଶରେ ଅନେକ ନେତା ଏବଂ ଜନତା ଏହି ତିନ କ୍ରାନ୍ତୀଧାରୀଙ୍କୁ ଫାଶୀ ନ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ ଇଂରେଜ ସରକାର ଏହାକୁ ଶୁଣିନଥିଲେ। ଭଗତ ସିଂହ ଇଂରେଜ ସରକାରଙ୍କୁ ତାଙ୍କ ଶେଷ ଚଠିରେ ଲେଖିଥିଲେ, "ଯେହେତୁ ମୋତେ

ଯୁଦ୍ଧ ସମୟରେ ଗିରଫ କରାଯାଇଥିଲା, ସେଥିପାଇଁ ମତେ ଫାଶୀ ଦଣ୍ଡ ଦିଆଯାଇପାରିବ ନାହିଁ। ମତେ ତୋପରେ କମ୍ବା ଗୁଳରେ ମାରି ଦିଆଯାଉ ।" ଏହା ଥିଲା ତାଙ୍କ ବାହାଦୁରୀ ଏବଂ ରାଷ୍ଟ୍ର ପାଇଁ ଭାବନାର ନଦର୍ଶନ। ଯେତେବେଳେ ଭଗତ ସିଂହଙ୍କୁ ତାଙ୍କ ମାଆ ଜେଲ୍‌ରେ ଦେଖାକରିବାକୁ ଯାଇଥିଲେ ସେତେବେଳେ ଭଗତ ସିଂହ ଜୋରରେ ହସୁଥିଲେ। ଏହା ଦେଖି ଜେଲ୍ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ସେ ତାଙ୍କ ଜୀବଦ୍ଦଶାରେ ମୃତ୍ୟୁକୁ ଡରୁ ନଥିବା ଜଣେ ବ୍ୟକ୍ତିଙ୍କୁ ଦେଖି ନଥିଲେ।

୭ ଅକ୍ଟୋବର ୧୯୩୦ ମସିହାରେ ବ୍ରିଟିଶ ସରକାର ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କୁ ସନ୍ଦର୍ଶଙ୍କ ହତ୍ୟା ଅଭିଯୋଗରେ ଫାଶୀ ଦଣ୍ଡ ଦେଇଥିଲେ। ୧୯୩୧ ମସିହା ୨୪ ମାର୍ଚ୍ଚରେ ଦିଆଯିବାକୁ ଥିବା ଫାଶୀକୁ ଭୟରେ ପଛକୁ ଘୁଞ୍ଚାଇ ୧୧ ଘଣ୍ଟା ପୂର୍ବରୁ ଅର୍ଥାତ୍ ୨୩ ମାର୍ଚ୍ଚ ଅନ୍ଧାର ରାତିରେ ସେହି ତିନିଜଣଙ୍କୁ ଇଂରେଜ ସରକାର ଭୟରେ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ଉକ୍ତ ଦିନରେ ସେହି ତିନିଙ୍କ ମଧ୍ୟରୁ କେହି ଖାଦ୍ୟଗ୍ରହଣ କରିନଥିଲେ। ଖୁବ ଜୋରରେ ହସି ହସି ଫାଶୀ ଖୁଣ୍ଟିରେ ଝୁଲିପଡିଥିଲେ ସେ ତିନିଜଣ । ମାତ୍ର ୨୩ ବର୍ଷ ବୟସରେ ଭଗତ ସିଂ ଦେଶ ପାଇଁ ପ୍ରାଣବଳି ଦେଇ ଦେଶପ୍ରେମର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ ସେ। ତେଣୁ ପ୍ରତି ବର୍ଷ ମାର୍ଚ୍ଚ ୨୭ ତାରିଖକୁ ଶହୀଦ ଦିବସ ଭାବରେ ପାଳନ କରାଯାଏ।

ସମ୍ବଲପୁର

# ବନ୍ଧୁ



ଉଦୟ କୁମାର ପଣ୍ଡା

ବନ୍ଧୁ ବୋଲି ସେତ ଦୁଇଟି ଅକ୍ଷର...
ଅବିରତ ସ୍ନେହ ଢାଳେ ମନେ ମୋର।
ବହୁଦିନ ବନ୍ଧୁ ଏକୁଟିଆ ଥିଲି...
ମିଳଗଲା ଆଜି ସାହାର୍ ତୁମର।
ତୁମେ ବନ୍ଧୁ ଯେବେ ସାଥିରେ ଚ୍ଚଲିଲ୍..
ଦୂର ବାଟ ହୋଇଗଲା ନକଟ ଯେ ମୋର।
ଦିନେ ଏକା ଏକା ଚ୍ଚଲୁଥିଲି...... କଣ୍ଟାଭର୍ ରାସ୍ତାରେ।
ବନ୍ଧୁ ତୁମେ ସାଥେ ଅଛ ବୋଲି......
ଆଜି ଫୁଲ ବର୍ଷୁଛି ମୋ ଚଲାପଥରେ।
ଚ୍ଚଣ ଦେଲି ବନ୍ଧୁ ହାତ ଛାଡିବନ...
ଅଧାବାଟେ ମୋତେ ନେଇ।
ବଞ୍ଚି ପାରିବିନ ହାତ ଛାଡିଦେଲ...
ବାଟ ଭୁଲିଯିବି ମୁହିଁ।
ଜାଣେନା କେଉଁଠୁ ଆସିଲ କେମିତି..
ଦେବଦୂତଟିଏ ସାଜି।
ଜୀବନେ ଭରିଲ ମଧୁର ଅମୃତ..
ସବୁ ଦୁଖ ଗଲା ହଜି।
ସବୁଦିନ ମୁଁ ଯେ ପାର୍ଥନା କରୁଛି..
ବନ୍ଧୁତ୍ୱ ଆମର ରହିଥାଉ ବଞ୍ଚି।

ସୋର, ବାଲେଶ୍ୱର

# ତୁ, ଖାଲି ତୁ



ବୈଦ୍ୟନାଥ ପଣ୍ଡା

ପହିଲି ଉଷାର ଘାସ ଗାଲିଚ୍ଛର
ଶିଶିର ବିନ୍ଦୁଟେ ତୁ
ମୋ ମନ ମନ୍ଦିର ହୃଦୟ କନ୍ଦରେ
ମନର ମାନସୀ ତୁ
ଏମିତି କମିଆ କରିଦେଲୁ ମତେ
ଯେଉଁଠି ଦେଖୁଛି ତୁ
ପହିଲି ଉଷାର............... ||

ବୈଶାଖ ର ତୁହି ଦକ୍ଷିଣା ପବନ
ଜ୍ୟେଷ୍ଠ ର ଝାଞ୍ଜି ହାଓ୍ୱା
ଆଷାଢ଼ ମାସର କଳା ହାଣ୍ଡିଆ ତୁ
ଶ୍ରାବଣ ବରଷା ବାଆ
ଭାଦ୍ରବ ମାସର ବରଷା ତୁହିଲୋ
ପୁବେଇ ପବନ ତୁ
କେବେ ସାଜୁ ପୁଣି ଅଶିଣ ମାସର
ଧଳା ବଉଦ ଟେ ତୁ
ପହିଲି ଉଷାର............... ||

କାର୍ତ୍ତିକ ମାସର ଥୁରୁ ଥୁରୁ ଶୀତ
ମଗୁଶୂର ଖର୍ ତାତି
କେବେ ସାଜୁ ପୁଣି ପୋଉସ ମାସର
ନଦ ଭର୍ ଶୀତ ରାତି
କେବେ ପୁଣି ତୁହି ମାଘ ମାସ ଜାଡ
ଚଇତି ପବନ ତୁ
ଫଗୁଣ ମାସର ଫଗୁ ହୋଇ ଆସି
ରଙ୍ଗ ହୋରି ହେଉ ତୁ
ପହିଲି ଉଷାର.................. ||

ଅବଦଲ ପୁର, ଯାଜପୁର

# ନାରୀ



ମଧୁଲିତା ନାୟକ

ଗର୍ଭରୁ ଯାହାର ଅୟମାରମ୍ଭ ହୁଏ
ନୂତନ ଜୀବନର,
ସୂକ୍ଷ୍ମ କୋଶିକାଟି ହୋଇ ବିଭାଜିତ
ରୂପ ନଏ ମାନବ ଶରୀରର ।

ଯାହାର କୋଳରୁ ହୋଇଅଛି ସୃଷ୍ଟିଏ ସମ୍ପୂର୍ଣ୍ଣ ଦୁନିଆ,
ଛାତିରୁ ତାହାର ଅମୃତ ଝରଏ
ଦେଖେନାହିଁ ପର ଆପଣା ।

ସେ ସମ୍ପୂର୍ଣ୍ଣା, ସେ ପରିପୂର୍ଣ୍ଣା
ସେ ଚରସ୍ରୋତା ଜାହ୍ନବୀ,
ସେ ପ୍ରେମର ଦୁନିଆ, ଶକ୍ତି, ଅନ୍ନପୂର୍ଣ୍ଣା
ସେ କୃଷ୍ଣା, ସେ ଯେ ମେଧାବୀ ।

କେବେ ସାଜେ ବହ୍ନି, କେବେ ଯେ ଅନଳ
ପୁଣି ସର୍ବଂସହା ଧରିତ୍ରୀ,
ମାତା, ଧାତ୍ରୀ, ଜାୟା, ଦୁହିତା, ଭଗିନୀ
ସୃଷ୍ଟି ର ପାଳନକର୍ତ୍ତ୍ରୀ ।

ସଂସାର ସର୍ଜଇ, ପୁଣି ସଂହାରଇ
ମାତୃ ସ୍ୱରୂପିଣୀ ଅନିନ୍ଦିତା,
ଗଗନ, ପବନ, ଜଳଧି, ଅନଳ
ସ୍ୱରୂପେ ଚର ବନ୍ଦିତା ।!

ସଅଁରା, ଜଗତସିଂହପୁର

# ନାଟକ

# ।।ରାମ ରାବଣ ରାମାୟଣ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

**ପାତ୍ର ପରିଚୟ:-**

୧/ଦଶରଥ ସିଂହ -- ଶିଳ୍ପପତି
୨/ରମଣ -- ବଡ଼ ପୁଅ
୩/ଭରତ -- ସାନ ପୁଅ
୪/ଲଛମନ -- ଚାକର
୫/ସୁମନ୍ତ ରାୟ -- ମ୍ୟାନେଜର
୬/ରାଣା ସାମନ୍ତରାୟ -- ଜଙ୍ଗଲ କଣ୍ଟ୍ରାକ୍ଟର
୭/ବିଭ୍ରାନ୍ତ ସାମନ୍ତରାୟ -- ଆଇ(ଇନସପେକ୍ଟର)
୮/ଗାବରୁ -- ଗୁଣ୍ଡା
୯/ଜଟା -- ଆଦିବାସୀ ଲୋକ
୧୦/ଗୁଣ୍ଡୁଚ -- କନେଷ୍ଟବଳ
୧୧/ଜନକ ଦାସ -- ଗରିବ ଚାଷୀ
୧୨/ଫରେଷ୍ଟ ଅଫିସର
୧୩/ଡାକ୍ତର
୧୪/ଓକିଲ
୧୫/ବରପିତା
୧୬/ଗ୍ରାମ୍ୟ ଲୋକ ଓ ଗୁଣ୍ଡାମାନେ
୧୭/କୌଶଲ୍ୟା -- ଦଶରଥଙ୍କ ପ୍ରଥମ ସ୍ତ୍ରୀ
୧୮/କୈକେୟୀ --ଦ୍ୱିତୀୟ ସ୍ତ୍ରୀ
୧୯/ସୀମା -- ଜନକର ଝିଅ
୨୦/ମଞ୍ଜରୀ -- ଚାକରାଣୀ
୨୧/ମାଳତୀ -- ଜଟାର ସ୍ତ୍ରୀ

।। ୧ମ ଦୃଶ୍ୟ ।।

ଜଜଙ୍କ ଆଦେଶ (ଶବ୍ଦ ଆକାରରେ)

ଅର୍ଡର-ଅର୍ଡର-ଅର୍ଡର ସମସ୍ତ ସାକ୍ଷ୍ୟ ପ୍ରମାଣ ତଥା ସ୍ୱୟଂ ଶିଳ୍ପପତି ଦଶରଥ ସିଂହଙ୍କ ବୟାନ ଅନୁସାରେ ଆସାମୀ ରମଣ ସିଂହ ନିଜର ହିତାହିତ ଜ୍ଞାନ ଭୁଲି ତାଙ୍କ ମ୍ୟାନେଜର ସୁମନ୍ତ ରାୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। କୋର୍ଟ ତାଙ୍କୁ ପ୍ରକୃତ ଦୋଷୀ ବୋଲି ଘୋଷଣା କରିବା ସହିତ ଧାରା ୪୧୪ ଅନୁଯାୟୀ ଆସାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାହେଲା।

(ସମବେତ ଦୁଃଖର ସଙ୍ଗୀତ ଭାସି ଆସେ)

(ମଞ୍ଚ ଆଲୋକିତ ହେଲା। ରମଣ କଏଦୀ ଭାବେ ଠିଆ ହୋଇଥାଏ। ଦ୍ୱାର ଦେଶରେ ଚାକର ଲଛମନ)

ରମଣ- ହଁ ହଁ-ମୁଁ ଦୋଷୀ, ମୁଁ ଆସାମୀ, ମୁଁ ମର୍ଡର କରିଛି। ମୁଁ ମ୍ୟାନେଜର ସୁମନ୍ତ ରାୟଙ୍କୁ ନିର୍ମମ ଭାବେ ହତ୍ୟା କରିଛି।

ଲଛମନ- ମିଛ, ସୁଉଦୁ ମିଛ। ଜଗତର ସାଇଁ ଜଗନ୍ନାଥଙ୍କ ଦ୍ୱାହି ଦେଇ କହିଲେବି ଆପଣଙ୍କ କଥା କେହି ବିଶ୍ୱାସ କରିବେନାହିଁ।

ରମଣ- ତୁମେ କଣ ଶୁଣିପାରିଲନି ଲଛୁ କକା ଡାଡି କୋର୍ଟରେ ଯେଉଁ ବୟାନ ଦେଲେ.....

ଲଛୁ- ମିଛ- ତାହାବି ପୁରାପୁରି ମିଛ। ବାବୁଙ୍କର ମଥାକୁ ସେମାନେ ବିଗାଡି ଦେଇଛନ୍ତି ସାନବାବୁ।

ରମଣ- ନାଁ ଲାଛୁ କକା ତୁମେ କିଛି ଜାଣିନାହଁ। ଡାଡି କେବେବି ପାଗଳ ହୋଇନପାରନ୍ତି। ତାଙ୍କର ସେଇ ସତ୍ୟ ସିଦ୍ଧ ଷ୍ଟେଟମେଣ୍ଟ ଅନୁସାରେ ମୋତେ ଆଜୀବନ ଜେଲ ଜୀବନ ବିତାଇବାକୁ ପଡିବ। ତୁମେ ଜାଣ ଲାଛୁ କକା ଦିନେ ପ୍ରଭୁ ରାମଚନ୍ଦ୍ର ପିତୃ ସତ୍ୟ ମାନି ୧୪ ବର୍ଷ ବନବାସ ଯାଇଥିଲେ। ଆଉ ଆଜି ମୁଁ ମୋ ଡାଡିଙ୍କ ସତ୍ୟ ରକ୍ଷା ପାଇଁ ଆଜୀବନ କାରାବାସ ଭୋଗିବି। ଏ ତ ବଡ଼ ଆନନ୍ଦର କଥା।

ଲଛୁ- ସା-ନ-ବା-ବୁ.....

ରମଣ- ଆଛା ଛାଡ଼ ସେକଥା, ତୁମେ ମୋତେ କହିଲ ନାହିଁତ ସାନ ମମ୍ମି, ଡାଡି, ଭ୍ରତ ଏମାନେ ସମସ୍ତେ ଭଲରେ ଅଛନ୍ତିତ?

ଲଛୁ- ହଁ ସାନ ବାବୁ ସେମାନେ ସମସ୍ତେ ଭଲରେ ଅଛନ୍ତି। ସାନ ମା' ଆଉ ଛୁଆ ବାବୁ ଏବେ ତ ବେଶ ଆନନ୍ଦରେ ଅଛନ୍ତି।

ରମଣ- ଆଉ ଡାଡି, ସୀମା?

ଲ୍ଛୁ- ବୋହୂ ମା'ଙ୍କ କଥା ମୋତେ ପଗ୍ଚରନା ସାନ ବାବୁ। ସେ ତ ସବୁବେଳେ ଆଖିରୁ ଧାର ଧାର ଲୁହ ଝରେଇ ପଥରର ଦେବୀ ପାଲଟି ଯାଇଛନ୍ତି।

ରମଣ- ଯାହାବି ହେଉ ସୀମାର ଦାୟିତ୍ୱ ତୁମେ ନେବ ଲଛୁ କକା। ତାର ଦୁଃଖ ସୁଖ ଟିକେ ବୁଝୁଥିବ। ତାର ଆଉ ନଜର ବୋଲି କଏ ଅଛି କହିଲ? ବିଗ୍ଚରୀ ଏତେଦିନ ଧରି କେମିତି ଯେ ଜୀବନ କାଟିବ ସେଇ ଭଗବାନ ଜାଣନ୍ତି।

ଲଛୁ- ଏତେବଡ଼ ଦାୟିତ୍ୱ ମୁଁ କଣ ତୁଲେଇ ପାରିବି ସାନ ବାବୁ?

ରମଣ- ତାହେଲେ ତୁମେ କୁହ ମୁଁ ଆଉ କାହାକୁ ଏ ଦାୟିତ୍ୱ ଦେବି? ଡାଡି ତ ନିଜ କାର୍ଯ୍ୟରେ ବ୍ୟସ୍ତ। ସାନ ମମ୍ମି ଓ ଭ୍ରତ ସହିତ ସୀମାର ଆଦୌ ପଟେନାହିଁ। ଏଭଳି ପରିସ୍ଥିତିରେ ତୁମେହିଁ ତାପାଇଁ ସାହା ଭରଷା।

ଲଛୁ- ସେମିତି କୁହନ୍ତୁନାହିଁ ସାନ ବାବୁ। ଆପଣ ଆଦେଶ ଦେଇଛନ୍ତି ନିଶ୍ଚୟ ପାଳନ କରିବି। ମୁଁ କଥା ଦେଉଛି ଆପଣ ଜେଲରୁ ନମୁକୁଳବା ଯାଏ ମୁଁ ବୋହୂମା'ଙ୍କର ସବୁ ଅଳ-ଅଝଟ, ସୁଖ ଦୁଃଖ ବୁଝିବି। ସବୁ ବୁଝିବି.....(କାନ୍ଧ ଗାମୁଛରେ ଲୁହ ପୋଛୁଥାଏ)

ରମଣ- ଛି ଲଛୁ କକା ତୁମେ କଣପାଇଁ ଏମିତି ମନ କଷ୍ଟ କରୁଛ। ଦେଖିବ ସବୁ ଠିକ ହୋଇଯିବ । ହଁ ଲଛୁ କକା ତୁମେ ଡାଡିଙ୍କ ବିଷୟରେ କିଛି କହିଲ ନାହିଁତ?

ଲଛୁ- କଣ ଆଉ କହିବି ସାନ ବାବୁ ଆପଣ ଜେଲକୁ ଆସିବା ପରଠୁ ବଡ଼ ବାବୁ ଆଉ ବାବୁ ଅବସ୍ଥାରେ ନାହାନ୍ତି। ସବୁବେଳେ ଆପଣଙ୍କ ନାମକୁ ଜପାମାଳ କରି ଗ୍ଚରିଆଡେ ଖୋଜି ହେଉଛନ୍ତି।

(ମଞ୍ଚ ଅନ୍ଧାର)

।। ୨ୟ ଦୃଶ୍ୟ ।।

**(ଦଶରଥ ସିଂହ ପୁଅକୁ ଡାକ ଡାକ ପ୍ରବେଶ କରନ୍ତି ।)**

ଦଶ- ରମଣ...ରମଣ। ଆରେ କୁଆଡେ ଗଲୁରେ ବାପା, ବାୟାଟା ମୋର ମୋ ଉପରେ ଅଭିମାନ କରି ଜେଲକୁ ଗ୍ଭଲିଗଲୁ। ତୁ ନର୍ଦ୍ଦୋଷ ରେ ବାପା। ମୁଁ ଦୃଢ଼ କଣ୍ଠରେ ଚତ୍କାର କରି କହିବି ତୁ ନର୍ଦ୍ଦୋଷ। ସେଇ ମା' ପୁଅଙ୍କ ପ୍ରଗ୍ଭେଚନାରେ ତୋ ବିରୁଦ୍ଧରେ ମୁଁ କୋର୍ଟରେ ମିଥ୍ୟା ଷ୍ଟେଟମେଣ୍ଟ ଦେଇଛି। ଯେଉଁଥିପାଇଁ ତୋତେ ଆଜୀବନ ସଶ୍ରମ କାଗ୍ଭ ଦଣ୍ଡ ମିଳିଛି। ଏତେଦିନ ମୁଁ କେମିତି ତୋତେ ଭୁଲି ରହିବିରେ ରମଣ? ଜୀବନରେ କେବଳ ମାତ୍ର ଥରୁଟିଏ ଭୁଲ ପାଇଁ ମୁଁ ଆଜି ତୋ ଭଳି ପୁଅକୁ ନଜଠାରୁ ଅନ୍ତର କରିଦେଇଛି । ସେଦିନ ତୋ ମମ୍ମିକୁ ବଞ୍ଚେଇବା ପାଇଁ ମୁଁ କୈକେୟୀ ନକଟରେ ସତ୍ୟବଦ୍ଧ ହୋଇପଡ଼ିଲି। ସତରେ ଗୋଟିଏ ସତ୍ୟକୁ ନର୍ମାଲ୍ୟ ଦେବା ବେଳେ ଆଉଗୋଟେ ସତ୍ୟକୁ ନର୍କକୁ ଠେଲି ଦେଇଛି। ମୁଁ ମିଥ୍ୟା ଗ୍ଭରୀ, ଧପ୍ପାବାଜ, ପାପୀ। ଶୁଣିଥିଲି ତ୍ରେତୟାର ଗ୍ଭଜା ଦଶରଥ ସତ୍ୟବାଦୀ ଥିଲେ। ହେଲେ ଏ କଳିର ପୁରୁଷ ଦଶରଥ ସିଂହ ଜଣେ ମିଥ୍ୟାବାଦୀ, କଳଙ୍କିତ ମଣିଷ। **(ଆଖିରେ ଛଳ ଛଳ ଲୁହ)** ହେ ବିଧାତା! ଆପଣ ଯଦି ସତରେ ଏ ଧରିତ୍ରୀ ପୃଷ୍ଠରେ ସତ୍ୟତାଗ୍ଭେପଣ କରିଥାଆନ୍ତି ତାହେଲେ ଏ ମିଥ୍ୟାଗ୍ଭରୀ ଦଶରଥକୁ ଶାସ୍ତି ଦିଅନ୍ତୁ। ଶାସ୍ତି ଦିଅନ୍ତୁ। **(କ୍ରନ୍ଦନରତ)**

**(ଭ୍ରରତ ପଛପଟରୁ ହଣ୍ଟର ଦ୍ୱାଗ୍ଭ ପ୍ରହାର କରେ)**

ଦଶ- ଆଃ.....କିଏ?କିଏ ତୁ?.....

ଭ୍ରରତ- ଭ୍ରରତ ସିଂହ। ଆପଣଙ୍କ ଦ୍ୱିତୀୟ ସ୍ତ୍ରୀର ପୁଅ। ଆପଣଙ୍କ କହିବା ଅନୁସାରେ ରମଣ ଭଳି ମୁଁ ସୁପୁତ୍ର ନୁହେଁ କି ଗ୍ଭମାୟଣର ପାତ୍ର ଭରତ ଭଳି ଗ୍ଭମଙ୍କ କଠଉ ମୁଣ୍ଡରେ ଧରିବା ଭ୍ରଇ ନୁହେଁ। ବରଂ ଭ୍ରରତ ସିଂହ ଜଣେ କୁପୁତ୍ର ହୋଇପରେ। ଆଉ ସେଇ କୁପୁତ୍ର ହାତରୁ ହଣ୍ଟର ପାହାର ଖାଇବା ପାଇଁ ଆପଣ ବାଧ୍ୟ।

ଦଶ- ତୁ.. ତୁ ଆଜି ମୋତେ ହଣ୍ଟରରେ ବାଡେଇଲୁ?

ଭ୍ରରତ-ଶାସ୍ତିର ବିଧାନ ଯେତେବେଳେ ଉପଗତ ସେତେବେଳେ ମୋହରି ପରି ପୁଅମାନେ ହାତରେ ହଣ୍ଟର ଧରି ଆପଣଙ୍କ ପରି ଡାଡିମାନଙ୍କୁ ଶାସନ କରନ୍ତି।

ଦଶ-ବାଃରେ ପୁଅ ବାଃ ଚମତ୍କାର ଅଭିଭାଷଣ। ତାହେଲେ ଆଉ ଠିଆହୋଇ ରହିଲୁ କାହିଁକ? ଥରେ ଯେତେବେଳେ ତୋ ଶାସନର ହଣ୍ଟର ମୋ ପିଠି ଚମଡାର ରକ୍ତ ଚାଖି ସାରିଲାଣି ଆଉ ବିଳମ୍ବ କରୁଛୁ କାହିଁକ? ମାର...ଯେତେପାରୁଛୁ ସେତେ ମାର ମୋତେ।

ଭରତ- ଆପଣ ଜାଣିଛନ୍ତି ଡାଡି ମାଡ଼କୁ ଦେବତାମାନେବି ଭୟ କରନ୍ତି। କୁହନ୍ତୁ ସମସ୍ତ ସମ୍ପତ୍ତି ମୋ ନାମରେ ଉଇଲ କରିବେ ନା ନାହିଁ?

ଦଶ-ଓଃ- ଏଇଥିପାଇଁ ତାହେଲେ ଏତେ ପ୍ରକାର ଅଭିନୟ। ଗୋଟେ କଥା ମନେ ରଖିଥା ଜୋର ଜବରଦସ୍ତି ପ୍ରାପ୍ତ ହୋଇଥିବା ଜିନଷ କ୍ଷଣିକରେ ଉଭେଇଯାଏ। ତାପରେ ତୋ କଥା ଯେ ମୁଁ ମାନନେବି ଏହା ତୋର ଭବିବା ମୂର୍ଖାମୀ।

ଭରତ- ଇଉ ଓଲଡ଼ ମେନ! କଣ ଭାବିଛନ୍ତି ମୋତେ? ମୁଁ ଜାରଜ ନା କୋଉ ଅନାଥାଶ୍ରମରୁ ମାଗି ଆଣିଥିବା ପାଳତ ପୁତ୍ର? ଭଲରେ ଭଲରେ ମୋ କଥା ମାନଯାଆନ୍ତୁ ନହେଲେ ହଣ୍ଟରରେ ବାଡେଇ ବାଡେଇ ଜୋର ଜବରଦସ୍ତ ମୋ ନାମରେ ସବୁ ସମ୍ପତ୍ତିକୁ ଉଇଲ କରିବି। (ହଣ୍ଟରରେ ପ୍ରହାର କରେ)

ଦଶ-ଓଃ !...ହେ ଭଗବାନ! ଆପଣ ଦେଖୁଛନ୍ତି ତ ଜଣେ କୁଳାଙ୍ଗାର ପୁଅ କେମିତି ତା ବାପକୁ ହଣ୍ଟରରେ ବାଡେଇ ଶାସନ କରୁଛି।

ଭରତ-ଭଗବାନ (ହସ ମଧ୍ୟରେ ପୁଣି ପ୍ରହାର)

ଦଶ- ନ୍ୟାୟକୁ ଅକ୍ତିଆର କରିବାପାଇଁ ଅନ୍ୟାୟର ହଣ୍ଟରରେ ବାଡେଇ ମୋ ହୃଦୟକୁ ତୁ ଜୟ କରିପାରିବୁନାହିଁ। ସେଥିପାଇଁ ଦରକାର ସ୍ନେହ, ଶ୍ରଦ୍ଧା ଓ ଭକ୍ତି।

ଭରତ- ବାସ!ବାସ! ମୋତେ ସେ ଉପଦେଶ ଶୁଣେଇବା ଆବଶ୍ୟକ ନାହିଁ ଯିଏ ଆପଣଙ୍କ ଉପଦେଶ ଶୁଣି ଆପଣଙ୍କ ଆଦେଶ ମାନୁଥିଲା ସେ ତ ଏବେ ଜେଲରେ ରହି ଚକ ପେଷୁଥିବ।

ଦଶ- ମୁଁ ଜାଣେ କୁକୁର କେବେ ନିର୍ମାଲ୍ୟର ମାହାତ୍ମ୍ୟ ବୁଝିଲାଣି ନା ଆଜି ବୁଝିବ?

ଭରତ- ଆଉ ସେଇ କୁକୁର ଯଦି ହାଡ଼କୁ ସାଇତି ରଖିବ ତାହେଲେ ଖାଇବ କଣ? ଆପଣ ହୁଏତ ରମଣକୁ ଜଣେ ସୁନା ପୁଅ ଭାବି ତାର ଗୁଣ କୀର୍ତ୍ତନ କରିପାରନ୍ତି। ତ୍ରେତୟା ଯୁଗରେ ଶ୍ରୀରାମଙ୍କ ପାଦୁକାକୁ ସିଂହାସନରେ ରଖି ସେ ଭରତ ପୂଜା କରିପାରେ ହେଲେ ମୁଁ ଭରତ ମୁଁ ଚାହେଁ ଏ ବଂଶର ସମସ୍ତ ଅଚଳାଚଳ ସମ୍ପତ୍ତି। ଇଏସ ଏଥିପାଇଁ ଦରକାର ପଡ଼ିଲେ

ଆପଣଙ୍କୁ ମର୍ଡର କରିବାକୁ ପଛେଇବି ନାହିଁ। (ପିସ୍ତଲ ବାହାରକରି ଲକ୍ଷ୍ୟ ସାଧିଲାବେଳେ କୈକେୟୀ ପ୍ରବେଶୀ ଭରତ ଆଗରେ ଠିଆ ହୋଇଯାଏ)

କୈକେୟୀ- ନାଁ-ତୁ ଏ କଣ କରୁଛୁ? ଯାହାହେଲେବି ସେ ତୋର ଜନ୍ମଦାତା ମୋ ମଥାର ସିନ୍ଦୁର।

ଭରତ- ତୁ ଠିକ କହିଛୁ ମମ୍ମି। ଯଦି ଇଏ ମୋର ଡାଡି ତାହେଲେ ମୋର ସମସ୍ତ ଦାବୀକୁ ପୂରଣ କରିବାପାଇଁ ବାଉଣ୍ଡ।

କୈକେୟୀ- କାହିଁକି ତୁମେ ତା ମନରେ ଏଭଳ ଦ୍ୱନ୍ଦ୍ୱ ସୃଷ୍ଟି କରୁଛ କହିଲ? ରମଣ ତ ଜେଲ ଗଲା ତାଛଡା ତୁମର ବି ବୟସ ହେଲାଣିତୁମେ ବଞ୍ଚି ଥାଉ ଥାଉ ସମସ୍ତ ସମ୍ପତ୍ତି ତା ନାଁରେ ଉଇଲ କରିଦେଲେ କଣ କ୍ଷତି ହେବ?

ଦଶ- ବୁଝିଲ କୈକେୟୀ ମୂର୍ଖ ଯଦି ଗୀତାର ମାହାତ୍ମ୍ୟ ବୁଝିପାରୁ ଥାଆନ୍ତା ତାହେଲେ ସେ ଆଜି ନିଜ ବାପକୁ ଶାସନ କରିବାପାଇଁ ହଣ୍ଟରରେ ଲଗାମ ଦେଉନଥାନ୍ତା କି ପିସ୍ତଲ ଦେଖାଇ ମାରିବାପାଇଁ ଧମକ ଦେଉନଥାନ୍ତା।

କୈକେୟୀ- ଓହୋଃ କଣ ମିଳବ ସେସବୁ କଥାରୁ। ପିଲାଟା କଣ ଟିକେ ଅଧେ କହିଦେଲା କି କରିଦେଲା ବୋଲି ଆମେ ବାପା ମା' ହୋଇ ସହିବାନାହିଁ ତ ଆଉ କିଏ ସହିବ? ଇଏବି ତ ତୁମ ପୁଅ। ତୁମେ ବାପ ହୋଇ ତା କଥା କିଛି ନବୁଝିଲେ ଅନର୍ଥ ହେବ।

ଦଶ- ହଉ..ଯେତେ ଅନର୍ଥ ହେଉଛି ହେଉ। ଯେପର୍ଯ୍ୟନ୍ତ ଅର୍ଥର କିଛି ସମାଧାନ ହୋଇନାହିଁ ସେ ପର୍ଯ୍ୟନ୍ତ ଅନର୍ଥ ହେଉଥାଉ।

କୈକେୟୀ-ଆରେ ମୁଁ ପରା ଓକିଲ ବାବୁଙ୍କୁ ଫୋନକରି ଡ଼କାଇଛି। ସେ ଆସୁଥିବେ ବୋଧେ ତମେ ମୋ କଥା ମାନି ଆଜିରେ ଭରତ ନାଁରେ ସମସ୍ତ ସମ୍ପତ୍ତି ଉଇଲ କରିଦିଅ।

ଦଶ- କୈକେୟୀ ତୁମେ ମୋତେ ଏକଥା କହିପାରୁଛ? ଆରେ ତୁମ ଦୁହିଁଙ୍କ ଷଡ଼ଯନ୍ତ୍ରରେ ପଡି ମୋର ପ୍ରିୟପୁତ୍ର ରମଣକୁ ଜେଲ ପଠାଇ ଦେଲି। ତଥାପି ତମର ମନ ଶାନ୍ତ ହେଲାନାହିଁ ଯେ ଆଜି ନିଜ ପୁଅ ନାଁରେ ସମସ୍ତ ସମ୍ପତ୍ତି ଉଇଲ କରିବାପାଇଁ ଓକିଲ ଡ଼କାଇଛ।

କୈକେୟୀ- ତୁମେ କଣ ଗ୍ଭହୁଁଥିଲ ମୋ ପୁଅ ଗ୍ଭକର ଭଳ ରମଣର ଆଦେଶ ମାନ ଚଳଥାଆନ୍ତା! ଆଉ ରମଣ ସମସ୍ତ ସମ୍ପତ୍ତିର ଅଧି କାରୀ ହୋଇ ସବୁ ସୁଖ ସୁବିଧା ପାଇଥାଆନ୍ତା।

ଦଶ- ସେଇଥିପାଇଁ ତ ଦୁଇ ଭ୍ଭଇଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ବଟ ରିମେମ୍ବର ଭୂମିକମ୍ପର ଆଘାତରେ ଯେଉଁ ମନ୍ଦିର ଭ୍ଭଙ୍ଗି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଛି ତାକୁ ପୁଣି ଗଢି ତୋଳବାର ସ୍ୱପ୍ନ ଗୋଟେ ବିଗ୍ଭଟ ବଡ଼ ପାଗଳାମି ଛଡା ଆଉକଛି ନୁହେଁ। ଜଣେ ମଦୁଆ, ଅପାରଗ, କୁଳାଙ୍ଗାର କେବେବି ଏ ବଂଶର ଉତ୍ତଗ୍ଭଧୀକାରୀ ହୋଇପାରିବ ନାହିଁ। ଏ ବଂଶର ଉତ୍ତଗ୍ଭଧିକାରୀ ହେବ ରମଣ। ସେ ଫେରିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବି। ଯେଉଁଦିନ ସେ ଫେରିଆସିବ ସେଦିନ ତାହାରି ହାତରେ ସମସ୍ତ ସମ୍ପତ୍ତିକୁ ସମର୍ପି ମୁଁ ଶାନ୍ତିର ନିଃଶ୍ୱାସ ମାରିବି।(ପ୍ରସ୍ଥାନ)

ଭ୍ଭରତ- ଅଲଗ୍ଭଇଟ ସେତେଦିନ ପର୍ଯ୍ୟନ୍ତ ଆପଣ ବି ହେବେ ମୋ ନଜରର ବିମ୍ବିସାର। ଆଉ ମୁଁ ହେବି ଅଜାତଶତ୍ରୁ।

(ହସ ମଧ୍ୟରେ ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ମୃତ୍ୟୁଞ୍ଜୟ ମନୋଜ ଦାସ ଙ୍କୁ
# ଭକ୍ତି ଆଞ୍ଜୁଳି



ସରୋଜ ଲକ୍ଷ୍ମୀ ମହାନ୍ତି

ଆକାଶ ପୃଥିବୀ ମିଶି ଥିଲ୍ ଅବା
ପୂର୍ଣ୍ଣମୀର ସେ ରାତିରେ
ଖୋଲିଥିଲ୍ ଅବା ସହସ୍ର କବାଟ
ଚିରି ଅନ୍ଧାର ତିମିରେ

ଅମୃତ ସନ୍ତାନ ଉଜ୍ଜ୍ୱଳ ନକ୍ଷେତ୍ର
ଆସିଥିଲ ଶୁଭ ଲଗ୍ନେ
ସାହିତ୍ୟ ଆକାଶେ ଭାସ୍କର ତୁମେ
ପ୍ରକାଶିଲ ଏଇ ଧାମେ

ସାହିତ୍ୟ ସାଧକ ସୃଷ୍ଟି ତୁମର
ଅମ୍ଳାନ ଏ ଜଗତେ
ଶବ୍ଦ ଫୁଲଙ୍କୁ ସଜାଇଲ ତୁମ
ଅମୃତ ଯାଦୁ ପରଶେ

ଚେତନା ବଳୟେ ମହାଦ୍ରୁମ ତୁମେ
ସାହିତ୍ୟର ମହା ମନ୍ତ୍ର
କାଳଜୟୀ ତୁମେ ଚିର ଭାସ୍ୱର
ତୁମ ପାଦେ ପ୍ରଣିପାତ

ମୃତ୍ୟୁଞ୍ଜୟ ତୁମେ ମୃତ୍ୟୁ ବିଜୟୀ
ଓଡିଶାର ବରପୁତ୍ର
ବାଲେଶ୍ୱର ମାଟି ଧନ୍ୟ କରିଛ
ଭୂଗୋଳେ ଶଙ୍ଖାଳ ଚନ୍ଦ୍ର

ଉତ୍କଳ ମାଟିର ଶିର୍ ପ୍ରଶିର୍ ରେ
ମୋହ ତୁମ ସାହିତ୍ୟର
“ଅମୃତ ଫଳ” ବାଣ୍ଟି କ ଦେଇଛ
କରି “ଲକ୍ଷ୍ମୀ ଅଭିସାର”

ପୂର୍ଣ୍ଣମୀରେ ଆସି ପୂର୍ଣ୍ଣମୀରେ ଗଲ
ପ୍ରକାଶ କୁ ବୁଣି ଦେଇ
ଅକ୍ଷୟ ଏ ସୂର୍ଯ୍ୟ ଅସ୍ତାଚଳ ରେ
ଅସ୍ତ କେବେ ହେବନାହିଁ

“ଶେଷ ବସନ୍ତ ଚିଠି” ଆଜି ସତେ
ଠିକଣା ଯାଇଛି ହଜି
ଯାଇଛ କ କୁହ ଆଉକ ସମ୍ମାନେ
ବାଣ ପଟୁଆର ସାଜି

ଶବ୍ଦ ସବୁ ଯେ ନିଃଶବ୍ଦ ଆଜି
କ ଦେବୁ ତୁମକୁ ଭେଟି
ହେରିକ ଆସିବ ନୂଆ ସୂର୍ଯ୍ୟ ହୋଇ
ଗୁହିଁଛି ଉତ୍କଳ ମାଟି ।

271/3, ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

# ସ୍ୱପ୍ନ ର ଆଞ୍ଜୁଳ



ଅମ୍ବିକା ସ୍ୱାଇଁ

"ପ୍ରଭୁ" ମୋର ଆଞ୍ଜୁଳ ରେ ଭରି ଦିଅ
ଅସରନ୍ତି ଶବ୍ଦ ମାଳା
ସେଥିରୁ ସାଉଁଟି ଶବ୍ଦ ଗୁନ୍ଥିବି ମୁଁ
ଭାବ ରସ ପୁଷ୍ପ ମାଳା ।।

ସୁଗନ୍ଧିତ ମାଳା ମୋର ମହକବ
ମନ ହେବ ପୁଲକତ
ବିଞ୍ଚି ଦେବ, ପ୍ରୀତିମୟ ଶବ୍ଦ ରାଜି
ଚର୍ତୁର୍ଦିଗେ ଅବାରିତ ।।

ଖୁସିର ଲହରୀ ଖେଳାଇ ଶବ୍ଦାର୍ଥ
ମୋହି ନେବ ଜନ ମନ
ସଙ୍ଗୀତ ର ମୂର୍ଚ୍ଛନା ରେ ତୋଳ ନେବ
ନାଚବେ ଜଗତ ଜନ ।।

ତୁମ ଶ୍ରୀ ଚରଣେ ସମର୍ପିଛି ପ୍ରଭୁ
ଭକ୍ତି ର ଅଞ୍ଜୁଳ ଧରି
ତୋଳ ନେବ ଯଦି ସାଦର ରେ ତୁମେ
ସ୍ୱପ୍ନ ଯିବ ମୋର ପୁରି ।।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଶୂନ୍ୟତା



ପୁଷ୍ପାଞ୍ଜଳି ପଣ୍ଡା

ଶୂନ୍ୟତା ଆଗୋ ଶୂନ୍ୟତା
ଭ୍ରି ବଢିଯାଏ ତୁମ ମାନ୍ୟତା
ବନ୍ଦୀ ଜୀବନ ରେ ସଙ୍ଗରୋଧରେ
ନିଜସହ କଥା ହୁଏ ନୀରବତା।।
ଜୀବନ ପଥରେ ମୁଁ ଗ୍ଭଲୁଛି
ଅଦୃଶ୍ୟ ଭୁତାଣୁ ବି ଡ଼ର୍ଉଛି
ପଥିକ  ସାଜିବା ଜୀବନ ଜିଇବ
ଲ୍ଗୁଅଛି ଏକ ପ୍ରହେଳିକା ।
ହୃଦୟ ଖୋଜୁଛି ଏକ ହୃଦୟ
ଯାଣିଛି ଗ୍ଭଲୁଛି ଏବେ ଅସମୟ
ଏହି ଶୁନ୍ୟ କାଳ କବା ଶେଷ ବେଳ
ମଶାଣି ରୁଲିଭେନାହିଁ ଜୁଇଚତା।
କେବେ ତୁମେ ଥିଲ ବହୁ ଦୂରରେ
ମିଳୁଥିଲ ନିରିଜନ ବେଳାରେ
କୋଳାହଳ ନାହିଁ ଯାଇଛି ଧିମେଇ
ଆସିଲ୍  କ ଜୀବନର ସ୍ଥିରତା।
ଆଶା ବିଶ୍ୱାସ ବିଭୂ ଚରଣରେ
ଥୟ ହେବା ତୟ ଶ୍ରୀ ଶରଣରେ
ଦୁଇହାତ ଟେକ ଦେଲି ଚକାଆଖି
ଶରଣାଗତ ର ଆଉ ବା କ ଚନ୍ତା।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ମିଛ ସମ୍ପର୍କ

ବିନୋଦିନୀ ଦାଶ

ବର୍ଷା ମନରେ ଅସୁମାରୀ ପ୍ରଶ୍ନବାଚୀ ? ଆଜି ତା'ର ସ୍ୱାମୀ ବାଦଲ ମହାପାତ୍ର ଆସୁଛନ୍ତି ତାକୁ ଘରକୁ ଫେରାଇ ନେବାକୁ । ସେ କ'ଣ ସତରେ ତାକୁ ସ୍ତ୍ରୀ ଭାବରେ ଗ୍ରହଣ କରିବାକୁ ରାଜି ଅଛନ୍ତି ? ବାଦଲ ଓ ବର୍ଷା କ'ଣ ଆଉ ଏକାଠି ହୋଇ ପାରିବେ ? ସେ କ'ଣ ଆଉ ବାଦଲଙ୍କ ଜୀବନରେ ଶ୍ରାବଣର ବର୍ଷା ଧାରା ହୋଇ ଝରି ପାରିବ ? ଏମିତି କେତେ କ'ଣ?

ଗତକାଲି ଶାଶୂ ଶ୍ୱଶୁର ଦୁହେଁ ତା' ଠିକଣା ଖୋଜି ଆସି ତା' ପାଖରେ ପହଞ୍ଚିଥିଲେ । ସେ ଘରଛାଡି ଆସିଲାପରେ ବାପାମାଆଙ୍କର ବାରଣ ସତ୍ତ୍ୱେ ବାଦଲ ପୁନର୍ବାର ବିବାହ କରିବା, ଦ୍ୱିତୀୟ ସ୍ତ୍ରୀ ସ୍ୱପ୍ନା ଅଷ୍ଟମଙ୍ଗୁଳା ବାସୀ ତା'ର ପ୍ରେମିକ ସାଥିରେ ଫେରାର ହୋଇଯିବା, ଏବେ ବାଦଲ ତାକୁ ଗ୍ରହଣ କରିବାକୁ ରାଜି, ଏସବୁ ଘଟଣା ଶାଶୁଙ୍କଠାରୁ ଶୁଣି ବର୍ଷା ମନରେ କିଛି ବି ପରିବର୍ତ୍ତନ ଆସିନଥିଲା । ସେମାନେ ବହୁତ ବୁଝାଇଲାପରେ ସେ ଯିବାପାଇଁ କେବଳ ରାଜି ହୋଇଥିଲା, ଏଇଥିପାଇଁ ଯେ ସେ ଜଣେ ନାରୀ, ଆମ ସମାଜ କେବଳ ଜଣେ ନାରୀକୁ ହିଁ ଦୋଷ ଦିଏ । "ନାରୀ ମାଟି ହାଣ୍ଡି" ଆଉ ପୁରୁଷ ସୁନା," ଏକଥା ଅଙ୍ଗେ ଅଙ୍ଗେ ଅନୁଭବ କରିଛି ସେ । ବାପାମାଆ, ଭାଇଭାଉଜ, ସାହିପଡିଶା, ବନ୍ଧୁବାନ୍ଧବ ସମସ୍ତଙ୍କୁ ସେ ପରଖି ସାରିଛି । ସମସ୍ତେ କେବଳ ତାକୁ ହିଁ ଦୋଷ ଦେଇଛନ୍ତି । କିନ୍ତୁ କେହି ବୁଝି ନାହାନ୍ତି ତା' ଅନ୍ତରର ବେଦନାକୁ । ବାଦଲଙ୍କୁ ଛାଡ଼ି ଆସିବାର କାରଣ ବି ସେ କାହାକୁ କହି ପାରିନ ।

ସେ ରୋମନ୍ଥନ କରି ଚାଲିଛି ହଜିଲା ଅତୀତକୁ । ବାସରରାତ୍ରୀ ଦିନ ମଧୁଶଯ୍ୟାରେ ବାଦଲ ତାକୁ କହିଥିଲେ, "ଆମେ ଦୁହେଁ ଏକ ହେବା ପୂର୍ବରୁ ପରସ୍ପରର ଅତୀତ ବିଷୟରେ ଜାଣିଲେ ବିଶ୍ୱସ୍ତ ହୋଇ ରହିପାରିବା ।

"ପ୍ରଥମେ ବାଦଲ ତାଙ୍କ ପ୍ରେମ, ପ୍ରତାରଣା କଥା କହିବାପରେ ସେବି ପ୍ରଗଲ୍ଭତାର ସହ ତା' ପ୍ରେମ ପ୍ରତାରଣା ସମ୍ପର୍କରେ କହିଥିଲା । କିନ୍ତୁ ସେ ଜାଣିନଥିଲା ସେ ଯେଉଁ ବିଶ୍ୱାସର ସମ୍ପର୍କ ଗଢିବାକୁ ଯାଉଥିଲା, ତାହା ଏମିତି ମିଛ ସମ୍ପର୍କରେ ପରିଣତ ହେବ ବୋଲି । ତା'କଥା ଶୁଣୁଶୁଣୁ ବାଦଲ କର୍କଶ ସ୍ୱରରେ ଶୁଣାଇଦେଲେ, "ତୁମ ସହିତ ଏବେଠାରୁ ମୋର କୌଣସି ସମ୍ପର୍କ ନାହିଁ । ମୁଁ ମିଛ କାହାଣୀ ଶୁଣାଇଲି, ତୁମକୁ ପରୀକ୍ଷା କରିବା ପାଇଁ, ଆଉ ତୁମେ ସତସତିକା ପ୍ରେମ କାହାଣୀ ଶୁଣାଇଲ ।" ଆକାଶ ସହିତ ତା'ର ଦୈହିକ ସମ୍ପର୍କ ନଥିଲା ଜାଣି ମଧ୍ୟ ସେହିଦିନଠାରୁ ତା'ଠୁ ଅଲଗା ରହିଥିଲେ । ସେମାନଙ୍କ ଭିତରକଥା ଯେପରି ବାହାରକୁ ନଫିଟେ ବାଦଲ ତାଗିଦ କରିଥିଲେ । ଏପରିକି ଶାଶୂ ଶ୍ୱଶୁରବି କିଛି ସୁରାକ ପାଇ ପାରି ନଥିଲେ । କିନ୍ତୁ ସେ କେବେ ସେଠି ତା' କର୍ତ୍ତବ୍ୟରେ ଅବହେଳା କରି ନଥିଲା ।

ପରିବାରର ସମସ୍ତେ ତାକୁ ବହୁତ ଭଲ ପାଉଥିଲେ । ଏମିତି ଭିତରେ ବର୍ଷେ ଚାଲିଗଲା । ଶାଶୂ ଶ୍ୱଶୁର ନାତିନାତୁଣୀ ଚାହିଁଲେ । ସେ ତ ନାରୀ, ମିଛ ସମ୍ପର୍କ ନେଇ କେତେଦିନ ବା ଜଣେ ଭଲ ବୋହୂର ଅଭିନୟ କରି ଚାଲିଥାନ୍ତା । ତେଣୁ ବାଦଲକୁ ଦ୍ୱିତୀୟ ବିବାହ କରିବାର ଅନୁମତି ଦେଇ ଦେହ ଅସୁସ୍ଥତାର ବାହାନା କରି ଚାଲିଆସିଲା ବାପଘରକୁ । କିନ୍ତୁ ସେଠାକୁ ଆସି ଜାଣିଲା ଝିଅ ଶାଶୁଘର ଯିବାପରେ ବାପଘରର ସବୁ ସମ୍ପର୍କ ତା' ପାଇଁ ମିଛ ହୋଇଯାଏ । ତାକୁ ଲାଗିଲା ସବୁ ସମ୍ପର୍କଗୁଡା ଯେପରି ତା' ପାଇଁ ମିଛ । ବାପାମାଆ ତାକୁ ଦୋଷାରୋପ କରିବା, ଭାଉଜ କଥାଛଳରେ ଆକ୍ଷେପ କରିବା ତାର ଅସହ୍ୟବୋଧ ହେଲା ।

ସେତ ବିଜ୍ଞାନରେ ଯୁକ୍ତତିନ ପାସ୍ କରିଥିଲା । ବାପଘରେ କିଛି ଦିନ ରହି ଭାଇଙ୍କୁ କହି ଏକ ପବ୍ଲିକ ସ୍କୁଲରେ ଚାକରୀରେ ଯୋଗ ଦେଇ ଏଠାକୁ ଚାଲିଆସିଲା । ତା'ପରେ ବିଦ୍ୟାଳୟର ପିଲାମାନେ ହେଲେ ତା'ର ସଂସାର । ପିଲାମାନଙ୍କୁ ପାଠ ପଢାଇ ତାଙ୍କରି ସଙ୍ଗରେ ହସଖୁସି ବାଣ୍ଟି ଅବଶିଷ୍ଟ ଜୀବନ କଟାଇବାରେ ଲାଗିଲା । ବିଦ୍ୟାଳୟରେ ଜଣେ ଭଲ ଶିକ୍ଷୟିତ୍ରୀ ଭାବେ ସୁନାମ ଅର୍ଜନ କଲା ମଧ୍ୟ ।

"ବନ ପୋଡ଼ି ଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ି ଗଲେ କଏବା ଜାଣିବ ?" ତା ମନ ତଳର ଦୁଃଖ ସେ କହା ଆଗରେ ପ୍ରକାଶ କରେ ନାହିଁ । ସମସ୍ତଙ୍କ ସହ ଉପରେ ଉପରେ ହସିବାର ଅଭିନୟ କରେ ଯାହା । କାରଣ ସେ ଲୋକ ଚରିତ୍ରକୁ ଭଲ ଭାବେ ଜାଣିଛି, ଟିକେ ତ୍ରୁଟିର ସୁରାକ ପାଇଗଲେ ପାଟିରେ ଆଉ ବାଡ଼ବତା ରହିବନି । ତେଣୁ "ଆଲୋ ସଖି ଆପଣା ମହତ ଆପେ ରଖି" ହିସାବରେ ସେ ସେଠି ଚଳିଯାଏ ।

ଏତେ ଭାବନା ଭିତରେ ଗାଡିର ହର୍ଣ୍ଣ ପରେ କବାଟରେ ଠକଠକ୍ ଶବ୍ଦ ଶୁଣି ସେ ଚେତନା ଫେରି ପାଇ ଧୀରେଧୀରେ ଆଗେଇ ଗଲିଲା ଦ୍ୱାର ନକଟକୁ । ସେ ଆଜି ଜାଣିନ, ଗଢ଼ିବାକୁ ଯାଉଥିବା ସମ୍ପର୍କଟା ସତ କି ମିଛ ?

କୁରୁଆଁ, ମୁଗପାଳ, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ବାପା



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ବାପା ଏକ ଶବ୍ଦ ସେ ତ
ବିଶାଳ ଆକାଶ
ବାପା ଏକ ଶବ୍ଦ ସେ ତ
ପ୍ରଚଣ୍ଡ ବିଶ୍ଵାସ।।
ବାପା ଏକ ଶବ୍ଦ ସେ ତ
ଈଶ୍ଵରଙ୍କ ଦାନ
ବାପା ଏକ ଶବ୍ଦ ସେ ତ
ସଭିଙ୍କଠୁଁ ଭିନ୍ନ ।।
ବାପା ଏକ ଶବ୍ଦ ସେ ତ
କଠୋର ତପସ୍ୟା
ବାପା ଏକ ଶବ୍ଦ ସେ ତ
ଅସୁମାରୀ ଆଶା ।।
ବାପା ଏକ ଶବ୍ଦ ସେ ତ
ଛାୟା ଯୁକ୍ତ ତରୁ
ବାପା ଏକ ଶବ୍ଦ ସେ ତ
ସାହାସ ର ମେରୁ ।।
ବାପା ଏକ ଶବ୍ଦ ସେ ତ
ମରୁ ମରୁଝର
ବାପା ଏକ ଶବ୍ଦ ସେ ତ
ନାବିକ ନୌକାର ।।

ବାପା ଏକ ଶବ୍ଦ ସେ ତ
ଯୁଦ୍ଧ କ୍ଷେତ୍ରେ ଢାଲ
ବାପା ଏକ ଶବ୍ଦ ସେ ତ
ଅନ୍ଧାରେ ମଶାଲ ।।
ବାପା ଏକ ଶବ୍ଦ ସେ ତ
କୁହୁକ କର୍‌ଟ
ବାପା ଏକ ଶବ୍ଦ ସେ ତ
ସନ୍ତାନ ମୁକୁଟ ।।
ବାପା ଏକ ଶବ୍ଦ ସେ ତ
ଶବ୍ଦ ଗନ୍ତାଘର
ବାପା ଶବ୍ଦ ବର୍ଣ୍ଣିବାକୁ
(ନାହିଁ) ଯୋଗ୍ୟତା ମୋହର ।

ଚକାପଦା, ବେଗୁନିଆ, ଖୋର୍ଦ୍ଧା

# କୃଷି କରି ମୁଁ ଆନନ୍ଦ ପାଏ



ନନ୍ଦିନୀ ରାଉତ

ମାଟିରେ ଗଢ଼ା ଶରୀର ମୋର
ମାଟିକୁ ଭଲ ପାଏ
ଖରା କ ବର୍ଷା ଶୀତ କାକର
ଦେଖିଣ ଡରି ନ ଯାଏ... 1

ସୁରୁଜ ଆସି ମୁରୁଜ ବୁଣେ
କ୍ଷେତ ରେ ଯେବେ ମୋର
ସ୍ୱାଗତ ତାକୁ ଜଣାଏ ମୁହିଁ
ନଥାଏ ମୋତେ ଡର... 2

ଚାଷ କାମ ରେ ଲାଗି ରହେ ମୁଁ
ନିଜ କୁ ଯାଏ ଭୁଲି
ରୋଷିଣୀ ମୋର ଘରଣୀ ଘରେ
ପାରୁନ ବୁଲି ଚାଲି... 3

ଧାନ ଗହମ ବିରି ହରଡ଼
ପନି ପରିବା କେତେ
କ୍ଷେତ ରେ ମୋର ହସଇ ଯେବେ
ଆନନ୍ଦ ଲାଗେ ମୋତେ.. 4

କପାଳେ ମୋର ନାହିଁତ କେବେ
ଧନ ଦରବ କଛି
ଯାହା ମିଳଇ ଦେଶ ପାଇଁ ମୁଁ
ସବୁତ ଦେଉ ଅଛି**... 5**

କଙ୍କାଳ ସାର ଶରୀର ମୋର
ହାରେନା ଦୁଃଖ ଆଗେ
କୃଷକ ମୁହିଁ କୃଷି ମୋ ଧର୍ମ
ଗ୍ଭଲିବି ସଦା ବେଗେ**... 6**

ବାଲିପଙ୍ଗା, ଅନୁଗୁଳ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମନର ଅକୁହା କଥା

ଶୁଭଲକ୍ଷ୍ମୀ ସାହୁ

ଆଜି କାଇଁ ଲାଗୁଚ ଏମିତି
ଖୋଜୁଛ ତୁମେ ମତେ
ଦିନରେ ତ ଯାହା ଅମାନିଆ ଲାଗୁଛି
ରାତିରେ ଭି ମନ ମାନୁନ ସତେ ।

ମନେ ପଡୁଛି ବେଶି
ବିତେଇ ଥିବା ତୁମ ସହିତ ସମୟ
ନା ଭୁଲି ହେଉଛି
କଥା ତୁମର ପ୍ରେମମୟ ।

ତୁମ ବିନା ନା ଜିଇଁବାର ଇଛା
ନା ମରିବାର ସ୍ୱପ୍ନ
କିଛି ଭି ଭାବି ପାରୁନାହିଁ ମୁଁ
ନା କଳ୍ପନା ନା ବାସ୍ତବ୍ୟତା ।

କେବେ ପୁଣି ଦେଖା ହେବ
ଆଗ ଭଳି କଥା ହେବା
ବାଇ ଚଢେଇ ଭଳି ବସା ଗଢି
ଆଉ ଥରେ ସୁଖେ ରହିବା ॥

ନେତୁଆ, କେନ୍ଦ୍ରାପଡା

# ନ୍ୟାୟ ଓ ନଷ୍ପତ୍ତି



ବିଜୟ କୁମାର ଜେନା

ସେଦିନ ହସ୍ତିନାପୁର'କୁ ତା ପ୍ରିୟ ଯୁବରାଜ ମିଳବାର ଥିଲା। ସମଗ୍ର ହସ୍ତିନାପୁର ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି ଯେ ଯୁବରାଜ କିଏ ହେଉଛନ୍ତି। କୁରୁସଭା ସୁନ୍ଦର ଭାବର ସଜ୍ଜିତ ହେଇଥାଏ, ପାତ୍ରମନ୍ତ୍ରୀରେ ଭରପୁର ରାଜସଭା। ଯେ କୌଣସି ସମୟରେ ରାଜା ଧୃତରାଷ୍ଟ୍ର କେବଳ ଔପଚାରିକ ଭାବେ ନାମ ଘୋଷଣା କରିବେ।

ଉତ୍ତରାଧିକାରୀ ସୂତ୍ରରେ ଓ ବୟସ ଜ୍ଞାନ ଲୋକପ୍ରିୟତା ଦୃଷ୍ଟିରେ ଯୋଗ୍ୟ ଦୁଇ ରାଜପୁତ୍ର ଯୁଧିଷ୍ଠିର ଓ ଦୁର୍ଯ୍ୟୋଧନଙ୍କ ଭିତରୁ କେହି ଜଣେ ହୋଇପାରନ୍ତି ହସ୍ତିନାର ଯୁବରାଜ।

ଠିକ୍ ଏହି ସମୟରେ କିଛି ସୈନିକ ହାତପାଦ ବନ୍ଧା ଅବସ୍ଥାରେ ଚାରିଜଣ ଲୋକଙ୍କୁ ଆଣି, ରାଜଦରବାର ଭିତରେ ପ୍ରବେଶ କଲେ। ଜଣା ପଡୁଥିଲା ଯେ ଏହି ଚାରିଜଣ କିଛି ଗୁରୁତର ଅପରାଧରେ ଅପରାଧୀ। ସଞ୍ଜୟଙ୍କ ଠାରୁ ଏହା ଜାଣିପାରି ରାଜା ଧୃତରାଷ୍ଟ୍ର ସୈନିକ ମାନଙ୍କୁ ପଚାରିଲେ, -"ଏମାନଙ୍କ ଅପରାଧ କଣ **?**"

ସୈନିକମାନେ କହିଲେ, -"ମହାରାଜ, ଏହି ଚାରିଜଣ ମିଶି ଜଣେ ବ୍ୟକ୍ତିକୁ ଅତି ବିଭତ୍ସ ଭାବରେ ହତ୍ୟା କରିଛନ୍ତି।" ଧୃତରାଷ୍ଟ୍ର ପୁଣି ପଚାରିଲେ, -"ବନ୍ଦୀ ଚାରିଜଣ ସେମାନଙ୍କର ଏହି ଅପରାଧ ବିଷୟରେ କଣ କହୁଛନ୍ତି **?**" "ସେମାନେ ତାଙ୍କ ଅପରାଧ ସ୍ୱୀକାର କରିଛନ୍ତି ମହାରାଜ।" ଜଣାଇଲେ ସୈନିକମାନେ।

ଏହାପରେ ଦୋଷୀଙ୍କୁ ଦଣ୍ଡବିଧାନ କରିବା ପାଇଁ ରାଜା ଧୃତରାଷ୍ଟ୍ର ତାଙ୍କ ନିଷ୍ପତ୍ତି ଶୁଣେଇବାକୁ ଉଦ୍ୟତ ହେବାବେଳେ ମହାମନ୍ତ୍ରୀ ବିଦୁର ରାଜାଙ୍କୁ ଅଟକାଇଦେଲେ, କହିଲେ -"ମହାରାଜ ଆଜି ଯେହେତୁ ଯୁଧିଷ୍ଠିର ଓ ଦୁର୍ଯ୍ୟୋଧନ ଦୁହିଙ୍କ ଭିତରୁ ଜଣେ ଯୁବରାଜ ହେବେ, ବର୍ତ୍ତମାନ

ଏହି ଅପରାଧ ଉପରେ ସେ ଦୁହିଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସୁଯୋଗ ଦିଆଯାଉ।" ବିଦୁରଙ୍କ ଏହି ଅନୁରୋଧରେ ରାଜା ସମ୍ମତ ହେଲେ।

ପ୍ରଥମେ ଦୁର୍ଯ୍ୟୋଧନଙ୍କ ପାଳ ପଡ଼ିଲା। ଧୃତରାଷ୍ଟ୍ର ତାଙ୍କୁ ପଚାରିଲେ, -"ବତ୍ସ୍ୟ, ତୁମ ବିଚାରରେ ଏହି ଚାରି ଅପରାଧୀଙ୍କୁ କ ପ୍ରକାର ଦଣ୍ଡ ଦିଆଯିବା ଉଚତ ହେବ ?"

ଦୁର୍ଯ୍ୟୋଧନ -"ମହାରାଜ, ଏଥିରେ ଆଉ ଅଧିକ ବିଚାର ବିମର୍ଷର କ ଆବଶ୍ୟକତା ଅଛି ! ଶହ ଶହ ବର୍ଷରୁ ଚାଲି ଆସିଥିବା ଆମର ନୀତି ଓ ପରମ୍ପରା ଅନୁସାରେ ନରହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇ ଆସୁଛି। ତେଣୁ ଏହି ଚାରି ଅପରାଧୀଙ୍କୁ ମୁଁ ମୃତ୍ୟୁଦଣ୍ଡାଦେଶ ଦେଉଛି।"

ମହାରାଜ ଧୃତରାଷ୍ଟ୍ର ଦୁର୍ଯ୍ୟୋଧନଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବାକୁ ଉଦ୍ୟତ ହେବାବେଳେ ତାଙ୍କୁ ରୋକଦେଲେ ମହମନ୍ତ୍ରି ବିଦୂର। କହିଲେ, -"ଆପଣ ଯୁଧିଷ୍ଠିରଙ୍କୁ ବିଚାର କରି ନ୍ୟାୟ ପ୍ରଦାନ କରିବାକୁ ସୁଯୋଗ ଦେଇ ନାହାଁନ୍ତି ମହାରାଜ !! ବର୍ତ୍ତମାନ ତାଙ୍କୁ ସୁଯୋଗ ଦିଆଯାଉ|" ଆଗତ୍ୟା ଧୃତରାଷ୍ଟ୍ର ଯୁଧିଷ୍ଠିରଙ୍କୁ ଏହି ଚାରି ଅପରାଧୀଙ୍କ ବିଚାର କରିବାକୁ ଅନୁମତି ଦେଲେ।

ଯୁଧିଷ୍ଠିର -"ମୁଁ ବିଚାର କରି ଦଣ୍ଡବିଧାନ କରିବା ପୂର୍ବରୁ ଏହି ଚାରି ଅପରାଧୀଙ୍କ ବର୍ଣ୍ଣ ବା ଜାତି କଣ, ଜାଣିବାକୁ ଚାହୁଁଛି।" ଚାରି ଅପରାଧୀ ନିଜ ନିଜର ଜାତି ବିଷୟରେ କହିଲେ। ସେମାନଙ୍କ ଭିତରୁ ଜଣେ ଶୁଦ୍ର, ଜଣେ ବୈଶ୍ୟ, ଜଣେ କ୍ଷତ୍ରିୟ ଓ ଚତୁର୍ଥ ଜଣକ ବ୍ରାହ୍ମଣ ଜାତିର ଥିଲେ।

ସେମାନଙ୍କ ଜାତି ବର୍ଣ୍ଣ ବିଷୟରେ ଜାଣିବା ପରେ ଯୁଧିଷ୍ଠିର ନ୍ୟାୟସଙ୍ଗତ ତର୍ଜମା କରି, ଆବଶ୍ୟକୀୟ ଯୁକ୍ତି ସହିତ ନିଜର ରାୟ ଶୁଣେଇଲେ -

"ଶୁଦ୍ର ବ୍ୟକ୍ତିଟିର ଅପରାଧ ଏକ ଅଜ୍ଞାନୀ ଲୋକର ଅପରାଧ ଅଟେ। କାରଣ ସେମାନଙ୍କୁ ବିଦ୍ୟା ଅଧ୍ୟୟନ କରିବାର ସୁଯୋଗ ମିଳନାହିଁ। ଅଜ୍ଞାନ ବଶତଃ ଅପରାଧଟି କରିଥିବା ଯୋଗୁଁ, ତାକୁ ଚାରିବର୍ଷ କାରାବାସର ଦଣ୍ଡ ଦିଆଯିବା ଉଚତ ହେବ।

ବୈଶ୍ୟମାନେ ସେମାନଙ୍କ ବୈଷୟିକ ଜ୍ଞାନବୃଦ୍ଧି ପାଇଁ କଛିଟା ଶିକ୍ଷାଲାଭ କରିଥାନ୍ତି। ସେ, ଶୁଦ୍ର ଯେତିକ ଅଜ୍ଞାନୀ ଆଦୌ ନୁହେଁ। ତେଣୁ ତାକୁ ଆଠବର୍ଷ କାରାବାସର ଦଣ୍ଡ ଦିଆଯାଉ।

କ୍ଷତ୍ରିୟଙ୍କ ଉପରେ ସମଗ୍ର ସମାଜର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ଅଛି। ଅପରାଧ ନୟନ୍ତ୍ରଣ କରିବା ଦାୟିତ୍ୱବୋଧକୁ ଭୁଲିଯାଇ, ନଜେ ନରହତ୍ୟା କରିଥିବାରୁ ସେ ପ୍ରକୃତ ହତ୍ୟାକାରୀ। ଏଥିପାଇଁ ଏ କ୍ଷତ୍ରିୟ ବ୍ୟକ୍ତିକୁ ଷୋହଳ ବର୍ଷର ସଶ୍ରମ କାରାଦଣ୍ଡ ଦିଆଯାଉ।

ବ୍ରାହ୍ମଣ ଏହି ଚାରି ଜାତିର ଲୋକଙ୍କ ମଧ୍ୟରେ ସବୁଠାରୁ ଅଧିକ ଜ୍ଞାନୀ ଓ ଶିକ୍ଷିତ ଅଟନ୍ତି। ଏତେ ଜ୍ଞାନୀ ହୋଇ, ନୀତି ନୟମ ଓ ପ୍ରଚଳତ ପ୍ରଥା ବିଷୟରେ ସବୁକଛି ଜାଣିଥିବା ସତ୍ତ୍ୱେ ଏ ବ୍ରାହ୍ମଣ ନରହତ୍ୟା କରିଛି। ଏହି ଦୃଷ୍ଟିରୁ ଏହାକୁ ମୃତ୍ୟୁଦଣ୍ଡ ମିଳବା ଉଚତ। କନ୍ତୁ ଇଏ ଯେ ଜାତିରେ ବ୍ରାହ୍ମଣ - ରାଜା କେବେବି କୌଣସି ବ୍ରାହ୍ମଣଙ୍କୁ ମୃତ୍ୟୁଦଣ୍ଡ ଦେଇ ପାରିବେ ନାହିଁ। ତେଣୁ ଏହି ବ୍ରାହ୍ମଣର ଦଣ୍ଡ ନର୍ଦ୍ଧାରଣ କୁଳଗୁରୁ କୃପାଚାର୍ଯ୍ୟ କରିବା ଉଚତ ହେବ।"

କୁଳଗୁରୁ କୃପାଚାର୍ଯ୍ୟ କଛି ହୁଏତ କହିଥାନ୍ତେ; ସେ ମୁଁହ ଖୋଲିବା ପୂର୍ବରୁ ଆରୋପୀ ବ୍ରାହ୍ମଣ ଦୋଷ ସ୍ୱୀକାର କରିବା ସହ ନଜପାଇଁ ନଜେ ହିଁ ଦଣ୍ଡ ବିଧାନ କରିଦେଲା| ବ୍ରାହ୍ମଣ କହିଲା, -"ମହାରାଜ, ମୁଁ ପ୍ରକୃତରେ ଦୋଷୀ। ତେଣୁ, ଦଣ୍ଡ ସ୍ୱରୂପ ଅଗ୍ନିରେ ପ୍ରବେଶ କରି ମୃତ୍ୟୁ ବରଣ କରିବାକୁ ମୁଁ ପ୍ରସ୍ତୁତ।"

କୁରୁସଭାରେ ସେଦିନ ଏହି ପ୍ରକାରେ ନ୍ୟାୟ ପ୍ରଦାନ କରାଗଲା - ଏହି ଦଣ୍ଡାଦେଶକୁ ରାଜା ସ୍ୱୀକୃତି ଦେଲେ। ଏବଂ ଲୋକାରଣ୍ୟ ରାଜସଭାରେ ମହାରାଜା ଧୃତରାଷ୍ଟ୍ର ହସ୍ତିନାପୁର'ର ଯୁବରାଜ ଭାବରେ ଯୁଧିଷ୍ଠିରଙ୍କ ନାମ ଘୋଷଣା କଲେ।

x x x x x

ମନେ ପକାନ୍ତୁ, କେବଳ ଶାସ୍ତ୍ର ପୁରାଣରେ କମ୍ବା ହସ୍ତିନାପୁରରେ ନୁହେଁ - ଆଜି ବି ଆମ ସମାଜରେ ଆମେ ଆମ ଅଫିସ ପରିସର ମଧ୍ୟରେ କମ୍ବା ପରିଚତ ଲୋକଙ୍କ ଭିତରେ ସମାନ କଥା ବା ଦୋଷ ପାଇଁ, ଜଣେ ମୂର୍ଖ ଅଜ୍ଞାନ ଲୋକଙ୍କୁ ଯଥା ସମ୍ଭବ ଲଘୁ ଦଣ୍ଡ ଦେଉଛନ୍ତି କମ୍ବା କ୍ଷମା କରିଦେଉଛନ୍ତି। କନ୍ତୁ ଶିକ୍ଷିତ ପଦସ୍ଥ ଅଧିକାରୀମାନଙ୍କ କ୍ଷେତ୍ରରେ ସେମାନଙ୍କୁ ଦୃଢ଼ ଭାବରେ ଦଣ୍ଡ ଦିଆଯିବା ସହ ଭବିଷ୍ୟତରେ ଏପରି ନ କରିବା ପାଇଁ ତାଗିଦ୍ କରୁଛନ୍ତି। ଗୋଟିଏ ବୁଲାବିକାଳୀର କଟୁ ସମାଲୋଚନାକୁ ସଙ୍ଗେ ସଙ୍ଗେ ଭୁଲି ଯାଆନ୍ତି ସିନା, ଗୋଟିଏ ବଡ଼ ଦୋକାନୀ ମାଲିକର ପଦେ କଡ଼ା କଥାକୁ ନେଇ ସେଠାରେ ହୁଲସ୍ଥୁଲ କରି ଦିଅନ୍ତି।

ଏଇ ନକଟରେ ଭାରତର ଉତ୍ତରପୂର୍ବ ରାଜ୍ୟରେ ଏକ ଘଟଣା ଉପରେ କଛି ମନ୍ତବ୍ୟ ପଢ଼ିଲା ପରେ ମହାଭାରତରୁ ଏହି ଉପାଖ୍ୟାନଟି ମନେ ପଡ଼ିଗଲା। କରୋନା କବଳତ ଭାରତରେ ସଂକ୍ରମଣକୁ ରୋକବା ପାଇଁ ବର୍ତ୍ତମାନ ବିଭିନ୍ନ ପ୍ରକାରର କଟକଣା ଜାରି କରାଯାଇଛି। ଏହା ସତ୍ତ୍ୱେ ସେଠାରେ ନୟମ ବହିର୍ଭୂତ ସଂଖ୍ୟକ ଲୋକଙ୍କୁ ନେଇ ଏକ ବିବାହ ଉତ୍ସବ ଓ ଭୋଜିଭାତର ଆୟୋଜନ କରାଯାଇଥିଲା। ଏହା ଜାଣିବା ପରେ, ସେହି ଜିଲ୍ଲାର ଜିଲ୍ଲାପାଳ (କଲେକ୍ଟର) ସେଠାରେ ଉପସ୍ଥିତ ହେଇ ଏହି ଉତ୍ସବ ପାଳନ କରୁଥିବା ଲୋକଙ୍କୁ ତାଗିଦ୍ କରୁଥିବା ବେଳେ, ବିବାହ କାର୍ଯ୍ୟ ସମ୍ପାଦନ କରିବାକୁ ଆସିଥିବା ବ୍ରାହ୍ମଣ ଜଣକ ଉତ୍ସବ ପାଳନ ସପକ୍ଷରେ ବିତଣ୍ଡା ଯୁକ୍ତି କରି କଲେକ୍ଟରଙ୍କ ଠାରୁ ଏକ ଶକ୍ତ ଗାପୁଡ଼ା - ଦଣ୍ଡ ସ୍ୱରୂପ ପାଇଥିଲେ।

ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଲା, ଗୋଟିଏ ରାଜନୈତିକ ଦଳ ଏହାକୁ ହିନ୍ଦୁ ସଂସ୍କୃତି ଉପରେ ଆକ୍ରମଣ ଆଖ୍ୟା ଦେବାକୁ ପଛେଇ ନଥିଲେ। କଥାକୁ ଆଗକୁ ନବଢ଼ାଇବା ପାଇଁ, ଉପରୋକ୍ତ କଲେକ୍ଟର ସମସ୍ତଙ୍କ ଠାରୁ ବିଶେଷ କରି ଗାପୁଡ଼ା ମାରିଥିବା ବ୍ରାହ୍ମଣଙ୍କ ନକଟରେ ଭୁଲ ମାଗିଥିଲେ।

ଦାମନଯୋଡି

# ଆମ ଗାଁ ନଈ



ଡ. ଜ୍ଞାନେଶ୍ୱର ମିଶ୍ର

ଆମ ଗାଁ ନଈ ବୈତରଣୀ
ନଈ ମାନଙ୍କର ସେ ପାଟରାଣୀ
ପାଣିତା ପବିତ୍ର ଗୁଣ ଅମାପ
ଧୋଇଦିଏ ସବୁ ପାପୀଙ୍କ ପାପ
ଗୋନାସିକା ପାହାଡ଼ୁଁ ତାର ଉତପତ୍ତି
ବଙ୍ଗୋପ ସାଗରେ ତାର ସମାପ୍ତି
କୁଳୁକୁଳୁ ହୋଇ ବହି ଯାଉଛି
ଅମ ହାଟ ନାଟ ସବୁ ଦେଖୁଛି
ଭାଇ ସାଙ୍ଗ ଗାଁ ସାଥୀ ମେଳରେ
କେତେ ମୁଁ ବୁଲିଛି ତାର କୂଳରେ
କୂଳରୁ ପାଣିକ ଡିଆଁ ମାରିଛି
ବାପା ଜେଜଙ୍କର ଗାଳ ଶୁଣିଛି
ସାଙ୍ଗ ହୋଇ ସବୁ ମାଛ ଧରିଛୁଁ
ଜାମୁଗଛ ଚଢି କୋଳ ଖାଇଛୁଁ
ଘାଟକୂଳେ ଘଣ୍ଟା ଘଣ୍ଟା ଗପିଛୁ
ମଧୁର ଏ ସ୍ମୃତି କଏ ପାରେ ପାଶୋରି
ଏବେ ବିଦେଶରେ ମୋର ଚାକରୀ
ଛୁଟି ମିଳଲେ ଗାଁକୁ ଯିବାକୁ ମନ ବିକଳ ହୁଏ
ଭାଇ ସାଙ୍ଗସାଥି ସହ ମିଶିଲେ
ଛୁଟି କଟିଯାଏ ମନ ଖୁସିରେ
ଛୁଟି ସରିଗଲେ ମନ ମଉଳଯାଏ

ଗୁକରୀ ଜାଗାକୁ ଯିବାକୁ ହୁଏ
ମୋ ପିଲ୍‌ବେଳ, କୈଶୋର ଖେଳ
ସବୁ ତ ଥିଲ୍ ତାହାରି କୋଳ
ଏବୁଢା କାଳେ, ଏତିକ ଭ୍ଲେ
କୋକେଇ ଉଠୁ ମୁ ମୋ ଗାଁ ଘରରୁ
ଚତା ଜଳଯାଉ ସେ ନଦୀ କୂଳେ
ଚତା ଭସ୍ମ ଭ୍‌ସି ଯାଉ ତା ଜଳେ
ଆମ ଗାଁ ନଈ ବୈତରଣୀ
ନଈ ମାନଙ୍କର ସେ ପାଟର୍‌ଣୀ

୪୯/୫, କାର୍ଲମାର୍କ୍ସ ସରଣୀ, କଲିକତା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ସ୍ୱପ୍ନ



ବିନୟ ମିଶ୍ର

ଜୀବନର ବଡ ଦାଣ୍ଡେ ବଳ ଗଣ୍ଡି ଏ ଦେହ ଭିତରେ,
ବହୁଥିଲ୍ ଦିନେ କ୍ଷୀଣ ନଈଟିଏ
ଶୁଖିଲ୍ ସପନ ଧାରେ।
ତିନ ତିନ ରଥ ତିନୋଟି ନଉକା ଜୀବନ ଯାତ୍ରାରେ ଲୋଡ଼ା,
ଶରଧାମଣିଙ୍କ ଅନୁରୋଧେ ଯାହା ହୋଇଥିଲ୍ ଦିନେ ଯୋଡ଼ା।

କୋଣାର୍କର ଶିଳା ଆଜି ବି ଦେଖୁଛି ଅଗଣିତ  ସପନ ଯେତେ,
ଖଣ୍ଡଗିରି ଗୁହା ଭିତରେ ପଡିଛି ସପନର ଶେଜ କେତେ।
ଭଙ୍ଗା ଦେହରେ ମଣିଷ କେମିତି ସ୍ୱପ୍ନ ଦେଖିବ କହ,
ସ୍ୱପ୍ନ ଯେଉଁଠି ଦରଭଙ୍ଗା ହୁଏ ତୁଟେ ବିଶ୍ୱାସର ମୋହ।

ଯେ ଯାଏଁ ସ୍ୱପ୍ନ ଜମାଟ ବାନ୍ଧିଛି ଆଖି ମନ ହୃଦୟରେ,
ପ୍ରତିରୋଧତାର ଗୁପଡ଼ ବାଜିନ ସ୍ୱପ୍ନ କାହୁଁ ବା ସରେ?
ଦେଖୁଥିବ ସ୍ୱପ୍ନ ଏ ମୁଢ ମଣିଷ ବିଶ୍ୱାସରୁ ସ୍ୱପ୍ନ ଝରେ।
ସ୍ୱପ୍ନକୁ ସାକାର କରିବାପାଇଁ ଚେଷ୍ଟା, ଭରସା କରେ।

ସ୍ୱପ୍ନଭିଳାଷୀ ମଣିଷର ମନ ଖିଆଲୀ ଚଳଚଞ୍ଚଳ,
ସ୍ୱପ୍ନ ଦେଖିବ କଳ୍ପନା ରାଇଜେ ସପନର ସୌଦାଗର।

ନଆଳ ଖୋର୍ଦ୍ଧା

# ଅଭିଶପ୍ତ



ଝରଣା ବାରିକ

ଜୀବନ ଟା ବେଳେ ବେଳେ ଭାରି ଅସହାୟ ଲାଗେ।ସବୁ ଥାଇ ବି କଛି ହଜିଗଲା ପରି ମନେ ହୁଏ। କାହିଁକ କେଜାଣି ମନଟା ଭାରି ଛଟ ପଟ ହୁଏ ତା ପାଇଁ। ବେଶୀ ବେଶୀ ତା କଥା ମନେ ପଡୁଛି । କାହିଁକ ଏମିତି ଲାଗୁଛି।

ସେ କ'ଣ ମୋ କଥା ମନେ ପକୋଉଛି। ସିଏ କ'ଣ ମତେ ମନେ ରଖିଛି? ମୁଁ ତାକୁ ଭୁଲି ପାରୁନ କାହିଁକ ? ନଜ ପ୍ରଶ୍ନ ଜାଲରେ ନଜେ ଛନ୍ଦି ହେଇଯାଏ ରାହୁଲ। କେତେ ସୁଖରେ ସିଏ ଥିବ। ନତି ନତି କେତେ ସୁନେଲି ସ୍ୱପ୍ନ ଦେଖୁଥିବ ସିଏ। ମୁଁ ତ କେବେ ଠାରୁ ତା ମନ ଆକାଶ ରୁ ଲିଭି ସାରିଥିବି। ଏମିତି ଭାବୁ ଭାବୁ ଘର ପାଖରେ ପହଞ୍ଚି ସାରିଥିଲା ରାହୁଲ। ପତ୍ନୀ କବାଟ ଖୋଲୁ ଖୋଲୁ କହିଲେ କଣ ଆଜିବି ଟିକେ ପିଇ ଦେଇ ଆସିଛ। ତମେ ଯାହା କରୁଛ କର ଦରମା ପାଇବା କ୍ଷଣି ସେ ଭାଟି କୁ ନ ଯାଇ ସିଧା ଘରକୁ ଆସିବ। ତମର ସେ ନାଲି ପାଣି ତମକୁ ସର୍ବନାଶ କରିଦେବ। ମୋ କଥା ଶୁଭୁଚ ନାଁ ନାହିଁ।

ସେସବୁକୁ କାନ ନଥାଏ ରାହୁଲ ର। ଲିଲି ପ୍ରେମ ରେ ଉବୁଟୁବୁ ହେଉଥିବା ରାହୁଲ ସବୁ ଭୁଲି କେବଳ ଲିଲି କଥା କୁ ନଜର ଦିଏ। ବୟସ ଉଣେଇଶ ଗୋରା ରଙ୍ଗ ପତଳା ଚେହେରା ଦେଖି ବାକୁ ବେଶ୍ ସୁନ୍ଦର। ଯିଏ ଦେଖିଲେ ଲୋଭ କରିବ। ରାହୁଲ ସେତେବେଳେ ଦୋକାନ ଖଣ୍ଡିଏ କରିଥାଏ କଲେଜ ପାଖରେ। ସେଇ କଲେଜ ରେ ପଢୁଥାଏ ଲିଲି। ରାହୁଲ ଲିଲିକୁ ଭାରି ପସନ୍ଦ କରେ। ଯେତେବେଳେ ଲିଲି ତା ଦୋକାନ କୁ ଆସେ ସେ ତାକୁ କଛି ଜିନଷ ମାଗଣାରେ ଦେଇଦିଏ। ସମସ୍ତ ଙ୍କ ଅନୁସାରେ ତାକୁ କମ ଦରରେ ଜିନଷ ଦିଏ।ଝିଅ ମାନେ ତ ଲୋଭି । ଯୋଉଠି ଟିକେ ଶସ୍ତା ପାଇବେ ନତି ସେଇଠି ହାଜର।

ଦିନ କୁ ଦିନ ଏମିତି ଯିବା ଆସିବା ଭିତରେ ଦୁହିଁଙ୍କର ସମ୍ପର୍କ ବଢିଲା। ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଲେ। କେହି କାହାକୁ ଗୋଟିଏ ମୂହୁର୍ତ୍ତ ବି ଛାଡ଼ି ବଞ୍ଚିବା କଷ୍ଟକର ହୋଇପଡ଼ିଲା।

ଏମିତି ପରିସ୍ଥିତି ରେ ଉଭୟଙ୍କ ପରିବାର ଲୋକେ ଜାଣିଲେ | ଦୁହେଁ ଦୁହିଁଙ୍କୁ ବାହା ନହେଲେ ବଞ୍ଚିପାରିବେ ନାହିଁ ବୋଲି କହିଲେ। ଦୁହେଁ ଏକା ଜାତିର ହୋଇଥିବାରୁ ଉଭୟ ଙ୍କ ପରିବାର ଲୋକେ ଅରାଜି ହେଲେ ନାହିଁ। ଦୁହେଁ ବେଶ୍ ମୁକ୍ତ ଆକାଶର ପକ୍ଷୀ ଭଳ ଉଡ଼ି ବୁଲିଲେ। କଛି ଦିନ ପରେ ଲିଲିକୁ ଜୋରରେ ଜର ହେଲା । ମେଡିକାଲ ରେ ବହୁତ ଦିନ ପଡ଼ି ରହିଲା। କନ୍ତୁ ଜର ଭଲ ହେଲାନାହିଁ। କଛି ଦିନ ପରେ ଲିଲି ଆଖି ବୁଜିଲା।

ସେହିଦିନ ଠାରୁ ରାହୁଲ ନଶାକୁ ସାଥୀ କରି ନେଇଛି। ଏମିତି ଅବସ୍ଥା ଦେଖି ବାପା ମା ତାକୁ ଆଉ ଗୋଟିଏ ଝିଅ ସହ ବାହାଘର କରିଦେଲେ। କନ୍ତୁ ନାଁ... ଆଜି ପର୍ଯ୍ୟନ୍ତ ସେ ଲିଲିକୁ ଝୁରି ହେଉଛି। ଆଉ ନଶା କୁ ନଜର କରି ବଞ୍ଚିରହିଛି।ସବୁବେଳେ ଲିଲି କୁ ଅନୁଭବ କରୁଛି । ଏଇ ନଶା ଭିତରେ।

ପ୍ରେମ ଏକ ଏମିତି ଜିନଷ ମନ ଯାହାକୁ ଖୋଜେ ସେହି ହିଁ ସବୁବେଳେ ମନ ଭିତରେ ଥାଏ।ତା ଜାଗା କେହି ନେଇ ପାରିବେ ନାହିଁ, ସେ ଜୀବିତ ଥାଉ କ ମୃତ୍ୟୁ।

ସମଲ, ତାଳଚେର, ଅନୁଗୋଳ

# ଗ୍ରାମ୍ୟ ମଣିଷ



ଚତରଞ୍ଜନ ବେହେରା

ଗାଁ ରେ ମଣିଷ ଆନନ୍ଦରେ ରହେ ପ୍ରକୃତି କୋଳରେ ରହି ।
ଜୀବନଟା ତାର ଅତି ଆନନ୍ଦରେ ଯାଏ ଅତିବାହିତ ହେଇ ।।

ଗାଁ ଆମ୍ବ ତୋଟା ନଦୀର ଗାଧୁଆ ବଢ଼ିପାଣି ମାଛ ଧରା ।
ମାଣବସା ବ୍ରତ ନୁଆଁଖାଇ ସଂଗେ ପୁଷ ପୁନ ଛେର୍ ଛେରା ।।

ଗାଈ ହମ୍ବା ରଡ଼ି ଗୋଧୂଳି ସମୟ ହଳଆ ଗୀତର ମଜା ।
ଅଜା ଆଇ ଙ୍କ ଗୋପ କାହାଣୀ ଖଞ୍ଜୁଣି ଭଜନ ମଜା ।।

ନଟିଆ ଅଜା ଙ୍କ ମଜଳଆ କଥା ଗୁଡିଉଡା ବାଟି ଖେଳ ।
ଗାଁ ପରିବେଶେ ବହୁତ ମଜାରେ କଟି ଯାଏ ଦିନ କାଳ ।।

ପରିବା ବାଡ଼ିରେ ଭର୍ତି ହେଇଥାଏ ନାନା ଜାତିର ପରିବା ।
ପଦ୍ମ ଫୁଲରେ ସାଜି ହେଇଥାଏ ଗାଁ ପୋଖରୀ ଗାଡିଆ ।।

ଗାଁ ମୁଣ୍ଡ ର ନଦୀର ପାଣି ବହି ଯାଏ ଖଳ ଖଳ ।
ସୁନ୍ଦର ଦିଶେ ଗୁରି ଦିଗେ ଥିବା ଗାଁ ପର୍ବତ ପାହାଡ଼ ।।

ବେଙ୍ଗ ଡାହୁକ କୋପତ କୋଳଳ ର ସ୍ୱର ଶୁଭେ ଗାଁ ରେ ।
ବୁର ଜାମୁ ଖଜୁରୀ କୋଳ ଖାଇବାକୁ ମଜା ଲ୍ଗେରେ ।।

ଋତୁ ଅନୁସାରେ ଗାଁ ପରିବେଶ ସବୁବେଳେ ବଦଲୁ ଥାଏ ।
ଗ୍ରାମ୍ୟ ମଣିଷ ଟିଏ ଗାଁ ର ମଜା ଉପଭୋଗ କରିଥାଏ ।।

ମାଝିସାହି,ବଘିଆପଡା,ବୌଦ୍ଧ

# ଦୁଃଖ ପିଞ୍ଜର୍‌ରେ ବନ୍ଧା ଏ ଜୀବନ



ସନ୍ଧ୍ୟାର୍‌ଣୀ ଦାଶ

ଦୁଃଖ ସବୁ ସାଲୁବାଲୁ ହୁଅନ୍ତି
ହୃଦୟ ପିଞ୍ଜର୍‌ରେ
ଛାଟିପିଟି ହୁଅନ୍ତି
ର୍‌ସ୍ତା ବି ଖୋଜନ୍ତି
ନସ୍ତାର ପାଇବାକୁ
ଏ ଛୋଟ ହୃଦୟରୁ...
କନ୍ତୁ ହୁଅନ୍ତି ବେଲଗାମ୍ ଘୋଡ଼ା
କାହିଁକି ନା ଅପର୍ଯ୍ୟାପ୍ତ
କାମନାର ଭଣ୍ଡାର
ଆମର ଏ ହୃଦୟର ଘର...
ଦୁଃଖର ପରିସୀମା..
ସେ ତ ଅମାପ ଆଉ ଅନନ୍ତ....
ଆଉ ହୋଇଥାନ୍ତି ନଷ୍ଟିତ...

ଦୁଃଖମୟ ଏ ସଂସାର
ଅନେକ ଯାତନାର ଗନ୍ତାଘର
ଚନ୍ଦ୍ରକଳା ପରି ବଢ଼ିଥାଏ ଦିନ, ପ୍ରତିଦିନ
ନ ଥାଏ ତାହାର ନଦାନ...
ଏକ ଅନ୍ତହୀନ ସମୁଦ୍ର
ଏକ ବିଶାଳ ଆକାଶର ସମାବେଶ...

କୋର୍‌ପୁଟ

# ଈଶ୍ୱରଙ୍କୁ ଚଠି



ସଞ୍ଜୟ କୁମାର ନାଏକ(ସଞ୍ଜୁ)

ହେ ଈଶ୍ୱର ତୁମକୁ ମୁଁ
କରେ କୋଟି ନମସ୍କାର
ମାନବ ଜନମ ଦେଇ
ମୋତେ କରିଛ ଉପକାର
ଦେଖିଲି ଜାଣିଲି ଏ ଜଗତ
ଭ୍ରମିଲି ମୁଁ ଦୂରଦୂରାନ୍ତର ।
ଭାଇ ଭଉଣୀ ପିତାମାତା
ତାଙ୍କୁ ମୋ କୋଟି ଜୁହାର,
ପାଳ ପୋଷି ବଡ଼ କଲେ ମୋତେ
ଦେଇ  ସ୍ନେହ, ଶ୍ରଦ୍ଧା ଓ ଆଦର
ପଢିଲି ମୁଁ ଯେ କେତେ ପାଠ
ଦିଶିଲା ବାଟ ପରିଷ୍କାର
ଚଳାପଥରେ ପାଦ ପକେଇ
ଲାଗିଲା ସତେ ଭାରୀ ସୁନ୍ଦର ।
ସାଙ୍ଗ ସାଥୀ ମେଳେ ମୋ ଦିନ ଗଲା
କଲି ତାଙ୍କ ସାଥେ ବିହାର
ପିତା ମାତା ଗୁରୁଜନେ ଦେଇ ଭକ୍ତି
ପାଇଲି ତାଙ୍କଠୁ ମୁଁ ଆଦର ।

ଭକ୍ତି ପ୍ରୀତି ସ୍ନେହ ଭାବ କେତେ

ମୋ ମନେ ଦେଲ ସୁବିଚାର

ହେ ଈଶ୍ୱର ତୁମକୁ ଧନ୍ୟବାଦ

ମାନବ ଜନମ ଦେଇ

ମୋତେ କରିଛ ଉପକାର

ପୂଜିବି ତୁମ ପୟରେ ମୁଁ ନିରନ୍ତର ॥

ବଡଝାଙ୍କରପାଲି, ପିପଲଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାଟଣାଗଡ଼

# ଦେବଦୂତ କୃଷ୍ଣ



ଡକ୍ଟର ମଧୁସ୍ମିତା ମିଶ୍ର

ନନା, ବୋଉ,

ମୁଁ ସୁନୁ ।
ତୁମ ଦୁହିଁଙ୍କ ପାଇଁ ସ୍ୱତନ୍ତ୍ର ଚଠି।

ବଂଶାନୁକ୍ରମେ ପ୍ରଚଳତ ପ୍ରଥା ଅନୁସାରେ ଘରର ବଡ ପୁଅ ଭାବରେ ମୋ ନାଁ ଥିଲା କୃଷ୍ଣ ଚନ୍ଦ୍ର ମହାପାତ୍ର ( ସୁନୁ)। ଗେହ୍ଲା ରେ ନନା ଡାକନ୍ତି କୁଶୁନଆ। ପୁରୀ ତିଆଡି ସାହି ର ସ୍ୱର୍ଗତ ଲୋକନାଥ ମହାପାତ୍ର ଙ୍କ ନାତି ଓ ଶ୍ରୀ ପ୍ରମୋଦ ମହାପାତ୍ର ଓ ଶ୍ରୀମତୀ ମିତ୍ରା ଦେବୀଙ୍କ ଏକମାତ୍ର ପୁତ୍ର। ମାମୁନୀ ର ଆଦର ର ଭାଇନା।

ଆଜି କ ଦଶ ଦିନ ହେବ ମୁଁ ଚାଲି ଆସିବାର। ମୁଁ କିନ୍ତୁ ସବୁ ଦେଖୁଛି, ସବୁ ଶୁଣୁଛି। ଦୁଇ ଦିନ ଥଣ୍ଡା ଜର ହେଉଥିଲା, ହୋମିଓପାଥି ଔଷଧ ଖାଉଥିଲି। ହଠାତ୍ ୩୦ ଏପ୍ରିଲ ଦିନ ୧୨ ଟା ବେଳେ ଛାତି ଟା ଟିକେ କାଟିଲା। ଆମ ଘର ଠାକୁର ଘରେ ବସିଥିଲି। ନାହିଁ ନାହିଁ କରୁଥିଲି। ନନା ଜବରଦସ୍ତି କରି ୩ ଟା ବେଳକୁ ପୁରୀ ବଡ଼ ମେଡ଼ିକାଲ ନେଇଗଲେ। ଜନ୍ମ ହେଇଥିବା ବେଡ୍ ରେ ବସୁ ବସୁ ମୃତ୍ୟୁ କୋଳେଇ ନେଲା। ପୋଷ୍ଟମର୍ଟମ ପାଇଁ ଶବଗୃହ ରେ ମୋତେ ରଖିଦେଲେ। ପାହାନ୍ତିଆ ବର୍ଷା ରେ ନନା ମୋର ଦଉଡି ଆସିଛନ୍ତି ମେଡିକାଲ କାଳେ ପୁଅ ମୋର ବର୍ଷା ପାଣି ପଡି ବଞ୍ଚି ଯିବ କ**?**

ନନା, କ ନର୍ଭେଜାଲ, ପୁତ୍ରମୋହ। ମୁଁ ଶବଗୃହ ରେ ତମେ, ବୋଉ, ସାନ ଭଉଣୀ ମାମୁନୀ ମୋ ମୃତ୍ୟୁ ରେ ମର୍ମସ୍ପର୍ଶୀ କ୍ରନ୍ଦନ ରତ। କିଏ କାହାକୁ ଶାନ୍ତ୍ୱନା ଦେବ।

ମୋର ତ ପିଲା ଦିନରୁ ହାର୍ଟ ରେ କଣା ଥିଲା। ପୋଷ୍ଟମର୍ଟମ ରିପୋର୍ଟ ପରେ ହୃଦଘାତ ରିପୋର୍ଟ ମିଳବା ପରେ ଅଟୋରେ ମୋତେ ଘରକୁ ନେଇ ଆସିଲେ। ବୋଉ, ନନା, ମାମୁନୀ, କକା, ଖୁଡୀ, ମାମୁଁ, ମାଇଁ, ସାଇ, ପଡିଶା ସମସ୍ତ ଙ୍କୁ ବୁକୁଫଟା କାନ୍ଦିବାକୁ ଛାଡ଼ିଦେଇ ମୁଁ ଗ୍ଲଲିଲି ସ୍ୱର୍ଗ ଦ୍ୱାର। ଅଶୀ, ଶହେ ପାଖାପାଖି ଲୋକ। ମାଇକ ରେ ଘୋଷଣା ହେଉଛି, ସମସ୍ତେ ମାସ୍କ ପିନ୍ଧ। କୋଭିଡ ବେଳ। ସାମାଜିକ ଦୂରତା ରଖ ସତରେ ମୋତେ ଏତେ ଲୋକ କେତେ ଯେ ଭଲ ପାଉଥିଲେ।

ମାମୁନୀ ଦେଲା ମୋ ମୁହଁ ରେ ନିଆଁ। ମୋ ଦେହ ଟା ସିନା ପାଉଁଶ ହୋଇଗଲା। ହେଲେ ମୁଁ ତ ସବୁ ଦେଖୁଛି, ଆଉ ସବୁ ଶୁଣୁଛି। ମାମୁନୀ ଯାହାକୁ ମୁଁ ସବୁବେଳେ ପରୀକ୍ଷା ଦେବାରୁ ଆରମ୍ଭ କରି ସବୁ ଯାଗାକୁ ସ୍କୁଟିରେ ବଡ଼ ଭାଇ ହେଇ ନେଇ ଯାଉଥିଲି, ସେ ରାତାରାତି ବଡ ପିଲା ହେଇ ଗଲା। ହଁ, ତାକୁ ହିଁ ତ ସବୁ ସମ୍ଭାଳବାକୁ ପଡ଼ିବ। ଖୁଡୀ କରି ପଠାଉଥିଲେ ମୋ ପାଇଁ ମୋ ପ୍ରିୟ ଆରିସା। ବୋଉ କରୁଥିଲେ ମୋ ପାଇଁ ପନୀର୍, କଣି ଆଣୁଥିଲି ଦହିବର୍। ମାମୁନୀ ଆଉ ମୁଁ ମନଭରି ଖାଉଥିଲୁ।

ମୁଁ ଘରେ ଅଛି ଶୁଣୁଛି, ବୋଉ ମୋ କଥା କାହାକୁ କହୁଛନ୍ତି, ଗ୍ଲଲିଯିବ ବୋଲି କ କଣ, ଘରେ ୱାସିଙ୍ଗ ମେସିନ୍, ଏସି, ଆକ୍ୱାଗାର୍ଡ ଲଗାଇ ଦେଇ ଗଲା। ସେ, ଡିବେଟ୍, ଏକ୍ସଟେମ୍ପର୍ ବକ୍ତୃତା, ଗୀତ, ଖେଳ, ଅଲରାଉଣ୍ଡର୍ ସବୁଥିରେ ମିଳଥିବା ମାଳ ମାଳ କପ୍, ଟ୍ରଫି, ସିଲଡ୍, ସଜାଡି ସାଇତି ରଖିବା ପାଇଁ ହାତ ରେ ମାପି ବରାଦ ଦେଇ ଗଦରେଜ ଆଲମୀରା ରେ ସଜାଇ ରଖି ଦେଇଗଲା।

ମନେ ପଡୁଛି, ମୁଁ ଗ୍ଲଲିଯିବା ଖବର ଉମି ମାଉସୀ କୋହ ଉଠାଇ କାନ୍ଦି କାନ୍ଦି ବଡ଼ ମାମୁଁ ଙ୍କୁ ଜଣାଇଲେ। ସବୁ ମାଉସୀ, ମାମୁଁ, କକା, ଖୁଡୀ ବନ୍ଧୁ ପରିଜନ ସମସ୍ତେ ସ୍ତବ୍ଧ। ବୋଉ କହୁଛନ୍ତି ବଡ଼ ମାଇଙ୍କୁ, ଭାଉଜ, ବୋଧହୁଏ ଗ୍ଲଲିଯିବ ବୋଲି ଜାଣି ପାରିଥିଲା, କୋଭିଡ କୋହଳ ହେବା ଦୁଇ ମାସ ଭିତରେ ମୋତେ ନେଇ ମାଉସୀଙ୍କ ଘର, ଆଇ ଘର ସବୁଆଡେ ବୁଲାଇ ଆଣିଲା। ନନା, ବୋଉଙ୍କୁ ନେଇ ଶ୍ରୀ ମନ୍ଦିର ଜଗନ୍ନାଥ ମନ୍ଦିର ଦର୍ଶନ କରେଇ

ଆଣିଲ୍ । ମାମୁନୀ ଆଉ ଆମ ଦୁଇ ଜଣଙ୍କ ସାଙ୍ଗ ରେ ଦିନେ ସମୁଦ୍ର କୂଳରେ ବସେଇ ବୁଲେଇ ଆଣିଲ୍ । ମୁଁ ହସୁଛି । ଯାହାହେଉ ମୁଁ କେତେ କାମ କରି ଦେଇଛି ।

ମୁଁ ଯାଇଥିଲି, ଜେଜେମା ପାଖକୁ । ତାଙ୍କୁ ଦେଖିବା ପାଇଁ । ୮୯ ବର୍ଷ ବୟସରେ ସେ ସମସ୍ତ ଙ୍କୁ ଚହ୍ନିବା ବେଳେ ମୋତେ ନ ଚହ୍ନିବାରୁ ଅଭିମାନରେ ଉଠି ଆସୁ ଆସୁ ତିନ ଘଣ୍ଟା ଧରି ଗପିଲି । କକାମାନେ, ମାମୁଁ ମାନେ କହୁଛନ୍ତି, ସୁନୁ ପରି ସୁନ୍ଦର ପିଲ୍ ସତେ ଯେମିତି ଶୋଇଛି ।




ନନା କହୁଛନ୍ତି, ସବୁ ଆରମ୍ଭ କରିଦେଲ୍, ମୋତେ ଭସାଇ ଦେଇ ଗଲ୍ । ଉପର ଘର ନନଟେଲ ପକାଇ, କହିଲ୍, ବୋଉ, ଆମର ଏତେ ବଢ଼ିଆ ଜାଗା ଥାଉ ଥାଉ ଆମେ ଆଉ କୁଆଡ଼କୁ ଯାଇ କାହିଁକି ଘର କରିବା? ଆମେ ଏହି ଉପର ମହଲ୍ ବଢିଆ କରି କରିବା । ମୁଁ ଦୁଇଟା ତାଲିକା କରିଛି, ଘର ପ୍ରତିଷ୍ଠା ବେଳେ ଦୁଇଟା ଭୋଜି ହେବ । ପରିବାର, ଅଜାଘର ର ସମସ୍ତ ଙ୍କୁ ଗୋଟିଏ ଭୋଜିରେ ଡାକବା, ସାହି ଭାଇ ଓ ସାଙ୍ଗସାଥି ମାନଙ୍କୁ ଆଉ ଗୋଟିଏ ଭୋଜି ଦେବା । ତାଲିକା ତ ମୁଁ କରିଦେଇଛି, ଘର ତିଆରି ଶେଷ କରିବେ ନନା ଆଉ ସମସ୍ତ ଙ୍କୁ ନିମନ୍ତ୍ରଣ କରିବେ ନନା ।

ଏହି ଦଶ ଦିନ ଭିତରେ କୋଚିଂ ସେଣ୍ଟର ରୁ ମୋର କେତେ ଛାତ୍ର ଛୁଟି ଆସୁଛନ୍ତି ମୋ ମୃତ୍ୟୁ ରେ ମୋ ନନା, ବୋଉଙ୍କୁ ସମବେଦନା ଜଣାଇବା ପାଇଁ। କହୁଛନ୍ତି, ଆମେ କୃଷ୍ଣ ସାର୍ ଙ୍କ ପରି ଶିକ୍ଷକ ଆଉ କେଉଁଠି ପାଇବୁ। ମଣିଷ ଯେମିତି ଭଲ, ବ୍ୟବହାର ତାଠାରୁ ଆହୁରି ଭଲ। ବଡ଼ ଙ୍କୁ ସମ୍ମାନ, ସାନମାନଙ୍କୁ ସ୍ନେହ, ସାଙ୍ଗମାନଙ୍କ ସହ ଆଦର ସବୁଥିରେ ସେ ଥିଲେ ଅଦ୍ୱିତୀୟ। ସତରେ ମୁଁ ତାହାଲେ ଏତେ ଭଲ କାମ କରିଛି???

ବୋଉ, ନନା, ମାମୁନୀ ଦେଖୁଛନ୍ତି, ପାଞ୍ଚଶହ, ଦୁଇ ଶହ, ଶହେ, ପଚାଶ, କୋଡ଼ିଏ, ଦଶ ଟଙ୍କିଆ ନୋଟ୍ ମୁଁ ତାକୁ ଥାକ ଥାଅ କରି ରଖି ଦେଇ ଆସିଛି। ବୋଉଙ୍କୁ ପାଇଁ ଯାହା ଭଲ ଲାଗେ କିଣି ଦେଇଛି। ମାମୁନୀ କୁ ନେଇ ଗଲା ମାସ ରେ ଦୁଇଟି ବଢିଆ ଡ୍ରେସ୍ କିଣାଇ ଦେଇଛି। ନିଜ ବିଷୟରେ କାହାକୁ ଦେଖାଇ ହେଇ କହିବାକୁ ଭଲ ପାଇନି। ସ୍ୱାଭିମାନ କୁ ନେଇ ବଞ୍ଚୁଥିଲି। ଆମ ବ୍ୟାଚ ଟପର ତେଣୁ ଚେଷ୍ଟା କରିଥିଲେ ହୁଏ ତ ବାହାରକୁ ଯାଇ ଥୋଡାଏ ଟଙ୍କା ରୋଜଗାର କରିପାରିଥାନ୍ତି, କିନ୍ତୁ ନନା ବୋଉ ଙ୍କ ପାଖରେ ତ ରହି ପାରି ନଥାନ୍ତି।

ବୋଉଙ୍କ ସାର୍ ଦୋଳ ସାର୍ ଛୁଟି ଆସିଛନ୍ତି ଆଖିକୁ ଦିଶୁନି କିନ୍ତୁ ମୋ ପାଇଁ ଧାଇଁ ଆସିଛନ୍ତି ମୋ ନନା ବୋଉ ଙ୍କୁ ବୋଧ ଦେବାକୁ। ମୋତେ ସତେ ଲୋକମାନେ କେତେ ଭଲ ପାଆନ୍ତି। ଯିଏ ଆସୁଛନ୍ତି ନନା ବୋଉଙ୍କୁ କହୁଛନ୍ତି, ତମେ ସିନା ତାକୁ ଜନ୍ମ ଦେଇଥିଲ, ଜଗନ୍ନାଥ ଙ୍କ ପୁତ୍ର ଥିଲା ସେ। ଈଶ୍ୱର ତାକୁ ନେଇ ଗଲେ। କୃଷ୍ଣ ଯେମିତି ଭଲ ପାଇବା ବାଣ୍ଟି ଦେଇଥିଲେ, ମୁଁ ସେମିତି ଭଲ ପାଇବା ଦେଇ ଆସିଛି। ସମସ୍ତେ କହୁଥିଲେ, ମୋ ନାଁ କୃଷ୍ଣ। ମୁଁ କାଳେ କୃଷ୍ଣ ଙ୍କ ପରି ସୁନ୍ଦର ଦେଖିବାକୁ ଥିଲି।ମୋର ଥିଲା ଶାନ୍ତି, ସଉମ୍ୟ ସରସ ଚେହେରା।

ମାତ୍ର ପଚଶି ବର୍ଷ ବୟସରେ ମୁଁ ସତରେ କେତେ କାମ କରି ଦେଇଛି। ମୋ କୃତିତ୍ୱ ଶୁଣି ବୋଉ ନନାଙ୍କ ମନ କୁଣ୍ଢେମୋଟ ହେଇ ଯାଉଛି। ୯ ତାରିଖ ରେ ଦଶ କାମ ସରିବା ପରେ ନନା ବୋଉ ମୋତେ ଖୋଜିବ। ମୋଟ ଉପରେ ଖୋଜିବନି। ମୁଁ ପରା ତୁମ ପାଖରେ, ଆଗରେ, ପଛରେ ଗୁରିପାଖରେ ଅଛି। ତମେ ସିନା ମୋତେ ଦେଖି ପାରୁନ, ମୁଁ ତୁମର ସେହି ଯୋଗ୍ୟ ସନ୍ତାନ, ଏସ.ସି.ଏସ. କଲେଜ ର କମର୍ସ ସ୍ନାତକୋତ୍ତର ବିଭାଗ ଟପ୍ପର୍,

ପୁରୀ ସହର ର ସବୁ ବକ୍ତୃତା ପ୍ରତିଯୋଗିତା ଶ୍ରେଷ୍ଠ ପ୍ରତିଯୋଗୀ, ଯାହାକୁ ନେଇ ତୁମେମାନେ ଗର୍ବିତ ଅନୁଭବ କରୁଛ।

ମଦନ ସାର୍ ଙ୍କ ଅକୁଣ୍ଠିତ ସାହାଯ୍ୟ ପାଇଁ ତାଙ୍କ ନିକଟରେ ଚିର କୃତଜ୍ଞ। ମଦନ ସାର୍ କହିଛନ୍ତି, ଗୋଟିଏ ଉଦୀୟମାନ, ବୁଦ୍ଧିଦୀପ୍ତ, ତରୁଣ ଜୀବନ ର ଅବସାନ ଘଟିଲା।

ଏହାହିଁ ମୋର ସଫଳତା।

ତୁମ ପୁଅ ସୁନୁ

Madhu1691@gmail.com

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।

ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ହେ ମୋର ପ୍ରିୟ ସରକାର



ଶକୁନ୍ତଳା ପରିଡ଼ା

ହେ ମୋର ପ୍ରିୟ ସରକାର
କେବେ ବୁଝିବ କଷ୍ଟ ଦୁଃଖିରଙ୍କଙ୍କର
କେତେ ଦିନ ଗ୍ଲିବ ନାରୀ ନର୍ଯାତନା ?
କେବେ ପାଇବ ନ୍ୟାୟ ଅସହାୟ ଶିଶୁକନ୍ୟା ?

ଭୋଟ ଆସିଲେ ମାଉସୀ, ମୁଁ ପୁଅ ତୁମର
ଭୋଟ ସରିଲେ କେଉଁ ପୁଅ କାହାର ?
ଆମେ ଦେଲୁ ତୁମକୁ ମନ୍ତ୍ରୀପଦ
ତୁମେ ଛଡେଇନେଲ ଆମ ମୁଣ୍ଡରୁ ଛାତ ।।

କ୍ଷେତରେ ଖଟି ଆମେ ତୁମକୁ ଦେଲୁ ଧାନ
ଟଙ୍କିକଆ ଗ୍ଉଳ ବାଣ୍ଟି ବୋଲଉଛ ମହାନ,
ଆମଠୁ ଟ୍ୟାକ୍ସ ନେଇ କରୁଛ ବେପାର
ବଢେଇ ଦର ତେଲ, ଡାଲି ଆଉ ଗ୍ଉଳର ।।

ଗ୍ଷୀ ପାଇଁ ନାମକୁ କାଳଆ ବଳଆ ଯୋଜନା କରିଲ
ଟଙ୍କା ତୁମ ଦଳ ଲୋକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କଲ,
ସଭିଙ୍କ ଘର ଆଲୋକତ ପାଇଁ ସୌଭଗ୍ୟ ଯୋଜନା କଲ
ଗରିବଙ୍କ ଘର ଅନ୍ଧାର ରହିଲା, ବଡଲୋକଆଙ୍କ ଘରେ ଆଲୁଅ ଜଳେଇଲ ।।

ପାଣି ଦେଲ ପିଇବା ପାଇଁ, ପାଣି ଆସୁନ ସେଠି
ବଡବଡିଆଙ୍କ ଘରେ ଦେଲ ପାଣି ପାଇପର ଭେଟି,
ଗରିବଙ୍କ ତଣ୍ଟି ଶୁଖିଲା ଶୋଷରେ
ପାଣି ଭର୍ତ୍ତି ହେଲା ତୁମ ଦଳଲୋକଙ୍କ ଟାଙ୍କିରେ ।।

ରିକ୍ସା ଟାଣୁଥିବା ପିଲା ଟପର ହେଲେ
ଚାକରୀ କରିଲେ ଏମ.ପି, ଏମ.ଏଲ ଙ୍କ ପିଲେ,
ହେ ମୋର ପ୍ରିୟ ସରକାର
ଏ ରାଜନୀତି ଖେଳରେ ତୁମେ ବଡ଼ ସ୍ୱାର୍ଥପର ।।

ଗାଡ୍ରେଇ(ଡ଼ାହାଣିଖିଆ),
ନାଉଗାଁ, ଜଗତସିଂହପୁର

# ମୋ ଗଞ୍ଜାମ



ତ୍ରିପତି ପ୍ରଧାନ

ଓଡିଶା ରାଜ୍ୟର  ଜିଲ୍ଲା ଯେ ଗଂଜାମ
ସ୍ଥାନତ ଦକ୍ଷିଣ ପ୍ରାନ୍ତ
କେତେ ନଦ ନଦୀ ସ୍ଥାନ ଦର୍ଶନୀୟ
ଧରି ରଖି ଅଛି ଅନ୍ତ (୧)
ତିଇନ ହଜାର  ଦୁଇ ଶତ ବାର
ଗ୍ରାମକୁ ଧାରଣ କରି
ପଞ୍ଚଶତ ତିନ ଗ୍ରାମ ପଞ୍ଚାୟତ
ବାଇଶି ସମିତି ଭରି(୨)
ବିଜ୍ଞାପିତ ଅଂଚଳ ପରିଷଦ
ଗଠିତ ଯେ ଷୋଡଦଶ
ଗୋଟିଏ ନଗର  ଏକ ପୌରପାଳ
ତହସିଲ ତ୍ରୟୋବିଂଶ  (୩)
ପାଆଞ୍ଚ ଅଧିକ  ତିରିଶି ଟି ଥାନା
ଦୁଇଟି ଆରକ୍ଷୀ ଜିଲ୍ଲା
ତେରଟି ବିଧାନ  ଦୁଇ ଲୋକ ସଭା
ଗଠିତ ହୋଇଛି ଭଲା  (୪)
ରକ୍ଷା କର୍ତ୍ତା ସାଜି   ପୁତା ଶିରିକ୍ଷେତ୍ର
ତ୍ରାଣକର୍ତ୍ତା ସିଂହାସିନୀ
ପଞ୍ଚ ମହାଦେବ   ବୁଢଖୋଲ କ୍ଷାତ
ମା ବିରଞ୍ଚି  ନାରାୟଣୀ  (୫)

ମା ତାରତାରିଣୀ ଦୁଃଖ ବିନାଶିନୀ
ପଞ୍ଚମାରେ ବିନାୟକ
ଭୈରବୀ ଗୁଞ୍ଜଡା ବିଦ୍ୟ ଶିବଶିବା
ଭୈରବୀ ଭୟ ନାଶକ ( ୬)
ବୁଢୀ ଠାକୁରାଣୀ ମା-ଫୁଲକାଶୁଣି
ଖମ୍ବେଶ୍ୱରୀ ରମେଶ୍ୱର
ମା ଲିମେଇଶୁଣି ଶ୍ରୀପାର୍ଥସାରଥୀ
ରମଚଣ୍ଡୀ ବଟେଶ୍ୱର (୭)
ପଞ୍ଚମା ତାମ୍ବର ମହୁରୀ କାଳୁଆ
ଭବାନୀ ନିର୍ମଳଝର
ଦୁର୍ଗା ନାରାୟଣୀ ମହେନ୍ଦ୍ର ବନାନୀ
ଭଗବତ ବାଣ୍ୱେଶ୍ୱର (୮)
ଉଷ୍ଣପଶ୍ରବଣ ତପ୍ତପାଣି ନାମ
ଈଶ୍ୱର ଉଜ୍ଜ୍ୱଳେଶ୍ୱର
କୁଲାଡ଼ରେ ସ୍ଥିତ ମାତା ବାଗଦେବୀ
ଗଂଜାମ ତାଙ୍କ ଆଶ୍ରିତ (୯)
ଭଗିରଥି ସମ ବାହୁଦା ତଟିନୀ
ବଡନଦୀ ଋଷିକୁଲ୍ୟା
ସାପୁଆ ବାଘୁଆ ପବିତ୍ର କାରିଣୀ
ଦାନେ ସବୁଜ ସଫଳା। (୧୦)
ଓଡ଼ିଆ ସହିତ୍ୟେ କବିର ସମ୍ରାଟ
ଭଞ୍ଜ କବି ଉପେଇନ୍ଦ୍ର
ସାହିତ୍ୟ ଆକାଶେ ଉଜ୍ଜ୍ୱଳ ନକ୍ଷେତ୍ର
କବି ସୂର୍ଯ୍ୟ ବଳଦେବ (୧୧)

ସଂସ୍କୃ ତଶିକ୍ଷକ, ଚକଟି

# କାହିଁ ଗଲ ଈଶ୍ୱର



ନବ କୁମାର ଦାସ

କାହିଁ କାହିଁ ତୁମ ସତ୍ତା ପ୍ରତିରୂପ
ପ୍ରତିଶୃତି ସ୍ନେହ ପ୍ରେମ
ସିଂହାସନ ଛାଡି ପଳେଇ ଗଲକ
ଆଉ କେଉଁ ଏକ ଧାମ ॥

ଈଶ୍ୱର ହେଇକ ସବୁବେଳେ ଥାଅ
ସବୁଆଡେ ପର୍‌ ଥାଅ
ତିକ୍ତ ଯନ୍ତ୍ରଣାର ତବ ଦାନ ପ୍ରାଣେ
ଉପଶମ ପର୍‌ ଦିଅ ॥

ବାନ୍ଧି ଦେଲ କବା ନେତ୍ରେ କଳାପଟି
ଭୁଲିଗଲ ଭକ୍ତ ଗଣ
କୁହ କୁହ ତେବେ କେଉଁ କାରଣରେ
ଈଶ୍ୱରତା ତୁମ ପଣ ॥

ବିଶ୍ୱ ବିଷାଦରେ କାଟୁଛି ସମୟ
ପ୍ରାଣ ବହେ ଝର ହେଇ
ଆଉ କେତେ ପ୍ରାଣ ଗ୍ଭଲିଗଲ୍ ପରେ
କୃପା ବର୍ଷିବ ଗୋସେଇଁ ॥

ଈଶ୍ୱର ହେଇକ ପାରିବନ ଯଦି
ଛାଡିଦିଅ ସିଂହାସନ
ଯଦି ବଞ୍ଚେ ପ୍ରାଣ ନର୍ବାଚତ କରି
ବାଛିଦେବୁ ଭଗବାନ ॥

ସୁରଡ଼ିହା, ବାଲିଆପାଳ, ବାଲେଶ୍ୱର

# ସର୍ତ୍ତ



ବିଜୟ କୁମାର ସାହୁ

ହେ ରାମ ! ହେ ନୟନାଭିରାମ ! ତୁମେ ମୋ ବିଶ୍ୱାସରେ, ତୁମେ ମୋ ନିଃଶ୍ୱାସରେ, ତୁମେ ମୋ ପ୍ରଶ୍ୱାସରେ, ତୁମେ ମୋଧମନୀରେ, ତୁମେ ମୋ ହୃତହୃତରେ, ତୁମେ ମୋ ଗତିରେ, ମୁକ୍ତିରେ ଏବଂ ସର୍ବବ୍ୟାପୀ, ସର୍ବଜ୍ଞାତା, ସର୍ବଶକ୍ତିମାନ ଈଶ୍ୱର। ତୁମକୁ ଛାଡି ମୋ ନୀରାଜନା ବ୍ୟର୍ଥ। ସକଳ ବିଶ୍ୱାସରେ ତୁମେ ଥାଅ କି ନ ଥାଅ, କିନ୍ତୁ ମୋ ବିଶ୍ୱାସରେ ତୁମେ ବିଦ୍ୟମାନ। ତୁମକୁ ନେଇ ଅବଧପୁରରେ ଇତିହାସ ସୃଷ୍ଟି ହୋଇଛି, ମିଥିଳା ସହିତ ତୁମର ଆତ୍ମା ଏକୀଭୂତ ହୋଇଛି-ସୀତା ସ୍ୱୟମ୍ବରରେ। ରାମ ରାଜ୍ୟ ପ୍ରତିଷ୍ଠା କରି ତୁମେ ଚକ୍ରବର୍ତ୍ତୀ ସମ୍ରାଟ ବୋଲାଇଛ। କାହା ସହିତ କିପରି ଆଚାର ବ୍ୟବହାର ସମ୍ପର୍କ ସ୍ଥାପିତ କରିବାକୁ ହୁଏ ତାହା ତୁମଠାରୁ ମାନବ ଶିକ୍ଷା ଲାଭ କରିଛି। ତୁମେ ଦଶରଥ ନନ୍ଦନ ହୋଇ ବି ସଚରାଚର ସ୍ୱାମୀ, ଦିଗନ୍ତ ବ୍ୟାପୀ ତୁମର କୀର୍ତ୍ତିରାଜି। ଲଙ୍କା ଜୟ କରିବାର ତୁମର ଜିଗୀଷା ନଥିଲା, ପରନ୍ତୁ ସମଗ୍ର ସ୍ତ୍ରୀ ଜାତିକୁ ସୁରକ୍ଷିତ ରଖିବାର ପ୍ରତିବଦ୍ଧତା, କର୍ତ୍ତବ୍ୟବୋଧତାକୁ ତୁମେ ନା ପ୍ରଭୁ ଅଙ୍ଗୀକାର କରିଥିଲ। ଆସୁରୀ ଶକ୍ତିର ବିନାଶ କରିବାର ବଳିଷ୍ଠ ଉପକ୍ରମ ତୁମ ଚରିତ୍ରର ଆଉ ଏକ ଆଙ୍ଗିକ ପରିଭାଷା। ପାରଦୈହିକ ତୁମର ସତ୍ତା ବଶିଷ୍ଠଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ଆର୍ଯ୍ୟ ଓ ଅନାର୍ଯ୍ୟ ଭିତରେ ଥିବା ବାଡକୁ ତୁମେ ହିଁ ଧ୍ୱଂସକରିଥିଲ ନା ପ୍ରଭୁ। କେବଟ, ଶବରୀ, କୋହ୍ଲ, ମହ୍ଲାର, ଆଦିବାସୀ ଜନ ଜାତିମାନଙ୍କୁ କୋଳାଗତ କରି ଅସୁମାରୀ ସୁଖ ଓ ଆନନ୍ଦ ପ୍ରଦାନ କରିଥିଲ ନା ପ୍ରଭୁ ।

ହେ ବିଶ୍ୱବିଭୁବନ ରାମ ! ବିଶୁଦ୍ଧ ତୁମ ଚେତନାକୁ ମୁଁ ବା କେଉଁ ବିଶେଷଣ ଦ୍ୱାରା ଅବଧାରିତ କରିବି, କାରଣ ଚେତନାର ଉର୍ଦ୍ଧ୍ୱରେ ତୁମେ ଏକ ମହାଚେତନା। ତୁମର ବାଙ୍ଗମୟ ରୂପକୁ କୋଟି କନ୍ଦର୍ପ ଅବଲୋକନ ଅପମନରେ ସ୍ୱକାୟାକୁ ତାଚ୍ଛଲ୍ୟ କଲେ,

ନଚେତ ଷୋଳସହସ୍ର ଋଷିବୃନ୍ଦ ନାରୀ ହେବାର ଅଭିଳାଷ ପୋଷଣ କରିଥାନ୍ତେ ବା କାହିଁକି? ବୃଥାରେ ଫଁ ଫଁ କରୁଥିବା ରାବଣ, କୁମ୍ଭକର୍ଣ୍ଣ ଆଦି ରାକ୍ଷସମାନଙ୍କୁ ବିନାଶ କରି ସତ୍ୟ ପ୍ରତିଷ୍ଠା କରି ତିନ ଲୋକରେ ପ୍ରଭୁ ପଣିଆକୁ ସାବ୍ୟସ୍ତ କରି ମଧ୍ୟ ନିର୍ବିକାର ହେବା ତୁମର ଆଉ ଏକ ବୈଶିଷ୍ଟ୍ୟ। ବିଲକ୍ଷଣ ତୁମର ଭଣ୍ଡାର। ଭବନୀୟ (ଚନ୍ତନୀୟ) ମୋ ଭାବନାରେ ତୁମେ ଭାବର ସାଗର। ଆମେ ଅଛୁ ବୋଲି ଯେ ତୁମେ ଅଛ ଯା କୁହାଯାଇପାରିବ ନାହିଁ ବରଂ ତୁମେ ଥିବାରୁ ଏ ସଚରାଚର ଜୀବ ଜଗତ ତିଷ୍ଠି ରହିଛି।

ତୁମ ଭ୍ରୂକୁଟିର ଭଙ୍ଗିମାରେ ସୃଷ୍ଟିର ସର୍ଜନା ପୁଣି ବିଲୟ ଓ ସ୍ଥିତି। ତୁମ ବ୍ୟତିରେକେ ସବୁକିଛି ଅଭବ। ହେ ରାମ ! ମୋ ଭିତରେ ଅଭାବ ଅଛି ବୋଲି ତ ତୁମ ସହିତ ଭାବର ଡୋରୀ ଲଗାଇଛି। ଏ ଡୋରୀ ଜନ୍ମଜନ୍ମାନ୍ତର ଅଛିଣ୍ଡା ହୋଇ ରହିଥାଉ। ଜଗନ୍ନାଥ ରୂପରେ ତୁମେ ନା ପ୍ରଭୁ ଉର୍ଦ୍ଧ୍ଵବାହୁ ହୋଇ, ଚକାଡୋଳାରେ ସମଗ୍ର ଚଉଦ ବ୍ରହ୍ମାଣ୍ଡକୁ ଅବଲୋକନ କରୁଛ, କଣ ବା ତୁମର ସ୍ୱାର୍ଥ। ସ୍ୱାର୍ଥ ତ ଏଇଥିପାଇଁ – ତୁମେ ଆହ୍ୱାନ କରୁଛ ହେ ପତିତ ଜୀବ ! ଆସ ମୋ ବଳୟ ଭିତରକୁ। ମୁଁ ତୁମକୁ ମୁକ୍ତି ପ୍ରଦାନ କରିବି। କାଳ ତୁମର ନୀରବ ଡାକରା ଆମେ ଶୁଣିପାରିବୁ ନାହିଁ, ସେଥିପାଇଁ ନୀଳଚକ୍ରରେ ପତିତପାବନ ବାନା ଫରଫର ହୋଇ ଡାକୁଛି ହେ ପ୍ରିୟ ଭଗତ ! ଆସ, ଆସ ମୋ ଶ୍ରୀକ୍ଷେତ୍ରକୁ। କୋଟି କୈବଲ୍ୟ ନିଧି ପ୍ରାପ୍ତ ହେବ। ତୁମେ ଯାହା ମୋତେ ଦେବ ମୁଁ ଜାଣିଛି କିନ୍ତୁ ମୋଠାରୁ ତୁମେମାନେ ସବୁକିଛି ନେଇଯା। ମୁଁ ପରା –

ପିତାମହସ୍ୟ ଜଗତୋ ମାତା ଧାତା ପିତାମହଃ।
ବେଦ୍ୟଂ ପବିତ୍ରମୋଙ୍କାର ଋକ୍ସାମଯଜୁରେବ ଚ ॥
ଗତିର୍ଭର୍ତ୍ତା ପ୍ରଭୂଃ ସାକ୍ଷୀ ନିବାସ ଶରଣଂ ସୁହୃତ।
ପ୍ରଭବଃ ପ୍ରଳୟଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ ॥
(ଗୀତା ୯/୧୭-୧୮) କିନ୍ତୁ ଗୋଟିଏ ସର୍ତ୍ତରେ:-
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ ॥

**(**ଗୀତା ୯**/**୨୨**)** ମୋଠାରୁ ଯାହା ନେବୁ ତୋତେ କଛି ଦେୟ ଦେବାକୁ ପଡିବ ନାହିଁ। ମୋର ଧନର ଆବଶକତା ନାହିଁ ଯେହେତୁ ମୋ ଘରଣୀ ଗ୍ରଣୀ ପର୍ ଲକ୍ଷ୍ମୀ**,** ମନ୍ଦିରର ଆବଶ୍ୟକତା ନାହିଁ ତୋର ହୃଦୟ ପର୍ ମୋର ମନ୍ଦିର**,** ବ୍ୟଞ୍ଜନର ଆବଶ୍ୟକତା ନାହିଁ ତୁ ଯାହା ଦେବୁ**,** ମୁଁ ତାହା ହାତ ପ୍ରସାରିତ କରି ନେଇଯିବି। ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ପ୍ରଯଚ୍ଛତି। ତଦହଂ ଭକତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥ **(**ଗୀତା ୯**/**୨୬**)** ତୁ କେବଳ ମୋର ହୋଇଯା। ସର୍ବଧର୍ମାନ ପରିତ୍ୟଜ ମାମେକଂ ଶରଣଂ ବ୍ରଜ**........**। ଏହାହିଁ ମୋର ସର୍ତ୍ତ ରେ ଏହାହିଁ ମୋର ସର୍ତ୍ତ। ଆ ପାଖକୁ ଆ**........**।

ବିଜିଗୋଳ

# କୃଷ୍ଣ ପକ୍ଷର ଚନ୍ଦ୍ର



କୀର୍ତ୍ତି ଦେବୀ

କୃଷ୍ଣପକ୍ଷର ଚନ୍ଦ୍ର ତୁ କୃଷ୍ଣଚନ୍ଦ୍ର (ସୁନୁ)
ଦ୍ୱିତୀୟା ଚନ୍ଦ୍ରଠାରୁ ପୂର୍ଣ୍ଣିମା ଭଳି
ସଭିଙ୍କ ହୃଦେ ରହିଛୁ ତୁ
ତୋ ସ୍ନେହ, ଶ୍ରଦ୍ଧା, ଆଦର ଓ ପ୍ରେମକୁ
ପରିବାର ବନ୍ଧୁ ପରିଜନ ଝୁରୁଛନ୍ତି
କେଉଁଠାକୁ ଗଲୁ ତୁ କୃଷ୍ଣ
ଈଶ୍ୱର ତୋ ଆତ୍ମାକୁ ଦିଅନ୍ତୁ ଶାନ୍ତି ସଦା
ତୋ ପାଇଁ ଆଜି କୃଷ୍ଣ କୃତ୍ତିକା ନିବାସ
ହୋଇଛି ଖାଁ ଖାଁ ।

ଉପରେ ଥାଇ ସଦା ଦେଉଥିବୁ
ଭକ୍ତି, ପ୍ରେମ ଓ ଶ୍ରଦ୍ଧା ସଭିଙ୍କୁ
ତୋ ଭାଇ ଭଉଣୀ ଆଜି ମନେ ପକାଇ ତତେ
କେତେ ଯେ ଲୁହ ଗଡାଉଛନ୍ତି
ଜଗତର ନାଥ ଜଗନ୍ନାଥ ସଭିଙ୍କୁ
ଦିଅନ୍ତୁ ଶକତି ତୋ ମୁକତି ପାଇଁ
କୃଷ୍ଣ ପକ୍ଷର ଚନ୍ଦ୍ର ତୁ କୃଷ୍ଣଚନ୍ଦ୍ର (ସୁନୁ)

କଲି ମାଉସୀ

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ମନ କାଗଜ



ରାମ ଚନ୍ଦ୍ର ପ୍ରଧାନ

ପ୍ରତୀକ୍ଷାର ମଜା ନଆର୍ ଅଟଇ
ଦୁଇ ପ୍ରେମୀ ଏକ ହେଲେ
ମନ ମରୁବନେ ପୀରତିର ଝର
ପ୍ରଣୟ ଫୁଆର ଖୋଲେ ।
ପ୍ରତୀକ୍ଷା କୋଳରେ ପ୍ରେମ ପରିଭାଷା
ମନେ ଭରିଦିଏ ଖୁସି
ବିଗତ ଦିନର ସ୍ମୃତି ଫରୁଆରେ
ପ୍ରେମରଙ୍ଗ ଯାଏ ନେସି ।
ବିକ୍ଷିପ୍ତ ମନର ଭାବନା ରାଇଜେ
ଯବନକା ପଡ଼ିଯାଏ
ମନ ଗହନର ନଭୃତ କୋଣରେ
ସ୍ମୃତି କାନ ପାରି ଶୁଏ ।
ଭେକଶୋଷ ମରି ନଦ ହଜିଯାଏ
ପ୍ରତୀକ୍ଷାରେ ହେଲେ ବାଧା
ଉଜୁଡ଼ା ମନର ସାଇତା ସପନ
ଆପେ ରହିଯାଏ ଅଧା ।
ପ୍ରତୀକ୍ଷାର ଅନ୍ତେ ମିଳଇ ଆନନ୍ଦ
ହୃଦୟେ ପ୍ରେମ ବରଷି
ତ୍ୟାଗ ସମର୍ପଣେ ପ୍ରେମଟା ହସଇ
ପ୍ରତୀକ୍ଷା ରଥରେ ବସି ।

ପ୍ରେମରେ ପ୍ରତୀକ୍ଷା ପ୍ରତୀକ୍ଷାରେ ପ୍ରେମ
ଏଇତ ସମ୍ପର୍କ ଖେଳ
ନସ୍ୱାର୍ଥ ମନରେ ଭଲପାଅ ସର୍ବେ
ସାଉଁଟି ପ୍ରେମର ଫଳ ।

ଶିକ୍ଷକ,ସାନ୍ତରାପଲ୍ଲୀ, ଗଞ୍ଜାମ

# ହେ ପ୍ରବାସୀ ଫେରିଆସ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ପ୍ରବାସୀ ଫେରିଆସ ସ୍ୱଦେଶକୁ ଏବେ
ଦେଖ ଆସି ମୋ ଦେଶକୁ ଆମେ କେତେ ଆଗେ
ଯେ ଦେଶକୁ ଛାଡିଥିଲ ମଝି ଦରିଆରେ
ସେ ଦେଶକୁ ଆପଣାନ୍ତି ବିଶ୍ୱ ଦରବାରେ
ତୁମେ ସିନା ଛାଡିଗଲ ହେୟ ମନେକରି
ଏ ଦେଶର ପ୍ରଶଂସାରେ ଏବେ ମର୍ତ୍ତ୍ୟପୁରୀ
ମୋ ଦେଶର ସଂସ୍କାରକୁ ସେ ବିଦେଶୀମାନେ
ଦେଖିଲେଣି ସ୍ୱଦେଶରୁ ବହୁ ସସମ୍ମାନେ
ଫେରିଆସ ହେ ପ୍ରବାସୀ ଫେରିଆସ ଦେଶେ
ନିଜ ମାଟି ମାଆଠାରୁ ବଡ କିଏ ସତେ
ହିମାଳୟ ଯେ ଦେଶର ଚୂଳେ ଶୋଭପାଏ
ପ୍ରଶାନ୍ତ ସାଗର ଯାର ପାଦ ଧୋଇଦିଏ
ସେ ଦେଶଠୁ ବଡ ଅବା ଦେଶ ଆଉ କିଏ
ଯେ ଦେଶରେ ଗଙ୍ଗାପରି ନଦୀ ବହିଯାଏ
ସତରେ ଏ ଦେଶ ମୋର ନାହିଁ ପଟାନ୍ତର
ଧନ, ରତ୍ନ, ବିଭବର ଅପୂର୍ବ ସମ୍ଭାର
ସାର୍ଥକ ହୋଇଛି ଏଠି ଜନ୍ମ ନେଇ ମୋର
ଫେରିଆସ ପରବାସୀ ଫେରିଆସ ଘର
ଫେରିଆସ ଘର..................

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# କୋଲାବ ଜଳେ, ଇତିହାସ ଯହିଁ ପ୍ରଣତୀ ଢାଳେ

ପ୍ରିୟବ୍ରତ ପାତ୍ର

ବଢ଼ି ଭୋରରେ କୋଲାବ ନଗରର ରାସ୍ତା ସବୁ ଭୟଙ୍କର ଭାବେ ଶୁନଶାନ୍ ଥିଲା । ଡିସେମ୍ବର ମାସର ହାଡଭଙ୍ଗା ଶୀତରେ ଆଇ.ଆର.ବି. ର ସଶସ୍ତ୍ର ବାହିନୀ ମୁଖ୍ୟ ରାସ୍ତା ଓ ଛକ ଜାଗାମାନଙ୍କରେ ତଥା ପୋଲିସ୍ ଛାଉଣୀରେ ପହରା ଦେଉଥିଲେ । ପାହାଡ ଚୂଡାରୁ ସୂର୍ଯ୍ୟ ଉଠିବାକୁ ଢେର ସମୟ ବାକି ଥିଲା, ଅଥଚ ଅନ୍ଧାରକୁ କଂଚତ ବିତାଡିତ କରି ନିର୍ମଳ ବିମଳ ଦ୍ୟୁତି ସାରା କୋଲାବ ଜଳ ଭଣ୍ଡାରକୁ କାଉଁରୀ ରାଜ୍ୟ ପରି ଗଢି ତୋଳିଥିଲା । ମୁଁ କୋଲାବ ଜଳ ପ୍ରକଳ୍ପ ଦିଗେ ଏକୁଟିଆ ଚାଲିଥିଲି । ଅଧା ଆଲୁଅ, ଅଧା ଅନ୍ଧାରରେ ଦୁଇଜଣ ପିଲା ସେ ରାସ୍ତାର ବିପରୀତ ଦିଗରୁ ଆସୁଥିଲେ । ଆଞ୍ଜା ଆଗ ବୁଲାଣିରେ ଦୁଇଟା ଭାଲୁ ବସିଛନ୍ତି – ଏଭଳି ଏକ ଶୂନ୍ୟବାଣୀ ପରି ଶୁଭୁଥିବା ଚେତାବନୀରେ ଭୟଭୀତ ହୋଇ ଠିଆ ହୋଇଗଲି । କିନ୍ତୁ ମୋ ପଛରୁ ବଡବଡ ପାହୁଣ୍ଡ ପକେଇ ପ୍ରଭାତ ଚାଲିରେ ବାହାରିଥିବା ଶିଖ୍ ଦମ୍ପତ୍ତି ମତେ ଶୁଣେଇଲା ପରି କହିଲେ – "କୋଲାବରେ ଭାଲୁ, ବିହାରମେ ଲାଲୁ, ସମୋସାମେ ଆଲୁ....ଗୋଟିଏ ଫୁଟକି ମାରିଲେ ଭାଗିବେ ।" ସାହାସ ପାଇ ସେମାନଙ୍କ ପଛେ ପଛ ଚାଲିଲି । ଏକଦା ଦାମନଯୋଡି ସହରର ରାଜରାସ୍ତାରେ ଗୋଟିଏ ମଇଳା ଫୋପଡା କୁଣ୍ଡ ଭିତରେ ପଶି ଭାଲୁମାନେ ଅଇଁଠା ଖାଇବା ଦେଖିଥିଲି । କିଛି ଭଦ୍ର ଭାଲୁ ଗାଡି ହର୍ଣ୍ଣ ଶୁଣି ଆମକୁ ସେଠାରେ ରାସ୍ତା ଛାଡିଦେବା ବି ଦେଖିଥିଲି । କୋଲାବରେ ତଦ୍ରୁପ କିଛି ଦେଖିବାର ଅଭିଳାଷ ଥିଲା । ଆମେ ଗଲାବେଳକୁ ସେମାନେ କିନ୍ତୁ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ଅତଏବ ମୁଁ ନିର୍ଭୟରେ ଦୁଇ ପାହାଡକୁ ଯୋଗ କରି ଠିଆ ହୋଇଥିବା ଆନିକଟ୍ ଦିଗେ ଚାଲିଲି ।

ବହୁ ବର୍ଷ ତଳେ ପ୍ରଥମ ଥର ଯେବେ ଏକେଲା କୋଲାବ ଡେମ୍ ବୁଲିବାକୁ ଆସିଥିଲି, ସେତେବେଳେ ଆନିକଟ ଉପରେ ଏମୁଣ୍ଡ ସେମୁଣ୍ଡ ସମସ୍ତଙ୍କ ପାଇଁ ଖୋଲା ଥିଲା । କୌଣସି ଏକ ଶୁନଶାନ୍ ମଧ୍ୟାହ୍ନରେ ଦିଗନ୍ତ ବିସ୍ତାରୀ ଜଳରାଶି ଓ ତା ମଧ୍ୟରେ ଦ୍ୱୀପପରି ଦିଶୁଥିବା

ଥାକଥାକ ଅଧାଡୁବା ପର୍ବତ ମାଳାକୁ ଗୁହିଁ ରହିଥିବା ବେଳେ “I LOVE YOU” ର ଅସଂଖ୍ୟ ପ୍ରତିଧ୍ୱନୀରେ ମୋ ଧ୍ୟାନଭଗ୍ନ ହୋଇଥିଲା । ହଳେ ପ୍ରେମିକ ପ୍ରେମିକାଙ୍କ ଉଚ୍ଛୁଳା ପ୍ରେମର ସ୍ୱିକାରୋକ୍ତି ସବୁ ପର୍ବତ ଦେହରେ ଧକ୍କା ଖାଇ ଅସଂଖ୍ୟ ପ୍ରତିଧ୍ୱନରେ ପରିଣତ ହେଉଥିଲା । ସେମାନଙ୍କ ନିର୍ଘାତ ପ୍ରେମର ନିର୍ଘୋଷରେ ଚମକ ଉଠୁଥିଲେ ଲଣ୍ଡିତ ପାହାଡ ମାଳା । ବହୁ ବର୍ଷପରେ ପୁନଶ୍ଚ ସେଇ ଡେମ୍ ପାଖରେ ଠିଆ ହେଲା ବେଳକୁ ପୁରୁଣା ଦିନର ପ୍ରତିଧ୍ୱନି ଓ ସେହି ନିରୀହ ଆନନ୍ଦ ସବୁ ମନେ ପଡିଯାଉଥିଲା । ପୁଣିଥରେ ସେଇ ଆନିକଟ୍ ଉପରେ ପଦଗ୍ସରଣ କରିବାକୁ ଇଚ୍ଛା ହେଉଥିଲା । କିନ୍ତୁ ଏଥର ତାଲା ଲଗା ଲୌହ ଫାଟକଟିଏ ରାସ୍ତା ବନ୍ଦ କରି ଠିଆ ହୋଇଥିଲା । ପାଦରୁ ମୁଣ୍ଡ ପର୍ଯ୍ୟନ୍ତ କମ୍ବଳ ଘୋଡି ହୋଇ କେମିତି ଏକ ଅଜବ ଜନ୍ତୁପରି ଦିଶୁଥିବା ଚୌକିଦାର ଜଣକ କହିଲେ – କିଛି ବର୍ଷ ତଳେ ଜଣେ ଝିଅ ଡେମ୍ ଉପରୁ ପାଣିକୁ ଡେଇଁ ପଡିଥିଲେ । ତା ପରଠୁ ରାସ୍ତାକୁ ସିଲ୍ କରି ଦିଆଗଲା । କୂଳରେ ପିଟି ହୋଇ ମୃଦୁ ଶବ୍ଦ କରୁଥିବା କୋଲାବ ଜଳ ସତେକି ମୂହୁର୍ତ୍ତକ ପାଇଁ ସ୍ତବ୍ଧ ହୋଇଗଲା । ସିଏ ଗ୍ସରମିନାର ହେଉ, କୁତବମିନାର, ତାଜମହଲ ବା ଇଫିଲ୍ ଟାୱାର ହେଉ, ସଂସାରରେ କିଛିଲୋକ ଏମିତି ସୌନ୍ଦର୍ଯ୍ୟ ପୂର୍ଣ୍ଣ ଜାଗାକୁ ହିଁ ଆତ୍ମହତ୍ୟା ପାଇଁ ବାଛିଥାନ୍ତି । ଅନ୍ତତଃ ବହୁଦିନ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇ ରହିବେ ବୋଲି ଅମରତ୍ୱ ଆକାଂକ୍ଷା କରୁଥିବା କିଛି ଆତ୍ମହତ୍ୟାକାରୀ ଏଭଳି ନିଷ୍ପତ୍ତି ନେଇଥାନ୍ତି ।

ସେଇ ସ୍ମୃତି ମଧୁର ପ୍ରଥମ ଦର୍ଶନ ଦିନର ଅନ୍ୟ ଏକ ଘଟଣା ମନେ ପଡିଯାଉଥିଲା । ଅପରାହ୍ଣରେ ଅଧା ତିଆରି ଅତିଥି ଭବନ ଭିତରୁ ପିକନିକ୍ ରେ ଅସିଥିବା ଦଳେ ଝିଅଙ୍କ ବାଘ ବାଘ ବୋଲି ଚିତ୍କାର ଶୁଭିଲା । ସବୁ କଲେଜ ପୁଅଝିଅ ଦୌଡାଦୌଡି କରି ରଡି ପକାଉଥିଲେ । ଦୁଇଟି ବାଘଛୁଆ କୌଣସି ଏକ ପରିତ୍ୟକ୍ତ କୋଠରୀ ଭିତରେ ଥିବା ଢାବଲ ପଛରେ ଲୁଚିଥିଲେ । କିଛି ଟୋକା ନିଜ ନିଜକୁ ଅଲେକଜେଣ୍ଡାର ବୋଲି ସାବ୍ୟସ୍ତ କରିବା ପାଇଁ ସେମାନଙ୍କ ଲାଞ୍ଜକୁ ଭିଡି ପଦାକୁ ଟାଣୁଥିଲେ । ଛୁଆ ଦୁଇଟିର ବୟସ ଖୁବ୍ ବେଶୀ ହେଲେ ଦେଢମାସ ହେବ । କୋଳାହଳ ଶୁଣି ଗାର୍ଡ ଓ ଫରେଷ୍ଟର୍ ଆସିଗଲେ ଓ ଶାବକ ଦୁଇଟିକୁ ଉଦ୍ଧାର କରିନେଇ ଅନ୍ୟତ୍ର ଗ୍ସଲିଗଲେ । ଦିବସ ଅନ୍ତେ ଗାର୍ଡଙ୍କୁ ଏ ବିଷୟରେ ପଗ୍ସରିବାରୁ ସେ କହିଲେ – ସେ ଦୁଇଟି ଥିଲେ ବଣ ବିରାଡି ଛୁଆ । ସମ୍ଭବତଃ ସତକଥା

କହି କଲେଜ ପିଲାଙ୍କ ଏତେ ସୁନ୍ଦର ବିରଳ ଅନୁଭୂତିକୁ ନଷ୍ଟ କରିଦେବାକୁ ସେ ଚାହିଁନଥିଲେ । ଅତଏବ ମିଥ୍ୟା କ୍ଷମଣୀୟ । ସାଗ୍ କୋଲାବ ଅଞ୍ଚଳରେ ଯୋଗ୍ୟ ଭଣଜାମାନେ ବାଘମାମୁଁଙ୍କୁ କେବେଠୁ ନିଶ୍ଚିହ୍ନ କରି ସାରିଥିଲେ । ଅତଏବ ବ୍ୟାଘ୍ର ଶାବକର କଳ୍ପନା ଅଳୀକ ଥିଲା ।

ଏକଦା ପ୍ରତିଦିନ ପର୍ଯ୍ୟଟକଙ୍କୁ ନେଇ ଗୋଟିଏ ଲଂଚ କୋରାପୁଟର ଚମ୍ପାଗୁଡାରୁ ବାହାରି କୋଲାବ ଜଳ ଭଣ୍ଡାର ଭିତରେ କସକୁବୁଲି ଟାପୁରେ ପହଞ୍ଚୁଥିଲା । ପର୍ଯ୍ୟଟନ ବିଭାବ ତରଫରୁ ସେହି ଟାପୁରେ ଏକ ପର୍ଯ୍ୟଟନ କେନ୍ଦ୍ର ତିଆରି ହୋଇଛି । ସେଇଠି କିଛି ସମୟ କଟାଇବା ପରେ ଲଂଚ କେଚଲା ଗାଁକୁ ଯାଉଥିଲା । ସେଠାରେ ଢେମସା ନାଚର ଆୟୋଜନ ହେଉଥିଲା ଏବଂ ସାଧା ଭୋଜନର ବ୍ୟବସ୍ଥା ମଧ୍ୟ ହେଉଥିଲା । କିନ୍ତୁ ସେସବୁ ବନ୍ଦ ହୋଇଯିବା ପରେ, ବୁଲିବା ପାଇଁ କୋଲାବ ଡେମ୍ ରୁ ଲଂଚ ଯୋଗେ ବାହାରିବା ହିଁ ଏକମାତ୍ର ଅବଲମ୍ବନ ହୋଇ ରହିଗଲା ।

ଅମିତି ଅନ୍ତହୀନ ଭାବନା ଚାଲିଥିବା ବେଳେ ଉତ୍ତୁଙ୍ଗ ପାହାଡ ଚୂଡା ଉପରୁ ଖପ୍ କରି ଡେଇଁ ପଡିଥିବା ନାଲି ସୂର୍ଯ୍ୟ ଦେଖାଦେଲେ । ଅରୁଣ ଆଲୋକର ନବପ୍ରକାଶରେ ଅମା ଅନ୍ଧକାର ଛାଏଁ ଛାଏଁ ମିଳେଇଗଲା । କୁହୁଡିଘେରା ପାହାଡସବୁ ଫର୍ଚ୍ଚା ଦିଶିବାକୁ ଲାଗିଲା । କିଛି ପାହାଡର ଅତିକାୟ ଛାୟା ସବୁ କୋଲାବର ଗଭୀରତାକୁ କାଳ୍ପନିକ ଭାବେ ବହୁଗୁଣିତ କରୁଥିଲେ । ଲାଗୁଥିଲା ପାହାଡ ସେପଟେ ସୂର୍ଯ୍ୟ ନିଜ ଗାଁରେ ଥିଲେ ସେ ଏବେ ଏପଟକୁ ବୁଲି ଆସିଛନ୍ତି । ଏମିତି ଏକ ଭାବନାକୁନେଇ ସଉରାମାନେ ଏହି ଅଞ୍ଚଳକୁ ସୂର୍ଯ୍ୟଙ୍କ ଗାଁ ବୋଲି ନାମିତ କରିଥିଲେ । ସେମାନଙ୍କ ଭାଷାରେ କୋରା ଅର୍ଥ ସୂର୍ଯ୍ୟ ଓ ପୁଟ ଅର୍ଥ ଗାଁ, ଯାହା ପରବର୍ତ୍ତି ସମୟରେ କୋରାପୁଟ ରେ ପରିଣତ ହୋଇଛି ।

ଏଥର ଲଂଚ ଛାଡିବାର ବେଳ । ଲଂଚରେ ମୁଁ ଜଣେ ମାତ୍ର ଯାତ୍ରୀ ଥିଲି । ଯଦିଓ ମୋର ଗନ୍ତବ୍ୟ ଜାଗା ଥିଲା କେଚଲା ଗାଁ, ଦୁଇ ଘଣ୍ଟା ଧରି କୋଲାବ ଜଳ ଭଣ୍ଡାରରେ ଯାତ୍ରା କରିବା ହିଁ ମୋର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା । ପାହାଡ ପରେ ପାହାଡ ସବୁକୁ ପଛରେ ପକେଇ ଲଂଚ ଚାଲିଥାଏ, ମତେ ଡେଣାଝାଡି ଚାଲିଥିବା ଅନନ୍ତ ଆକାଶର ପକ୍ଷୀଟିଏ ପରି ଲାଗୁଥିଲା । ଯାହା

ସବୁଠୁ ଖରାପ ଲାଗୁଥିଲା ତାହା ହେଲା ଏକ ଐଶ୍ୱରୀୟ ନୀରବତାକୁ ଭଗ୍ନ କରୁଥିବା ଦାନବୀୟ ଇଞ୍ଜିନ୍ ଶବ୍ଦ । କିନ୍ତୁ ଅନନୋପାୟ: ମତେ ଯେ ଯିବାକୁ ହେବ । ବିପରୀତ ଦିଗରୁ କାଠଡଙ୍ଗା ବା ଦେଶୀଡଙ୍ଗାରେ ଆହୁଲା ମାରି କିଛି ଲୋକ ଯିବା ଆସିବା ଆରମ୍ଭ କରି ଦେଇଥିଲେ । ଏଠି ମହିଳାମାନେ ମଧ୍ୟ ଡଙ୍ଗା ଚଳାନ୍ତି, କାତମାରନ୍ତି ଯାହାକି ଅନ୍ୟତ୍ର ମୁଁ ଦେଖି ନଥିଲି । ଏତେ ପାଣି, ଏତେ ପାହାଡ, ଅଥଚ କ୍ୱଚିତ ପକ୍ଷୀଙ୍କ ସମାଗମ ।କେବେ କେମିତି ଦୁଇ ଚାରିଟା ଗେଣ୍ଡାଳିଆ ବା ବଗ ଆକାଶକୁ ଚମକେଇ ଦେଇ ଚାଲି ଯାଉଥିଲେ । ଚାରିପଟେ ଲଣ୍ଡା ପାହାଡ ସବୁ ଛୋଟ ଛୋଟ ବୁଦାରେ ପୂର୍ଣ୍ଣ ହୋଇ ଜଙ୍ଗଲ ଆଖ୍ୟା ପାଇଛନ୍ତି । କିଛି ପାହାଡରେ ମାଇଲ୍ ମାଇଲ୍ ବ୍ୟାପି ଘଞ୍ଚ ଅରଣ୍ୟ, କିଛି ପାହାଡରେ ନୂଆ କରି ବନୀକରଣ ଯୋଜନା, କିଛି ପୁଣି ଚନ୍ଦା ମୁଣ୍ଡ ପରି ପୁରା ଲଣ୍ଡା । ଆଉ କିଛି ପାହାଡ ଅଧା ଲଣ୍ଡା ଓ ଆର ଅଧକରେ ଗଛପତ୍ର ଭର୍ତ୍ତି ହୋଇ ଅଧା କ୍ଷର ହୋଇଥିବା ଗାଲ ପରି ଦିଶୁଥିଲେ । ଜନମାନବହୀନ ମାଇଲ୍ ମାଇଲ୍ ବ୍ୟାପି ଅବବାହିକାରେ କେଉଁଠି ପୁଣି ଆଠଦଶଟି କୁଡିଆକୁ ନେଇ ଗୋଟେ ଗୋଟେ ଆଦିବାସୀ ଗାଁ । କେଉଁଠି ପୁଣି ଚାଷବାସ ହେଉଛି, ସୁଆଁ, ମାଣ୍ଡିଆ, ଧାନ, ଅଳସି, ଜହ୍ନା, ଅଦା, ହଳଦୀ, ଟମାଟ, କୋବି, ଝଟା, ଭୂଇଁଚଣା, କନ୍ଦମୂଳ ଇତ୍ୟାଦି ଇତ୍ୟାଦି । ବର୍ଷାଦିନେ ଦ୍ୱୀପ ପରି ଦିଶୁଥିଲେ ମଧ୍ୟ ସବୁ ପାହାଡ ଅନ୍ୟ ପାର୍ଶ୍ୱରେ ଭୂପୃଷ୍ଠକୁ ସଂଯୋଗିତ ହୋଇ ରହିଛନ୍ତି । ବର୍ଷା ଛାଡିଗଲେ, ଜଳ ପତନ କମିଗଲେ ଅନେକ ଭୂଭାଗ ଦୃଷ୍ଟିଗୋଚର ହୋଇଥାଏ । ବର୍ଷ ସାରା ଜଳଘେରା ହୋଇ ରହୁଥିବା ଏକମାତ୍ର ଦ୍ୱୀପ ହେଉଛି କସକୁବୁଲି, ଯେଉଁଠି ପର୍ଯ୍ୟଟନ ବିଭାଗ ତରଫରୁ ଏକ ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ଥାପନ କରାଯାଉଛି ।

କୋଲାବ ଏତେ ପୁରୁଣା ନଦୀ ଯେ ସମଗ୍ର ମାନବ ଇତିହାସକୁ ଏହା ଦେଖିଛି । ଆର୍ଯ୍ୟ ମୁନିଋଷି ମାନେ ଏହାକୁ ନାମ ଦେଇଥିଲେ ଶବରୀ କନ୍ୟା ବା ଶାବରୀ । କାଳିଦାସଙ୍କ ଭାଷାରେ ଏହା ହେଉଛି ଚଳଚଞ୍ଚଳା ସ୍ରୋତସ୍ୱୀନ ଯାହା ରାମଗିରିର ପାଦଦେଶରେ ପ୍ରବାହିତା ଏବଂ ସୀତାଦେବୀଙ୍କ ସ୍ନାନରେ ଧନ୍ୟା, ଅନନ୍ୟା । ଏହି ନଦୀର ରଙ୍ଗ ସବୁବେଳେ ହଳଦିଆ ବା ସୁନା ରଙ୍ଗର । ଏହା କୋରାପୁଟ ଆନ୍ଧ୍ର ସୀମାନ୍ତ ପାହାଡ, ସିଂକାରାମରୁ ବାହାରିଛି – ଅତୀତରେ ସୀତାଙ୍କୁ ଖୋଜିବାକୁ ଯାଇ ରାମଚନ୍ଦ୍ର ଯେଉଁଠି ବିଶ୍ରାମ ନେଇଥିଲେ । ଏହି ନଦୀ

ସହିତ ବାଟରେ ମିଶିଥିବା ଅନ୍ୟ ଛୋଟ ନଦୀ ସବୁହେଲେ – ଇଂଦ୍ରାବତୀର ଶାଖା ନଦୀ କଉଁଗ୍ର ନଦୀ, ଦଣ୍ଡକାରଣ୍ୟର ତମସା ନଦୀ ଓ ସିଲେରୁ ନଦୀ । ସିଲେରୁ ମିଶିଥିବା ଜାଗାଠୁ ମାଲକାନଗିରିରେ ଏହି ନଦୀକୁ ଶାବେରୀ କୁହାଗଲା ବେଳେ ଉପରମୁଣ୍ଡରେ ଏହି ନଦୀର ନାମ କୋଲାବ । ଏହି ଅଞ୍ଚଳର ଆଦିବାସୀ ମାନେ ପ୍ରତ୍ୟେକ ନଦୀ ବା ନାଳକୁ ତାଙ୍କ ଭାଷାରେ କଲାବ ବା ଖଲାପଗାଡ ବୋଲି କହିଥାନ୍ତି । ଏହି ନାମରୁ କୋଲାବ ନାମଟି ସୃଷ୍ଟି । ନିଘଞ୍ଚ ବଣପାହାଡ ଦେଇ ପ୍ରବାହିତ ହେଲାବେଳେ ଏ ନଦୀର ନାଦରୁ ଯେଉଁ ସ୍ୱର ବା ରାଗିଣୀ ସୃଷ୍ଟି ହୋଇଥାଏ, ତାକୁ ଲକ୍ଷ୍ୟ କରି କେଉଁ ସୁଦୁର ଅତୀତରେ ଜଣେ ସ୍ୱର ସନ୍ଧାନୀ ସୃଷ୍ଟି କରିଥିଲେ ଶାବେରୀ ରାଗ । ବୈଦିକ ଯୁଗ ପୂର୍ବରୁ ଦ୍ରାବିଡ ମାନଙ୍କ ପୂର୍ବରୁ ସମଗ୍ର ପୃଥିବୀରେ ଯେବେ ମାନବ ସୃଷ୍ଟିର ପ୍ରକ୍ରିୟା ଚାଲିଥିଲା – ସେତେବେଳେ ଏହି ଅବବାହିକାରେ ଥିଲେ ନିଷାଦ ମାନେ । ହୋଇପାରେ ସୃଷ୍ଟିର ପ୍ରଥମ ଯୋଡା ମାନବ ମନୁ ଓ ଶତରୂପାଙ୍କ ପ୍ରତିବିମ୍ବ ଏ ନଦୀ ଧାରଣ କରିଛି । ହୋଇପାରେ ବାଇବେଲ୍ ବର୍ଣ୍ଣିତ ଆଦମ୍ ଓ ଇଭ୍ ଏକଦା ଏଠାରେ ଘୁରି ବୁଲୁଥିଲେ ଓ ଜଳ କ୍ରୀଡା କରୁଥିଲେ ।

ନୃତତ୍ୱ କହେ ବେଦା ନାମକ ଏକ ସର୍ବପ୍ରାଚୀନ ଜନଜାତି ଏହି ଅବବାହିକାରେ ବାସ କରୁଥିଲେ ଏବଂ ସେମାନେ ମୁଣ୍ଡାରୀ ଭାଷା ବ୍ୟବହାର କରୁଥିଲେ । ଏଯାବତ୍ ବଞ୍ଚିଥିବା ପୃଥିବୀର ସର୍ବ ପ୍ରାଚୀନ ଜନଜାତି ବଣ୍ଡା ମାନେ ସେମାନଙ୍କ ଇଷ୍ଟଭାବେ ଏହି ବେଦା ନାମକୁ ଉଚ୍ଚାରିତ କରିଥାନ୍ତି । ଆଜକୁ ଏକ ହଜାର ବର୍ଷତଳେ ଏହି ବେଦା ଜାତି ସଂମ୍ପୂର୍ଣ୍ଣ ନଷ୍ଟିହ୍ନ ହୋଇ ସାରିଥିଲେ ମଧ୍ୟ ସେ କାଳର ପଣ୍ଡିତମାନେ ସେମାନଙ୍କ ଆଚାର ବ୍ୟବହାର ଓ ଜୀବନ ଶୈଳୀ ବିଷୟରେ ଯାହା ଲେଖିଛନ୍ତି – ଆଜି ଉପର ବଣ୍ଡା ମାନଙ୍କ କ୍ଷେତ୍ରରେ ସେସବୁର କିଛି ଅଂଶ ଦେଖାଯାଉଛି । କାଳକ୍ରମେ ସେହି ବେଦାମାନେ ସଉରା, ଗଦବା, ହୋ, ବିରହୋଲ୍, ଗଣ୍ଡ ଇତ୍ୟାଦିରେ ପରିଣତ ହୋଇଥିଲେ । କୋରାପୁଟର ଏହି କୋଲାବ ମାଳଭୂମିରେ ବଣ୍ଡା ଗଦବା ମାନେ ସର୍ବ ପ୍ରଥମେ ଧାନ ନାମକ ଶସ୍ୟଟିକୁ ଆବିଷ୍କାର କରିଥିଲେ ଓ ଚାଷବାସ ଆରମ୍ଭ କରିଥିଲେ । ଖ୍ରୀ.ପୂ ୨୭୦୦ ବେଳକୁ ଏଠାରେ ଧାନଚାଷ ଆରମ୍ଭ ହୋଇ ସାରା ବିଶ୍ୱକୁ ବ୍ୟାପିଥିଲା ବୋଲି କୃଷି ବିଜ୍ଞାନ କହେ । ଧାନର ଆବିଷ୍କାର ସମ୍ଭବତଃ ମାନବ ଇତିହାସର ସର୍ବ ଶ୍ରେଷ୍ଠ ଆବିଷ୍କାର ।

୧୮୬୬ ପର୍ଯ୍ୟନ୍ତ ଏହି ଅବବାହିକାର ସଭ୍ୟତା ଏକ ରକମ ଅପହଞ୍ଚ ଓ ଅକ୍ଷୁର୍ଣ୍ଣ ହୋଇ ରହିଥିଲା । ଶିକ୍ଷାନୁଷ୍ଠାନ ନର୍ମାଣ ଓ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଲୁଥର୍ନ୍ ମିଶନାରୀ ଅନୁଷ୍ଠାନ ସବୁ ଗଢାହେଲା ପରେ ଏହି ସଭ୍ୟତାକୁ ବିପତ୍ତି ମାଡି ଆସିଲା । ୧୮୮୭ରେ କୋରାପୁଟ ଜୟପୁର ସଡକ ରାସ୍ତା ନର୍ମାଣ ପରେ ଦୁର୍ଗମ ଅଞ୍ଚଳ ପର୍ଯ୍ୟନ୍ତ ଇଂରେଜ ପ୍ରଶାସନୀକ ଅଧିକାରୀ, ପୋଲିସ୍ ଅଧିକାରୀ, ମିସନାରୀ, ବ୍ୟବସାୟୀ ଆଦି ମାନେ ଧଶେଇ ପଶିଲେ । ଫଳରେ ଏକ ବିପର୍ଯ୍ୟରର ପର୍ବ ଆରମ୍ଭ ହୋଇଗଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଦେଶୀମାନଙ୍କ ଶାସନ କାଳରେ ଅନେକ ବିଦ୍ରୋହ ଓ ପ୍ରଜାମେଳକୁ ଦେଖିଛି ଏ ନଦୀ । ସ୍ୱାଧୀନ ଓ ସ୍ୱାଭିମାନୀ ଆଦିବାସୀମାନେ ପ୍ରବଳ ପରାକ୍ରମ ଦେଖାଇ ଇଂରେଜଙ୍କ ବିରୁଦ୍ଧରେ ଲଢିଥିଲେ । ସାରା ଦେଶରେ ସିପାହୀ ବିଦ୍ରୋହ ଚାଲିଥିଲାବେଳେ ମାଲକାନଗିରିରେ କୋୟାମାନଙ୍କୁ ସଂଗଠିତ କରି ଯୁବରାଣୀ ବାଙ୍ଗରାଦେବୀ ସମ୍ମୁଖ ବିଦ୍ରୋହ ଓ ଗରିଲା ଯୁଦ୍ଧ ଆରମ୍ଭ କରିଥିଲେ । ଜୟପୁର ରାଜାଙ୍କ ବିଶ୍ୱାସଘାତକତା ଯୋଗୁଁ, ତାଙ୍କ ସହାୟତା ନେଇ ଇଂରେଜ ସୈନ୍ୟମାନେ ତମ୍ମାଦୋରା ଓ ରାଣୀ ବାଙ୍ଗରାଦେବୀଙ୍କ ବିଦ୍ରୋହକୁ ଦମନ କରିଥିଲେ । ଯୁବରାଣୀ ଅନ୍ତର୍ଦ୍ଧାନ ହୋଇଥିଲେ ଓ ତାମ୍ମାଦୋରା ରମ୍ପା ଜଙ୍ଗଲରେ ଆତ୍ମଗୋପନ କରୁଥିବା ବେଳେ ନହତ ହୋଇଥିଲେ । ବହୁଦିନ ପରେ ଆଲୁରୀ ସୀତାରାମ ରାଜୁ ପୁଣି ବିଦ୍ରୋହର ନେତୃତ୍ୱ ନେଇଥିଲେ । ସାରା ଭାରତରେ ସାହସୀକତା ଓ ଗରିଲା ଯୁଦ୍ଧ ନପୁଣା ଭାବେ ବାଙ୍ଗରା ଦେବୀଙ୍କ ସମକକ୍ଷ ହେଉଛନ୍ତି ନାଗାଲାଣ୍ଡର ରାଣୀ ଗାଇଡିଲୁ । ଆଉ ଜଣେ ବୀରାଙ୍ଗନା ଥିଲେ ରାଣୀ ଖୋରା ପାର୍ବତୀ । ନଜର ଶିଶୁପୁତ୍ରକୁ ସାଥିରେ ନେଇ ଆରମ୍ଭ ହୋଇଥିବା ଗରିଲା ଯୁଦ୍ଧ ଦୀର୍ଘ ତିନ ଦଶନ୍ଧି ଧରି ଚାଲିଥିଲା । ରାଣୀ ଲକ୍ଷ୍ମୀବାଇ ହିଁ ତାଙ୍କର ସମକକ୍ଷ ହେବେ । ଏହି ଦୁଇ ବୀରାଙ୍ଗନାଙ୍କ ଅଭେଦ୍ୟ ରଣଭୂମି ଥିଲା ଏହି କୋଲାବର ଅବବାହିକା । କୃତଘ୍ନ ଓଡିଆମାନେ ଏହି ଦୁଇ ବୀରାଙ୍ଗନାଙ୍କୁ ଭୂଲି ଗଲେଣି । ମତେ ଲାଗୁଥିଲା କୋଲାବର ଶୀତଳ ଜଳଧାରା ସେଇ କୃତଘ୍ନତା ପାଇଁ ଆମକୁ କ୍ଷମା କରିଦେଇଛି । କୋଚଲା ଗାଁରେ ପୁରା ଦିନଟିଏ କଟେଇବା ପରେ, ତା ପରଦିନ ଫେରିବା ପାଇଁ ପ୍ରସ୍ତୁତ ହେଲି । ପାଞ୍ଚ ମାଇଲ୍ ଚାଲିବା ପରେ ଯେଉଁ ଗିର୍ଲାଗୁଡା ଗାଁ ପଡେ ସେଠାରୁ କାଠ ଡଙ୍ଗାରେ

ମତେ ଫେରିବାକୁ ପଡିବ । ଗିର୍ଲାଗୁଡା ଡଙ୍ଗାଘାଟରେ ସେଦିନ ଗାଁ ଲୋକଙ୍କ ଭିଡ । ବହୁଦିନରୁ ଆତଙ୍କ ସୃଷ୍ଟି କରିଥିବା ଦାନବୀ-କୁମ୍ଭୀରିଣୀକୁ ଗାଁ ଲୋକେ ପିଟିପିଟି ମାରି ଦେଇଥିଲେ । କୁକୁଡାକୁ ଖାଇବାକୁ ଆସି କମ୍ଭିରିଣୀ ଗିଳଥିଲା ତୀକ୍ଷ୍ଣ ଆଙ୍କୁଡା ଲଗା ଲୌହକଣ୍ଟା । ପରେ ଛଟପଟ ହେଲାବେଳକୁ ଗାଁ ଲୋକେ ପଥର, ବର୍ଚ୍ଛା ମାରି ତାକୁ ହତ୍ୟା କରିଥିଲେ । ସେଦିନ କାତମର୍ ଡଙ୍ଗାରେ ନୌକା ବାହି ଆସିଲା ବେଳେ ବସି ଥିବା ଆଦିବାସୀମାନେ ସେ ବିଷୟରେ କହୁଥିଲେ । ଦୁଷ୍ଟା କୁମ୍ଭୀରିଣୀ ନିକଟ ଅତୀତରେ କିଛି ଗାଈ ଓ ଗାଁ ଲୋକଙ୍କୁ ଟାଣି ନେଇ ଖାଇସାରିଥିଲା । ସେ କୁଆଡେ ଏମିତି ହିଂସ୍ର ନଥିଲା । ସେହି ବର୍ଷର ପ୍ରଥମ ବର୍ଷାରେ ଯେବେ କୋଲାବ ଜଳ ଭଣ୍ଡାର ପୂର୍ଣ୍ଣ ହେବାକୁ ବସିଥିଲା, ବାଧ ହୋଇ ପାଣି ଛାଡିବା ପାଇଁ ଗୋଟିଏ ଗେଟ୍ ଖୋଲି ଦିଆଗଲା । ଗାଁ ଲୋକେ ସେହି ଦୃଶ୍ୟ ଦେଖିବା ପାଇଁ ଠିଆ ହୋଇଥିଲେ । ଅଗ୍ରନକ ଏକ ଅତିକାୟ କୁମ୍ଭୀର ସେଇ ଗେଟ୍ ପଟେ ପାଣି ସହ ତିନଶହ ଫୁଟ ତଳକୁ ଲମ୍ଫ ଦେଲା । କୁମ୍ଭୀର ମଲା କି ନଦୀରେ ଭାସିଗଲା ସେ କଥା କେହି ଜାଣି ପାରିଲେନ । କିନ୍ତୁ ତା ପରଠୁ ତାକୁ ଖୋଜିଖୋଜି କମ୍ଭିରିଣୀ ହିଂସ୍ର ହୋଇଗଲା । କୁହାଯାଏ କୋଲାବ୍ ଡେମ୍ ତିଆରି ପୂର୍ବରୁ ଏହି କୁମ୍ଭୀର ଦମ୍ପତ୍ତି ସେହି ଗଭୀର ନଦୀରେ ଥିଲେ । ଏବେ ସେମାନଙ୍କ ବଂଶଧର ମାନେ ଖୁବ୍ ବେଗରେ କୋଲାବ୍ ପ୍ରକଳ୍ପରେ ବଂଶବୃଦ୍ଧି କରି ଚାଲିଛନ୍ତି । ସେଦିନ ମୃତ କମ୍ଭିରିଣୀର ପେଟରୁ ତିରିଶିଟି ଅଣ୍ଡା ଦେଖି ଆଦିବାସୀମାନେ ଅବଶ୍ୟ ଦୁଃଖ କରିଥିଲେ ।

ଡଙ୍ଗାରେ ଫେରିଲାବେଳେ କେତେ କେତେ ବିଷୟରେ କଥା ପଡିଲା । ଚୈତ ପରବ କଥା, ଗାଁର ସଲପ ବିକୁଥିବା ମହାଜନ କଥା, ଜଙ୍ଗଲରେ ଥିବା ବଣକୁକୁଡା ଓ ବାରହାଙ୍କ କଥା ଓ ବଞ୍ଚିଯାଇଥିବା କିଛି ବାଘମାମୁଁଙ୍କ କଥା – ଆଦିକୁ ନେଇ ଅଢେଇ ଘଣ୍ଟାରେ ଫେରନ୍ତା ଯାତ୍ରା ଥିଲା ରୋମାଞ୍ଚକର ଓ ସ୍ମୃତିମଧୁର । କୋଲାବ୍ ପ୍ରକଳ୍ପ ଖୁବ୍ ପାଖେଇ ଆସିଲା । ମୁଁ କୌତୁହଳୀ ହୋଇ ପ୍ରକଳ୍ପ ଉପରୁ ତଳକୁ ଡେଇଁ ପଡିଥିବା ତରୁଣୀଙ୍କ କଥା ପଚାରିଲି । ଅଦୂର କୂଳରେ କୁଞ୍ଚୁକୁଞ୍ଚିଆ ବାଳ ଥିବା କଳା ଯୁବକ ଜଣେ ବନଶି କଣ୍ଟା ପକାଇ ମାଛ ଧରୁଥିଲେ । ସହଯାତ୍ରୀମାନେ ସେହି ଯୁବକ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ – ସେଇତ ଆମ ଗିର୍ଲାଗୁଡାର ଭେଣ୍ଡିଆ । ସେଦିନ ଡେମ୍ ଉପରୁ ଡେଇଁପଡି ବୁଡିଯାଉଥିବା

ଯୁବତୀକୁ କାନ୍ଧରେ ଉଠେଇ ପହଁରି ପହଁରି କୂଳକୁ ଆସିଥିଲା । ତାର ପେଟ ଚପି ଗୋଟିଏ ବାଲଟି ପାଣି ବାନ୍ତି କରାଇବା ପରେ ଯୁବତୀଟି ଚେତା ଫେରିପାଇଥିଲା । ଯୁବତୀର ଧନୀ ବାପା କହିଲେ – ତୁ ମୋ  ଝିଅକୁ ବାହା ହୋଇପଡ । ଝିଅ ସହ ଯୌତୁକ ଦେବି । କିନ୍ତୁ ଆମ ଗାଁ ଭେଣ୍ଡିଆ କହିଲା –ଜୀବନ ଦେଲି, ତାର ବାପା ହୋଇଗଲି, ବାହା ହେବି କେମିତି?"

ମୁଁ କୋଲାବ ପ୍ରକଳ୍ପର କୂଳରେ ପହଞ୍ଚିଲା ବେଳକୁ ସେଇ ଯୁବକ ଜଣକ ମାଛ ଧରାରେ ବ୍ୟସ୍ତ ଥିଲେ । ପ୍ରକଳ୍ପରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ସେ କାମ କରନ୍ତି । ନବଜନ୍ମ ପାଇଥିବା ତରୁଣୀ ଜଣକ ସେଇ ଯୁବକ ପ୍ରତି ବା ନିଜ ଜୀବନ ପ୍ରତି କୃତଜ୍ଞ ରହିଲେ କି ନାହିଁ ସେ ଅଲଗା ପ୍ରଶ୍ନ । କୋଲାବ ଅବବାହିକାରେ ରହୁଥିବା ସାହାସୀ, ତ୍ୟାଗୀ ଓ ସ୍ୱାଭିମାନୀ ଜନଜାତିଙ୍କ ଏକ କ୍ଷୁଦ୍ର ସଂସ୍କରଣ ଥିଲେ ସେ ଯୁବକ । ନିଜର ଅଦ୍ଭୁତ ମଣିଷ ପଣିଆରେ ଦାଉଦାଉ ହୋଇ ଉଜ୍ଜ୍ୱଳ ଦିଶୁଥିବା ସେଇ କଳା ଯୁବକଙ୍କୁ ମନେ ମନେ ନମସ୍କାର ଜଣେଇଲି ଏବଂ ସହରୀ ଜୀବନ ଦିଗେ ଆସ୍ତେ ଆସ୍ତେ ପାଦେ ବଢେଇଲି ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# କଲମରେ ଦିଅ ବଳ



ନରେନ୍ଦ୍ର ପ୍ରସାଦ ବେହେରା

ଯାହାର କୋଳରେ ହୋଇ ମୁଁ ଜନମ
ବଢ଼ିଲି ପାଣି ପବନେ
ସେହି ମାଟି ମୋର ଅଟେ ଜନ୍ମଭୂମି
ଦେଖୁଛି ଦୁଇ ନୟନେ ।୧।

ଜନ୍ମଭୂମି ଜନ୍ମ ମାଟିର ମହତ
ରଖିବି ପଣ କରିଛି
କରିବି ମୁଁ ସେବା ନହୋଇ ବିମୁଖ
ମନରେ ଯାହା ଭାବିଛି ।୨।

କେତେ ବୀରପୁତ୍ର ଜନ୍ମ ହୋଇ ପୁଣି
ଶହୀଦ ହୋଇଣ ଗଲେ
ଜନ୍ମଭୂମି ମାନ ବଞ୍ଚାଇବା ପାଇଁ
ବନ୍ଧୁକ ଆଗରେ ମଲେ ।୩।

ନାହିଁ ମୋ ହାତରେ ଗୁଳି କି ବନ୍ଧୁକ
ଧରିଛି କଲମ କାଳି
ଲେଖିବି କବିତା କାଳ ଶେଷଯାଏ
ଜନ୍ମଭୂମି ନାମ ଭାଳି ।୪।

ହୋଇବି ଆଦର୍ଶ    ରଖିବି ମହତ
ଜନ୍ମଭୂମି ହେବ ସୁନା
ସୁନାର ଭାରତେ    ସବୁକଛି ଅଛି
କରିବେନ କେହି ମନା। ।୫।

ଭାରିକଷ୍ଟ ପାଏ    ଜନ୍ମ ଭୂମି ମୋର
ପାଏନାହିଁ ଥଳକୂଳ
କରୁଛି ପ୍ରାର୍ଥନା    ଆହେ ଜଗନ୍ନାଥ
କଲମରେ ଦିଅ ବଳ ।୬।

କବିତା ମାଧ୍ୟମେ    ସମସ୍ତଙ୍କୁ ଦେବି
ସୁନ୍ଦର ସଦୁପଦେଶ
ଖୁସିହେବେ ଶୁଣି    ଏଦେଶ ଜନତା
ଆନନ୍ଦେ ଗଢିବେ ଦେଶ ।୭।

ଜନ୍ମଭୂମି ଜନ୍ମ    ମାଟିର ସୁରକ୍ଷା
ପାଇଁ ହେବେ ଅଗ୍ରସର
ଆନନ୍ଦ ହୋଇବ    ଶ୍ରୀମନ୍ଦିରେ ବସି
ଦେଖି ଏ ସୁନା ସଂସାର ।।୮।।

ଆଳନ୍ଦା, ଖଇରା, ବାଲେଶ୍ୱର

# ଆଶିଷ ଦିଅ ହେ



ରାଜକିଶୋର ସାଇଁ

ଆହେ ରାଜୀବଲୋଚନ ଶ୍ରୀରାମ
ତୁମ ପାଦତଳେ ମୋର ପ୍ରଣାମ ।
ଅଯୋଧ୍ୟାର ନରେଶ ଦଶରଥ
ଜନମିଥିଲ ହୋଇ ତଙ୍କ ସୁତ ।୧ ।

ଚଇତ ମାସ ଶୁକ୍ଳ ନବମୀରେ
ଜାତ ହୋଇଥିଲ ଏ ମରତରେ ।
ତୁମକୁ ଜାଣିବ କେ ଅବା କାହିଁ
ସବୁ ମୂଳରେ ଥାଅ ତୁମେ ରହି ।୨ ।

ତୁମ ନାମ ଘୋଷି ଦିବସ ନିଶି
ଦସ୍ୟୁ ପାଲଟିଥିଲେ ପରା ଋଷି ।
ରାମାୟଣ କରିଥିଲେ ରଚନା
ବାଲ୍ମିକୀ ନାମରେ ହୋଇଲେ ଜଣା ।୩ ।

ରାମଚରିତ ମାନସ ତୁଳସୀ
ରଚିଥିଲେ ସେତୁମକୁ ଭରସି ।
ସବୁଠାରେ ଏ ପାଇଲା ଆଦର
ଯଶ ମୁନିଙ୍କୁ କରିଲା ଅମର ।୪ ।

ରାମ ତାରକା ମନ୍ତ୍ର କରି ଜପ
କବି ସମ୍ରାଟ ବୋଲାଇଲେ ଉପ ।
ବିରଚଲେ ବୈଦେହୀଶ ବିଳାସ
କାଳ କାଳକୁ ରଖିଗଲେ ଯଶ ।୫ ।

ରାମରାଜ୍ୟ କରିବାକୁ ପ୍ରତିଷ୍ଠା
ସ୍ୱପ୍ନ ଦେଖିଥିଲେ ଜାତିର ପିତା ।
କରୁଥିଲେ ନିତି ତୁମ ପ୍ରାର୍ଥନା
ବାଣ୍ଟୁଥିଲେ ତୁମ ଚିନ୍ତା ଚେତନା ।୬ ।

ତୁମ ମହିମା କେ ପାରିବ କଳ
ତୁମେ ଭକତଜନର ସମ୍ବଳ ।
ତୁମ ପ୍ରାର୍ଥନା ଆନନ୍ଦର ଉତ୍ସ
ମନରେ ଭରଇ ଶାନ୍ତି ସନ୍ତୋଷ ।୭ ।

ଫୁଲ ହୋଇ ଝରିଯାଉ ମୋ ଲୁହ
ତୁମ ଚରଣରେ ହେ ଦୟାମୟ ।
ଏତିକି ପାଦେକରୁଛି ଗୁହାରି
ଆଶୀଷ ଦିଅ ହେ ବିଶ୍ୱ ବିହାରୀ ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ସ୍ୱଗତୋକ୍ତି



ମୀନାକ୍ଷି ପାଢୀ

ଜନମିଲି ଯେଉଁ ଦିନ
ଦୁଃଖ ହେଲା କପାଳରେ ଲେଖା,
ମାଆ, ମାଟି, ମମତା ମୋ
ଭାଗ୍ୟେ ନାହିଁ ସବୁ କାଳେ ଦେଖା।

ଅନ୍ନ ଚନ୍ତା ଚମତ୍କାର
ବଞ୍ଚିବାର ରାହା ନ ପାଇଲି,
ଭୋକ ନଆଁ ପେଟେ ଜଳେ
ଦାଦନ ମୁ ଦେଶାନ୍ତରୀ ହେଲି।

ପରିଶ୍ରମେ ପ୍ରତିଲୋମେ
ରକତ ମୋ ସ୍ୱେଦ ହୋଇ ଝରେ,
ଶିରାଳ ମୋ ହାତ ଦୁଇ
ଖୋଜେ କାହିଁ ସୁଖ ମରମରେ।

ମୋ ଆଖିର ଯେତେ ସ୍ୱପ୍ନ
ସାହୁକାର ପାଦେ ପଡ଼େ ବନ୍ଧା,
କୁହୁଡ଼ିଆ ଆଶା ମୋର
ପ୍ରତିବନ୍ଧ ଗୋଡ଼ ଦୁଇ ଛନ୍ଦା।

ମୁଠା ମୁଠା ଶୂନ୍ୟତା ମୋ
ଆକାଶରେ କାହିଁ ଭାସିବୁଲେ,

ଜହର ମୁ ଶୋଷୁଥାଏ
ଶୁଷ୍କ ଓଠେ ଅବା ଶୋଷ ହେଲେ।

ପତ୍ନୀର ନୟନେ ଭରା
ସୀମିତ ତା'ରଜନୀ ସୁଖର,
ମାଆ କାନ୍ଦେ ଜରିମାଖୀ
ଢଙ୍କା ତା'ର ପଣତ ମୁଖର।

ଢୋକେ ପିଇ ଦଣ୍ଡେ ଜିଉଁ-
ଥାଏ ମୋର  ନନ୍ଦନ କୁଳର,
ବାପ ପରି ହେବ ସୁଖୀ
ମୋର ପରି ଚେହେରା ଝିଅର।

ବୁଭୁକ୍ଷା ମୋ ଅନ୍ତହୀନ
ଅନ୍ତ ଦୁଇଁ ହୁଏ ପ୍ରତିଭାତ,
ଖାଇବାକୁ ବଞ୍ଚେନା ମୁ
ବଞ୍ଚିବାକୁ ଖାଏ ମୁଠେ ଭାତ।

ସୁଖ ଭୋଗ ଏକ ଭାଗ
ଦୁଃଖ ତିନ ଭାଗ ସାଥେ ନେଇ,
ବଞ୍ଚିବାର ରାହା ଖୋଜି
ଆସିଛି ସାତ ସାଗର ଡେଇଁ।

ପେଟ ପାଇଁ ମୁଠେ ଦାନା
ପିଠି ପାଖେ କନା ଟିକ ପାଇଁ,
ଭାଗ୍ୟ ସାଥେ ଲଢ଼େ,ଜାଣେ
ପେଟ ଠାରୁ ବଡ଼ କଛି ନାହିଁ।

ଚକଟୀ, ଗଞ୍ଜାମ

# ବାଇଆ ପ୍ରେମିକ କବି



ଆଶୁତୋଷ ମେହେର

ବାଇଆ ପ୍ରେମିକ କବି ପାଲଟଇ ସ୍ୱପ୍ନ ତାଙ୍କ ଚଗ୍ଭୂଇଁ
ଜଣେ ଆନକର ସାଥୀ ସହୋଦର ଜନ୍ମଜାତ ପ୍ରିୟ ଭାଇ।
ତିନହେଁ ଆରେକ ପ୍ରେମେ ମତ୍ତପ୍ରାୟ ତ୍ରିଭୂଜର ତିନ ଶୀର୍ଷ
ବନ୍ଧୁ ପରିଜନ ଏକ ପରିବାର ସ୍ୱର୍ଗୀୟ ସେ ପରିବେଶ।।

ବାଇଆ ର ମନ ଭରା ଆକାଶରେ ଫେଣ୍ଟି ଗ୍ଳିଥାଏ ରଙ୍ଗ
ଏଆଡୁ ସେଆଡୁ କଏ କେତେ କଥା କହେ ଦେଖି ତା'ରି ଢଙ୍ଗ।
ପ୍ରେମିକ ଆଖିରେ ସେ ରଙ୍ଗ ପସରା ଇନ୍ଦ୍ରଧନୁ ସାତ ହସ
ଜୀବନେ ଫୁଟାଏ ରୂପର ମାଧୁରୀ ପିରତିର ମଧୁ ରସ।।

କବି ହୋଇ ଗାଏ ଜୀବନ ସଙ୍ଗୀତ ଅନୁଭବ ଭରା ସୁରେ
କଳ୍ପନା ରାଇଜ ସୁନା ଫୁଟଦିଆ ଜୀବନ ର ବୀଣା ତାରେ।
ସେ ମଧୁର ଗୀତ ଯୁଗ ଯୁଗ ଧରି ଏମିତି ଆସିଛି ବହି
ଆଦରେ ସାଦରେ କବି କୁ ଡାକନ୍ତି ବାଇଆ ପ୍ରେମିକ କହି।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ହଜି ଯାଇଥିବା ଇଶ୍ୱର

**[ଏକ ପ୍ରତୀକଧର୍ମୀ ନାଟକ]**



ଡକ୍ଟର କଶୋର ମହାନ୍ତି

ଭୂମିକାରେ.....
ପ୍ରବୀଣାନନ୍ଦଜୀ – ସାଧୁ
ନରକାର – ଆଧ୍ୟାତ୍ମିକବାଦୀ ଯୁବକ
ବିସ୍ମୟ – ଯୁବକ
ବିପ୍ଳବ – ଯୁବକ
ବୃଦ୍ଧା – ମା
ନାରୀ – ଯୁବତୀ

(ମଂଚ କଛି ସମୟ ଆଲୋକତ ହେବା ପରେ ପରେ ସ୍ତିମିତ ହେବ – ଝଡର ସୂଚନା ପ୍ରକାଶ ପାଇବ – ସେଇ ଗମ୍ଭୀର ବାତା ବରଣ ମଧ୍ୟରେ ଗୋଟିଏ ବୃଦ୍ଧ ସ୍ତ୍ରୀ ଲୋକ ଦର୍ଶକମାନଙ୍କ ମଧ୍ୟରୁ ବାହାରି ଆସି ପାଗଳୀଙ୍କ ପରି ପ୍ରକୋପ କରିବ ।)
ବୃଦ୍ଧା – କାଳଆ – କାଳଆରେ..... ଆ....

(ମଂଚ ଉପରକୁ ହଠାତ୍ ଚଢିଯିବ ଓ ଏକ ଆଲୋକ ତା ଉପରେ ପ୍ରକାଶିତ ହେବ – ମଂଚର ଅନ୍ୟ ଭଗଗୁଡିକ ଅନ୍ଧାର ଥିବ)

ମୋ କାଳଆ, କାଳଆ କୁଆଡେ ଗଲ୍? ଏଇଠିତ ଏଇଠି ହଁ – ମୋ ପାଖେ ପାଖେ ସେ ଥିଲ୍, ତାକୁ କଏ ନେଇଗଲ୍ ମୋ ପାଖରୁ ଛଡେଇ –ଏଁ କଏ ନେଇଗଲ୍ (ଡାକବା) କାଳଆରେ....ହେ କାଳଆ (ହାତ ଦେଖାଇ) ଆ-ଆ ବାବା-ମୋ କାଳଆ – ତୁମେ ତାକୁ

କୋଉଠି ଦେଖିଛ ବାବୁ? ନା-ତାକୁ କେହି ଦେଖିନ? ନା ଦେଖି ନଥିବ? ସେ ଏଇଠି ଥିଲାମ, ମୋ ହାତ ଧରିଥିଲା-ଖସିଗଲା-ଯାଇଛି ତ ଯାଇଛି । ଆ ବାପା ଆ-ତୋତେ କ୍ଷୀର ଭାତ ଖୁଆଇ ଦେବି, ତତେ ଗେଲ କରିବି କଣ ତୁ ମୋ ଉପରେ ରାଗିଛୁ-ରଷିଛୁ, ଆସୁନୁ-ଆ-ଆ ମୋ ସୁନାପୁଅ ଧରା ଦେ-ଯଦି କଏ ତାକୁ ପାଇଚ ତାକୁ ମୋତେ ଫେରେଇ ଦିଅ ବାବୁ! ତା ବିନା ମୁଁ ବଞ୍ଚି ପାରିବିନ? ନା-ମୁଁ ତାକୁ ଖୋଜିବି- ତିନପୁରରୁ ଖୋଜି ଖୋଜି ମୁଁ ମୋ ପୁଅକୁ ଆଣିବି । କାଳଆରେ...କାଳଆ-କାଳଆ (ଉଚ୍ଚସ୍ୱରରେ ଡାକବା) (କ୍ରମେ କ୍ରମେ ମଂଚ ଅନ୍ଧାର ହେବ-ପୁନର୍ବାୟ ଏକ ଗମ୍ଭୀର ଅଥଚ ରହସ୍ୟମୟ ଦୃଶ୍ୟ ପ୍ରକଟିତ ହେବ-ଜଣେ ବ୍ୟକ୍ତି ଡିଆସିଲି କାଠି ମାରି ମହମବତୀ ଲଗାଇବ-ଓ ତାକୁ ଧରି ଆସ୍ତେ ଆସ୍ତେ ମଂଚର ମଧ୍ୟ ଭାଗକୁ ପ୍ରବେଶ କରନ୍ତେ-ହଠାତ୍ ଗୋଟିଏ ସ୍ଥାନରେ ଅଟକି ଯିବ-ଅନ୍ଧାର ଭିତରେ ଅନ୍ୟ ଏକ ବ୍ୟକ୍ତିକୁ ଦେଖି)

ବିସ୍ମୟ – କଏ ! କଏ ସେଠି?

ନରାକାର –(ନୀରବ)

ବିସ୍ମୟ – ମୁଁ ପଚାରୁଛି କଏ ତୁମେ? ଏଠି କଣ କରୁଛ?

ନରାକାର – ଏଁ......(ଥଙ୍ଗେଇ) ମୁଁ.... ହେଲେ ତୁମେ?

ବିସ୍ମୟ – ଏତେ ରାତିରେ ମୋତେ ତୁମେ ଆଗ କୁହ କଏ ତୁମେ?

ନରାକାର – (ନରାକାର ଉପରେ ଆଲୋକପାତ ହେବ) ମୁଁ ନରାକାର – ମୋ ନା ହଉଛି ନରାକାର ପରଂବ୍ରହ୍ମ-

ବିସ୍ମୟ –ବାଃ ଚମତ୍କାର ନାଁଟିଏ

ନରାକାର – ହେଲେ ତୁମେ କଏ କହିଲ ନାହିଁ ଯେ?

ବିସ୍ମୟ – ମୁଁ.... ମୁଁ.... ଏକ ସାଧାରଣ ଲୋକ

ନରାକାର – ଅସାଧାରଣ ଓ ସାଧାରଣ ଭିତରେ ଫରକ କାହିଁକି ଖୋଜୁଛ – କୁହେ ଆମେ ସାଧାରଣ ଭାବରେ ସାଧାରଣ ମଣିଷ – ତୁମ ନା କୁହ ।

ବିସ୍ମୟ – ମୁଁ ବିସ୍ମୟ

ନଗ୍‌କାର – ଖୁବ୍ ଚମତ୍କାର ନାଁ-

ବିସ୍ମୟ – ଆଚ୍ଛା କୁହ, ଏଠି କେମିତି ପ୍ରବେଶ କଲ? ତୁମକୁ ଅନୁମତି କିଏ ଦେଲା?

ନଗ୍‌କାର – କିଏ ଆଉ ଦେବ? ଏମିତି ବାରବୁଲା ଭଳି ବୁଲୁଥିଲି-ବୁଲି ବୁଲି ମନ ଟାଣି ନେଲା – ପାଦ ଇଆଡକୁ ବଢାଇ ଦେଲି କେମିତି ରହସ୍ୟମୟ ଭାବରେ ଏହା ଭିତରେ ପ୍ରବେଶ କରିଗଲି ମୁଁ ଜାଣେନା ମୁଁ ଅନ୍ଧାର ଭିତରେ ଟିକିଏ ଆଲୋକ ଖୋଜୁଥିଲି ।

ବିସ୍ମୟ – ଆଲୋକ ତ ମିଳିଯାଇଛି ।

ନଗ୍‌କାର – ସଂପୂର୍ଣ୍ଣ ଆଲୋକ ଦରକାର । ମୋ ଭିତରେ ଓ ବାହାରେ ଅନ୍ଧାରର ରାଜତ୍ୱ – ଅନ୍ଧାର ଭିତରେ ଥାଇ ମୁଁ ସତରେ ମର୍ମାହତ – ମୋତେ ଟିକିଏ ଆଲୋକ ଲୋଡା ନାହିଁ – ଏ ପୃଥିବୀ ପାଇଁ ସମ୍ପୂର୍ଣ୍ଣ ଆଲୋକ ଲୋଡା । ସେଇଠି ଦେଖୁ ନାହାଁନ୍ତି – ପୃଥିବୀଟା ସାରା ଅମାବାସ୍ୟା ପରେ ପରେ – ଏଠି ଚନ୍ଦ୍ର ଗ୍ରହଣ । ଏଥିରୁ ମୁକ୍ତି କାହିଁ?

ବିସ୍ମୟ – ତୁମ ଏ କଥାରେ ଯେମିତି ଏକ ନୂଆ ବାର୍ତ୍ତା । ମୁଁ ପାଉଛି-ତୁମେ କେମିତି ଆମ ଭିତରେ ଥିବା ପାପ, କଳୁଷ, ଆଉ ଅହଂକୁ ଦୂର କରିବାପାଇଁ ନିୟତ ସଂଗ୍ରାମ ଜାରି ରଖିଛ । ଧନ୍ୟ ତୁମେ-ତୁମର ଦିବ୍ୟ ଚେତନା ଓ ନିର୍ମଳ ଭାବମୂର୍ତ୍ତିରେ ମୁଁ ନିଜେ ଯେମିତି ହଜିଯାଉଛି । ପାଗଳ ହେଉଯାଉଛି, ହେଲେ ଏ ଜାଗାଟା କଣ ନଗ୍‌ପଦବୋଲି ମନେ କର ! ଏଠିକି ପଳେଇ ଆସିଲ ।

ନଗ୍‌କାର – ପଳେଇ ଆସିନି, ମନ ଓ ବିବେକର ତାଡନାରେ ସବୁକୁ ତୁଚ୍ଛ କରି ଦେଇ ବୈରାଗ୍ୟ ହେଇଛି – ସଂସାରର ଲୋଭ ମାୟା ମୋତେ କଦାପି ଆକର୍ଷିତ କରିନାହିଁ-ପ୍ରଭୁଙ୍କ ସଂନ୍ଧାନ ମୋର ମୁଖ୍ୟ ଉଦ୍ଦେଶ୍ୟ-ମୋକ୍ଷର ମାର୍ଗ ପାଇଁ ମୁଁ ଶତତ ଚେଷ୍ଟିତ । ମୁଁ ଯଦି ପଗ୍ଲରେ – ତୁମର ଏଠି ଆବିର୍ଭାବ !

ବିସ୍ମୟ – ସେତ ପରର କଥା – ହେଲେ ତୁମେ ମୋତେ ଯେମିତି ଜଗାଇ ଦେଇଛ – ମୁଁ ମୋ କର୍ତ୍ତବ୍ୟ ଅବଶ୍ୟ ପାଳନ କରିବି – ନୂଆ ପୃଥିବୀର ସଂଧାନରେ ମୋର ଏ ହେବ ଯାତ୍ରାର ପ୍ରଥମ ପାଦ ।

ନିର୍ଦ୍ଦେଶକ – ତେବେ ଏ କ୍ଷୀଣ ଆଲୋକରେ ଆମେ କେହି କାହାକୁ ଖୋଜି ପାଇବା ନାହିଁ-

ତୁମର ମହିମାରେ ଆଲୋକିତ କରିଦିଅ । ଦୁହେଁ ଦୁହିଁଙ୍କର ପରିଚୟ ଖୋଜିବା – ମିଶିବା- ଏକ ମନ ଏକ ପ୍ରାଣରେ । ବନ୍ଧୁ ସହୋଦର ଭାବି ଆମର ଏଇ ମିଶନକୁ ସାକାର କରିବା – ଶକ୍ତ କରିବା-କାମରେ ଲଗାଇବା ।

ବିସ୍ମୟ –ପରିଚୟ ! କେଉଁ ପରିଚୟ କଥା ତୁମେ କହୁଚ – ମା ର ଜଠରରୁ ତ ପରିଚୟର ଅଧ୍ୟାୟାରମ୍ଭ । ସତରେ ପରିଚୟ ନଥିଲେ କାହାକୁ ଚିହ୍ନି ହୁଏନା-ଜାଣି ହୁଏନା କି ବୁଝିବି ହୁଏନା ।

ନିର୍ଦ୍ଦେଶକ – ସବୁଠି ପରିଚୟ-ତୁମର, ମୋର, ସେମାନଙ୍କର, ପ୍ରଥମ ପରିଚୟ-ନିରନ୍ତର ପରିଚୟ-ଜନ୍ମରୁ ମୃତ୍ୟୁ-ମୃତ୍ୟୁରୁ ପୁଣି ଜନ୍ମ, ଏଇତ ଦୁର୍ନିବନ୍ଧା ସଂସାରର ନିୟମ ।

ବିସ୍ମୟ – ଯେମିତି ଆରମ୍ଭରୁ ଶେଷ, ଶେଷରୁ ଆରମ୍ଭ ।

ନିର୍ଦ୍ଦେଶକ – ପରିଚୟରୁ ତ ଆରମ୍ଭ ହୁଏ ସଂପର୍କ ଯେମିତି ଏଇ ତୁମ ଆଉ ମୋ ଭିତରେ, ମଣିଷ ସତରେ ସଂପର୍କ ପାଇଁ ପାଗଳ ନା?

ବିସ୍ମୟ – ହଁ, ଏହା ଏକାନ୍ତ ସତ୍ୟ – କିନ୍ତୁ ଭାଇ ବେଳେବେଳେ ମଣିଷ ଖୋଜି ଆଣି ସମ୍ପର୍କକୁ ଯୋଡି ଦେଲାପରେ ପୁଣି ତାକୁ ନିଜେ ହଠାତ୍ ଛିଣ୍ଡାଇ ଦିଏ । ସତରେ ଏ ମଣିଷଟା ବଦ୍ଧ ପାଗଳ । କୃତଘ୍ନ, କି ଆନନ୍ଦ ପାଏ କେଜାଣି ।

ନିର୍ଦ୍ଦେଶକ – ସର୍ବଶ୍ରେଷ୍ଠ ପ୍ରାଣୀ ଭାବରେ ମଣିଷ ଭଗବାନଙ୍କର ଅତୁଳନୀୟ ବରଦାନ । ଅଥଚ ମଣିଷ ଏତେ ନୀଚକୁ ଯାଇପାରେ! ତା ଭିତରେ ହୀନମନତା, ଅସହିଷ୍ଣୁତା, ପରଶ୍ରୀକାତରତା ପୁଣି ପଶୁତ୍ୱରେ ଭରି ତାର ମନ ଓ ବିବେକ ।

(କିଛି ଶବ୍ଦ-ପାଦଶବ୍ଦ)

କିଏ ଆସିଛି ବୋଧହୁଏ-

ବିସ୍ମୟ – ନା ଆଉ ବା ଏଠିକି କିଏ ଆସିବ !

ନିର୍ଦ୍ଦେଶକ – ଦେଖନ୍ତୁ ନା କେହି ଆସୁଛନ୍ତି!

ବିପ୍ଳବ – (ପ୍ରବେଶ) (ଧଇଁସଇଁ ହୋଇ) ନା ପାରିଲିନ

ବିସ୍ମୟ – ଆରେ ବିପ୍ଳବ ତୁମେ ! ଏମିତି ପାଗଳଙ୍କ ପରି କଣ ଗପୁଛ । ଆରେ ଦେଖ ଇଏ ହେଉଛନ୍ତି ନଗ୍‌କାର ପରଂବ୍ରହ୍ମ –ଆମଠାରୁ ବୟସରେ ଯଥେଷ୍ଟ ବଡ ତତ୍ତ୍ୱଦର୍ଶୀ । ତାଙ୍କଠାରୁ ବହୁତ କଛି ଜାଣିବାରେ ଅଛି । ନଗ୍‌କାର- ଏ ହେଉଛି ବିପ୍ଳବ, ମୁଁ ତାକୁ ସାଥିରେ ଧରି ଆଣିଛି । ଏଠି ନକାଞ୍ଚନରେ ମୋ ସାଥିରେ ରହି କାର୍ଯ୍ୟ କରିବ । ହେଲେ ସେ କଣ ଶାନ୍ତିରେ ବସି ପାରୁଛି, ସବୁବେଳେ ଅସ୍ଥିର ।

ଇଗ୍‌କାର – ନା-ବିପ୍ଳବ ମହାଶୟ ! ସ୍ଥିର ଓ ଶାନ୍ତ ଚତ୍ତରେ ସବୁ କଛି କରିହେବ-ଅସାଧ କାର୍ଯ୍ୟ ବିନା ପ୍ରତିବନ୍ଧକରେ ସାଧିତ ହୋଇପାରିବ-ସେଥିପାଇଁ ଏକାଗ୍ରତା ଲୋଡା-ଏମିତି ଚଞ୍ଚଳତା ଯୁବକମାନଙ୍କ ପାଖରେ ଆଦୌ ଶୋଭାପାଏ ନା ।

ବିପ୍ଳବ – ମୁଁ ଧନ୍ୟ ହେଲି । ଆପଣଙ୍କ ମୁଖରୁ ଏଇ ମିଠାମିଠା କଥା ପଦକ ଶୁଣି । ବଡ ସୌଭାଗ୍ୟ ମୋର ଆମେ ଏଠି କେତେଜଣ ଭେଟ ହୋଇଗଲେ-ଏଣିକ ହୁଏତ କେହି ଆମ ସାଥିରେ ଆସି ମିଶିପାରନ୍ତି ।

ନଗ୍‌କାର – ହଁ ତାହାତ ସତ, ଆମେ ଯେମିତି କକ୍ଷଚ୍ୟୁତ ନକ୍ଷତ୍ର-ଏମିତି ଘୁରୁଥିଲେ ହଠାତ୍ ଘଟଣା ଓ ଦୁର୍ଘଟଣାର ଶିକାର ହୋଇ କକ୍ଷ୍ୟଚ୍ୟୁତ ହେଲେ – ନା-ମୁଁ କଏ ନା-ତୁମେ କଏ? ଏ "ମଧୁବନ" ଭିତରେ ସମସ୍ତେ ଯେମିତି ଏକାକାର ହୋଇଯାଉଛେ ।

ବିସ୍ମୟ – କହି ହେଉନାହିଁ, ଆମର ଏଠି ଏମିତି ଅଗ୍ନନକ ପ୍ରବେଶ ହୁଏତ କଛି ନୂଆ ସୁଯୋଗ ସୃଷ୍ଟି କରିପାରେ ।

ବିପ୍ଳବ – ଯାହା କୁହ ଭାଇ ସବୁ ସାଧନା ହିଁ ସେଇ ଗୋଟିଏ ପ୍ରପ୍ତି-ଶାନ୍ତି । ଶାନ୍ତିରେ ସଂଧାନରେ ଆମେ ସବୁ ପଦଯାତ୍ରୀ ।

ନଗ୍‌କାର – ସବୁ ସମାଧାନର ପଥ ଆମକୁ ଖୋଜି ବାହାର କରିବାକୁ ହେବ । ଆମଠାରୁ ଦୂରେଇ ଯିବ ଲୋଭ, ମାୟା, ଆସକ୍ତି, ସ୍ୱାର୍ଥପରତା । କେବଳ ସମର୍ପଣର ଭାବ ନେଇ ଆମେ ସମସ୍ତେ ଓହ୍ଲାଇ ଆସିବେ ଗୋଟାଏ ନକାଞ୍ଚନ, ଜନଶୂନ୍ୟ ସବୁଜ ବଳୟ ଭିତରକୁ ତଥାକଥିତ ପୃଥିବୀ, ବିରୂପ ସମାଜଠାରୁ ଆମେ ଅନେକ ଦୂରରେ ।

ବିପ୍ଳବ-ହେଲେ ଭାଇ ପ୍ରବୀଣାନନ୍ଦଙ୍କ ସହ ଆପଣଙ୍କର ଭେଟ ହେଲାଣି !

ନରକାର – ହବନ କେମିତି ପ୍ରଥମେ ତ ଆସି ତାଙ୍କୁ ହିଁ ଭେଟିଥିଲି-ସେ ଭାରି ବ୍ୟସ୍ତ ବିବ୍ରତ ଥିଲେ । କଣ ଗୋଟାଏ ଜିନଷ ଖୋଜୁଥିଲେ-ମୁଁ ଭୟରେ ତାଙ୍କୁ ଆଉ କଛି ପଗ୍ଚରିଲିନ । ସେ ବି ମୋତେ ଆଉ କଛି ପଗ୍ଚରି ନାହାଁନ୍ତି ।

ବିସ୍ମୟ – କନ୍ତୁ ମୁଁ ସତରେ ସ୍ୱପ୍ନରେ ଯାହା ଦେଖିଥିଲି ତା ଅବଶ୍ୟ ଘଟିଗଲା । ସେ ବି କାଲି ଆସିଛନ୍ତି-ଅଜ୍ଞାତ ବାସରେ ସେ - ସେ କଣ ଆସିଛନ୍ତି ଆତ୍ମମନ୍ଥନ ପାଇଁ!

କ୍ରମଶଃ........

ସି.ଡି.ଏ, କଟକ

# ଦିବ୍ୟଶ୍ରୀ ମନୋଜ

ଦୀନବନ୍ଧୁ ବେଜ

ମନ ଗହନରୁ ଉକୁଟି ଉଠିଛି
କଏ ସେହି ସାଧୁଲୋକ,
ସାରସ୍ୱତ ଋଷି ଯାହାଙ୍କ ପାଇଁକି
ଅଟକଛି ଭୂଷା ଚକ ।୧।

କଏ ସେହି ବ୍ୟକ୍ତି ଯାର ଅଭିବ୍ୟକ୍ତି
କରିଥିଲା ଜାଦୁମନ୍ତ୍ର
ଯାହାର ପାଇଁକି ମଧୁର ଗାୟକ
ହରାଇଛି ବାକତନ୍ତ୍ର ।୨।

ପ୍ରବଚକ ଟିଏ ବାକଶୁନ୍ୟ ହୋଇ
ଗ୍ଳହିଁଅଛି ଶୁନ୍ୟ ହୋଇ
ଶ୍ରୋତାମଣ୍ଡଳୀର ନିରବତା ଛାଇ
ଘେରିଛି କୋକୁଆ ହୋଇ ।୩।

ସ୍ଥିରଚନ୍ଦ୍ର ଦେଖି ଅସ୍ତବ୍ୟସ୍ତ ଆଖି
ପଗ୍ଚରିଲା ସମୟକୁ
କାହିଁକି ସମୟ ଏପରି ନିର୍ଦ୍ଦୟ
ହୋଇଲ ଆମ ବେଳକୁ ।୪।

ଆଉ ଦଣ୍ଡେ ଘଡି    ରହି ପାରିଲନ
    ନେଇ ଗଲ ତାଙ୍କୁ ତୁମେ
ବିଧି ବାମ କଲ    ଅସ୍ଥା ହରାଇଲ
    ସମୟ ଯାଅନା ବାମେ ।୫ ।

ସମୟ କହିଲା    ବେଳ ସରିଥିଲା
    ବାଣୀପୁତ୍ର  ମନୋଜଙ୍କ
ଯୁଗ ପୁରୁଷଙ୍କ    ବିଧିର ନିର୍ଦ୍ଦେଶ
    ବିହି କଥା ବାରେ ବୁଝ । ୬ ।

ସ୍ୱର୍ଗଧାମ ଯାତ୍ରୀ    ସ୍ୱର୍ଗରେ ବିହାରୀ
    ସ୍ୱର୍ଗରେ ସ୍ଥାନ ତାଙ୍କର
ତାଙ୍କ କର୍ମ ଯୋଗୁ    ଇତିହାସେ ଥିବ
    ନାମ ଦାସ ମନୋଜଙ୍କର ।୭।

ବାଷଠୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା

# ମଳୟ ଆବାହନ



ଶୋଭାଗିନ ବିଶି

ଆସ ଆସ ବାରେ ମଳୟ ମରୁତ
ଧିରେ ଧିରେ ଆସ ବହି ।
ଗ୍ରୀଷ୍ମ ର ପ୍ରକୋପ ହେଲାଣି ପ୍ରଚଣ୍ଡ
ଶରୀର ପାରେନ ସହି ॥

ଗାଡିଆ ପୋଖରୀ ନ ପାରନ୍ତି ସହି
ରବିଙ୍କ ପ୍ରଖର ତେଜ ।
ଧରଣୀ ବୁକୁରେ ଫାଟ ସୃଷ୍ଟି ହୁଏ
ହାଣ୍ଡିରେ ଶୁଖଇ ପେଜ ॥

ଅନଳର ସମ ତପନ କରଣେ
ଡହଳ ବିକଳ ପ୍ରାଣ ।
ଅନ୍ନକୁ ପାଶୋରି ଜଳପାନ ଆଶେ
ବରଫ ଖଜାରେ ମନ ॥

ସାନ ସାନ ପିଲେ ଅଝଟ କରନ୍ତି
ଖାଇବେ ତାଳ ଖଜୁରୀ ।
ତରଭୁଜ ଆମ୍ବ ପଣସ ସାଥିରେ
ରହିଥିବ ଯେ ସପୁରୀ ॥

ମୁଣ୍ଡେଛତା ପାଦେ ଜୋତାକୁ ଆବୋରି
ପଥିକ ଗ୍ଭଲଇ ଧିର ।
ବିଲବାଡି କାମ ଶୀଘ୍ର ସାରି ଚଷା
ଖୋଜଇ ବୃକ୍ଷର ମୂଳ ॥

କଣ୍ଠା ଶୁଷ୍କ ହୋଇ ତୃଷା ନ ମେଣ୍ଟଇ
ଦେହୁଁ ବହେ ଲୁଣି ନୀର ।
ଆସ ହେ ମଳୟତବ ସ୍ପର୍ଶେ ଅବା
ପରାଣ ହୋଇବ ସ୍ଥିର ॥

ଶୁଣିଅଛି କାଳେ ତୁମ୍ଭେ ଅଟ ନବ-
ପଲ୍ଲବର ସୃଷ୍ଟିକର୍ତ୍ତା ।
ତୁମରି ପରଶେ ଶୁଷ୍କ ବୃକ୍ଷ ସିନା
ହୁଏ ନବ ପଲ୍ଲବିତା ॥

ତବ ଆଗମନେଚନ୍ଦନର ବାସ
ନନ୍ଦନ ବନରୁ ଛୁଟେ ।
ପଲ୍ଲବୀ ପଲ୍ଲବେ ପଲ୍ଲବିତ ମନୁ
ପ୍ରେମର ସୁମନ ଫୁଟେ ॥

ଚନ୍ଦନ ତିଳକ ଗଙ୍ଗାଜଳ ସାଥେ
ଆମ୍ବ ବଉଳର କଷି ।
କରିବି ସ୍ୱାଗତ ଆସହେ ତୁରିତ
ହୋଇଯିବ ସଜ ବାସି ॥

ତୁମରି ଆଗମେ କୋଟିଜନ ପ୍ରାଣେ
ହେଉ ଜୀବନ ସଞ୍ଚାର ।
ଗ୍ରୀଷ୍ମର ତାଡନା ସହ୍ୟ କରିବାର
ଶକ୍ତି ଦିଅ ବାର ବାର ॥

ଅଂଶୁଘାତ ଭୟ ଘାରି ବସିଲାଣି
କାଢି ହେଉନାହିଁ ପାଦ ।
ଆସ ହେ ସତ୍ୱର ତୁମ ଅପେକ୍ଷାରେ
ସର୍ବେ ଅଛୁ ହୋଇ ରୁଣ୍ଡ ॥

ଗ୍ରାମ-ଦୁଆନ ପାଲି,
ସୋହେଲ୍, ବରଗଡ଼

# ପଛକୁ ଫେରିଲେ...

ନିରଞ୍ଜନ ସାହୁ

ପଛକୁ ଫେରିଲେ ଭାରି ଦୁଃଖ ଲାଗେ
ଆଖି ହୁଏ ଛଳଛଳ
ଉଜାଣି ବହଇ ଯମୁନା ନଈଟା
ପାଣି ହୁଏ କଳକଳ ॥
କେତେ କେତେ ସ୍ମୃତି ଦେଖା ଦେଉଥାନ୍ତି
ଅତୀତର ଆଇନାରେ
ଛାଡି ଆସିଥିବା ଅଲିଭା ଚିହ୍ନକୁ
କିଏ ଅବା ଭୁଲିପାରେ
ଆଜି ବି ସେ କଥା ଦେଖା ଯାଉଥାଏ
ସ୍ୱଷ୍ଟ ଭାବେ ଜଳଜଳ ॥
କେତେ କେତେ ସ୍ମୃତି ଆନନ୍ଦ ଦିଅନ୍ତି
କେବେ ବି ଦିଅନ୍ତି ଲୁହ
ତଥାପି କିଏ ସେ ଅତୀତକୁ କେବେ
ଭୁଲି ପାରିଛି କି କୁହ
ନିଚ୍ଛୋଳାରେ ଟିକେ ଏକାକୀ ଭାବିଲେ
ସ୍ମୃତି ଆସେ ଦଳଦଳ ॥

ନିହାଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ମୋର ଛୋଟ ଗାଁ

ଅନନ୍ତ କୁମାର ସାହୁ

ମୋ ଛୋଟ ଗାଆଁ
ଏଇ ମୋର ଛୋଟ ଗାଆଁରେ
ତାକୁ ଟିକେ ଗୁହାଁରେ,
ଜନମ ଏଇଠି, ମରଣ ଏଇଠି
ପାଳଆବିନ୍ଧା ତାର ନାଆଁରେ,
ବୁଢା ଅଙ୍କା ବଙ୍କା ବାଡି ପରି
ଅଙ୍କେଇ  ବଙ୍କେଇ ହେଇ
କୁଣ୍ଡି ନଈ ଗାଆଁ ମଝିରେ ଯାଇଛି ବୋହି,
ବରଷା ଋତୁରେ ଗାଆଁ ନଈ ମୋର ଉଛୁଳେ
ଘାଟରେ ପଡେ ନାଆ
ଏଇ ମୋର ଛୋଟ ଗାଆଁ,
ପାଳଆବିନ୍ଧା ତାର ନାଆଁ,
ଗାଆଁ ଶେଷ ମୁଣ୍ଡେ
ବିଖ୍ୟାତ ଦେବତା
ପ୍ରଭୁ ବିରଞ୍ଚିନାରାୟଣ ମନ୍ଦିର ରହି ପାଆନ୍ତି
ପୂଜା,
ସବୁ ବିପଦୁ ମୋ ଗାଆଁ ଲୋକଙ୍କୁ ହୁଅନ୍ତି ସାହା,
ଏଇ ମୋର ଛୋଟ ଗାଆଁ
ପାଳଆବିନ୍ଧା ତାର ନାଆଁ,
ମନ୍ଦିର ପରି ଗାଆଁ ଗ୍ରହାଳ,
ଆମ ଗାଆଁ ପିଲାଙ୍କ ମିଳନସ୍ଥଳୀ
ପଢନ୍ତି ପାଠ ଧରି ସିଲଟ ଖଡି,

ଲେଖନ୍ତି "ଅ, ଆ,
ଏଇ ମୋର ଛୋଟ ଗାଆଁ
ପାଳଆବିନ୍ଧା ତାର ନାଆଁ,
ବାର ମାସରେ ତେର ପରବ
ଖୁସିରେ ପାଳନ୍ତି କରି ମଉଜ,
ଏଠି ସମସ୍ତଙ୍କୁ ସମସ୍ତେ ହୁଅନ୍ତି ସାହା
ଇ ମୋର ଛୋଟ ଗାଆଁ,
ପାଳଆବିନ୍ଧା ତାର ନାଆଁ

ତିହିଡି, ଭଦ୍ରକ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଶେଷ ଆଶା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଦଗ୍ଧ-ଫୁଲବନେ-
ଅଳର ଗୁଞ୍ଜନ,
ଶୁଭିନ କେବେବି ଶୁଭିନ;
ପୋଡି ଯାଇଥିବା
ତିଅଣ କଦାପି,
ମଧୁର ଲାଗିବା ଜାଣିନ ।
ଗନ୍ଧର ବିହୁନେ
କୁମୁଦ କଷଣ,
କମିନ ବରଂ ବଢିଛି;
କଟାକ୍ଷତ ପରେ
ଲୁଣାଛିଟା ଦେଲେ
ଦରଜ କ କେବେ କରିଛି?
ମନର ହରିଣୀ
କେଉଁ ବନେ ଥାଏ,
ସହଜରେ ଜାଣି ହୁଏନ;
ସରଳ ମନଟା
ଭାଙ୍ଗିଗଲେ ଥରେ,
ଆଉ କେବେ ଯୋଡି ହୁଏନ ।
ଅଏକ ଯନ୍ତ୍ରଣା
ଅନେକ ବେଦନା

ଅକୁହା ବି ରହି ଯାଇଛି;
ରକ୍ତ, ମାଂସେ ଗଢା
ଶରୀର ଗୋଟାକୁ,
କୋରି କରି ଖାଇ ଯାଉଛି ।
ତଥାପି ମୁଁ ପ୍ରିୟା !
ଶେଷ ଆଶା ନେଇ
ସୁନେଲି ସପନ ଦେଖୁଛି;
ଘନ ଅନ୍ଧକାର,
କୁହୁଡି ରାତିରେ
ତୁମକୁ ମୁଁ ଖୋଜି ଚାଲିଛି ।
ମରଣ ପଠାରେ
ଶୋଇରହି ପ୍ରିୟା!
ତୁମକୁ ପ୍ରତୀକ୍ଷା କରିଛି;
ମୁହଁରୁ ତୁମର
ପଦେ ମିଠା କଥା,
ଶୁଣିବା ପାଇଁ ମୁଁ ଜୀଇଁଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ସଫଳ ଜୀବନର ମନ୍ତ୍ର



ସିଦ୍ଧେଶ୍ୱର ତ୍ରିପାଠୀ

ମଣିଷ ସମାଜର ଶ୍ରେଷ୍ଠ ପ୍ରାଣୀ । ମଣିଷ ଜୀବନ ଦୁର୍ଲ୍ଲଭ । ମଣିଷ ଜନ୍ମ ପୂର୍ବରୁ ବା ମୃତ୍ୟୁ ପରେ ଦେଖାଯାଏ ନାହିଁ । ଜନ୍ମ ଆଉ ମୃତ୍ୟୁର ମଧ୍ୟବର୍ତ୍ତି କିଛି ସମୟ ପାଇଁ ସେ ଏଇ ସଂସାରରେ ରହେ । ନିଜର ଆଚାର ବିଚାର ବ୍ୟବହାର ଦ୍ୱାରା ସେ ନିଜକୁ ପ୍ରତିଷ୍ଠିତ କରେ । ନିଜର ସୁକର୍ମ ତଥା କୁକର୍ମ ଦ୍ୱାରା ଯଥାକ୍ରମେ ସେ ପ୍ରଶଂସିତ ବା ନିନ୍ଦିତ ହୋଇଥାଏ ।

ଜୀବନରେ ଶାରୀରିକ ଆଉ ମାନସିକ ପରିବର୍ତ୍ତନକୁ ନେଇ ଚାରୋଟି ଅବସ୍ଥା ଆସେ ଯେମିତିକି ଶୈଶବ କୈଶୋର ଯୌବନ ଜରା । ଏହି ଚାରୋଟି ଅବସ୍ଥା ପରେ ମଣିଷର ମୃତ୍ୟୁ ହୁଏ । ତା ମାଟି ଦେହ ସିନା ପଞ୍ଚ ଭୂତରେ ମିଶିଯାଏ ହେଲେ ତାର ସୁକର୍ମ ଆଉ ସୁବିଚାର ତାକୁ ଯୁଗ ଯୁଗ ପାଇଁ ଅମର କରି ରଖିଥାଏ ଏଇ ଦୁନିଆରେ ।

ଉପଯୁକ୍ତ ଶିକ୍ଷା ସଂସ୍କାର ପାଇଲେ ମଣିଷ ଧିରେ ଧିରେ ସତ୍ ପଥର ଯାତ୍ରୀ ହୁଏ ଉନ୍ନତି କରେ । ଆସନ୍ତୁ କିଛି ଅଭ୍ୟାସ ଉପରେ ଆଲୋଚନା କରିବା ଯାହା ଆମକୁ ସଫଳ ଆଉ ଶ୍ରେଷ୍ଠ ମଣିଷ ଭାବରେ ଗଢି ତୋଳିବାକୁ ପ୍ରେରଣା ଯୋଗାଇବ ।

ଏଇ ଯେମିତିକି -

ଉଷା କାଳରେ (ରାତି ତିନି ରୁ ସକାଳ ଛଅ ମଧ୍ୟରେ) ଶଯ୍ୟା ତ୍ୟାଗ କରିବା ଯଦି ସମ୍ଭବ ନହୁଏ ଯେମିତି ହେଲେ ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା । ପରମାତ୍ମାଙ୍କୁ ପ୍ରଣାମ କରି ଧରିତ୍ରୀ ମାତାଙ୍କୁ ପ୍ରଣାମ କରି ଦୁଇ ଗ୍ଲାସ ପାଣି ପିଇବା । ହାଲୁକା ଗରମ ପାଣିବି ପିଇ ପାରିବା । ଘର ବସ୍ତ୍ର ଦେହକୁ ପରିଷ୍କାର କରି ନିତ୍ୟକର୍ମ ଯୋଗାଭ୍ୟାସ ଶେଷରେ ଦେବ କାର୍ଯ୍ୟ

ସୂର୍ଯ୍ୟାର୍ଘ୍ୟ ଦେଇ ସୂର୍ଯ୍ୟଙ୍କୁ ପ୍ରଣାମ କରିବା | ସବୁବେଳେ ସକାଳ ଆଠଟା ପୂର୍ବରୁ ଦେବ କାର୍ଯ୍ୟ ସାରିବା |

ସକାଳେ ରାଜା ଭଳି ମଧ୍ୟାହ୍ନରେ ସାଧାରଣ ଲୋକ ଭଳି ରାତିରେ ଭିକାରୀ ଭଳି ଖାଦ୍ୟ ଗ୍ରହଣ କରିବା । ଖାଦ୍ୟକୁ ଆସନ ଉପରେ ବସି ପୂର୍ବ ବା ଉତ୍ତର ମୁଖା ହୋଇ ଖାଇବା | ଖାଦ୍ୟକୁ ବତିଶ ଥର ଚୋବେଇ ଖାଇଲେ ଭଲ ଜୀର୍ଣ୍ଣ ହୁଏ । ଖାଦ୍ୟ ଖାଇବାର ତ୍ରିଶ ମିନଟ ପୂର୍ବରୁ ଏବଂ ଏକଘଣ୍ଟା ପରେ ପାଣି ପିଇବା ।

ଆମକୁ ଈଶ୍ୱର ଯେଉଁ କର୍ମ ପ୍ରଦାନ କରିଛନ୍ତି ତାକୁ ଖୁସିରେ କରିବା ନିଜକୁ ଅନ୍ୟ ସହିତ ତୁଳନା ନକରିବା | ସମ୍ଭବ ହେଲେ ତ୍ରିସନ୍ଧ୍ୟା (ସୂର୍ଯ୍ୟୋଦୟ ମଧ୍ୟାହ୍ନ ସୂର୍ଯ୍ୟାସ୍ତ) ସମୟରେ ଈଶ୍ୱରଙ୍କୁ ସ୍ମରଣ କରିବା ।

ସନ୍ଧ୍ୟାରେ ନିତ୍ୟକର୍ମ ସାରି ଈଶ୍ୱରଙ୍କ ନାମ ସ୍ମରଣ କରି ପରିବାର ସହିତ କିଛି ସମୟ ବିତାଇବା | ରାତି ଆଠଟା ପୂର୍ବରୁ ନଚେତ ନଅଟା ପୂର୍ବରୁ ରାତ୍ର ଭୋଜନ ସାରି ଶୋଇ ପଡିବା।

ଶୋଇବା ପୂର୍ବରୁ ଦିନଯାକର କର୍ମକୁ ସ୍ମରଣ କରି କଣ ଭୁଲ୍ କଲେ ବାଛିବା ଆଗକୁ ସେ ଭୁଲ୍ ନକରିବାକୁ ସତର୍କ ରହିବା ଉଚିତ୍ । ଆଗାମୀ ଦିନର କାର୍ଯ୍ୟକ୍ରମ କୁ ଟିପି ରଖିବା | ଈଶ୍ୱରଙ୍କୁ ପ୍ରାର୍ଥନା କରି ଶୋଇ ପଡିବା |

ଶୈଶବରେ ଅଝଟ ନହେଲେ କୈଶୋରରେ ପାଠ ନଛାଡିଲେ ଯୌବନରେ ପ୍ରେମରେ ନପଡ଼ି କର୍ମକୁ ନଡ଼ରି ଆଗକୁ ଯାଇ ଜରା ଅବସ୍ଥାରେ ନିଜ ଜୀବନାନୁଭୂତିର ଶିକ୍ଷାକୁ ସମସ୍ତଙ୍କୁ ବାଣ୍ଟି ପାରିଲେ ଜୀବନ ସୁଖ ମୟ ହୋଇଥାଏ ।

ଶିକ୍ଷା ଗ୍ରହଣ କରିବା ସମସ୍ତଙ୍କୁ ସନମାନ ଦେବା । କେବେ କାହାରିକୁ ଥଟା ପରିହାସ କରିବା ନାହିଁ । କର୍ମରେ ନିଜକୁ ନିୟୋଜିତ କରି ନିଜ କର୍ମରୁ ଆନନ୍ଦିତ ହେବା ।

ପିତା, ମାତା, ଭ୍ରାତା, ଭଗ୍ନୀ, ଜାୟା, କନ୍ୟା, ପୁତ୍ର ,ପୁତ୍ରୀ, ପଡୋଶୀ ଏବଂ ବାନ୍ଧବ ବାନ୍ଧବି ମାନଙ୍କ ପ୍ରତି ଆମର ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରିବାହିଁ ମଣିଷର ଶ୍ରେଷ୍ଠତ୍ୱର ପରିଚୟ ।

କର୍ମ କଲେ ଟଙ୍କା ଆସେ ଟଙ୍କାରୁ ଖାଦ୍ୟ, ପାନୀୟ, ବସ୍ତ୍ର,ବାସଗୃହ ପରି ଅନେକ ଆବଶ୍ୟକତା ପୂରଣ ହୋଇଇଥାଏ । କର୍ମରୁ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥାଏ । ସତ୍ ଅର୍ଥ ଆସିବା ଭଳ କର୍ମ କରିବା ସହିତ ସତ୍ ବିଗ୍ଭର ବ୍ୟବହାର ଆସିଲ୍ ଭଳ କାର୍ଯ୍ୟ କରିବା ଉଚତ୍ ।

ଜୀବନ କାଳ ଭିତରେ ବର୍ଷକେ ନିଜ ସାଧ ମତେ କିଛି ଥର ଅନ୍ନ ଦାନ ଜଳ ଦାନ ବସ୍ତ୍ର ଦାନ କରିବା କିଛି ବୃକ୍ଷ ରୋପଣ କରିବା । ଏଗାର ଟି ଇନ୍ଦ୍ରିୟକୁ ଦମନ କରି ଷଢ଼ ରିପୁରୁ ନିଜକୁ ମୁକ୍ତ ରଖିପାରିଲେ ଜୀବନ ସାର୍ଥକ ହୁଏ ।

ନିଜ ଆୟରୁ ପାଞ୍ଚ ଭ୍ଗ ଦାନ କରିବା ଏବଂ କୋଡିଏ ଭ୍ଗ ଭବିଷ୍ୟତ ପାଇଁ ସଞ୍ଚୟ କରିବା। ଆଉ ପଞ୍ଚସ୍ତରୀ ଭ୍ଗରେ ନିଜର ନିଜ ପରିବାରର ଆବଶ୍ୟକତା ପୁରଣ କରିବା।

ପ୍ରତ୍ୟେକ ଦିନ ଜତକିଞ୍ଚିତ ଖାଦ୍ୟ ପଶୁପକ୍ଷୀ ମାନଙ୍କୁ ଖାଇବାକୁ ଦେବା । ମାସକେ ଥରେ ନଈ କମ୍ବା ପାହାଡ଼ ଝରଣା ଜଙ୍ଗଲ ନିକଟକୁ ଭ୍ରମଣରେ ଯିବା। ଜୀବନରେ ଯେ କୌଣସି ସଂଗୀତ ଶିକ୍ଷା କରି ସନ୍ଧ୍ୟାରେ ପାଞ୍ଚ ମିନଟ ହେଉ ପଛେ ଅଭ୍ୟାସ କରିବା | କୁସଙ୍ଗ କୁକର୍ମ ପରନିନ୍ଦା ପରଚର୍ଚ୍ଚାରୁ ଦୁରେଇ ରହିବା । ଜୀବନର ପ୍ରତି ସେକେଣ୍ଡ ମୂଲ୍ୟବାନ ସମୟକୁ କର୍ମରେ ବିଭୂ ସେବାରେ ଅନ୍ୟର ଉପକାରରେ ସମାଜ ସେବାରେ ଲଗାଇ ପାରିଲେ ଏ ଜୀବନ ଧନ୍ୟ ହେବ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ମାସ୍କ ଭିତରେ ମୁହଁ



ଅଜିତ ପାଢି

ଭ୍ରଷ୍ଟ ନୁହେଁ ଦେଶ ରାଜନୀତି
ଶୁଭୁଛି କରୋନା ନୀତି
ସାମର୍ଥ୍ୟ ପାଇଁ ତ ନୁହେଁ କଟକଣା
ଆମ ପାଇଁ ଅଟେ ଅତି ।
ପସିଛି ଶିକ୍ଷାର ନୀତି.......
ନାହିଁ ତ ସବୁଠି ନେଟଓ୍ଵର୍କର ପ୍ରଧାନ୍ୟ
ଧନୀଙ୍କ ପାଇଁ ହୋଇଛି ନତି
ପଧନ୍ତି ଧନୀ ତ ଅନ-ଲାଇନ ମାଧ୍ୟମେ
ଏ....ତ....ଗରିବ ର ଶିକ୍ଷାନୀତି.....?

କ୍ରିକେଟ ପସିଛି ଭାରତ ଭିତରେ
ପସିଲା ଫିରିଙ୍ଗି ପ୍ରିତି
ମଉଜ ଭିତରେ ଚଉକା, ଛକା
କରୋନା ର ନୂଆ ନୀତି
ବଡଙ୍କ ପାଇଁ ତ କ୍ରିକେଟ ପ୍ରିତି ହେ
ଅମ ପାଇଁ ଅଟେ ନୀତି.....?

ଭୋଟ ବକ୍ସରେ ନେତାଙ୍କ ପ୍ରିତି
ବିହାର ରାଜ୍ୟ ରୁ ବଙ୍ଗ କୁ ଗତି
ବଙ୍ଗ ରେ ଶୁଭୁଛି ଧର୍ମ ଓ ଜାତି

ଗଣତନ୍ତ୍ର ର ଅଟେ ନୀତି
କରୋନା ନୀତି ରେ ନେତା ତ ନୁହନ୍ତି
ବୁଡି ଯାଉ ରାଷ୍ଟ୍ରନୀତି.....?

ଦୁର ସଚେତନ ହେଲମେଟ ର ମାଧ୍ୟମ
ମୁହଁ ରେ ମାସ୍କ ର ନୀତି
ଭିଡ ଭିତରେ ପୋଲିସ ର ଜୁଲୁମ
ଜନତଙ୍କ ନାହିଁ ଗତି .... ।
ଦ୍ରୋପଦୀ କହେ ତ ସତୀ?
ଶାଢୀ ଖସିଗଲେ ମୁହଁ ଲୁଚାଇଛି
ରଖିଛି ମାସ୍କରେ ପ୍ରିତି ।
ମାସ୍କର ବଜାର, ହେଲମେଟ ର ପ୍ରଚାର
କରୋନା କରାଳେ ଦେଶ ଲୁଚ ଅଛି
ବଞ୍ଚିବ କ ଅର୍ଥନୀତି ?...ବଞ୍ଚିବ କ ଅର୍ଥନୀତି?
ଆମ ପାଇଁ ହୁଏ ଅତି.......!

ଘାସିରାମ ମାଝୀ ହାଇସ୍କୁଲ୍, ନୂଆଗାଁ

# ଜୀବନ ସଂଗୀତ



ପ୍ରଦୀପ କୁମାର ଜିଲିକାର୍

କଳ କଳ ନାଦେ
ରସା ପରେ ଭେଦେ
ସରିତ ସରିତ ଧାର୍
ଦ୍ୱିଜ ଦଳ ଦଳ
କରି କଳରବ
ଗୀତ ଗାନେ ଆମୃହର୍ |୧

ମୃଦୁଲ ସମୀର
ବହେ ଝର ଝର
ବୀଣାର ଝଙ୍କୃତ ତାନେ
ଅଟବୀ ଅୟନେ
ପାଦପ ମଣ୍ଡନେ
ତପ ସାଧେ ଶାନ୍ତ ମନେ| ୨

କୁସୁମ କଳକା
ବିକଚ ବଦନେ
ଗୃହିଁ ରହେ ଫୁଲ୍ଲ ମନେ
ମତ୍ତ ଅଳ କୁଳ
ହୋଇ ମେଳ ମେଳ
ଭ୍ରମି ପୁଷ୍ପ ଉପବନେ |୩

ଶୁଭ୍ର ଅଭ୍ର ପନ୍ତି
ଅମ୍ବରେ ଭସନ୍ତି
ସମୀର ବହିନ୍ତେ ବସି
ଧର୍‌ଧର ନୃପ
ସାଜି ଅଛି ସ୍ତୁପ
କେଉଁ ଶାପ ଅଛି ଗ୍ରାସି।୪

ଦିବସରେ ହରି
ରଜନୀରେ ହରି
ତମ ଆଲୋକର ଖେଳ
ତାରକା ହୀରକ
ଦିବସେ ଅଦୃଶ୍ୟ
ରଜନୀ ରେ ମାଳ ମାଳ।୫

ହାଡ଼ଶିଙ୍ଗୁଳା, ଗୁଟିକୋଣା
ବିଷମକଟକ, ରାୟଗଡ଼ା

# ମୋ' ଗାଆଁ



ଶେଷଦେବ ପଣ୍ଡା

ପୂଣ୍ୟତୋୟା ସୁକତେଲ
ତୀରେ ସୁଶୋଭିତ,
ମୋ' ଗାଆଁ ମୁଦଲସର
ପଲ୍ଲୀଟି ଅଖ୍ୟାତ ।

ପ୍ରକୃତିର ମନୋରମ
କୋଳେ ଅଛି ରହି,
ସହରର କୋଳାହଳ
ଆଦୌ ଏଠି ନାହିଁ ।

ମୋ' ଗାଆଁ ମନ୍ଦିର ଘଣ୍ଟ
ନାଦେ ନଦ ଭଙ୍ଗେ,
ଗ୍ରାମଦେବତୀଙ୍କୁ ଯୋଡ
ହସ୍ତେ କୃପା ମାଗେ ।

ଆମ୍ରକୁଞ୍ଜେ କୋଇଲିର
ଶୁଭଇ କୂଜନ,
ସରଳ ଏ ଗ୍ରାମବାସୀ
କର୍ତ୍ତବ୍ୟେ ମଗନ ।

ଶ୍ରଦ୍ଧା ସହଯୋଗଭରା
ସବୁରି ହୃଦୟ,
ଈଶ୍ୱର ବିଶ୍ୱାସୀ ସର୍ବେ
କର୍ମକ୍ଷେତ୍ରେ ଲୟ ।

କୃଷକ ଶ୍ରମିକ ଅଳ୍ପ
ରାଜକର୍ମଚାରୀ,
ରହିଛନ୍ତି ମୋ' ଗାଆଁରେ
ଏକତା ଆବୋରି ।

ପରବ ପାଳନ୍ତି ମିଶି
ଶୁଦ୍ଧ ପୂତ ମନେ,
ଗାଆଁର କଳ ତୁଟାନ୍ତି
ମୋ' ମୂରବି ମାନେ ।

ମୋ' ଗାଆଁର ରାମଲୀଳା
ଅଞ୍ଚଳେ ପ୍ରସିଦ୍ଧ,
ଆଉ ପୁଣି ରହିଅଛି
ଶ୍ରେଷ୍ଠ ଗୋ-ସମ୍ପଦ ।

ଭବ୍ୟ ପ୍ରକୃତିର କୋଳେ
ସବୁଜ ବନାନୀ,
ଏ ଗାଆଁକୁ ଘେରିଅଛି
ଚାରୁ ଶୋଭା ଘେନ ।

ଜନମି ଏ ପଲ୍ଲୀପୁରେ
ଆସଇ ଗରବ,
ସବୁ ଋତୁ ଦ୍ୟନ୍ତି ବସ-
ନ୍ତର ଅନୁଭବ ।

ମଧୁର ମମତା ବୋଳା
ମା' ମାଟି ଏ ମୋର,
ମୋ' ଶରୀରେ ବହୁଅଛି
ତା' ନୀର ରୁଧିର ।

ତାର ଫଳ ମୂଳ ଶସ୍ୟେ
ଏ ତନୁ ତୃପତ,
ଏ ଗ୍ରାମବାସୀ ଆଶିଷେ
ସଫଳତା ପ୍ରାପ୍ତ ।

କର୍ମବଶେ ଏଣେତେଣେ
ଥିଲେ ବି ମୁଁ ରହି,
ଶେଷ ଜୀବନ ଏଠାରେ
ଯାପିବି ଇଛଇ ।

ନୀଳାଦ୍ରିନାଥଙ୍କ ପାଦେ
କରେଁ ନିବେଦନ,
ମୋ' ଗାଆଁକୁ କରିଥାନ୍ତୁ
କୃପାଦୃଷ୍ଟି ଦାନ ।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗ, ବଲାଙ୍ଗିର

# ମୋ ପ୍ରିୟ ଗାଁ

ଜନ୍ମଜୟ ନାୟକ

ନୀଳାମ୍ବୁ ଚିଲିକା କୂଳେ ମୋର ଗାଁ ଟି,
ଆଳୁପାଟଣା ଅଟେ ତା'ର ନାମଟି ।
ସହରର ବାସନା ଠୁଁ ବହୁ ଦୂରେ,
ସୁଖଶାନ୍ତି ଭରିଛି ମୋହରି ଗାଁ ରେ ।୧।

ଗାଁ ର ପ୍ରାକୃତିକ ଦୃଶ୍ୟ ମନୋରମ,
ମୋର ଗାଁ ଟି ମୋ ପାଇଁ ସରଗସମ ।
ବାବା ଚଉବରଙ୍କ ଆଶିଷ ବାରି,
ଭକତଙ୍କ ଶିରେ ପଡୁଥାଏ ଝରି ।୨।

ସେ ବାବା କରନ୍ତି ସଙ୍କଟ ହରଣ,
ନିଃସନ୍ତାନ କୋଳ କରନ୍ତି ପୂରଣ ।
ଭକତି ଭରେ ପୂଜି ତାଙ୍କର ପୟର,
ଜୀବନୁ ଦୁଃଖ ଶୋକ ହୁଏ ଦୂର ।୩ ।

ଚଉବରଙ୍କର  ମହିମା ଅପାର,
କି ଗୁଣ ଗାଇବି ମୁଁ ଅଧମ ନର ।
ସେହି ତପସ୍ୱୀ ଥିଲେ ସିଦ୍ଧ ପୁରୁଷ,
ସରିବନି ତାଙ୍କରି କୀରତି ଯଶ ।୪।

କମ୍ପେ ସେହି ପୀଠ ନାମ ସଂକୀର୍ତ୍ତନେ,
ସକାଳେ ସନ୍ଧ୍ୟାରେ ଭକତି ଭଜନେ ।

ଶୁଣିଥାନ୍ତି ଡାକଲେ ଭକତି ଭରେ ।
ବାବା ପର୍ବ ବନ୍ଧା ଭକତି ଭାବରେ ।୫।

ଘନ ବନାନୀ ଗାଁ କୁ ରହିଛି ଘେରି,
ଶୋଭା ବଢ଼ାଏ ମୋର ଗାଁ ର ପୋଖରୀ ।
ସକାଳେ ତା' ତୁଠେ ହୁଏ ଭିଡ଼ ଭାରି,
ତା' ସାଥେ ଅଛି ଗାଁ ର ସେନେହ ଡୋରି ।୬।

ଗାଁ ର ଆମ୍ବତୋଟା ପୋଲାଙ୍ଗ ବଣ,
ସୁସ୍ଥ ପରିବେଶର ଅଟେ କାରଣ ।
ନାନାଦି ପକ୍ଷୀଙ୍କର ମିଠା କୂଜନ,
ତୋଷିନଏ ପର୍ବ ସଭିଙ୍କ ମନ।୭।

ପୋଖରୀ ତୁଠେ ଗାଁ ଟୋକାଙ୍କର ଖଟି,
ପର ଆପଣା ମୋର ଗାଁରେ ନାହିଁଟି ।
ନଟୁ ଖେଳ ଗାଁ ଶିଶୁଗଣଙ୍କର,
ମନେ ଭରିଦିଏ ଆନନ୍ଦ ଅପାର ।୮।

ପୋଖରୀ ଦୂର୍‌ଏ ଗାଁ ଜଳ ଅଭାବ,
ମୋ ଗାଁ ରେ ରହିଅଛି ଗାଧୁଆ କ୍ଲବ ।
ଟୋକା ବୁଢ଼ା ଭିଡ଼ ଏଠି ସଭିଙ୍କର,
ଗୁଲିଖଟି ଗପର ଜମେ ଆସର ।୯।

ଗାଁ ଯୁବପିଢ଼ି ଖେଳ ପ୍ରେମୀ ଅଟନ୍ତି,
ଭଲି ଓ କ୍ରିକେଟ ଖେଳରେ ମଜନ୍ତି ।
ବରଗଛ ମୂଳେ ତାସ ଖେଳ ମଜା,
ସଭିଏଁ ଖେଳୁଥାନ୍ତି ନାତି ଠୁଁ ଅଜା ।୧୦।

ହେ  ଜଗତନାଥ  କାଳଆ ସାଆନ୍ତ,
ମୋ ଗାଁ ର ସୁଖଶାନ୍ତି ନହେଉ ଅନ୍ତ  ।
ଭାଇଗ୍ଣବ୍ ଗଣ୍ଠି ରହୁ ମୋର ଗାଁ ରେ,
ସଭିଙ୍କୁ  ବାନ୍ଧି  ସେନେହ ସିକୁଳରେ  ।୧୧।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ୍, ପୁରୀ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର
ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ
vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ
ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ
ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ
ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଛୋଟ ମୋର ନାଆଟି

## (ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

### ୧୯୮୬ - ଡାଃ ହରବଟ୍ ଇ. କଫମାନ

ମୁଁ ସେତେବେଳେ ଜାପାନରେ ଇଣ୍ଟ୍ରାଅକୁଲାର ଲେନ୍ସରେ ଫେଲୋସିପ୍ କରୁଥିଲି । ଡାଃ ମୁମୁସେ ଆମେରିକାନ ଏକାଡ଼େମୀ ଯିବା ପାଇଁ ବ୍ୟବସ୍ଥା କରୁଥିଲେ । ମୁଁ ପ୍ରଫେସର ମଦନ ମୋହନଙ୍କ ଠାରୁ ଆମେରିକାନ ଏକାଡ଼େମୀ ବିଷୟରେ ବହୁତ ଶୁଣିଥିଲି । ଅଳ୍ପରେ ମୁଁ ଡାଃ ମୁମୁସେଙ୍କ ସାମ୍ନାରେ ମୋ'ର ଇଚ୍ଛା ପ୍ରକାଶ କଲି । ଏକାଡ଼େମୀର ରେଜିଷ୍ଟ୍ରେସନ୍ ଫି ବହୁତ ବେଶୀ । ତେଣୁ ତାହା ମୋ' ପକ୍ଷରେ ସମ୍ଭବ ହେବନି । ସେ କଥା ମଧ୍ୟ ପ୍ରକାଶ କରିଥିଲି। ମୋ' କଥାର ଉତ୍ତର ସେ ନ ଦେଇଥିଲେ ମଧ୍ୟ ଦୁଇଦିନ ପରେ ସେ କହିଥିଲେ ମୋ' ନାମ ଜୁନଅର ମେମ୍ବର ଭାବେ ରଦ୍ଦ କରି ଦେଇଛନ୍ତି । ଯାହା ପାଇଁ ଶହେ ଡଲାର୍‌ରୁ ମଧ୍ୟ କମ୍ ଦେବାକୁ ହୁଏ । ମେମ୍ବର ମାନଙ୍କୁ ରେଜିଷ୍ଟ୍ରେସନ୍ ଫି ଦେବାକୁ ହୁଏନି । ବହୁତ ଖୁସି ହୋଇ ଡାଃ ମୁମୁସେଙ୍କ ସଂଗେ ନଉ ଅରଲିଆନସ୍ (ୟୁନକ୍ ସିଟି ଅଫ୍ ଆମେରିକା) ଯାତ୍ରା କଲି ।

### ୯ ନଭେମ୍ବର ୧୯୮୬:-

ରେଜିଷ୍ଟ୍ରେସନ୍ ଡ଼େସ୍କରୁ ମୋ'ର କଟ୍ ସଂଗ୍ରହ କରି ଉତ୍ସାହ ସହ ଭିତରେ ଥିବା ପେପର ଗୁଡ଼ିକ ବାହାର କଲି । ଆଖି ପଡ଼ିଲା ସୁନ୍ଦର ଦୁଇଟି ପାମ୍ପଲେଟ୍ ଉପରେ । ଗୋଟିଏ ଥିଲା ଡାଃ କଫମ୍ୟାନ୍‌ଙ୍କ ଇନ୍‌ଷ୍ଟ୍ରକସନ୍ କୋର୍ସ ଏବଂ ଅନ୍ୟଟି ଥିଲା ଡାଃ କାସେଙ୍କର ଲାମେଲାର କେରାଟୋପ୍ଲାଷ୍ଟି ହ୍ୟାଣ୍ଡସ୍ ଅନ୍ କୋର୍ସ । ଆମେରିକାନ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ସମସ୍ତ କୋର୍ସ ପାଇଁ ପେ କରିବାକୁ ହୋଇଥାଏ । ଷ୍ଟୁଡ଼େଣ୍ଟସ୍ ସାର୍ଟିଫିକେଟ୍ ଥିଲେ ଗ୍ଲୁରିଟି କୋର୍ସ ଆଟେଣ୍ଡ କରିବାର ଅନୁମତି ଥାଏ । ମାତ୍ର ମୁଁ ସେତେବେଳେ ଲେକ୍‌ଚରର୍ ରୂପେ ଗ୍ର.ପି.ସେଣ୍ଟର୍‌ରେ କାମ କରୁଥିଲି, ତେଣୁ ମତେ ପେ କରିବାକୁ ହେବ । ଯେଉଁ ଡାଃ କାସେ

ଏବଂ କଫମ୍ୟାନ୍‌ଙ୍କୁ ଦେଖିବା ପାଇଁ ସ୍ୱପ୍ନ ଦେଖୁଥିଲି । ତାଙ୍କରି ଦ୍ୱାରା ଏଇ ଦୁଇଟି କୋର୍ସ, ତେଣୁ ଆଗରୁ ଚିନ୍ତା ନ କରି ପେମେଣ୍ଟ ଜମା କରିଥିଲି ।

ଡ଼ାଃ କଫମ୍ୟାନ୍‌ଙ୍କ କୋର୍ସ ଭାଇରାଲ୍ କେରାଟାଇଟିସ୍ ଉପରେ ଥିଲା । ହଲ୍‌ର ଚେୟାର ସବୁ ଭର୍ତ୍ତୀ ହୋଇ ଯାଇଥିଲା । କେତେଜଣ ପ୍ରମୁଖ ବ୍ୟକ୍ତି ଚେୟାର ଅଭାବରୁ କାନ୍ଥକୁ ଲାଗି ଛିଡ଼ା ହୋଇଥିଲେ । ଏଇ ସମୟରେ ଜଣେ ସାଧାରଣ ବେଶଭୂଷା ହୋଇଥିବା ବ୍ୟକ୍ତି ପାଖ ରୁମ୍‌ରୁ ଚେୟାର ଆଣି ସମସ୍ତଙ୍କୁ ବସିବା ପାଇଁ କହିଥିଲେ । କେହି ଜଣେ କର୍ମଚାରୀ ହୋଇଥିବେ ମନେ କରି ତାଙ୍କ ହାତରୁ ଚେୟାର ଖଣ୍ଡେ ନେଇ ଧନ୍ୟବାଦ ଅର୍ପଣ କରିଥିଲି। କୋର୍ସର ଇଣ୍ଟ୍ରଡ଼କ୍‌ସନ୍ ଆରମ୍ଭ ହେଲା । ମଞ୍ଚକୁ ଗୁହିଁଲି । ଯେଉଁ ବ୍ୟକ୍ତିଙ୍କ ହାତରୁ ଚେୟାର ନେଇଥିଲି ସେ ହେଉଛନ୍ତି ଡାଃ ହରବର୍ଟ୍ କଫମ୍ୟାନ୍ । ଏଲ୍.ଏସ୍.ଇଉ ହସ୍‌ପିଟାଲ୍‌ର ମୁଖ୍ୟ ଏମେରିଟସ୍ ବଏଡ୍ ପ୍ରଫେସର । ମୋ'ର ଆଶ୍ଚର୍ଯ୍ୟର ସୀମା ରହିଲାନ । ଆମେରିକାନ୍ ମାନଙ୍କ ଏଇ ମନୋବୃତ୍ତି ପାଇଁ ହୁଏତ ଆମେରିକା ଏତେ ଆଗେଇ ପାରିଛି ।

ତହିଁ ଆରଦିନ ଥିଲା ଡାଃ ଟି.ଏ. କାସେଙ୍କର ହ୍ୟାଣ୍ଡସ୍ ଅନ୍ କୋର୍ସ । ଇଣ୍ଟ୍ରଡ଼କ୍ଟରୀ କ୍ଲାସ୍‌ରେ ସେ ଡ୍ରେସ୍ କୋଡ୍ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ । ସମସ୍ତ ଇନ୍‌ଷ୍ଟ୍ରକ୍ଟର ଏବଂ ପାର୍‌ଟିସିପାଣ୍ଟ ମାନଙ୍କ ପାଇଁ ଟ୍ରାଉଜର ଏବଂ ସାର୍ଟ ମ୍ୟାଣ୍ଡେଟୋରୀ । ମୋ' ମୁଣ୍ଡରେ ଚଡ଼କ ପଡ଼ିଥିଲା । ମୋ' ପାଖେ କେବଳ ଶାଢ଼ୀ ଏବଂ ସାଲୁଆର କମିଜ୍ ବ୍ୟତୀତ ଅନ୍ୟ କିଛି ନ ଥିଲା । ଡାଃ ମୁମୁସେ ମତେ ମଲ୍ ନେଇ ଯାଇଥିଲେ ଜେ.ସି.ପେନ । ଅପେକ୍ଷାକୃତ ଶସ୍ତା ମଲ୍ । ଡାଃ କାସେଙ୍କ ଆଦେଶ ଅନୁଯାୟୀ ଡ୍ରେସ୍ କିଣି ନେଲି । ହ୍ୟାଣ୍ଡସ୍ ଅନ୍ କୋର୍ସ ଆରମ୍ଭ ହେବା ପୂର୍ବରୁ ଡାଃ କାସେ ସରଳ ଭାବେ ସମସ୍ତ କଥା ବୁଝାଇଲେ । ପ୍ରତ୍ୟେକ ପାରଟିସିପାଣ୍ଟଙ୍କ ପାଇଁ ସ୍ୱତନ୍ତ୍ର ଟେବୁଲ୍ ଏବଂ ମାଇକ୍ରୋସ୍କୋପ୍ ଥିଲା । ମୋ' ସିଟ୍ ପ୍ରଥମ ଧାଡ଼ିର ଗୋଟିଏ କଣକୁ ଥିଲା । ତା'ର ସିଧାରେ ଡାଃ କାସେ ବସିଥିଲେ । ଇନ୍‌ଷ୍ଟ୍ରକ୍ଟର ମାନେ ବୁଲି ବୁଲି ସମସ୍ତଙ୍କୁ ସାହାଯ୍ୟ କରୁଥିଲେ । ମୋ' ପାଖରେ ପହଞ୍ଚିବା ବେଳକୁ ମୁଁ ରେସିପିଏଣ୍ଟ ଡିସେକସନ୍ କରି ଡ଼ୋନର୍ ଟିସୁ ପାଇଁ ଅପେକ୍ଷା କରିଥିଲି । ଡାଃ ରାଇସ୍ ଆଶ୍ଚର୍ଯ୍ୟ ହୋଇ ମୋ' ପାଖେ ଠିଆ ହୋଇଗଲେ । କିଛି ଅଘଟଣ ଘଟିଛି ମନେ କରି ଡାଃ କାସେ ମଧ୍ୟ ସେଠାରେ ପହଞ୍ଚିଗଲେ, "ହ୍ୱାଟ୍ ଇଜ୍ ଦ ମାଟର୍?"

ଆପଣଙ୍କ ଆଦେଶ ଅନୁଯାୟୀ ମୁଁ ରେସିପିଏଣ୍ଟ ଡିସେକସନ୍ ଶେଷ କରିଦେଇଛି । ଡ଼୍ୱୋନର୍ ଲ୍ମେଲ୍ଲର ଟିସୁ ପ୍ରାପ୍ତ ହେଲେ ସୁଚରିଙ୍ଗ୍ ଆରମ୍ଭ କରିବି । ତୁମ ନାମ ବହୁ ବିଳମ୍ବରେ ଲିଷ୍ଟରେ ଯୋଡ଼ା ଯାଇଥିବା ହେତୁ ତୁମ ପାଇଁ ଡିସେକ୍ଟେଡ୍ ବଟନ୍ ନାହିଁ । ଆଇ ବଲ୍ ମଧ୍ୟ ମିଳ ପାରିବନ । ଗୋଟିଏ କରନ ଓ ସ୍କେର୍ଲ ଟିସୁ ଅଛି । ତୁମେ ନଜେ ନଜେ ବଟନ୍ ପ୍ରିପେୟାର୍ କରି ପାରିବ?

କଙ୍ଗସ କ୍ଲାମ୍ ମିଳପାରିବ?

ହଁ, କହି ଡାଃ କାସେ ନଜ ଆସନ ଗ୍ରହଣ କଲେ । ସମସ୍ତ ସୁଟରିଙ୍ଗ୍ ଶେଷ ହେଲା ପରେ ମୁଁ ଆମ ଗ୍ରେର୍ ଇନ୍ଷ୍ଟ୍ରକ୍ଟର ଡାଃ ଗ୍ଇସ୍ଙ୍କୁ ଆହ୍ୱାନ କଲି, "ଆଉ ଗୋଟିଏ ଡିସେକସନ୍ କରିବାର ଇଚ୍ଛା ଅଛି କ" ପ୍ରଶ୍ନ କରୁଥିବା ସମୟରେ ଡାଃ କାସେ ବାରଣ କରି ମତେ ତାଙ୍କ ପାଖକୁ ଡାକଲେ ।

ତୁମେ ପୂର୍ବରୁ ଏଲ୍ କେ କୋର୍ସ ଆଟେଣ୍ଡ କରିଛ?

ନା ଡକ୍ଟର, ମାତ୍ର ମୁଁ ଏମ୍ସ୍‌ରେ ସବୁ ଲେ.କେ କରିଥାଏ ।

ତେବେ ହ୍ୟାଣ୍ଡସ୍ ଅନ୍ କୋର୍ସ ପାଇଁ କାହିଁକ ନାମ ରଦ୍ଦ କଗ୍ଇଥିଲ? ହ୍ୟାଣ୍ଡସ୍ ଅନ୍ ଟିପ୍ସ ପ୍ରଫେସର ମଦନ ମୋହନଙ୍କ ଠାରୁ ଖୁବ୍ ଭଲ ଭାବେ ମିଳଛି । ମୁଁ ଆପଣଙ୍କ ଲେ.କେ ବହି ଧାଡ଼ି ଧାଡ଼ି କରି ପଢ଼ିଛି । ବହି ପଢ଼ି ମୁଁ ଏତେ ମୁଗ୍ଧ ହୋଇଯାଇଥିଲି ଯେ ଆପଣଙ୍କ ସାକ୍ଷାତ ପାଇଁ ସ୍ୱପ୍ନ ଦେଖୁଥିଲି । ଆପଣଙ୍କ ନକଟକୁ ଲଣ୍ଡନ ଯିବା ତ ସମ୍ଭବପର ହୋଇ ପାରିବନ, ତେଣୁ ଏଇ ଜରିଆରେ ଆପଣଙ୍କୁ ସାକ୍ଷାତ କରିବାର ସ୍ୱପ୍ନ ମୋ'ର ସାକାର ହୋଇପାରିଛି ।

ଆମ ସେଣ୍ଟରରେ କାମ କରିବାକୁ ପସନ୍ଦ କରିବ?

ପସନ୍ଦର ପ୍ରଶ୍ନ କାହିଁକି ଉଠୁଛି! ନିଜକୁ ଭାଗ୍ୟବତୀ ମନେ କରିବି, ହେଲେ ଖୁବ୍ କମ ଦିନ ପାଇଁ । ଘରେ ମୋ'ର ଛୋଟ ପୁଅ, ତା'ର ତତ୍ତ୍ୱାବଧାନ କରିବା ମୋ'ର ଆବଶ୍ୟକ । ଆସନ୍ତାକାଲି ଏକ୍ଜିବିସନ୍ ଷ୍ଟଲ୍‌ରେ ମୋ'ର ହ୍ୟାଣ୍ଡସ ଅନ୍ କୋର୍ସ ଅଛି । ମତେ ସେଠାରେ ସାହାଯ୍ୟ କରିପାରିବ?

ଖୁବ୍ ଆନନ୍ଦରେ ସମ୍ମତି ଜଣାଇ ସେଦିନର କାମ ଆରମ୍ଭ କଲି ।

ଭାରତ ଫେରିବା ପରେ ମୋ'ର ଲାମେଲାର କେରାଟୋପ୍ଲାଷ୍ଟି ଉତ୍ସାହ ବହୁ ଗୁଣରେ ବୃଦ୍ଧି ପାଇଥିଲା । ପରିବେଶର ସୁଗନ୍ଧ ଖୁବ୍ ଶୀଘ୍ର ଦୂର ଦୂରାନ୍ତକୁ ଭାସି ଯାଇଥିଲା । ୧୯୯୭ ମସିହାରେ ବମ୍ବେ ନିବାସୀ ଡାଃ ମୁଲ୍‌ଜିଆନୀଙ୍କ ସାହାଯ୍ୟରେ ମୁଁ ରୟାଲ୍ କଲେଜ ଅଫ୍ ଅପ୍‌ଥାମୋଲୋଜୀ, ଲଣ୍ଡନର ମେମ୍ବର ରୂପେ ଘୋଷିତା ହୋଇଥିଲି । ରୟାଲ କଲେଜ ଦ୍ୱାରା ଆୟୋଜିତ କନ୍‌ଫରେନ୍ସ ଲଣ୍ଡନରେ ଆଟେଣ୍ଡ କରିବା ପରେ ଡାଃ କାସେଙ୍କ ଇନ୍‌ଷ୍ଟିଚ୍ୟୁଟ୍‌ରେ ଦୁଇ ସପ୍ତାହ ବିତାଇଥିଲି । ଆମେରିକାନ୍ ଏକାଡ଼େମୀ ମିଟିଂ ଆଟେଣ୍ଡ କରିଥିଲି ସତ ମାତ୍ର ମେମ୍ବର ହେବାର ପ୍ରସିଡ଼ିଓର ମତେ ଜଣା ନ ଥିଲା! ସ୍ୱର୍ଗତଃ ଡାଃ ପି ଶିବାରେଡ୍ଡିଙ୍କ ସାହାଯ୍ୟରେ ମୁଁ ଏକାଡ଼େମୀ ମେମ୍ବର ରୂପେ ଘୋଷିତା ହେଲି । ତା'ପର ଠାରୁ ମତେ ପ୍ରତ୍ୟେକ ବର୍ଷ ଆମେରିକାନ ଏକାଡ଼େମୀ କନଫରେନ୍ସରେ ଆଣ୍ଟେରିଅର ଲାମେଲାର କେରାଟୋ ପ୍ଲାଷ୍ଟିର ହ୍ୟାଣ୍ଡସ୍ ଅନ୍ କୋର୍ସ ଟ୍ରେନିଂ ଦେବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସମୟ କ୍ରମେ ପୋଷ୍ଟେରିଅର ଲାମେଲାର କେରାଟୋପ୍ଲାଷ୍ଟି ଟ୍ରେନିଂ ଦେବାର ସୁଯୋଗ ମଧ୍ୟ ଲାଭ କରିଥିଲି । କେବଳ ସେତିକି ନୁହେଁ, କାଷ୍ଟ୍ରୋଭିଜୋ କର୍ଣ୍ଣିଆ ସୋସାଇଟିର ଥିସିସ୍ ମେମ୍ବର ରୂପେ ମଧ୍ୟ ବିବେଚିତା ହୋଇଥିଲି । ଏଇ ସବୁ ଅନୁଭୂତି ମୋ'ର ଆତ୍ମବିଶ୍ୱାସକୁ ବହୁଗୁଣରେ ବୃଦ୍ଧି କରିଥିଲା ।

ଅବିସ୍ମରଣୀୟ - ଭାରତମାତାଙ୍କର କୃତବିଦ୍ୟ ସନ୍ତାନମାନଙ୍କ ସହ ଲେଖକ ଚୂଡ଼ା ମଣି ଶ୍ରୀ କାଳନ୍ଦୀ ପାଣିଗ୍ରାହୀ ।

୧୯୫୫ ମସିହା ଡିସେମ୍ବର ୨୧ ତାରିଖ । ଝିଅର ହେବା ସମୟରେ ବାପା ହରି ବାରିକ ସଙ୍ଗେ କ'ଣ ସବୁ ବହୁତ କଥାବାର୍ତ୍ତା କରୁଥିଲେ । ଏଇ ହରି ବାରିକ ଏ ଗାଁଟା ଭିତରେ

ଜଣେ, ଯାହାକୁ ବାପା ତାଙ୍କର ଭଲମନ୍ଦ ସବୁ କଥାରେ ଭାଗୀ କରାଇଥାନ୍ତି । ତା'ଠାରୁ କେବଳ ଆଜ୍ଞା, ଆଜ୍ଞା ଉତ୍ତର ମିଳିଥାଏ । ବାରଣ୍ଡାରେ ସପ ପକାଇ ବସିଥିଲୁ । ଶୁଣି ପାରିଲୁ କିଛି ଗୋଟାଏ ବଡ଼ କାର୍ଯ୍ୟକ୍ରମର ବ୍ୟବସ୍ଥା ହେଉଛି । ମାତ୍ର ବର୍ତ୍ତମାନ ତ ସେମିତି କିଛି ପର୍ବପର୍ବାଣୀ ନାହିଁ । ବଡ଼ନନାଙ୍କ ଜନ୍ମଦିନ ଅକ୍ଟୋବର ଅଠର ତାରିଖରେ ବହୁ ଧୂମଧାମରେ ପାଳନ ହୁଏ । ବନ୍ୟାପାଇଁ ଏ ବର୍ଷ ତାହା ମଧ୍ୟ ବନ୍ଦ ହୋଇଛି । କାର୍ତ୍ତିକ ପୂର୍ଣ୍ଣିମା ଯାଇ ମାସେ ହବା ଉପରେ, "ତେବେ କ'ଣ ପର୍ବ ଆସୁଛି, ଖୁବ୍ ଧୀର ସ୍ୱରରେ ପଗ୍ଚରିଲି ।

"ବଡ଼ଦିନ" କହି ସେ ତାଙ୍କ ଖାତା ପତ୍ର ଧରି ଉଠିଗଲେ ।

ଏ 'ବଡ଼ଦିନ' କ'ଣ ଛୁଆନାନୀ ।

ଗଧୀ... ସ୍କୁଲ୍ କଲେଜରେ ବଡ଼ଦିନ ଛୁଟୀ ହେଲେ ବଡ଼ନନା ଗାଁକୁ ଆସନ୍ତିନ!

ହଁ, ସତେ ତ... ହେଲେ ଏଥର ତ ବଡ଼ଦିନ ଛୁଟୀରେ ବଡ଼ନନା ଆସିବେନ ବୋଲି ଛୁଆନନା କହୁଥିଲେ ।

'ବଡ଼ଦିନ' ବିଷୟରେ ଜାଣିବାର ଉତ୍କଣ୍ଠା ଏତେ ବଢ଼ିଗଲା ଯେ ଛୁଆନନାଙ୍କ ପଛେପଛେ ଗଲି । 'ବଡ଼ଦିନ' କ'ଣ ଛୁଆନା ।

ମୋ'ର ଏବେ ଡ଼େରି ହେଲାଣି, ବହିରୁ ପଢ଼ିଦେବୁ ।

କୋଉ ପୁରାଣରେ ଅଛି? ରାମାୟଣ, କାର୍ତ୍ତିକ ପୁରାଣ, ମାଘ ମହାତ୍ମ୍ୟ, ବିଷ୍ଣୁ ପୁରାଣରେ ନାହିଁ।

ଏ ସବୁ ପୁରାଣରେ ନ ଥାଏ । ଯିଶୁ ଖ୍ରୀଷ୍ଟଙ୍କ ନାଁ ଶୁଣିଛୁ?

ହଁ, ମେରୀ ମା'ଙ୍କର ପୁଅ ।

ତାଙ୍କର ଜନ୍ମ ତାରିଖ, ବର୍ଷ କଛି ଜଣା ନଥିଲା । ଚତୁର୍ଥ ସେଣ୍ଟରୀରେ ପଶ୍ଚିମ ଖ୍ରୀଷ୍ଟିୟାନ ଗୀର୍ଜାରେ ଯିଶୁଙ୍କ ଜନ୍ମ ଦିବସ ୨୫ ଡିସେମ୍ବର ବୋଲି ଧରି ନିଆ ଯାଇଥିଲା । ସେଇ ଦିନଠୁ ଏଇ ଦିନଟି ଖ୍ରୀଷ୍ଟିୟାନ ମାନେ ବଡ଼ ଧୂମ୍ଧାମ୍‌ରେ ପାଳନ କରନ୍ତି ।

ଏଃ... ଏଃ... ମୋ' ଜନ୍ମ ଦିନ ତାରିଖ ଜଣା ନ ଥିଲେ ମଧ୍ୟ ପାଳନ ହୋଇପାରିବ । ସେଥିପାଇଁ ତତେ ସେଇ ସ୍ତରକୁ ଯିବାକୁ ପଡ଼ିବ । ଯାଇ ପାରିବୁ?

ନାଁ...

ଆଚ୍ଛା ଠିକ୍ ଅଛି, ଏବେ ତୁ ଯା, ତୋ ପାଇଁ ଆଜି କଛି ସେ ବିଷୟରେ ବହି ନେଇ ଆସିବି, ପଢ଼ିବୁ । ୨୪ ତାରିଖ ରାତିରେ ସାଣ୍ଟା ପିଲାମାନଙ୍କୁ ଉପହାର ଦେଇଥାନ୍ତି ।

ମୁଁ ତ ପିଲା, ମତେ ଦେବେ?

ତୁ ବହି ପଢ଼ି ସାରିଲେ ଜାଣିବୁ, କହି ଛୁଆନନା ବାହାରି ଗଲେ ।

ତୁ ଏତେ ଗୁଡ଼େଇ ତୁଡ଼େଇ କାହିଁକି ପଚାରୁଛୁ! ଯେଉଁ ପର୍ବ ପାଇଁ ହେଉ, ଆମକୁ ଭଲ ଖାଇବାକୁ ମିଳିବ, (କହିବା ବାହୁଲ୍ୟ, ଛୁଆନାନୀକୁ ଖାଇବା ପାଇଁ ଖୁବ୍ ଭଲ ଲାଗେ) ମତେ ଚୁପ୍ କରାଇବା ପାଇଁ ସୁଶୀନାନୀ କହିଲା ।

'ପେଟୀ' ଖାଲି ଖାଇବୁ ଖାଇବୁ ହେଉଥା, ପୁଣି ଥରେ ହରିବାରିକର ସ୍ୱର ଶୁଣାଗଲା "ଗଲା କଥା ଗଲାଣି ବାବୁ, ଆପଣ ନିଷ୍ଚୟ ସବୁ ସମ୍ଭାଳି ନେବେ ।"

"କର୍ପୂର ଉଡ଼ି ଯାଇଛି ହରିଆ, ଖାଲି କନା ଖଣ୍ଡକ ପଡ଼ି ରହିଛି । ଏତେ ବଡ଼ ବଡ଼ 'ହସ୍ତୀ' ମାନେ ଆସୁଛନ୍ତି, ଆଗ କଥା ଅଲଗା ଥିଲା, କଚେରୀ ଘରେ ବସାଇ ସେମାନଙ୍କ ଚର୍ଚ୍ଚା ବହୁ

ଆଡ଼ମ୍ବରରେ ହୋଇ ପାରୁଥିଲା । ସେ ଘର ତ ଭଙ୍ଗା ସରିଲାଣି । ବର୍ତ୍ତମାନ ଏଇ ଛୋଟ ଚଉପାଢ଼ୀ ଖଣ୍ଡକ ।"

ଆପଣଙ୍କ କାମ ତ ଦେଶ ବିଦେଶରେ ରାଜେ । ଆଉ ଗୋଟେ କଏ ସେମିତି ଅଛି! ଗଲା ବର୍ଷ ପାଇଁ ଆପଣ ଗୋଟେ କେଡ଼େ ବଡ଼ ନୂଆ କାମ କରିଦେଲେ । ଏ କଥା ସାରା ଯାଜପୁରରେ କାହା ମନକୁ ଆସିଥିଲା! ସେଇ କାମ ପାଇଁ ଧନ୍ୟବାଦ ଦେବାକୁ ଆସୁଛନ୍ତି ।

ସେଇଆ କୋଉ ନାହାନ୍ତି । ଆରେ ଆମ ବାବୁଙ୍କ ଆଗରେ ଆଉ ଗୋଟେ କଏ ହବ! କେତେ ଜଣ ବାବୁମାନେ ଆସୁଛନ୍ତି ଆଜ୍ଞା!

ସାତ, ଆଠ ଜଣ ।

ବଡ଼ ବାବୁଙ୍କ ସାଙ୍ଗରେ ତ ପୁଣି ତାଙ୍କର କେତେ ନୋକ ବାକ ଥିବେ! ଜଟିଆ, ଭିକାରୀ, ରଙ୍ଗିଆକୁ ଡାକଛି, କଛି ସାମିଆନା ବାନ୍ଧି ବ୍ୟବସ୍ଥା କରିବାକୁ । ଧନ ଗଲେ ମିଳବ ହରିଆ, ମହତ୍ ଗଲେ ଆଉ ଫେରିବନ ।

ସତ କଥା ବାବୁ ।

ଭାଗ୍ୟକୁ କଚେରୀ ଘରର ଟେବୁଲ୍, ଚେୟାର, ବେଞ୍ଚମାନ ବିକ୍ରୀ ହୋଇନାହିଁ, ଜାଣିଛୁ ତ ବାବୁମାନେ ଆମର ରାଜକୀୟ ରହଣୀ ଦେଖିଛନ୍ତି । ବର୍ତ୍ତମାନ ଆମର ଆର୍ଥିକ ଅବସ୍ଥା ମଧ୍ୟ ଏତେ ସ୍ୱଚ୍ଛଳ ନୁହେଁ । ତେଣୁ ଚନ୍ତାରେ ଅଛି । ଏଇ ଦେଖୁନୁ ଏ ଯେଉଁ ବରଣ ତାଟିରେ ବିଭାଜନ ହୋଇ ଅଫିସ୍ ଘର ହୋଇଛି ଦେଖିଲେ କ'ଣ ମନେ କରିବେ ।

ଛୋଟ ମୁହଁ ବଡ଼ କଥା ବାବୁ! ଆପଣ ମନ ଉଣା କଲେ ଚଳବ । ମହାପୁରୁଙ୍କ ଦୟାରୁ ସବୁ ଭଲରେ ଭଲରେ ହେଇଯିବ । ଆଉ ବେଶୀ କ'ଣ କହିବି! ମୋ' କାମ ଗୁଡ଼ା କହି ଦିଅନ୍ତୁ ଆଜ୍ଞା, ଗୁଣ୍ଡୁଚ ମୂଷା ଭଳ କଛି ତ କରି ପାରିବି!

ତୁ ଠିକ୍ କହିଛୁ ହରିଆ । ସେଇ ଲକ୍ଷ୍ମିନାରାୟଣ (ଆମ ଇଷ୍ଟ ଦେବ) ସବୁ ଦେବେ । ମୋ' ମହତ୍ତ୍ୱ ଦାଣ୍ଡରେ ପକାଇବାକୁ ଦେବେନ ।

ବାପା ଦିନ ଭୋଜ କରି ସାରିବା ପରେ ଘଣ୍ଟେ ଘଣ୍ଟେ ଦେଢ଼ ଘଣ୍ଟା ବିଶ୍ରମ ନେଇଥାନ୍ତି । ତାଙ୍କ ଟେବୁଲ ଘଣ୍ଟା ଘଣ୍ଟି କରିବାର ସେଇଟା ମୋ' ପାଇଁ ପ୍ରଧାନ ସମୟ । ବେଶୀ ଘଣ୍ଟା ଚକଟା କରିବାକୁ ପଡ଼ିଲାନ । ଟେବୁଲ୍ ଉପରେ ଖଣ୍ଡିଏ ନାମ ଲେଖା କାଗଜ ଉପରେ ଗୋଟିଏ ପେପର ୱେଟ୍ ରଖା ଯାଇଥିଲା । ନାମ ମାନ ପଢ଼ିବା ଆରମ୍ଭ କଲି ।

୧. ଶ୍ରୀ ହରେକୃଷ୍ଣ ମହତାବ୍
ସାଧାରଣ ସମ୍ପାଦକ, କଂଗ୍ରେସ ପାର୍ଟି ।
ପୂର୍ବତନ ମୁଖ୍ୟମନ୍ତ୍ରୀ
ଏଇ ଭଦ୍ର ବ୍ୟକ୍ତି ଶ୍ରୀ ନୀଳମଣି ରାଉତରାୟଙ୍କ ସଙ୍ଗେ ବହୁବାର ଆମ ଘରକୁ ଆସିଛନ୍ତି, ତେଣୁ ତାଙ୍କୁ ଚହ୍ନି ପାରିବି ।

୨. ଶ୍ରୀ ନୀଳମଣି ରାଉତରାୟ
ଓଡ଼ିଶା ଲେଜିସ୍ ଲେଟିଭ୍ ଆସେମ୍ବ୍ଲି ସଭ୍ୟ ।
ଇଣ୍ଡିଆନ ଟ୍ରେଡ଼ ୟୁନୟନ ସାଧାରଣ ସମ୍ପାଦକ

୩. ଶ୍ରୀ ରାଜେନ୍ଦ୍ର ନାଥ ସିଂହ ଦେବ
ଲୋକ ସଭା ସାଂସଦ
ବାପା କହନ୍ତି ସେ ଅସ୍ପୃଶ୍ୟତା ନରାକରଣର ସୂତ୍ରଧାର । ଆମ ହରିଜନ ସାହି ପାଇଁ ଗୋଟିଏ ସ୍ୱତନ୍ତ୍ର ସ୍କୁଲ୍ ଖୋଲିବା ପାଇଁ ପ୍ରାର୍ଥନା କରିବି।

୪. ଶ୍ରୀ ସଦାଶିବ ତ୍ରିପାଠୀ
ଏ ଆଇ ସି ସି ସଭ୍ୟ
ଓଡ଼ିଶା ଲେଜିସ୍ ଲେଟିଭ୍ ଆସେମ୍ବ୍ଲି ସଭ୍ୟ ।

ବାପାଙ୍କ ଠାରୁ ଶୁଣିଥିଲି ଜମିଦାରୀ ଜାତିକରଣ ପାଇଁ ତାଙ୍କର ହାତ ଥିଲା । ଆଜି ତାଙ୍କୁ ଖୋଲି ପଚାରିବି, ଏ ଜମିଦାରୀ ପ୍ରଥା କ'ଣ ଗୋଟିଏ ସୁନାମୁଣ୍ଡା ଥିଲା । ଜମିଦାର ମାନଙ୍କ ହାତରୁ ତାହା ଛଡ଼ାଇ ନେବାରୁ ସେମାନେ ଗରୀବ ହୋଇଗଲେ!

୫. ଶ୍ରୀ ନୀଳକାନ୍ତ ଦାସ
ଗୋପବନ୍ଧୁ ହାଇସ୍କୁଲର ମୁଖ୍ୟ ।
ଉତ୍କଳମଣିଙ୍କୁ ଦର୍ଶନ କରିବାର ତ ସୌଭାଗ୍ୟ ପାଇନ । ମାତ୍ର ତାଙ୍କ ଦୟା ବିଷୟରେ ବହୁତ ଶୁଣିଛି । ବାପା କହନ୍ତି "ଗୋପବନ୍ଧୁ ଥିଲେ ଉତ୍କଳର ମଣି । ଓଡ଼ିଶାର ବନ୍ୟା ପିଡ଼ୀତ ମାନଙ୍କ ପାଇଁ ତାଙ୍କର ଦାନ ଅପାର, ସେଇ ବନ୍ୟା ପିଡ଼ୀତ ମାନଙ୍କ ପାଇଁ ଲାହୋରରେ ଭିକ୍ଷା କରୁଥିବା ସମୟରେ ସେ କୌଣସି ଏକ ଅନାମଧେୟ ରୋଗରେ ପୀଡ଼ିତ ହୋଇଥିଲେ । ସେଇ ରୋଗ ସାତ ଜୁଲାଇ ୧୯୨୮ ମସିହାରେ ତାଙ୍କର ପ୍ରାଣ ନେଇଥିଲା । ତାଙ୍କୁ ହରାଇ ଓଡ଼ିଶା ଅନାଥ ହେଲା ।" ମନକୁ ମନ କହି ଉଠିଲି, ହେ ମା' ସରସ୍ୱତୀ, ମତେ ବହୁ ବିଦ୍ୟା ଦାନ କରି ଏକ ଡାକ୍ତର ଗଢ଼ିବାରେ ସାହାଯ୍ୟ କର । ମୁଁ ଏଇ ଭଲ ମଣିଷ ମାନଙ୍କର ଚିକତ୍ସା କରି ତାଙ୍କୁ ରୋଗମୁକ୍ତ କରିବି । ସେମାନଙ୍କୁ ହରାଇ ଆମ ଓଡ଼ିଶାକୁ ଅନାଥ କରିବାକୁ ଦେବିନ ।

୬. ଶ୍ରୀ ବିଶ୍ୱନାଥ ଦାସ
ଫ୍ରିଡ଼ମ୍ ଫାଇଟର
ଅର୍ଥାତ୍ ସେ ଗାନ୍ଧିଜୀଙ୍କ ସହ ମିଶି ଆମ ଦେଶକୁ ସ୍ୱାଧୀନ କରିଛନ୍ତି । ଦେଶ ପିତାଙ୍କୁ ଦର୍ଶନ କରିବା ତ ମୋ' ଭାଗ୍ୟରେ ଜୁଟିନ । ବାପା କହୁଥିଲେ ତାଙ୍କୁ ଗୋଟାଏ ଅସହିଷ୍ଣୁ ଖଣ୍ଟ ଗୁଳି କରି ମାରି ଦେଇଥିଲା । ଏତେ ଖରାପ ଲୋକଙ୍କୁ ଭଗବାନ କାହିଁକି ଦୁନିଆରେ ଜନ୍ମ ଦିଅନ୍ତି! ସେଇ ଜାତୀୟ ପିତାଙ୍କ ସହିତ ବିଶ୍ୱନାଥ ବାବୁ ନିଶ୍ଚୟ ଏକାଠି ବସି ଥିବେ, ମିଶି ଖିଆପିଆ କରିଥିବେ । ତାଙ୍କ ପାଦରେ ମୁଣ୍ଡ ରଖି କହିବି ଗାନ୍ଧିଜୀଙ୍କୁ ମୁଁ କଳ୍ପନା ଚକ୍ଷୁରେ ଦେଖି ପାରୁଛି ।

୭. ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ।
ଲେଖକ,

ଠିକ୍ ଭାବେ ବୁଝିଗଲି, ସାତଜଣ ବଡ଼ ବଡ଼ ନାମଜାଦା ଅତିଥି ଆମ ଘରକୁ ଆସୁଛନ୍ତି । ଏମାନେ ନିଶ୍ଚୟ ବାପାଙ୍କର ବହୁ ଦିନର ବନ୍ଧୁ । କାଳେ ବନ୍ଧୁ ଚର୍ଚ୍ଚା ଭଲରେ ହୋଇପାରିବନ ସେଥିପାଇଁ ଚନ୍ତିତ ହୋଇ ହରି ବାରିକ ଆଗରେ ଦୁଃଖ ପ୍ରକାଶ କରୁଥିଲେ । ବାପାଙ୍କ କବାଟ ଖୋଲିବା ଶବ୍ଦରେ ମୁଁ କାଗଜ ଖଣ୍ଡିକୁ ପୂର୍ବଭଳ ଯଥା ସ୍ଥାନରେ ରଖି ଦେଇ ମୁହଁ ଧୋଇବା ପାଇଁ ବାପାଙ୍କ ଲାଗି ପାଣି ଆଣିବାକୁ ଭିତରକୁ ଗଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସମୟ



ଅମରନାଥ ବାରିକ

ସମୟ ପରିଧି ମାପିଲେ କେବେ ହେଁ
ମିଳବନ ତା'ର ଅନ୍ତ
ସମୟ ସୀମାରେ ରହି କାର୍ଯ୍ୟ କଲେ
ସୁଖି ହେବ ବଳବନ୍ତ ।

ସମୟ କା ପାଇଁ କରେନ ଅପେକ୍ଷା
ସମୟ ସ୍ରୋତରେ ଗ୍ଭଲେ
ସମୟ ଟା ହେବ ଅତି ବଳବାନ
ସଦ୍‌ଉପଯୋଗ କଲେ ।

ସମୟ ଆଗରୁ ସଚେତନ ହେଲେ
ନଆସଇ କେବେ ଦୁଃଖ
ସମୟ ସରିଲେ ମିଳବନ କଛି
ଜାଣି ସଦା ମନେ ରଖ ।

ସମୟ ନୁହେଁ କା ହାତର ଗଣ୍ଠିଲି
ଗ୍ଭହିଁଲେ ଜାବୁଡ଼ି ଦେବ
ସମୟ ଗ୍ଭଲଇ ନୟମିତ ଭ୍ବେ
ଗଡ଼ି ଗଡ଼ି ସେ ତ ଯିବ ।

ସମୟ ନାହିଁ ମୋ ପାଖରେ କୁହନ୍ତି
ଅନେକ ପ୍ରକାର ଲୋ୍କ
ସମୟ କାହାକୁ ମିଳେନା ଜୀବନେ
ନିଜକୁ ପରଖି ରଖ ।

ସମୟ ପାଇଲେ କର କିଛି କାମ
ନକରି ଏହାକୁ ନଷ୍ଟ
ସମୟ ଡୋରୀରେ ନିଜକୁ ବାନ୍ଧିଲେ
ଆସିବନି କେବେ କଷ୍ଟ ।

ସମୟ ଚକରେ ସଂସାରଟା ବନ୍ଧା
ମିଳେ କାକୁ ମିଳେ ନାହିଁ
ସମୟେ ସମୟେ ଗ୍ଭଲିଯାଏ ଦିନ
ଜଣା କେବେ ପଡେ ନାହିଁ ।

ଯାଜପୁର, ମଙ୍ଗଳପୁର, କୟାଁ

# ଫଗୁଣର୍‌ଣୀ



ଧୀରେନ୍ଦ୍ର କୁମାର ପ୍ରଧାନ

ଚୁମିଚୁମି ଯାଏ ତନୁମନ ମୋର
ପ୍ରେମର ପହିଲି ଫଗୁଣ,
ଶିହରଣ ଭରେ ପରଶ ସାଙ୍ଗରେ
ଗୁଣୁଗୁଣୁ ମିଠା ଗୁଞ୍ଜନ । ।

ଅମାନିଆ ମନ ମାନେନାହିଁ କହି
ସାଜିଯିବି ତୋର ଓଢଣା,
ଅମାନିଆ ହାତ ମାନେନାହିଁ କହି
ସାଜିଯିବି ବାହୁ ଝୁଲଣା।।

ଆମ୍ବ ପେନ୍ଥାପେନ୍ଥା ବଉଳ ସାଙ୍ଗରେ
ଗୁନ୍ଥିଛି ହାର ମୁଁ ଗହଣା,
ଅଙ୍ଗେଅଙ୍ଗେ ତୋର ଚନ୍ଦନ ଲେପିବି
ମଳୟ ମିଶା ମୁଁ ଜୋଛନା ।।

ଗୋଲାପୀ ରଙ୍ଗ ତୋ ଗାଲରୁ ଆଣିବି
ଓଠରୁ ଲାଲିମା ମାଖିବି,
ଶଙ୍ଖା ଦୁଇ ତୋର ହାତରେ ପିନ୍ଧାଇ
ସିନ୍ଥିରେ ସିନ୍ଦୂର ଭରିବି ।।

ଦୋଳ ପୁନେଇଁ ରେ ପ୍ରେମର ଫଗୁରେ
ସାଜିବୁ ଫଗୁଣରାଣୀ,,
ସାଜିଯିବି ମୁହିଁ ଶ୍ରୀକୃଷ୍ଣ ସୁନ୍ଦର
ତୁ ସାଜିବୁ ରାଧାରାଣୀ ।।

ଅଳତାପାଦରେ ଲମ୍ବା ଓଢଣୀରେ
ଆସୁଥିବୁ ଧିରିଧିରି
ଗୁଣ୍ଠୁଣୀହାତୀଲେ ସଖୀ ସଙ୍ଗାତୁଣୀ
ଲାଗୁଥିବୁ ସତେ ପରୀ। ।।।।।

ଝଜିରୀବାହାଳ, ଅନୁଗୋଳ

# ଅଦୃଶ୍ୟ କରୋନା କୋପ



ସରୋଜ କୁମାର ଜେନା

ଅଦୃଶ୍ୟ କୀଣପ ଦେଖାଉଛି କୋପ
କୌଣସି ସ୍ଥିତି ମାନେନା,
କନଷ୍ଠ ବା ଜ୍ୟେଷ୍ଠ ସଭିଙ୍କ ଅନଷ୍ଟ
କରୁଛି ଏହି କରୋନା |

ପଡ଼ିଛି କୋକେୟା ଭର୍ ମୃତ କାୟା
ଜଳୁଛି ନଡି ଶ୍ମଶାନ,
ସତ ହେଉଅଛି ଯାହା ଲେଖାଅଛି
ମାଳକାର ସେ ବଚନ ||

ବାଲିଝରୀ, ନରସିଂହପୁର, କଟକ

# ଅଭିମାନ



ସୁଲୋଚନା ବେହେରା

ମାନ ଅଭିମାନ
ତ୍ୟାଗ ରକ୍ଷା ପଣ
କା ପାଶେ ଅଳ ଅର୍ଗଳ,
ବିଧାତା କପଟେ
ସର୍ବ ପଥ ରୁଦ୍ଧ
ଅତୁଳ ଆଦର ଭରି ।

କାହିଁକ ରେ ମନ
ଅଣ୍ଡାଳ କାଙ୍ଗାଳ
ଭଗନ ହୁରୁଦ ପଥେ,
ନିବିଡତା ଅଛି
ଯା ଠାରେ ତୋହର
ନିଷ୍ଠୁରତା ତାର ହୃଦେ।

କପରି ବୁଝିବୁ
ତରକ ମରମ
ନିର୍ମଳ ମନୋରଥେ,
କାମନା ବିନାଶି
ଆତ୍ମା ସ୍ୱଚ୍ଛଳ
ଚଳ ତୁ କରମ ପଥେ।

ରୁଦ୍ଧ ମନର
ଦଗ୍ଧ ବେଦନା
ମଣ୍ଡନ ଭୂଷଣେ ବନ୍ଦି,
ମନର ପରଖ
ମନ ନାହିଁ ଭୋଗ୍ୟ
ନୟନକୁ ବ୍ୟଥା କାନ୍ଦି ।

ବଇଁଚୁଆ,ବାଲକାଟି, ଖୋର୍ଦ୍ଧା।

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଅତିକ୍ରାନ୍ତ ଫଗୁଣର ଏକ ଫିକା ଉଦ୍ୟମ ସନ୍ଧ୍ୟା, ମହାନଦୀର ସୁନୀଳ ପ୍ରବାହରେ ଥରିଥରି ଉଠୁଛି ଆକାଶର ଚନ୍ଦ୍ରମା ଗୃନ୍ଦିନୀରେ ଭିଜି ଭିଜି ଶିହରି ଉଠୁଛି ଲତା ବନବଲ୍ଲରୀ ବକୁଳ ପୁଷ୍ପର ମନଭୁଲ୍ ସୁରଭି ସହିତ ଛାୟାଚନ୍ଦ୍ରିକା ଯେମିତି ଲୁଚକାଳି ଖେଳୁଛନ୍ତି । ପ୍ରତି ମନ୍ଦିରରୁ ଭାସିଆସୁଛି ସନ୍ଧ୍ୟା ସମର୍ପଣ । ଦେହ ମନ ଆଜି ଅନେକ ଅବସନ୍ନ । ସ୍ମୃତିର ମୟୂ ପଟଳ ଆଢୁଆଳରେ ଉଙ୍କି ମାରୁଥିଲା ଅନେକ ଲୋଭନୀୟ ସ୍ମୃତି । ଲୋଳତ ଶିରାଳ ତନୁର ଶୀର୍ଷ ଦେଶରେ ଚର୍ମାବୃତ କରେଟି, ମନେ ହେଉଥିଲା ସତେ ଅବା ସମସ୍ତ ଲୋଭନୀୟ । ମନ ବିଭିନ୍ନ ଚନ୍ତାରେ ଅସ୍ଥିର ହୋଇ ଉଠୁଥାଏ । ଅତୀତର ଭଲ ପାଇବା ବିଚଳତ କରିଦେଇଛି । ତୁମେ ମୋ ପାଇଁ ଏକ ବଡ ଆହ୍ୱାନ ହୋଇଯାଇଥିଲ । ଶୂନ୍ୟ ପ୍ରତିଛବି ହୋଇ ଅନାବିଳ ଆବିଳତା ଓ ଆମ୍ ଦହନରେ ଜଳୁଛି । ପଥହୀନ ସଜାଇ ଦେଇଛି ତୁମ ପ୍ରେମ । ବୁନ୍ଦାଏ କାକର, ମୁଠାଏ ଆବେଗ, ଆଖିଏ ପୁଲକମୟ ସ୍ୱପ୍ନ ଭିତରେ ଯେମିତି ବନ୍ଦୀ କରି ଦେଇଛି । ସ୍ମୃତି ର କୁହୁକ ପେଟିକା ଭିତରେ ଚରଦିନ ପାଇଁ ଅବରୁଦ୍ଧ ଆଉ ଜଣ ଦରଦୀ ପ୍ରେମିକର ସ୍ମୃତି ବିଜଡିତର ମର୍ମସ୍ପର୍ଶୀ ଗାଥା । ବିକଳ ମନଟି ଛାତିଫଟା କ୍ରୋଧକୁ ଗୃପିଧରି ପରମ୍ପରାକୁ ମୁଣ୍ଡପାତି ଗ୍ରହଣ କରି ନେଇଛି । କହ୍ନେଇ ଓ ଗୀତାକୁ ଦେଖିସାରିଲା ପରେ ସ୍ଥାଣୁ ପାଲଟି ଯାଇଥିଲି ।

ଅନେକଥର ମନକୁ ପଗ୍ଧରିଛି ହେଲେ କହ୍ନେଇ ପ୍ରତି ପ୍ରେମ ଭଲପାଇବା କମ ହୋଇଯାଇନାହିଁ, ବରଂ ଅଉରୁ ଅତି ନିବିଡ ହୋଇଯାଇଛି । ସମୟକୁ ଜୀବନ ପୃଷ୍ଠାରେ ସଜାଡି ପାରୁନ ବୋଲି କ୍ଷତାକ୍ତ ହେବାକୁ ପଡୁଛି ବାରମ୍ବାର । ଆହତ ମନଟା ହତାଶ ହୋଇ

ଖୋଜି ବୁଲେ ପାଇବାର ଦୂରୁ ବହୁଦୂରକୁ ଜୀବନ ଅବିରାମ ଯାତ୍ରା ମେହେନ୍ଦି ରଚନା ପରି ଯୋଡିଦିଆ ଗଲା ଶୂନ୍ୟ ହୃଦୟରେ ସମ୍ପର୍କର ପାଣ୍ଡୁଲିପି । ଦୁର୍ବଳ ସଂକଳ୍ପ କଣ ଏକାକାର ହୋଇ ପାରିବ । ସମ୍ପର୍କ ଜାଲରେ ଅଦମ୍ୟ ପ୍ରୟାସ କ୍ଲାନ୍ତ ହୋଇଗଲାଣି । ଦିନରାତି ବିତିଯାଏ ମିଛ ରାଗ ଅଭିମାନ ପସରାରେ । ଭ୍ରୂକ୍ଷେପ ଆଉ ନାହିଁ ଭୟଙ୍କର ଝଡ କ ଅନ୍ଧାରକୁ । ସବୁ ଖାଲି ପ୍ରତିଶ୍ରୁତି ପ୍ରତିଶ୍ରୁତି ରେ ରହିଗଲା । ଏବେ ବି ତ ବିଶ୍ୱାସ କରିପାରୁନ ହୃଦୟର ପ୍ରତି ରକ୍ତବିନ୍ଦୁ କହ୍ନେଇ ମୋତେ ଧକ୍କା ଦେଇଛି ବୋଲି । ନଶ୍ଚିତ ହୋଇସାରିଛି ଯେବେ ଲମ୍ବା ଦୁର୍ଗ ପଥରେ ଏକା ଏକା ଗ୍ଭଲିବାକୁ ମନାହତ ସ୍ମୃତି କୁ ଛାଡି ତଳେ ଲୁଚେଇ ପୁଣି କାହିଁକ ମୋ ନରେ଼ାଳା ପଣରେ ଭିଜେଇ, ବିନା ବର୍ଷ ବିନା ଶ୍ରାବଣରେ ଆଖିରେ ଆଖିରେ ପାଣି ଭରି ପ୍ରୀତିର ଝଡରେ ଅଟ୍ଟହାସ କରୁଛି । କୋହଭରା କେତୋଟି ଦୀର୍ଘଶ୍ୱାସକୁ ସାକ୍ଷୀ ରଖି ବହୁବାର ସ୍ୱାକ୍ଷର ଆହୁଲାଟି ବଜାଇ ଦିଏ ପ୍ରତାରଣାର ଝଡଗ୍ରସ୍ତ ସାଗର ଲହରୀରେ । ପ୍ରତୀକ୍ଷାରେ ହୁଲି ଡଙ୍ଗା ନଖୋଜ ହୋଇଯାଏ ସମୟ ଗାଲିଗ୍ଭରେ । ଅଜାଣତେ ଆସ୍ତେ ଆସ୍ତେ ଲୋତକ ପରିଆ ଡେଇଁ ଦୂର କେଉଁ ଆକ୍ଷାଂଶ ଦ୍ରାଘିମାରେ ଲବଣାକ୍ତ ଭରା ଯନ୍ତ୍ରଣା ସାଗରରେ ମିଳାଇଯାଏ, ସ୍ମୃତି ଶବ ପାଲଟିଯାଏ । ଅତୀତର ଭିଜାଭିଜା ପରସ୍ତ ସବୁ ଅମୃତ ଲୁହରେ ଭାସିଉଠନ୍ତି । ବିଚ୍ଛେଦର ଇସାରା ଦେଲାପରେ ପୁଣି କାହିଁକ ଖୋଜି ବସେ ମିଳନର ବାସ୍ନାରେ । ଏବେବି ଦୁଇଜଣ ମିଶିକରି ପଥିକ ସାଜିବାକୁ ଜୀବନ ରଥକୁ ନେଇ । ସଂସାର ମାୟାର ଭିତରେ ଆଖିରେ ଆଖିଏ ପ୍ରଶ୍ନ ଧରି ଆନ୍ଦୋଳତ କରିଦିଏ ଅଶାନ୍ତି ଚକ୍ରାରେ ପୁନର୍ମିଳନର ଆବେଗ ବଢିଥାଏ ଲୁଚ ଲୁଚ ଜୀବନର କ୍ଷଣସ୍ଥାୟୀ ସୁଖକୁ । ଆୟତ ଆୟୁଷ ବିତିଗଲାଣି ହେଲେ ସ୍ମୃତି କୁ କାମୁଡି ବସିଛି ପ୍ରତି ରକ୍ତବିନ୍ଦୁ । ତୁମେ ଜାଣିନ କହ୍ନେଇ, ତୁମପାଇଁ ମୋ ପୃଥିବୀ ବିବିଧବର୍ଣ୍ଣା ସାଜିଛି ଇନ୍ଦ୍ରଧନୁର ଅଷ୍ଟତରଙ୍ଗ ଆଖିରେ ବୁଣିଦିଏ ଅୟୁତ ବର୍ଷର ସ୍ୱପ୍ନ । ପୁଣି ମନ ଉପବନେ ଫୁଟାନ୍ତି ଆଶାର କଦମ୍ବ । ତୁମର ନରୀହ ନସ୍କପଟ, ସରଳ ମୁହଁଟି ମୋ ଆଖି ଆଇନାରେ ପ୍ରତିବିମ୍ବ ହୋଇଯାଇଚ । ତୁମର ପ୍ରତ୍ୟେକ ଅକୁହା ଶବ୍ଦ ମଧୁମୟ ଛନ୍ଦମୟ ହୋଇଉଟେ ଏକା ଏକା ହୋଇଗଲେ । ଅସୀମ ମାଦକତାକୁ ଜାବୁଡି ଧରେ ଅଝଟ ଅବୁଝା ପଣରେ । ସେହି ଦିନରୁ ତ ସମ୍ବନ୍ଧ ଓ ସଂକଳ୍ପ ଯୋଡି ହୋଇଯାଇଛି ଜନ୍ମ ଜନ୍ମ ପାଇଁ । ଆଜି ଯେତେ ହାରିଗଲେ ବି ଦୁଃଖ ନାହିଁ

ଆଉ । ମହ ମହ ଅନ୍ଧାର ହୃଦୟ ମଲାଟରେ ବାଡେଇ ଯାଉଛି, ତଥାପି ବଞ୍ଚୁଛି ତୁମପାଇଁ । ସ୍ତୁପ କ୍ଲେଶକୁ ଗୋଟାଇ ବିତାଇଛି ଅନେକ ସକାଳ, ସନ୍ଧ୍ୟା, ଲୁହ, ଟଳମଳ ଆଖି ଖୋଜିଛି ତୁମ ଆସିବାର ବାସ୍ନା, କେବେ ଯଦି ଫେରିବ, ଦେଖିପାରିବ ଅସହାୟ ଦଦରା ହୃଦୟ ଘରରେ ତୁମକୁ ନେଇ ସଜେଇଛି ଅମୃତର ପ୍ରେମ ।ବାଟବଣା ସୁଦାମ ପରି ପଥିକ ସାଜିଛି । ରାଧା, ମୀରା ପରି ବିରହରେ ଜିତିବା ଆଙ୍କିଛି । ତୁମେ ଗୀତାକୁ ନେଇ ଖୁସିରେ ରୁହ ସେଥିପାଇଁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଦୀପ ଲଗାଉଛି । ହେଲେ ପାଗଳନୀ ରାଧା ପରି ଅନାବିଳ ପ୍ରେମରେ ତୁମକୁ ଖୋଜୁଥିବି ସବୁ ଜନ୍ମରେ । ଅପାସୋରା ସ୍ମୃତି ଅମର କରି ରଖିଥିବି ଜୀବନ ଥିବାଯାଏ । ମୁଁ ତ ତୁମ ପାଖରେ କଛି ଅପରାଧ କରି ନଥିଲି । ଆମ ପ୍ରେମର ପାଉଣା ମାଗି ନଥିଲି ହେଲେ ତୁମେ ମୋ ମୁଣ୍ଡରେ ଜୋର କରି ସିନ୍ଦୁର ଦେଇ ଦେଇଥିଲ ।ମୋ ଭଲପାଇବା ବିକଳ ହୋଇ ହିକ ମାଗିଥିଲ, ମତେ ତୁମ କୋଳରେ ଧରିବାକୁ ପ୍ରାର୍ଥନା କରିଥିଲ । ମୁଁ ଯେତେବେଳେ ତୁମ କୋଳର ଆବଶ୍ୟକତା ଖୋଜିଲି ଅପରାଧୀଟିଏ କରି ଚାଲିଗଲ । କଛି ଇ ଉତ୍ତର ଦେଲନାହିଁ କାହିଁକ**?** ହେଲେ ତୁମ ମୁହଁରେ ସେହିଦିନ ଫୁଟି ଉଠୁଥିଲା ଅନେକ ବିଷାଦ, ଯେମିତି ଲାଗୁଥିଲା ତୁମ ଆଖି କଛି ଲୁଚାଇ ରଖିଛି ଅଜସ୍ର ପ୍ରେମ ମୋ ପାଇଁ ସାଇତି ରଖିଛି ।ହେଲେ ଆଜି ଯାଏ ତ ଅପେକ୍ଷା କରିଛି ତୁମ ସେହି ଶେଷ ଦେଖାର ଆଖି ଆକୁଳତା ପାଇଁ । ହଠାତ୍ ମା ର ହାତ ଛୁଆଁରେ ଚମକ ପଡିଲା ପୂଜା । ଦେହ ଶୀତେଇ ଉଠିଲା ।

ମୁଣ୍ଡ ପାଖରେ ମା ବସି କହିଲେ ମାରେ ତୁ ବଡ ଝିଅ । ବୁଝିବା ଶକ୍ତି ତୋର ଅଛି । ଜିନା, ସିନା ବଡ ହୋଇଗଲେଣି । ମଧ୍ୟବିତ୍ତ ପରିବାରର ଅବସ୍ଥାକୁ ନେଇ ଆମକୁ ଚଳବାକୁ ହେବ ଜଗନ ତ ଇଞ୍ଜିନୟର ଚାକରି କଲା, ହେଲେ ଘର ଦାୟିତ୍ୱ ନେବାକୁ ତାର ଆନ୍ତରିକତା ନାହିଁ । ଏପରି ସମୟରେ ଆମେ କଣ କଲେ ତୁ ଖୁସୀ ହେବୁ କହ ।

ମା ଙ୍କର ଏତେ ବିକଳତା କେବେ ଦେଖି ନଥିଲି । କଡା ସ୍ୱରର ସବୁବେଳେ ତାଗିଦ୍ । ଆଜି ଯେମିତି ମୋ ଦୁଃଖକୁ ତା ନଜସ୍ୱ କରିଦେଇଛି । ମା କଣ ସବୁ କଥା ଜାଣିସାରିଛି**?** ମତେ ଗଭୀର ଦୁଃଖୀ ହେବାର ସେ ସହିପାରୁନ ବୋଧେ । ଜଗନ ବି ଘରର କଛି କଥାରେ

ପଶିବାକୁ ନାରାଜ ।ତିନତିନଟା ବଢିଲା ଝିଅ । ବାପା ମାଙ୍କର ଚନ୍ତାର ସୀମା ନାହିଁ । ତାଙ୍କର ବିକଳତା, ଆବେଗ ମୋ ପାଇଁ ଏତେ ଆନ୍ତରିକତା ବାଢି ଦେଇଥିଲା ଯେ ବାଧ ହୋଇଥିଲି ସମସ୍ତିଙ୍କ ଆଗରେ ହସିବାକୁ ଏବଂ ମିଛ ସିନ୍ଦୂର ପିନ୍ଧି ବୋହୂ ସାଜି ଘର କରିବାକୁ । ମା ନହୋଇ ମାର ଅଭିନୟ କରିବାକୁ । ବାସର ରାତିକୁ ଲିଭାଇ କର୍ତ୍ତବ୍ୟକୁ ଧର୍ମ ସଜେଇ ଦେଲି । ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ନଷ୍ଟାର ସହିତ ସମୟକୁ ବାନ୍ଧିଦେଲି ଛାତି ତଳେ ବିରହକୁ ସାଇତି କରି । ବାପା, ମା ଦୁଇଜଣ ମୋ ପାଖକୁ ଭିଡି ଆସିଲେ ।ଯେମିତି ମୁଁ ତାଙ୍କର ଶେଷ ଖୁସି ଶେଷ ଆନନ୍ଦ୍ ଶେଷ ଉତ୍ତର । ଜିନା ଓ ସିନା ମଧ୍ୟ ବିକଳ ହରିଣୀ ପରି ପାଖକୁ ଭିଡି ଆସିଥାନ୍ତି, ସମସ୍ତିଙ୍କ ଆଖିରେ ଲୁହର ମେଘ ଯେମିତି ଢଳଢଳ ହେଉଛନ୍ତି ।

ବାପା, ମା ଦୁଇଜଣଯାକ ବହୁତ ବୁଝାଇ କନ୍ଦାକନ୍ଦି କଲେ । ତୁ ବଡ ଝିଅ ତୁ ବାହା ନ ହେଲେ ଜିନା, ସିନା ବାହା ହୋଇପାରିବେ ନାହିଁ । ଆମେ ଗାଁରେ ମୁଣ୍ଡ ଟେକ ଗୁଲିପାରିବୁ ନାହିଁ । ସ୍ୱପ୍ନ ଓ ବ୍ୟସ୍ତବତା ଦୁହେଁ ପରିପୂରକ । ସ୍ୱପ୍ନ ନଦ ସରିଲେ ଭାଙ୍ଗିଯାଏ, ହେଲେ ବାସ୍ତବତା ହିଁ ଜିତେ ପୂଜାର ମାଆ କାନ୍ଦି କାନ୍ଦି ମୁଣ୍ଡ ଆଉଁସି କହୁଥାଏ, ତୋ ଭାଗ୍ୟରେ ଯାହା ଅଛି ସେଇଆ ହବ ।

କଣ ବାପା ମା ମୋ ବିଷୟରେ ଜାଣିଛନ୍ତି କ? ସେମାନଙ୍କର ଭଲ ପାଇବା ପାଖରେ ମୁଣ୍ଡ ନୁଆଁଇ ସବୁ ପ୍ରଥାକୁ ମାନ ନେଇଥିଲି । ସେ ଦିନର ବିକାଶକୁ ନଜର ସ୍ୱାମୀ ରୂପରେ ବେଦୀରେ ବସି ଭଗବାନଙ୍କୁ ସାଖି ରଖି ଆଉଥରେ ସିନ୍ଦୁର ପିନ୍ଧିଥିଲି..... ।

ମମି..... ମମି.... କୋଉଠି?

ମୋ ପେନ୍ ପାଉନାହିଁ ।

ହଠାତ୍ ଚମକ ଉଠିଲା ପୂଜା । ଆରେ ମୁଁ କଣ ଭାବୁଛି ବସି । ଛାଡ....

ହଁ.... ହଁ,.... ଦଉଛି ।

ଫେନ୍ ଦେଇ – ଆରେ ତୁ କେତେବେଳେ କଲେଜରୁ ଆସିବୁ । ମାମୁଁ ଘରକୁ ଯାଇଥାନ୍ତ ମୋ ସାଙ୍ଗରେ ।

ହଁ, ମମି ।

ଡାଡିଙ୍କୁ ସାଙ୍ଗରେ ନେଇଯିବା ।

ରହ ରହ ମୁଁ ତୋ ସାଙ୍ଗରେ ଯିବି, ବୀଣା କହିଲା ଅମନକୁ ।

ନାଇଁ ମୁଁ ନେବି ନାହିଁ ।

ଦେଖୁଛ ମମି । ଭାଇ କେମିତି କହୁଛି । ଅନ୍ୟମାନଙ୍କୁ ସାଙ୍ଗରେ ନେଇ ଯାଉଛି, ମୁଁ କହିଲେ ମତେ ଗାଳ ଦେଉଛି ।

ଏମିତି କାହିଁକି ଲାଗୁଛ ? ପୂଜା କହିଲା ।

ମିଶିକରି ଯାଅ । ଦୁଷ୍ଟ ହୁଅନାହିଁ ।

ଆଜିତ ଭାଇର ମେଡିକାଲ୍ ରେଜଲଟ୍ ବାହାରିବ । ସେଥିପାଇଁ ଫୁଲେଇ ହଉଛି ।

ହଉ ହଉ ଯା....

ମୁଁ ନେବିନାହିଁ ........ ଅମନ କହିଲା ।

ଦେଖୁଛ, ମମି.. .. ..

ବୀଣା ତୁ ତୋ ସାଇକେଲ ନେଇଯାଆ । ତୋ ଡାଡି ଆଜି ଆସନ୍ତୁ ତାଙ୍କୁ କହି ତୋର ଗୋଟେ ଗାଡି କଣିଦେବି । ତୁ ଜମାରୁ ମନ ଦୁଃଖ କରନା ।

କେବେ ସେମାନଙ୍କୁ କଛିରେ ଉଣା କରିନ ପୂଜା । ମା ର ସବୁ କର୍ତ୍ତବ୍ୟ କରିଛି । ସ୍ତ୍ରୀର କର୍ତ୍ତବ୍ୟ ବୋହୂର କର୍ତ୍ତବ୍ୟକରି ହାଲିଆ ହୋଇଗଲେ ଅତୀତ ପ୍ରେମିକା ମନଟି ଗୁମୁରି କାନ୍ଦିଉଠେ । ବୀଣାର ବି.ଏ. ର ଶେଷ ବର୍ଷ । ଅମନ ମେଡିକାଲ ପାଇ ଗଲେ ବାହାରକୁ

ଗ୍ଭଲିଯିବ । ଛଅ ବର୍ଷତଳୁ ଶାଶୁ ଗ୍ଭଲିଗଲେଣି । ଅମନ ଓ ବୀଣାର ପାପା ମରିଯିବା ଦୁଇଦିନ ପରେ ତାଙ୍କର ମା ଗ୍ଭଲିଗଲେ । ଅଜହାୟ୍ ଅବସ୍ଥାରେ ଦୁଇଟି ଛୋଟ ପିଲାଙ୍କୁ ଧରି ଶାଶୁ ବିକାଶକୁ ବାହା ହେବାକୁ ବାଧ କରିଥିଲେ । ବିନା ଅଭିଯୋଗରେ ରାଜି ହୋଇଗଲି । କୌଣସି ସ୍ୱପ୍ନ ନ ଥିଲା । ହେଲେ କେତେ ଜଣକୁ ଖୁସି ବାଢିବା ଆମର ଲକ୍ଷ୍ୟ ଥିଲା । କେବେ ବି ମୁହଁ ଉଠାଇ ଅନାଇ ନାହାନ୍ତି, ବିକାଶବାବୁ । କେବେ ବି ମୋ ମନର କଥାକୁ ଦେଖିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି ବରଂ ଏକା ଏକା ଚୁପଗ୍ଭପ୍ ହେଲେ ବିରକ୍ତ ହୁଅନ୍ତି । ପୂଜା ତୁମେ ବାହାରକୁ ବୁଲିଯାଅ ଭଲ ଲାଗିବ କମ୍ବା ଗ୍ଭକରି ଗୋଟେ କର । ମନ ଠିକ୍ ଠାକ୍ ଲାଗିବ । ପୂଜା ଚୁପ୍ ରହେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

# ସେଇ ପିଲ୍‌ଦିନ



ସରୋଜ କୁମାର ସାହୁ

ପିଲ୍‌ଦିନ ସେଇି ଅଭୁଲ୍ ଅତୀତ
ମନେପଡେ କାହିଁ ଭ୍‌ରି
ଚହଲ୍‌ପାଣିରେ ଭସାଏ ଡଙ୍ଗାଟେ
ବହିମଲ୍‌ଟକୁ ଚରି ।
ଆଜିବି ଲ୍‌ଗଇ ମୋତେ ପିଲ୍‌ଭଳ
ବରଷାରେ ଏକା ଭିଜେ
ମିଛେମିଛେ ଯାଇ ଘାସ ପଡିଆରେ
ସାଧବବୋହୂଟେ ଖୋଜେ ।
ଶ୍ରାବଣ ବର୍ଷାର ଗୋଳଆ ପାଣିରେ
ମାଛକଙ୍କଡାକୁ ଧରି
ବାଲିଘର ତୋଳ ପ୍ରଜାପତି ଧରି
ଆନନ୍ଦିତ ହୁଏ ଭ୍‌ରି ।
ଆଖିରେ ଭ୍‌ସଇ ସେହି ପିଲ୍‌ଦିନ
ଆମ୍ବତୋଟା ଧାନବିଲ
କେତେ ବର୍ଷା ଶୀତ ଫେରିଛି ବସନ୍ତ
ଅପାସୋର୍ ତାର ମୂଲ ।

ଆଠଗଡ, କଟକ

# କେହି ନୁହେଁ ଏଠି ନଜର



ଶଶୀକାନ୍ତ ମେହେର

ପରଖି ଦେଖିଲି ଜାଣି ମୁଁ ପାରିଲି
କେହି ନୁହେଁ ଏଠି ନଜର,।
ସମୟ ଚକରେ ମଣିଷ ବଦଲେ
ନମିଶକେ ହୋଇ ଯାଏ ପର,।

ସଭିଙ୍କୁ ଏଠି ନଜର ମଣିଲି
ହେଲେ ଜାଣିଲି କେହି ନୁହେଁ ଏଠି ନଜର,।
ଯେଉଁ ମାନଙ୍କୁ ଦିନେ ନଜର ମଣିଲି
ସମୟ ସାଥିରେ ସେମାନେ ହୋଇଲେ ପର,।

ମାତା, ପିତା, ସାଥି, ଭାଇ, ଭଉଣୀ ସଭିଏ
ଦିନେ ହୋଇ ଯାଆନ୍ତି ଦୂର,।
ଏବଂ ଆମେ ଭି ସଭିଏ ଦିନେ ନା ଦିନ ଛାଡ଼ି ସଭିଙ୍କୁ
ସଂସାର ରୁ ଚାଲି ଯାଉଁ ବହୁ ଦୂର,।

ଧନ, ସଂପତ୍ତି, ଯାହା ଭି ରଖିଛେ
ସବୁ ଖାଲି ମନକୁ ଲାଗେ ମଧୁର,।
ବଡ଼ ବଡ଼ ସୁନ୍ଦର ମହଲ ଯାହାଭି ଗଢୁଛେ
ସବୁ ଖାଲି ଆଖିକୁ ଲାଗେ ସୁନ୍ଦର,।

ଦୁଇ ଦିନ ସଂସାରେ କଏ ବା କାହାର
ଦିନେ ନା ଦିନେ ତ ସଭେ କରନ୍ତି ପର,|
ସମୟ ସାଥିରେ ସବୁ ଶିଖିବାକୁ ହୁଏ
ଖାଲି ଦେହଁ ରେ ଆସି, ଖାଲି ଦେହ ରେ ଯାଉଁ, ସେ ସ୍ୱର୍ଗପୁର,|
ହଁ କେହି ନୁହେଁ ଏଠି ନଜର କେହି ନୁହେଁ ଏଠି ନଜର ||

ଜମଲ୍, ପଦ୍ମପୁର,ବରଗଡ଼

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ନାରୀ



ନଲେଶ କୁମାର ଭୋଇ

ହେ ! ମାଁ ତୁମେ ବିଶ୍ୱ ଜନନୀ
ଅଭୟ ବର ପ୍ରଦାୟିନୀ,
କାମ ବିଲ୍‌ସିନୀ ଏହି ଜଗତେ
ପୁରୁଷ ମନ ମୋହିନୀ ।୧।

ତୁମେ ହିଁ ଭଗିନୀ  ତୁମେ
ସତୀ ସୀତା, ସାବିତ୍ରୀ,
ପାପୀଜନ ନବାରିଣୀ ତୁମେ
ପୁଣି ସର୍ବସଂହା ଧରିତ୍ରୀ  ।୨।

ପ୍ରେମ, ପ୍ରୀତି ବନ୍ଧନେ ତୁମେ
ସ୍ନେହ ମମତାର ଧର୍,
ରୁଦ୍ର ତାପେ ତୁମେ ପୁଣି
ବୈଶାଖ'ର ଝଂଜି ଖର୍ ।୩।

କେତେବେଳେ ଗୋଲ୍‌ପୀ
ଓଠରେ ମୁରୁକ ହସ,
କେତେବେଳେ ତୁମେପୁଣି
ଶ୍ରାବଣର ଝଡ଼ ବତାସ  ।୪।

ଶୀତ ସକାଳର ତୁମେ ଅଟ
ବସନ୍ତ'ର ମଳୟ ପବନ,
ତୁମରି ସ୍ନେହଭର୍ା ସ୍ପର୍ଶ
କାହାକୁ ଦିଏ ନୂଆଁ ଜୀବନ ।୫।

ଦୁଇ କୁଳକୁ ହିତ ବୋଲି
ତୁମ ନାମ ଅଟେ ଦୁହିତା,
ବୀର ପ୍ରସବିନୀ ତୁମେ
ସତରେ ତୁ, ଅପରୁପା ।୬।

ତୁମର ମହିମା ଗାନକରେ
ଗୀତା, ଭ୍ଗବତ, ପୁର୍ାଣ,
ମୁଝେ ମୁଢ଼ମତି ଦିଅ ହେ ଆଶିଷ
ତୁମ ପାଦ,ପଦ୍ମେ ସରଣ ।୭।

ବଲାଙ୍ଗୀର

# ନିଃସ୍ୱାର୍ଥ ସେବାର ଫଳ



ଖଗେଶ୍ୱର ବାଗ

ସେ ଦିନ ସମସ୍ତ ପ୍ରକାର ବ୍ୟବସ୍ଥା ସାରି ଠିକ୍ ରାତି ନଅଟା ରେ ଭୋଜନ ପାଇଁ ବସିବା ବେଳେ ମାନସ ପଟରେ ବିସ୍ମୃତିର ପରଦା ଠେଲି ଉଙ୍କି ଆସିଲା ଲଣ୍ଠନ, କିରୋସିନ ଜାର ଓ ଡଷ୍ଟବିନର କଥା। ଅଳ୍ପ ମୂଲ୍ୟରେ ମିଳୁଥିବା ଏଇ ସାମଗ୍ରୀର ଭୂମିକା ସେତେବେଳେ ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା। ଗୋଟିଏ ପଟେ ଦେଖିବାକୁ ଗଲେ ତାହା କୌଣସି ଦୋକାନରେ ସହଜରେ ମିଳୁନଥିଲା କି ଅତ୍ୟାଧୁନିକ ବୈଜ୍ଞାନିକ ଯୁଗରେ ପ୍ରାୟତଃ ଲୋକେ ବହୁ ଦିନରୁ ଏସବୁ ଜିନିଷର ବ୍ୟବହାର କରୁନଥିଲେ। ମାତ୍ର ନିର୍ବାଚନ ସମୟରେ ଏହାର ଅତ୍ୟନ୍ତ ଆବଶ୍ୟକ ପଡେ। ବିଶେଷ କରି ବ୍ୟାଲେଟ ପେପରରେ ମତଦାନ ବେଳେ ଏସବୁର ଭୂମିକା ଅବିସ୍ମରଣୀୟ। କିନ୍ତୁ ସେ ସବୁକୁ ଗାଡିରେ ଲଦିବା ବେଳେ ବୋଧହୁଏ ପାଶୋରି ଗଲେ। ତା'ର ମଧ୍ୟ ଗୋଟିଏ କାରଣ ଥିଲା।

ଏକସ୍ତରୀ ନିର୍ବାଚନ ମଣ୍ଡଳୀର କୋମନା ଜୋନ୍ ଦୁଇରେ ବାରଟି ଗ୍ରାମ ପଞ୍ଚାୟତର ୧୪୩ ଟି ବୁଥରେ ଜିଲ୍ଲା ପରିଷଦ ସଭ୍ୟ ସହିତ କେବଳ ଗୋଟିଏ ଜି.ପି.ରେ ସମିତି ସଭ୍ୟଙ୍କ ମଧ୍ୟ ଉପ ନିର୍ବାଚନ ଥିଲା। ସେଥିପାଇଁ ଫେବୃଆରୀ ସତର ତାରିଖରେ ପ୍ରଶିକ୍ଷଣ ପ୍ରଦାନ କରାଗଲା। ମତଦାନର ଆରମ୍ଭରୁ ଶେଷ ତଥା ସମସ୍ତ ସାମଗ୍ରୀ ଜିମା ଦେବାଯାଏ ପୁଙ୍ଖାନୁପୁଙ୍ଖ ଭାବରେ ବୁଝେଇ ଦିଆଗଲା। ଫେବୃଆରୀ ୨୩ ତାରିଖ ଦିନ ପୁରୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ନିମିତ୍ତ ସମସ୍ତ ସାମଗ୍ରୀ ଯଥା- ଭୋଟବାକ୍ସ, ବ୍ୟାଲେଟ ପେପର, ବ୍ଲେଡ୍, ସୂତା, ଲାଖ, ସିଲ, ମୋହର, ମହମ, କପଡା, ଲଣ୍ଠନ, କିରୋସିନ, ମଗ, ଡଷ୍ଟବିନ, ଏନଭଲପ୍, ସ୍କେଲ, ସେନିଟାଜର୍, ଶରୀର ତାପମାପକ ଯନ୍ତ୍ର ଏହିପରି ୩୩ଟି ସାମଗ୍ରୀ। ଯେହେତୁ କରୋନା କାଳରେ ନିର୍ବାଚନ ହେଉଥିବାରୁ ସେନିଟାଇଜରର ଆବଶ୍ୟକତା ନିତାନ୍ତ ଜରୁରୀ ଥିଲା। ସେ ଯାହାହେଉ ଆମେ ଚାରି

ଜଣ ବିଭିନ୍ନ କାଉଣ୍ଟରରୁ ଅଲଗା ଅଲଗା ଆବଶ୍ୟକ ସାମଗ୍ରୀ ଏକତ୍ରିତ କରି ବସ ଅଭିମୁଖେ ବାହାରିଲୁ।

ଆମେ ତିନି ଜଣ ମାଝୀ ଆଜ୍ଞା, ନାଏକ ଆଜ୍ଞା ଓ ମୋର ସହ ପୋଲିସ ବିଭାଗରୁ ଭୋଇ ଆଜ୍ଞା ଥିଲେ। ସମସ୍ତ ସାମଗ୍ରୀ ତଥା ନିଜ ନିଜର ବ୍ୟାଗ ଧରି ବସ ଅଭିମୁଖେ ଚାଲିଲୁ। ଆମକୁ ଦିଆଯାଇଥିବା ବସ **OD 26 B 3383** ଆଉ ଚାରୋଟି ଦଳକୁ ନେବା ପାଇଁ ପ୍ରସ୍ତୁତ ଥିଲା। ହେଲେ ଗୋଟିଏ ଦଳ ଏ ପର୍ଯ୍ୟନ୍ତ ବସ ନିକଟକୁ ପହଞ୍ଚି ପାରିନଥିବାରୁ ସମୟ ଗଡି ଯାଉଥାଏ। ଆମ ସେକ୍ଟର ଅଫିସର ସେଠୀ ସାର୍ ନିଜର ବୋଲେରୋ ମଗାଇ ଆମ ଦଳକୁ ନିଜ ବୁଥରେ ଛାଡ଼ି ଆସିବା ପାଇଁ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଲେ। ଯେହେତୁ ଆମ ବୁଥ **NH 553** ଯାଇଥିବା ରାସ୍ତା କଡର ଗାଁ ଟି। ସେଠୀ ସାରଙ୍କ ଅନୁରୋଧ କ୍ରମେ ବସରେ ଲଦି ଥିବା ସମସ୍ତ ସାମଗ୍ରୀ ପୁଣି ବାହାର କରି ବ୍ୟସ୍ତତା ଭିତରେ ବୋଲେରୋରେ ବସି ନିଜ ବୁଥକୁ ବାହାରିଗଲୁ।

ସେଇଠି ଯିଏ ବୁଥ ଲେଭଲ ଅଫିସର **(BLO)** ଥିଲେ ଦୁର୍ଭାଗ୍ୟ ବଶତଃ ତାଙ୍କର ମଧ୍ୟ ନିର୍ବାଚନ ଡ୍ୟୁଟି ପଡିଥିବାରୁ ସେ ଅନ୍ୟତ୍ର ଯାଇ ସାରିଥିଲେ। ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ୟ ଗ୍ରାମ ପଞ୍ଚାୟତରେ ମତଦାନ ଦାୟିତ୍ୱରେ ଥିବା ସତ୍ତ୍ୱେ ତାଙ୍କ ସହ ଶିକ୍ଷକ ସହିତ ଆମକୁ ମତଦାନ କକ୍ଷ, ନିବାସ ନିମନ୍ତେ ଏକ କୋଠରୀ, ଫାଟକ ଓ ସାଧାରଣ ଗୃହର ଚାବି ପେନ୍ଥା ଧରେଇ ଦେଇ ତରବରରେ ଚାଲିଗଲେ। ଆମେ ଚାରିଜଣ ମଧ୍ୟ ଭାରି ବ୍ୟସ୍ତ ଥିଲୁ। କାମ ବେଶୀ ଥିଲା। ନିଜ ନିଜର ବ୍ୟାଗ ପତର ରଖି ଦେଇ ମୁହଁ ହାତ ଧୋଇ ଆମେ କାମରେ ଲାଗିଗଲୁ। କାମ କହିଲେ ପ୍ରିଜାଡିଂ ଅଫିସର୍, ପୋଲିଂ ଅଧିକାରୀ, ପ୍ରତିନିଧିମାନଙ୍କ ବସିବା ସ୍ଥାନ, ପ୍ରବେଶ, ପ୍ରସ୍ଥାନ, ନିଷିଦ୍ଧାଞ୍ଚଳ ପ୍ରଭୃତିରେ ଲିପଲେଟ ଲଗେଇବା । ଟେବୁଲ, ଚଉକ, ମତଦାନ ସ୍ଥାନ ନିରୂପଣ, ବ୍ୟାଲେଟ ପେପରରେ ଦସ୍ତଖତ ସଂକ୍ଷେପରେ କହିବାକୁ ଗଲେ ଆଗାମୀ ଦିନର ପ୍ରାୟ ସମସ୍ତ କାର୍ଯ୍ୟ ଶେଷ କରି ସନ୍ଧ୍ୟା ବେଳେ ଗାଁ ପଟେ ବାହାରିଲୁ। ଉଦ୍ଦେଶ୍ୟ ଥିଲା ସନ୍ଧ୍ୟା ଚା'ର ଟିକକ ପିଇ ବୁଲିକି ଆସିବା ତଥା ରାତ୍ରି ଭୋଜନର ବ୍ୟବସ୍ଥା କରିବା। ପରିଶେଷରେ ଗାଁ ର ପଟେଲ ଭାଇଙ୍କ ମୋଟର ସାଇକେଲ ନେଇ ଭୋଇ ଆଜ୍ଞା ରାତି ଆଠଟାରେ ଦୁଇ କି.ମି. ଯାଇ ସମସ୍ତଙ୍କ ପାଇଁ ଭୋଜନ ନେଇ ଆସିଲେ।

ଅନେକ କାମ ଆମେ ସମସ୍ତେ ସାରି ଦେଇ ଥିବାରୁ ଆରାମ ଅନୁଭବ କରୁଥିଲୁ। ରାତ୍ର ନଅଟା ବେଳେ ସମସ୍ତଙ୍କ ପାଇଁ ଭୋଜନ ବଣ୍ଟନ କରାଗଲା। ତା'ପରେ ମୁଠେ ଭାତ ପାଟିରେ ପକାଇବା ବେଳେ ମନେ ପଡ଼ିଲା ଲଣ୍ଠନ, କରୋସିନ ଜାର୍ ଓ ଡଷ୍ଟବିନ କଥା। ବଜ୍ରାଘାତ ହେଲା ପରି ମନେହେଲା। ମନରେ ଖେଳଗଲା ଏକ ଆକସ୍ମିକ ଚନ୍ତା, ଅବସାଦ, ନଜର ଦାୟିତ୍ୱ ହୀନତା। କିଏ କାହା ଉପରେ ରାଗିବ? ସମସ୍ତେ ବିସ୍ମିତ ବିସ୍ଫାରିତ ନୟନରେ ପରସ୍ପରକୁ ଚାହିଁ ରହିଲେ। କାହାରି ମନକୁ କପରି ସ୍ମରଣ ହେଲା ନାହିଁ ଏଇ ତିନୋଟି ସାମଗ୍ରୀ ଏ କଥା ଆଶ୍ଚର୍ଯ୍ୟ କରୁଥିଲା। ତନଖି ତାଲିକା ଦେଖିଲା ବେଳକୁ ତ ୩୩ଟି ସାମଗ୍ରୀ ସଂଗ୍ରହ କରାଯାଇ ଥିଲା। ତେବେ ଆମେ କ'ଣ ବସରେ ଛାଡି ଆସିଲୁ ! ହଁ ସେମିତି ହୋଇଥିବ। କାରଣ ସେଠୀ ସାର୍ ନଜର ବୋଲେରୋରେ ଆମକୁ ଯିବାପାଇଁ ଅନୁରୋଧ କଲା ବେଳେ ଆମେ ତରବରରେ ବସରୁ ଓହ୍ଲେଇ ପଲେଇ ଆସିଲୁ। ବୋଧେ ସେହି ବସରେ ଆମର ସାମଗ୍ରୀ ଅଛି। ତେବେ ସେହି ବସଟା ବର୍ତ୍ତମାନ କେଉଁଠି ଥିବ ? ମୋର ମନେପଡ଼ିଲା ଆମେ ଯେଉଁ ବୁଥକୁ ଆସିଛୁ ସେଇ ପଞ୍ଚାୟତକୁ ହିଁ ବସ ଆସିଛି। ସ୍ଥାନୀୟ ଅଞ୍ଚଳର କଛି ପରିଚତ ତଥା ଆତ୍ମୀୟ ସ୍ୱଜନଙ୍କୁ ଯୋଗାଯୋଗ କଲି। ନର୍ବାଚନ ଦାୟିତ୍ୱରେ ଥିବା ଜଣେ ସାରଙ୍କୁ ଯୋଗାଯୋଗ କରିବାରୁ ଜାଣିବାକୁ ମିଳଲା ଯେ ବସଟି ତା'ଙ୍କ ବୁଥରେ ରାତ୍ରି ଯାପନ କରୁଛି। ଏହା ଜାଣିବା ପରେ ଏକ ଦୀର୍ଘ ନଃଶ୍ୱାସ ମାରି ମନକୁ ଟିକଏ ବୁଝାଇଲି। ମାତ୍ର ଭୋଜନରେ ଆଗ୍ରହ ନଥିଲା।

ରାତି ଦଶଟାରେ ତା'ଙ୍କ ସହିତ ବସ ରହିଥିବା ଗାଁ କୁ ଗଲୁ। ବସ ଭିତରେ ଖୋଜାଖୋଜି କଲୁ ହେଲେ ସେଇ ତିନୋଟି ସାମଗ୍ରୀ ନାହିଁ। ଯେତିକ ଆଶ୍ଚଯ୍ୟ ଲାଗିଲା ସେତିକ ବିସ୍ମିତ ହେଲି। ମୁଁ ନଜେ ବସର ସିଟ୍ ତଳେ ଏଇ ଜିନଷ ରଖି ଥିବାର ମୋର ମନେପଡ଼ିଲା। ହେଲେ ନେଲା କିଏ ? କାହିଁକ ବା ନେବ? ସମସ୍ତ ଦଳକୁ ସେହି ସମାନ ସାମଗ୍ରୀ ଦିଆଯାଇଛି। ବସରୁ ଓହ୍ଲେଇ ଦେଖିଲି ଏଇଟା ସେଇ ବସ ନୁହେଁ । ଯେଉଁ ବସ ଆମ ପାଞ୍ଚଟି ଦଳକୁ ଆଣିବା କଥା ତା'ର ସ୍ଥାନରେ ଅଲଗା ବସ ଆଣିଛି। ମୁଣ୍ଡ ଆଉ କାମ କଲା ନାହିଁ। ନରାଶ ମନରେ ନଜ ବୁଥକୁ ଫେରିଆସି ସେକ୍ଟର ଅଫିସରଙ୍କୁ ଫୋନ୍ କଲି। ସେ ସାନ୍ତ୍ୱନା ଦେବା ବଦଳରେ ଆମର ଦାୟିତ୍ୱହୀନତାକୁ ଅନୁଭବ କରି କହିଲେ 'ସେଇଟା ତୁମର ସମସ୍ୟା, ତୁମେ ବୁଝିବ। ମୁଁ କଛି କରି ପାରିବି ନାହିଁ।' ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଅସହଯୋଗ ଭାବନାକୁ ହୃଦବୋଧ କରି ମନେ ମନେ ଭାବିଲି 'ସେ ଯଦି ନଜ

ବୋଲେରୋରେ ଯିବା ପାଇଁ କହିନଥା'ନ୍ତେ ତେବେ ଆମେ କାହିଁକି ବା ନିଜର ସାମଗ୍ରୀ ଭୁଲବଶତଃ ଛାଡ଼ି କି ଆସିଥା' !' ହେଲେ ପ୍ରତିଉତ୍ତର ଦେବା ଅନୁଚିତ ମନେ କରି ହତାଶ ହୋଇ ପଡିଲି।

ଏହା ଭିତରେ ରାତି ଏଗାରଟା ହୋଇ ସାରିଥାଏ। ସହଯୋଗୀ ଶିକ୍ଷକମାନେ ବିଛଣା ପକାଇ ସାରିଥିଲେ। ସେମାନେ ସେତିକି ଚିନ୍ତିତ କି ହତାଶବୋଧ ଭିତରେ ନଥିଲେ। କାରଣ ଏଥିପାଇଁ ପ୍ରିଜାଇଡିଂ ଅଫିସର୍ ଦାୟୀ, ସେମାନେ ନୁହଁନ୍ତି। ଅନନ୍ୟୋପାୟ ହୋଇ ଗ୍ରାମର ଇଷ୍ଟଦେବୀଙ୍କୁ ସ୍ମରଣ କଲି। ଏ ପ୍ରକାର ବିପଦରୁ ଉଦ୍ଧାର ଓ ଏହାର ସମାଧାନ ପୂର୍ବକ ସେହି ସାମଗ୍ରୀ ମିଳିଯିବା ନିମିତ୍ତ ବିନମ୍ର ପ୍ରାର୍ଥନା କଲି। ହୋଇପାରେ କେତେକଙ୍କୁ ଏହା ଅନ୍ଧବିଶ୍ୱାସ ଓ ମୂର୍ଖତା ଭଳି ଲାଗିପାରେ। କିନ୍ତୁ କୁହାଯାଏ'ବିଶ୍ୱାସେ ମିଳଇ ହରି,ତର୍କେ ବହୁ ଦୂର।'

ରାତି ବାରଟାରେ ମନକୁ ଆସିଲା ଯାନବାହାନ କାଉଣ୍ଟରରେ ଥିବା ଶିକ୍ଷକ ବନ୍ଧୁ ଖମାରୀ ଆଜ୍ଞାଙ୍କୁ ଫୋନ୍ କରିବା ପାଇଁ। ତାଙ୍କ ଠାରୁ ଜାଣିବାକୁ ପାଇଲି **OD 26 B 3383** ବସଟି ସମରସିଂ ପଞ୍ଚାୟତର ଭୁର୍କାଧୋଡା ଗାଁ ରେ ରାତି ଯାପନ କରୁଛି। ସେହି ଗାଁର ଶବର ଆଜ୍ଞାଙ୍କୁ ଫୋନ୍ କରି ଜଣେଇଲି।ଏପଟେ ନିଜ ବୁଥ ଗାଁର ସ୍ଥାନୀୟ ବାସିନ୍ଦା ପଟେଲ ଭାଇ ଦୂର ଗାଁ କୁ ଚାଲି ଯାଇଥିଲେ ସୁଦ୍ଧା ଫୋନରେ ସାନ୍ତ୍ୱନା ଦେଲେ ଯେ ଭୋର ଚାରିଟାରେ ଭୁର୍କାଧୋଡା ଗାଁ କୁ ଯାଇ ସେହି ଜିନିଷ ଆଣି ପହଞ୍ଚାଇଦେବ । ତାଙ୍କର ପ୍ରତି ମୋର ଗଭୀର ବିଶ୍ୱାସ ଥିଲା। ମାତ୍ର ମନରେ ପ୍ରଶ୍ନବାଚୀ ଥିଲା ଯେ ସେହି ସାମଗ୍ରୀ ବସରେ ଥିବ ତ ? ଯଦି ନଥାଏ ତେବେ କେଉଁଠୁ ଆଣି ମତଦାନ କରାଇବା ? ଏସବୁ ଭାବି ଭାବି ରାତିରେ ନିଦ ହେଲା ନାହିଁ। କେମିତି ସେ ସବୁ ଜିନିଷ ମିଳିବ ସେଇ ଚିନ୍ତାରେ ରାତିଟା ଅତିକ୍ରାନ୍ତ ହେବାରେ ଲାଗିଲା।

ଶବର ଆଜ୍ଞା ଭୋଅର ଚାରିଟାରେ ବୁଥକୁ ଯାଇ ଦେଖିଲେ ବସଟା ସେଠାରେ ରହିଛି। ସବୁ ସିଟ ତଳକୁ ଖୋଜି ଦେଖିଲେ। ଗୋଟିଏ ସିଟ୍ ତଳେ ଏଇ ତିନୋଟି ଜିନିଷ ରହିଛି। ଏତିକି ବେଳକୁ ପଟେଲ ଭାଇ ସେହି ଗାଁ ରେ ଉପସ୍ଥିତ ହେଇଗଲେ। ତାଙ୍କର ଦାୟିତ୍ୱରେ ଜିନିଷ ଅର୍ପଣ କରି ଯଥାଶୀଘ୍ର ପହଞ୍ଚାଇବାକୁ କହି ମୋତେ ଫୋନ୍ କଲେ। ହଜି ଯାଇଥିବା

ସାମଗ୍ରୀ ମିଳଥିବାର ସୂଚନା ପାଇ ଟିକଏ ଖୁସି ଲାଗିଲା। ସୂର୍ଯ୍ୟୋଦୟ ପୂର୍ବରୁ ପଟେଲ ଭାଇ ଲଣ୍ଠନ, କରୋସିନ ଓ ଡଷ୍ଟବିନ ଧରି ହାଜର ହେଇଗଲେ। ଶବର ଆଜ୍ଞା, ଖମାରୀ ସାର୍, ପଟେଲ ଭାଇଙ୍କ ବିନା ସହଯୋଗରେ ମୁଁ ମୋର ଜିନଷ ଫେରି ପାଇନଥାଆନ୍ତି। ସେ ଦିନ ସେମାନଙ୍କ ସହଯୋଗ ଦେଖି ଭାବ ବିହ୍ୱଳ ହୋଇ ଯାଇଥିଲି। ମୋ ପାଖରେ ଧନ୍ୟବାଦ ଦେବା ନମନ୍ତେ ଭାଷା ନଥିଲା। ମନେ ମନେ ଭାବୁଥିଲି ବିଗତ ଦିନରେ ଶ୍ରୀରାମ ମନ୍ଦିର ନମିତ୍ତ ନଧି ସଂଗ୍ରହ ଅଭିଯାନରେ ନଃସ୍ୱାର୍ଥପର ଭାବରେ ଗୁଣ୍ଡୁଚ ମୂଷା ଭଳ ଯେଉଁ ଟିକକ ସେବା କରିବାର ସୁଯୋଗ ତଥା ଏହି ପରିପ୍ରେକ୍ଷୀରେ ଏମାନଙ୍କ ସହ ପରିଚତ ହେବାର ସୌଭାଗ୍ୟ ବୋଧେ ଏଇ ସମସ୍ୟାର ସମାଧାନ ଅଟେ। ତ୍ୟାଗ ଓ ପ୍ରତୀକ୍ଷାର ଫଳ ସ୍ୱରୂପ ଭଗବାନଙ୍କ ଅଯାଚତ ଆଶୀର୍ବାଦ ମୋ ଉପରେ ପଡିଲା ଏ ସବୁକୁ ବୁଝିବାକୁ ଆଉ ଡେରି ହେଲା ନାହିଁ। ମନେ ମନେ ଗ୍ରାମର ଇଷ୍ଟଦେବୀ ତଥା ଶ୍ରୀରାମ ପଦପଙ୍କଜରେ ଗଭୀର ଭକ୍ତି ଓ କୃତଜ୍ଞତା ଭରି ଆସିଲା| ଅନ୍ତରର ଗଭୀରତମ ପ୍ରଦେଶରୁ ସ୍ୱତଃସ୍ଫୂର୍ତ ଭାବରେ ବିଶ୍ୱାସର ପ୍ରତିଫଳନ ବିବେକକୁ ସ୍ପର୍ଶ କରିଗଲା। କେତେବେଳେ ଧାରେ ସ୍ମିତହାସ୍ୟଟି ଶୁଷ୍କ ଓଷ୍ଠରେ ପ୍ରକାଶିତ ହେଇଗଲା ଜାଣି ପାରିଲି ନାହିଁ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ମୋ ପିଲ୍‌ଦିନ



ସନାତନ ଦାସ

ଆଜି ମୁଁ ଭାବୁଛି ବସି ନିରୋଳାରେ
ମୋ ପିଲ୍ ଦିନ କଥା,
ଚାହୁଁ ଚାହୁଁ ସବୁ ଦିନ ବିତିଗଲା
ହଜିଗଲା ବାଲ୍ୟ ଚପଳତା..!!

ସ୍ମୃତି ଭରା ଦିନ କାହିଁ ଗଲା ମୋର
ମନେପଡେ ସବୁବେଳେ,
କେତେ ଯେ ଦୁଷ୍ଟାମୀ ଖେଳ କରିଥାଉ
ସାଙ୍ଗସାଥୀର ମେଳେ!!

ବୋହୂ ଚୋରି ଆଉ ବାଗୁଡ଼ି ଖେଳ
କେତେ ଆମେ କରିଥାଉ,
କାଗଜ ଡଙ୍ଗାରେ ଭାସି ଯାଇଥିବା
ଦିନ ଫେରି ଆସିବ କି ଆଉ..??

ନା ଥିଲା ଦୁଃଖ ଦୁନିଆର ଚିନ୍ତା
ନା ଥିଲା ସମ୍ପର୍କର ଭାର,
କେତେ ସୁନ୍ଦର ଥିଲା ସେ ଜୀବନ
ଭାବୁଛି ମୁଁ ବାରମ୍ବାର..!!

ସଅଁରା, ଜଗତସିଂହପୁର

# ବୋଉଲେ ଦଶମ ପରୀକ୍ଷା ଦେବି



ଅର୍ଜୁନ ଦାସ

ନଅ ମାସ ଯାକ ବୁଲି ବୁଲି ମୁହିଁ
ମନେ ରହିଲାନ ପାଠ
ଏଇ ତିନ ମାସ ପିଆଇ ଦେଲଣି
ପାଠ ଠୁ ଅଧିକା ଶାଠ ।
ବାହହାରେ କୋରୋନା ଡର ମାଡିଆସେ
ପାରୁନାହି କଛି ଭାବି
ବରଷ ସାରା ମୁଁ ପାଠ ପଢିନାହିଁ
ବୋଉଲେ ମୁଁ ଦଶମ ପରୀକ୍ଷା ଦେବି ।
ଗଣିତ ବହିକୁ ଖୋଲି ବେଳକୁ
ଘୁରି ଯାଉଛି ମୋ ମଥା
ଇଂରାଜି ପାଠ ମୁଣ୍ଡେ ପଶୁନାହିଁ
କହିବି ଆଉ କାହା କଥା ।
କୋରୋନା ର ଯେଉଁ ପ୍ରକୋପ ହେଲାଣି
ଶୁଣିକ ଲାଗଇ ଜର
ପରିକ୍ଷା ତାରିଖ ଶୁଣିଲା ବେଳକୁ
ମନରେ ଆସୁଛି ଡର ।
ଅନଲାଇନ ରେ ପରା କ୍ଲାସ କରିଲେ
ପରୀକ୍ଷା ଟା ଯଦି ହେବ
କପି ସପି କରି ସବୁ ଲେଖି ଦେବି
ଭାଇ ମୋର ଜିବନ ଟା ବଞ୍ଚିଯିବ ।

ମାଧବ, ନଆଳୀ, କଟକ

# ଲୁହ ଭିଜା ଲଫାପା




ଦୀନେଶ ଅଗ୍ରୱାଲ୍

ସ୍ମୃତି ଏକ ଲୁହ ଭିଜା ଲଫାପା
ଯେଉଁଠି ଖାଲି ତୁମେ ଆଉ ମୁଁ
ମୋ ହୃଦୟର ବନ୍ଦ କୋଠରୀକୁ
ଯେବେ ବି ଖୋଲିଛି ସାଥି
ମୁଦା ଲଫାପା ଖାଲି
ଓଦା ଓଦା ବାସୁଛି ।
କାହିଁକ କେଜାଣି ମତେ
ପାଗଳ କରିଛି
ତୁମ ସହ କଟିଥିବା
ଅତୀତର ସ୍ମୃତି ।

ବିଜେପୁର, ବରଗଡ

# କୃଷକ ପରିବାର କଥା



କେଶରୀ ପ୍ରସାଦ ମହାନ୍ତି

କଥା ରେ ଅଛି
ଗୃଷ ଅଛିଯାହାର ।
କେଡେ ସୁଖ ତାହାର ।
ଚଷା ପୁଅ ଯୋଗଉଛି ।
ଦୁନଆ କୁ ଆହାର ।

ଏହି ଉକ୍ତି ଟି ଯଦି ସତ୍ୟ ହୁଏ ତେବେ ବର୍ଷକ ବାର ମାସ, ଗ୍ରୀଷ୍ମ ରୁ ଶୀତ, ବର୍ଷା ରୁ ବସନ୍ତ, ସଖାଳୁ ସଞ୍ଜ ସବୁବେଳେ ମୁଣ୍ଡ ଝାଳ ତୁଣ୍ଡେ ମାରି ଲହୁ ଲୁହ କୁ ଏକାକାର କରି ଦିନ ରାତି ମାଟି ସାଙ୍ଗ ରେ ମାଟି ହୋଇ ଦେଶ ବାସୀ ଙ୍କ ଖାଦ୍ୟ ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରୁଥିବା ମଣିଷ ହେଉଛି କୃଷକ ।

ମକର ସଂକ୍ରାନ୍ତି ରେ ଧାନ କ୍ଷେତ ରେ ଖତ ଲଗାଇବା ଠୁ ଆରମ୍ଭ ହୁଏ ବିଲ କାମ । ତା ପରେ ଅଗି ବାସି ( ଗୁଣ୍ଡୁଣୀ), ଜଳ ବାସି (ବର୍ଷା ହେବା ପର ଦିନ) ନଚେତ ସରସ୍ୱତୀ ପୂଜା ଦିନ କୃଷକ ଆରମ୍ଭ କରେ ହଳ ସୁତର ।

ପାରମ୍ପରିକ କୃଷି ଉପକରଣ ଲଙ୍ଗଳ, ଜୁଆଳ କୁ ପୂଜାର୍ଚ୍ଚନା କରି ସ୍ୱର୍ଣ ଅଳଙ୍କାର ରେ ଭୁମି କର୍ଷଣ କରି ହଳ ଅନୁକୂଳ କରେ । ସେଇ ଦିନ ରୁ ଆରମ୍ଭ ହୁଏ ଖରାଟିଆ ହଳ, ଗ୍ରୀଷ୍ମ ର ଝାଂଜି ରେ ସିଝି, ରୌଦ୍ର ତାପ ରୁ ରକ୍ଷା କରିବା ନିମନ୍ତେ ମୁଣ୍ଡ ରେ ଝାମ୍ପି ଦେଇ ବଳଦ ଦୁଇଟି ସହ ତିନ ମୁଣ୍ଡ ଦଶ ଗୋଡ଼ କୁ ଏକ କରି ଲଙ୍ଗଳ ମୁନ ରେ ଭୁମି କୁ କର୍ଷଣ କରେ । ପରେ ପରେ ଆସି ଯାଏ ଅକ୍ଷୟ ତୃତୀୟା ।

ଧାନ ବୁଣା ପର୍ବ କୁ ଓଡ଼ିଆ ସଂସ୍କୃତି ରେ ଅକ୍ଷୟ ତୃତୀୟ କୁହା ଯାଏ । ଏହି ଦିନ ଧାନ୍ୟ କ୍ଷେତ୍ର ରେ ପୂଜାର୍ଚ୍ଚନା ହୋଇ ଅକ୍ଷୟ ବୀଜ (ଧାନ) ବୁଣା ଯାଏ । ତା ସହ ଆମ୍ବ ଓ ଗୁଆ ପୋତା ଯାଏ । ସେଇ ଦିନ ଅନୁକୂଳ ପରେ କୃଷକ ମାନେ ବିଲ ରେ ଧାନ ବିହନ ବୁଣନ୍ତି । କଥା ରେ ଅଛି ଏହି ସମୟ ରେ ଧାନ ବୁଣା ପକ୍ଷୀ ବୋବାଇ ଥାଏ ।

ଏହା ପରେ ଆସି ଯାଏ ରଜ ପର୍ବ, ରଜ ପର୍ବ ପରେ ପରେ ବିଲ ରେ ତଳ ପଡେ, ତଳ ପୁରଷ୍ଟ ହେଲେ ଅନ୍ୟ ବିଲ କୁ ସ୍ଥାନାନ୍ତର ହୋଇ ରୁଆ ଯାଏ । ପୂର୍ବ ରୁ ବୁଣା ହୋଇଥିବା ଧାନ ଗଛ ଉଠିଲା ପରେ ଗାର, ଯାଆଁଳ ହୁଏ । ପରେ ପରେ ଭାଦ୍ରବ ମାସ ପନ୍ଦର ରୁ ଅଶିଣ ପନ୍ଦର ମଧ୍ୟ ରେ ଦୋଣ୍ଡ ବଛା ହୋଇ କ୍ଷେତ ରୁ ସୁଆଁ, କଳମା, ଲବଙ୍ଗା, ସାରୁ ପନିଆ, ସୋଲ, ସୁନୁସୁନିଆ ଘାସ କୁ ଅଲଗା କରା ଯାଏ । ଆର୍ଥିକ ଅଗ୍ରସର ଚାଷୀ ମାନେ କ୍ଷେତ ରେ ରାସାୟନିକ ସାର ର ପ୍ରୟୋଗ କରନ୍ତି ଓ କୀଟ ନାଶକ ଛିଞ୍ଚନ୍ତି ।

ଏହା ପରେ ଗର୍ଭଣା ସଂକ୍ରାନ୍ତି ରେ ଖାଡ଼ି ପୋତା ଅନୁକୂଳ ହୁଏ । ଏହି ଦିନ ପୂଜାର୍ଚ୍ଚନା ହୋଇ ଧାନ କ୍ଷେତ ରେ ଅଣୁଖା, ସୁନାରି, ପେଡ଼ିପେଡ଼ିକ ଭଳ ସପ୍ତ ଦଣ୍ଡ ବିଲ ରେ, ଖତ ଗଡିଆ ରେ, ଘୁଆଳେ ଓ ଅମ୍ବାର ଘରେ ଦିଆ ଯାଏ । ଏହି ଦିନ ରୁ ଧାନ ଗର୍ଭ ଧାରଣ କରେ ଫଳରେ ଥୋଡ଼ ଆସେ । ପରେ ପରେ ଧାନ ପାକଳ ହେଲେ ଶୁକ୍ରବାର ନହଲେ ସୋମବାର ରେ କ୍ଷେତ ରେ କ୍ଷୀର ଢାଳ କୃଷକ ଧାନ କଟା ଆରମ୍ଭ କରେ ।

ମାର୍ଗଶିର ମାସ ରେ ମାଣବସା ଗୁରୁବାର ରେ ଖଳା ରେ ମେଇ ପଡେ । ପରେ ପରେ ଧାନ ବନ୍ଧା ହୋଇ ଘରକୁ ଆସେ । ଖଳା ରେ ବଦାଡ଼ି ଦିଆ ଯାଏ, ବଦାଡ଼ି କୁ ଭାଙ୍ଗିବା ପୂର୍ବ ରୁ ଖଳା ରେ ନଜ ଦିଆ ଯାଏ । ପୂର୍ବେ ବଳଦ ପିଠି ରେ ପଲ୍ଲାଣ ପଡି କଚଡ଼ା ବୁଆ ଯାଏ । ଘୋଡ଼ିଆ ରେ ପିଟି ଧାନ ଅମଳ ହୁଏ । ତା ପରେ କୁଲା ରେ ଗୁର ପଡି ଧାନ ଉଡ଼ା ଯାଏ । ଗୌଣି ରେ ମାପି ଧାନ ବସ୍ତା ହୁଏ । ଅନ୍ୟ ଜମି ବଖରା କଲେ କୃଷକ ଜମି ମାଲିକ କୁ ଅଧା ଧାନ ଦିଏ ।

ଅମଳ ହୋଇ ଥିବା ଧାନ କୁ ଉଂଶା ଯାଏ ପରେ ଗୃଉଳ ହୁଏ । ନୂଆ ଗୃଉଳ ହେଲେ ନୂଆ ଖିଆ ଯାଏ । ଫୁଣି ମାଘ ମାସ ସଂକ୍ରାନ୍ତି ରେ ଆରମ୍ଭ ହୁଏ ବିଲ ରେ ଖତ ଲଗା... ଫୁଣି ଯୋଉ କଥା କୁ ସେଇ କଥା ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସେବାର ପ୍ରତୀକ ନାରୀ



ଲଲ୍ଟେନ୍ଦୁ ବାରିକ

ନାରୀ ର ଚକ୍ଷୁ ଗଗନ ସମ
ବକ୍ଷ ତା ସାଗର ସମ
ମନ ତା ଲ୍ଗେ ପୂର୍ଣ୍ଣିମା ଜହ୍ନ
ହୃଦୟ ତା କୋମଳ ପଦ୍ମ
ସଂସାର ରେ ସେ ଅବିଚ୍ଛେଦ୍ୟ ଅଙ୍ଗ
ତା ବିନା ଦୁନିଆ ଅନ୍ଧାର
ତା ପ୍ରେମ ଭର୍ ହାତ ପରଶରେ
ପାଷାଣେ ପର୍ଣ ଭରେ
ପାଳଥାଏ ସେ ଧର୍ ସଂସାର କୁ
ସାଜେ ମା ପତ୍ନୀ ଭଗିନୀ
ନିଜ ଜୀବନ କୁ ଜଳାଞ୍ଜଳି ଦେଇ
ବାଣ୍ଟି ଗୃଲେ ଖୁସି ସଭିଙ୍କୁ
ସର୍ବସହା ରୂପେ ସେ ବିଦ୍ୟମାନ
ଆଦି ଅନାଦି କାଳ ରୁ
ତାର ଶକ୍ତି ବଳେ ସଂସାର ଟି ଗୃଲେ

ବିନା ବାଧା ଦ୍ୱିଧା ସଂଘର୍ଷରେ
ନିଜ ର ପ୍ରେମ ରେ ବାନ୍ଧେ ସଂସାରକୁ
ନ ରଖ୍ ମନେ ଆପଣା ପର
ସମାଜର ଦୁଃଖ ଯନ୍ତ୍ରଣା କୁ ଗୃପି
ଓଠରେ ଝର୍ଏ ମୁକୁତା ର ହସ
ଦୟା, କ୍ଷମାର ଅଟେ ଗନ୍ତାଘର
କୋମଳ ତା ହୃଦୟ ମନ
ସଂସାରେ ଲଭିଛି ଶ୍ରେଷ୍ଠ ସ୍ଥାନ ସେ
ସହନଶୀଳତା ଉଦାରତା ପାଇଁ

ବାସୁଦେବପୁର, ଭଦ୍ରକ

# ସହିଦ ରେଣ୍ଡୋ ମାଝୀ



କମଳନୀ ଚଣ୍ଡି

କଳାହାଣ୍ଡିର ବୀରପୁତ୍ର ସେ ନାମ ତାଙ୍କର ରେଣ୍ଡୋ ମାଝୀ
ଓଡିଆ ଜାତିର ଗୌରବ ସେ ଜଣେ ଥିଲେ ବଡ଼ ସଂଗ୍ରାମୀ,
ଲଢ଼ିବାର ପଥ ଦେଖାଇ ଦେଲେ ଆମକୁ ଦେଇ ସ୍ୱାଧୀନତା
ମରିବା ଠାରୁ ବଂଚବା ଶିଖେଇଲେ ଦେଇ ଏକ ନୂତନ ଦିଶା,
ଜୀବନ ଆମର ନଇତି ସଂଘର୍ଷ ଲଢ଼ିବା ଏଠି ଶେଷ ପର୍ଯ୍ୟନ୍ତ
ଆସ ହେ ଭାଇଭଉଣୀ ଲଢ଼ିବା ମିଳମିଶି ହୋଇଣ ଏକତ୍ରିତ,
ନଇତି କହୁଥିଲେ ବାରମ୍ବାର ଆମକୁ ସମସ୍ତଙ୍କୁ ଏ କଥା
ଲଢ଼ିବା ଆମେ ଜୀବନ ଯାତ୍ରା ଇଂରେଜକୁ ଦେବା ଉପଯୁକ୍ତ ଶିକ୍ଷା,

କୁଶାଡଙ୍ଗରି, ଭବାନୀପାଟଣା
କଳାହାଣ୍ଡି

# ଅଦୃଶ୍ୟ ଦାନବର ଯନ୍ତ୍ରଣା

ମନଜିତ ମୋହନ ଗୁନ୍ଦ

ଅମୂଲ୍ୟ ଜୀବନ ମୂହୁର୍ତ୍ତରେ ହଜି ଯାଉଛି
ଅଦୃଶ୍ୟ ଦାନବର କବଳରେ କବଳିତ
ଯନ୍ତ୍ରଣାରେ ଛଟପଟ ମଣିଷ
କ୍ଷଣକରେ ହରାଇବସେ ଆତ୍ମିୟ ସ୍ୱଜନ
ଅନାଥ ଅସହାୟ ହୋଇ ଯାଏ ଜୀବନ
କଣ ବା ସାମର୍ଥ୍ୟ ଅଛି ଅହଂକାରୀ ମାନବର
ଶ୍ରେଷ୍ଠତ୍ୱର ଡିଣ୍ଡିମ ପିଟୁ ଥିବା ମନୁଷ୍ୟ
ଆଜି ତ୍ରାହି-ତ୍ରାହି ଧ୍ୱନରେ କରେ ଗୁଞ୍ଜରଣ ।

ସମ୍ଭ୍ରାନ୍ତ, ପୁଞ୍ଜିପତି, ରାଜନେତା ଓ ଶାସକ
କରୋନା ଭୟାବହତାରେ ସମସ୍ତେ ଚନ୍ତିତ
କୃଷକ, ଶ୍ରମିକର ଦୁଃଖ ଆହୁରି ଅସହ୍ୟ
ସରକାର ଦାନ ଦେଇଥିବା କଞ୍ଚିତ ଆହାର
କେତେଦିନ ତାର କ୍ଷୁଧାକୁ ତୃପ୍ତ କରି ପାରିବ
ଘରେ ବନ୍ଦୀ ସଦୃଶ ହାତବାନ୍ଧି ବସି ରହିବା
କେବଳ ପ୍ରାଣର ସଂରକ୍ଷଣ ନମିତ୍ତ ।

ଡାକବାଜି ଯନ୍ତ୍ରରେ ବାରମ୍ବାର ଶୁଣା ଯାଏ
ସହର ଠାରୁ ଗାଁ ଗଳକନ୍ଦି ରେ
ସଚେତନତା ହିଁ ଜୀବନର ରକ୍ଷା କବଚ
ଅସ୍ପୃଶ୍ୟ ମନୁଷ୍ୟ-ମନୁଷ୍ୟ ଠାରୁ

ସାମାଜିକ ଦୂରତ୍ୱ ଏକ ସାଧନ
ଏ ଅଦୃଶ୍ୟ ଦାନବର ପଥ ଅବରୋଧର ।

କିଛି ଦିନରେ ହଠାତ୍ ବଦଳ ଯାଉଛି
ଦୈନନ୍ଦିନ ଜୀବନର ଜୀବନ ଶୈଳୀ
ଶିକ୍ଷା ଯେମିତି ଅଲୋଡା ଜୀବନ ଆଗରେ
ପ୍ରଥମେ ବଞ୍ଚିବା ତା ପରେ ବିକାଶର ମନ୍ତ୍ର
ହରାଇବାକୁ ଅଛି ଅଦୃଶ୍ୟ ଦାନବକୁ
ପୁଣି ଆଶାବାନ ଜୀବନ ବଞ୍ଚିବା ପାଇଁ ।

ମାଷ୍ଟର ଲାଇନ୍, ବୌଦ୍ଧ

# ଘର ବାହୁଡା



ସସ୍ମିତା ପଟ୍ଟନାୟକ

ପଡିଶା ଘର ମାଉସୀଙ୍କ ଝିଅ ବହୁତ ଆଗରୁ ବାଙ୍ଗାଲୋରରେ ଚାକିରି କରୁଥିଲା। ସେତେବେଳେ ଏବେକା ପରି ଏତେ ଓଡିଆ ପିଲା ବାଙ୍ଗାଲୋର, ହାଇଦ୍ରାବାଦ, ମୁମ୍ବଇ ଇତ୍ୟାଦି ସହର ଯାଉନଥିଲେ। ପରେ ପରେ ମାଉସୀଙ୍କ ବଡ ଝିଅ ଜ୍ୱାଇଁ ବି ଦିଲ୍ଲୀରେ ରହିଲେ। ମାଉସୀ ବର୍ଷରେ ଥରେ ଦୁଇ ଥର ମାସେ ଦୁଇ ମାସ ପାଇଁ ଯାଇ ଝିଅ ମାନଙ୍କ ପାଖରେ ବୁଲି ଆସନ୍ତି। ଆସିଲା ପରେ ପରେ ଯେତେବେଳେ ମାଉସୀଙ୍କ ସାଙ୍ଗେ ଦେଖାହବ ସେ ସତମୁଖ ହୋଇ ଓଡିଆ ଲୋକ ଓ ଓଡିଶାର ନିନ୍ଦା କରିଚାଲିବେ। ଏଇଟା ମୁଁ କେବଳ ଉଦାହରଣ ସ୍ୱରୂପ କହିଲି। କିନ୍ତୁ ଆମର ଅଧିକାଂଶ ଓଡିଆ ଲୋକଙ୍କର ଏଇ ମନୋବୃତି। ଧୀରେ ଧୀରେ ବର୍ତ୍ତମାନ ଅର୍ଦ୍ଧାଧିକ ଓଡିଆ ପରିବାରର ପିଲା ଯାଇ ଭାରତର ବିଭିନ୍ନ ସହର କିଂବା ଭାରତ ବାହାରେ ବସବାସ କରୁଚନ୍ତି। ତେଣୁ ବାପା ମା ମାନେ ମଧ ସ୍ୱାଭାବିକ ଭାବରେ ଯାଇ କିଛି କିଛି ଦିନ ସେଠାରେ କଟାଇ ତାର ସ୍ମୃତି ମନରେ ନେଇ ଫେରୁଚନ୍ତି। ସେଥିରେ କୌଣସି ଅସୁବିଧା ନାହିଁ କିନ୍ତୁ ସେଠୁ ଅଳ୍ପ ଦିନର ରହଣି ପରେ ବାପା ମାଂକ ଅବସ୍ଥା ଜଦି ଏପରି ତେବେ ସେଠାରେ ସ୍ଥାୟୀ ଭାବେ ରହୁଥିବା ପୁଅ ଝିଅଙ୍କ ମନୋବୃତି ସହଜେ ଅନୁମେୟ। ଓଡିଶାର ଅନ୍ୟାନ ପ୍ରାନ୍ତ କଥା ଛାଡ ତାଙ୍କୁ କଟକ ଭୁବନେଶ୍ୱର ମଧ ନପଟ ମଫସଲ ଗାଁ ପରି ଲାଗେ। ଚାକଚକ୍ୟପୂର୍ଣ୍ଣ ବଡ ବଡ ସହରର ରହଣି ପରେ ଆମର ଏଇ ସବୁ ଛୋଟ ସହରର ଆଦାବ କାଇଦା ନିହାତି ମଫସଲିଆ ଲାଗିବା ବି ସ୍ୱାଭାବିକ। କିନ୍ତୁ ଆମପରି ଯେଉଁମାନେ ଏଠିକାର ବାସିନ୍ଦା ସେମାନଙ୍କୁ ଏହିସବୁ କଟାକ୍ଷ ପସନ୍ଦ ନହେଲେ ବି ବାଧ ହୋଇ ଚୁପ ରହିବାକୁ ହୁଏ। ଧୀରେ ଧୀରେ ଆମେ ସମସ୍ତେ ବିଶ୍ୱ ଐକତାରେ ପ୍ରବେଶ କରୁଥିଲେ ତେଣୁ ସବୁ କିଛି ଦେହସୁହା ହୋଇ ଚାଲିଥିଲା।

ହଠାତ ୨୦୧୯ର ଶେଷ ଭାଗରେ ଚାଇନା ପରେ କିଛି ୟୁରପୀୟ ଦେଶରେ ଏକ ମହାମାରୀ ଦେଖାଦେଲା। ଆମେ ଭାରତବାସୀ ସେହିସବୁ ଖବରକୁ ବିସ୍ଫାରିତ ନୟନରେ ଅନୁଧାନ କରୁଥିଲୁ। ତଥାପି ଏକ ଆଶା ଥିଲା ସେ ରୋଗ ଆମ ଏଠିକୁ ଆସିପାରିବ ନାହିଁ। ଦେଖୁ

ଦେଖୁ ୨୦୨୦ର ଆରମ୍ଭରେ ସେ ଅତି ସନ୍ତର୍ପଣରେ ଆମ ଦେଶରେ ପ୍ରବେଶ କଲା । ଆମେ ଏତେ ବଡ ଜନତା ସହିତ ବି ଅନେକ ଚେଷ୍ଟା କଲୁ କରୋନା କୁ ପ୍ରତିହତ କରିବା ପାଇଁ। ଆଶା ବି ଥିଲା ଆମେ ମାଲେରିଆ ଟୀକା ନେଇଛେ, ଆମର ପ୍ରାକୃତିକ ଭାବେ ରୋଗ ପ୍ରତିଶେଧକ ଶକ୍ତି ଅଧିକ। କିନ୍ତୁ ନା, ଏ ସବୁ କିଛି ଭୁଲ ପ୍ରମାଣିତ ହୋଇଗଲା। ଆଶାତିତ ଭାବେ କରୋନା ବଢିବାକୁ ଲାଗିଲା। କିନ୍ତୁ କରୋନା ସହିତ ଆମେ ଛୋଟ ସହରର ଲୋକମାନେ ଏକ ଅପୂର୍ବ ଘଟଣା ସାମନା କଲେ। ପ୍ରଥମେ ବାପା ମାଙ୍କ ଠୁ ଦୂରରେ ରହୁଥିବା ଅବିବାହିତ ସାନ ସାନ ପିଲାମାନେ ପରେ ପରେ ନିଜର ଛୋଟ ଛୋଟ ପିଲାଙ୍କ ସହ ଦମ୍ପତି ସବୁ ଘରମୁହାଁ ହେଲେ। କାରଣ ଛୋଟ ସହର ଅପେକ୍ଷା ବଡ ସହରରେ ସବୁ ବଡ ପରି କରୋନା ସଂକ୍ରମଣ ମଧ ଅଧିକ ହେବାକୁ ଲାଗିଲା। ପ୍ରଥମ wave ରେ ଲମ୍ବା ଛୁଟୀ ପରି ପରିସ୍ଥିତି କିଛି ଦିନ ବୁଲି ଆସିବା ତ କେତେବେଳେ ଘରୁ କାମ କଲାବେଳେ ଛୋଟ ପିଲାଙ୍କଂ school, crèche ଇତ୍ୟାଦି ବନ୍ଦ ଯୋଗୁ ବାପା ମାଙ୍କ ସାହାଯ୍ୟ ପରିପ୍ରେକ୍ଷୀରେ ଆସୁଥିଲେ। ମାତ୍ର ଦ୍ୱିତୀୟ ଲହରୀ ରେ ବଡ ସହରରେ କରୋନା କରାଳ ରୂପର ଭୟବହ୍ୟତା କୁ ଦେଖି ନିଜ ସହର ନିଜ ଲୋକେ ଖୁବ ମନେ ପଡିଲେ। ଆମେ ତ ଛୋଟ ସହରର ଅପେକ୍ଷାକୃତ ପୁରୁଣାକାଳିଆ ଲୋକ। ଆମେ ବି ସେମାନଙ୍କୁ ଦେଖି ଗଦ୍ ଗଦ୍। ଏବେ କିନ୍ତୁ ଆଉ ଆମ ସହରର ବଦନାମ ସାଧାରଣଭାବେ ଶୁଣିବାକୁ ମିଳୁନି। ସମସ୍ତେ ନିସ୍ତ କିପରି ମଣିଷ ସମାଜ ଏହି ବିପଦରୁ ରକ୍ଷା ପାଇବ ତାହା ହିଁ ସମସ୍ତଙ୍କ ପ୍ରାର୍ଥନା। ବଡ ହେଉ ବା ଛୋଟ ସବୁ ଜାଗାର ଲୋକଙ୍କୁ ଭଗବାନ ରକ୍ଷା କରନ୍ତୁ। କେବଳ ଆମ ଦୂର ରାଜ୍ୟସ୍ଥିତ ପିଲାଙ୍କର ମୋହ ଭଙ୍ଗ ହୋଇଥିବାରୁ ଏକପ୍ରକାର ଆତ୍ମସନ୍ତୋଷ ।

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର

# "ତ୍ରେତୟାରୁ କଳି : ଗୋଟେ ଯୁଗର ପରିବର୍ତ୍ତନ"



ଗଣେଶ ଦାସ

ତ୍ରେତୟା କାଳରେ ପିତୃସତ୍ୟ ପାଳି ରାମ ଗଲେ ବନବାସ
କଳିରେ ମୁଠାଏ ଖାଦ୍ୟ ବିନା ହୁଏ ବାପାର ଜୀବନ ଶେଷ ।

ରାମ ଲଇଖଣ ଭରତ ଶତ୍ରୁଘ୍ନ ଭ୍ରାତୃଭାବ ଯେ ନିବିଡ଼
ସେନେହଟା ହଜି ଭାଇ ଭାଇ ମାଝେ ଏବେ ସ୍ୱାର୍ଥ ସାଜେ ବଡ଼ ।

ସେକାଳର ସତୀ ପୂଜୁଥିଲେ ପତି ଭାବିଣ ଈଶ୍ୱର ସମ
ଏକାଳର ନାରୀ ଉଗ୍ରରୂପ ଧରି ସାଜେ ସ୍ୱାମୀ ଲାଗି ଯମ ।

କରିଣ ବାରଣ ସୀତୟା ହରଣ ଜଟାୟୁ ଦେଲା ଜୀବନ
ଆଜିର ସନ୍ତାନ ରୁହଇ ନୀରବ ଦେଖି ନାରୀ ଅପମାନ ।

ପ୍ରଜାହିତେ ବାଧାବିଘ୍ନ ଯେତେ ସହି ରାମଥିଲେ ଶ୍ରେଷ୍ଠରାଜା
ସମ୍ପ୍ରତି ଶାସକ ସାଜିଣ ଶୋଷକ ଜନତାକୁ ଦିଏ ସଜା ।

ଅତି ଗରବରେ ଲଙ୍କା ରାବଣର ହୋଇଥିଲା ଛାରଖାର
ଆଜି ନର ଭୁଲି ସେଇ କଥା ନିତି କରୁଥାଏ ଅହଙ୍କାର ।

ସେବେ ରାମାୟଣେ ଥିଲା ଯେ କେବଳ ଏକମାତ୍ର ଦଶାନନ
ଏଇ ଯୁଗେ ଶତ ଭଦ୍ରମୁଖା ତଳେ ଲୁଚଛନ୍ତି ଯେ ରାବଣ ।

ଭୋଗରାଇ, ବାଲେଶ୍ୱର

# ତୁମ ବିନା



ଜୟନ୍ତ କୁମାର ମିଶ୍ର

ତୁମ ବିନା ପ୍ରିୟା ଲାଗେ ଖାଁଆ ଖାଁଆ
ମନ ଝୁରେ ଅନୁକ୍ଷଣେ,
ଘର ପର ଲାଗେ, କଅବା ସରାଗେ
ଏକା ଏକାନ୍ତରେ ଜଣେ ‖(1)
ହଜି ହଜାଇବା, ଖୋଜେ ମନ ପ୍ରଭା
ଶୂନ୍ୟ ପସରାଟି ଖୋଲେ,
ଅନୁରାଗ ପ୍ରୀତି, ଖୋଜେ ତୁମ ସ୍ଥିତି
ମନ ପକ୍ଷୀ ଡେଣା ମେଲେ ‖(2)
ପାଖରେ ଥିଲେତ, ବୁଝେନ ମୂଲକ
ଦୂରହେଲେ ଜଣା ପଡେ,
ଲୁହ କୋହ ମୋହ, ଏକ ଏକାକାର
ସ୍ମୃତି ଛବି କେତେ ଗଢେ ‖(3)
ଲାଗେ ଖାଁଆ ଖାଁଆ, ସବୁ ହୁଏ ଛୁଆଁ
ପ୍ରୀତି, ରତି, ସାଥି କଥା,
ଏକା ଏକାନ୍ତରେ, ସବୁ କଥା ସ୍ମରେ
ସୀମା ଡ଼ିଏଁ ସବୁ ଚନ୍ତା ‖(4)
ଅନ୍ତର ଆଳାପ, ମନର ବିଳାପ
ଦୁଃଖ, ସୁଖ ସବୁ କଥା,
କହିଦିଏ ଯେବେ, ଗୁପୁତର ଭାବେ
ହାଲୁକା ମୋହର ମଥା ‖(5)

ଦୁହିଁଙ୍କ ବନ୍ଧନ, ମାୟା ମୋହ ମନ
ବିଦ୍ଧି ବିଧାନର ସୃଷ୍ଟି,
ଜଣେ ଜଣଙ୍କର, ହୃଦୟ ମନ୍ଦିର
ପୂଜ୍ୟ ପୂଜା ଭାବ ପ୍ରୀତି ||(6)
ମୋର ପାଇଁ ତୁମେ, ତୁମ ପାଇଁ ମୁହିଁ
ଜୀବନର ଚର ସାଥି,
ବିବାହ ବନ୍ଧନେ ବାନ୍ଧି ଛନ୍ଦି ଅଛେ
ଯଜ୍ଞରେ ଦେଇ ଆହୁତି ||(7)
ଦୁଇ ମନ ପ୍ରାଣ, ଏକା ହେଲ୍ ଜାଣ
ଅଜଣା ଠିକଣା ଦୁଇ,
ଠିକଣା ସାଥିରେ, ଠିକଣାର ସ୍ଥିତି
ସର୍ଗ ସନ୍ଦେଶ ଥୋଇ ||(8)
ମନ ଦିଆ ନଆଁ, ଅନ୍ତରରୁ ଯାହା
ଝରଇ ନର୍ଝର ହୋଇ,
ନୁଆଁ ପ୍ରଭାତର, ନବ ରବି ଛବି
କେତେଯେ ରଙ୍ଗୀନ ସେହି ||(9)
ହାତରେ ହାତଟି, ମିଶି କଲ୍ ସୃଷ୍ଟି
ଭାବ ଭେଟି ପ୍ରତିଜ୍ଞାର
ଯେତେ ଯାହା ହେଉ, ସବୁ ସହ୍ୟ କରି
ମିଳତେ ହୋଇବା ପାର ||(10)

ଗ୍ରାମ-ବୁଦୁର୍, ଜିଲ୍ଲା-ଗଜପତି

# ଲକ୍ଷ୍ମୀ ପ୍ରତିମା



ଦୀପା ମହାନ୍ତି

ଲକ୍ଷ୍ମୀ ବୋଲି ଡାକ ବାପା
ଆଉ ଥରେ ମୋତେ
ଝିଅ କଥା ଅବା ମନେ
ପଡୁନ କ ସତେ
ଜୀବନ ଝଡ ତୋଫାନ
ତୁମେ ମୋ ଆଦର୍ଶ
ସେଥିପାଇଁ ଛୁଏଁ ନାହିଁ
ବିପଦ ମୋ ପାଶ.............।

କେଉଁ ଦଣ୍ଡ ଦେଉଅଛ
ପିଲାଦିନୁ ବାପା
ଭାବି ଏହା ମନେ ମୋର
ପାଏ ଭାରି ବ୍ୟଥା
ଲକ୍ଷ୍ମୀ ପ୍ରତିମା ତୁମରି
କହୁଥିଲ ମତେ
ଦୁଃଖ ଯନ୍ତ୍ରଣାରେ ଛାଡ଼ି
ଗଲ ଯେ କେମନ୍ତେ..........

ବୋଉ କୁହେ ପାଗେଳଟା
ବୁଝି ଯା ତୁ ମୋର
ଫେରି ପାରିବେନ ବାପା

ଆଉ ଯେ ତୋହର
ବାପା ନ ଫେରିଲେ ବୋଉ
ଯିବି ତାଙ୍କ ପାଶେ
ଆଉ କେହି ଖୋଜିଗଲେ
ପାରିବେନ ମୋତେ............।

ନୟାହାଟ, ନୂଆପାଟଣା, ପୁରୀ

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ସ୍ମୃତି

ମନୋରମା ମହାନ୍ତି

ଏଇ ପଶ୍‌ ତୁମ

ସ୍ମୃତି ର ନଦୀରେ

ଆସିଲି ମୁଁ ସ୍ନାନ କରି !

ଭିଜି ଗଲ୍‌ ମୋର

ବସନ ଭୂଷଣ

ଅବସାଦ ଆସେ ଘେରି !

ତୁମେ କ ଜଳୁନ

ସ୍ମୃ ତି ର ନିଆଁ ରେ

ବାର ବାର ଧୂପ ପରି !

ଅତୀତ ଫୁଲରୁ

ପାଖୁଡ଼ା ତୁମର

ପଡୁନକ ଧୀରେ ଝରି !!

# କଥା ସାହିତ୍ୟର ଭିଷ୍ମ ପିତାମହ –"ମନୋଜ ଦାସ"

ପ୍ରତାପ ଚନ୍ଦ୍ର ସାହୁ

ଫକୀର ମୋହନ ସେନାପତି ଏବଂ ଗୋପିନାଥ ମହାନ୍ତିଙ୍କ ପରେ ଯଦି ସାହିତ୍ୟର ସାରସ୍ୱତ ସାଧକ ଥାଆନ୍ତି ତାହାହେଲେ ସେ ହେଉଛନ୍ତି ମନୋଜ ଦାସ । ଓଡିଆ କଥା ସାହିତ୍ୟର ସମୃଦ୍ଧି ଓ ଅଭିବୃଦ୍ଧିରେ ଯେଉଁ ମହାନ ସାରସ୍ୱତ ସ୍ରଷ୍ଟାଙ୍କ ଅନନ୍ୟ ଅବଦାନ ରହିଛି ସେମାନଙ୍କ ମଧ୍ୟରେ ପ୍ରଫେସର ମନୋଜ ଦାସଙ୍କର ନାମ ସର୍ବାଗ୍ରେ ସ୍ମରଣ କରାଯାଇପାରେ । ତଙ୍କ ନିଧନରେ ଓଡିଆ ସାହିତ୍ୟ ଜଗତର ଗୋଟିଏ ଯୁଗର ଅବସାନ ଘଟିଲା କହିଲେ ଚଳେ ଏବଂ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି ।

ସେ ତାଙ୍କର ଶେଷ ନିଶ୍ୱାସ ପୁଡୁଚେରୀ ସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମ ନର୍ସିଂହୋମ ଠାରେ ମଙ୍ଗଳବାର ଇଂରାଜୀ ତାରିଖ ୨୭-୦୪-୨୦୨୧ ୮ ଘଟିକା ସମୟରେ ତ୍ୟାଗ କରିଥିଲେ । ଦୀର୍ଘ ଦିନ ଧରି କର୍କଟ ରୋଗରେ ପିଡିତ ରହି ଚିକିତ୍ସାଧିନ ଥିଲେ ।ପ୍ରଫେସର ଦାସଙ୍କୁ ସମକାଳୀନ ବିଶ୍ୱର ଅନ୍ୟତମ ମହାନ ସାରସ୍ୱତ ସ୍ରଷ୍ଟା ଭାବେ ବିବେଚନା କରାଯାଇଥାଏ ।

ଓଡିଶାର ଦ୍ୱିଭାଷିକ ଲେଖକ ଭାବେ ବିଶ୍ୱର ସୁପ୍ରସିଦ୍ଧ ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ସେ ଥିଲେ ଅସାଧାରଣ କୃତିତ୍ୱ ଯୋଗୁଁ ତାକୁ ଆଧୁନିକ ଯୁଗର ବିଶଂ ଶର୍ମା ଭାବେ ଅଭିହିତ କରାଯାଏ । ରବିନ୍ଦ୍ରନାଥ ଟାଗୋରଙ୍କ ପରେ ବିଶ୍ୱ ସାହିତ୍ୟକୁ ଭାରତୀୟ ସଂସ୍କୃତି ଐତିହ ଓ ପରମ୍ପରାର ଯଥାର୍ଥ ପ୍ରତିନିଧି ବିବେଚନା କରାଯାଏ । କେନ୍ଦ୍ର ସାହିତ୍ୟ ଏକାଡେମୀ, ଅତିବଡି ଜଗନ୍ନାଥ ଦାସ ସମ୍ମାନ, ସାରଳା ସମ୍ମାନ, ସରସ୍ୱତୀ ସମ୍ମାନ, ସାରଳା ପୁରସ୍କାର, ଗୋପବନ୍ଧୁ ସାରସ୍ୱତ ସମ୍ମାନ, ପଦ୍ମ ବିଭୁଷଣ, ପଦ୍ମଶ୍ରୀ, ପଦ୍ମ ଭୂଷଣ ଆଦିର ଅଧିକାରୀ

ଥିଲେ । କହିବାକୁ ଗଲେ ସେ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ଥିଲେ । ନିକଟ ଅତୀତରେ ତାଙ୍କର ଗଳ୍ପ ସଂକଳନ ମନୋଜ ଦାସଙ୍କ କଥା ଓ କାହାଣୀ, ଚୀନ, ଋଷ, ଓ ଇଂରାଜୀ ଭାଷାରେ ଅନୁବାଦିତ ହୋଇ ପ୍ରକାଶ ପାଇଛି । କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଦଶଟି ଭାରତୀୟ ଭାଷାରେ ଦଶ ଜଣ ମହାନ ସାରସ୍ୱତ ସ୍ରଷ୍ଟାଙ୍କ ପୁସ୍ତକ ଭିତରେ ପ୍ରଫେସର ମନୋଜ ଦାସଙ୍କ ଏହି ପୁସ୍ତକ ପ୍ରକାଶ ପାଇଥିବାରୁ ଏହା ନିଶ୍ଚିତ ଭାବେ ଓଡିଆ ଭାଷା ସାହିତ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ଶ୍ରେଷ୍ଠ ଦଶଜଣ ଭାରତୀୟ କୃତି ସନ୍ତାନ ମଧ୍ୟରେ ମନୋଜ ଦାସଙ୍କ କୃତି ଅନୁଦିତ ହୋଇଥିବାରୁ ଏହା ତାଙ୍କ ପାଇଁ ଏକ ବିରଳ ସ୍ୱୀକୃତି ଥିଲା ।

ମନୋଜ ଦାସଙ୍କ ଜନ୍ମ ୧୯୩୪ ମସିହା ଫେବୃଆରୀ ୨୭ ରେ ବାଲେଶ୍ୱର ଜିଲ୍ଲା ସୀମାନ୍ତବର୍ତ୍ତୀ ଭୋଗରାଇ ବ୍ଲକର ଶଙ୍ଖାରୀ ଗ୍ରାମରେ ହୋଇଥିଲା । ୧୯୪୯ ରେ ମନୋଜ ଦାସଙ୍କର ପ୍ରଥମ କବିତା ସଙ୍କଳନ "ଶତାବ୍ଦିର ଆର୍ତ୍ତନାଦ" ପ୍ରକାଶିତ ହୋଇଥିଲା । ୧୯୫୦ ରେ ଦିଗନ୍ତ ପ୍ରତିକାର ସମ୍ପାଦନ ଦାୟୀତ୍ୱ ସେ ହାତକୁ ନେଇଥିଲେ । ୧୯୫୨ ରେ ପ୍ରଥମ କରି ଗଳ୍ପ ସଂକଳନ ସମୁଦ୍ରର କ୍ଷୁଧା ପ୍ରକାଶିତ ହୋଇଥିଲା । ୧୯୬୩ରୁ ପୁଡୁଚେରୀରେ ସେ ଅବସ୍ଥାନ କରି ଆସୁଥିଲେ । ୧୯୬୫ରେ ଆରଣ୍ୟକ ଗଳ୍ପ ସଂକଳନ ପଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ୧୯୭୨ରେ କଥା ଓ କାହାଣି ଗଳ୍ପ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ । ୧୯୮୫-୮୯ ମଧ୍ୟରେ ବିଖ୍ୟାତ ଇଂରାଜୀ ମାସିକ ସାହିତ୍ୟ ସଂସ୍କୃତି ପତ୍ରିକା "ଦ ହେରିଟେଜ" ର ସମ୍ପାଦନା କରି ଆସୁଥିଲା । ୨୦୦୧ ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନ, କେକେ ବିର୍ଲା ଫାଉଣ୍ଡେସନ ପକ୍ଷରୁ ଅମୃତଫଳ ଉପନ୍ୟାସ ପାଇଁ ସରସ୍ୱତୀ ପୁରସ୍କାର ଓଡିଶାର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ । ୨୦୦୬ ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସର୍ବୋଚ୍ଚ ସମ୍ମାନ ଫେଲୋସିପ୍ ଲାଭ କରିଥିଲେ । ୨୦୧୩ ରେ ଓଡିଶା ସାହିତ୍ୟ ଏକାଡେମିର ସର୍ବୋଚ୍ଚ ସମ୍ମାନ ଅତିବଡି ଜଗନ୍ନାଥ ଦାସ ପୁରସ୍କାର ଓ ଅମୃତ କର୍ତ୍ତୀ ପୁରସ୍କାର ବେଦବ୍ୟାସ ସମ୍ମାନ

ଲାଭ କରିଥିଲେ । ୨୦୨୦ରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ତାଙ୍କରି ଏ ଅକାଳ ମୃତ୍ୟୁ ଅନେକଙ୍କ ମନରେ ଘୋର ଆଘାତ ଦେଇଛି । ତାଙ୍କର ଏ ଶୂନ୍ୟସ୍ଥାନ କେହିବି ପୁରଣ କରିପାରିବେ ନାହିଁ ।

ଶ୍ରୀ ଅରବିନ୍ଦ ଦର୍ଶନ ର ବିଦ୍ୱାନ, ଭାଷ୍ୟକାର, କଥା ସାହିତ୍ୟର ମୁକୁଟ ବିହିନ ସମ୍ରାଟ କିଶୋର ଠାରୁ ତରୁଣ ଏବଂ ଯୁବକଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସେ ଥିଲେ ସବୁ ବର୍ଗର କୋଟିକୋଟି ପାଠକଙ୍କ ହୃଦୟର ପ୍ରିୟ କଥାକାର । ସମ୍ଭବତଃ ଭାରତୀୟ ସାହିତ୍ୟ ଜଗତର ଏକମାତ୍ର ପ୍ରଜ୍ଞାପୁରୁଷ ଭାବେ ସେ ଥିଲେ ତିନ ପିଢିର ଶିକ୍ଷକ, ଅଭିଭାବକ ଏବଂ ଦିଗଦର୍ଶକ । ଓଡିଆ ସାହିତ୍ୟର ମଉଡମଣି, କଥାକାର, ପ୍ରଥିତ ଯଶା ସାରସ୍ୱତ ସାଧକ ମନୋଜ ଦାସଙ୍କ ଦେହାନ୍ତରେ ଜନ୍ମଭୂମି ଭୋଗରାଇର ଶଙ୍ଖାରୀ ଗାଁ ଆଜି କାନ୍ଦୁଛି । ମାଟି ମାଆର ସୁଯୋଗ୍ୟ ସନ୍ତାନଙ୍କୁ ହରାଇ ସମଗ୍ର ଭୋଗରାଇବାସୀ ଆଜି ହତବାକ ହୋଇପଡିଛନ୍ତି । ପିତା ମଧୁସୁଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କର ବଡପୁଅ ସ୍ୱର୍ଗତ ମନ୍ମଥ ନାଥ ଦାସ ଥିଲେ ବିଶିଷ୍ଟ ଐତିହାସିକ ଏବଂ ସାନପୁଅ ମନୋଜ ଦାସ ଥିଲେ ବିଶ୍ୱ ସାହିତ୍ୟ ଜଗତର ଏକ ଉଜ୍ଜ୍ୱଳତମ ନକ୍ଷତ୍ର । ପ୍ରଜ୍ଞାଦୀପ ପୁରୁଷଙ୍କ ଦେହାନ୍ତ ଘଟିଛି କିନ୍ତୁ ସେ ସମସ୍ତଙ୍କର ହୃଦୟରେ ଅମର ହୋଇ ରହିବେ ଗଭୀର ଶ୍ରଦ୍ଧାଞ୍ଜଳୀ ।

ନବରଙ୍ଗପୁର

# ନାରୀ



ସଂଯୁକ୍ତା ଦୀପ

ନାରୀ-ନାରୀ ନୁହେଁ, ସେ ଅଟେ ନାରାୟଣୀ ।
କେତେବେଳେ ସାଜେ ସେ ଭଗିନୀ
ଆଉ କେତେବେଳେ ସାଜେ ସେ ଜନନୀ ।
କେତେବେଳେ ପୁଣି ସାଜି ଥାଏ ଜାୟା
ସକଳ କଷ୍ଟ ଯେ ସହିଥାଏ ତାର କାୟା ।
ଭଗିନୀ ହୋଇ ଭାଇ ର ସେ ହସଖୁସି ମନାସେ,
ଜାୟା ରୂପ ପତିଙ୍କର ସୁଖେ-ଦୁଃଖେ ସାଥୀ ସେ ।
ଜନନୀ ହୋଇ ସେ ନିଜ ସନ୍ତାନ ର,
ଖୁସି ଟିକେ ପାଇଁ ଦିଏ, ଆହୁତି ଇଚ୍ଛା ଆପଣାର ।
ବିଧି ଅନୁସାରେ ସେ ଯେ କେତେ ରୂପ ଧରି
କରିଥିଲେ କର୍ତ୍ତବ୍ୟ ନିଜ ଇଚ୍ଛା ତ୍ୟାଗ କରି ।
ଭିନ୍ନ ଭିନ୍ନ ରୂପ ସର୍ବଦା ସେ ସଭିଙ୍କ ହିତ- କରିନୀ
ଆବଶ୍ୟକ ହେଲେ ସେ ସାଜେ ବିଘ୍ନ ନସିନୀ ।
କେତେବେଳେ ସ୍ନେହମୟୀ ଦୁଃଖ-କଷ୍ଟ ତାରିଣୀ,
କେବେ ସାଜେ ଦୁର୍ଗା ସିଏ ପାପ-ପାପୀ ହରିଣୀ ।
ତେଣୁ ସେ ନୁହେଁ ନାରୀ, ସେ ଅଟେ ନାରାୟଣୀ,
ସଭିଙ୍କ ହିତକରୀ ସେ ହିଁ ମଙ୍ଗଳକାରଣୀ ।

ବିଜେପୁର ଡିଗ୍ରୀ ମହାବିଦ୍ୟାଳୟ
ବିଜେପୁର

# ସ୍ମୃତି



ସଂଯୁକ୍ତା ମେହେର

ସ୍ମୃତି କେବେ ହସାଁ ଦିଏ ତ,
ସ୍ମୃତି କେବେ ଲୁହଁ ଦିଏ ||

କାଲ ଯାହା ଘଟି ଯାଏ
ଆଜି ତାହା ସ୍ମୃତି ହୋଇ ରହିଯାଏ,||

କେତେ ଅକୁହା ଅଲୋଡ଼ା ସ୍ମୃତି ସବୁ
ଅଖି ଆଗରେ ଭସୁଥାଏ,
କେବେ ମନେ ହେଲେ ତାହା
କେବେ ହସ ତ କେବେ ଲୁହ ଦେଉ ଥାଏ ||

ସେ ପିଲା ଦିନେ ନା ଥିଲା କଛି ପାଇବାର ଚନ୍ତା
ନା ପାଇବାର ଇଚ୍ଛା,
ସବୁ ଥିରେ ଥିଲା ଖୁସି ସବୁ ଥିରେ ଥିଲା ମଜା ||

ନଥିଲା କାହାକୁ ଆକଟ ଅବା ନଥିଲା କାହାକୁ ଡର ,
ସେଇ ଥିଲା ପିଲାଦିନ ସ୍ମୃତି ଯାହା ମନେପଡେ ଆଜି ମୋର ||

ମନେ ପଡେ ଯେବେ ସେଇ ପିଲାଦିନ ର ସେ "କୁଚଖାଡ଼ି ଖେଳ"
ମନେହୁଏ ପୁଣି ଫେରି ପାରନ୍ତିକ ସେ ପିଲା ଦିନ "ସାଙ୍ଗମେଳ" ,||

ଯେତେ ବେଳେ ସେ ପିଲାଦିନ କଥା ମନେ ପଡ଼ି ଯାଏ ମୋର
ସେଇ କଥା ମାନ କେବେ ହସି ଦିଏ ତ କେବେ ଦିଏ ଲୁହଁ ମୋର ||

ପଞ୍ଚଭାୟା, ପଦ୍ମପୁର, ବରଗଡ

# ଅଧର୍ମ

ସଂଯୁକ୍ତା ସାହୁ

ଅଧର୍ମ ଆଜି ବିଜ୍ଞେଇ ହୋଇଛି
ଧର୍ମ ରହିଅଛି ଶୋଇ
ଆନନ୍ଦରେ ଆଜି ପାପ ବିକଶିଛି
ପୁଣ୍ୟ ଦେହେ ବଳ ନାହିଁ ।

ଅଲୋଡ଼ା ଆଖୋଜା ହୋଇଛି ସତ୍ୟ
ମିଥ୍ୟା ବିଜୟୀ ହୋଇଛି
ସହସ୍ର ସହସ୍ର ଦୁର୍ଯ୍ୟୋଧନ ଆଜି
ଧରାରେ ଜନ୍ମ ନେଇଛି ।

ଘରେ ଘରେ ଆଜି ବ୍ରିଟିଶ ଶାସନ
ଗାନ୍ଧି ଯାଇଛନ୍ତି ହଜି
ହଣାକଟା ଏଠି ରକତେ ରକତେ
ହିଂସା ରହିଅଛି ମଜ୍ଜି ।

ସ୍ୱାର୍ଥ ଏ ସମାଜ ପୁରସ୍କାର ପାଏ
ନିଃସ୍ୱାର୍ଥ ରହେ ଗୁମୁରୀ
ସାନ ନଏ ଏଠି ବଡ଼ର ଆସନ
ବଡ଼ ରହେ ମରି ମରି ।

କାହାକୁ କହିବା କ ସମୟ ଆସିଲା
ସର୍ବେ ନିଜ କର୍ମେ ବ୍ୟସ୍ତ
କାହା ଦୁଃଖ କେହି ବୁଝୁନାହିଁ ପର
ସବୁରି ମୂଳରେ ସ୍ୱାର୍ଥ ।

କାମ,କ୍ରୋଧ,ଲୋଭ,ନରକର ଦ୍ୱାର
ହେଉଥାଆନ୍ତି ମଦମତ୍ତ
ମାୟା ମୋହ ଫାଶେ ବନ୍ଧା ନରଗଣ
ଭୋଗିଥାଆନ୍ତି ଦୁଃଖନିତ୍ୟ ।

ସମୟ ଆସିଲେ ଚାଲିଯିବେ ଦିନେ
ନିଃସ୍ୱ ଅସହାୟ ହୋଇ
ଇଚ୍ଛାମୟଙ୍କର ଇଚ୍ଛାରେ ସଂସାର
କିଛି ତ ନିଜର ନୁହଁଇ ।

ଗ୍ରାମ, ଜଗତସିଂହପୁର

# ମାଁ, ତୋ ସେବାର ଦାନ



ଇଶ୍ୱର ଚନ୍ଦ୍ର ବେହେରା

ମୋ ଆଖିରେ ଲୁହ ଶୋଭି ପାଏନ ବୋଲି
ତୁ ନଇଡି ମୋ ପାଇଁ ମୂଳ ଲାଗିଛୁ ।

ମୋ ପେଟରେ ଭୋକ ଦେଖିଲେ ତୁ ଖାଇ ପାରୁନୁ ବୋଲି
ନଇଡି ଅଧା ପେଟା ହୋଇ ମୋ ପାଇଁ ରଖିଛୁ ।

ମୋ ଦେହରେ ଜ୍ୱର ଆସିଲେ ତୁ ସହି ପାରୁନୁ ବୋଲି
ତୁ ରାତି ସାରା ମୋ ମୁଣ୍ଡରେ ଓଦା କନାରେ ଆଉଁସିଛୁ ।

ମୋ ଦୁଷ୍ଟାମିକୁ ବାପା ପସନ୍ଦ କରନ୍ତିନି ବୋଲି
ତୁ ଅନେକ ବାର ମୋ ପାଇଁ ମାଡ ଗାଳି ଖାଇଛୁ ।

ମୋ ପାଠ ପଢ଼ାରେ ଅଧିକ ଉନ୍ନତି ହେବ ବୋଲି
ତୁ ରାତିରେ ବି ମୂଳରୁ ଆସି ମୋ ପାଖେ ଜଗିଛୁ ।

ମୁଁ ଚାକିରି କଲେ ତୋ ଦୁଃଖ ଦୂର ହେବ ବୋଲି
ତୁ କେତେ ଠାକୁରଙ୍କୁ ଡାକ ଲୁହ ନଗାଡ଼ିଛୁ ।

ଆଜି ତୋ ଲୁହ ପୋଛିବା ପାଇଁ ନା ତୋ ପୁଅ ଅଛି
ନା ତୋ ସେବା କରିବା ପାଇଁ ତୋ ପରିବାର ।

କାମ ହାସଲ ହେଲ୍ ପରେ ସଭିଏଁ ହେଲେ ସ୍ୱାର୍ଥପର
ତୋ ଅସନା ଦେହର ବାସ୍ନା ବାଜି କାଳେ ତାଙ୍କ ପିଲ୍ର କଣ ହେବ..!
ସେଇ ଚନ୍ତାରେ ତୋତେ ଆଜି ନର୍ବାସନ କର୍ଯାଇଛି ।

ଆଉ ତୁ ଯଦି ପଗ୍ଚରିବୁ ସେଇ ପୁଅକୁ
ପ୍ରତିଉତ୍ତରେ ମିଳୁଛି ଶ୍ୱାନ୍ତନା  ମାଁ ଲେ୍
ତୋତେ ପର୍ କେତେ ଆର୍ମରେ ରଖିବା ପାଇଁ
ଆଶ୍ରମରେ ଛାଡିଛି..!

ଯେଉଁଠି ତୋ ପରି ମହାନ ତ୍ୟାଗୀ ମିତା ମାତା
ସାଙ୍ଗ ହୋଇ ଜୀବନ ବିତେଇବାର କର୍ମଶାଳା ରହିଛି ।

ସେହି ମହାନ ଅନୁଷ୍ଠାନ ଟେ ପର୍ ଆମ ଗାଁ ରଘୁଆ ଖୋଲିଛି
ଯିଏ ପାଠ ନପଢ଼ି ତା' ମାଁ ପାଇଁ ମୂଲ ଲ୍ଗି ଜୀବନକୁ ଉତ୍ସର୍ଗ କରିଛି..!

ଶିକ୍ଷକ ପ୍ରଶିକ୍ଷକ, ଡ଼ି.ଆଇ.ଇ.ଟି,କଳାହାଣ୍ଡି

# ସାଥି ଦେଇଗଲା ଆଖିରେ ଲୁହ



ଦୁଷ୍ମନ୍ତ ବେହେରା

ବଣ ଜଙ୍ଗଲ ଘେରା ଭିତରେ ଛୋଟଆ ଗାଁ ଝୋଟିପୁର। ଗାଁଆ ଛୋଟ ହେଲେ କ'ଣ ହବ ପରିବେଶ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ସତେ ଯେମିତି ପ୍ରକୃତି ର ମନହରା ମନକୁ ସାଉଁଟି ନଅନ୍ତି। ସେଇ ଗାଁରେ ବାସ କରନ୍ତି ଜେମାନନ୍ଦ କୁଡି ଓ ତାଙ୍କ ସ୍ତ୍ରୀ ପାଶାଣି କୁଡି ପୁଅ ସେନା କୁଡି ପାଞ୍ଚ ବର୍ଷ ଝିଅ ବସୁମତୀ କୁଡି ସାତ ବର୍ଷ ହୋଇଥାଏ । ହସ ଖୁସି ରେ ଦିନ ଗୁଡାକ ଚାଲି ଯାଏ । ସୂର୍ଯ୍ୟ ର ଆଲୋକରେ ହସ ଆରମ୍ଭ ଅନ୍ଧାର ରେ ଶେଷ ହେଉଥିଲା । ଘର ସୁଖ ଶାନ୍ତି ହସ ପୂରି ଉଠୁଥିଲା । ଗରିବ ହେଲେ କ'ଣ ହେବ ଯେଉଁଠି ହସଥାଏ ସେଇଠି ସ୍ୱର୍ଗ ସୁଖଥାଏ ।

ଜେମାନନ୍ଦ ଦିନ ମଜୁରିଆ କାମ କରି କଷ୍ଟ ମଷ୍ଟେ ଘର ଚଳେଇ ଦିଅନ୍ତି । ଜେମାନନ୍ଦ ଙ୍କ ଉପରେ ତିନ ପ୍ରାଣୀର ବୋଝ । ପେଟ ଭୋକ ପିଲା ଦୁଇଟି ମୋ ଆସିବା ବାଟକୁ ଚାହିଁ ବସନ୍ତି ।

ଜେମାନନ୍ଦ ଅନ୍ୟ ଘରେ କାମ କରୁଥିବା ସମୟରେ ମୁଣ୍ଡ ଓ ଦେହ ଝିମ୍ ଝିମ୍ ହୋଇ ସଙ୍ଗେ ସଙ୍ଗେ ତଳେ ପଡିଗଲେ କଛି ସମୟ ପରେ ଦେହରୁ ଜୀବନ ଦୀପ ଛାଡି ଚାଲିଗଲା । ଜୀବନ ମୃତ୍ୟୁ ଏମିତି ଆସେ କାହାକୁ ପଚାରେ ନାହିଁ । କାଳର ଛାଇ ବଡ ନିଷ୍ଠୁର ଧନୀ ଗରିବ ଭଲ ମନ୍ଦ କଛି ବୁଝେ ନାହିଁ ।

ପରିବାର ଅପେକ୍ଷା କରିଥାନ୍ତି। ପିଲା ଦୁଇଟି ଭୋକ ସମ୍ଭାଳ ନ ପାରି ମା ଭୋକ ଲାଗିଲାଣି ବାପା କେତେବେଳେ ଆସିବେ । ଏହି ସମୟ ରେ ଖବର ଆସି ପହଞ୍ଚିଲା ଜେମାନନ୍ଦ ଙ୍କ ମୃତ୍ୟୁ ହୋଇଛି କାମ କରୁଥିବା ସମୟରେ। ଏଇ କଥା ଶୁଣୁ ଶୁଣୁ ସ୍ତ୍ରୀ ପାଶାଣୀ ଘର

ଅଗଣା ତଳେ ଖସି ପଡି ଦୁଇ ଛୁଆ କୁ କୁଣ୍ଢେଇ କାନ୍ଦି କାନ୍ଦି କହିଲେ ତୁମ ବାପା ଆଉ ନାହାନ୍ତି ।

ମା ବାପା ଆଉ ନାହାନ୍ତି । କଏ ଆମକୁ ଖାଇବାକୁ ଦବ ,କଏ ଆମ ଓଠରେ ହସ ଫୁଟେଇ ଦବ, କଏ ଆମ ଭଲ ମନ୍ଦ ବୁଝିବ, ଆମେତ ଗରିବ  କଏ ଆମ ଭୋକ ମେଣ୍ଟାଇ ଦବ ମା। ବାପା ତୁମେ କୁଆଡେ ଗଲ  ଏ ବାପା......

ଏ ବାପା
ଦୁନଆ ଦେଖେବା ଆଗରୁ
ହସ ଛଡେଇ ନେଲ
ଭାଗ୍ୟ ଆମ କରମ ସାଥେ ଖେଳ
ହସ ଛଡେଇ ଲୁହ ଦେଇ ଗଲ ....

ଛିଡା ହୋଇ ଭାବୁ ଥାନ୍ତେ ପାଶାଣୀ ସ୍ୱାମୀ ଙ୍କ ଦଶ ହାଣ୍ଡି କାମ କରିବି କେମିତି। ଘରେ ତ ପଇସା ନାହିଁ । ପୁଣି ଆମେ ଗରିବ କ'ଣ କରିବି । ଯାହା ଏଇ ଘର ଡିହ ଖଣ୍ଡିକ ଅଛି ନହଲେ ଜମିଦାର ପାଖରେ ବିକ୍ରି କରି ସ୍ୱାମୀ ଙ୍କ ଦଶ ହାଣ୍ଡି କାମ କରିବି । ଜମିଦାର ପାଖରେ ଘର ବିକ୍ରି ହୋଇଗଲା ସେଇ ପଇସା ରେ ଦଶ ହାଣ୍ଡି କାମ ହେଲା ।

ଘର ସହିତ ଘର ଡିହ ବିକ୍ରି ହେଇଗଲା କନ୍ତୁ ରହିବେ କେଉଁଠି.....

ପରିସ୍ଥିତି ଗରିବର ହସ ଏପରିଉଡାଏ
ନା ବୁଝୁଛି ଜୀବନ ମୂଲ୍ୟ
ଖେଳ ଖେଳାଉଛି ସମୟ ଭୋକ
ଭାଗ୍ୟ ଲୁଚକାଳି ସାଥେ ଦୁଃଖ....

ଝିଅ ବସୁମତୀ ପଚ୍ଚରିଲା "ମା" ଆମେ ଯିବା କୁଆଡେ କଏ ଆମକୁ ଆଶ୍ରୟ ଦବ । "ମା" ପାଶାଣୀ କହିଲେ ଜୀବନ ର ରାସ୍ତା ଅନେକ ପଡିଛି ଯେଉଁ ପର୍ଯ୍ୟନ୍ତ ଭାଗ୍ୟ ଯିବାର ବାଟକୁ କଢେଇ ନେବ ସେଇଠିକ ଚାଲିଯିବା ।

ଜଙ୍ଗଲ ବାଟରେ ଗ୍ଲି ଗ୍ଲି ଯିବା ସମୟରେ ଆଖି ପଡିଲା ଗୋଟିଏ କୋଳ ଗଛ ଉପରେ। ଗଛରେ କୋଳ ପାଚବା ଦେଖି କୋଳ ଗଛ ପାଖକୁ ବସୁମତୀ ଦୁଇ ଛୁଆ କୁ ଧରି ପହଞ୍ଚିଲେ । କୋଳ ଗଛରେ ଅନେକ ପାଚଛି କୋଳ ପାରି ହାଟକୁ ନେଇ ବିକ୍ରି କରି କଛି ପଇସା ହେଲେ ସେଇ ପଇସା ରେ ଖାଦ୍ୟ କଣି ଭୋକ ମେଣ୍ଟାଇବା

"ମା" ଗଛକୁ ଚଢି କୋଳ ପାରିଲେ ସେଇ କୋଳ କୁ ନେଇ ହାଟକୁ ଗଲେ। ଲୋକେ କୋଳ ସବୁ ଫଟା ଦେଖି କେହି କଣିଲେ ନାହିଁ । ଏ "ମା" ଏ ଆମ ଭାଗ୍ୟ ସହିତ ତ ସମସ୍ତେ ଖେଳଲେ। ଏ ଫଟା କୋଳ କ"ଣ ଆମ ଭାଗ୍ୟ ବଦଳେଇବ । ଗ୍ଲ ଆଉଥରେ କୋଳ ପାରିବା ତୁ ଗଛ ରେ ଚଢିବୁ ଆମେ ତଳେ ପିଠି ଦେଖେଇବୁ ତୁ ଆମ ପିଠି ଉପରେ କୋଳ ପକାଇବୁ ଆଉ ଫାଟିବ ନାହିଁ ।

କୋଳ ଗଛ ପାଖେ ପହଞ୍ଚି "ମା" କୋଳ ଗଛ ଉପରେ ଚଢି ବସୁମତୀ ସେନା ପିଠି ରେ କୋଳ ପକାଇ ତଳେ ପଡିଲା । ଆଉ ଫାଟିଲେ ନାହିଁ । ଗଛ ଉପରେ "ମା ଆଖିରେ ଲୁହ ଯେଉଁ ବୟସ ରେ ପାଠ ପଢି ହସ ଖେଳ କରିଥାନ୍ତେ ସେଇ ବୟସରେ ପେଟର ଭୋକ ପାଇଁ କଜର ପିଠି ଦେଖଉଛନ୍ତି। ହେ ଭଗବାନ୍ ଏ ଗରିବର କ ପରୀକ୍ଷା ନେଉଛ।

ଗଛ ରୁ ଓହ୍ଲାଇ ସମୟ ବିଳମ୍ବ ନକରି ସଙ୍ଗେ ସଙ୍ଗେ କୋଳ ଧରି ହାଟକୁ ନେଇ ସବୁ କୋଳ ବିକ୍ରି ହୋଇଗଲା ଓ କଛି ପଇସା ହେଲା। ସେଇ ପଇସା ରେ ଜଳଖିଆ କଣି ଖାଇଲେ ।

ଏପରି ଗ୍ରିଦିନ ଗଲାପରେ ଗଛରୁ କୋଳ ସରିଗଲା । କୋଳ ଗଛ ମୂଳରେ ଛିଡାହୋଇ ପାଷାଣୀ ଦୁଇ ଛୁଆ ଙ୍କୁ କୁଣ୍ଡେଇ ଧରି କୋଳ ଗଛରୁ ତ ନାହିଁ । ଏ କ ଦୁଃଖ ଦଉଛ ଭଗବାନ ଯେଉଁଠି ଆଶା ଟିକକ ଥିଲା ଓ ଭୋକ ମେଣ୍ଟୁଥିଲା ସେ ବି ସରିଗଲା ଏ ଗରିବର କ ପରୀକ୍ଷା ନେଉଛ ... ଭଗବାନ ଆଖିର ଛଳ ଛଳ ଲୁହ ଠୋପା ଓଠରେ ଆସି ପଡି କହୁଥିଲା ... ତୁମେ ଥିଲ ସାଥି ମୋର ଦୁଃଖ ଥାଇ ଦୁଃଖ ଜଣାଇ ଦେଉ ନଥିଲ ସତରେ ସାଥି ତୁମେ ଭାରି ମନେ ପଡୁଛ.... ତୁମ ବିନା ଏ ଜୀବନ ରାସ୍ତା ବଞ୍ଚିବା ବଡ କଷ୍ଟ ......

ତୁମେ ଥିଲ ସାଥି
ମୋର ନଥିଲା ମୋ
ଜୀବନେ ବିପଦ

ତୁମେ ଗଲାପରେ
ଝୁରୁଛି ମନ
ଶରୀର ସତେ

ଯେମିତି ଦୁଃଖ
ଦେଇ ଗଲ
ସାଥି ମୋର.........

ତୁମେ କୁହ ସାଥି ଏ ଦୁଇ ଜୀବନ କେମିତି ବଞ୍ଚେଇବି। ତୁମ ବିନା ମୁଁ... ମୋ ରାସ୍ତା ଦେଖିବା ଆଗରୁ ଅଧା ରାସ୍ତେ ଛାଡି ଚାଲିଗଲ ...

ଏଠି ସଂଘର୍ଷ କରି ଆଉ ଗୋଟିଏ ଶିକ୍ଷା ପାଇଗଲି। ଜୀବନ କେମିତି ବଞ୍ଚିବାକୁ ହୁଏ ଭେକ ଶିଖେଇ ଦିଏ ଜୀବନ ମୂଲ୍ୟ କେମିତି କା କନ୍ତୁ ତୁମେ ସାଥି ବୁଝିପାରିଲ ନାହିଁ

ମୋ ମନ ତଳର ଶୋଷ..
ଆଉ ଆଶା.... ଆଖିର ଲୁହ.... ସାଥି ଦେଇଗଲ ଆଖିରେ ଲୁହ...... ଖାଲି ଲୁହ ...........

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# 'ତୁମେ' ଓ 'ମୁଁ'



ମନୋରଞ୍ଜନ ସୁରୁଜାଲ

ମୁଁ ପାନ୍ଥ ତୁମେ ପାନ୍ଥଶାଳା,
ମୁଁ ପୁଷ୍ପ ତୁମେ ବିଶାଳ ମାଳା।
ତୁମେ ସାହା ମୁଁ ଦିଗହରା,
ତୁମେ ଦିଗନ୍ତ ବ୍ୟାପି,
ମୋର ନାହିଁ ସାହାରା।
ତୁମେ ସେତୁ ମୁଁ ସାମାନ୍ୟ ଯାତ୍ରୀ,
ମୁଁ ଶାବକ ତୁମେ ସିନା ମୋ ଧାତ୍ରୀ।
ତୁମେ ତୈଳ ମୁହିଁ କ୍ଷୀଣ ଦୀପକ,
ମୁଁ ପ୍ରାଣ ତୁମେ ଯହିଁ ଗ୍ଲଳକ।
ମୁଁ ଲେଖନୀ ତୁମେ ସୃଜନ ଧାରା,
ମୁଁ କାଣିଚାଏ ତୁମେ ପୂରିତ ଧରା।
ମୁଁ ଭକ୍ତ ତୁମେ ମୋ ଭଗବାନ,
ମୁଁ ତୁଚ୍ଛ ଶରୀର ତୁମେ ମୋ ଜୀବନ।

ଅଇଁଲାପାଲି ଧମା ସମ୍ବଲପୁର


www.vedantimagazine.com

# କାଳଆ ସାଆନ୍ତେ ହୋ !



ଦିନେଶ ମେହେର

ଦେଖିଲି ଯେବେ ତବ ରୂପ
ଭ୍ରମିଥିଲି ତୁମେ ଯେ ଦୀନ ଦୁଃଖ ନାଶନ
ମୁଁ କଆଁ ଜାଣିବି ତୁମେ ଯେ ଏତେ କୃପଣ
କାଳଆ ସାଆନ୍ତେ ହୋ...........

ଷାଠିଏ ପଉଟି ରେ କେତେ ସରଧା
ତୁମେ କ ବୁଝିବ ଖଟିଖିଆ ଦ୍ୱିଧା
ଛପନ ଭୋଗ ପାଇଲେ ହଉଛ ତୃପ୍ତ
କାଳଆ ସାଆନ୍ତେ ହୋ...........

ଭାବିଥିଲି ତୁମକୁ ମୋ ପ୍ରିୟ ବନ୍ଧୁ
କିନ୍ତୁ ମୁଁ କ ଜାଣିଥିଲି ତୁମେ ଯେ କଲ
ମୋ ସାଥେ ଛଳନା ହେଇ ମୋର ବନ୍ଧୁ
କାଳଆ ସାଆନ୍ତେ ହୋ...........

କହେ ଏ ଜଗତ ତୁମେ ଏକା ସଂସାରେ ସତ
କିନ୍ତୁ ତୁମ କୃପଣ ପଣ ଜାଣିନ କେହି ମୋ ଠୁଁ ବଳ
ତୁମେ ଯେ ଏତେ କୃପଣ କେମିତି ହେଲ
କାଳଆ ସାଆନ୍ତେ ହୋ...........

ତୁମ ସାହାଯ୍ୟ ଲୋଡ଼େ ବୋଲି ମୁହିଁ
ତୁମେ ନନ୍ଦୁଛ କରମ କୁ ମୋର
ତୁମ କରୁଣା ଲଭିବି ବୋଲି ଭାବି
ଲଙ୍ଘିଥିଲି କେତେ ଦୁଃଖ ର ସାଗର
କାଳଆ ସାଆନ୍ତେ ହୋ..........

ଗୀତା ଭାଗବତ ସବୁଠି ତୁମରି ଚର୍ଚ୍ଚା
ତୁମେ ହିଁ ଜଗତେ ସାହା ବୋଲି
କିନ୍ତୁ ତୁମେ ଯେ ଏତେ ଛଳ କପଟ କର
ତୁମ ସହ ବନ୍ଧୁତା କରି ମୁଁ ଜାଣିଲି।
କାଳଆ ସାଆନ୍ତେ ହୋ.........

କାଳଆ ସାଆନ୍ତେ ହୋ
ଏତେ କୃପଣ ପଣ ଭଲ ନୁହେଁ ହୋ
ଗୁହାରୀ ଥରେ ଶୁଣ ତୁମ ଏ ଅଭାଗା ବନ୍ଧୁ ର
ତୁମକୁ କରୁଛି କୋଟି ଦଣ୍ଡବତ ହୋ
କାଳଆ ସାଆନ୍ତେ ହୋ.............

ରଙ୍ଗ ଅଧର ରୁ ସିନା ହସ ଝରୁଅ
ତୁଳସୀ ଦୟଣା ପାଇ
ଭାବୁଛି ଏତେ କୃପଣ ହେଲ
ତୁମେ କାହିଁ ପାଇଁ।
କାଳଆ ସାଆନ୍ତେ ହୋ............

ଜୁନାଗଡ଼, କଳାହାଣ୍ଡି

# ଶ୍ରମିକର ଶ୍ରମ

ଭଗୀରଥି ସାଗର

ଅଟ୍ଟାଳିକା ଠୁ ବ୍ରିଜ
ଦେଉଳ, ମସଜିଦ, ଗିର୍ଜା
କଂକ୍ରିଟ ରାସ୍ତା ଠୁ ରେଳୱେ ପଥ
ସବୁଠି ବୁହାଇଛ ତମ ଝାଳ ହେ
ସ୍ୱର୍ଥାହିନ, କର୍ମଜିବି ଶ୍ରମିକ ।।
ରହିଛ ନିଜେ ଝୁମ୍ପୁଡିରେ, ଅଥଚ
ରକ୍ତ ବୁହାଇ ତିଆରିଛ ଗଗନଚୁମ୍ବି
କୋଠା, ଖାସ୍ ତମ ମାଲିକ ରହଣି ନିମିତ୍ତ,
ନିଜେ ସହି ଅନ୍ୟକୁ କରିଛ ପୁଞ୍ଜିପତି,
ନିଜେ ଲୁଣ ଗୁଖି ଅନ୍ୟକୁ ଖୁଆଇଛ ଆଇସ,
ନିଜ ଖଟଣିରୁ କାଟୁଥିବା
ଗ୍ଳାକ୍ ରକ୍ତ ଶୋଷି ନେବା ମଣିଷର
କବଜାରେ ବନ୍ଦୀ ଥାଅ ତମେ ।
ନିଜେ ଗ୍ଳିଲି ଗଢ ଯାନ,ମଟର,
ନିଜେ କଣ୍ଟା ମାଡ଼ି ଅନ୍ୟକୁ ଚଲାଅ ଫୁଲରେ ।।
କୋଣାର୍କ ଭଳି କେତେ ସୌଖିନ ଦ୍ରବ୍ୟ ବି
ଗଢିଲେ ପାଅ ନି ପ୍ରାପ୍ୟ, ବରଂ ମୁଣ୍ଡ କଟା
ଧମକ ପାଅ, ଇଟା ଭାଟିରେ ବନ୍ଦୀ ଥାଅ ନିଜ
କୁନି କୁନି ଛୁଆଙ୍କ ଭବିଷ୍ୟତ ମାନଙ୍କୁ ନର୍ଦ୍ଦମା ଭିତରେ
ଠେଲି, ବିପଦ ଖଣିରେ କେବେ ତଳି ପଡ଼ ତ ଆଉ
କେବେ ଟାୱାର ଉପରୁ, ମାଟି କାମେ ମାଟି ହେଇ

ଖୁସି କର ଅନ୍ୟକୁ ।
ନଜେ ବସ୍ତ୍ର ନ ବାଛି ଅନ୍ୟକୁ
ପିନ୍ଧାଇ ଦିଅ ନାମୀ ଦାମୀ ପୋଷାକ ।।
ହେ ଶ୍ରମିକ, ଦିନ ମଜୁରି ପାଇଲେ ତମ ଚୁଲି ଜଳେ,
ନଜେ ଚପଲ ନ ପିନ୍ଧି ବି ଅନ୍ୟକୁ ପିନ୍ଧାଇ ଦିଅ, ବୁଟ୍, ସେଣ୍ଡଲ୍ ।
ଅନ୍ୟ ଓଜନ କାନ୍ଧରେ, ମୁଣ୍ଡରେ ବୋହି
ହାଲୁକା କରି ଦିଅ ବାବୁଙ୍କ ଶରୀରକୁ ।
ସତରେ ତମେ ମହାନ୍, ମହାନ୍ ତମ କର୍ମ ।
ତ୍ୟାଗ ତମ ଅପାର, ଦାନ ତମ ମହାନ୍ ।
ଧନ୍ୟ ତମେ ଶ୍ରମିକ ଧନ୍ୟ..।

ଡ଼ାଲଗୁମା, କୋକସର୍, କଳାହାଣ୍ଡି

# ଗଳ୍ପ ରେ ଅଳ୍ପ



ଦେବେନ୍ଦ୍ରନାଥ ବଳ

## ଭାଗ - ପ୍ରଥମ (ଈଶ୍ୱର)

ସବୁଦିନ ପରି ସେଦିନ ବି ମୁଁ ଅଫିସର ପଛପଟ ଫାଟକ ଦେଇ ଆସିଲି, ପଛ ପଟେ ଆସିବାର ମୁଖ୍ୟ ଉଦ୍ଦେଶ୍ୟ ସେ ମଉସା ପାନ ଦୋକାନ, ସବୁଦିନ ଖାଲି ଦେଖି ଦେଖି ଯାଏ, ଆଉ ରାସ୍ତାରେ ଗଲା ବେଳେ ଭାବି ଭାବି ଯାଏ, କେମିତି ଏତେ ଛୋଟ ପାନ ଦୋକାନ ଟିରେ ଚଳନ୍ତି। ଅତିବେଶିରେ ଦିନକୁ ଛ' କ ସାତ ଲୋକ ଆସନ୍ତି ପାନ ପାଇଁ। କେମିତି ନଜର ଗୁଜୁରାଣ ମେଣ୍ଟାନ୍ତି। ଆଜି କନ୍ତୁ ସମ୍ଭାଳ ପାରିଲିନାହିଁ ପାଦ ଦୁଇଟି ଟାଣିନେଲା ସେ ମଉସା ଦୋକାନ ଆଡକୁ। ମତେ ଦେଖି ମଉସା ପଚାରିଲେ "ବାବୁ କଣ ପାନ" । ହଁ ମୁଁ କହିଲି ଆଉ ସାଧା ପାନ ଦିଅ। "ସାଧା ପାନ ପାଇଁ ମସଲା ହେବନ ବାବୁ"। ସେଠାରେ ପଡିଥିବା କାଠ ଚେୟାର ଉପରେ ବସିଲି। ଏତିକି ବେଳେ, ସେ ମାଉସୀର ସ୍ୱର "ଆଜି ଅଟା କ ପନପରିବା କଛି ନାହିଁ ରାତିପାଇଁ"। ମଉସା ପଇସା ବାକ୍ସ ଟିକୁ ଟାଣିଲେ ଆଉ ମାଉସୀ କୁ ଚାହିଁ କହିଲେ କଛି ନାହିଁ। ମୋ ପାଟିରୁ ବାହାରି ପଡିଲା ପଇସା ଦରକାର କ ଏଇ ନଅ ସହେ ଟଙ୍କା, ତା'ପରେ ମଉସା ମାଉସୀ କୁ ଅନାଇଲେ ଆଉ ମାଉସୀ ମୋ ହାତରୁ ସେ ପଇସା ନେଇକ ବଜାର ଆଡ଼େ ଗଲେ। ଏତିକି ବେଳେ ବହୁତ୍ ଦିନ ଧରି

ମନରେ ଉଙ୍କି ମାରୁଥିବା ସେ ପ୍ରଶ୍ନ ଟି ମଉସା କୁ ପଚାରିଲି "ମଉସା ଏତେ ଛୋଟ ପାନ ଦୋକାନ ଅତି ବେଶୀରେ ଦିନକୁ ଛ' କ ସାତ ଲୋକ ଆସନ୍ତି କେତେ ପଇସା ରୋଜଗାର ହୁଏ ଯେ, ଏତିକରେ କଣ ଚଳ ଯାଆନ୍ତି "। ମତେ ଅନେଇଲେ ଆଉ ଧିର ସ୍ୱରରେ କହିଲେ "ଏଠାକୁ ଛ' କ ସାତ ଲୋକ ଆସନ୍ତି କନ୍ତୁ "ଈଶ୍ୱର" ସବୁଦିନ ଆସନ୍ତି। ଯେମିତି ଆଜି ଆପଣଙ୍କ ରୂପରେ ଈଶ୍ୱର, ସବୁଦିନ ଈଶ୍ୱର ଯେମିତି ହେଲେ ଯେଉଁ ରୂପରେ ଆସନ୍ତି"। ସେ କାଠ ଚେୟାର ରୁ ଉଠି ନଜର ବସା କୁ ବାହାରିଲି, ଯିବା ରାସ୍ତାରେ ମୁଁ ଭାବୁ ଥାଏ, ସତରେ କଣ ଈଶ୍ୱର ସବୁଦିନ ଆସନ୍ତି**?** ନଜ ଦେହକୁ ହାତମାରି ଭାବିଲି ସତରେ କଣ ଈଶ୍ୱର ଆଜି ମୋ ଦେହରେ ଆସିଲେ**?** ଆଉ ସେ କଣ ମତେ ସେଠାକୁ ଟାଣିନେଲେ**?**

ଉସୁମା, ମାହାଙ୍ଗା, କଟକ

# ଫେରିବ ଜଗତ ସୁଖ



ଦୀନବନ୍ଧୁ ପୋଇ

ସୁସ୍ଥ ଅସୁସ୍ଥ ର ଏ ଦେହ ରଥଟି
ସଂସାର ସଡକେ ଗଡେ
ସ୍ୱୟଂ ନାର୍‌ୟଣ ସାରଥି ହେଲେ ବି
ଦିନେ ତ ଦଉଡ଼ି ଛିଡେ।।
ଜନ୍ମରୁ ମରଣ ଅବଧି ମଧ୍ୟରେ
ଆସିବ ଯନ୍ତ୍ରଣା ଯେତେ
ରଥର ସାରଥି, ରଥ ଅଟକାଇ
କରିବେ ସଠିକ ସେତେ ।।
ପଢ ର୍‌ମାୟଣ ଆବା ବାଇବେଲ
ଏପରି ପ୍ରଭୁଙ୍କ ଲିଳା
କର୍‌ୋନା ଭୂତାଣୁ ନିଷ୍ଚୟ ମାରିବେ
ପେଷି ପ୍ରଭୁ ଚକ୍ର କୀଳା ।।
ଦୁଇ ଭୁଜ ଟେକପୂର୍ଣ୍ଣ ସମର୍ପଣ
ହୋଇବା ଯେହ୍ନେ ସକଳ
ଲିଳା ମୟ ହରି ଅବତରି ଆସି
ଶୁଣିବେ ଆମ ବିକଳ ।।
ପରମପିତା ସିଏ ଆମେ ତା' ସନ୍ତାନ
ନ ଦେଖିବେ ଆମ ଦୁଃଖ
ନିଷ୍ଚୟ ମରିବ କର୍‌ୋନା ଭୂତାଣୁ
ଫେରିବ ଜଗତ ସୁଖ ।।

ଢେଙ୍କାନାଳ

# ଅଜବ ମଣିଷ



ସଙ୍ଗୀତା ମହାନ୍ତି

ଦୁନଆରେ ଭିନ୍ନ ଭିନ୍ନ ଧରଣର ମଣିଷ ଦେଖିବାକୁ ମିଳନ୍ତି

ଉପରେ ଏମିତି ଚକ୍କଣ କଥା କୁହନ୍ତି ଯେମିତି ପୁର୍ ତୁମ ନଜର

ହେଲେ ତୁମର କଛି ଉନ୍ନତି ହେବା କଥା ଶୁଣିଦେଲେ

ଭିତରେ ଜଳ ଯାଆନ୍ତି.. ସେମାନେ କେବେ ତୁମର

ପ୍ରକୃତ ବନ୍ଧୁ ନୁହଁନ୍ତି, ସେମାନେ ହେଲେ ସ୍ୱାର୍ଥପର ବନ୍ଧୁ

ହେଲେ ସେମାନେ ଚନ୍ତା କରିପାରନ୍ତିନ ଯେ ସେ ଅନ୍ୟର

ଖର୍‌ପ ଯେତେ ଚନ୍ତା କରିଛନ୍ତି ସେତିକ ନଜର କ୍ଷତି

ହଉଛି ଆଉ ହବ ମଧ.....

ସତ କଥା କହିବାକୁ ଗଲେ କଣ ସେ ପାଆନ୍ତି ଏମିତି

ଅନ୍ୟର ଖର୍‌ପ ଚନ୍ତା କରିକ

ବରଂ ନଜର କ୍ଷତି ହବା ଛଡା ଆଉ କଛି ନାହିଁ...

ତୁଳସୀପୁର, ମଠସାହି

# ଏଇତ ଜୀବନ



ଚୈତନ୍ୟ ବାଗ

ସମୟ କାଳ ଚକ୍ର ରେ ବିତିଯାଏ ଆମରି ଦିନ,
ଆଖି ରେ ଲୁହ ଥାଇ ଓଠ ରେ ହସିବା ଏଇତ ଜୀବନ ||

ବିଲ ବାଡ଼ି ରେ ଖରା ଝାଞ୍ଜିରେ,
ବିତାଇ ଦିଏ ତା ସୁଖ ଦିନ
ଅନ୍ୟର ପେଟ ପାଇ ନଜେ ଉପାଷ ରହେ,
ଏଇତ କୃଷକ ଜୀବନ ||

ନଜ ଘର ଦ୍ୱାର ପରିବାର ପାଶୁରି, ସୀମାନ୍ତ ରେ କାଟେ ଦିନ
ସାବିତ୍ରେ ର ପ୍ରଚଣ୍ଡ, ବରଫ ର ଶୀତଳ,
ଶ୍ରାବଣ ର ବର୍ଷା ରେ ଭିଜେ ସପନ, ଏଇତ ସୋଇନକ ଜୀବନ ||

ସଦ ଜ୍ଞାନ ସୁବୁଦ୍ଧି ପ୍ରସାର ପାଇଁ
ଶ୍ରମ କୁ ଦିଏ ବଳଦାନ
ଅନ୍ୟର ହିତ ରେ ନଜେ ଖୁସି ହୁଏ, ଏଇତ ଶିକ୍ଷକ ଜୀବନ ||

ଏଇତ ଜୀବନ କେବେ ଏଠି ଛାଇ, କେତେବେଳେ ଏଠି ଖରା
ଓଠ ରେ ଟିକଏ ହସ ଆସେ କେବେ
କେତେବେଳ ଲୁହ ଧାରା ||

ଏ ଜୀବନ କେବେ ଶୁଷ୍କ ମରୁଭୂମି କେବେ ସବୁଜିମା ଭରା,
କେବେ ଏ ଜୀବନ ଧମା ଅନ୍ଧକାର
କେବେ ଆସେ ଜହ୍ନ ତାରା ||
ବେଳେବେଳେ ଦୁଃଖ କେତେବେଳେ ସୁଖ
କେବେ ରାତି କେବେ ଦିନ,
କେବେ ସାଥି କେବେ ଏକୁଟିଆ, ଏଇତ ମଣିଷ ଜୀବନ ||

ଚଚଆ , କଳାହାଣ୍ଡି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଢାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୁଇଁ ତ ଗରିବ ଛାତ୍ର

## ଭାଗ-୫



ମହେଶ୍ୱର ସାହୁ

ପ୍ରଧାନ ଶିକ୍ଷକଙ୍କୁ ମଞ୍ଚ ଉପରେ ଦେଖି ଉପସ୍ଥିତ ସମସ୍ତ ଦର୍ଶକ ଓ ମନ୍ତ୍ରୀ ମହୋଦୟ ମଧ୍ୟ କରତାଳରେ ଅଭିନନ୍ଦନ ଜଣାଇଥିଲେ । ତାଙ୍କର ଶିକ୍ଷକତା ମଧ୍ୟରେ ସେ ଆଜି ପ୍ରଥମେ କୌଣସି ଏକ ଛାତ୍ର ଉଦ୍ଦେଶ୍ୟରେ କିଛି କହିବାକୁ ଏତେ ବଡ଼ ମଞ୍ଚରେ ପଦାର୍ପଣ କରିଛନ୍ତି। ଯେଉଁଠାରେ କି ଓଡ଼ିଶାର ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି । ହଜାର ହଜାର ଦର୍ଶକ ମାନଙ୍କ ମଧ୍ୟରେ ସେ ଭାବ ବିହ୍ୱଳିତ ହୋଇଯାଇଥିଲେ । ନିଜର ବକ୍ତବ୍ୟରେ ସେ ଉପସ୍ଥିତ ଅତିଥି ମାନଙ୍କୁ ଯଥା ମାନ୍ୟ ଦେଇ ବକ୍ତବ୍ୟ ଆରମ୍ଭରେ କହିଲେ "ଆମ ବିଦ୍ୟାଳୟର ପ୍ରତ୍ୟକ ପିଲ୍ ମୋ ବିଦ୍ୟାଳୟ ରୂପୀ ପରିବାରର ଜଣେ ଜଣେ ସଦସ୍ୟ ଭଳି । ହାତରେ ପାଞ୍ଚ ଆଙ୍ଗୁଳି ସମାନ ନ ଥାଏ, ସେମିତି ପିଲ୍‌ଙ୍କର ଗୁଣ, ଜ୍ଞାନ ଓ ଚରିତ୍ରରେ ଅନ୍ତର ଦେଖା ଯାଇଥାଏ । କିଏ ମନ ଦେଇ ପାଠ ପଢ଼ିଥାଏ ତ କିଏ କ୍ରୀଡା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥାଏ । କେହି କେହି ସଙ୍ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ନିଜର ପରାକାଷ୍ଠା ବ୍ୟକ୍ତ କରିଥାନ୍ତି । ତପନ ମୋ ବିଦ୍ୟାଳୟ ପାଇଁ ଏମିତି ଏକ ପିଲ୍ ଯିଏ ଗୋଟିଏ ଶୃଙ୍ଖଳରେ ଗଢ଼ା । ଏ ହେଉଛି ସେଇ ପିଲ୍ ଯାହାକୁ କୌଣସି ଆଦେଶର ଆବଶ୍ୟକ ନାହିଁ । ଅର୍ଥାତ କହିବା ଆଗରୁ କରିଦେଇଥାଏ । ବହୁତ ବାର ତା ମାଆଙ୍କୁ ବିଦ୍ୟାଳୟକୁ ଡକାଇଥାଏ ହେଲେ ସେ କୁହନ୍ତି ଏତେବଡ଼ ସାର ଙ୍କ ଆଗରେ ମୁଁ କଥା ହୋଇପାରିବି ନାହିଁ ତେଣୁ ଯାହା ସାର କହିବେ ତାହା ମୋ ପିଲ୍‌ର ଭବିଷ୍ୟତ । ହେଲେ ସେ ଆସନ୍ତି ନାହିଁ କି ଅମାନ୍ୟ କରନ୍ତି ନାହିଁ । କିନ୍ତୁ କେବଳ ତପନକୁ ଦୂର ଜାଗାକୁ ଛାଡିବାକୁ ନାରାଜ ହୁଅନ୍ତି । ଆଜି ଏହି ତପନ ପାଇଁ ଆମ ବିଦ୍ୟାଳୟର ନାଁ ଉଜ୍ଜ୍ୱଳ ହୋଇଛି । ତପନ ହିଁ ଆମର ଗୌରବ ଓ ଗର୍ବ । ମୋର ଅନ୍ୟ ଛାତ୍ର ମାନଙ୍କ ପାଇଁ ତପନ ନିଶ୍ଚୟ ପ୍ରେରଣା ଦାୟକ ହେବ । ଉପସ୍ଥିତ ରାଜ୍ୟର

ଅନ୍ୟାନ୍ୟ କୋଣରୁ ଆସିଥିବା ଛାତ୍ର ମାନଙ୍କୁ ମଧ୍ଯ ପ୍ରେରଣା ଯୋଗାଇବ । ଏତିକ କହି ମୋର ବକ୍ତବ୍ୟ ସମାପନ କରୁଅଛି । ବନ୍ଦେ ଉତ୍କଳ ଜନନୀ ।

ପ୍ରତିଯୋଗିତାର ପରିସମାପ୍ତି ହୋଇ ଯାଇଥିଲା । ପ୍ରଧାନ ଶିକ୍ଷକ ନିଜର ପିଲାଙ୍କୁ ଧରି ଘରକୁ ପ୍ରତ୍ୟାବର୍ତ୍ତନ କଲେ । ତପନର ଶରୀରରେ ଅତ୍ୟନ୍ତ ଯନ୍ତ୍ରଣା ହେଉଥାଏ । ହେଲେ ହୃଦୟର ଖୁସି ଶରୀରର ଯନ୍ତ୍ରଣାକୁ କାବୁ କରି ଦେଉଥାଏ । ଘରେ ପହଞ୍ଚିବାକୁ ରାତ୍ର ହୋଇଯାଇଥିଲା । ପ୍ରଧାନ ଶିକ୍ଷକ ତପନକୁ ଘରେ ଛାଡ଼ି ଦେଇ ଚାଲିଯାଇଥିଲେ । ତପନକୁ ବହୁତ ଭୋକ ଲାଗିଥାଏ । ମାଆ ଘରେ ଥିବା ମୁଢି ଓ ଚୁଡା ସହିତ ଗୁଡ଼ ମିଶାଇ ଖାଇବାକୁ ଦେଲେ । ସାଧା ଖାଦ୍ୟ ଖାଇବାରେ ତପନକୁ କୌଣସି ସମସ୍ୟା ହୋଇ ନ ଥିଲା । ସେ ଆରାମରେ ଖାଇ ଯାଇଥିଲା ।

ଆଜି ତପନ ଏକ ନୂତନ ଆତ୍ମତୃପ୍ତି ଅନୁଭବ କରୁଥିଲା । ମାଆ ତପନକୁ ନିଜ କୋଳରେ ଶୁଆଇ ମୁହଁର କ୍ଷତ ସ୍ଥାନକୁ ସେକ ଦେଇ ମଲମ ଲଗାଇ ଦେଲେ । ତପନ ମାଆ କୋଳରେ ଶୋଇଥାଏ । ସହରର ଚାକଚକ୍ୟ ଦେଖି ତାର ଆତ୍ମା ଆନ୍ଦୋଳିତ ହେଉଥାଏ । ମାଆକୁ ସେ ଆଗରୁ କେବେ ପଚାରି ନ ଥିବା ପ୍ରଶ୍ନ ଆଜି ପଚାରି ଦେଲା "ମାଆ ମୋ ବାପା ଯଦି ଥାଆନ୍ତେ, ଆମେ କେତେ ଖୁସିରେ ରହିଥାନ୍ତେ ନା? ଜାଣିଛୁ ମାଆ ସହରର ଲୋକ ମାନେ କେତେ ସୁନ୍ଦର ସୁନ୍ଦର କପଡା ପିନ୍ଧୁଛନ୍ତି ! ଚାରି ଚକଆ ଗାଡି ସମସ୍ତଙ୍କ ପାଖରେ ! କେହି ଜଣେ ଗରିବ ପାଇବୁ ନାହିଁ ! ସବୁଠାରେ ବିଦ୍ୟୁତ ସଂଯୋଗ ହୋଇଛି ! ଦେଖୁନୁ ଆମେ କେତେ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଡିବିରି ବତୀ ପାଇଁ କିରାସିନ କିଣିବାକୁ ମଧ୍ଯ ଆମ ପାଖରେ ପଇସାର ଅଭାବ । ତୁ କେତେ କାମ କରୁଛୁ ହେଲେ ଲୋକମାନେ ତତେ କାହିଁକି ଏତେ କମ ପଇସା ଦିଅନ୍ତି ଯେ । ମୁଁ ମଧ୍ଯ କାଲି ଠାରୁ କିଛି କାମ କରିବି !"

ମାଆ ଯମୁନା ସାନ୍ତ୍ୱନା ଦେଇ କହିଲେ "ନାଁ ତୁ ପାଠ ପଢ଼ିବୁ । ମୁଁ ସିନା ତତେ ବଡ଼ ଲୋକଆଙ୍କ ପରି ଖାଇବାକୁ କି ପିନ୍ଧିବାକୁ ଦେଇ ପାରୁନି ! ହେଲେ ତୋର ଆବଶ୍ୟକତା ଅନୁଯାୟୀ ପୋଷାକ, ଭୋଜନ ଯୋଗାଇ ରଖିଛି ! ଯେତେ କଷ୍ଟ ହେଉ ପଛେ ମୁଁ ଏମିତି ପର ଘରେ ମୂଲ ଲାଗି ତତେ ପାଠ ପଢେଇବି । "

ତପନ ଅବୁଝା ଭଳି କହିଲା "ମାଆ ମୁଁ କାଲି ଠାରୁ କଛି କାମ କରିବି । ମୋତେ ଜଣେ ଖବର ବାଲା ଅଙ୍କଲ କହିଛନ୍ତି ଆମ ଗୃଉଳ ଓ ରେସନ ଆମକୁ ମିଳବ । ସେ କାଲି ଆମ ଘରକୁ ଆସିବେ । ଆଉ କକା ନେଇ ପାରିବେ ନାହିଁ । କେହି ଜଣେ ଅଫିସର କହିଛନ୍ତି ମୋ ମାଆଙ୍କ ନାଁ ରେ ବିଧବା ଭତ୍ତା ମିଳବ । ଆମକୁ ସରକାରୀ ଘର ମିଳବ । ଜାଣିଛୁ ମାଆ କେତେ ବାବୁ ଲୋକମାନେ ମୋତେ ବହୁତ କଛି ମିଳବ ବୋଲି କହିଛନ୍ତି । ମୋ ଠିକଣା ମୋ ଠାରୁ ନେଇଛନ୍ତି ସେମାନେ କୁଆଡେ ଆମ ଘରକୁ ଆସିବେ । ହେଲେ ମାସ ତୁ ମୋତେ ପଢ଼ିବା ସହିତ କଛି କାମ କରିବାକୁ ବାରଣ କରିବୁ ନାହିଁ । "

"ହଉ ହେଲା ତୁ କାମ କରିବୁ । କାରଣ ବାପା ଗୃଲି ଯାଇଥିଲେ ଏବେ ତୋ ମାଆ ବି ମରିଯାଇଛି ନା ସେଇଥିପାଇଁ ତୁ କାମ କରିବୁ ।"

ତପନ କାନ୍ଦିପକାଇ ଥିଲା, ଦୁଇଟୋପା ଲୋତକ ବୋହି ଯାଇଥିଲା ତାର ଆବେଗ ଭରା ନୟନରୁ । ମୋତେ ବହୁତ ନିଦ୍ରା ଆସିଲାଣି କହି ଅର୍ଦ୍ଧନିଦ୍ରିତ ଅବସ୍ଥାରେ ମାଆଙ୍କ କୋଳରେ କଡ଼ ଲେଉଟାଇଥିଲା ।

ମାଆ ଦେହରେ ସୋରିଷ ତେଲ ମାଖିଦେଇ ଗୋଡ଼ ଦବାଇ ଦେଇଥିଲେ । ପିଲାଟା ବାପା ଛେଉଣ୍ଡ ବୋଲି କେତେ କଷ୍ଟ ପାଉଛି । ହେଲେ ମୁଁ ତାକୁ କଣ ଦେଇପାରୁଛି ଯେ ! ପେଟକୁ ଠିକରେ ଗଣ୍ଡେ ଖାଇବାକୁ ବି ଦେଇ ପାରୁନ । ଖଣ୍ଡେ ମନ ଜାଣି କପଡା ପିନ୍ଧେଇ ପାରୁନ । ହାଇରେ ବିଧାତା ଏତିକ କଷ୍ଟ ଆମ ମାଆ ଓ ପୁଅଙ୍କ ଭାଗ୍ୟରେ ଥିଲା ! ଏମିତି ଅନେକ ଧିକ୍କାର କରିଥିଲେ ନଜର ଭାଗ୍ୟକୁ । ଭୋକ ଲାଗୁନଥିଲା ତେଣୁ ସେଇ ତପନ ପାଖରେ ସୋଇଯାଇଥିଲେ ଯମୁନା ।

**(ଆଗାମୀ ଅଧ୍ୟାୟରେ ନିଶ୍ଚୟ ପଢିବେ ଭାଗ-୬)**

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ବନ୍ଦୀ ପ୍ରେମିକା



ମେନନ୍ ସାହୁ

ହେ ପ୍ରିୟେ
ତୁମେ ବନ୍ଦୀ ନୁହଁ କେଉଁ କାର୍‌ବାସର
ତୁମେ ବନ୍ଦୀ ନୁହଁ କେଉଁ  ମହାର୍‌ଜାର
ତୁମେ ବନ୍ଦୀ ତୁମ ସ୍ୱାର୍ଥ, ଗର୍ବ, ଅହଙ୍କାରର
ତୁମେ ବନ୍ଦୀ ତୁମ ମିଛ ଛଳନାର
ତୁମେ ବନ୍ଦୀ ତୁମ ଅବିଶ୍ୱାସର
ତୁମେ ବନ୍ଦୀ ତୁମ ଗହମ ଗୋର୍‌ ଦେହର
ତୁମେ ବନ୍ଦୀ ମିଛ ଦେଖୁଥିବା ତୁମର ସେ ନୟନର
ତୁମେ ବନ୍ଦୀ ମିଥ୍ୟା କହୁଥିବା ତୁମର ସେ ଓଠର
ତୁମେ ବନ୍ଦୀ ପାଷାଣରେ ତିଆରି ତୁମର ସେ ହୃଦୟର
ତୁମେ ବନ୍ଦୀ ଅନ୍ୟକୁ ଯନ୍ତ୍ରଣା ଦେଉଥିବା ତୁମ ସେ ମନର
ତୁମେ ବନ୍ଦୀ ତୁମ ଲୋ୍କ ଦେଖାଣିଆ ଆଦର୍ଶର
ତୁମେ ବନ୍ଦୀ ବିଶ୍ୱାସ ଘାତକ କରିଥିବା ସସେମେର୍‌ କହାଣୀରେ ।

ପର୍ଜଙ୍ଗ, ଢେଙ୍କାନାଳ

# ସୃଷ୍ଟି ରଚନା

ସୁନୀଲ କୁମାର ଅଗସ୍ତି

ଶୂନ୍ୟ ମହାଶୂନ୍ୟ
ହାହାକାର୍.....
ନରବତାର ମଞ୍ଚ
ଓଃ...କ' ଚମତ୍କାର,
କଏ ସେହି ସୃଷ୍ଟି କର୍ତା
ଚମ୍ତ୍କୃ ତସୃଜନ...ନର୍ବିକାର,
ପ୍ରଶ୍ନ ଟିଏ ଉଙ୍କି ମାରେ
କଏ ଗଢ଼ିଛି, କଏ ତୋଳଛି ?
ଏ' ବିଗ୍ୱଟ ସଂସାର
ତା' ଭିତରେ ଅଦ୍ଭୂତ ଜୀବ
'ମଣିଷ', ଅନୁମତି ପ୍ରାପ୍ତ
ବୋଧ ହୁଏ....
'ପ୍ରକୃତି' ତାର ଅନୁଗତ,
ବିଭସ୍ତ ମନୁଷ୍ୟ କୃତ
ତାଣ୍ଡବ ଲୀଳାର ପରିଣାମ
ନରୀହ ଆଖିରେ ଲୁହ
ପଦବୀର ଲୋଭ ମୋହ
'ପ୍ରକୃତି'ର ସନ୍ତାନ ବିରୁଦ୍ଧରେ
ଉଦ୍ଭଟ ନୟମ....,
ବାରମ୍ବାର ଅସହ୍ୟ ତାଡ଼ନାରେ
"ମାଟି"ର ଆଖି ଛଳ ଛଳ,
ଏଇଟି ମଧ୍ୟ ନର୍ଦେଶକଙ୍କ

ଭିନ୍ନ ଗୃତୁରୀ ବୋଧହୁଏ
ଏକ ଚମତ୍କାର ପରିକଳ୍ପନା
ସମାପ୍ତ ପାଇଁ,
ହେଲେ ପରଦା ଉଠିଲା ପରେ
ତାଳ ମାଡ଼ ପାଇଁ
ଏଠି ଆଉ କଏ ଥିବ ଯେ ?

ଟିଟିଲାଗଡ଼, ବଲାଙ୍ଗୀର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପରଦେଶୀ ବନ୍ଧୁ



ଆନନ୍ଦ ସାହୁ

ପରଦେଶୀ ବନ୍ଧୁ ନୁହେଁ ମୁଁ ତୁମର ପ୍ରିୟା
ତୁମେ ଶରୀର ହେଲେ ଅଟେପର୍ ମୁଁ ଛାୟା ।।

ଦିବା ରାତି ଅଛି ତୁମ ସାଥିରେ ପ୍ରେୟସୀ
ଚେହେରା ତୁମର ଦେଖେ ସଦା ଦିବା ନିଶି ।।

ଉଣା କର ମନ ତୁମେ ଆଉ କାହିଁ ପାଇଁ
ସବୁବେଳେ ରହିଅଛି ତୁମ ପାଖେ ମୁହିଁ ।।

ଅମାନିଆ ହୁଅ ନାହିଁ ପ୍ରେୟସୀ ମୋହର
ପାଖେ ପାଖେ ରହିଥିବି ପ୍ରିୟା ଗୋ ତୁମର ।।

ତୁମ ଭାବନାରେ ପର୍ କରିଅଛି ବସା
ତୁମକୁ ଛାଡିକି ମୁହିଁ କରିବି ନିରାଶା ।।

ବୁଝାଅ ମନକୁ ପ୍ରିୟା ନକରି ସନ୍ଦେହ
ଏକ ଆତ୍ମା ପର୍ ଆମ ଦୁଇ ଗୋଟି ଦେହ ।।

ଏକ ଜନ୍ମ ପାଇଁ ନୁହେଁ ଆମରି ମିଳନ
ଚର ଜନ୍ମର ଭାବନା ହୋଇବ ପୁରଣ ।।

ପ୍ରେମର ବନ୍ଧନ ପର୍ ନୁହେଁ ବର୍ଷ ମାସ
ଚର ଜନ୍ମର ବନ୍ଧନ ନ ହୋଇବ ଶେଷ ।।

ସିଲେଟପର୍,ସଇଁନ୍ତଲା, ଜି-ବଲାଙ୍ଗୀର

# ମହାଭାରତ କଥା..
# (୫)



ନରେନ୍ଦ୍ର ପ୍ରସାଦ ବେହେରା

**(ଆତ୍ମହତ୍ୟା କରିବି ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ପିତାଙ୍କୁ କାହିଁକି କହିଲେ)**

ଗୁପ୍ତଚର ଦ୍ୱାରା ରାଜା ଦ୍ରୁପଦ ସବୁ ଘଟଣା ଜାଣିପାରି ପାଣ୍ଡବମାନଙ୍କୁ ନିଜ ପ୍ରସାଦକୁ ନିମନ୍ତ୍ରଣ କରି ସେଠାରେ ରଖାଇଲେ । ଇତିମଧ୍ୟରେ ପାଣ୍ଡବମାନେ ବଞ୍ଚିଛନ୍ତି ଏବଂ ପାଞ୍ଚାଳ ରାଜାଙ୍କର ଅତିଥି ହୋଇ ରହିଛନ୍ତି ବୋଲି ଜାଣି ଭୀଷ୍ମ ଧୃତରାଷ୍ଟ୍ରଙ୍କୁ ସମସ୍ତ କଥା ଜଣାଇ ନିଜେ ରଥରେ ଯାଇ ଦ୍ରୌପଦୀଙ୍କ ସହିତ ସେମାନଙ୍କୁ ସସମ୍ମାନରେ ହସ୍ତିନାପୁରକୁ ନେଇ ଆସିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ମାରି ଦେବାକୁ ବାରମ୍ବାର ଉଦ୍ୟତ ହେଉଥିବା ଜାଣି ଧୃତରାଷ୍ଟ୍ର ଭୀଷ୍ମଙ୍କ ସହିତ ପରାମର୍ଶ କରି ତାଙ୍କ ରାଜ୍ୟକୁ ଦୁଇଭାଗ କରିଦେଇ ପାଣ୍ଡବମାନଙ୍କୁ ଅର୍ଦ୍ଧେକ ଭାଗ ପ୍ରଦାନ କରି ଇନ୍ଦ୍ରପ୍ରସ୍ଥକୁ ପଠାଇଦେଲେ । ପାଣ୍ଡବମାନେ ହସ୍ତିନାପୁରରୁ ଯାଇ ଇନ୍ଦ୍ରପ୍ରସ୍ଥ ନଗରୀରେ ସପରିବାର ରହିବାକୁ ଲାଗିଲେ । ସେଠାରେ ସୁଖ ସମୃଦ୍ଧି ମଧ୍ୟରେ ଥାଇ ଯୁଧିଷ୍ଠିର ଏକ ରାଜସୂୟ ଯଜ୍ଞ କରିଥିଲେ । ଯେଉଁଥିରେ ଅନେକ ଋଷିମୁନି ଓ ମାନ୍ୟଗଣ୍ୟ ରାଜା ଯୋଗ ଦେଇଥିଲେ ଏବଂ ବ୍ରାହ୍ମଣମାନଙ୍କୁ ଅନେକ ଧନରତ୍ନ ଦାନ କରାଯାଇଥିଲା । ଏସବୁ କଥା ଗୁପ୍ତଚର ଦ୍ୱାରା ଦୁର୍ଯ୍ୟୋଧନର କର୍ଣ୍ଣଗୋଚର ହୁଅନ୍ତେ ସେ ଆହୁରି ଅଧିକ ଈର୍ଷାନ୍ୱିତ ହୋଇ ପଡିଥିଲା ଏବଂ କପରି ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟରୁ ବିତାଡିତ କରିବ, ଏଥିରେ ତାର କୁଚକ୍ରୀ ମାମୁଁ ଶକୁନି ସହିତ ମନ୍ତ୍ରଣା କରିଥିଲା । ଶକୁନି ଜଣେ ଖଳ ପ୍ରକୃତିର ବ୍ୟକ୍ତି ଥିଲେ । ସେ କହିଲେ, ଯୁଧିଷ୍ଠିର ଖୁବ୍ ପଶାଖେଳ ପ୍ରିୟ । କପରି କପଟ କୌଶଳ ପ୍ରୟୋଗ କରି ପଶାଖେଳରେ ଜିତିବାକୁ ହୁଏ, ସେଇ ବିଦ୍ୟାଟି ମୋତେ ଖୁବ୍ ଭଲ ଭାବରେ ଜଣାଅଛି ।

ସୁତରାଂ ଏକ ପଶାଖେଳର ଆୟୋଜନ କରି ତୁମ ପିତାଙ୍କର ଅନୁମତି ନେଇ ପାଣ୍ଡବମାନଙ୍କୁ ନିମନ୍ତ୍ରଣ କର ।

ଏହାପରେ ଦୁର୍ଯ୍ୟୋଧନ ଓ ଶକୁନି ଦୁହେଁ ଯାଇ ରାଜା ଧୃତରାଷ୍ଟ୍ରଙ୍କ ନିକଟରେ ପହଞ୍ଚିଲେ । ଶକୁନି ରାଜାଙ୍କୁ ସମ୍ବୋଧନ କରି କହିଲେ, ହେ ରାଜନ୍, ତୁମର ପ୍ରିୟ ପୁତ୍ର ଦୁର୍ଯ୍ୟୋଧନ ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞର ବିବରଣୀ ଶୁଣି ଘୋର ବିଷାଦଗ୍ରସ୍ତ ଅବସ୍ଥାରେ ରହିଛି । ପାଣ୍ଡବମାନଙ୍କର ସୁଖସମୃଦ୍ଧି ହିଁ ତୁମ ପୁତ୍ରର ଅଶାନ୍ତିର କାରଣ ବୋଲି ଜାଣ । ଏକ ପଶାଖେଳରେ ସେମାନଙ୍କୁ ହରାଇ ସେମାନଙ୍କର ସମସ୍ତ ଐଶ୍ୱର୍ଯ୍ୟ ଓ ବିଭବ ଲୋପ କରିଦେବା ପାଇଁ ସେ ଚାହୁଁଛି । ତେଣୁ ଏକ ପଶାଖେଳର ଆୟୋଜନ କରିବା ପାଇଁ ଆପଣ ଅନୁମତି ଦିଅନ୍ତୁ । ଏହା ଶୁଣି ସାରିବା ପରେ ଅନ୍ଧରାଜା କହିଲେ, ବର୍ତ୍ତମାନ ତୁମେ ଯାହା କହିଲ ସେ ସମ୍ପର୍କରେ ବିଚାର କରିବାକୁ ବିଦୁର ସହିତ ପରାମର୍ଶ କରି ଯାହାକିଛି ନିଷ୍ପତ୍ତି ଗ୍ରହଣ କରିବି । ଏତିକିବେଳେ ଦୁର୍ଯ୍ୟୋଧନ କ୍ରୋଧାନ୍ୱିତ ହୋଇ କହିଉଠିଲା, ହେ ପିତା, ତୁମେ ଯାହାଙ୍କ ସହିତ ପରାମର୍ଶ କରିବାକୁ ଯାଉଛ, ସେ ମୋତେ ଆଦୌ ସ୍ନେହ କରନ୍ତି ନାହିଁ । ସେ ପାଣ୍ଡବମାନଙ୍କୁ ଖୁବ୍ ଭଲପାନ୍ତି । ପଶାଖେଳ କରିବା ପାଇଁ ସେ ଆଦୌ ରାଜି ହେବେ ନାହିଁ । ଆଉ ଆପଣ ଯଦି ଏଥିଲାଗି ଅନୁମତି ନ ଦେବେ, ତା' ହେଲେ ମୁଁ ନିଶ୍ଚୟ ଆତ୍ମହତ୍ୟା କରିବି । ଧୃତରାଷ୍ଟ୍ର ଜନ୍ମାନ୍ଧ ଥିବା ସହିତ ପୁତ୍ରମୋହରେ ମଧ ଅନ୍ଧ ଥିଲେ । ସେ ଦୁର୍ଯ୍ୟୋଧନ ମୁହଁରୁ ଆତ୍ମହତ୍ୟା କଥା ଶୁଣି ବିଚଳିତ ହୋଇ ପଡିଲେ ଏବଂ ପଶାଖେଳରେ ବସିବା ପାଇଁ ପାଣ୍ଡବମାନଙ୍କୁ ଡାକି ଆଣିବା ସକାଶେ ବିଦୁରଙ୍କୁ ତତକ୍ଷଣାତ୍ ଆଦେଶ ଦେଲେ । ବିଦୁର ଏହା ଶୁଣି ଧୃତରାଷ୍ଟ୍ରଙ୍କୁ କହିଲେ, ହେ ଭ୍ରାତ, ତୁମେ ଏପରି ଏକ ଖେଳ ପାଇଁ ଅନୁମତି ଦେଇ ମସ୍ତବଡ଼ ଭୁଲ କାମ କରିବାକୁ ଯାଉଛ, ଯାହାକି ଆମମାନଙ୍କର କୁଳନାଶର ଏକ କାରଣ ହେବ । ଦୁର୍ଯ୍ୟୋଧନ ରାଗିଯାଇ ତଳେ ପାଦ କଚାଡିବାରେ ଲାଗିଥାଏ ଏବଂ ମୁଁ ଆତ୍ମହତ୍ୟା କରିବି, ମୁଁ ଆତ୍ମହତ୍ୟା କରିବି ବୋଲି ଚିତ୍କାର କରୁଥାଏ । ଧୃତରାଷ୍ଟ୍ର ବିଦୁରଙ୍କ କଥା ପ୍ରତି କର୍ଣ୍ଣପାତ ନ କରି ଆଦେଶ ଦେଲେ , ତୁମେ ଏଇ ମୁହୂର୍ତ୍ତରେ ଯାଇ ପାଣ୍ଡବମାନଙ୍କୁ ପଶାଖେଳିବା ପାଇଁ ଡାକି ଆଣ ।

ଜ୍ୟେଷ୍ଠଭ୍ରାତାଙ୍କର ଆଦେଶ ପାଳନ କରି ବିଦୁର ଭଗ୍ନ ହୃଦୟରେ ଯାଇ ପହଞ୍ଚିଲେ ଇନ୍ଦ୍ରପ୍ରସ୍ଥ ନଗରୀରେ ଏବଂ ପଶାଖେଳରେ ଯୋଗଦେବା ପାଇଁ ଧୃତରାଷ୍ଟ୍ରଙ୍କ ଆଦେଶ କଥା ପାଣ୍ଡବମାନଙ୍କୁ ଜଣାଇଲେ । ଯୁଧିଷ୍ଠିର ତାଙ୍କ ପିତୃବ୍ୟ ଧୃତରାଷ୍ଟ୍ରଙ୍କୁ ଖୁବ୍ ଭକ୍ତି କରୁଥିଲେ । ତେଣୁ ତାଙ୍କ ଆଦେଶକୁ ଅମାନ୍ୟ ନ କରି ସେ ଦ୍ରୌପଦୀ ଓ ଅନ୍ୟ ଭାଇମାନଙ୍କ ସହିତ ଆସି ହସ୍ତିନାପୁରେ ଦ୍ୟୁତକ୍ରୀଡା ସ୍ଥଳରେ ପହଞ୍ଚିଲେ । ସେମାନଙ୍କୁ ଦେଖି ଦୁର୍ଯୋଧନ ଘୋଷଣା କରି କହି ଉଠିଲା, ମୋ ପକ୍ଷରୁ ମୋର ମାମୁଁ ଶକୁନ ଖେଳରେ ବସିବେ । ଏପରି ଏକ ଅନୈତିକ ପଶାଖେଳର ଆଦୌ ପକ୍ଷପାତୀ ନ ଥିବା ପିତାମହ ଭୀଷ୍ମ ଏବଂ ବିଦୁରଙ୍କ ଛଡା ଦ୍ରୋଣ, କୃପ ଓ କର୍ଣ୍ଣ ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସଭାସଦଗଣ ସେଠାରେ ଉପସ୍ଥିତ ରହିଥାନ୍ତି । ଶକୁନଙ୍କ ସହିତ ଖେଳରେ ବସି ଯୁଧିଷ୍ଠିର ପ୍ରତ୍ୟେକ ପାଳରେ ହାରିଯିବାରେ ଲାଗିଲେ ଏବଂ ଖେଳରେ ସର୍ବସ୍ୱାନ୍ତ ହୋଇ ଶେଷରେ ସେମାନଙ୍କର ଧର୍ମପତ୍ନୀ ପ୍ରାଣପ୍ରିୟା ଦ୍ରୌପଦୀଙ୍କୁ ମଧ୍ୟ ହରାଇ ବସିଲେ । ପଶାକାଠି ଗୁଳନାରେ କପଟ କୌଶଳ ପ୍ରୟୋଗ କରି ଶକୁନ ଯୁଧିଷ୍ଠିରଙ୍କୁ ହରାଇଦେଇ ଅପଦସ୍ଥ କଲେ । ଦୁର୍ଯୋଧନ ଆନନ୍ଦରେ ଉଲ୍ଲସିତ ହୋଇ ତା' ତଳ ସାନଭାଇ ଦୁଃଶାସନକୁ ଆଦେଶ ଦେଲା ରାଜମହଲକୁ ଯାଇ ଦ୍ରୌପଦୀଙ୍କ ଚୁଟି ଧରି ସଭାକକ୍ଷକୁ ଟାଣି ଆଣିବା ଲାଗି । ଦୁର୍ଯୋଧନର ଆଦେଶ ପାଳନ କରି ଦୁଃଶାସନ ଏପରି କରିବାକୁ ଉଦ୍ୟତ ହେଉଥିବା ଦେଖି ଦ୍ରୌପଦୀ କାତର ହୋଇ ବଡ଼ ମା' ଗାନ୍ଧାରୀଙ୍କ ଆଶ୍ରୟ ନେବାକୁ ଧାଇଁ ଯାଇଥିଲେ । କିନ୍ତୁ ଦୁଃଶାସନ ସେଠାରେ ପହଞ୍ଚି ବଳ ପ୍ରୟୋଗ ପୂର୍ବକ ଦ୍ରୌପଦୀଙ୍କ କେଶ ଧରି ଘୋଷାରି ଘୋଷାରି ଆଣି ସଭାଗୃହରେ ପହଞ୍ଚାଇଲା । ସେଠାରେ ସର୍ବସମକ୍ଷରେ ଦ୍ରୌପଦୀଙ୍କୁ ବିବସ୍ତ୍ର କରିବାକୁ ଦୁର୍ଯୋଧନ ଆଦେଶ ଦେଲା । ସଭାରେ ଉପସ୍ଥିତ ଥିବା କେହି ଜଣେ ହେଲେ ପ୍ରତିବାଦ କଲେ ନାହିଁ । ଦୁଃଶାସନ ଦ୍ରୌପଦୀଙ୍କ ଶରୀରରୁ ବସ୍ତ୍ର କାଢିବାକୁ ଉଦ୍ୟତ ହେଉଥିବା ଦେଖି ଦ୍ରୌପଦୀ ଚିତ୍କାର କରି ତାଙ୍କୁ ରକ୍ଷା କରିବା ଲାଗି ପତିମାନଙ୍କୁ ଡାକଥିଲେ । କିନ୍ତୁ ପାଞ୍ଚଭାଇ ନତମସ୍ତକ ହୋଇ ବସି ରହିବାରୁ ଦ୍ରୌପଦୀ ଅସହାୟ ଅବସ୍ଥାରେ କାନ୍ଦି କାନ୍ଦି ଉପରକୁ ଦୁଇ ବାହୁ ଟେକି ଡାକ ଛାଡିଲେ, ହେ ଗୋବିନ୍ଦ ମୋତେ ରକ୍ଷା କର, ମୋର ନାରୀତ୍ୱ ବଞ୍ଚାଅ । ଏତିକିବେଳେ ଏକ ଅଲୌକିକ ଘଟଣା ଘଟିଲା । ଶୂନ୍ୟରୁ ଅବିଚ୍ଛିନ୍ନ ଭାବରେ ବସ୍ତ୍ରମାନ ଖସିଆସି ଦ୍ରୌପଦୀଙ୍କ ଶରୀରରେ ଗୁଡେଇ ହୋଇଯିବାକୁ ଲାଗିଲା ।

ଦୁଃଶାସନ ଶାଢି ଟାଣି ଟାଣି ଥକ ପଡିଲା । ସେଠାରେ ପାହାଡ ପରି ବସ୍ତ୍ର ହୋଇଗଲା । ଦ୍ରୌପଦୀଙ୍କୁ ବିବସ୍ତ୍ର କରି ପାଣ୍ଡବମାନଙ୍କୁ ଅପମାନତ କରିବା ଉଦ୍ଦେଶ୍ୟ ଦୁର୍ଯ୍ୟୋଧନର ପଣ୍ଡ ହୋଇଗଲା । ଏତିକବେଳେ କ୍ରୋଧରେ ଜର୍ଜରିତ ହୋଇ ଭୀମ ଗର୍ଜନ କରି କହିଉଠିଲେ, "ଆରେ ପାପୀ ଦୁର୍ଯ୍ୟୋଧନ, ତୋର ମରଣ ବେଳ ପାଖେଇ ଆସିଲା । ଆଗାମୀ ଦିନରେ ଯଦି ହୁଏ, ତା' ହେଲେ ମୁଁ ଦୁଃଶାସନର ଛାତି ଫାଡି ରକ୍ତ ପିଇବି ଓ ମୋ ଗଦାରେ ତୋର ଉରୁ ଭଙ୍ଗ କରି ତୋତେ ଧରାଶାୟୀ କରି ଯମପୁରକୁ ପଠାଇବି । ମୋ ପ୍ରତିଜ୍ଞା ଅନ୍ୟଥା ହେବ ନାହିଁ । " ଏହି ସମୟରେ ଭୀଷ୍ମ ଧାଇଁ ଆସି ଧୃତରାଷ୍ଟ୍ରଙ୍କୁ ସମ୍ବୋଧନ କରି କହିଲେ, ହେ ଅନ୍ଧରାଜା , ତୁମେ ତୁମର କୁଳାଙ୍ଗାର ପୁତ୍ରମାନଙ୍କୁ ଏପରି ଅନୈତିକ କାର୍ଯ୍ୟ କରିବାକୁ ପ୍ରଶୟ ଦେଇ କୁଳନାଶ ଘଟଣାକୁ ଡାକ ଆଣୁଛ । ପାଣ୍ଡବମାନେ ପଶାଖେଳରେ ହାରିଯାଇଥିବା ସବୁକଛି ତୁରନ୍ତ ଫେରାଇ ଦେଇ ସେମାନଙ୍କୁ ମୁକ୍ତ କର ।

କ୍ରମଶଃ....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା,ବାଲେଶ୍ୱର

# ସିନ୍ଦୂର ବନାମ ଭୋକ



କରଣ ମନଷା ମହାନ୍ତି

ମୁଁ ଶିଖି ଗଲିଣି ଯେତେ ସବୁ
ଘର ର ଦାୟିତ୍ୱ
ମୋ ମା ପରି ସିଝି ସିଝି
ଫୁଟା ଗୁଣ୍ଡଳରେ
ଭରି ପାରୁଛି ଗୁଣ୍ଡେଟି ପେଟ
ହଁ ଗୋଲ ନୁହେଁ
ସେ ଦର ପୋଡା ରୁଟି କେଇ ଖଣ୍ଡ
କନ୍ତୁ ଜଞ୍ଜାଳର ସେ ବୋଝକୁ
ନୟତି ଲଦି ଦେଇଛି ଆଜି ମୋ ଉପରେ

ସିନ୍ଦୂର ର କର୍ତ୍ତବ୍ୟ ଆଗରେ
ପାସୋରି ସାରିଲିଣି
ପ୍ରେମିକର ଫୋନ ରିଙ୍ଗ ଟୋନ୍
କବିତାର କେଇ ଧାଡି
ଆଉ କଣ ମନେ ପଡୁଛି କ

ଏବେ ପେଟ ଭୋକକୁ ଶିତଳେଇବାର ଅଛି
ଦରଦାମ ବୁଝି ଚଳିବାକୁ ହେବ
ମଣିଷ ଗୁଡାଙ୍କୁ
ଟିକେ ଅଣ୍ଟା ସଳଖି ଭିଡିବି

ସିନ୍ଦୂର ର ପାଇଁ ତାଙ୍କ
ସଂସାରର ରଥ

ବୋଧ ହୁଏ ଭାବୁଥିବ ତୁମେ
ଅନ୍ୟ ଗୋଟେ ଦୁନିଆ ପାଇଁ
ପାସୋରି ଦେଇଛି ତୁମ ପ୍ରେମ
କିନ୍ତୁ ତୁମେ ଜାଣ କି
ତୁମ ପ୍ରେମ ବିନା ସମ୍ଭବ ନୁହେଁ
ଶବ୍ଦଟିଏ ସୃଷ୍ଟି ହେବା

କେମିତି ଯେ କହିବି
ଜଞ୍ଜାଳର ସେ ବୋଝ ଭିତରେ
ଏକେଲା ମୁଁ !
ଅଣ ନିଃଶ୍ୱାସୀ ଶ୍ୱାସ ରୋଗୀଟିଏ
ବେଳେବେଳେ ଖୁବ୍ ଡର ଲାଗେ
ସେ କଥା ସବୁ ଭାବି
ଅତିତଟା କେମିତି ଯେ
ବିଚ୍ଛେଦ କରିଦେଲା

ଟିକେ ଟିକେ ବେସି ଫିକା ଦିଶେ
ଏବେ ତୁମ ମୁହଁ
ହଁ ଦେଖି ନାହିଁ ଅନେକ ଦିନ ହେବ
ଅନେକ ପ୍ରତୀକ୍ଷା ଯେ
କେବେ କେବେ ଲୁହ ଢାଳେ
କଲବଲ କରେ

ତା ଭିତରେ ବି ଝରି ଆସେ ଆଖି
ଟିକେ ନରୋଲାରେ ଯେବେ
ଖୁବ ମନେ ପଡ଼ ତୁମେ
ସେଇ ଲୁହରେ ରେ ବି
ଲେଖିବାକୁ ପଡେ ଘରର ତାଲିକା

ଅସାବଧାନତା ପାଇଁ
ଯୋଡିବାକୁ ହୁଏ ହାତ
ମୁଣ୍ଡ ପାତି ସହିବାକୁ ହୁଏ ଦୁଃଖ
ଆହାଃ ଅନେକ କଷ୍ଟ
ଖୁବ ହୀନମାନ ହୁଏ
ସିନ୍ଦୂରର ପରିଚୟ ପାଇଁ

# ପ୍ରେମ ଓ ପ୍ରତାରଣା



ଦୁର୍ଯ୍ୟୋଧନ ଚଣ୍ଡି

ଆଜିକାଲି ଇଚ୍ଛାହୁଏ ଲେଖିବାକୁ ପଦେ କେତେ ଧାଡି ତୁମ ପାଇଁ

ଓଠ ମୋର କାହିଁ ସ୍ମିତହାସ୍ୟ ଦିଏ କାରଣଟା ଜାଣିନାହିଁ,

ପ୍ରଥମ ଦେଖାରେ ପ୍ରଥମ ହସରେ ନଜର ଲାଗିଲ ସତେ

ଧୀରେ ଧୀରେ ପୁଣି କାହିଁକି କେ ଜାଣି ଛାଡିଯାଅ ପ୍ରିୟା ମୋତେ,

ତୁମେ ଅଟ ପ୍ରିୟା ମୋ ପ୍ରଥମ ସ୍ମୃତି ମୋ ପ୍ରଥମ ପ୍ରେମର

ଯେବେଠୁଁ ତୁମକୁ ଦେଖିଛି ପ୍ରିୟଲୋ ମୋ ହୃଦୟେ ମାରିଛ ତୀର,

ଶ୍ରାବଣ ଧାରରେ ଭସିଯାଉଥିଲି ମୋ ମନରେ କେତେ କଥା

ତୁମେ ଯଦି ପ୍ରିୟା ପର କରିଦେବ ଭୁଲିଯିବି ସବୁ କଥା,

ଜିଅନ୍ତା ଜୁଇରେ ଜାଳବି ମୁଁ ଆଜି ଅକୁହା କାହାଣୀ ହୋଇ

ବଂଚବାଟା ସେଇ ଅଭିନୟ ମୋର ଯୁଗେ ଯୁଗେ ଯିବ ରହି ।

ଡାଲଗୁମା, କସର୍, କଳାହାଣ୍ଡି

# ଆସୁଛି ବୈଶାଖ

ଗୋପାଳ ଭୁଟି ଯାଦବ

ରୂପ ତା ସଜାଇ ବୈଶାଖ ଆସଇ
ଧରି ଉଗ୍ର ଚଣ୍ଡ ବେଶ
ବକ୍ଷ ତା ଫୁଲାଇ ମେଦିନୀ କମ୍ପାଇ
ହୋଇଣ କେତେ ହରଷ ।
ଶୁଖିଯିବ ନୀର ନଦୀ, ଝରଣା ର
ରବି ତାପେ ହେବ ପଙ୍କ
ତୃଷ୍ଣା ନ ମେଣ୍ଟିବ ପଶୁ, ପକ୍ଷୀ ଜୀବ
ଛଟ ପଟ ହେବେ ଭେକ ।
ସେହି ସ୍ୱପ୍ନ ରଖି ଆସୁଛି ଲୋ ସଖି
ସଚେତନ ହେବା ଆମ୍ଭେ
ସମସ୍ତଙ୍କୁ ମୋର ଧରି ବେକ କର
ନିବେଦନ ରଖ ତୁମ୍ଭେ ।
ବାହାରେ ଗମିଲେ ପିନ୍ଧି ଜୋତା ହଳେ
ଖୋଲା ଛତା ଧରି ହସ୍ତେ
ଥଣ୍ଡା ଜଳ ଧରି ବୋତଲରେ ଭରି
ଓଦା ଲୁଗା ରଖ ମସ୍ତେ ।

ବଡ଼ କେନ୍ଦୁ ଗୁଡା
କଳାହାଣ୍ଡି

# କେବେ ଯିବ ଏ କୋରୋନା



ସତ୍ୟରଞ୍ଜନ ଘିଓ୍ୱାଲ୍

କର୍ଣ୍ଣେ ମୋ ଗୁଞ୍ଜରିତ ସମସ୍ତଙ୍କ ଅହନାଦ୍ୟ
କେବେ ଯିବ ଏ କୋରୋନା,,
ମୃତ୍ୟୁ ମୁଖୁ ଫେରିଆସି ଆଜି ଏ ଅଛୁଆଁ
ରୋଗୀ ଏ ଦିଅନ୍ତି କେତେ ଯେ ଆଶ୍ୱାସନା......
କେବେ ସ୍ୱାଭିବିକ ହେବ ଜୀବନ ଯାପନ
କରିହୁଏ ନା ତାର କଛି କଳ୍ପନା,,
ସଭିଙ୍କ ମୁହଁରେ ଗୋଟିଏ ସ୍ୱରରେ
କେବେ ଯିବୁ ରେ ତୁ ଏ କୋରୋନା......
ବନ୍ଧୁବାନ୍ଧବ ଙ୍କ ଘରକୁ ବି
ଯିବାକୁ ଲାଗୁଛି ଯେ ଡର,,
କାଳେ କାହାକୁ ହୋଇଥିବ
ଥଣ୍ଡା ,,କାଶ ଓ ଜ୍ୱର......
ସାଙ୍ଗ ସାଥି ବି ଘରକୁ
ପାରୁନାହାନ୍ତି ଯେ ଆସି,,
ମନ କଣ ମୁହଁ ବି ଖୋଲି
କଥା ହୋଇ ପାରୁନୁ ଯେ ଏକାଠି ବସି......
ପରିଶେଷରେ ଏ ପ୍ରକୃତି କୁ
ଯେ ଟିକେ ଆଶ୍ୱସ୍ତି ମିଳଲ୍,,
କନ୍ତୁ କାହା ସହ ବେଶୀ ମିଳାମିଶା ନକରିବା
ଯେ ଏ କୋରୋନା ଶିଖାଇ ଦେଲ୍......

# ତଥାପି ମଣିଷକୁ ଭଲପାଅ



ବିଜ୍ଞାନ ରଞ୍ଜନ ସାହୁ

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ଭି ମରଇ । ମୃତ୍ୟୁ ଚିରନ୍ତନ ଓ ସୁନ୍ଦର ସତ୍ୟ, ଚରାଚର ସଂସାରରେ ଯିଏଭି ଜନ୍ମ ଗ୍ରହଣ କରିଛି ଦିନେ ନା ଦିନେ ମରଣ ସୁନିଶ୍ଚିତ। ଝଡ ଝଞ୍ଜା ଭରା ଜୀବନ ଅଙ୍କାବଙ୍କା ପଥ ହେଲେ ମଣିଷ ଏହାର ପଥ ହରା ବାଟୋଇ ... ଯାତ୍ରାର ଆରମ୍ଭ ଜନ୍ମରୁ ହେଲେ ଶେଷ ହୁଏ ମୃତ୍ୟୁ ହୋଇ । ଗୋଟିଏ ମୃତ୍ୟୁ ପାଇଁ ସାରା ଜୀବନ ଜିଁବାକୁ ପଡେ । ମୃତ୍ୟୁ ଏକ ଚିରନ୍ତନ ସତ୍ୟ ହୋଇଥିଲେ ମଧ୍ୟ ଅହଂକାର ଓ ଆତ୍ମଗର୍ବ ମଣିଷକୁ ଏତେ କବଳିତ କରି ରଖିଥାଏ ଯେ ଜ୍ଞାନ ଓ ବିବେକ ତା ଆଗରେ ହାର ମାନିଯାଏ । କଥା ଏବଂ ବ୍ୟଥାରେ ଭରପୁର ଏଇ ଜୀବନକୁ ମଣିଷ ବୁଝିଲା ବେଳକୁ ଆଉ ସମୟ ନଥାଏ । ବୟସ ବଢିବା ସାଙ୍ଗକୁ କାନ୍ଧରେ ଦାୟିତ୍ୱର ବୋଝେ ବଢ଼ି ବଢ଼ି ଯାଏ । ଶୈଶବରୁ ନିରୀହ ଏବଂ ନିଷ୍ପାପ ହୋଇ ବଢ଼ିଥିବା ବେଳେ ସମୟ ଖେଳରେ କିଏ ବର୍ତ୍ତମାନ କିମ୍ବା ସଇତାନରେ ପରିଣତ ହୁଏ। ଶୂନ୍ୟରେ ଘୁରି ବୁଲୁଥିବା ବିସ୍ମିତ ଦୁନିଆରେ ଇଶ୍ୱର କେତେ ଜାତି ପ୍ରଜାତି ଜୀବଜନ୍ତୁ ସୃଷ୍ଟି କରିଛନ୍ତି। ଏ ସବୁ ସୃଷ୍ଟିର ଶ୍ରେଷ୍ଠ ଓ ଉତ୍କୃଷ୍ଟ ପ୍ରାଣୀ ହେଲା ମଣିଷ । ଇଶ୍ୱର କେବେ କାହାକୁ କେଉଁ ରୂପରେ ସୃଷ୍ଟି କରିଥାନ୍ତି ସେ କଥା କେବଳ ସେ ହିଁ ଜାଣନ୍ତି । ସେଇଥି ପାଇଁତ କିଏ ରାଜ ଉଆସ ଭୋଗ କଲାବେଳେ ଆଉ କିଏ ଏଣେ ତେଣେ ସୁଣ୍ଡିପିଣ୍ଡା ହୋଇ ଭଙ୍ଗା କୁଡିଆରେ ନିଜର ଭାଗ୍ୟ ଲେଖୁଛି । ଆଉ କାହାକୁ ଦୁଇ ଓଳି ଦୁଇ ମୁଠା ଖୁଦ ସ୍ୱପ୍ନ ହେଲା ବେଳେ ଆଉ କିଏ ଖିରି ପୁରୀରେ ପେଟ ଭରୁଛି । ସମସ୍ତେ ହାର ଜିତ୍ ଭୁଲି ଆଶା ଓ ଆଶଙ୍କାରେ ଜୀବନ କୁରୁକ୍ଷେତ୍ରରେ ଲଢ଼ି ବଞ୍ଚି ରହିବାକୁ ବିଭିନ୍ନ ପ୍ରୟାସ ଆପଣେଇଛନ୍ତି ।

ମଣିଷ ଏକ ଜନ୍ତୁ ଧର୍ମ ଅନେକ ଗୀତା ହେଉ କି ଭାଗବତ, ପୁରାଣ, ପୋଥି ଗ୍ରନ୍ଥ କିମ୍ବା ବାଇବେଲ ଆଦି ଧାର୍ମିକ ପୁସ୍ତକ ଧାର୍ମିକ ମହାପୁରୁଷ ମାନଙ୍କ ଦ୍ୱାରା ଲିଖିତ କେବଳ

ମଣିଷର ଶୃଙ୍ଖଳା ଓ ସଂଯମତାକୁ ରକ୍ଷା କରିବାପାଇଁ ଏବଂ ମଣିଷ ମନରେ ତା ଜନ୍ମର ଉଦ୍ଦେଶ୍ୟ ଏବଂ କର୍ତ୍ତବ୍ୟର ମଞ୍ଜି ବୁଣି ଏକ ସୁସ୍ଥ ଓ ଶୃଙ୍ଖଳା ବିଶିଷ୍ଟ ସମାଜର ମାନବୀୟ ପରିବେଶ ସୃଷ୍ଟି କରି ଗଢି ତୋଳିବା ପାଇଁ । କିନ୍ତୁ ଆଧାତ୍ମିକ ଓ ଭକ୍ତିରେ ବନ୍ଧା ଥିବା ମଣିଷ ଯେ ପର୍ଯ୍ୟ  ଦୁନିଆ ଖେଳରେ ଜିତି ଚାଲୁଛି ସେ ପର୍ଯ୍ୟନ୍ତ ସେ ହିଁ ସବୁକିଛି ଭାବୁଛି ଏବଂ ହାରିଗଲା ପରେ ଭଗବାନଙ୍କ ନିକଟରେ ଆତ୍ମ ସମର୍ପଣ କରୁଛି । ବେଳେ ବେଳେ ଏଇ ମଣିଷ ଡାହାଣୀ ହୋଇ ଲାଗେ ଓ ଗୁଣିଆ ହୋଇ ଛାଡ଼ାଏ ମଧ୍ୟ, ବାହାଘର ଭୋଜି ହେଉ କି ଦଶ ଭୋଜି ଏଇ ମଣିଷ କିଞ୍ଚିତେ ଦୁଃଖ ନ କରି ଆନନ୍ଦରେ ଆହାର ଭୁଞ୍ଜି ଥାଏ। ଏଇ ମଣିଷ ନିଜେ ନିଜକୁ ଶାସନ କରିବା ପାଇଁ ତିଆରି କରେ ଆଇନ ଖସଡ଼ା ଓ ନିଜେ ମଧ୍ୟ ଏହାକୁ ଭାଙ୍ଗି ଦିଏ ଏବଂ ଦୋଷ ପାଇଁ ସେ ଦଣ୍ଡ ସୁନିଶ୍ଚିତ ପାଇବ ଜାଣି ମଧ୍ୟ ଭୁଲ୍ ପରେ ଭୁଲ କରିବାକୁ ପଛାଏ ନାହିଁ । ଆଶ୍ଚର୍ଯ୍ୟର କଥା ଗୋଟିଏ ମଣିଷ ଆଉ ଗୋଟେ ମଣିଷ ଉପରେ ହିଁ ଅତ୍ୟାଚାର ଅନ୍ୟାୟ କରେ। ନାରୀ ଶକ୍ତି, ନାରୀ ସୃଷ୍ଟି, ନାରୀ ଶାନ୍ତି ଜାଣି ମଧ୍ୟ ତା ଉପରେ ଅତ୍ୟାଚାର କରେ ଏବଂ ନାରୀଠୁ ସୃଷ୍ଟି ହୋଇ ନାରୀ କୋଳରେ ବଢ଼ି ଆଉ ଏକ ନାରୀକୁ ଦୁନିଆ ଦେଖିବା ପୂର୍ବରୁ ମାରିଦିଏ ।

ସମୟ ଏମିତି ଭି ଥିଲା ଯେତେବେଳେ ଏକୁଟିଆ ନିଛାଟିଆ ରାସ୍ତାରେ ଚାଲି ଗଲା ବେଳେ ଭାରି ଡର ଲାଗୁଥିଲା ଏବଂ ସେହି ସମୟରେ ଯଦି କିଏ ମଣିଷ ଭେଟ ହେଇଯାଉଥିଲା ମନରେ ଅଜସ୍ର ସାହସ ଏକଜୁଟ ହୋଇଯାଉଥିଲା । ପଥହରା ବାଟରେ ଅଜଣା ସାଥିଟେ ପାଇଁ ମନ ବେଶ ଉଲ୍ଲାସିତ ହୋଇ ଉଠୁଥିଲା । କିନ୍ତୁ ଆଜିର ଦିନରେ ଯଦି ଅଜଣା ବାଟରେ କିଏ ଅଜଣା ମଣିଷ ଦେଖାଯାଏ ତେବେ ମନରେ ଢେର ଭୟ ଓ ପ୍ରଶ୍ନ ଉଙ୍କିମାରେ କାଳେ ଚୋର କିମ୍ବା ଡାକୁ ହୋଇନଥିବ ତ ? ରକ୍ଷକ ମଣିଷ ଧୀରେ ଧୀରେ ଭକ୍ଷକ ସାଜିବାରୁ ବିଶ୍ୱାସ ଓ ମାନବିକତା ଧୀରେ ଧୀରେ ଲୋପ ପାଇବାରେ ଲାଗିଛି । ଭାଗବତ ଗୀତା, ଗ୍ରନ୍ଥ, ବେଦ ଓ ବାଇବେଲ ସତ୍ୟ ଓ ଅହିଂସାର ଅସ୍ତ୍ରରେ ବହୁବାର ଆକ୍ରମଣ କଲେ ମଧ୍ୟ ମଣିଷର ଅହଂକାର ଓ କୁବୁଦ୍ଧି ଆଗରେ ହାର ମାନିଯାଉଛି । ଜିବେ ଦୟା ଆମ ପରମ୍ପରା ହୋଇଥିବା ବେଳେ ଆଜି ହତ୍ୟାକାଣ୍ଡ, ଗଣବଳାତ୍କାର ଦିନକୁ ଦିନ ବଢ଼ିଚାଲିଛି । ଏକ ଶକ୍ତ ଧାରୁଆ ଛୁରୀ କେବେବି ଭୟଙ୍କର ହୋଇ ପାରେନା ତାକୁ ଧରିଥିବା ଲୋକର ବୁଦ୍ଧି ହିଁ ଭୟଙ୍କର ହୋଇଥାଏ, ସେ ସେହି ଛୁରିରେ ପରିବା କାଟିବ କିମ୍ବା ମଣିଷ ମାରିବ ତାହା କେବଳ ତା ଉପେରେ ହିଁ ନିର୍ଭର କରେ । ସେଇ ଭଳି ଭାବେ ମଣିଷ ମଧ୍ୟ ଭୟଙ୍କର

ନୁହେଁ ପରିସ୍ଥିତି ଓ ସମାଜ ତାକୁ ଭୟଙ୍କର କରିଦେଇଥାଏ ଏବଂ ଏହା ପିଢ଼ି ପରେ ପିଢ଼ି ବଢିଚାଲେ। ମଣିଷ ଯେତେଭି ଜ୍ଞାନୀ ହୋଇଥିଲେ ମଧ୍ୟ, ଆତ୍ମ ଜ୍ଞାନ ସବୁଠୁ ଶ୍ରେଷ୍ଠ ଏବଂ କାରଣ ଏହା ଆମକୁ ପ୍ରତି ମୂହୁର୍ତ୍ତରେ ଈଶ୍ୱରସତ୍ତା ଅନୁଭବ କରାଏ । କବିବର ରାଧାନାଥ ରାୟଙ୍କ ଭାଷାରେ ଏ ଜୀବନ ନୁହଁଇ ସ୍ଥିର, ସ୍ଥିର ଟି ମରଣ, ମାଟିର ଏ ଘଟ ଦିନେ ମିଶିବ ମାଟିରେ । ଅର୍ଥାତ୍ ମଣିଷ ଜୀବନ ସ୍ଥିର ନୁହେଁ ଏହା କ୍ଷଣଭଙ୍ଗୁର ସମୟର କାଳଚକ୍ରରେ କେବେ ସେ ଜନ୍ମ ହୋଇ ମୃତ୍ୟୁ ଲାଭକରେ ତାହା ତାକୁ ବି ଅଜଣା । କିନ୍ତୁ କେବଳ ନିଜର କର୍ମ ଓ ସମାଜ ପ୍ରତି ସେବା ହିଁ ମଣିଷକୁ ଜୀବିତ ରଖିଥାଏ । ଯାହା ଅମର ହୋଇଥାଏ ଚିରଦିନ ପାଇଁ । କେଉଁଠି ତାଳ ପତ୍ର ପୋଥି ହୋଇ କିମ୍ବା ଲୋକଙ୍କ ମୁଖରେ ଶବ୍ଦ ହୋଇ ଭାସିବୁଲେ। ସ୍ୱାର୍ଥ ତ୍ୟାଗ କରିପାରିଲେ ହିଁ ଆମେ ସମାଜରେ ପରସ୍ପରକୁ ଭଲ ପାଇପାରିବା। କାମନାର ବିନାଶ ହେଲେ ହିଁ ଦୁଃଖର ବିନାଶ ହୁଏ କିନ୍ତୁ ଆଜି ମନୁଷ୍ୟର କାମନାର ଅନ୍ତ ନାହିଁ । ଯେତେ ପାଇଲେ ମଧ୍ୟ ସେ ଅଧିକ ପାଇବା ଆଶାରେ କେଳେବେଳେ ବୁଦ୍ଧି ଓ ବଳ ମାଧ୍ୟମରେ ଅନୈତିକ ମାର୍ଗରେ ଯାଇ ଅଧିକଠୁ ଅଧିକତର ବାସ୍ତୁବାଦି ହୋଇ ପଡୁଛି ସେଥିପାଇଁ ଜୀବନରେ ସବୁଥାଇ ମଧ୍ୟ କେଉଁଠି ନା କେଉଁଠି ଶୂନ୍ୟ ସ୍ଥାନ ରହିଯାଉଛି।

ମଣିଷ ଭିତରେ ଅଦ୍ଭୁତ ଶକ୍ତି ବୁଦ୍ଧି ଜ୍ଞାନ ଓ କୌଶଳ ଖଞ୍ଜି ଦେଇଥିବା ଈଶ୍ୱର ସବୁ ବେଳେ ତା ଠାରୁ ସବୁ ପରିସ୍ଥିତିରେ ଉତ୍କର୍ଷ ହିଁ ଆଶା କରନ୍ତି । ଏ ସୁନ୍ଦର ସୃଷ୍ଟିକୁ ଆହୁରୀ ସୁନ୍ଦର ଏବଂ ସୁଷମ କରିଦେଉ ମଣିଷ ତାହା ହିଁ ସୃଷ୍ଟି କର୍ତ୍ତାଙ୍କ ଇଚ୍ଛା । ହିଂସା, କପଟ ଛାଡ଼ି ପ୍ରେମ କରୁଣା, ଦୟାକୁ ଆଦରି ନେଉ ପିତାମାତାଙ୍କୁ ଭକ୍ତି କରୁ, ଗୁରୁଜନଙ୍କୁ ସମ୍ମାନ କରୁ ଏବଂ ସାନ ମାନଙ୍କୁ ଶ୍ରଦ୍ଧା କରୁ, ଦୁଃଖୀ-ଅସହାୟଙ୍କୁ ସାହାଯ୍ୟ କରୁ, ଆଉ ସମସ୍ତଙ୍କ ଭିତରେ ଭଗବାନଙ୍କୁ ଅର୍ଥାତ୍ ନିଜକୁ ଦେଖୁ ! କାହିଁକି ନା ଏ ଜୀବନ ହେଉଛି ଏକ ମନ୍ଦିର ଆଉ ଏହାର ଦେବତା ନିଜେ ଭଗବାନ ଆମରି ଭିତରେ ଅଛନ୍ତି । ଏଣୁ କ୍ଷଣସ୍ଥାୟୀ ଏଇ ଶରୀରରୁ ଅହଂକାର ତ୍ୟାଗ କରି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ମାନବିକତା ଧର୍ମକୁ ପାଳନ କରିବା, ମାନବ ସେବା ହିଁ ମାଧବ ସେବାର ତାତ୍ପର୍ଯ୍ୟକୁ ବଜାୟ ରଖିବା ମଣିଷର କର୍ମକୁ ଘୃଣା କରିବା ଓ ମଣିଷକୁ ଭଲ ପାଇବା ।

କୃଷି ସ୍ନାତୋତ୍ତର (ମୃତ୍ତିକା ବିଜ୍ଞାନ )
ଓୟୁଏଟି , ଭୁବନେଶ୍ୱର

# ସ୍ମୃତି....



ଶିଶିର କୁମାର ସାମଲ

ସ୍ମୃତି ମୋର ସେଇ          ବାଳକା ବଧୂର
ବେଳାଭୂମି ବାଲି ଘର,
ସାଗର ବେଳାରେ          ନିତି ଗଢୁଥାଏ
ଭାଙ୍ଗୁଥାଏ ବାରବାର ।।
ସଢ଼େଇରେ ଭାତ          ଡ଼ାଲି ତରକାରୀ
ମିଛି-ମିଛିକା ସେ ଖେଳ,
ଜୀବନରେ ମୋର          ଭରିଦିଏ ରଙ୍ଗ
ଲଙ୍ଘିଯାଏ ସିନ୍ଧୁ କୂଳ ।।
ସ୍ମୃତି ମୋର କେବେ          ନିର୍ଜନ ରାତିରେ
ପୂର୍ଣ୍ଣମୀ ଜହ୍ନର ଜୈସ୍ନା,
ଶୁଭ୍ର ଆଲୋକରେ          ଆଲୋକିତ କରେ
ଅତୀତ କୁ କରେ ସାମ୍ନା ।।
ବିଗତ ଦିନର          ଅଭୁଲା ସ୍ମୃତି କୁ
ଝୁରିଝୁରି ଦିନ ସରେ,
ଦୁଃଖ ପରେ ସୁଖ          ବିଧାତା ଲେଖିଛି
ଜିଇଁବି ନୂଆ ଆଶାରେ।।
ସ୍ମୃତି ମୋର ସେହି          ବସନ୍ତ ଋତୁର
ଆମ୍ବ ବଉଳର ବାସ୍ନା,
ଗ୍ରେର୍ ମଳୟରେ          କୋଇଲି ର ସ୍ୱର
ମନେ ଭରିଦିଏ ତୃଷ୍ଣା।।

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର

# ମୁଁ ନଈ ଟିଏ



ଲିପି ମେହେର

ପର୍ବତ ସେପାଖ ପାଦ ଦେଶରୁ
ଝରିଆସୁଅଛି ଟିକ ଝରଣାର ବଳେ
ଅନ୍ତ ମୋର ଅଛି ଯେ
କେଉଁ ଦୂର ମହୋଦଧି ର କୋଳେ।

କେତେ କଣ୍ଟକ, ପଥର ଯେ
ମୋ ଜୀବନ ଚଲା ପଥରେ
ତଥାପି ଲଙ୍ଘି ବନ୍ଧୁର ଗିରି
ପହଞ୍ଚିଯାଏ ମୋ ଲକ୍ଷ୍ୟ ପଥରେ।

ଟିକ ନଈ ଟିଏ ବୋଲି
ଦୁଃଖ ନାଇ ମୋର
କେତେ ପିପାସୀ ମତେ ଦେଖି
କରନ୍ତି ଯେ କେତେ ସ୍ନେହ ଆଦର।

ମୋ ଜଳ ଧାର୍ ବଳେ
ତିଷ୍ଠି ରହିଥାଏ କେତେ ମାନବ ଜୀବନ
ତାହାଙ୍କ ସ୍ନେହ କରୁଣା ପାଇ ମୁଁ ମାଗେ
ଯୁଗ ଯୁଗ ପାଇଁ ରହୁ ଏ ଅତୁଟ ବନ୍ଧନ।

ମୁଁ ବିଚରେ କେବେ ଉଲ୍ଲାସ ସହ
କେଉଁ ଅତିନ୍ଦ୍ରୀୟ ଦେଶରେ

ମନ ମୋର ପ୍ରଜାପତି ସାଜି ଥାଏ
ମଧୁର ପ୍ରଭଞ୍ଜନ କୋହରେ।

ଅନ୍ତ ମୋର ଆନନ୍ଦ ରେ ଯାଏ
ମହୋଦଧି ମାଁ କୋଳରେ
ମାଁ କୋଳରେ ଶୋଇ ଶୋଇ ରହେ
କେଜାଣି କେତେ ସମୟ ର ସୁଅରେ।

ଜୁନାଗଡ଼, କଳାହାଣ୍ଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଶାଶ୍ୱତ ପ୍ରେମ



ମାନସ କୁମାର ରାୟ

ହୃଦୟ ଦରଜା ଖୋଲ୍ ରଖିଦେଇ
ତୁମରି ବାଟକୁ ରହିଛି ଗୃହିଁ,
ଶାନ୍ତି ର ସିନ୍ଦୁର ଲଲାଟେ ଲଗାଇ
ନେଇ ଯାଅ ସାର୍ ଜୀବନ ପାଇଁ ॥
ଜାଣି ମୁଁ ନଥିଲି ସଂସାର କରିବା
ଜୀବନରେ ପାଏ ବହୁତ କଷ୍ଟ,
ପୁଅ, ଝିଅ, ସ୍ତ୍ରୀ ସଭିଙ୍କୁ ଅନାଇ
ନିଜ ସୁଖ ଶାନ୍ତି ହୁଅଇ ନଷ୍ଟ ॥
ଜୀବନଟା ଏକ କାଚ ଘର ପରି
ଆଘାତ ଆସିଲେ ଭଙ୍ଗିସେ ଯାଏ,
ହୃଦୟରେ ଥିବା ସ୍ୱାର୍ଥ ପ୍ରେମ ସବୁ
ନିମିଷକେ ସବୁ ଉଭେଇ ଯାଏ ॥
କାମନା ହାଟରୁ ସ୍ୱାର୍ଥର ସଉଦା
ମଣିଷ କୁ କରେ ବିବେକ ଶୂନ୍ୟ,
ମିଛର ପ୍ରେମକୁ ଆସର୍ କରିକି
ଭାବି ନପାରଇ ପାପ କି ପୁଣ୍ୟ ॥
ମିଛ ସଂପର୍କରବନ୍ଧନ ଭିତରେ
ପରିଚୟ ଭୁଲେ ମଣିଷ ତାର,
ଇନ୍ଦ୍ରିୟ ସୁଖକୁ ଲକ୍ଷ୍ୟ କରିକରି
ଶାଶ୍ୱତ ପ୍ରେମକୁ କରଇ ପର ॥

ସବୁ ବନ୍ଧନରୁ ମୁକ୍ତ କର ପ୍ରଭୁ
ତୁମ ପ୍ରତି ରହୁ ଶାସ୍ୱତ ପ୍ରେମ,
ପାର୍ଥିବ ସୁଖର ମରୀଚକା ଠାରୁ
ଦୂରରେ ରଖିବା ତୁମର କାମ ॥
ଏତିକ ଶକତି ଦିଅ ପ୍ରଭୁ ମୋତେ
ଧନ, ଜନ, ମାନ ନପଡୁ ମନେ,
ତୁମରି ଶରଣେ ସମର୍ପଣ କରି
ମୁକ୍ତି ପାଇଯିଇ ଏଇ ଜୀବନେ ॥

ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଡାଳପକା, ସାହାରପଡା, କେନ୍ଦୁଝର

# ଭିନ୍ନ ଏକ ପ୍ରେମ କଥା



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ଆଜି ଅନମେଶ  ବାବୁ ବହୁତ ବ୍ୟସ୍ତ କାରଣ ସାନପୁଅ ସମୀର ଆଜି ବାଙ୍ଗାଲୋର ରୁ ଘରକୁ ଫେରିଛି, ତା ପାଇଁ ଝିଅ ଦେଖା କାମ ଟି ସାରିବାକୁ ପଡିବ କାଲି । ଏଟା ଖାଲି ଗୋଟେ formality କାରଣ ସମୀର ଓ ଶ୍ୱେତା ଦୁହେଁ ଦୁହିଁଙ୍କୁ ପସନ୍ଦ କରି ସାରିଛନ୍ତି କଲେଜ ରେ ପଢିଲା ଦିନରୁ । ତା ପରଦିନ ସମସ୍ତେ ଶ୍ୱେତା ର ଘରକୁ ବାହାରିଲେ ସେମାନେ କହିଲେ ଅନମେଶ, ପତ୍ନୀ  ଅଞ୍ଜନା ଦେବୀ, ଆଉ ସମୀର । ସେମାନଙ୍କ ବଡ଼ ପୁଅ ବୋହୂ ତ ଦିଲ୍ଲୀ ରେ ରୁହନ୍ତି । ତେବେ ସେମାନେ ସକାଳୁ ସକାଳୁ ବାହାରିଗଲେ କାରଣ 150 km ଯାତ୍ରା କରିବାକୁ ହେବ କାର୍ ରେ । ତେବେ ସମୀର drive କରୁଥାଏ ଏବଂ ଧୀମା ସ୍ୱର ରେ ଗାଡି ରେ ବାଜୁଥାଏ ଅକ୍ଷୟ ମହାନ୍ତି ଙ୍କ ଗୀତ "ନଦୀ ର ନାମ ଅଳସୀ କନ୍ୟା ତୀର ର ନାମ ତନ୍ଦ୍ରା, ଗ୍ରାମ ର ନାମ ସ୍ୱପ୍ନ ପୁରୀ ପ୍ରିୟା ର ନାମ ଚନ୍ଦ୍ରା"। ସମୀର ଗୋଟେ ମୋଡେର୍ଣ ପିଲା ହେଲେ ବି ତାକୁ ସବୁ ପୁରୁଣା ଗୀତ ଶୁଣିବାକୁ ଭଲ ଲାଗେ । ତେବେ ଅନମେଶ ବି ଗୀତ ଭିତରେ ପୁରା ପସିଯାଇଛନ୍ତି । ଅନମେଶ କହୁଥାନ୍ତି ଯେ ଖୋକା ଭାଇ ଜଣେ ବିରଳ ପ୍ରତିଭା, ସମୀର ମଧ କଥା ଯୋଡି କହୁଥାଏ ହଁ ବାପା ସେ ପ୍ରତି ଟି ଶବ୍ଦ ରେ ଜୀବନ ର ଦୃଷ୍ଟି କୋଣ କୁ ଅନୁଭବ କରାନ୍ତି ସ୍ରୋତା ଙ୍କୁ। ଅଞ୍ଜନା ଙ୍କର କିନ୍ତୁ ଏସବୁ ସଙ୍ଗୀତ ଓ କବିତା ପ୍ରତି ବିଶେଷ ଆକର୍ଷଣ ନାହିଁ । ସେ କହି ଉଠିଲେ ଏମିତି ଗୀତ ଶୁଣୁଥିବ ନା ଆମେ ସେଠି କଣ କଥା ହେବା ସେ ବିଷୟ ରେ ବି ଭାବିବ । ଅନମେଶ କହିଲେ ଏଥିରେ ଭାବିବାର କଣ ଅଛି ଏମାନେ ଆଜି କାଲିକା ପିଲା ଆଉ ବହୁତ ସ୍ମାର୍ଟ ଓ ଇଣ୍ଟେଲିଜେଣ୍ଟ ତମେ କଣ ଆଉ ସେ ଗ୍ରେଷେଇ ଜାଣିଛି କ ନାହିଁ ପଚାରିବ ନା କଣ । ଅଞ୍ଜନା କହିଲେ ଆଉ ପଚାରିବିନି? ମୋ ଘର ର ବୋହୂ ହେବ ଯେ ସିଏ ।ଏସବୁ ଘର କରନା ଶିଖିବା ଦରକାର ନା ଆଉ । ଅନମେଶ କହିଲେ ବୁଝିଲ ତମେ ଆଉ ହବନ । ଗ୍ରେଷେଇ ଭଳ

କାର୍ଯ୍ୟ ପୁଅ ଓ ଝିଅ ସମସ୍ତେ ଶିଖିବା ଦରକାର । ଛାଡ଼ ତମକୁ ବୁଝେଇ ଲାଭ କଣ । ଆରେ ସମୀର ଆଉ କେତେ ସମୟ ଲାଗିବ କରେ । ସମୀର କହିଲା ଆଉ ଅଧ ଘଣ୍ଟାଏ ତେବେ ସେମାନେ ପାଖା ପାଖି 11 ଟା ରେ ଶ୍ୱେତା ର ଘରେ ପହଞ୍ଚିଗଲେ । ଶ୍ୱେତା ର ଡାଡି ପରମାନନ୍ଦ ବାବୁ ସେମାନଙ୍କୁ ସ୍ୱାଗତ କରି ପାଛୋଟି ନେଲେ ଘର ଭିତରକୁ । ଘର ତ ସମ୍ଭ୍ରାନ୍ତ ଘର ଭଳି ଲାଗୁଥାଏ ଆଉ ଘର ଟି ବହୁତ ସୁନ୍ଦର ସଜା ହେଇଥାଏ। କଥା ହେଉ ହେଉ ଜାଣିଲେ ଯେ ଶ୍ୱେତା ର ଡାଡି ପରମାନନ୍ଦ ବାବୁ ଜଣେ ରିଟାର୍ଡ ଆର୍ମି ଅଫିସର ଦୁଇ ବର୍ଷ ହେଲା ରିଟାର୍ଡ କଲେଣି । ତାଙ୍କ ପୁଅ ଦେବାଶିଷ ଆମେରିକା ରେ ରହେ । ଘରେ କେବଳ ସ୍ୱାମୀ ସ୍ତ୍ରୀ ଦୁହେଁ ରୁହନ୍ତି ଶ୍ୱେତା ତ ବାଙ୍ଗାଲୋର ରେ ରୁହେ ତେଣୁ ଉପର ଦୁଇ ମହଲା ଭଡା ଲାଗିଛି । ଶ୍ୱେତା ସେମାନଙ୍କ ପାଇଁ ସୁସ୍ୱାଦୁ ଜଳଖିଆ ବନେଇ ଆଣିଲା । ଅନମେଶ ଓ ଅଞ୍ଜନା ପ୍ରଥମ ଥର ପାଇଁ ଶ୍ୱେତା କୁ ଦେଖିଲେ । ଶ୍ୱେତା ଦେଖିବାକୁ ସୁନ୍ଦର ଏବଂ ବ୍ୟବହାର ବହୁତ ଭଲ । ସେ କିଛି ସମୟ ଭିତରେ ଅଞ୍ଜନା ଓ ଅନମେଶ ଙ୍କ ସହ ମିଶିଗଲା । ଶ୍ୱେତା ସମୀର କୁ ଚଢ଼େଇବାକୁ କହିଲା ବୁଝିଲେ ସମୀର ଆପଣ ମାନଙ୍କ ସହ ମୋତେ କଥା କରେଇ ଦେଉ ନଥିଲେ । ବହୁ ଥର ଆପଣ ଦୁହିଁଙ୍କ ସହ କଥା ହେବାକୁ ଚାହିଁଛି ହେଲେ ଏ କରେଇ ଦିଅନ୍ତିନ । ଅଞ୍ଜନା ସମୀର ର କାନ ଧରି କହିଲେ ଆରେ ଏ ବଦମାସ ଏତେ ଅଭିଯୋଗ ତୋ ନାଁ ରେ ତୁ ମୋ ବୋହୁ କୁ ମୋ ସହ କଥା କରାଉନଥିଲୁ। ଏସବୁ ଭିତରେ ଅନମେଶ ଶ୍ୱେତା କୁ ଦେଖୁଥିଲେ ଆଉ ତା ଭିତରେ ଦେଖୁଥିଲେ ଗୋଟେ ପ୍ରଗଲ୍ଭା କିଶୋରୀ କୁ ।ସତେ ଯେମିତି ସେ କାହାର ମୁହଁ ଟିକୁ ଛଡେଇ ଆଣିଛି । ବିସ୍ମୃତି ର ଗହ୍ୱର ତଳେ ଚିର ନିଦ୍ରା ରେ ସୋଇଯାଇଥିବା ସ୍ମୃତି କାହିଁକି କେଜାଣି ଆଜି ଜୀବନ୍ୟାସ ପାଇବାକୁ ଚେଷ୍ଟା କରୁଛି ।

ଅଞ୍ଜନା ଙ୍କ ଡାକ ରେ ପ୍ରକୃସ୍ଥିତ ହୁଅନ୍ତି ଅନମେଶ । କୁଆଡେ ହଜିଗଲ ଯେ କହି ଅଞ୍ଜନା ଅନମେଶ ଙ୍କ ଭାବନା ର ସ୍ରୋତ କୁ ବ୍ରେକ ଦେଲେ । ସମୁଦୁଣୀ ଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ ଅଞ୍ଜନା ଦେବୀ । ଅରୁ ଅରୁ ବୋଲି ଡାକଲେ ପରମାନନ୍ଦ ବାବୁ । ଅନମେଶ ଙ୍କୁ ଦେଖି କିଛି କ୍ଷଣ ଅପଲକ ନୟନ ରେ ଚାହିଁ ରହିଲେ ଅରୁଣୀମା । ଦୀର୍ଘ 35 ବର୍ଷ ପରେ ଅନମେଶ ଙ୍କୁ ଦେଖୁଥିଲେ ଅରୁଣୀମା । ଅନମେଶ ମଧ୍ୟ ଚହ୍ନିବାରେ

କୌଣସି ଭୁଲ କରିନଥିଲେ ଅରୁଣୀମାଙ୍କୁ । ଅରୁଣୀମା ଥିଲେ ଅନମେଶ ଙ୍କ କଲେଜ ଜୀବନ ର ସବୁଠୁ ଘନିଷ୍ଠ ବାନ୍ଧବୀ । ସେ ତାକୁ ଚହ୍ନିବେନ କେମିତି? ଅନମେଶ ଭାବୁଥାନ୍ତି ଶ୍ୱେତା ତାହେଲେ ଅରୁଣୀମା ର ଝିଅ । ଅରୁଣୀମା ! ପ୍ରଫେସର ଅନମେଶ ମିଶ୍ର ।ପଦାର୍ଥ ବିଜ୍ଞାନ ର ଥେଓରୀ କୁ ଯେତେ ପ୍ରାଞ୍ଜଳ ଭାବେ ବୁଝାଇ ପାରୁଥିଲେ ଅରୁଣୀମା ତାଙ୍କ ବୁଝିବା ସାମର୍ଥ୍ୟ ର ବାହାରେ ସବୁବେଳେ ରହି ଆସିଛନ୍ତି । କଲେଜ ଜୀବନ ରେ ତାଙ୍କର କେତେ ଦୁଃଖ ସୁଖ ହସ ଲୁହ ର ସାକ୍ଷୀ ହେଉଛନ୍ତି ଏଇ ଅରୁଣୀମା । ତା ଛଡା ସେ କେବଳ ତାଙ୍କର ନୁହନ୍ତି ଶ୍ରୀମୟୀ ର ବି ପ୍ରିୟ ବାନ୍ଧବୀ। ତେବେ ସେଠି ଅରୁଣୀମା ଙ୍କ ସହ କଥା ହେବାକୁ ଉଚତ ମନେ କଲେନ । ପାରମାନନ୍ଦ ବାବୁ ସମସ୍ତଙ୍କୁ ମଧ୍ୟାନ ଭୋଜନ ପାଇଁ dining କୁ ଡାକଲେ । ଅରୁଣୀମା ଅନମେଶ ଙ୍କ ମନ ପସନ୍ଦ ର କ୍ଷୀରି ବନେଇଥାନ୍ତି । ଅନମେଶ ଙ୍କୁ ବହୁତ ଦିନ ପରେ ଏମିତି ଅରୁଣୀମା ଙ୍କ ହାତ ତିଆରି ଖାଦ୍ୟ ମିଳଲା। ତେବେ ସମସ୍ତେ ନଜ ନଜ ଭିତରେ ହସ ଖୁସି ରେ କଥା ହେଲା ବେଳେ କେବଳ ଦୁଇ ଜଣ ଥାନ୍ତି ନୀରବ ଓ ନସ୍ତବ୍ଧ । ଶ୍ୱେତା କହିଲା ଓଃ ଓଃ ମାମା ତମେ କୁଆଡେ ହଜିଗଲ ଯେ । ତେବେ ଅରୁଣୀମା ଭାବନା ରାଜ୍ୟ ରୁ ଫେରି ଆସିଲେ । ତେବେ ସେଦିନ କଥା ବାର୍ତ୍ତା ସାରି ସେମାନେ ଫେରି ଆସିଲେ ଘରକୁ । ବାଟ ସାରା ନରବ ରେ ବସିଥାନ୍ତି ଅନମେଶ । ଶ୍ୱେତା ର ଘରକୁ ଯିବା ବେଳେ ଯୋଉ ଖୁସି ଥିଲା ଏବେ କନ୍ତୁ ତାହା କେଉଁ ସ୍ମୃତି ମିଶ୍ରିତ ଭାବନା ରେ ରୂପାନ୍ତରିତ ହେଇ ସାରିଛି । କାର ରେ ବାଜୁଥିବା ଧୀମା ସ୍ୱର ର ସଙ୍ଗୀତ ବି ଆଜି ତାଙ୍କ କାନ ରେ ପଡୁନ ସେ ଫେରି ଯାଉଥିଲେ **35** ବର୍ଷ ତଳ ର ଅତୀତ କୁ ଯେଉଁଠି ଥିଲେ ଅନମେଶ, ଶ୍ରୀମୟୀ ଆଉ ଅରୁଣୀମା । ଆଉ କଲେଜ ଜୀବନ ର ଚପଳତା ଏସବୁ ତାଙ୍କର ସତ୍ତା କୁ ଆବୋରି ବସିଥାଏ ।ସେପଟେ ଅରୁଣୀମା ମଧ୍ୟ ଫେରୁଥାନ୍ତି ଅତୀତ କୁ । ତେବେ ଘଟଣା ଟି ଥିଲା ଏହିପରି । ଅନମେଶ, ଅରୁଣୀମା ଓ ଶ୍ରୀମୟୀ ଥିଲେ ଗ୍ରାଜୁଏସନ ସମୟ ର ସହପାଠୀ। ଅନମେଶ ଥିଲେ ଜଣେ ମେଧାବୀ, ପ୍ରତିଭାବାନ ଛାତ୍ର ତା ସହ ଅତ୍ୟନ୍ତ ଭଦ୍ର ଓ ନମ୍ର ବି ଆଉ ବହୁତ ପରୋପକାରୀ । ଏସବୁ ଦେଖି ଅରୁଣୀମା ଅନମେଶ ଙ୍କ ଆଡକୁ ଆକର୍ଷିତ ହୁଅନ୍ତି । ଏମିତି କଛି ଦିନ ବିତିଯାଏ। ଅରୁଣୀମା ଅନମେଶ ଙ୍କୁ କଛି କହିପାରି ନାହାନ୍ତି ।, ତେବେ ସେ ଅନମେଶ ଙ୍କ ଭଲ ବାନ୍ଧବୀ ଥିଲେ । ଏହି ସମୟ ରେ ଅନମେଶ ଶ୍ରୀମୟୀ ଙ୍କ ପ୍ରେମ ରେ ପଡନ୍ତି । ଦୁହେଁ

ଦୁହିଁଙ୍କୁ ମନ ଦେଇ ବସନ୍ତି । ଶ୍ରୀମୟୀ ଥିଲ୍ ଅରୁଣୀମା ଙ୍କ ଅତି ପ୍ରିୟତମ ବାନ୍ଧବୀ। ଅରୁଣୀମା ନିଜ ମନ କଥା କୁ ନିଜ ଭିତରେ ସମାଧି ଦେଇଦେଲେ ଆଉ ଆଉ କେବେ ବି ପ୍ରକାଶ କରିବାକୁ ଗ୍ଚହିଁନାହାନ୍ତି । ସେ ଶ୍ରୀମୟୀ ଓ ଅନିମେଶ ଙ୍କ ଖୁସି ରେ ଖୁସି ହୁଅନ୍ତି ଓ ତାଙ୍କ ଦୁଃଖ ରେ ଦୁଖୀ । ଶ୍ରୀମୟୀ ଓ ଅନିମେଶ ଙ୍କ ଭିତରେ ହେଉଥିବା ମତାନ୍ତର ମନାନ୍ତର କୁ ଅରୁଣୀମା ସମାଧାନ କରିଦିଅନ୍ତି । କଲେଜ ରେ ଅଧିକାଂଶ ସମୟ ରେ ସେ ତିନି ଜଣ ଙ୍କୁ ସାଙ୍ଗରେ ଦେଖିବାକୁ ମିଳେ । ଅନିମେଶ ଅରୁଣୀମା ଙ୍କ ପାଖେ ନିଜକୁ ବହୁତ ସହଜ ମନେ କରନ୍ତି ଓ ସବୁ ସୁଖ ଦୁଃଖ ବାଂଟନ୍ତି । ଶ୍ରୀମୟୀ ଓ ଅନିମେଶଙ୍କ ମଧ୍ୟରେ ବହୁତ ଭଲପାଇବା ଥାଏ ଦୁହେଁ ଦୁହିଁଙ୍କୁ ଦିନେ ନଦେଖିଲେ ରହିପାରୁ ନଥିଲେ । ଶ୍ରୀମୟୀ ଙ୍କୁ ଦିନେ ନଦେଖିଲେ ଅନିମେଶ ଙ୍କୁ ଗୋଟେ ଯୁଗ ପରି ଲ୍ଗେ । ଶ୍ରୀମୟୀ ଓ ଅରୁଣୀମା ପିଲ୍ ଦିନ ର ସାଙ୍ଗ । ଗ୍ରାଜୁଏସନ ପରେ ଅରୁଣୀମା ଓ ଅନିମେଶ ଗୋଟିଏ ଉନିଭେର୍ସିଟି ରେ ପିଜି କଲେ । କିନ୍ତୁ ଶ୍ରୀମୟୀ ଦିଲ୍ଲୀ ଗ୍ଚଲିଗଲ୍, ଅରୁଣୀମା ଠାରୁ ଶ୍ରୀମୟୀ ଙ୍କ ସବୁ ଖବର ରଖୁଥାନ୍ତି ଅନିମେଶ । କିନ୍ତୁ ଅରୁଣୀମା ଏ ଦୁହିଁଙ୍କୁ ଖୁସି ରେ ଦେଖି ନିଜେ ଖୁସି ହେଉଥାନ୍ତି । ଅନିମେଶ ଙ୍କୁ ସବୁବେଳେ ନିଜ ପାଖରେ ପାଇ ମଧ୍ଯ କେବେ ବି ନିଜ ମନ କଥା କହିବାକୁ କେବେ ଚିନ୍ତା କରି ନାହାନ୍ତି ତାହା ଶ୍ରୀମୟୀ ପ୍ରତି ଅନ୍ୟାୟ ହେବ ଭ୍ବି। ଅନିମେଶଙ୍କ କଥା ଭ୍ବି ସେ କେତେ ର୍ତି ଯେ ନିଦ୍ରା ହୀନ ହେଇ କାଟିଛନ୍ତି ସେ ହିଁ ଜାଣନ୍ତି , ଅନିମେଶ ଙ୍କ ଟିକିଏ ବି ଦେହ ଖର୍ପ ହେଲେ ସେ ତାଙ୍କର ମା, ବୁଢ଼ୀମା, ଭଉଣୀ ସବୁ ପାଲଟି ଯାଆନ୍ତି। ସେପଟେ ଶ୍ରୀମୟୀ ଙ୍କ ବିବାହ ପାଇଁ ଅନେକ ଗୁଡିଏ ପ୍ରସ୍ତାବ ଆସୁଥାଏ ଶ୍ରୀମୟୀ ଅନିମେଶ ଙ୍କୁ ବାଧ୍ଯ କରୁଥାନ୍ତି ଯେ ତାଙ୍କ ଘରକୁ ପ୍ରସ୍ତାବ ନେଇକି ଯିବାକୁ । କିନ୍ତୁ ଅନିମେଶ ତ ସେତେବେଳେ ପିଜି ଶେଷ ବର୍ଷ ର ଛାତ୍ର ଏବଂ ଆତ୍ମ ନିର୍ଭରଶୀଳ ହେଇନାହାନ୍ତି କେମିତି ଯାଇ ଶ୍ରୀମୟୀ ଙ୍କ ହାତ ମାଗି ପାରିବେ ।

ଏମିତି ପାରିବାରିକ ଗ୍ଚପ ରେ ଶ୍ରୀମୟୀ ଙ୍କ ନିର୍ବନ୍ଧ ବି ହେଇ ଗଲ୍ ଅନ୍ୟ କାହା ସହ । ଅନିମେଶ ଅରୁଣୀମା ଙ୍କ ପାପୁଲି ରେ କେତେ ଯେ ଲୁହ ଢାଳିଛନ୍ତି ତାହା ସେ ହିଁ ଜାଣନ୍ତି । ଅରୁଣୀମା ଶ୍ରୀମୟୀ କୁ ଓ ତାଙ୍କ ଘରେ ବୁଝେଇ ବୁଝେଇ ଥକିଗଲେ ବି କୌଣସି ସୁଫଳ ମିଳିଲ୍ନି। ଅନିମେଶଙ୍କ ଭଳି ଜଣେ ମେଧାବୀ ଛାତ୍ର ର ଭବିଷ୍ୟତ ଯେ ଏଠି ପାଇଁ ନଷ୍ଟ ନ

ହେଉ ସେ କଥା ଚନ୍ତା କରି ତାଙ୍କର ଭାଙ୍ଗିଯାଇଥିବା ହୃଦୟ କୁ ଯୋଡିବାକୁ ବହୁ ଚେଷ୍ଟା କରିଥିଲେ । ଏମିତି ରେ ପିଜି ଶେଷ ହେଇଗଲା କଲେଜ ରେ ଶେଷ ଦିନ ରେ ନଜ ଲୁହ କୁ ଅଟକାଇ ପାରି ନଥିଲେ ଅରୁଣୀମା ।ଅନମେଶଙ୍କ ଛାତି ଉପରେ ନଜର ସବୁ ଲୁହ ଅଜାଡି ଦେଉଥିଲେ । କଲେଜ ସରିବା ପରେ ଶ୍ରୀମୟୀ ର ତ କଛି ଖବର ଆସିନ କନ୍ତୁ କଛି ଦିନ ପର୍ଯ୍ୟନ୍ତ ଅରୁଣୀମା ଙ୍କ ଚଠି ଆସୁଥିଲା । କାଳ କ୍ରମେ ତାହା ବି କେବେ ବନ୍ଦ ହେଇଗଲା ।ସେକଥା ଅନମେଶ ବି ମନେ ପକେଇ ପାରୁ ନଥାନ୍ତି ।

ସେ ପ୍ରକୃସ୍ଥିତ ହେଲେ ଯେତେବେଳେ ଗାଡି ଘର ଗେଟ ପାଖେ ପହଁଚଲା । ଏମିତି କଛିଦିନ ପରେ ସେ ଅରୁଣୀମାଙ୍କୁ ଭେଟିବାକୁ ଗ୍ଚହିଁଲେ । ଶ୍ୱେତା ଠାରୁ ଅରୁଣୀମା ଙ୍କ ନମ୍ବର ଆଣି ତାଙ୍କୁ ଫୋନ କରି କହିଲେ ଯେ ସେ ଭେଟିବାକୁ ଚଂହାନ୍ତି ବୋଲି ଅରୁଣୀମା ମଧ ସମ୍ମତି ପ୍ରଦାନ କଲେ ଅରୁଣୀମା ରହୁଥିବା ସହର ରେ ଗୋଟେ ପାର୍କ ରେ ଦେଖା ହେବା ସ୍ଥିର ହେଲା । ଜଣେ ବନ୍ଧୁ ଙ୍କ ଘରକୁ ଯାଉଛନ୍ତି କହି ଅନମେଶ ଆସି ପହଁଚଲେ ସେଠି । ଅପେକ୍ଷା କରିଥିଲେ ଅରୁଣୀମା । ଅରୁଣୀମା କହିଲେ ଆନମେଶ ତମେ ଜମା ବି ବଦଳନ। ତମ ସହ କେବେ ଏ ଜନ୍ମ ରେ ଦେଖା ହେବ ବୋଲି କେବେ ଭାବିନଥିଲି । ଅନମେଶ ବି ଅତୀତ ର ପୃଷ୍ଠା ଓଲଟାଉ ଥାନ୍ତି । ଭାବୁଥିଲେ ପଚ୍ଚରି ଦେବେ କ ଶ୍ରୀମୟୀ ର କଥା! କନ୍ତୁ ତାଙ୍କର ବୟସ ସେକଥା ପଚ୍ଚରିବାକୁ ସଙ୍କୋଚ କରୁଥିଲା । ବୟସ ର ଅପରାହ୍ନ ରେ ପୁଣି ପ୍ରେୟସୀ ର କଥା । କନ୍ତୁ ଅରୁଣୀମା ତାଙ୍କ ଆଡୁ କହିଲେ ଆଉ ଶ୍ରୀମୟୀ କଥା ପଚ୍ଚରିବନ ଅନମେଶ ! ସେଇ ଶ୍ରୀମୟୀ ଯିଏ ତୁମକୁ ଏତେ ଭଲ ପାଉଥିଲା । ଅନମେଶ ହଠାତ କହିଦେଲେ କେବଳ ଶ୍ରୀମୟୀ ନୁହେଁ ଅରୁଣୀମା ବି ମୋତେ ବହୁତ ଭଲ ପାଉ ଥିଲେ । କଣ ପାଇଁ ତୁମେ ଏକଥା ଲୁଚେଇଥିଲ ଅରୁଣୀମା ? ତମେ ବି କଣ କେବେ ପଚ୍ଚରିଛ ଯେ କହି ଉଠିଲେ ଅରୁଣୀମା । ଛାଡ଼ ଅନମେଶ ଏବେ ତ ତାହା ଇତିହାସ । ଆଉ ଶ୍ରୀମୟୀ? ପଚ୍ଚରିଲେ ଅନମେଶ । ଅରୁଣୀମା କହିଲେ ଅନମେଶ, ଯେଉଁ ଶ୍ୱେତା ତୁମ ଘର ର ବୋହୁ ହେବାକୁ ଯାଉଛି ସିଏ ଶ୍ରୀମୟୀ ର ଝିଅ । ଅନମେଶ କହିଲେ ତୁମେ ଏ କଣ କହୁଛ? ଅରୁଣୀମା କହିଲେ ଶ୍ରୀମୟୀ ର ବିବାହ ଆର୍ମି ଅଫିସର ପରମାନନ୍ଦ ଙ୍କ ସହ ହେଇଥିଲା । ଶ୍ୱେତା କୁ ଯେତେବେଳେ ଦୁଇ ବର୍ଷ ସେତେବେଳେ

ଶ୍ରୀମୟୀ ବ୍ଲଡ଼ କ୍ୟାନ୍ସର ରେ ପୀଡିତ ଥିଲ୍ । ଶ୍ୱେତା ଓ ତା ବଡ଼ଭାଇ ବହୁତ ଛୋଟ ଥିଲେ ଦିନେ ହଠାତ ମୋତେ ଶ୍ରୀମୟୀ ର ଖବର ଆସିଲ୍ ହସ୍ପିଟାଲରେ ଥିଲ୍ ସେ । ମୁଁ ତା ପାଖକୁ ଗଲି ସେ ଆସନ୍ନ ମୃତ୍ୟୁକୁ ଜାଣି ସାରିଥିଲ୍ ସେ ତୁମକୁ ବି ଦେଖିବାକୁ ବହୁତ ଚ୍ହିଁଥିଲ୍ କନ୍ତୁ ତୁମ ଖବର କାହା ପାଖେ ନଥିଲ୍ । ସେ ମୋତେ ଶ୍ୱେତା ଓ ଦେବାଶିଷ ର ମା ହେବାକୁ କାନ୍ଦି କାନ୍ଦି ଅନୁରୋଧ କରିଥିଲ୍ ଓ ପରମାନନ୍ଦ ଙ୍କୁ ବିବାହ କରିବାକୁ ବି । ଯାହାର ଖୁସି ପାଇଁ ମୁଁ ଏତେ ତ୍ୟାଗ କରିଛି ଟେ ମୃତ୍ୟ ଶଯ୍ୟା ରେ ଦେଇଥିବା କଥା ମୁଁ କେମିତି ନ ରଖିବି । ସେଥିପାଇଁ ମୁଁ କେବେ ମା ହେବାକୁ ଇଛା କରିନ କନ୍ତୁ ଦେବାଶିଷ ଓ ଶ୍ୱେତା ର ମା ହେଇ ରହିଛି । ଅନମେଶ ସ୍ଥାଣୁ ହୋଇ ଏସବୁ ଶୁଣୁଥିଲେ କେତେବେଳେ ଲୁହ ରେ ତାଙ୍କର ଗାଲ ଭିଜି ଯାଇଛି ସେ ବି ଜାଣି ନଥିଲେ । ଅରୁଣୀମା ତମେ ମଣିଷ ନା ଦେବୀ? ନାଁ ଅରୁଣୀମା ନୁହେଁ ସମୁଦୁଣୀ କୁହ ମୋ ଝିଅ ତୁମ ଘର ବୋହୂ ହେବ ଯେ । ଏବେ ସେ ଦୁହେଁ ହସୁଥିଲେ ।

**(ଏ କାହାଣୀ ତ ଅରୁଣୀମା, ଅନମେଶ ଆଉ ଶ୍ରୀମୟୀ ଙ୍କର, ଆଉ ଆପଣଙ୍କ ଜୀବନ ରେ ବି କଣ ସେମିତି କଛି କାହାଣୀ ଅଛି?)**

# ଲୋଡା ନାହିଁ ଶ୍ରମହୀନ ଶତାବ୍ଦୀ ଜୀବନ



ମନୋଜ କୁମ୍ଭାର

ଦୁଃଖ ନାହିଁ ମନେ କଛି
ଯଦି ବି ମୋ ଭଗ୍ୟରେ ସୁଖର ପାହାଚ ନାହିଁ ।
କଷ୍ଟ ନାହିଁ ମନେ କଛି
ଯଦି ବି ମୋ ଜୀବନେ ବିଳାସର ମହକ ନାହିଁ ।।
ଲୁହ ନାହିଁ ବହିବାକୁ କଛି
ଯଦି ବି ହସ୍ଇବାକୁ ମୋ ପାଖେ କଛି ନାହିଁ ।।
ସ୍ଗ ନାହିଁ ମନେ କଛି
ଯଦି ବି ମୋ ହୃଦୟରେ ନୀରବତା ନାହିଁ ।।
ମାତ୍ର ଦ୍ୱନ୍ଦ ଏ ମୋ ନରୁତ୍ତର ଜୀବନ
ହସ କ ଲୁହରେ ବିତିବ ଦିନ ।।
ଲିଳାମୟ ହେ ଏ କ ଅବୁଝା ନାଟ
ବୟସର ଅଧା ବାଟ,
ଜୀବନରେ ମୋ ନଆସ୍ ବିପ୍ଲବ ଅଝଟ,
କାହିଁକ **?** କେମିତି ଯେ **?** ଏ ଜୀବନେ ଶ୍ରମର ଅଳପ ଭେଟ ।।
ଏ ଦୁର୍ଲଭ ଜୀବନ ବଞ୍ଚିବିନ ହୋଇ ଶ୍ରମହୀନ,
ଶ୍ରମ ମୋ ଅର୍ଥ ଜୀବନର ହେଉ ନଦହୀନ ସପନ ।।
ଶ୍ରମସିକ୍ତ ହେଉ ସାସ୍ ମୂହୁର୍ତ୍ତ ମୋ ବିକଳ ନବେଦନ,
ଲୋଡା ନାହିଁ ଶ୍ରମହୀନ ଶତାବ୍ଦୀ ଜୀବନ ।।

ସାନ ଫାସଡ, ବଲ୍ଙ୍ଗୀର

# ବଧୂ



ପ୍ରକାଶ ମେହେର

ଝିଅ ଟିଏ ଦେଖ   ଅତି ଶୋଭନୀୟ
ସତେ ଯେ ପଦ୍ମ ପରି
ମାତା ପିତା ଠାରେ   କେତେ ସଉଗରେ
କରିଥାଏ ଅଳ ଅର୍ଦ୍ଦଳ ।

ବାଲ୍ୟ କାଳୁ ତାକୁ   ସ୍ନେହ ଶ୍ରଦ୍ଧାଦେଇ
ପାଳଥାନ୍ତି ଯତ୍ନ କରି
ଅପାସୋର୍ ତାର   ମା ମା ଡାକ
ଶୁଭୁ ଥାଏ ପ୍ରତି କ୍ଷଣି ।

ବଡ଼ ହେଲେ ଝିଅ   ଦୂରେ ଗୁଳ ଯାଏ
ବାପା ମା'ଙ୍କୁ ପର କରି
ଶଶ୍ୱର ଘରେ ସେ   ସ୍ୱାମୀ  ସଙ୍ଗେ ରୁହେ
ଶାଶୁ ଶ୍ୱଶୁରଙ୍କ ସେବା କରି ।

ଘରକୁ ସଜାଡେ   ଶ୍ରୀ ମନ୍ଦିର ପରି
ଦେଇ ମମତାର ଭୂଷ
ବହୁ ହାତେ ଥାଏ   ସୁନାର ଖଡିକା
ଘରେ ରହେ ଶାନ୍ତି ବାସ ।

ମାନ ଅଭିମାନ    ପାଖକୁ ମାଡ଼େ ନ
  ସଭିଙ୍କ ହୃଦୟେ କରେ ଘର
ସ୍ୱାମୀଙ୍କୁ ନଜର    କରି ନେଇଥାଏ
  ଦେଇ ଭକ୍ତି ପ୍ରେମ ଆସର ।

ବଧୂର ସିନ୍ଦୂର    ନିତି ଝଲସୁ ଥାଏ
  ସ୍ୱାମୀ ହେଲେ ହସ ହସ
ପାଖରେ ତାଙ୍କର   ନିତି ରଖି ଥାନ୍ତି
  ପ୍ରିତି ଦେଇ ଅସୀମିତ ।

ସ୍ୱାମୀ ସ୍ତ୍ରୀ ଦୁହେଁ    ଶୁଆ ଶାରୀ ଯେହ୍ନେ
  ନାହିଁ ସେଠି ବାଦ ବିବାଦ
ପରର ଝିଅ ଟିଏ    ବଧୂ ଟିଏ ଏ ସିନା
  ଘରକୁ କରେ ସୁନା ଉଆସ ।

ଜଗ୍‌ସିଂହା, କୁଲିଆବାହାଲ

# ପ୍ରିୟା



ସଞ୍ଜୟ କୁମାର ତ୍ରିପାଠୀ

ମୋ ଅନ୍ତର ସତେ ଦେଖୀ କ ପାରନ୍ତ
କେତେ ଲୁହ କୋହ ଭରା...

ମୋ ହୃଦ-ମହଲ ବୁଲିକ ଯାଆନ୍ତ
ତୁମ ସ୍ମୃତି ସବୁ ଭରା ।

ମୋ ଆଖିରୁ ସତେ ବୁଝିକ ପାରନ୍ତ
ଜ୍ୱଳନ ହୃଦ ବକ୍ଷର

ମୋ ଆତ୍ମା ରୁ ସତେ ସୁଣିକ ପାରନ୍ତ
ବେଦନା ସେ ଅତୀତର ।

ବୋଧହୁଏ ହୁଏ ଆଉ ସେଇ ଜହ୍ନ ନାହିଁ
କୁମାର ପୂର୍ଣ୍ଣିମା ରାତି

ଆଉ ବୋଧେ ସେଇ ଯୌବନ ନାହିଁ
ଉଚ୍ଛୁଳା ଭରା ପିରତି ।

ଅଛି ଜଦି ଖାଲି ଶେଷ ର ନିଃଶ୍ୱାସ
ତୁମ ପାଦ ଚଲା ବାଲି

ସାଇତିଛି ଯଦି ଖାଲି ସେ ବାସନା
ତୁମେ ଆସିବ ଆସିବ ବୋଲି....

ପ୍ରିୟ
ତୁମେ ଆସିବ ଆସିବ ବୋଲି ।

ଯାନ୍ତ୍ରିକ ଯନ୍ତ୍ରୀ
ଦିଲ୍ଲୀ

# ଅଣୁଗଳ୍ପ- ଗୋଲାପି ତୁଳୀ



ରୁଦ୍ର ନାରାୟଣ ଦାଶ

ବାରବାର ଦେଖୁଥିଲେ ଆଇନାକୁ। କେଜାଣି କାହିଁକି ମୁହଁର ଭାବ ଅବା ମୁହଁର ରଙ୍ଗର ପରିବର୍ତ୍ତନ ଅବା ଶୀଥିଳତାକୁ ପରଖୁଥିଲେ ନଜର, କାଚର ସେପଟ ପାଖେ ଥିବା ତାଙ୍କ ପ୍ରତିଛାୟାର ଅତି ପାଖକୁ ଯାଇ। ହଁ, ସେ ଅତି ପାଖକୁ ଯାଇ ମୁହଁରେ ପଡ଼ିଥିବା ପ୍ରତି ଧାଡ଼ି ଆଉ ସେଥିରେ ଖୋଦିତ କିଛି ଅଦେଖା ଲେଖାକୁ ପଢୁଥିଲେ। ପଢୁଥିଲେ ନା ଖୋଜୁଥିଲେ ଲିଭିଯାଇଥିବା ସେହି ଗୋଲାପୀ ତୁଳୀର ସ୍ପର୍ଶକୁ ତାଙ୍କ ସେ ଚିକ୍କଣ ଗାଲ ଉପରେ। ଦୀର୍ଘ ବର୍ଷ ପରେ କ୍ଷୌର ହୋଇଯାଇଥିଲେ ସେଲୁନ୍ ରେ। ବୋଧହୁଏ ଏତେ ବର୍ଷ ପରେ ଗାଲରେ ଲାଗିଥିବା ସେହି ଧଳା କ୍ରିମ୍ ଯେମିତି ଧୌତ କରିଦେଇଥିଲା ତାଙ୍କ ପ୍ରେୟସୀର ସେହି ଗୋଲାପି ଦାଗକୁ ଯାହା ଶପଥ ଭାବେ ଲେଖାହୋଇଥିଲା।

ତଥାପି ସେ ପରଖୁଥିଲେ  ଗାଲକୁ। ହଠାତ ଆଖି ପଡ଼ିଗଲା ପଢ଼ା ଟେବୁଲ ଉପରେ ସେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋଟା ଉପରେ। ସେମିତି ଜକଜକ କରୁଛି ସେ ଫଟୋ ଆଉ ଆଜିବି ସେମିତି ତାଜା ଅଛି ସେଥିରେ ଛପି ଯାଇଥିବା ସୋଲାନକାର ଗୋଲାପି ଓଠର ସ୍ପର୍ଶ ତାଙ୍କ ଗାଲରେ ସେହି ବେକସପ୍ ରେ ତାଙ୍କ ତେଇଶିତମ ଜନ୍ମଦିନରେ ଯାହା ଆଜିକୁ ଚ଼ବିଶ ବର୍ଷ ବିତିଗଲାଣି, ମାତ୍ର; ଆଜି ବି ସେ ତାଜା ଅଛି ଗୋଲାପୀ ରଙ୍ଗରେ ରଙ୍ଗେଇ ହୋଇଥିବା ସତେଜ ଗୋଲାପ ପରି.....।।

ଭୁବନେଶ୍ୱର

# ଏଇ କ'ଣ ସହର?



ମାଧବ ଠେଲ୍

ଏ କ ଦୃଶ୍ୟ ସକାଳର
ନୀଳ ଆକାଶ ପରିବର୍ତ୍ତେ ଆକାଶ ଦିଶେ ଧୂଆଁଳିଆ
କୋଇଲିର କୁହୁକନ ସ୍ୱର ପରିବର୍ତ୍ତେ ସୁଭେ ଗାଡ଼ି ମଟର ଆବାଜ
ଏଇ କ'ଣ ସହର?
ଗାଁ ଗହଳରେ ଗଛପତ୍ର ଗହଳରେ ଜହ୍ନ ଖେଳେ ଲୁଚକାଳି
ହେଲେ ଏଠି ମର୍କୁରୀ ଲାଇଟରେ ଜହ୍ନ ଖେଳେ ଲୁଚକାଳି
ଗାଁରେ ବର୍ଷା ପରେ ଖରା କେଡେ ସୁନ୍ଦର
ଗାଁରେ ଝିପି ଝିପି ବର୍ଷା କ ମନମୁଗ୍ଧକର
ଏଠି ସୂର୍ଯ୍ୟ ପ୍ରାଣହୀନ ବର୍ଷା ଛନ୍ଦହୀନ
ନାହିଁ ପୁଣି ବସନ୍ତର ମୃଦୁ ପବନ
ଏଇ କ'ଣ ସହର?
ସହର ଜଳୁଛି ଜଳୁଛି ଯନ୍ତ୍ରଣା ଜୁଇରେ
ମଣିଷ ଜଳୁଛି ଜଳୁଛି ଧାଁ ଧଉଡ ଅର୍ଥ ଲାଳସା ଭିତରେ
ସହରୀ ସଭ୍ୟତା ମନରେ ଲଗାଏ ନଆଁ ଅର୍ଥ ଲାଳସାର
ମଣିଷକୁ ଲୋଭି, ବସ୍ତୁବାଦୀ ପୁଣି କରିଦିଏ ସ୍ୱାର୍ଥପର
ଏଇ କ'ଣ ସହର?

ଯୁଆଡ଼େ ଦେଖିଲେ ଦୂର ପାହାଡ ପରିବର୍ତ୍ତେ
ଦିଶୁଛି କଳକାରଖାନା କୋଠାବାଡ଼ି
ଏଠି ସହରର ନାମ ଅଛି ଲମ୍ବ ନା ଅଛି ପ୍ରସ୍ଥ
ନା ଅଛି ଗଭୀରତା ନା ଅଛି ଭବ୍ୟତା
ଏଠି ସହର ବଢୁଛି ଲମ୍ବୁଛି ନୂଆ ଆକାର ଧାରଣ କରୁଛି
ଏଠି ନାହିଁ ଗାଁର ଅଙ୍କାବଙ୍କା ରାସ୍ତା
ଯୁଆଡ଼େ ଦେଖିଲେ ସହରର ରାଜରାସ୍ତା
ଏଇ କ'ଣ ସହର**?**

ଡୋଙ୍ଗରୀପାଲି, ନୂଆପଡ଼ା

# କରୋନା ମହାମାରୀ ସମୟରେ ଭଗବାନଙ୍କ ସ୍ଥିତି



ହେତୁବାଦୀ ବାଲ୍ମୀକ

ଏକବିଂଶ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିବା କିଛି ମହାନ ନିରୀଶ୍ୱରବାଦୀଙ୍କ ଭିତରେ ଆମେରିକାର ଲେଖକ ଓ ସାମ୍ବାଦିକ ପ୍ରଖ୍ୟାତ ନିରୀଶ୍ୱରବାଦୀ ହେଉଛନ୍ତି - "କ୍ରିଷ୍ଟୋଫର ହିଚେନ" । ସେ ଗତ **2007** ମସିହାରେ ଗୋଟିଏ ପୁସ୍ତକ **"God is not great"** ଲେଖିଥିଲେ । ସେଥିରେ ସେ ବିଭିନ୍ନ ଉଦାହରଣ ଦେଇ ପ୍ରମାଣ କରିଛନ୍ତି ଯେ ଗତ **5000** ବର୍ଷ ଭିତରେ ମାନବ ଜାତି ଉପରେ ଯେତେ ସବୁ ମହାବିନାଶକାରୀ ସଙ୍କଟ ଆସିଛି, ସେତେବେଳେ କୌଣସି ଇଶ୍ୱର, ଆଲ୍ଲା ବା God ଆସି ମାନବ ଜାତିକୁ ସାହାଯ୍ୟ କରିନାହାନ୍ତି ।

ମାନବ ଜାତିରେ ହୁଏତ **5%** ମାତ୍ର ବୁଦ୍ଧିମାନ ଓ ବୈଜ୍ଞାନିକ ବ୍ୟକ୍ତି ଅଛନ୍ତି ଯେଉଁମାନେ ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ମହାମାରୀ ରୋଗ ହେଉ ମାନବ ଜାତିକୁ ସଙ୍କଟରୁ ଉଦ୍ଧାର କରିବାପାଇଁ ପ୍ରତିଦିନ ମାନସିକ ଓ ଶାରୀରିକ ଭାବେ ଅକ୍ଳାନ୍ତ ପରିଶ୍ରମ କରି ବିଭିନ୍ନ ଉପାୟ ଉଦ୍ଭାବନ ବା ଆବିଷ୍କାର କରିଛନ୍ତି । ମାନବ ସମାଜର ହୁଏତ **2%** ଧୂର୍ତ୍ତ ଓ ପାଖଣ୍ଡି ଲୋକମାନେ ବାକି **93%** ଲୋକମାନଙ୍କୁ ତଥାକଥିତ ଇଶ୍ୱର ଓ ଧର୍ମନାମରେ ମାନସିକ ଗୋଲାମ ବନେଇ, ସେମାନଙ୍କ ଠାରୁ ଧନ ଲୁଣ୍ଠନକରି ଆଜୀବନ ଏୟାସ କରୁଛନ୍ତି।

ଆଜି 'କ୍ରିଷ୍ଟୋଫର ହିଚେନ' ଆମ ଗହଣରେ ନାହାନ୍ତି ସତ କିନ୍ତୁ କରୋନା ମହାମାରୀ ତାଙ୍କର ମନ୍ତବ୍ୟକୁ ସତ ବୋଲି ପ୍ରମାଣିତ କରି ଦେଇଛି । ଏହା ସତ ଯେ କରୋନା ଭୂତାଣୁ ପ୍ରକୃତି ଦ୍ୱାରା ହିଁ ଉତ୍ପନ୍ନ ହୋଇଛି । ତାକୁ କୌଣସି ଇଶ୍ୱର, ଆଲ୍ଲା ବା God ପ୍ରତିରୋଧ କରି ପାରିବେ ନାହିଁ । କେବଳ ମଣିଷ ଦ୍ୱାରା ଉଦ୍ଭାବନ ହୋଇଥିବା ଚିକିତ୍ସା ବିଜ୍ଞାନ ହିଁ ତାକୁ ନିୟନ୍ତ୍ରଣ କରିପାରିବ ।

ଯଦିଓ ସମସ୍ତ ଧର୍ମ ସମ୍ପ୍ରଦାୟର ଠିକାଦାର ମାନେ ଦାବି କରୁଛନ୍ତି ଯେ ଇଶ୍ୱର ହିଁ ଏହି ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା । ସେ ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ଓ ସର୍ବଜ୍ଞ, ତାଙ୍କର ଇଛା ବିନା

ଗଛର ପତ୍ର ବି ହଲିବ ନାହିଁ । ତଥାପି ଈଶ୍ୱରଙ୍କର କରୋନା ଭଳି ଏକ ସାମାନ୍ୟ ଭୂତାଣୁକୁ ବିନାଶ କରିବା ଓ ନିୟନ୍ତ୍ରଣ କରିବାର କ୍ଷମତା ନାହିଁ ।

ପୃଥିବୀର ପ୍ରଥମ ସ୍ଥାନରେ ଅଛି ଖ୍ରୀଷ୍ଟିୟାନ ଧର୍ମ । ତାଙ୍କର ସବୁଠାରୁ ବଡ଼ ଧର୍ମଗୁରୁ **'ପୋପ'** ଇଟାଲିରେ ଥିବା ରୋମ ସହରରେ ରହୁଛନ୍ତି । ତାକୁ ଭେଟିକାନ ସିଟି କୁହାଯାଏ । ଗତ ବର୍ଷ ଠାରୁ କରୋନା ମହାମାରୀ ଭୟରେ **(Vatican church)** ଭେଟିକାନ ସିଟିରେ ଲକଡାଉନ ଖୋଲିଛି । ଧର୍ମଗୁରୁ ପୋପ ମଧ୍ୟ ଭକ୍ତମାନଙ୍କ ଠାରୁ ଦୂରେଇ ସୁରକ୍ଷିତ ଜାଗାରେ ଅବସ୍ଥାନ କରୁଛନ୍ତି ।

ପୃଥିବୀର ଦ୍ୱିତୀୟ ସ୍ଥାନରେ ଅଛି ଇସଲାମ ଧର୍ମ । ସମସ୍ତ ଦେଶର ମୁସଲମାନ ଲୋକମାନଙ୍କର ପ୍ରସିଦ୍ଧ ଓ ପବିତ୍ର ଧର୍ମସ୍ଥଳ ହେଉଛି - ସାଉଦି ଆରବିଆରେ ସ୍ଥିତ ମକ୍କା ମେଦିନା । କରୋନା ଭୟ ଯୋଗୁ ସେହି ପବିତ୍ର ଧର୍ମସ୍ଥଳ ମଧ୍ୟ ଭକ୍ତମାନଙ୍କ ପାଇଁ ପ୍ରବେଶ ନିଷେଦ୍ଧ କରି ଦିଆଗଲା ।

ପୃଥିବୀର ତୃତୀୟ ସ୍ଥାନରେ ଅଛି ହିନ୍ଦୁ ଧର୍ମ । ଆମ ଦେଶରେ ଏକ ନୁହେଁ ଅନେକ ବଡ଼ ବଡ଼ ଓ ବିଖ୍ୟାତ ମନ୍ଦିର ଅଛି । ପ୍ରତିଦିନ ସେଠାକୁ ଲକ୍ଷ ଲକ୍ଷ ଭକ୍ତ ଦର୍ଶନ ପାଇଁ ଯାଇଥାନ୍ତି । ଲୋକମାନଙ୍କର ଆସ୍ଥାକୁ ଗୁରୁତ୍ୱ ନଦେଇ କରୋନା ମହାମାରୀ ସଂକ୍ରମଣରୁ ଲୋକମାନଙ୍କର ଜୀବନ ବଞ୍ଚିବାପାଇଁ ଦେଶ ଓ ରାଜ୍ୟସରକାର ମନ୍ଦିରରେ ଯାଇ ପୂଜା ଅର୍ଚ୍ଚନା କରିବାପାଇଁ ପ୍ରତିବନ୍ଧ ଲଗାଇଦେଲେ । ଅର୍ଥାତ ସବୁ ଠାକୁରଙ୍କ ଘରେ ତାଲା ଝୁଲିଲା ।

ପୃଥିବୀରେ ଆହୁରି **4200** ଛୋଟ ବଡ଼ ଧର୍ମ ରହିଛି । ସେହି ମନ୍ଦିର ଗୁଡିକର ଖବର ଲୋକଲୋଚନକୁ ଆସି ନଥିଲେ ମଧ୍ୟ ବିଭିନ୍ନ ଦେଶର Lock down ସମୟରେ ମନ୍ଦିର ମାନଙ୍କରେ ଭକ୍ତଙ୍କ ସଂଖ୍ୟା ନିଶ୍ଚୟ କମ ଥିଲା । ଧର୍ମୀୟ କର୍ମକାଣ୍ଡ ବି କମ ହେଉଥିଲା । ସମସ୍ତଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା ଆମେ କିପରି କରୋନା ସଂକ୍ରମଣରୁ ବଞ୍ଚିବା **?** ସମସ୍ତେ ଡାକ୍ତରଙ୍କ କଥା ମାନି ଚାଲୁଥିଲେ । ସମସ୍ତ **4200** ଧର୍ମର ମୂଳ ଦେବୀ ଦେବତାଙ୍କର କରୋନା ଉପରେ କୌଣସି ନିୟନ୍ତ୍ରଣ ନଥିଲା ।

**(1)**

ପ୍ରଶ୍ନ ଉଠୁଛି - ଯଦି ଦୁନିଆର ସମସ୍ତ ଭଗବାନ ମଣିଷର ମଙ୍ଗଳ କର୍ତ୍ତା ତେବେ ଏହି ସାମାନ୍ୟ କରୋନା ଭୂତାଣୁ କବଳରୁ ତାଙ୍କର ପ୍ରିୟ ସନ୍ତାନମାନଙ୍କୁ ରକ୍ଷା କରୁନାହାନ୍ତି କାହିଁକ? କେଉଁ ଅଜଣା ସ୍ଥାନରେ ଲୁଚ ରହିଛନ୍ତି କାହିଁକ ?

ବୈଜ୍ଞାନକ ଗବେଷଣାରୁ ଜଣା ପଡିଛି ଯେ ଗତ ପ୍ରାୟ **2400** କୋଟି ବର୍ଷ ପୂର୍ବେ ଆକାଶରେ "ବିଗ ବ୍ୟାଙ୍ଗ" **(Big Bang)** ବିସ୍ଫୋରଣ ହୋଇ ଏହି ବିଶ୍ୱ ସୃଷ୍ଟି ହୋଇଛି । ପ୍ରାୟ **50**ଲକ୍ଷ ବର୍ଷ ପୂର୍ବରୁ ପୃଥିବୀ ସୃଷ୍ଟି ହୋଇଛି ।

ଆଜି ପର୍ଯ୍ୟନ୍ତ ବୈଜ୍ଞାନକ ଓ ପ୍ରାଣୀ ବିଶେଷଜ୍ଞ ମାନେ ପୃଥିବୀରେ **(8.7 Meilon Species) 870**ଲକ୍ଷ ପ୍ରଜାତିର ପ୍ରାଣୀଙ୍କୁ ଚହ୍ନଟ କରି ପାରିଛନ୍ତି । ମାନବ ଜାତି "ହୋମୋସାପିଆନ" **(Homosapien)** ସେମାନଙ୍କ ଭିତରୁ ଗୋଟିଏ ପ୍ରାଣୀ । ପ୍ରାୟ **4** ଲକ୍ଷ ବର୍ଷ ପୂର୍ବରୁ ହିଁ ମାନବ ଜାତି ପୃଥିବୀରେ ଜାତ ହୋଇଛି । ଆଜି ପର୍ଯ୍ୟନ୍ତ ଅନେକ ପ୍ରଜାତି ପୃଥିବୀରେ ଜନ୍ମ ହୋଇ କଛି ବର୍ଷ ପରେ ପୃଥିବୀର ପରିବେଶ ଓ ଜଳବାୟୁର ପରିବର୍ତ୍ତନ ଯୋଗୁ ସମ୍ପୂର୍ଣ୍ଣ ପ୍ରଜାତି ଲୁପ୍ତ ହୋଇଯାଇଛନ୍ତି । ମାନବ ଜାତି ଯେ ଚରଦିନ ପାଇଁ ବଞ୍ଚି ରହିବ ଏହାର କୌଣସି ଗ୍ୟାରେଣ୍ଟି ନାହିଁ । ଯେଉଁ ଭଳ ଡାଏନାସୋର ଓ ଅନ୍ୟାନ୍ୟ ପ୍ରଜାତି ଦୁନଆରୁ ଲୁପ୍ତ ହୋଇଯାଇଛନ୍ତି, ସେହିଭଳ ମାନବ ବି ଲୁପ୍ତ ହୋଇଯିବ ।

ଏହି ଦୁନଆକୁ ନୟନ୍ତ୍ରଣ କରୁଥିବା ଶକ୍ତି ହେଉଛି - ପ୍ରକୃତି ବା **Nature** । ବୈଜ୍ଞାନକମାନେ ଜାଣି ପାରିଛନ୍ତି -ପ୍ରକୃତି କଛି ନଶ୍ଚିତମୌଳକ ନୟମ ଅନୁସାରେ ବିଶ୍ୱକୁ ପରିଗ୍ଳତ କରୁଛି। ଯାହା ଦ୍ୱାର୍ ପ୍ରକୃତି ସନ୍ତୁଳନ ହେଉଛି **(Ecological balance)**କୌଣସି ଈଶ୍ୱର ମାନବର ପ୍ରାର୍ଥନା ଶୁଣି ପ୍ରାକୃତିକ ନୟମଗୁଡିକୁ ପରିବର୍ତ୍ତନ କରିଦେଇ ପାରିବେ ନାହିଁ । ତଥାପି ସମସ୍ତ ଧର୍ମରେ ପ୍ରାର୍ଥନାକୁ ମୁଖ୍ୟ ସ୍ଥାନ ଦିଆଯାଇଛି । ଅଦୃଶ୍ୟ ଦେବୀ ଦେବତାଙ୍କୁ ପ୍ରାର୍ଥନା କରିବାର ଶୈଳୀ ଅଲଗା ଅଲଗା ହୋଇଥାଏ । ମଣିଷ ବ୍ୟତୀତ ଈଶ୍ୱରଙ୍କୁ ଜାଣି ନଥିବା ପୃଥିବୀରେ ବାସ କରୁଥିବା ସମସ୍ତ ପ୍ରାଣୀମାନେ ପ୍ରକୃତି କୋଳରେ ନଜକୁ ଖାପ ଖୁଆଇ ଖୋଲା ଆକାଶ ତଳେ ବଞ୍ଚି ରହି ପାରୁଛନ୍ତି । କନ୍ତୁ ମଣିଷ ବହୁତ ଦୁର୍ବଳ । ମଣିଷ ପିଲାର ମାଆ ଯତ୍ନ ନନେଲେ ସେ ଦୁଇ-ଗ୍ଳରିଦିନ ମଧ୍ୟ ବଞ୍ଚି ପାରିବନାହିଁ । ସେ ଅଧିକ ଥଣ୍ଡା ଓ ଅଧିକ ଗରମ ସହ୍ୟ କରିପାରେ ନାହିଁ । ସେଥିପାଇଁ ବୈଜ୍ଞାନକମାନେ ମାନବ ସମାଜ ପାଇଁ ଶୀତ ତାପ ନୟନ୍ତ୍ରିତ ସୁରକ୍ଷିତ ବସ୍ତ୍ର, ଘର ଓ ଯାନବାହାନ ଆଦି ଉଦ୍ଭାବନ କରିଛନ୍ତି । ପ୍ରକୃତି ସହିତ ମାନବ ନଜକୁ **Adjust** କରି ବଞ୍ଚିବାର କଳା ଶିଖିବା ପାଇଁ

ପ୍ରକୃତିର ରହସ୍ୟକୁ ବୁଝିବାକୁ ହେବ । ଆଜି ପର୍ଯ୍ୟନ୍ତ ବହୁତ ରହସ୍ୟର କାରଣ ଖୋଜି ପାଇଲେଣି । ସେଥିପାଇଁ ମାନବ ଜୀବନ ବହୁତ ଆରାମଦାୟକ ଓ ସୁଖକର ହୋଇପାରିଛି । କିନ୍ତୁ ଆହୁରି ଅନେକ କିଛି ବାକି ଅଛି । ବୈଜ୍ଞାନିକ ମାନେ ଗବେଷଣା କରୁଛନ୍ତି । ନିକଟ ଭବିଷ୍ୟତରେ କରୋନା ଭୂତାଣୁର ପ୍ରତିକାର ଔଷଧ ବି ପାଇଯିବେ ।

ମଜା କଥା ହେଉଛି - ଈଶ୍ୱରଙ୍କୁ ମହାନ ଏବଂ ବିଜ୍ଞାନକୁ ହୀନ କହି ପ୍ରତିଦିନ ସମାଲୋଚନା କରୁଥିବା ଧର୍ମଗୁରୁମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ନିର୍ମିତ ସମସ୍ତ ଭୌତିକ ସାଧନ ଗୁଡିକୁ ବିନା ସଙ୍କୋଚରେ ବ୍ୟବହାର କରୁଛନ୍ତି । ଏପରିକି ହଜାର ହଜାର ଭକ୍ତମାନଙ୍କ ଗହଣରେ ବିଜ୍ଞାନକୁ ଗାଳି ଦେବାପାଇଁ, ବୈଜ୍ଞାନିକ ଉପକରଣ ମାଇକ୍ରୋ ଫୋନ ଓ ଲାଉଡ଼ ସ୍ପିକର ବ୍ୟବହାର କରୁଛନ୍ତି । ବୈଦ୍ୟୁତିକ ଗଣ ମାଧ୍ୟମ ଟିଭି ପରଦାରେ ବି ନିର୍ଲଜଙ୍କ ଭଳି ବିଜ୍ଞାନକୁ ସମାଲୋଚନା କରୁଛନ୍ତି । ଅନ୍ଧଭକ୍ତମାନେ ସମର୍ଥନ କରି ତାଳି ମାରୁଛନ୍ତି । ଏହାଠୁ ବଳି ହାସ୍ୟାସ୍ପଦ କଥା ଆଉ କ'ଣ ଅଛି **?**

ସର୍ବଜ୍ଞାନୀ, ସର୍ବବିଦ୍ୟମାନ ଭଗବାନଙ୍କ ନଜରକୁ ଧୋକା ଦେଇ ମନ୍ଦିରରୁ ଧନ ସହିତ ଠାକୁର ମୂର୍ତ୍ତିଗୁଡିକ ଚୋରୀ ହେଉଥିବାରୁ ବର୍ତ୍ତମାନ ଅନେକ ବଡ଼ ବଡ଼ ମନ୍ଦିରରେ **CCTV** କ୍ୟାମେରା ଲାଗିଲାଣି । ମନ୍ଦିର ଦ୍ୱାରରେ ନୋଟିସ ବୋର୍ଡ ଲଗାଇ ଲୋକମାନଙ୍କୁ ସତର୍କ କରି ଦିଆଯାଉଛି "ଆପଣ **CCTV** କ୍ୟାମେରା ନଜରରେ ଅଛନ୍ତି" ଆଗରୁ ଚୋରମାନେ ଠାକୁରଙ୍କ ନଜରକୁ ଭୟ କରୁ ନଥିଲେ, ଏବେ କ୍ୟାମେରା ନଜରକୁ ଭୟ କରୁଛନ୍ତି । ଏଇଟା ହେଉଛି ବିଜ୍ଞାନର ଚମତ୍କାର, ଈଶ୍ୱରଙ୍କ ନୁହେଁ ।

ଆଧ୍ୟାତ୍ମିକ ଗୁରୁମାନେ ନିଜର ଅଜ୍ଞାନତା ଲୁଚାଇବାକୁ କୁହନ୍ତି - "ବିଜ୍ଞାନ କିଛି ବି ନୂଆ ବସ୍ତୁ ଖୋଜି ପାଇନାହିଁ । ସବୁ କିଛି ଈଶ୍ୱର ସୃଷ୍ଟି କରି ଦେଇଛନ୍ତି । ସେଥିପାଇଁ ଆମେ ଭଗବାନଙ୍କୁ ପୂଜା ଓ ପ୍ରାର୍ଥନା କରି ସନ୍ତୁଷ୍ଟ କରିପାରିଲେ ସେ ହିଁ ଆମକୁ ଏହି ମହାମାରୀ ସଙ୍କଟରୁ ରକ୍ଷା କରିପାରିବେ ।" ଏହା ଦ୍ୱାରା ସେମାନେ ସରଳ ବିଶ୍ୱାସୀ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି ।

**(2)**

ଏହି ବର୍ଷ କରୋନାର ଦ୍ୱିତୀୟ ଲହର ଭାରତରେ ପଶି ପ୍ରତିଦିନ ହଜାର ହଜାର ଲୋକମାନଙ୍କୁ ସଂକ୍ରମିତ କରି ସାରିଲାଣି । ତଥାପି ଧର୍ମାନ୍ଧ ଲୋକମାନେ କୁମ୍ଭମେଳା ଓ

ଧାର୍ମିକ ମେଳା ଆଦି ସ୍ଥାନରେ ଏକତ୍ରିତ ହୋଇ, କରୋନା ସଂକ୍ରମଣର କୌଣସି ସୁରକ୍ଷା ନିୟମ ପାଳନ ନକରି, ପୂଜା, ପ୍ରାର୍ଥନା, ଭଜନ, କୀର୍ତ୍ତନ, ହୋମ, ଯଜ୍ଞ ଆଦି କରିବାକୁ ଜମା ଭୟ କରୁନାହାନ୍ତି ।

ଯେଉଁ ଗଙ୍ଗା ନଦୀକୁ ସେମାନେ ପବିତ୍ର ବୋଲି ମାନୁଛନ୍ତି ଆଜି ସେହି ଗଙ୍ଗା ନଦୀରେ ଶହ ଶହ ଶବ ଭାସୁଛି । ଗଙ୍ଗାରେ ବୁଡ଼ ପକାଇଲେ କରୋନା କିଛି କରିପାରିବ ନାହିଁ କହୁଥିବା ଲୋକମାନେ କୁମ୍ଭମେଳାରୁ ଫେରି, ତାଙ୍କର ପରିବାର ସହିତପାଖ ପଡ଼ିଶାର ଲୋକମାନଙ୍କୁ ମଧ୍ୟ କରୋନା ସଂକ୍ରମିତ କରିଦେଇଛନ୍ତି ।

ଅନ୍ଧଭକ୍ତ ମାନଙ୍କର ଆଉ ଗୋଟିଏ ଉଦାହରଣ ହେଉଛି - ତାମିଲନାଡୁର କୋଇମ୍ବାଟୁର ସହରରେ ଗୋଟିଏ କରୋନା ମାତାଙ୍କ ମନ୍ଦିର ନିର୍ମାଣ ହୋଇ ପୂଜା ଅର୍ଚ୍ଚନା ଆରମ୍ଭ ହୋଇ ଗଲାଣି । ଅନ୍ୟ କୌଣସି ଏକ ସ୍ଥାନରେ କରୋନା ଶିବ ମନ୍ଦିର ବି ତିଆରି ହେଲାଣି । ସେହି ସବୁ ମନ୍ଦିରରେ ପୂଜା ଓ ପ୍ରାର୍ଥନା କଲେ କୁଆଡେ ମହାଦେବ ଭାରତ ଦେଶରୁ କରୋନା ଭୂତାଣୁଗୁଡିକ ତାଙ୍କର ଜନ୍ମ ହୋଇଥିବା ଏନ୍ତୁଡ଼ିଶାଳ ଚୀନ ଦେଶକୁ ଫେରିଯିବାକୁ ବାଧ୍ୟ କରିବେ । ଏତେ ସହଜ ଉପାୟ ଥାଉ ଥାଉ ଆମ ଦେଶର ଡାକ୍ତର ଓ ପ୍ରଶାସନ ଅଯଥା ପ୍ରତିଦିନ ନୂଆ ନୂଆ ନିୟମ **(Corana Protocol)** ଲାଗୁ କରି ଜନତାଙ୍କୁ ହଇରାଣ କରୁଛନ୍ତି । ଗୋବର ମୁଣ୍ଡିଆ ଭକ୍ତମାନଙ୍କର ସୋସିଆଲ ମିଡିଆରେ ଅନେକ ଭିଡିଓ ଦେଖିବାକୁ ମିଳୁଛି । ଗୋବର ମିଶା ପାଣିରେ ସ୍ନାନ କରି ପ୍ରତିଦିନ ଗୋମୂତ୍ର ସେବନ କଲେ କରୋନା ଭୂତାଣୁ ଦଶକୋଶ ଦୂରରେ ରହିବ ବୋଲି ଦାବି କରୁଥିବା ଗୋଭକ୍ତଙ୍କ ସଂଖ୍ୟା ବି ବଢୁଛି । ସେହିଭଳି ଦାବି କରୁଥିବା ଲୋକମାନେ ସତରେ କେତେ ସୁରକ୍ଷିତ ଅଛନ୍ତି ତା'ର ପ୍ରମାଣ କେହି ଦେଉନାହାନ୍ତି**?**
ବର୍ତ୍ତମାନ ଲୋକମାନେ ଆଉ ଗୋଟିଏ କଥା ବୁଝିବା ଉଚିତ ଯେ ଆଗରୁ ଯେତେ ପ୍ରକାର ମହାମାରୀ ସଙ୍କଟ ଆସିଛି ସବୁ ଥର ମନ୍ଦିର ଓ ଧର୍ମସ୍ଥଳକୁ ଯାଇ ଠାକୁରଙ୍କ ଆଗରେ ପ୍ରାର୍ଥନା କରିବାରେ ବାଧା ନଥିଲା । କିନ୍ତୁ ବର୍ତ୍ତମାନ କରୋନା ଭୂତାଣୁ ସେହି ଅଧିକାର ଓ ସୁବିଧା ବି ଛଡାଇ ନେଇଛି । ସର୍ବବିଦ୍ୟମାନ ଭଗବାନ ମନ୍ଦିର ବାହାରକୁ ଆସି ଭକ୍ତଙ୍କ ଦୁଃଖ ଦେଖୁ ନାହାନ୍ତି କି ଶୁଣୁ ନାହାନ୍ତି ।

ଅନ୍ଧଭକ୍ତମାନଙ୍କ ପାଇଁ ବର୍ତ୍ତମାନ ଏକ ମାତ୍ର ଉପାୟ ହେଉଛି ଚକସ୍ତା ବିଜ୍ଞାନକୁ ବିଶ୍ୱାସ କର। ଡାକ୍ତରମାନଙ୍କ ନିର୍ଦ୍ଦେଶକୁ ପାଳନ କର । ତା'ନହେଲେ ସିଧା ସ୍ୱର୍ଗକୁ ଯିବାର ବାଟ ଖୋଲା ଅଛି । ପସନ୍ଦ ଆପଣଙ୍କର ।

(3)

Mob:9482016260

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।

ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଆଞ୍ଚଳିକ

# କେଁଦୁ ପତର୍ ତୁଲା କବାର୍



ବାଙ୍କାବିହାରି ମହାକୁର

ଡଁଗର୍ ତଲେ ଝାର୍ ଜଁଗ୍'ଲେ
ପାଉଁଲ୍ଲା କେଁଦୁ ପତର୍
ଧୁକା ମାଏଲେ ନାଚୁଛେ ତାଲେ
ଦିସୁଛେ କେଡେଁ ସୁଁଦର୍ ।

ଝାର୍ ଅନ୍ସରୀ କବାର୍ କରି
ଚଲ୍'ଲା ଲୋକ୍ ଗହକ
କେଁଦୁ ପତର୍ ହେଲେ ବତର୍
ତୁଲ୍'ବେ କରି ସଉକ ।

ପହଁପହଁନୁଁ ପିଲାବୁଢାନୁଁ
ଡକାହକା ହେଇ କରି
ଆସ ବାହାରି ନ କର ଡେରି
ପଖାଲ୍ ପାଏନ୍ ଧରି ।

ଫୁର୍'ତି ଗୁଲ ଉଦ୍'ଲେ ବେଲ
ଲୋକ୍ ହେଇଗଲେ ଠୁଲ୍
ଗୁଛା ପତର୍ କର୍ବେ ନଜର୍
ହସୁଁଥିବେ ମୁଲ୍'ମୁଲ୍ ।

ଯାହାର୍ ଆଗ୍ ତାହାର୍ ପାଗ୍
ଠାନ୍ ଆବ୍ରି ଦେଲେ ଗଲା
ଇନୁ ସେନ୍'କେ ସେନୁ ଇନ୍'କେ
ହେମା କେତେଁ ଗୁଲ୍'ଗୁଲା ।

ଲୋକ୍ ଗହକ ହେଇ ସଉକ
ଯାହିଁ ଦେଖ୍ଲେ ଗଦାଗଦା
ଗଛ୍ ପତର୍ ଦିସେ ଦୁସ୍'ର୍
ଘଡ୍'କେ ହେଉଛେଁ ପଦା ।

ଯତନ କରି ହାତ୍'ଥିଁ ଧରି
ପତର୍ ଦିଅନ୍ ତୁଲି
ପତର୍ ଦେଖି ମନେ ଗହକ
ଖର୍କେ ଯାଆନ୍ ଭୁଲି ।

ବେଲ୍ ଟଡ୍'ଲେ ତୁଲି ସାଏଲେ
ବୁଚ୍'କାଥିଁ ବାଁଧି କରି
ଝାଲ୍ ମଏଲେ ହେଇ ଆକୁଲେ
ଘର୍ ଆଏସନ୍ ଫିରି ।

ପଖାଲ୍ ଖାଇ ଗୁଟେନେ ହେଇ
କୁଟୁମ୍ ଯାକର୍ ଫିରି
ତଲା ଉପରି ବଡ୍'ଖା ଭରି
ବୁଝାନୁଁ ବାଁଧନ୍ କେରି ।

ଗନ ବାଇଶି  ଦେସପ୍ କଶି
ଖଜୁର୍ ରଶିଥିଁ ଭିଡି
ବୁଝା ପତର୍ ଶେସଁ ଉତାର୍
ଚଉତନ୍ ଡଲ୍ ଚଡି  ।

ଉପର୍ ଉଲି ଠୁଲାଇ ମେଲି
ବାଁଧି'ଲା ପତର୍ ଧରି
ପତର୍ ଘର୍ ଖଲ୍ ଉପର୍
ବସାସନ୍ ଧାରି ଧାରି  ।

ବାଁଧି'ଲା ବିଡା ଧାରେ ସଜଡା
ଲେଇଁଜ୍ ହେଇ ଧରାଧରି
ଦଶ୍ ଧାରିନେଁ ଫର୍'ମେଁ ନାଁନେ
ରଖନ୍ ହିସାବ୍ କରି ।

ବଁଧା ପତର୍ ହେଇ ଆତୁର୍
ସବୁକେ ଦେଲେ ବସାଇ
ହିସାବ୍ କରି କାର୍ଡଥିଁ ଫେରି
ନାଁଥିଁ ଦେସନ୍ ଚଢାଇ ।

ଠାସ୍'ର୍ ଖଲ୍  ପତର୍ ମେଲା
ଦିସେ କେତ୍'ନ ଡଉଲ୍
ଗହଗହନେ ଉସତ୍ ମନେ
କେତ୍'ନ ଲୋକ ଗହଲ୍ ।

କେଁଦୁ ପତର୍ କର୍ସି ଆତୁର୍
ଦୁଇ ଦିନଆଁ କବାର୍

ଦୁଇ ପଏସା କମାନ ନଶା
ଅଭ୍ବ୍ କର୍'ସି ଦୁର୍ ।

ଖର୍ ସମିଆ ମନ୍ ଛାନଆ
ନାଇଁ କଛି କାମ୍'ବୁତା
ଅଭ୍ବି ମନ୍ ଦେଖେ ସପନ୍
ଦିହ୍'ପାହା ଛୁଆପୁତା ।

ପତର୍ ତୁଲି ଝାର୍'ଥିଁ ବୁଲି
କମେଇଥିଲେ ପଏସା
ଅର୍ଘଲ୍ ବେଲେ ବଲ୍'ଟେ ମିଲେ
ମନ୍'ଟା ଲ୍ଗସି ବର୍କଷା ।

ସର୍'କାର୍'ଭି ଦିଅନ୍ ଭେଟି
ରକମ୍ ରକମ୍ ଲ୍ଭ୍
ହେଥିର୍ ଲ୍ଗି ସଭେଁ ସର୍ଗି
ଇ କବାର୍କେ ଜହଁ ଲୁଭ୍ ।

ବୁରୁବୁଡା ବୀରମହାର୍‌ଜପୁର ସୁବର୍ଣ୍ଣପୁର

# ତିରିଶ୍ ଦିନର୍ ମାଁ



ସନ୍ତୋଷ କୁମାର ଅଦାବର

ଠର୍େ ବୁଢୀକେ ଅଶୀ ଡେଗ୍‌ଲ୍ ନା ସେ ଲର୍େଥର୍େ ଆରୁ ତାର୍ ଅଁଟା ଭି ଲେହେଁସି ଗଲ୍ ନ । ତାର୍ ତିନ୍ ଟା ପୁଓ । ତାର୍ ବୁଢା ବଛର୍ ତିନ୍ ଟା ହେଉଛେ ତାହାକେ ଏକ୍ ଛାଡିକରି ସରଗ୍‌ବାସି ହେଲ୍ ନା ଗୁଟେ ପୁଓକେ ଛାଡି ଦେଲେ ଆର ଦୁହିଟା ଅଲ୍‌ଗା ସହରେ ନକରି କର୍‌ସନ୍ । ସାନ୍ ଗୁଟ୍‌କ ଗାଁ ଥି ଅଛେ। ଗୃଷ୍‌ବାସ୍ ଖେତ୍ ଖଳା ଦିନ୍ ମଜୁରି କରି କୁଟୁମ୍ ପୁଷୁଛେ।

ଥରେ ବୁଢୀକେ ରଖିକରି ଯତନ୍ ବାତନ୍ କର୍‌ବା କେ ନେଇକରି ତିନ ଭାଇର୍ ଭିତ୍‌ରେ ଗାଲିଝଗର୍ ହେଲ୍। ମିମାଁସା ହେଲ୍ କ ସଭେ ମାସେ ଲେଖେନ୍ ସେ ବୁଢୀକେ ନଜର୍ ନଜର୍ ଘରେ ରଖି ଯତ୍ନାବେ।

ନୌକରି କରୁଥିବାର୍ ଦୁହି ପୁଓ ଆର୍ ତାକର୍ କନଆଁ ମାନେ ଯେଭେ ତାକର୍ ପାଲି ପଡ୍‌ସି ବାର ଛେଲ୍‌ଛେଲା କର୍‌ସନ୍ ବିଚ୍‌ରି ଠର୍େ ବୁଢୀକେ। ସେ ଘର୍ ମାନ୍‌କୁ ମାସେ ମାସେ କେନ୍ତା କରି ଜଲ୍‌ଦି ସରୁ ବୋଲି ବୁଢ଼ୀ ଭାବୁ ଥିସି। ହେଲେ,ସାନ୍ ପୁଓର୍ ପାଲି ପଡ୍‌ଲେ ମାସେ ଜଲ୍‌ଦି ଭାଗିଗଲା ଲେଖେନ୍ ଲାଗ୍‌ସି ସେ ବୁଢୀକେ। ତାର୍ ସାନ୍ ପୁଓବହ ବୁଢୀକେ ଘି ଖୁଏଇ ଗୁର୍‌ସେ ଅଁଗ୍ନାଲ୍ ବାଗିର୍ ରଖୁଥିସନ୍। ତାର୍ ସାନ୍ ପୁଓକେ ଯେ ମହାପୁରୁ ସେବା କଲା ଲେଖେନ୍ ଲାଗୁଥିସି।ସାବୁନ,ତେଲ୍ ମଖେଇ, କାଂଜିଭାଂଜି ଯାହା ପାଏଲା ଖୁଏଇ ପିଏଇ ସୁସ୍ଥେ ରଖୁଥିସି। କମ୍ ପାଠ୍ ପଢିଥିଲେ ଭି ଗୁନ୍‌କାରି ପିଲ୍ ଟେ। ତାର୍ ମାଁ ର ହଁସି ଦେଖିଲେ ସେ ଶୁଭେ ଦିନ୍ ଯିବା ଭାବି ଫି ଦିନ୍ ତାର୍ ମାଁ କେ ହଁସେଇକରି କବାର୍ ବୁତା କେ ଯାଏସି।

ତିରିଶ୍ ଦିନ୍ ତାର୍ ଘରେ ତାର୍ ମାଁ ଥିବାର୍ ତକ୍ ସେତାକେ ସର୍ଗେ ମହାପୁରୁ ସେବା କରୁଛେଁ ଲେଖେନ୍ ଲ୍‌ଗସି ଆରୁ ଠରେ୍ ବୁଢୀ ଭି ଆନନ୍ ଉସତ୍ ମନେ ରହୁଥିସି ଆରୁ ମନେମନେ ଭାବ୍‌ସି କ ମାସେ କେ ଭଗବାନ୍ କାଏଁ ଯେ ତିରିଶ୍ ଦିନ୍ କଲା ଗା **?** ମୋର୍ ସାନ୍ ପୁଓ ଘରେ ମାସେ ନାଇଁ ପୁର୍‌ବାର୍ ତାଏଲ୍ କାଏଁ ଗା **?** କେତେ ଜଲ୍‌ଦି ତିରିଶ୍ ଦିନ୍ ସରି ଯାଏସି ମୋର୍ ସାନ୍ ପୁଓ ଘରେ।

ସତେ ତ**,** ଯେନ୍ ମାଁ ଦଶ୍ ମାସ୍ ଗର୍ଭେ ଧରି**,** ଛାତିର୍ ଅମୃତ୍ ପିଏଇ**,**ନଜେ ଓଲେ ଶୁଇ ପୁଓକେ ଶୁଖା ରେ ଶୁଆସି**;** ସେ ମାଆଁ ର୍ ଲ୍‌ଗି ତିରିଶ୍ ଦିନର୍ ସେବା ଯତନ୍ କର୍‌ବାର୍‌ଟା କେ କମ୍ କୁହାଯିବା। ହେଲେ**,**ଆଜିକାଲ ପାଲିକରି ପୁଓମାନେ ମାଁବୁଆକେ କର୍‌ବାର୍ ଲ୍‌ଗି ତାକର୍ ଜୀବନର୍ ବେଲ୍‌ବୁଡା ଥି ଭି ସୁଖ୍ ଗଁଚେକେ ସପନ୍ ହେଇଯଉଛେ ଆରୁ ଇ ଠରେ୍‌ବୁଢୀ ବାଗିର୍ କେତେକ କେତେ ମାଁ ଆଁଗୁଠ୍ ଥି ଦିନ୍ ମାସ୍ ଗନୁଛନ୍।

ସହକାରୀ ଶିକ୍ଷକ**,**
ବୀରମହାରାଜପୁର**,** ସୁବର୍ଣ୍ଣପୁର

# ମାରିଦେବେ ଆମର ବିଜ୍ଞାନୀ

ଶ୍ୟାମସୁନ୍ଦର କୁମ୍ଭାର

କେନ ଢଙ୍ଗେ ତୋର ଜନମ ହେଲା
କେନ୍ତା ଦିଶେ ଚେହେରା
ମନେଇ ମାନକୁ ଘାଟି ମାରୁଛୁ
ହାଏରେ କୋରୋନା ଅଗଲା (୧)

ତୋର ଡରହେ ଆଏଜ ମନେଇ ସମାଜ
ସଭେ ଯାଇଛନ ସର୍ପଟି
ସମକର ମୁହେଁ ବାନ୍ଧି ଦେଲୁ ମୁଖା
କରିଦେଲୁ କେତେ ଭୁରକୁଟି (୨)

ତୋର ଲାଗି କେତେ ସଟଡାଉନ ହେଲା
ଇହାଦେ ହେଇଛେ ଲଗଡାଉନ
ଥିଲାବଲା ସୁଖେ ଘରେ ବସି ଖାଏ
ଗରୀବର ପେଟେ ଲଗଡାଉନ(୩)

ମଧ୍ୟବିତ୍ତ ଆରୁ ଗରିବ ପରିବାର
ବୁଡେଇ ଦଉଛୁ ଜୀବକା
ଭୁକେଁ କଲବଲ କୋରୋନା କେ ଡର
ଛାତିକେ ଲାଗୁଛେ ଝଟକା (୪)

ଭଙ୍ଗିଦେଲୁ ଲୁକର ଗହକ ମନକେ
ବିହା ବରପନ ଯାତରା
କାଏଜେ ହେନ୍ତେଇ ଘାଣ୍ଟି ମାରୁଛୁ
ହାଏରେ କୋରୋନା ଅଗଲା(୫)

ନଜର ଲୋକଭି ହେଇଯାଏ ପର
ଯାହାକେ ଛିଇଁଲେ ତୁଇଁ
ବାପ ମରିଗଲେ ନେଇଁ ଛିଏ ପୁଓ
ମୁହେଁ ନେଇଁ ଦିଏ ଜୁଇ (୬)

ଭଙ୍ଗିଦେଲୁ ସବୁ ନୀତି ପରମ୍ପରା
ସବକୁ ବନାଲୁ ଅଛିଆ
ମନ୍ଦିର ,ମସଜିଦ,ଗୀର୍ଜାଘରେ
ତାଲା ପକେଇଦେଲୁ ଗଧିଆ (୭)

ଇଶ୍ୱର ଆଲ୍ଲା କାହାକେ ନ ମାନୁ
କେତେ କରୁତୁଇଁ ଫୁଟାନୀ
ଆଉଛେ ସମିଆଁ ଟଣ୍ଡି ଚପି ତତେ
ମାରିଦେବେ ଆମର ବିଜ୍ଞାନୀ (୮)

ସନ୍ଦିବାହାଲ, ଗାଇସିଲେଟ
ବରଗଡ଼

# ମୁଇଁ ନ ଯାଏଁ ଆରୁ ବାହାର୍ କେ



ଉମେଶ କୁମାର ବିଶ୍ୱାଲ୍

ମାଁ....ମୁଇଁ ନଯାଏଁ ଆରୁ ବାହାର୍ କେ
କରୋନା ମୋତେ ଡାକୁଛେ
ଆ ଆ ବଲୁଛେ
ଜୀବନ୍ ଭିତରେ ମରନ୍ ଦେମି
ସରଗ୍ କେ ତତେ ପଠେଇ ଦେମି
କାନେ ଇଟା ମୋର୍ ଫୁସୁର୍ ଫାସୁର୍
ଆକାଶ୍ ବାଣୀ ଶୁଭୁଛେ
ଆରୁ ନ ଯାଏଁ ମୁଇଁ ବାହାର୍ କେ ॥

ଏ ପୁତା କାଏଁ ଯେ ତୁଇ
ମନ୍ କେ ଊନା କରୁଛୁ
ଘରେ ବସିକରି ଆରାମ୍ କରି
ଭଲ୍ ତୁନ୍ ତ ଖାଉଛୁ
ବାହାର କେ ନ ଗଲେ ନ ଯିବୁ ପୁତା
ମନ୍ ଦେଇ କରି ପାଠ୍ ପଢ୍
ମୋର୍ କଥା ମାନ୍ ବୁ ବେଲେ
ଦେଖେଇ ନେମି ବଲାଙ୍ଗୀର୍ ସହର୍ ॥

ପାଠ୍ ପଢାଟା ତୁଇଲ୍ କେ ଯାଉ
ଆନ୍-ଲାଇନ୍ ଥି ଛଟ୍ କୁ ଥଉ

ଯେନ୍ ତା ଗୁହେଁମି ହେନ୍ ତା କରମି
ଇ ବନ୍ଧୁ ଆଉ ପାଠ୍ ପଢ୍ ମି ॥

ବଲାଙ୍ଗୀର୍ ସହର୍ ଦେଖିଛେ ମୁଇଁ
ଆର୍ ଦେଖବାର୍ ଦରକାର୍ ନାଇଁ
ଦିନ୍ ଦାହାଡେ ମୁନୁଷ୍ ଜୀବନ୍
ଫଟକା ଭଲିଆ ଫୁଟୁଛେ ଇଏନ
ଦେଖେନହାରୀ ଦେଖୁଛେ
ଏ ମାଁ... ମୁଇଁ ନ ଯାଏ ଆରୁ ବାହାର୍ କେ ॥

ମୋବାଇଲ୍ ଗୁଟେ ଘିନ ଦିଅ ବୋଲି
କେତେଦିନୁ କହେଲି ନ
ପାଠ୍ ପଢା ସାଙ୍ଗେ ଶାଠ୍ ହେବା ସେଥି
ଫ୍ରି-ଫାଏର ଖେଳ ଜାନ୍ ଲି ନ
ଲୁଡୁ ଆଉ କେରମ୍ ଖେଳ
ସମିଆଁ ଟା ଭଲ୍ କଟୁଛେ
କ୍ରିକେଟ୍ କଥା ନ କହ ଗୋ
ବେଙ୍ଗଲେ଼ର୍ ସେଥି ହାରୁଛେ
ଆଉ ବି ସେଥି କେତେ କାଣା
ନୂଆ ନୂଆ ଜିନଷ୍ ବାହାରୁଛେ
ଘରର୍ ଢବା କନେ ବସି
ଓବାଇଲ୍ କେ ମୁଇଁ ଚଟକୁଥିମି
ଆଉ ନ ଯାଏଁ ବାହାର୍ କେ ॥

ସାନଟିକା, ବଲାଙ୍ଗୀର

# କଏ ବୁଝ୍‌ବା.....



ସାଗରିକା ସାହୁ

ଭ୍‌ବି ଭ୍‌ବି କରି ନଜର୍ କଥାକେ
ଜଲି ମରୁଛେରେ ମୁଇଁ
ମନର୍ କଥା ଆର୍ କଏ ସୁନୁଛେ
ମୋର୍ ପଛେ କଏ ନାଇଁ।।

ମନର୍ କଥା ମୋର୍ ମନ୍‌କେ ଜନା
କାହାକେ କହେମି କହ,
ମନର୍ କଥା ମୋର୍ ମନେ ରହୁଛେ
ଆଁଖୁ ମୋର୍ ଝରୁଛେ ଲହ।।

କଏ ଅଛେ ମୋର୍ ସାହା ଭରଷା
ବୁଝବା  କଏ ମୋର୍ କଥା,
ମନର୍ କଥା ମୋର୍ ବୁଝିପାରତା
ଯଦି କଏ ନଜର୍ ଥିତା।।

ଦୁଖେ କାନ୍ଦି କାନ୍ଦି ମରିଯାଉଛେ
କାଏଁ କରମି ଆର୍ କହ,
କାହାକେ ଜଦି କହେମି ବଏଲେ
ହସୁଛନ୍ ଆଗେଡେ ଦହ ଦହ।।

ଗିଧମାଲ୍, ଗାଇସିଲେଟ, ବରଗଡ଼

# ଶିଶୁ ବିଭାଗ



# ଜାମୁ କୋଳ ରୋପଣ



ଡ଼ଃ ରଞ୍ଜିତ କୁମାର ସାହୁ

ପିଙ୍କୁକୁ ପ୍ରବଳ ଭୋକ ଲାଗିବାକୁ ଲାଗିଥିଲା । ଘରକୁ ଯିବାକୁ ଆଉ ଅଧା ଘଣ୍ଟାଏ ଲାଗିବ କନ୍ତୁ ଆଉ ଥୟ ଧରି ପାରୁନ ପିଙ୍କୁ । ଦିନ ସାରା ବୁଲିଛି ମଉସାଙ୍କ ସହ । ଘରୁ ଯାହା ସବୁ ଖାଇବା ଲାଗି ଆସିଥିଲା, ସବୁ ସରି ଗଲାଣି କେତେ ବେଳରୁ । ମଉସା ବାଇକଟି ଅଟକାଇ ଦେଲେ । ରାସ୍ତା କଡ଼ରେ ମହିଳା ଜଣେ ତାହାର କୁନ ଛୁଆଟିକୁ ଧରି ପସରା ମେଲି ବସିଥାଏ । ପିଙ୍କୁ କଛି ଭାବିବା ପୂର୍ବରୁ ମଉସା କଛି ଜାମୁ କୋଳ କଣି ସାରିଥିଲେ ସେହି ମହିଳାଙ୍କ ପାଖରୁ । ମଉସା ବହୁତ ଭଲ ଲୋକ । ସେ କୁହନ୍ତି ରାସ୍ତା କଡରେ ବସିଥିବା ମହିଳା ମାନେ ନଜ ତେଲ ଲୁଣର ସଂସାର ଚଳେଇବା ଲାଗି ଏ ସବୁ କରନ୍ତି ତେଣୁ ସିଏ ତାଙ୍କ ସହ ମୂଲଚାଲ କରନ୍ତି ନାହିଁ, ଯାହା ଦାମ କହିଲେ ଦେଇ ଦିଅନ୍ତି । ମଉସା ପିଙ୍କୁକୁ କୋଳ ଧରେଇ ଦେଇ କହିଲେ, "ଖାଇ ଦେ । ଏଇ ଆଗରେ ନଈ କୂଳରେ କଛି ସମୟ ବସିଯିବା । ତା ପରେ ଘରକୁ ଯିବା ।"



ପିଙ୍କୁ ହଁ କହିକ ଖାଇବାକୁ ଲାଗିଲା ଜାମୁ କୋଳ ଆଉ ମଉସା ଧୀରେ ଧୀରେ ଚାଲିବାକୁ ଲାଗିଲେ ବାଇକ ଗଡେଇ ଗଡେଇ । ଅଳ୍ପ ଦୂରରେ ନଈ କୂଳ । ଅତି ଶୀଘ୍ର ସେଠି ପହଂଚ

ଯାଇ ବସି ଗଲେ ଦୁହେଁ କଛି ପଥର ଉପରେ । ମଉସା ପୂର୍ବରୁ ମଧ୍ୟ ଏଠିକି ନେଇଛନ୍ତି ପିଙ୍କୁକୁ । ମଉସା ଜଣେ ପ୍ରକୃତି ପ୍ରେମୀ ଏବଂ ପିଙ୍କୁକୁ ପରିବେଶ ବିଷୟରେ ଅନେକ ଜିନିଷ ବୁଝାଇ ଯାନ୍ତି ନଇ କୂଳରେ ବସି ।

ପିଙ୍କୁ ଖରା ଛୁଟିରେ ମଉସାଙ୍କ ଗାଁଆକୁ ଯାଇଥାଏ । ସୁଦୂର କୋରାପୁଟରେ ମଉସା କାମ କରନ୍ତି । କୋଲାବ ଜଳ ସେଚନ ଯୋଜନାରେ ନିର୍ମାଣ ହେଇଥିବା ବନ୍ଧଟିକୁ ଦେଖିବାକୁ ଯାଇଥିଲା ପିଙ୍କୁ । ଘରକୁ ଫେରିବା ରାସ୍ତାଟି ଖୁବ ମନୋରମ । ଗତ ଥର ଆସିଲା ବେଳେ ବହୁତ ଗଛ ଥିଲା ଯାହା ଏବେ କଟା ହେଇ ସାରିଛି ତେଣୁ ରାସ୍ତାଟି ଫାଙ୍କା ଫାଙ୍କା ଲାଗୁଛି । ଗତ ଥର ଅନେକ ଚଢ଼େଇ ସବୁ ଦିଶୁଥିଲେ ଏଥର ସେଗୁଡିକ ମଧ୍ୟ ନାହାନ୍ତି ।

"ରାସ୍ତାଟି ଅଲଗା ଲାଗୁଛି । ଗଛ ସବୁ କଟା ହେଇଛି, କାହିଁକି?" ପିଙ୍କୁ ପଚାରିଲା ।

"ନୂଆ ଗଛ ଲଗା ହେଇଥିବ, କିନ୍ତୁ ତାହାର ଯତ୍ନ ନିଆ ଯାଇ ନଥିବ, ତେଣୁ ଏବେ ଆଉ ନାହିଁ । ଗଛ ଲଗେଇଦେଲେ କାଫି ନୁହଁ, ତାହାକୁ ସ୍ଥାପନ କରିବାକୁ ପଡ଼େ । ସେଥି ପାଇଁ ସ୍ଥାନୀୟ ବୃକ୍ଷର ରୋପଣ ସବୁବେଳେ ଶ୍ରେୟସ୍କର କାରଣ ତାହା ସହଜରେ ସ୍ଥାନୀୟ ଜଳବାୟୁରେ ବଢ଼ିପାରେ ବିନା ଯତ୍ନରେ ଏବଂ ଆମ ପରିବେଶକୁ ଉନ୍ନତ କରେ । ଆମ ଓଡ଼ିଶାରେ ଥିବା ବର ଗଛ, ଅଶ୍ୱସ୍ଥ ଗଛ, ଆମ୍ବ, ପଣସ, ଜାମୁ କୋଳି ସବୁ ଏହି ପ୍ରକାର ଗଛ ଯାହା ରାସ୍ତା ପାଇଁ ଏବଂ ପରିବେଶ ପାଇଁ ଉପଯୁକ୍ତ । ଏହା ଦ୍ୱାରା ପରିବେଶ ସୁନ୍ଦର ହେବା ସହ ପଶୁପକ୍ଷୀ ମାନେ ମଧ୍ୟ ଉପକୃତ ହୋଇଥାଆନ୍ତି, " ମଉସା କହିଲେ ।



"ଜାମୁ କୋଳ ବହୁତ ମଜା ଲାଗିଲା । ମୁଁ ଏହାର ଜୁସ ମଧ୍ୟ ପିଇଛି ଥରେ ଗୋଟିଏ ରେଷ୍ଟୋରାଁରେ । ସେଠାରେ ଏଥିର ଥିବା ଅନେକ ରସାୟନ ବିଷୟରେ ମଧ୍ୟ ବର୍ଣ୍ଣନା ଥିଲା।"

ପିଙ୍କୁ କଥାବାର୍ତ୍ତା ହେଉ ହେଉ କୋଳ ସବୁ ଖାଇ ସାରିଥିଲା । ମଞ୍ଜି ଫୋପାଡିବାକୁ ଗଲା ବେଳେ ମଉସା ବାରଣ କଲେ ଆଉ ଥଳଟିଏ ଧରେଇ ଦେଇ ମଞ୍ଜିକୁ ସେଥିରେ ରଖିବାକୁ କହିଲେ ।

"ଏହି ମଞ୍ଜି ସବୁ କଣ ହେବ? ମୁଁ ଦେଖିଥିଲି ଆପଣଙ୍କ ପଡିଶା ଘର କକା ମଧ୍ୟ ବହୁତ ମଞ୍ଜି ଶୁଖେଇଥିଲେ," ପିଙ୍କୁ ପଚାରିଲା ।

"କକା ଜଣେ ଆୟୁର୍ବେଦ ଚିକିତ୍ସକ । ସେ ଅନେକ କିସମର ଉଦ୍ଭିଦ ସଂଗ୍ରହ କରନ୍ତି ନିଜର ଔଷଧ ତିଆରି କରିବା ପାଇଁ । ଆୟୁର୍ବେଦରେ ଜାମୁ କୋଳର ଅନେକ ପ୍ରୟୋଗ ବର୍ଣନା କରା ଯାଇଛି । ଅନ୍ୟ ଫଳ ଭଳି ଏଥିରେ ଭିଟାମିନ ଓ ଧାତୁ ସାର ସହିତ, ତନ୍ତୁ ମଧ୍ୟ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏହାର ମଞ୍ଜିକୁ ଚୂର୍ଣ୍ଣ କରି ଔଷଧ ରୂପରେ ବ୍ୟବହାର କରା ଯାଏ । ଏହା ବ୍ୟତୀତ ଆଜି କାଲି ଏହାର ପତ୍ରର ଏବଂ ଛାଲିର ଚୂର୍ଣ୍ଣ ମଧ୍ୟ ଉପଲବ୍ଧ ହେଲାଣି ଯାହାକୁ ଲୋକ ମାନେ ସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରୁଛନ୍ତି । "

"ଜାମୁ କୋଳ ଏତେ ଉପକାରୀ ବୋଲି ମୁଁ ଜାଣି ନଥିଲି," ପିଙ୍କୁ କହିଲା ।

"ଏହାର କାଠ କବାଟ ଝରକା ଆଉ ଶଗଡ଼ ତିଆରି ରେ ଲାଗେ । କିଛି ଲୋକ ଏହାର ପତ୍ର କୁ ଆମ୍ବ ପତ୍ର ଭଳି ତୋରଣ ତିଆରି ରେ ବ୍ୟବହାର କରନ୍ତି । "

"ଓଃ ତାହା ହେଲେ ଏହି ଗଛ ସବୁ ଲଗା ଯାଉ ନାହିଁ କାହିଁକି?" ପିଙ୍କୁ ପଚାରିଲା ।

"ସହରରେ ଏହାକୁ ରାସ୍ତା କଡରେ ଲଗା ହୁଏ ଛାଇ ପାଇଁ ଏବଂ ସବୁଜିକରଣ ପାଇଁ । ଗାଆଁରେ ପ୍ରାୟଃ ଆପେ ଆପେ ଉଠି ଥାଏ, " ମଉସା କହିଲେ ।

"ତାହା ହେଲେ ଏ ମଞ୍ଜି ସବୁ କଣ କରିବା?" ପିଙ୍କୁ ପଚାରିଲା ।

"ଏହି ନଦୀ ତଟରେ ଆଉ ରାସ୍ତା କଡରେ ଏ ମଞ୍ଜି ସବୁ ପୋତି ଦେବା । ହୁଏତ କଛି ବର୍ଷ ପରେ ତୁମେ ଆସିଲା ବେଳକୁ ଏଗୁଡ଼ାକ ଗଛ ହେଇ ଯାଇଥିବ," ମଉସା କହିଲେ ଆଉ ମଞ୍ଜି ଗୁଡିକ ପୋତିବାକୁ ଲାଗିଲେ ।

"କନ୍ତୁ ମଉସା ଆପଣ ତ ପୁଣି ସେହି କୋଳ ବିକାଳ ଠାରୁ ହିଁ କୋଳ କଣିବେ । ମୁଁ ଗୁରି ବର୍ଷ ତଳେ ଆପଣଙ୍କ ସହ ସେ ପୋଖରୀ ତଟରେ କଛି ଗଛ ପୋତି ଥିଲି । ସେଥିରୁ ତ ଆପଣ କୋଳ ବାହାର କଲେନ, କହିଲେ ଆମେ ବଜାରରୁ ଆଣିକ ଖାଇବା, ଆମେ ପୋଖରୀ କୂଳରେ ବୁଲିଲା ବେଳେ" ପିଙ୍କୁ କହିଲା । ଆମେ ତାହା ହେଲେ ଏହି ମଞ୍ଜି ସବୁ କଣ ରାସ୍ତା କଡରେ ପୋତିବା?

"ହଁ, ଗଛଟିଏ ଲଗାଇବା ଠାରୁ ମଞ୍ଜିଟିଏ ପୋତିବା ସହଜ କାମ, ଯଦିଓ ଏଥିରେ କମ ସଫଳତା ମିଳେ । କନ୍ତୁ ଗଛ ଗୁଡିକ ବଳେ ବଳେ ବଢି ଯାଏ ଏବଂ ଥରେ ସ୍ଥାପିତ ହୋଇଗଲେ ଅନେକ ପଶୁ, ପକ୍ଷୀ ଏବଂ ଲୋକଙ୍କ ଉପକାର କରେ," ମଉସା କହିଲେ, ରାସ୍ତା କଡରେ କଛି ମଞ୍ଜି ପୋତୁ ପୋତୁ ।

"ହଁ । କୋଳ ମଞ୍ଜି ସବୁ ପୋତିବା ଦ୍ୱାରା ଆମ ପରିଶ୍ରମ କମ କରୁଛେ କନ୍ତୁ ଆମର ଏହି ଛୋଟ ଚେଷ୍ଟାରେ ବହୁତ ବଡ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି । ମୁଁ କୋଳ କଣିଲେ କଛି ଲୋକଙ୍କ ପରିଶ୍ରମକୁ ମାନ୍ୟତା ଦେଉଛି ଯେଉଁମାନେ ନଜର ଜୀବନ ଲାଗି ଏହି କୋଳ ସବୁ ସଂଗ୍ରହ କରୁଛନ୍ତି । ଏହା ବ୍ୟତୀତ ପୋଖରୀ କୂଳରେ ଥିବା ବହୁତ ପଶୁ ପକ୍ଷୀ ମାନେ ସେହି ଫଳ ସବୁ ଖାଉଛନ୍ତି ତେଣୁ ଆମେ ସେଗୁଡିକ ତାଙ୍କ ପାଇଁ ଛାଡି ଦେବା । ସବୁ ବେଳେ କେବଳ ଆମଦାନୀ ଆଉ ଲାଭ ବିଷୟରେ ଚନ୍ତା କରିବା ଉଚତ ନୁହେଁ, ପରିବେଶ ସୁନ୍ଦର ଆଉ ସଜୀବ ରହିଲେ ଆମକୁ ଯେଉଁ ଆନନ୍ଦ ମିଳେ ତାହା ପଇସା ଦେଇ କଣି ହେବ ନାହିଁ," ମଉସା କହିଲେ ଆଉ ପିଙ୍କୁ ସହିତ ମିଶି ମଞ୍ଜି ଗୁଡିକ ପୋତି ଦେଲେ। ଦୁହେଁ ନଈରେ ହାତ ଧୋଇ ବାହାରିଲେ ଘରକୁ ଯିବାକୁ ।

ଯୁକ୍ତରାଷ୍ଟ୍ର ଆମେରିକା

# "ମାଧିଆ ରଜା"



ଦୀପ୍ତିମୟୀ ସାହୁ

ଅଗନା ଅଗନ ବନସ୍ତ ମଧ୍ୟରେ ଛୋଟ ଗାଁ ଟିଏ ଥିଲା | ଡାଳ ପତ୍ର ଘେରା ସେଇ ଗାଁ ରେ ମାଧିଆ ନାମରେ ଜଣେ ଚାଷୀ ରହୁଥିଲା | ସେଇ ବନରେ ଛୋଟ କିଆରି ଟାଏ ଖୋଳ ସେ ଧାନ ଚାଷ କରୁଥିଲା | କିଆରୀରେ ଧାନ ପ୍ରାୟ ପାଚଲା ପାଚଲା ହୋଇଯାଇଥିଲା |

ଦିନେ ମାଧିଆ ତା କିଆରୀକୁ ଧାନ କାଟିବା ପାଇଁ ଗଲା | କାମ ସାରି ଫେରିବା ରେ ବିଳମ୍ବ ହେବ ଜାଣି ମାଧିଆଣୀ, ପଖାଳ ଶୁଖୁଆ, ବଡିଚୁରା, ଆମ୍ବୁଲ କଞ୍ଚାଲଙ୍କା ଲୁଣକୁ ପୁଡିଆରେ ବାନ୍ଧି ମାଧିଆ କୁ ଦେଇଥିଲା | ସକାଳ ଖିଆ ପାଇଁ ରାଶି ପୁର ଦିଆ ବିରି ପୋଡ ପିଠା ଟିଏ ମଧ୍ୟ ଦେଇଥିଲା |

ମାଧିଆ ମନ ଖୁସିରେ ଖାଇବା ପୋଟଳ ଧରି ଗୁଣୁଗୁଣୁ ମନ ଫୁଲାଣିଆ ଗୀତ ଗାଇ ଗାଇ କିଆରି ମୁଣ୍ଡରେ ବରଗଛ ପାଖରେ ପହଞ୍ଚି ଗଲା | ଗଛମୂଳରେ ପୋଟଳ ଥୋଇ ମାଧିଆ ଦାଆ ଧରି ବିଲ ହୁଡାରେ ଯାଇ ଠିଆ ହେଲା |

ପେନ୍ଥି ପେନ୍ଥି ପାଚଲା ଧାନ ଦେଖି ମାଧିଆ ବହୁତ ଖୁସି ହୋଇଗଲା | ଭାବିଲା - ମାଧିଆଣୀ ଆଜି ମନ ପସନ୍ଦିଆ ଖାଇବା ଦେଇଛି ବୋଲି ବୋଧେ ସବୁ ଏମିତି ଅଧିକା ଅଧିକା ଦିଶୁଛି|

ମାଧିଆ ର ଗୋଟିଆ ଭଲ ଗୁଣ ଥିଲା | ସେ ପଶୁ ପକ୍ଷୀଙ୍କକଥା ବୁଝି ପାରିବା ସହ ତା ଭାଷାରେ କଥା ମଧ୍ୟ ହେଇପାରୁଥିଲା | କହିବାକୁ ଗଲେ ମାଧିଆ ଗାଁର ମଣିଷ ପରି, ପଶୁ, ପକ୍ଷୀ, ଗଛ, ପତର, କୀଟ-ପତଙ୍ଗ ସଭିଙ୍କର କଥା କହିବାରେ ଏବଂ ବୁଝିବାରେ ଅଦ୍ଭୁତ ଶକ୍ତି ଥିଲା |

ମାଧିଆ ଏକ ଲୟରେ ନଜର ବିଲ ହୁଡାରେ ଠିଆ ହୋଇଥିବା ବେଳେ ତିନବନ୍ଧୁ ଠେକୁଆ, ବଣି, ଗୁଣ୍ଡୁଚମୂଷା ଆସି ତା ପାଖରେ ପହଞ୍ଚିଲେ | କହିଲେ ମାଧିଆ ଭାଇ କଣ ବିଲ ଧାନ ଦାଇବାକୁ ଆସିଗଲ ?

ମାଧିଆ ହଁ କଲା |

ସେ ମନେ ମନେ ତିନଜଣଙ୍କୁ ଖୁବ ରାଗୁଥିଲା | କାରଣ ସେ ତିନଜଣ ତା ସାଙ୍ଗରେ କଥା ହେବା ଛଳରେ ଧାନରୁ ଚାଉଳ କାଢି ନେଇ ଯାଉଥିଲେ | ଫଳରେ ତା କଆରୀରୁ ଧାନ କମିଯାଉଛି ବୋଲି ସେ ଭାବୁଥିଲା | ଗାଁର ଅନ୍ୟମାନଙ୍କ ଅପେକ୍ଷା ମାଧିଆ ତଥାପି ତାଙ୍କୁ ବହୁତ ଭଲ ପାଉଥିଲା | ଯାହା ଘରୁ ଆଣୁଥିଲା ସେମାନଙ୍କୁ ଦେଉଥିଲା | ପଶୁପକ୍ଷୀଙ୍କ ପ୍ରତି ତା'ର ଥିଲା ଅଦ୍ଭୁତ ଭଲ ପାଇବା | ଯେତେ ରାଗିଲେ ବି ସେମାନେ ପୁଣି ମିଶି ଯାଉଥିଲେ, ଖୁସି ଗପ କରୁଥିଲେ |

ହଠାତ ମାଧିଆର ରାଗ କ୍ଷଣ ଟିଏ ପାଇଁ କୁଆଡେ ଉଭେଇ ଗଲା | ତାକୁ ଯେମିତି ହେଲେ ଆଜି ଧାନ କାଟି ଖଳାକୁ ନେବାକୁ ହେବ |

ମାଧିଆଣି ପୁଣି କାନେ କାନେ କହିଛି, ଧାନ ଅଧା ଅଧି କଟା ନ ସରିବା ଯାଏଁ, ପୋଟଳ ଖୋଲିବ ନାହିଁ | ସେ ତା ସ୍ତ୍ରୀ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିବାରୁ ଯେମିତି ହେଲେ ତା କଥା ରଖିବାକୁ ନଷ୍ଟତି ନେଇ ଘରୁ ଆସିଛି |

ଖାଦ୍ୟ ଲୋଭୀ ଥିଲା ମାଧିଆ | ଖାଇବାକୁ ହେଲେ କାମ ଜଲଦି ସାରିବାକୁ ପଡିବ | ତେଣୁ ସେ ସେହି ତିନଜଣଙ୍କୁ ଧାନ କାଟିବାର ପ୍ରସ୍ତାବ ଦେଲା | ସେମାନେ ତା କଥାରେ ରାଜି ହୋଇ ଧାନ କାଟିଲେ |

ଗୁଣ୍ଡଚ, ଠେକୁଆ, ବଣି, ମାଧିଆ ଜୋରସୋର ରେ ଧାନ କାଟୁଥାନ୍ତି | ଧାନ କାଟିବା ଭିତରେ ଗୁଣ୍ଡଚ ମୂଷା ଠେକୁଆ କୁ କହିଲା –ଠେକୁଆ ଭାଇ ସେ ବରଗଛ ମୂଳରୁ ବଢିଆ ବାସ୍ନା ଆସୁଛି | ଏ ମାଧିଆ ଭାଇ ଏମିତି ସେ ଗଛମୂଳେ କଣ ରଖିଛି କ ଆଜି?

ସଙ୍ଗେ ସଙ୍ଗେ ବଣି ଚଢେଇ କହିଲା –ସତ କଥାତ | ମୁଁ ଏଇ କଥା ସେତେବେଳଠୁଁ ଭାବୁଥିଲି | ଆସିଲା ବେଳଠୁଁ ସେଇ ଗଛ ମୂଳରୁ ସୁଆଦିଆ ଖାଦ୍ୟର ବାସ୍ନା ଆସୁଛି | ଏଇମିତି ତିନଜଣ କଥା ହେବା ଭିତରେ ବିଲ ଅଧାଧିକ ଧାନ ପ୍ରାୟ କଟା ସରି ଗଲାଣି |

ମାଧିଆ ମନ ଧୀରେ ଧୀରେ ବିଚଳତ ହେବାକୁ ଲାଗୁଥିଲା । ଏଇ ଧାନ କଟା ଭିତରେ ସେ ଅନେକ ବାର ଗଛ ଆଡେ ଗ୍ରହିଁଲାଣି । ଅଳ୍ପ ଧାନ କଟା ହେବାକୁ ଅଛି ଜାଣି, ମାଧିଆ ସେ ତିନଜଣଙ୍କୁ ବରଗଛ ମୂଳକୁ ବିଶ୍ରାମ ପାଇଁ ନେଇ ଗଲା । ବରଗଛ ମୂଳରେ ସେ ତିନହେଁ ମାଧିଆର ପୋଟଳକୁ ବେଢିକ ରହିଲେ ।

-ବାହାରେ ବିଶ୍ରାମ ନ ନେଇ, ତମେମାନେ ଏଇ ଭାତ ଥଳ ପାଖରେ କଣ ବସିଗଲ ? ଯାଅ, ଯାଅ ଧାନ କଟା ସରିଗଲେ ତମକୁ ତ ଫେରେ ମୁଁ କଛି ଧାନ ଗୋଛା ଦେବି । ଏବେ ମୋ ଖାଇବା ଥଳ ପାଖରୁ ଉଠି ଯାଅ । ତାଙ୍କ ମଝିରୁ ସେ ଏହା କହି ଭାତ ଥଳଟି ନେଇ ଆସିଲା । ପାଞ୍ଚ ହାତ ଦୂରରେ ବସି ପୋଟଳ ଖୋଲିଲାରୁ ଗ୍ରରିଆଡେ ପିଠାର ବାସ୍ନା ଖେଳଗଲା ।

ତିନ ବନ୍ଧୁଙ୍କର ପାଟିରୁ ଲାଳ ଗଡିଲା । ଠେକୁଆ କହିଲା –ମାଧିଆ ଭାଇ, ଭାଉଜ ଯାହା ଦେଇଛନ୍ତି ଆମକୁ କଛି ଦିଅ । ଏକାଠି ତ କାମ କଲେ, ଏକାଠି ଯଦି ନ ଖାଇବା ଭାଉଜଙ୍କର ଏ ସ୍ୱାଦିଷ୍ଟ ଖାଦ୍ୟ କ'ଣ ତମ ପେଟରେ ଏକା ହଜମ ହେବ ? ଅନ୍ୟ ଦୁଇଜଣ ଏକା ସ୍ୱରରେ ଠେକୁଆର କଥାରେ ସମ୍ମତି ଜଣାଇ ହଁ କଲେ ।

ମାଧିଆ ବହୁତ ସରଳ ଏବଂ ହୃଦୟବାନ ମଣିଷ ଥିଲା । ସେମାନଙ୍କର ଏମିତି ବିକଳ ଗ୍ରହାଣୀକୁ ସହି ନପାରି ସେ ନଜ ପିଠାରୁ ସମସ୍ତଙ୍କୁ ଖଣ୍ଡିଏ ଖଣ୍ଡିଏ ଦେଇ ନଜେ ଖଣ୍ଡେ ଖାଇଲା । କଛି ସମୟ ପରେ, ସାଙ୍ଗରେ ଆଣିଥିବା ପଖାଳ ଭାତ ଲୁଣ ତିଅଣକୁ ମଧ ସଭିଏଁ ବାଣ୍ଟିକ ଖାଇଲେ ।

ଗୁଣ୍ଡୁଚ ମୂଷା କହିଲା –ବାଃ ! ବାଃ !ମାଧିଆ ଭାଇ । ଭାଉଜଙ୍କର ଏତେ ସୁଆଦିଆ ଖାଦ୍ୟ ତମେ ଆମକୁ ଦେଇଦେଲ ! ତମ ପେଟ ଅଧା ରହିଥିବ ନଶ୍ଚୟ । ତମେ ପ୍ରକୃତରେ ଜଣେ ଦୟାଳୁ ମଣିଷ । ଧନ୍ୟ ମାଧିଆ ଭାଇ, ତମେ ଧନ୍ୟ ।

ବଣି ଫଡଫଡ ହୋଇ କହିଲା – ମାଧିଆ ଭାଇ ତମେ ଧନୀ ହେବକ ?

ବଣି କଥା ଶୁଣି ମାଧିଆ ଠୋ ଠୋ ହୋଇ ହସିଲା । ସେ କହିଲା –ନାଁ ବାବା ନାଁ । ଧନ ମୋର କଣ ହେବ ? ମୋ'ରତ କେହି ପିଲାଛୁଆ ନାହାନ୍ତି ଯେ ତାକୁ ଭୋଗ କରିବେ ।

ଆମେତ ଦୁଇ ପରାଣୀ । ଯେତିକ ଅଛି ସେତିକରେ ଆମେ ଖୁସିରେ ଅଛୁ । ମାଧିଆ ଟିକେ ଦୁଃଖୀ ହୋଇଗଲା ।

ଠେକୁଆ ଥାଇ କହିଲା –ତମେ କ'ଣ ଆମେ ଦବା ଉପହାରକୁ ଗ୍ରହଣ କରିବନ ?

ମାଧିଆ ଥାଇ କହିଲା –ହଁ ।

ଯଦି ଅନ୍ତରରୁ ଭଲ ପାଇବା ରଖି ତମେ କଛି ଦେବାକୁ ଚାହୁଁଚ ମୁଁ ନିଶ୍ଚୟ ନେବି । କେହି ଶରଧାରେ ଦେଉଥିବା ଉପହାରକୁ ଆଦର କରିବା ଆମ ଜଙ୍ଗଲି ଚାଷୀ କୁଳର ଏକ ପୁରୁଣା ପରମ୍ପରା ରହିଛି ।

ବଣି ଥାଇ କହିଲା –ମାଧିଆ ଭାଇ ସତରେ ତମେ ବହୁତ ଭଲ ଲୋକ । ତମେ ସବୁଦିନ ଆମ ତିନ ବନ୍ଧୁଙ୍କୁ ଏମିତି ସୁଆଦିଆ ଘର ଖାଇବା ଦେଲେ ଆମେ ତମକୁ ଆମ ତପସ୍ୟାର ସବୁ ଫଳ ଦେଇଦବୁ । ଯାହାକ ଆମେ ସମସ୍ତେ ମହାଲକ୍ଷ୍ମୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରଦାନରେ ପାଇଛୁ ।

ମାଧିଆ କହିଲା –ତମ ତପର ଫଳ ମୁଁ କଅାଁ ନେବି ? ତୁମେ ଯଦି ଚାହିଁବ ସବୁଦିନ ମୁଁ ତମକୁ ଏମିତି ସୁଆଦିଆ ଖାଇବା ଘରୁ ଆଣିଦେବି ।

ଠେକୁଆ କହିଲା –ନାଇଁ ନାଇଁ ଆମେ ତମକୁ ଶ୍ରଦ୍ଧାରେ ଦେବାକୁ ଚାହୁଁଛୁ । ଦେବାକୁ ହେଲେ ତମକୁ ନେବାକୁ ହେବ ।

ମାଧିଆ ଥାଇ କହିଲା – ତମେମାନେ ଯେତେବେଳେ ସବୁ ତପର ଫଳ ମୋତେ ଦେବାକୁ ଚାହୁଁଛ ତେବେ ତମ ସଭିଙ୍କୁ ଆମ ଘରେ ରହିବାକୁ ପଡିବ । ତମ ଭାଉଜଙ୍କ ହାତ ରନ୍ଧା ସୁଆଦିଆ ଖାଇବା ସବୁଦିନ ଖାଇବାକୁ ପଡିବ ।

ବଣି, ଠେକୁଆ, ଗୁଣ୍ଡୁଚ ତା'ର କଥା ଶୁଣି ଖୁସି ହୋଇଗଲେ । ତପସ୍ୟାରୁ ପାଇଥିବା ଏକ ଶହ ଆଠ ହୀରା ଓ ସୁନା ଭର୍ତ୍ତି କଳସୀ ସେମାନେ ମାଧିଆକୁ ଦେଲେ ।

ମାଧିଆ ପ୍ରଥମେ ଚକତ ହୋଇଗଲା ସେସବୁ ଦେଖିଲା। ନାଇଁ ନାଇଁ କରୁଥିଲା, ସେମାନଙ୍କର ଶ୍ରଦ୍ଧା ଦେଖି ସେ ସେସବୁକୁ ଗ୍ରହଣ କଲା । ତାକୁ ନେଇ ସମସ୍ତେ ମାଧିଆଣୀ ପାଖରେ ପହଞ୍ଚିଲେ ।

ମାଧିଆଣୀ ଆରମ୍ଭରୁ ଶେଷ ଯାଏଁ ସବୁ କଥା ମାଧିଆଠାରୁ ଶୁଣିଲା | ସେ ଖୁସି ହୋଇଯାଇ ଆପଣାର ପରି ତାଙ୍କର ସେବା ସତ୍କାର କଲା |

ସେଇ ଧନରାଶିରେ ସେମାନେ ଧନୀ ହୋଇଗଲେ | ରାଜମହଲ ପରି ଘର ତୋଳଲେ | ବିରାଟ ପୋଖରୀ ଖୋଳ ତା'ର ଚତୁଃପାର୍ଶ୍ୱରେ ରୋପଣ କଲେ ସୁନ୍ଦର ସୁନ୍ଦର ଫୁଲ ଗଛ | ପୁଣି ସ୍ଥାପନ କଲେ ମା' ମହାଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର | ପାଖରେ ଦାସ ଦାସୀ ରଖିଲେ | ସେ ମୁଲକରେ ଏ ଘଟଣା ଚହଳ ପକେଇଦେଲା | ଲୋକେ ଆଖି ତରାଟି ରହିଲେ ସେସବୁ ଦେଖି | ସାମାନ୍ୟ ଲୁଣ ତିଅଣ ଆଉ ବିରି ପିଠା ତାଙ୍କୁ ଧନୀ କରିଦେଲା, କେହି ବିଶ୍ୱାସ କରିପାରୁନଥିଲେ |

ସେ ମୁଲକରେ ମାଧିଆ ରାଜା ହେଲା ଆଉ ତାର ସ୍ତ୍ରୀ ହେଲା ରାଣୀ | ରାଣୀ ହେଲାପରେ ମଧ ମାଧିଆଣୀ, ଗୁଣ୍ଡୁଚ, ଠେକୁଆ, ବଣୀକୁ ନଜ ହାତରେ ରାନ୍ଧି ପରଷୁଥିଲା | ନଜ ସନ୍ତାନ ପରି ସେମାନଙ୍କର ଯତ୍ନ ନେଉଥିଲା |

ରାଜାରାଣୀ ବହୁ ଜନମଙ୍ଗଳ କାମକଲେ | ସହରକୁ ପକ୍କା ରାସ୍ତା ଘାଟ ତିଆରି କଲେ | ପୁଣି ପିଲାମାନଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସ୍ଥାପନ କଲେ ବିଦ୍ୟାଳୟ| ମାସେ କାଳ ଲୋକଙ୍କୁ ପିଠାପଣା ଖିରୀପୁରୀର ଭୋଜି ସହ ନୂଆ ବସ୍ତ୍ର ଦାନ କଲେ | ଚାରିଆଡେ ରାଜାରାଣୀଙ୍କର ଜୟ ଜୟକାର ଶୁଭିଲା |

ମୁଁ ଅଣ୍ଟାରେ ହାତ ରଖି ବାଡି ଠୁକୁଠୁକୁ କରି ସେଠି ପହଞ୍ଚିଲା ବେଳକୁ ଭୋଜି ଆଉ ଲୁଗାବଣ୍ଟା ସରିଯାଇଥିଲା | ସେଠି ମୋ' ପରି ବୁଢୀକୁ କେହି ପଚାରିଲେ ନାହିଁ | ଖାଇବାକୁ ଦେବା ତ ଦୂରର କଥା କେହି ପାଣି ମୁନ୍ଦେ ବି ଯାଚଲେନ | ଗୁଣ୍ଡୁଚ ମୂଷା ମୋତେ ଦେଖି ମୁହଁ ମୋଡି ଲାଙ୍ଗୁଡ ହଲେଇ ହଲେଇ ଚାଲିଗଲା | ମୁଁ ନରାଶ ହୋଇ ଘରକୁ ଫେରି ଆସିଲି|

ଗେଙ୍ଗୁଟିଆ, ଅନୁଗୁଳ

# ମୋ ପିଲାଦିନ



ଅମୂଲ୍ୟ କୁମାର ପଣ୍ଡା

ପିଲା ଦିନ କଥା ମନେ ପଡ଼ିଗଲେ
ଆଖିରେ ଆସଇ ଲୁହ
ଗୋଟିଗୋଟି ମୋର ସବୁ ମନେ ପଡେ
କେମିତି ଭୁଲିବି କୁହ ।

ସେଇ ଗାଆଁ ତୋଟା କାଗଜର ଡଙ୍ଗା
ସେଇ କାଚ ଗୁଲି ଖେଳ
ମନେ ପଡିଯାଏ ନଟୁ ଢେଗୁ ମଜା
ସାଙ୍ଗ ସାଥୀଙ୍କର ମେଳ ।

କାହିଁ ଗଲି ଗଲା ମୁରବୀ ଆକଟ
ମିଛି ମିଛି ବାହା ଘର
ଭାରି ମନେ ପଡେ କୋଉଡି ଖେଳକୁ
ଗୁରୁଜୀଙ୍କ ବେତ ଡର ।

ଭାରି ମନେ ପଡ଼େ ମାମୁଁ ଘର ଗାଆଁ
ଛୁଟି କଟା ଖରା ଦିନ
ବଡ ହୋଇଗଲି ପାଶୋରି ପାରୁନ
ଅଭୁଲା ଅମୂଲ୍ୟ ଚହ୍ନ ।

ଆଉ କ ଫେରିବ ସେ ସମୟ ସବୁ
ଭାବି ହୃଦେ କୋହ ଉଠେ
ଫେରି ଯିବା ପାଇଁ ସେ ପିଲା ଦିନକୁ
ଅବୁଝା ଏ ମନ ଛୁଟେ ।

ଅରଙ୍ଗାବାଦ, ବରୀ, ଯାଜପୁର

# ମାନବିକତା



ଧରିତ୍ରୀ ଦାସ

ଦିନକର କଥା କୁନା ଓ ମୁନା ଦୁହେଁ ଚାଲି ଚାଲି ଘରଠାରୁ ବିଦ୍ୟାଳୟ ଯାଉଥିଲେ । ଯାଉଯାଉ ବାଟରେ ଦେଖିଲେ ଜଣେ ବ୍ୟକ୍ତି ରାସ୍ତା କଡ଼ରେ ଲହୁଲୁହାଣ ହୋଇ ଛଟପଟ ହେଉଥିଲା । ତାର ସ୍ୱର ଧିରେଧିରେ କ୍ଷୀଣ ହେବାକୁ ଲାଗୁଥିଲା। ଏ ଦୃଶ୍ୟରେ ବ୍ୟତିବ୍ୟସ୍ତ ହୋଇ କୁନା ଧାଇଁଗଲା ପାଖକୁ ଏବଂ ପାଖ ଟିଫ୍ୱେଲରୁ ପାଣି ଆଣି ପିଇବାକୁ ଦେଲା । ତାପରେ ରାସ୍ତା ଉପରେ ଛିଡା ହୋଇ ଲୋକଟିକୁ ମେଡିକାଲ ନେବାପାଇଁ ହାତ ହଲାଇ ଗାଡି ଅଟକାଇବାକୁ ଚେଷ୍ଟା କରୁଥିଲା, ହେଲେ କୌଣସି ବି ଗାଡିବାଲା ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିନଥିଲେ। ଏସବୁ ଦେଖି ମୁନା କହୁଥିଲା ସାଙ୍ଗ ବଡ଼ବଡ଼ ଲୋକମାନେ ଅଣ ଦେଖା କରି ଚାଲିଯାଉଥିଲା ବେଳେ ଆମେ ଛୋଟପିଲା ଦୁଇଜଣ କ'ଣ କରିବା, ଚାଲ ବିଦ୍ୟାଳୟକୁ ପଳାଇବା। କୁନା କିନ୍ତୁ ଅଲଗା ରାଇଜରେ ଥିଲା, ମୁନାର କଥା ତାକୁ କିଛି ଶୁଭୁନଥିଲା। ସେ ଚାରିଆଡ଼କୁ ଆଖି ବୁଲାଉଥିଲା । ଶେଷରେ ସେ ଦେଖିଲା କିଛିଦୂରରେ ଗୋଟିଏ ଟ୍ରଲି ଥୁଆ ହୋଇଥିଲା । ତେଣୁ ସେ ଧାଇଁଯାଇ ଟ୍ରଲିଟିକୁ ନେଇ ଆସିଲା । ଦୁହେଁ ମିଶି ବହୁତ କଷ୍ଟରେ ଲୋକଟିକୁ ଉଠାଇ ଟ୍ରଲି ଉପରେ ପକାଇ ଠେଲିଠେଲି ନେଇ ମେଡିକାଲରେ ପହଞ୍ଚିଗଲେ ।

ଡାକ୍ତରଖାନା ଦୁଆର ମୁହଁରେ ପହଁଚବା କ୍ଷଣି ସ୍ୱାସ୍ଥ୍ୟକର୍ମୀମାନେ ଧାଇଁଆସି ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଯାଥିଲେ। ଡାକ୍ତର ମଧ୍ୟ ସଙ୍ଗେସଙ୍ଗେ ଚିକିତ୍ସା ଆରମ୍ଭ କରିଦେଇଥିଲେ। ଦୁଇଘଣ୍ଟା ପରେ ଲୋକଟିର ଚେତା ଫେରିଥିଲା। ଦୁର୍ଘଟଣା ଜନିତ ସମସ୍ୟା ଥିବାରୁ ପୋଲିସ

ଆସି ପହଂଚଲେ । ପିଲା ଦୁଇଟିକୁ କଛି ପଚରାଉଚରା କରି ତାଙ୍କୁ ଧନ୍ୟବାଦ ଦେଇ ନେଇ ବିଦ୍ୟାଳୟରେ ଛାଡ଼ିଥିଲେ।

ଏଣେ ଲୋକଟିର ଚେତା ଫେରିବା ପରେ ପୋଲିସ ତାଙ୍କୁ ପଗ୍ଚରି ବୁଝିଥିଲେ ଯେ ସେ ବ୍ୟକ୍ତି ଜଣକ ସେ ଅଞ୍ଚଳରେ ନୂଆକରି ଆସି ଭଡ଼ାଘରେ ରହୁଥିଲେ। ତାଙ୍କର ନଜର ବୋଲି କେହିନଥିଲେ। ତାଙ୍କୁ ଏକ ଟ୍ରକ ବାଡେଇ ଦେଇ ଗ୍ଚଲିଗଲା। ସେତେବେଳେକୁ ତାଙ୍କର ଚେତା ଥିଲା। ସେ କେତେ ଲୋକଙ୍କୁ ସାହାଯ୍ୟ ମାଗିଥିଲେ ବି ପୋଲିସ କେଶ କହି କେତେଲୋକ ମୁହଁ ଫେରାଇ ନେଇଥିଲେ। ତାପରେ ସେ ବେହୋସ ହୋଇ ଯାଇଥିଲେ।

ଟିକେ ସୁସ୍ଥହେବା ପରେ ସେ ଡାକ୍ତରର ବାବୁ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପଗ୍ଚରି ବୁଝିଥିଲେ ଯେ ପାଖ ବିଦ୍ୟାଳୟର ଦୁଇ ଜଣ ଛାତ୍ର, କୁନା ଓ ମୁନା ତାଙ୍କୁ ଟ୍ରଲିରେ ପକାଇ ଡାକ୍ତରଖାନା ଆଣିଥିଲେ।

ସଂପୂର୍ଣ୍ଣ ସୁସ୍ଥ ହେବାପରେ ଲୋକଟି ଘରକୁ ନ ଫେରି ପ୍ରଥମେ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଦେଖାକରି କୁନା ମୁନାଙ୍କୁ ପାଖକୁ ଡାକବାକୁ କହିଥିଲେ। ଦେଖା କରିବାର ସର୍ବଶେଷ ବିବରଣୀ ନେବାପରେ ପ୍ରଧାନ ଶିକ୍ଷକ କୁନା ଓ ମୁନାକୁ ଅଫିସକୁ ଡାକଥିଲେ। ମାତ୍ର କୁନା ଓ ମୁନା ସାର କାହିଁକି ଡାକଛନ୍ତି ବୋଲି ଭାବି ଭୟଭୀତ ହୋଇ ଯାଇଥିଲେ ଏବଂ ଡରିଡରି ଯାଇ ସାରଙ୍କ ପାଖରେ ପହଁଚଥିଲେ। ସେଠାରେ ସେ ବ୍ୟକ୍ତି ଜଣକ ପିଲା ଦୁହିଁଙ୍କୁ ଦେଖି ନିଜ ଆଖିକୁ ବିଶ୍ୱାସ କରି ପାରୁ ନଥିଲେ । ସେ ଭାବୁଥିଲେ ଏତେ ଛୋଟ ପିଲା କପରି ମୋତେ ଆଣି ପାରିଥିଲେ। ପିଲା ଦୁହିଁଙ୍କୁ ପାଖକୁ ନେଇ ତାଙ୍କୁ କପରି ସାହାଯ୍ୟ କରିଥିଲେ ସେ କଥା ଭାବି ତାଙ୍କୁ କୁଣ୍ଢେଇ ପକାଇଥିଲେ। ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବହିଯାଇଥିଲା । ତାପରେ ସେ ପ୍ରଧାନଶିକ୍ଷକଙ୍କ ପରାମର୍ଶ ନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସାଧାରଣ ସଭାର ଆୟୋଜନ କରିଥିଲେ । ଏହି ସଭାକୁ ସେ ବିଦ୍ୟାଳୟର ସମସ୍ତ

ଛାତ୍ରଛାତ୍ରୀ ଗୁରୁଜୀ, ଗୁରୁମା ଅଭିଭାବକଙ୍କୁ ନିମନ୍ତ୍ରଣ କରିଥିଲେ। ଡାକ୍ତର ବାବୁ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିବାକୁ ଭୁଲି ନ ଥିଲେ।

ଏହି ସଭାରେ ସେ ସେହି ଅଞ୍ଚଳର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ କୁନାମୁନାଙ୍କୁ ପୁରସ୍କୃତ କରିଥିଲେ। ତାଙ୍କ ଅଭିଭାଷଣରେ ସେ କହିଥିଲେ ଯେ ଆଜି ଯଦି କୁନା ଓ ମୁନା ନଥାନ୍ତେ ତେବେ ମୋତେ ଆପଣମାନେ ଏଠାରେ ଦେଖିବାକୁ ପାଇନଥାନ୍ତେ। ତେଣୁ ହେ ଛାତ୍ରଛାତ୍ରୀଗଣ  ତୁମେମାନେ କୁନା ଓ ମୁନା ଏବଂ ଡ଼ାକ୍ତରଖାନାର କର୍ମଚାରୀ ଓ ଡ଼ାକ୍ତରଙ୍କର ମାନବିକତା ଓ କର୍ତ୍ତବ୍ୟନିଷ୍ଠତାରୁ କିଛି ଶିକ୍ଷା ଲାଭ କରି ତାକୁ କାର୍ଯ୍ୟରେ ପରିଣତ କଲେ ଆମ ସମାଜର ଅନେକ ମୋ ପରି ଅକୀଞ୍ଚନଙ୍କର ଜୀବନ ରକ୍ଷା ହୋଇପାରିବ ନିଶ୍ଚିତଭାବେ ବୋଲି ପ୍ରକାଶ କରିଥିଲେ। ଅନ୍ୟ ପିଲାମାନଙ୍କୁ ଏପରି ନିର୍ଭୟ ହୋଇ  ନିଃସ୍ୱାର୍ଥପର ଭାବେ ମାନବିକତା ପ୍ରଦର୍ଶନ କରିବାକୁ ପ୍ରେରଣା ପ୍ରଦାନ ପୂର୍ବକ ସଭାସାଙ୍ଗ କରିଥିଲେ।

ରାଉତରା ପୁର, ପହଙ୍ଗା, ଯାଜପୁର

# ପରିବା ବାଲା



ସରୋଜ କୁମାର ସାହୁ

ତଟକା ପରିବା ଝୁଡିରେ ଭରି
ନିତି ବୋହି ଆଣେ ଗାଆଁକୁ
ବାଡିରୁ ତୋଳା ନଗଦ ସବୁ
ଡାକେ କହିକି ନାଆଁକୁ ।
ଟମାଟୋ କୋବି ଜହ୍ନି ପୋଟଳ
ଶାଗ କାକୁଡି ଆଳୁ
ସଜନା ଝୁଡୁଙ୍ଗ କାଙ୍କଡ ପୋଇ
ବିକୁଛି ପିଲାବେଳୁ ।
ଦେବା ନେବାରେ ସଫାସୁତୁରା
ସଭିଙ୍କୁ ଲାଗେ ଭଲ
ଖୁସି ମନରେ ଜିନିଷ କିଣି
ଦିଅନ୍ତି ହାତେ ମୂଲ ।
ଲୋଡେନି କେବେ ଗାଡି କି ଘୋଡା
କାନ୍ଧରେ ଆଣେ ବୋହି
ବସଇ କେବେ ଛକ ଜାଗାରେ
ବୁଲଇ ପୁଣି ସାହି ।
ଶସ୍ତା ଦରରେ ବିକେ ପରିବା
ନିଜେ କରିଛି ବୋଲି
ମୂରୁଖ ଭାବି କେବେ ଠକନି
ଲାଭ ଆଶାରେ ଖାଲି ।

ସକାଳୁ ସଞ୍ଜ କରି ବେପାର
ଘରକୁ ଯାଏ ଫେରି
ଗହଳ ପାଇ ଭିଡ ଜମିଲେ
ହୁଏନ କେବେ ଗ୍ଲେରି।
କଥା କଥାରେ ଜିତିଛି ବୋଲି
ରଖନ୍ତି ତାକୁ ମନେ
ଖୋଜା ପଡଇ ସଭିଙ୍କ ଘରେ
ପୂନେଇ ପରବ ଦିନେ।

ଆଠଗଡ, କଟକ

# ଲୋକ ବିଶ୍ୱାସ ଓ ପ୍ରକୃତି



ନୀଳମାଧବ ସାହୁ

ଏହି ବର୍ଷ ଷ୍ଟଡି ଟୁରରେ କୁଆଡେ ଯିବେ ବିଦ୍ୟାଳୟରେ ସବୁ ପିଲାଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥାଏ । ସବୁ ପିଲା ନିଜ ନିଜ ମତ ଦେବାରେ ବ୍ୟସ୍ତ ଓ କିଏ କାହା କଥା ଶୁଣିବାକୁ ନାହିଁ । ଶିକ୍ଷକ ଶ୍ରେଣୀ ଭିତରେ ପ୍ରବେଶ କରୁକରୁ ସମସ୍ତେ ଚୁପ ହୋଇଗଲେ । ଶିକ୍ଷକ ଉଦ୍ଭିଦମାନଙ୍କ ବିଷୟରେ ପଢ଼ାଇବା ପଢ଼ାଇବା ଆରମ୍ଭ କଲେ । ପିଲାମାନଙ୍କୁ ବୁଝାଇବାକୁ, ସେ ତାଙ୍କ ବିଷୟ ବସ୍ତୁକୁ ବିଭିନ୍ନ ଗପ ମାଧ୍ୟମରେ ରୂପାନ୍ତରିତ କରିଥାନ୍ତି । ତେଣୁ ପିଲାମାନେ ବି ତାଙ୍କ କାଳାଂଶ ଆଗ୍ରହରେ ମନ ଦେଇ ଶୁଣନ୍ତି ।

"କେଉଁ କେଉଁ ଉଦ୍ଭିଦକୁ ଆମେ ପୂଜା କରୁ **?**", ଶିକ୍ଷକ ପିଲାମାନଙ୍କୁ ପଚାରୁଥାନ୍ତି । "ତୁଳସୀ ଗଛକୁ ମାଆ ସବୁବେଳେ ପୂଜାକରେ ।", ନରେଶ ଠିଆ ହୋଇ ଉତ୍ତର ଦେଲା । ତା'ପରେ ପୁଣି ଶିକ୍ଷକ ପଚାରିଲେ, "ତୁଳସୀ ଛଡା ଆଉ କେଉଁ କେଉଁ ଗଛକୁ ଲୋକେ ପୂଜା କରନ୍ତି ।" ମିକି ଉତ୍ତର ଦେଲା, "ନିମ, ବର, ଓସ୍ତ, ଅଁଳା ଓ ବେଲ ଗଛକୁ ମଧ୍ୟ ଲୋକେ ପୂଜା କରନ୍ତି ।" ଶିକ୍ଷକ ପିଲାମାନଙ୍କ ଉତ୍ତରରେ ଖୁସି ହେଲେ ଓ **'Sacred grove'** ବିଷୟରେ ବୁଝେଇବେ କହିଲେ । **'Sacred grove'**ର ଓଡ଼ିଆ ଅର୍ଥ ହେଲା 'ପବିତ୍ର ଉଦ୍ୟାନ' ଯାହାକି ବିଭିନ୍ନ ଜନଜାତି ଦ୍ୱାରା ବିଭିନ୍ନ ଉଦ୍ଭିଦକୁ ଦେବଦେବୀ ବୋଲି ମାନି ପୂଜା କରନ୍ତି ଓ ତା'ର ସଂରକ୍ଷଣ ମଧ୍ୟ କରନ୍ତି ।



ଗବେଷକମାନଙ୍କ ମତରେ ଆମ ଭାରତରେ ଛୋଟ ବଡ ୧୩,୭୨୦ ସାକ୍ରେଡ଼ ଗ୍ରୋଭ ଥିବା ଜଣାଯାଏ | ଭାରତର ପ୍ରାୟ ସବୁ ରାଜ୍ୟରେ ସାକ୍ରେଡ଼ ଗ୍ରୋଭ ଅଛି, କିନ୍ତୁ କେରଳ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଓ ମହାରାଷ୍ଟ୍ରରେ ବେଶୀ ଥିବା ଦେଖାଯାଇଛି | ଓଡିଶାରେ ବି ୩୦୦ରୁ ଅଧିକ ସାକ୍ରେଡ଼ ଗ୍ରୋଭ ଥିବା ଜଣାଯାଏ | କେତୋଟି ସାକ୍ରେଡ଼ ଗ୍ରୋଭରେ ଅଳ୍ପ ଗଛ (୧-୨୦ଟି) ଥିବା ବେଳେ କେତେକରେ ହଜାର ହଜାର ଗଛ ଥାଏ ବା ଜଙ୍ଗଲ ହୋଇଥାଏ | ବିଶେଷ କରି ଆଦିବାସୀ ଜନବହୁଳ ଅଂଚଳରେ ସାକ୍ରେଡ଼ ଗ୍ରୋଭ ଦେଖାଯାଏ| ସେମାନଙ୍କ ଜୀବନଧାରା ପ୍ରକୃତି ସହିତ ଜଡିତ ଓ ନିଜର ଗୁଜୁରାଣ ମଧ୍ୟ ପ୍ରକୃତିରୁ ହିଁ ମେଣ୍ଟେ | କହିବାକୁ ଗଲେ ସେମାନେ ଜଙ୍ଗଲ ଉପରେ ପୁରାପୁରି ଭାବେ ନିର୍ଭରିତ | ଏହି ସାକ୍ରେଡ଼ ଗ୍ରୋଭ ଦ୍ୱାରା ହିଁ ସେମାନେ ପ୍ରକୃତିକୁ ଦେବଦେବୀ ରୂପେ ପୂଜା କରନ୍ତି | ପ୍ରକୃତି ମାଆକୁ ବିନାଶ କଲେ ସେ ବିଭିନ୍ନ ରୋଗ ମାଧ୍ୟମରେ ଦଣ୍ଡ ଦିଏ ବୋଲି ସେମାନେ ବିଶ୍ୱାସ କରନ୍ତି | ତେଣୁ ସେହି ସ୍ଥାନକୁ ସେଠାକାର ଜନଜାତି ଯୁଗ ଯୁଗରୁ ସଂରକ୍ଷଣ କରିଆସୁଛନ୍ତି  ଓ ଗଛ କାଟନ୍ତି ନାହିଁ | ପ୍ରତ୍ୟକ ଜନଜାତିରେ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ବାର୍ଷିକ ପର୍ବ ବା ମେଳା ହୋଇଥାଏ | ସେ ଦିନ ଦେବାଦେବୀଙ୍କୁ ବିଶେଷ ପୂଜା ଓ ଆରାଧନା ହୋଇଥାଏ, ଲୋକଙ୍କ ବିଶ୍ୱାସ ଯେ ଏହାଦ୍ୱାରା ସେମାନଙ୍କ ଗ୍ରାମ ଭଲ ହେବ, ସେମାନଙ୍କ ବଂଶ ବୃଦ୍ଧି ପାଇବ, କାହାକୁ ରୋଗ ହେବନାହିଁ  ଓ ପ୍ରାକୃତିକ ବିପର୍ଯ୍ୟୟ କିଛି ହେବନାହିଁ |



ଏହି ସାକ୍ରେଡ଼ ଗ୍ରୋଭ ଦ୍ୱାର୍ ବହୁତ କଛି ଉପକାର ହୁଏ ବୋଲି ଶିକ୍ଷକ ପିଲ୍ମାନଙ୍କୁ ଅବଗତ କର୍ଉଥିଲେ । ସାକ୍ରେଡ଼ ଗ୍ରୋଭ ଦ୍ୱାର୍ ଜଙ୍ଗଲର ସଂରକ୍ଷଣ ହୋଇଥାଏ ଓ ସବୁଜିମା ବଜାୟ ରହେ । ସେହିଠାରେ ବିଭିନ୍ନ ବଡ ଗଛଠୁ ଆରମ୍ଭ କରି ଲତା, ଗୁଲ୍ମ ଓ ଘାସ ସହ ବିଭିନ୍ନ ପକ୍ଷୀ, ସରୀସୃପ ଓ ଅନ୍ୟ ଛୋଟବଡ ଜୀବ ବି ସଂରକ୍ଷିତ ହୋଇକ ରହେ । କେତେକ ବିରଳ ଜୀବଜନ୍ତୁ ବି ଏ ପ୍ରକାର ଜଙ୍ଗଲରେ ନଜର ଆସିଛି ବୋଲି ଗବେଷକମାନେ କୁହନ୍ତି । ସାକ୍ରେଡ଼ ଗ୍ରୋଭରେ ଥିବା ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷ ଓ ଗୁଲ୍ମ ସେହି ସ୍ଥାନର ଲୋକମାନେ ବ୍ୟବହାର କରନ୍ତି । କେତକ ସାକ୍ରେଡ଼ ଗ୍ରୋଭରୁ ଫଳ ଓ ଅନ୍ୟ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବାର ଅନୁମତି ଥାଏ, ଯାହାଦ୍ୱାର୍ ସ୍ଥାନୀୟ ଲୋକ ଲାଭପାଆନ୍ତି । ମୁଖ୍ୟ କଥା ହେଲ୍ ସାକ୍ରେଡ଼ ଗ୍ରୋଭ ଜରିଆରେ ଆଦିବାସୀ ଜନଜାତିଙ୍କ ଲୋକ ପରମ୍ପର୍, ସଂସ୍କୃତି ଓ ବିଶ୍ୱାସ ବଂଚ ରହିବା ସହ ପରିବେଶର ମଧ ସଂରକ୍ଷଣ ହୋଇଥାଏ । ସାକ୍ରେଡ଼ ଗ୍ରୋଭରେ ଜଳାଶୟ ବି ରହିଥାଏ ଯାହା ବର୍ଷା ଜଳ ସଂରକ୍ଷଣରେ ଭୂମିକା ନଏ ଓ ଲୋକମାନେ ସେହି ଜଳକୁ ବ୍ୟବହାର ମଧ କରନ୍ତି । ଯେହେତୁ ଜଙ୍ଗଲ ଗଛ ଦ୍ୱାର୍ ଆବୃତ ଥାଏ ଓ ମାଟି ଉପରେ ଶୁଖିଲ୍ ପତ୍ର ଆସ୍ତରଣ ଥାଏ, ତେଣୁ ସେଠାକାର ମୃତିକା ବି ସଂରକ୍ଷଣ ହୁଏ ଓ ବର୍ଷା ହେଲେ ମାଟି ଧୋଇ ହୋଇ ଯାଏ ନାହିଁ । କହିବାକୁ ଗଲେ ସାକ୍ରେଡ଼ ଗ୍ରୋଭଗୁଡାକ ଜୈବ ବିବିଧତାର ଗନ୍ତାଘର ଅଟନ୍ତି ।

ସର୍ବା ଶେଷରେ ସାକ୍ରେଡ଼ ଗ୍ରୋଭର ସଂରକ୍ଷଣ ବିଷୟରେ ପିଲ୍ମାନଙ୍କୁ ଅବଗତ କର୍ଗଲ୍ । ସାକ୍ରେଡ଼ ଗ୍ରୋଭକୁ ବଂଚେଇ ରଖିବା ପାଇଁ ଆଦିବାସୀ ଜନଜାତିର ଭୂମିକା ବହୁତ ଅଧିକ,

ତେଣୁ ସେମାନଙ୍କୁ ବି ବଂଚବା ପାଇଁ ପ୍ରୋତ୍ସାହନ ମିଳବ ଦରକାର ଓ ସେମାନଙ୍କ ସଂସ୍କୃତି, ପରମ୍ପରା ବଞ୍ଚିରହିବା ବି ଦରକାର | ସାକ୍ରେଡ଼ ଗ୍ରୋଭ ବିଷୟରେ ଲୋକମାନଙ୍କୁ ସଚେତନ କରାଇବାକୁ ପଡିବ | ଯୁବବର୍ଗ ଓ ଛାତ୍ରମାନଙ୍କୁ ପଢେଇବାକୁ ବିଦ୍ୟାଳୟ ଓ କଲେଜର ଆଧୁନିକ ପାଠ୍ୟକ୍ରମରେ ଏ ବିଷୟରେ ଅବଗତ କରାଇବାକୁ ହେବ ଯାହାଦ୍ୱାରା ପୂର୍ବ ପୁରୁଷଙ୍କ ତଥ୍ୟ, ସଂକୃତି, ପରମ୍ପରା, ଲୋକ ବିଶ୍ୱାସ, ଇତ୍ୟାଦିର ସୂଚନା ପାଇପାରିବେ ଓ ଏହା ସାକ୍ରେଡ଼ ଗ୍ରୋଭର ସଂରକ୍ଷଣରେ ସହଯୋଗୀ ହୋଇପାରିବ | ଆଜି ବି ବହୁତ ଗୁଡିଏ ସାକ୍ରେଡ଼ ଗ୍ରୋଭ ଅଜାଣତ ଅଛି ତା'ର ଆବିଷ୍କାର ଓ ଗବେଷଣାର ମଧ୍ୟ ଆବଶ୍ୟକତା ଅଛି| ଅନ୍ୟ ବିକାଶ ମୂଳକ କାମ ସହ ସାକ୍ରେଡ଼ ଗ୍ରୋଭକୁ ନଷ୍ଟ ନ କରି ପୋଷଣୀୟ ବିକାଶକୁ ଗୁରୁତ୍ୱ ଦେବାକୁ ହେବ ଯାହା ଦ୍ୱାରା ପରିବେଶ ନଷ୍ଟ ହେବ ନାହିଁ | ପରିବେଶ ସଂରକ୍ଷକ, ସରକାର, ବିଭିନ୍ନ ବେସରକାରୀ ସଂସ୍ଥା (ଏନ.ଜି.ଓ.) ଓ ସ୍ଥାନୀୟ ଲୋକ ମିଳତ ଭାବେ ଉପଯୁକ୍ତ ଯୋଜନା ସହ କାମ କଲେ ସାକ୍ରେଡ଼ ଗ୍ରୋଭର ନଷ୍ଟଯ଼ ସଂରକ୍ଷଣ ହୋଇପାରିବ |



ଏହି ବର୍ଷ ବିଦ୍ୟାଳୟର ସବୁ ପିଲାଙ୍କୁ ଷ୍ଟଡି ଟୁରରେ କେତେକ ସାକ୍ରେଡ଼ ଗ୍ରୋଭକୁ ବୁଲେଇ ନେବେ ବୋଲି ଶିକ୍ଷକ କହିଲେ | କିଛି ଦିନ ପରେ ବିଦ୍ୟାଳୟର ସବୁ ଶିକ୍ଷକ ଏବଂ ସବୁ ଛାତ୍ର ଛାତ୍ରୀ ବହୁତ ଆନନ୍ଦରେ କୋରାପୁଟର କଣ୍ଟାବାଉଁସୁଣୀ, ଅଲ୍ଲିଗାଁ, ଭୈରବ ଗୁଡା, ଡଙ୍ଗର ଦେବୀ, ମଉଳ ମାଆ, ଗଲ୍ପୁଟ ଓ ଦୁଧାରୀ ଆଦି ସାକ୍ରେଡ଼ ଗ୍ରୋଭକୁ ଯାଇ ବହୁତ କିଛି ତଥ୍ୟ ଜାଣିଲେ ଯେପରିକି ସେଠାକାର ଆଦିବାସୀ ଜନଜାତି କିପରି ପ୍ରକୃତିକୁ ମାନନ୍ତି, ଚଳନ୍ତି, ସେମାନଙ୍କ ସଂସୃତି ଆଉ ପରମ୍ପରା ଏବଂ  କ'ଣ କ'ଣ ଗଛଲତା ଓ ପଶୁପକ୍ଷୀ ଅଛି ଇତ୍ୟାଦି |

ସମରଝୋଳ, ଗଂଜାମ, ଓଡିଶା

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୬/୨୦୨୧ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୦୪/୦୬/୨୦୨୧ | ଉତ୍କଳେ ଭଉଁରୀ |
| ୦୬/୦୬/୨୦୨୧ | ଜଳକ୍ରୀଡା ଏକାଦଶୀ |
| ୦୮/୦୬/୨୦୨୧ | ଶିବଚତୁର୍ଦ୍ଦଶୀ ଓ ବେଢା |
| ୧୦/୦୬/୨୦୨୧ | ସାବିତ୍ରୀ ଅମାବାସ୍ୟା |
| ୧୨/୦୬/୨୦୨୧ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୧୩/୦୬/୨୦୨୧ | ରମ୍ଭା ତୃତୀୟା |
| ୧୪/୦୬/୨୦୨୧ | ପହିଲି ରଜ, ଉମା ଚତୁର୍ଥୀ ଓ ମାସାନ୍ତ |
| ୧୫/୦୬/୨୦୨୧ | ମିଥୁନ (ରଜ) ସଂକ୍ରାନ୍ତି |
| ୧୬/୦୬/୨୦୨୧ | ଶୀତଳ ଷଷ୍ଠୀ ଓ ଭୂଦାହ |
| ୧୭/୦୬/୨୦୨୧ | ବସୁମତୀ ସ୍ନାନ |
| ୨୦/୦୬/୨୦୨୧ | ଗଙ୍ଗା ଦଶହରା |
| ୨୧/୦୬/୨୦୨୧ | ନିର୍ଜଳ ଏକାଦଶୀ, ରୁକ୍ମିଣୀ ବିବାହୋତ୍ସବ |
| ୨୨/୦୬/୨୦୨୧ | ଚମ୍ପକ ଦ୍ୱାଦଶୀ |
| ୨୪/୦୬/୨୦୨୧ | ଦେବସ୍ନାନ ପୂର୍ଣ୍ଣିମା |
| ୨୯/୦୬/୨୦୨୧ | ଅଣସର ପଞ୍ଚମୀ |

# ଚତ୍ର କଥା କହେ



ଦୃଶ୍ୟ ଭିତରୁ ଭ୍ବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ମଇ ମାସର ବିଜେତାଙ୍କ ନାମ



ଫଳମାନଙ୍କରେ ଆମ୍ବ ହିଁ ରାଜା
କଏ ସେ ନ ନଏ ଆମ୍ବର ମଜା !
କଞ୍ଚା ଆମ୍ବ ନେଇ କେତେ ବ୍ୟଞ୍ଜନ,
ଆଗ୍ବୁର, ସଢାରେ ଭରଇ ମନ ।
ଯେତେ ତାଡିବଢେ ସେତେ ଆମ୍ବ ପଡେ,
ସବୁ ଗ୍ବୁଖିବାକୁ ମନ ଉଚ୍ଛନ୍ନ ।

ଆମ୍ବ ନଏ ମନ ମୋହି
ଖରାଦିନ ଆଉ ପାଚଲା ଆମ୍ବର
ସଂପର୍କ ଲେଖିଛି ବିହି ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ଫଳ ଭିତରେ ସେ ବୋଲାଇ ରାଜା,
ବିଭିନ୍ନ ପ୍ରକାର, ନଆରା ସ୍ୱାଦର,
ଆମ୍ବର ଆଗ୍ରହ, ଆହା କି ମଜା!
କଷି ଆମ୍ବ ଠାରୁ ପାଚଲା ଯାଏ,
କସମ ଯେତିକ, ଚାହିଦା ସେତିକ,
ଆମ୍ବ ଋତୁ ମଜା କିଏ ନ ନଏ?

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ବାଡି ବଗିଚାରୁ ପାଚଲା ଆମ୍ବକୁ
ଟୋକେଇରେ ଭର୍ତି କରି
ଅତି ଯତନରେ ଧୋଇକ ରଖିଛି
ନେଉଛି ମନକୁ ହରି
ଏ ଖରା କାଳରେ ପଖାଳ ସାଥିରେ
ସଭିଙ୍କ ଭାରୀ ଆଦର
ଯେମିତି ସୁସ୍ୱାଦୁ ସେମିତି ମନ ଜିଣା
ଦେହ ପାଇଁ ହୀତକର ।
***************************

ବାଙ୍କାବିହାରୀ ମହାକୁର, ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –**vedantimagazine@gmail.com**

# ଆପଣଙ୍କ ମତାମତ

ବେଦାନ୍ତୀର ମଇ **2021** ସଂଖ୍ୟାଟି ଅତ୍ୟନ୍ତ ଲୋଭନୀୟ, ପରିମାର୍ଜିତ ଓ ଶିକ୍ଷଣୀୟ **143** ଗୋଟି ଗଳ୍ପ, କବିତା ଓ ପ୍ରବନ୍ଧ ସହିତ **5** ଗୋଟି ଆଞ୍ଚଳିକ ରଚନା ଓ ଶିଶୁ ବିଭାଗରେ **7** ଗୋଟି ସୁନ୍ଦର ରଚନାକୁ ସ୍ଥାନ ଦିଆ ଯାଇଛି । ସମ୍ପାଦକ ମହାଶୟ ଏଥିପାଇଁ କେତେ ଯେ ପରିଶ୍ରମ କରିଥିବେ ବେଶ ଅନୁମାନ କରି ହେଉଛି । ମୋର ଗଳ୍ପ "ସନ୍ୟାସୀ ବାବାଙ୍କ ପ୍ରତ୍ୟାବର୍ତ୍ତନ" ପାଠକମାନଙ୍କ ମନରେ ଯଦି କିଛି ଆଲୋଡନ ସୃଷ୍ଟି କରିବ ତେବେ ମୋର ଶ୍ରମ ସଫଳ ହେବ । ସମ୍ପାଦକୀୟ ପୃଷ୍ଠାରେ ମାତୃ ଭାଷା ପାଇଁ ତାଙ୍କର ଆହ୍ୱାନ, ଓଡ଼ିଆ ସଂସ୍କୃତିକୁ ବିଦେଶରେ ପ୍ରଚ୍ଚର ପ୍ରସାର ପାଇଁ ତାଙ୍କର ବ୍ୟାକୁଳ ନିବେଦନ ବହୁତ ମନ ଛୁଆଁ ହୋଇଛି । ପତ୍ରିକାର ପ୍ରକାଶନ ଦାୟିତ୍ୱରେ ଥିବା ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ "ବିଶ୍ୱ ଶ୍ରମିକ ଦିବସ" ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

**ବାଲ୍ମୀକ ନାୟକ, ବାଙ୍ଗାଲୋର**

ବେଦାନ୍ତିର  ଅନ୍ତ ନାହିଁ।

ବେଦାନ୍ତିର ପ୍ରକ୍ରିୟା ଏକ ଅସରନ୍ତି ପ୍ରକ୍ରିୟା । ଏହା ମଧ୍ୟ ସତ୍ୟ ଯେ, ଯେ ଯେତେ ଏ ଉଡ଼ିପାରିବ ଉପରକୁ ସେ ସେତେ ବ୍ୟାପ୍ତିକୁ ଦେଖିବ ଏବଂ ଯେ ଯେତେ ବୁଡ଼ିବ ସେ ସେତିକି ମୁକ୍ତାର ନିକଟବର୍ତ୍ତୀ ହେବ ଏବଂ ସର୍ଜନାତ୍ମକ ରଚନା କ୍ଷେତ୍ରରେ ପାଠକ ଭାବଭୂମି ଓ ରଚନାକାରର ଭାବଭୂମି ଏକ ହେଲେ ପଠନ ଅପୂର୍ବ ଆନନ୍ଦ ଦେବ ... ଅଥବା ଯେତେ ସାମୀପ୍ୟ ରହିବ ଆନନ୍ଦର ପରିମାଣ ସେଭଳି ହେବ । ତେଣୁ  ବେଦାନ୍ତି ସତ୍ ଆଲୋଚକ, ଲେଖକ ଓ ପାଠକ ମଧ୍ୟରେ ଏକ ଯଥାର୍ଥ ସୁନ୍ଦର ସେତୁବତ୍ କାର୍ଯ୍ୟ କରିଥାନ୍ତି ।

ସଂପ୍ରତି ସଭ୍ୟତାର ଉତ୍ତରଣ ଏବଂ ବୈଜ୍ଞାନିକ ବିକାଶ ମଣିଷକୁ ଉଡ଼ିବା, ପହଁରିବା ଶିଖେଇଛି । ଜୀଇଁବା **?** ଦୂରତା ଅତିକ୍ରମ କରି ଚନ୍ଦ୍ର ମଙ୍ଗଳ ପର୍ଯ୍ୟନ୍ତ ପହଞ୍ଚିଛି । ମାତ୍ର ହୃଦୟ ହୃଦୟର ଦୂରତା ସତରେ ଯେମିତି ଅନତିକ୍ରମ୍ୟ । ସାହିତ୍ୟର ଧର୍ମ ସହିତତା ସ୍ଥାପନା,ଭାବ ବସ୍ତୁରେ ଗଭୀରତା, ଶୈଳୀରେ ଚମତ୍କାରିତା, ଆଭିଜାତ୍ୟପୂର୍ଣ୍ଣ ଭାଷା ଓ ଜୀବନବୋଧର ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ବେଦାନ୍ତି ଓଡ଼ିଆ ସାହିତ୍ୟ ଜଗତରେ ମଣିମାଣିକ୍ୟ ତୁଲ୍ୟ

ବିବେଚତା। ବେଦାନ୍ତିର ଭାବାତ୍ମକ ଐକ୍ୟର ପ୍ରତିଷ୍ଠା ଓଡ଼ିଆ ସାହିତ୍ୟର ଧ୍ୟେୟ । ଜୟ ଜଗନ୍ନାଥ ଜୟ ଉତ୍କଳ ।

ମାନସ ରଞ୍ଜନ ହାତୀ, ଲକ୍ଷ୍ନୌ

ରାଜଧାନୀ ରେ ହଜିଲାଣି ବସନ୍ତ, ଲେଖାଟି ବହୁତ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରକୃତିକୁ ଆମକୁ କପରି ଭାବରେ ଠିକ ରଖିବାକୁ ହେବ, ଏହା ପ୍ରେରଣା ଦେଉଛି।

ବଞ୍ଚିବାର ସୁତ୍ର ବହୁତ ଭଲ ଭାବରେ ଲେଖା ହୋଇଛି। ଆଶା ଆଜିର ପରିବାର ମଧ୍ୟ ଅତିଥି ତଥା ପରିଜନଙ୍କ ପାଇଁ କିଛି ସମୟ ଦେବେ।

ସନ୍ତୋଷ କୁମାର ସାହୁ

ମାନନୀୟ ସମ୍ପାଦକ ମହାଶୟ,
ବିଦାନ୍ତୀର ମଇ ସଂଖ୍ୟା ଦେଖିଲି। ୨୦୧୫ ରୁ ପ୍ରକାଶ ପାଉଥିବା ଜାଣି ଆନନ୍ଦିତ ହେଲି। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଆପଣଙ୍କର ନିରନ୍ତର ପ୍ରୟାସ ପାଇଁ ଧନ୍ୟବାଦ, ପୁନଶ୍ଚ ବିଦେଶ ମାଟିରୁ।

ବଦ୍ରୀ ମହାନ୍ତି, B 10/154 କେନ୍ଦ୍ରୀୟ ବିହାର,ଟମାଣ୍ଡୋ
ଭୁବନେଶ୍ୱର 751028

ଶୁଭ ସନ୍ଧ୍ୟା। ପବିତ୍ର ଅକ୍ଷୟ ତୃତୀୟା ବେଦାନ୍ତୀ ପ୍ରକାଶକ ଓ ଅନ୍ୟ ସହାୟକ ଙ୍କୁ ମୋର ଅଶେଷ ଧନ୍ୟବାଦ। ସେମିତି ଏ ପତ୍ରିକା ଅକ୍ଷୟ ହୋଇ ରହି ଥାଉ। ଈଶ୍ୱର ଙ୍କ ନିକଟରେ ଅନେକ ଅନେକ ଶୁଭକାମନା ଆମକୁ ସ୍ଥାନ ଦେଇଥିବାରୁ କୃତଜ୍ଞତା ଜଣାଉଛି ।

ଅଳକା ମହାନ୍ତି, ନଭୀ ମୁମ୍ବାଇ

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**